# ଆଧୁନିକ ଓଡ଼ିଆ
# ଗୀତିକବିତାର ସ୍ୱର ଓ ସ୍ୱରୂପ

ପ୍ରଫେସର ଡକ୍ଟର ଶରତ ଚନ୍ଦ୍ର ରଥ

■■■■■ ଆଧୁନିକ ଓଡ଼ିଆ ଗୀତିକବିତାର ସ୍ୱର ଓ ସ୍ୱରୂପ

**ପ୍ରଫେସର ଡକ୍ଟର ଶରତ ଚନ୍ଦ୍ର ରଥ**

ଏମ୍.ଏ, ଏମ.ଫିଲ୍. ପି.ଏଚ୍‌ଡ଼ି.

ମୋବାଇଲ: ୯୪୩୭୭୫୬୨୪୦

ପ୍ରକାଶକ :

ପ୍ରଥମ ପ୍ରକାଶ : ୨୦୧୩

ଦ୍ୱିତୀୟ ମୁଦ୍ରଣ : ୨୦୨୩



© : କନକଲତା ତ୍ରିପାଠୀ



ପ୍ରଚ୍ଛଦ : **ବିଭୁ ପ୍ରସୂନ**

ମୂଲ୍ୟ : ₹ /- ( ଟଙ୍କା)

**Adhunika Odia Geetikabitara Swar o Swarupa**

**Dr. Sarat Chandra Rath**

**M.A. M.Phil. Ph.D**

Mob : 9437756240

Publisher :

First Edition : **2013**

Second Edition : **2023**



© : **Kanaklata Tripathy**



Printed at : **D**

Cover Design : **Bibhuprasuna Das**

Price : ₹ **...........** Only

ଯାହାଙ୍କ କରୁଣାରୁ ମୁଁ ଲେଖନୀ ଚାଳନା କରିଛି ସେହି ମୋର ପରମାରାଧ୍ୟ ଶ୍ରୀମାଶ୍ରୀଅରବିନ୍ଦଙ୍କ ଚରଣ କମଳରେ 'ଆଧୁନିକ ଓଡ଼ିଆ ଗୀତିକବିତାର ସ୍ୱର ଓ ସ୍ୱରୂପ' ପୁସ୍ତକଟିକୁ ସମର୍ପଣ କଲି ।

ବିନୀତ

**ଶରତ**

## ଆଗରୁ ପଦେ

ଶବ୍ଦକୁ ବ୍ରହ୍ମ ବୋଲି କୁହାଯାଏ, ବ୍ରହ୍ମ ଏବଂ ବ୍ରହ୍ମରଶକ୍ତି ଯେପରି ଏକ ଓ ଅଭିନ୍ନ, ଶବ୍ଦ ଓ ଶବ୍ଦର ଶକ୍ତି ସେପରି ଏକ ଓ ଅଭିନ୍ନ । ଅଗ୍ନିରେ ଦାହିକାଶକ୍ତି ସଂଜୀବିତ ହୋଇ ରହିଲାପରି, ବରଫରେ ଶୀତଳତା ସଞ୍ଚରିତ ହୋଇ ରହିଲାପରି ଶବ୍ଦରେ ଶକ୍ତି ନିହିତ ହୋଇରହିଥାଏ । ସମୁଦ୍ର ସହ ଲହରୀ ଯେପରି ଅଙ୍ଗାଙ୍ଗୀଭାବେ ଜଡ଼ିତ, ଶବ୍ଦ ସହ ଶକ୍ତି ସେପରି ଅଙ୍ଗାଙ୍ଗୀଭାବେ ଜଡ଼ିତ । ଶବ୍ଦରେ ଥିବା ଶକ୍ତିକୁ ଶବ୍ଦଶକ୍ତି ବୋଲି କୁହାଯାଏ । ଏଥି ସହିତ କବିଚିତ୍ତର ସ୍ପର୍ଶକାତରତା ସଂଯୋଜିତ ହେବା ଯୋଗୁ ସେହି ଶକ୍ତିର ଅଭିବୃଦ୍ଧି ଘଟେ । କବିର ସୃଜନୀଶକ୍ତି ଏଥି ସହିତ ସମନ୍ୱିତ ହୋଇଯିବାରୁ ଶବ୍ଦଶକ୍ତି ବହୁ ଗୁଣିତ ହୋଇଯାଏ । ଯେଉଁ କବିଙ୍କର ଅନୁଭବଶକ୍ତି, ବିଶ୍ଳେଷଣଶକ୍ତି ପୁଣି ଅଭିବ୍ୟକ୍ତିରଶକ୍ତି ଯେତେ ଅଧିକ, ତାଙ୍କ ଦ୍ୱାରା ବ୍ୟବହୃତ ଶବ୍ଦମାନଙ୍କରେ ଶକ୍ତିମତ୍ତା ସେତେ ଅଧିକ ।

କେବଳ କବିର ମାନସିକତା ଦ୍ୱାରା ଶବ୍ଦଶକ୍ତି ଯେ ପ୍ରଭାବିତ ହୁଏ ତା'ନୁହେଁ, ସୃଷ୍ଟି ଭିତରେ ବର୍ଣ୍ଣିତ ରସଚର୍ଯ୍ୟା ଦ୍ୱାରା ମଧ୍ୟ ଶବ୍ଦଶକ୍ତି ପ୍ରଭାବିତ ହୁଏ । ଅର୍ଥାତ୍ ଗୋଟିଏ ନିର୍ଦ୍ଦିଷ୍ଟ ରସଧାରାରୁ ତହିଁର ବର୍ଣ୍ଣନା ପାଇଁ ନିର୍ବାଚିତ ଓ ନିୟୋଜିତ ଶବ୍ଦମାନେ ଶକ୍ତି ପାଇଥାଆନ୍ତି । ଏକଥାଟି କେବଳ କାବ୍ୟ, କବିତା ପାଇଁ ନୁହେଁ, ଗଳ୍ପ, ନାଟକ ଓ ଉପନ୍ୟାସ ପାଇଁ ମଧ୍ୟ ସତ୍ୟ ।

ଗୀତିକବିତା ହେଉଛି ସାହିତ୍ୟର ଏକ ବିଶିଷ୍ଟ ବିଭବ । ବିନ୍ଦୁ ଭିତରେ ସିନ୍ଧୁଦର୍ଶନ ଏହାର ଆଭିମୁଖ୍ୟ । ଗୀତିକବିତାରେ ଯେ କେବଳ ପ୍ରେମପ୍ରଣୟ, ମିଳନ ବିରହର ଚିତ୍ର ଉପସ୍ଥାପିତ ହୁଏ ତାହା ନୁହେଁ, ଜୀବନର ଅନ୍ୟାନ୍ୟ

ଦିଗଗୁଡ଼ିକ ମଧ୍ୟ ଏଥିରେ ଚିତ୍ରିତ ହୋଇପାରେ । ଜୀବନର ପ୍ରତ୍ୟେକ ଅନୁଭବ ସେଥିରେ ସ୍ଥାନିତ ହୋଇପାରେ । ଦୁଃଖ, ବିରହ, ଅନୁଶୋଚନା, ଭକ୍ତିଭାବନା, ରାଷ୍ଟ୍ରୀୟ ଚେତନା, ସାଂସ୍କୃତିକ ମୂଲ୍ୟବୋଧ, ଜୀବନଚିନ୍ତା ମଧ୍ୟ ଏଥିରେ ସ୍ଥାନ ପାଇପାରେ । ଭିନ୍ନଭିନ୍ନ ସ୍ୱାଦର ଉପସ୍ଥାପନା ନିମନ୍ତେ ଶବ୍ଦର ଭିନ୍ନତା ଅବଶ୍ୟମ୍ଭାବୀ । ଶବ୍ଦଶକ୍ତିର ଭିନ୍ନତା ମଧ୍ୟ ଗ୍ରହଣୀୟ । ଯଥାଯୋଗ୍ୟ ଅଳ୍ପ ଶବ୍ଦରେ ବହୁକଥା କହିବାର ମାନସିକତା ଆଧୁନିକ ଗୀତିକବିତାରେ ଥାଏ ବୋଲି ତ ତାହାର ପ୍ରତିଷ୍ଠା ଓ ପରାକାଷ୍ଠା ସ୍ୱତନ୍ତ୍ର । ପଢ଼ିଲା ମାତ୍ରେ ତାହା ଆବୃତ୍ତି କରିବାକୁ ଇଚ୍ଛାହୁଏ, ଆବୃତ୍ତି କଲାପରେ ଗାଇବାକୁ ଇଚ୍ଛା ହୁଏ । ଗାନଯୋଗ୍ୟତା ଥିବାରୁ ସହଜରେ ଏହାର କିଛିକିଛି ପଂକ୍ତି ସ୍ମରଣରେ ରହିଯାଏ, କଥା କଥାକେ ଆବଶ୍ୟକତା ଅନୁସାରେ ତାହା ଝରି ଆସେ । ଗୀତିକବିତା ପ୍ରତି ଆଗ୍ରହ ଓ ଅନୁରାଗ ମୋର ଜନ୍ମଗତ, କହିଲେ ଭୁଲ୍ ହେବ ନାହିଁ । ପିଲାଦିନରୁ ଅର୍ଥାତ୍ ସ୍କୁଲରେ ପଢ଼ିଲାକାଳରୁ ମୁଁ କିଛିକିଛି ଗୀତିକବିତା ଲେଖୁଥିଲି । ଆଧୁନିକ ଓଡ଼ିଆଗୀତିକବିତା ସମ୍ବନ୍ଧରେ ଆଲୋଚନା କରିବାର ପ୍ରୟାସ ମୋର ବହୁଦିନରୁ ଥିଲା । ଉକ୍ତ ପୁସ୍ତକଟି ସେହି ପ୍ରୟାସର ଏକ ଲିପିଗତ ରୂପାୟନ । ଏହି ଅବକାଶରେ ମୁଁ ମୋ ବୋଉ ଶ୍ରୀମତୀ ମନୋରମା ଦେବୀଙ୍କର ନାମ ଶ୍ରଦ୍ଧାର ସହ ସ୍ମରଣ କରୁଛି କାରଣ ତାଙ୍କର ପ୍ରେରଣା ଅନନ୍ୟ ଓ ଅସାଧାରଣ । ବିଶିଷ୍ଟ ସାହିତ୍ୟିକ ଶ୍ରୀଯୁକ୍ତ ମହାପାତ୍ର ନୀଳମଣି ସାହୁ, ଶ୍ରୀଯୁକ୍ତ ଚନ୍ଦ୍ରଶେଖର ରଥ, ଶ୍ରୀଯୁକ୍ତ ସାତକଡ଼ି ହୋତା, ପ୍ରଫେସର ନୀଳାଦ୍ରି ଭୂଷଣ ହରିଚନ୍ଦନ, ଡଃ ବାବାଜୀ ପଟ୍ଟନାୟକ, ଡଃ ସୁରେନ୍ଦ୍ର ମହାରଣା, ଶ୍ରୀଯୁକ୍ତ ରମେଶ ଦାସ ଓ ଡଃ. ଅର୍ଚ୍ଚନା ନାୟକଙ୍କୁ ସେମାନଙ୍କ ପ୍ରେରଣା ନିମନ୍ତେ କୃତଜ୍ଞତା ଜଣାଉଛି । ପୁସ୍ତକଟି ପାଠକୀୟ ଆଦୃତି ଲାଭ କଲେ ଶ୍ରମସାର୍ଥକ ହେବ ।

ବିନୀତ

**ଲେଖକ**

# ସେମାନଙ୍କ ଦୃଷ୍ଟିରେ ଗୀତିକବିତା...

- ଆଜିର ଗୀତିକବିତାମାନ ହେଲା ଗୀତିକବିମାନଙ୍କର ନିଜସ୍ୱ ଅନୁଭୂତି ଓ ସେଇ ଅନୁଭୂତିର ଗୀତିମୟ ଅଭିବ୍ୟକ୍ତିର ପରିପ୍ରକାଶ ।

  – **ନାରାୟଣ ପ୍ରସାଦ ସିଂହ**

- ଯାହା ଗାଇଲେ ଗୀତ, ପଢ଼ିଲେ କବିତା, ତାହା ହିଁ ଗୀତିକବିତା ।

  –**ଗୁରୁକୃଷ୍ଣ ଗୋସ୍ୱାମୀ**

- ଗୀତିକବିତା ହେଉଛି ପରିବେଶ ଓ ପରିସ୍ଥିତିରୁ ସୃଷ୍ଟ ମାନସିକ ଉଦ୍‌ବେଳନର ବହିଃପ୍ରକାଶ । ସାଧାରଣ ଘଟଣାକୁ ଉପଯୁକ୍ତ ବ୍ୟଞ୍ଜନା ଓ ଛନ୍ଦପ୍ରକରଣ ଭିତରେ ଶ୍ରୋତାଙ୍କ ଶ୍ରୁତିମଧୁର ଓ ହୃଦୟସ୍ପର୍ଶୀ କରାଇବା ଏହାର ଲକ୍ଷ୍ୟ । ଏହା ଯେହେତୁ ଏକ ସ୍ୱତଃସ୍ଫୂର୍ତ୍ତଧାରା ଟାଣିଓଟାରି ଅର୍ଥରୁ ଅର୍ଥାନ୍ତର କରିବାଦ୍ୱାରା ଏହାର ସାରସ୍ୱତ ସୌରଭ ନଷ୍ଟ ହେବାର ଆଶଙ୍କା ଥାଏ । ଏହା ଯେତେ ଅଧିକ ସ୍ମୃତି ବିଜଡ଼ିତ ସେତିକି ଅଧିକ ହୃଦୟଗ୍ରାହୀ । **– ନନ୍ଦକିଶୋର ସିଂହ**

- ସାଧାରଣ ଅର୍ଥରେ ଦେଖିବାକୁ ଗଲେ ଗୀତିକବିତା, ଦୁଇଟି ବିଭାବ ଯଥା– ଗୀତ ଓ କବିତା (ସାହିତ୍ୟ)କୁ ନେଇ ରଚିତ ହୋଇଥାଏ । ଏଥିରେ ସ୍ୱର, ଲୟ, ତାଳ ସହିତ ଯତିପାତର କ୍ରମକୁ ରକ୍ଷାକରାଯାଉଥିବାରୁ ଏହାର ପଦ ରଚନାରେ ଲଳିତ ଓ ସୁକୁମାର ଶବ୍ଦ ସମୂହର ବ୍ୟବହାର ଏକାନ୍ତ ଅନିବାର୍ଯ୍ୟ । ଗୀତିକବିତାରେ ଗାୟନ ଓ ପଠନର ମାଧୁର୍ଯ୍ୟ ଥାଇ ଏକ କ୍ଷୁଦ୍ର ଅବୟବ ଭିତରେ ବୃହତ୍‌ର କଥା କୁହାଯାଇଥାଏ । – **ବୃନ୍ଦାବନ ଜେନା**
- ମନକୁ ଛୁଇଁ ଛୁଇଁ ପ୍ରାଣକୁ ଶୀତଳେଇ ଦେଉଥିବା କବିତା ତ ଗୀତିକବିତା । ଅନ୍ତରଙ୍ଗ ଅନୁଭୂତିର ସ୍ୱାକ୍ଷର ଯଦି ସେଇଥିରେ ପ୍ରତିଫଳିତ ହୁଏ, ତେବେ ତାହାର ମିଠା କିଛି ନିଆରା । ସିଏ ଅବୁଝା ହୃଦୟକୁ ଅଜ୍ଞାତରେ ଭିଡ଼ିଧରେ ଏବଂ ମୁଲାୟମ କରିବାରେ ସମର୍ଥ ହୁଏ । **– ରମେଶ ଦାସ**

- ଗୀତିକବିତା ଏପରି ଏକ ସ୍ୱପ୍ନ ଯାହାର ବର୍ଣ୍ଣମାଳାରେ ଫୁଟିଉଠେ ଆନନ୍ଦ ଓ ବିଷାଦର, ମିଳନ ଓ ବିରହର, ଲୁହ ଓ ଲହୁର, ଭକ୍ତି ଓ ମୁକ୍ତିର ମାର୍ମିକ ଅନୁଭବର ଚିତ୍ତସ୍ପର୍ଶୀ ଚିତ୍ର । ଗୀତିକବିତାର କ୍ଷୁଦ୍ର ପରିସର ମଧ୍ୟରେ କବି ଏ ଜଗତ, ଜୀବନ ଏବଂ ଈଶ୍ୱରଙ୍କୁ ଉପଲବ୍ଧି କରାଇଦେଇପାରେ । **– ଅର୍ଚ୍ଚନା ନାୟକ**

- ଛୋଟ ଶିଶିର ବିନ୍ଦୁରେ ଆକାଶର ପ୍ରତିବିମ୍ବନ ପରି ଗୀତିକବତାରେ ସମସ୍ତ ସୌନ୍ଦର୍ଯ୍ୟମୟୀ କାବ୍ୟସତ୍ତାର ମନୋଜ୍ଞ ଓ ମନୋରମ ଇନ୍ଦ୍ରଧନୁର ଦ୍ୟୁତି ଭାସ୍ୱର ହୁଏ । – **ବାବାଜୀ ଚରଣ ପଟ୍ଟନାୟକ**

- ଗୀତିକବିତାରେ କେତୋଟି ମୁହୂର୍ତ୍ତୀୟ ମୋହିନୀଭାବ ଆପାତତଃ ପ୍ରାଧାନ୍ୟ ଲାଭ କରିଥାଏ । ସେଗୁଡ଼ିକ ହେଲା ପ୍ରେମ, ବିଷାଦବୋଧ, ନିଷ୍ଫଳ ଜୀବନ ଜିଜ୍ଞାସା, ପ୍ରେମିକ ବା ପ୍ରେମିକା ପାଇଁ ଥିବା ଭାବବିଳାସ, ଈଶ୍ୱର ଭକ୍ତି, ଜୀବନ ସ୍ମୃତି, ଅଭିମାନ, ଅଭିଯୋଗ, ଛାଡ଼ିଆସିଥିବା ପଲ୍ଲୀ ପ୍ରକୃତିର ମୋହମୟ ଜଳବାୟୁ, ପରିଜନ, ମୋହିନୀ ପ୍ରକୃତି ତଥା ନୂଆ ନୂଆ ଆବେଗ ନେଇ ପୃଥିବୀକୁ ଛୁଉଁଥିବା ବର୍ଷା, ବସନ୍ତ ଓ ବୈଶାଖ ପରି ଋତୁମାନ । – **ତୁଳସୀ ଓଝା**

- ଆଜି ଗୀତିକବିତା କେବଳ ଗୀତ ଭାବରେ ନୁହେଁ, ଏକ ସ୍ୱତନ୍ତ୍ର ଧାରାର ସାହିତ୍ୟ ଭାବରେ ସମ୍ମାନ ଲାଭ କରିଛି । ଗୀତିକବିତାରେ କବିର ପୂର୍ଣ୍ଣଭାବ ପ୍ରକାଶିତ ହୋଇଥାଏ । ମୁହୂର୍ତ୍ତର ଭାବନାର ଝଲକ ସାଙ୍କେତିକ ଭାବରେ ପ୍ରକାଶ ପାଏ ।
– **ଶ୍ରୀଚରଣ ମହାନ୍ତି**

- ବିଦଗ୍ଧ ହୃଦୟର ପ୍ରାସ ହିଁ ଗୀତିକବିତାର ନିର୍ଯ୍ୟାସ । ଅତୀତର ତୀର ଗୀତିକବିତାର ସୂତିକାଗାର, ଅତୀତାଭିସାର ଏହାର ପ୍ରାଣଧର୍ମ । ଅପ୍ରାପ୍ତି ଓ ଏକାକୀତ୍ୱର ମାର୍ମିକ ଉଚ୍ଚାରଣ ଏହାର କାବ୍ୟଶକ୍ତି । ପ୍ରଣୟାସ୍ତରର ପ୍ରଜ୍ୱଳନ ଏହା ଦ୍ୟୁତି ।
– **ସତ୍ୟ ପଟ୍ଟନାୟକ**

- ଗୀତିକବିତା ହେଉଛି ଆବେଗପୂର୍ଣ୍ଣ ଭାବନା ବା ଅନୁଭୂତିର ସଂକ୍ଷିପ୍ତ ଓ ସାବଲୀଳ ଅଭିବ୍ୟକ୍ତି । ଏହି କବିତା ସୁଲଳିତଭାବେ ଗାନ କରାଯାଉଥିବା ଦୃଷ୍ଟିରୁ ବ୍ୟସ୍ତବହୁଳ, ନୈରାଶ୍ୟଭାରାକ୍ରାନ୍ତ ମଣିଷ ମନରେ ଶାନ୍ତି ଓ ସନ୍ତୋଷ ଆଣିଦିଏ । କେବଳ ଅବସର ବିନୋଦନ ପାଇଁ ନୁହେଁ, ମଣିଷର ଆଧ୍ୟାତ୍ମିକ ଓ ମାନସିକ ଉତ୍କର୍ଷ ପାଇଁ ମଧ୍ୟ ଏହାର ଅବଦାନ ଅତୁଳନୀୟ । – **ଅଲେଖ ଚନ୍ଦ୍ର ପଢ଼ିଆରୀ**

- ଗୀତିକବିତା ସାହିତ୍ୟ ଓ ସଂଗୀତର ଏକ ମଧୁର ମିଳନ । ଏହା ମଧ୍ୟ ଏକ ମିଶ୍ରକଳା ବା 'Composite Art' । ଗୀତିମୟତା ହିଁ ଏହାର ନିର୍ଯ୍ୟାସ । ଗୀତିକବିତାର ପୂର୍ଣ୍ଣତା ଓ ସାର୍ଥକତା ସେତେବେଳେ ଆସେ ଯେତେବେଳେ ଶବ୍ଦ ସଂଗୀତର ରୂପ ନିଏ ଏବଂ ଭାବ ସ୍ମରଣୀୟତା ଲାଭ କରେ । ଗୀତିକବିର ଦୁନିଆଁ ଚିରସବୁଜ, ସେଠି ବସନ୍ତର ବାରମାସୀ ରାଜତ୍ୱ । ତେଣୁ ଗୀତିକବି ବାସ୍ତବରେ ସୌଭାଗ୍ୟବନ୍ତ ଏବଂ ଗୀତିକବିତା ବିଜୟଶ୍ରୀବିମଣ୍ଡିତ ।

– **ଦେବାଶିଷ ପାଣିଗ୍ରାହୀ**

- ଗୀତିକବିତା ହେଉଛି ନିବଦ୍ଧ ଗୀତ (ପ୍ରବନ୍ଧ)ର ଅବୟବ ଅର୍ଥାତ୍ ଧାତୁ (ଉଦ୍‌ଗ୍ରାହ , ଧ୍ରୁବ, ମେଳାପକ, ଆଭୋଗ) ଯାହା ମାତୁ (ରାଗ ଓ ତାଳ) ବଦ୍ଧ ହୋଇ ଗାୟନ ଉପଯୋଗୀ ହୋଇଥାଏ । – **କୀର୍ତ୍ତନ ନାରାୟଣ ପାଢ଼ୀ**

- ସ୍ୱର ସହିତ ଭାବର ଅବାଧ ମିଳନରେ ଗୀତିକବିତା ହୋଇଥାଏ ମନନଧର୍ମୀ ଓ ସର୍ବଜନଗ୍ରାହ୍ୟ । ପୁଣି ଭାବର ଚମତ୍କାରିତା ଏବଂ ଶବ୍ଦର ବହୁ ପ୍ରସାରୀ ଅର୍ଥଦ୍ୟୋତନା ଗୀତିକବିତାର ବିଶେଷତ୍ୱକୁ ପ୍ରତିପାଦନ କରିଥାଏ । – **କୃଷ୍ଣଚନ୍ଦ୍ର ପ୍ରଧାନ**

- ଯେଉଁ କବିତାରେ ମୁଗ୍ଧ କରିବାର ମନ୍ତ୍ରଥାଏ, କମନୀୟତାର କାରିଗରୀ ଥାଏ, ଭାବନାରେ ଭିଜେଇ ଦେବାର ସାମର୍ଥ୍ୟ ଥାଏ ସେହି କବିତାକୁ ମୁଁ ଗୀତିକବିତା ବୋଲି କୁହେ । ପରିମିତ ଶବ୍ଦ, ଶବ୍ଦର ସ୍ୱତନ୍ତ୍ରତା ଓ ଶୈଳୀର ବିବିଧତା ଏହାକୁ ଅନ୍ୟକବିତାଠାରୁ ଭିନ୍ନ ଭାବରେ ଗଢ଼ିତୋଳେ । – **ଧନଞ୍ଜୟ ସ୍ୱାଇଁ**

- ଗୀତିକବିତାରେ ଯେଉଁ ଅପୂର୍ବ ମଧୁରିମା ଥାଏ, ତାହାକୁ ଅନୁଭବ କରିହୁଏ । ଫଗୁଣ ଫୁଲର ମିଠାମିଠା ବାସ, କୋଇଲିର କୁହୁତାନ, ଅଳିର ଗୁଞ୍ଜରଣ, ଧୀର ପବନର ସ୍ନିଗ୍ଧ ସଂଚରଣ ଏକାଧାରରେ ଏଥିରେ ଉପଲବ୍ଧ । ବିନ୍ଦୁରେ ସିନ୍ଧୁ ଦର୍ଶନ ଏହାର ଅନୁପମ ବୈଶିଷ୍ଟ୍ୟ । ଶବ୍ଦକୁ ଶବ୍ଦ ଖଞ୍ଜିଦେଲେ ଗୀତିକବିତା ହୁଏନାହିଁ । ଶବ୍ଦର ଶଯ୍ୟାରେ ଭାବ ଓ ସଂଗୀତର ପ୍ରବାହ ହିଁ ଯଥାର୍ଥ ଗୀତିକବିତାର ଅସଲ ସ୍ୱରୂପ। – **ଶରତ ଚନ୍ଦ୍ର ରଥ**

- ଗୀତିକବିତା, କବିତା କଳାର ଲାବଣ୍ୟନିଧି, ସେ ଲଳିତା, ଲାଳିତା ଆଉ ଲୀଳାୟିତା । ଗାନଧର୍ମିତା ବା ଗେୟତା ସହିତ ସଂଯୁକ୍ତା ସେ । ଗେୟତ୍ୱ, ଲାଳିତା ଲଳିତାକୁ ଲୀଳାୟିତା କରେ । କବିତା ଛାପା ମାଧ୍ୟମରେ ମୁଦ୍ରିତ ହୋଇ ପ୍ରକାଶ ପାଏ, ସ୍ଥଳ ବିଶେଷରେ କେତୋଟି ଆସରରେ ଆବୃତ୍ତ ହୋଇଥାଏ ମାତ୍ର ଗୀତିକବିତା, କବିତା ଭଳି ମୁଦ୍ରିତ ହୁଏ, ଆବୃତ୍ତ ହୁଏ ଆଉ ଗୀତ ବି ହୁଏ। – **ଅଜୟ କୁମାର ମିଶ୍ର**

- ଗୀତିକବିତା ହେଉଛି ବ୍ୟକ୍ତିଗତ ଅନୁଭବ ଓ ଅନୁଭୂତିର ଏକ ସ୍ୱତଃସ୍ଫୂର୍ତ୍ତ ଝରଣା ଓ ଆବେଗାୟିତ ହୃଦୟର ଏକ ନିର୍ଭେଜାଲ ନିବେଦନ । ଏହା ମୁହୂର୍ତ୍ତର ଏକ ମିଠା ଅନୁଭବ, ଆତ୍ମିକ ପରିଭାଷାଟିଏ ଯାହା ପାଠକର ହୃଦୟକୁ ଛୁଏଁ ଓ ଭାବନାକୁ ପ୍ରଭାବିତ କରେ । ଏହା ବାସ୍ନା ବିଞ୍ଚୁଥିବା ଫୁଲଟିଏ, ଅନୁଭବର ରେଶମୀ ରୁମାଲ ଟିଏ । – **ମନୋଜ ମହାନ୍ତି**

# ସୂଚୀପତ୍ର


କବିତା ସମ୍ପର୍କରେ କିଛି ............ ୧୩

ଗୀତିକବିତାର ସଂଜ୍ଞା ଓ ସ୍ୱରୂପ........... ୨୮

ଆଧୁନିକ ଓଡ଼ିଆ ଗୀତିକବିତାର ଭିତ୍ତିଭୂମି.......... ୩୭

ସ୍ୱାଧୀନତା ପୂର୍ବବର୍ତ୍ତୀ ଓଡ଼ିଆ ୬୦
ଗୀତିକବିତାର ସ୍ୱର ଓ ସ୍ୱରୂପ ............

- କ. ଶୋକଗୀତି .... ୬୨
- ଖ. ସମ୍ବୋଧଗୀତି .... ୬୭
- ଗ. ଚତୁର୍ଦ୍ଦଶପାଦୀ ଗୀତିକବିତା.... ୭୧
- ଘ. ବ୍ୟଙ୍ଗ ଓ ହାସ୍ୟରସର ଗୀତିକବିତା.... ୭୩
- ଙ. ରହସ୍ୟବାଦୀ ରୋମାଣ୍ଟିକ୍ ଗୀତିକବିତା .... ୭୫
- ଚ. ଦାର୍ଶନିକ ଗୀତିକବିତା .... ୮୦
- ଛ. ପଲ୍ଲୀ ସଂସ୍କୃତିଭିତ୍ତିକ ଗୀତିକବିତା :... ୮୩
- ଜ. ବିଭୁଭକ୍ତିମୂଳକ ଗୀତିକବିତା .... ୮୬
- ଞ. ଜାତୀୟତାବାଦୀ ଗୀତିକବିତା .... ୮୮
- ଟ. ପ୍ରକୃତି ସଂପର୍କିତ ଗୀତିକବିତା .... ୯୩
- ଠ. ଇଂରାଜୀରୁ ଅନୂଦିତ ଗୀତିକବିତା .... ୯୯

ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ୧୦୭


◆◆◆

# ଆଧୁନିକ ଓଡ଼ିଆ ଗୀତି କବିତା

## (ସ୍ୱାଧୀନତା ପୂର୍ବବର୍ତ୍ତୀ)

# କବିତା ସମ୍ପର୍କରେ କିଛି...

***''ଧ୍ୟାନରେ ଯେଉଁ ରୂପ ଦେଖାଯାଏ, ତାହାରି ନାମ ଭାବ । କବି ମନର ଧ୍ୟାନରୂପ କବିତାର ଭାବ । ପ୍ରାଣରେ ଯେଉଁ ଧ୍ୱନି ଶୁଣାଯାଏ, ତାହାରି ନାମ ଛନ୍ଦ । ଏ ଛନ୍ଦ କେତେବେଳେ ସୂକ୍ଷ୍ମ, ଲଘୁ, ସୁକୁମାର, କେତେବେଳେ ଓଜସ୍ୱୀ, ସ୍ୱଷ୍ଟ, ଦୋଳାୟିତ, କେତେବେଳେ ଅନିର୍ବଚନୀୟ ।''*** *–ଅନ୍ନଦା ଶଙ୍କର ରାୟ*

କବିତା ଏକ ନୂଆ ଶବ୍ଦ ନୁହେ, ପୁରୁଣା ଶବ୍ଦ । ସଂସ୍କୃତରେ କୁହାଯାଇଛି 'ବିନାଶ୍ରୟେ ନବର୍ତ୍ତନ୍ତେ କବିତା – ବନିତା – ଲତା' । ପୁନଶ୍ଚ ଓଡ଼ିଆ ସାହିତ୍ୟରେ କବିତା ଶବ୍ଦର ବ୍ୟବହାର ବେଶ୍ ପ୍ରାଚୀନ । ମଧ୍ୟଯୁଗୀୟ ସାହିତ୍ୟରେ ଏହାର ପ୍ରୟୋଗ ଲକ୍ଷ୍ୟଣୀୟ । କଲ୍ଲୋଳକବି ଦୀନକୃଷ୍ଣ ସ୍ୱରଚିତ 'ରସକଲ୍ଲୋଳ' କାବ୍ୟରେ କହିଛନ୍ତି –

***'କବିତା ବନିତା କବି ତା' ପିତା***
***କହିବାଲୋକ ତା'ର ଉପମାତା ।'***

କବିତା ଶବ୍ଦର ସଂସ୍କୃତ ଓ ଓଡ଼ିଆ ଆଭିଧାନିକ ଅର୍ଥ ହେଉଛି ପଦ୍ୟ ବା କବିକୃତି । କାରଲାଇଲଙ୍କ ମତରେ କବିତା ହେଉଛି ସଙ୍ଗୀତମୟ ଚିନ୍ତାର ବ୍ୟକ୍ତ ସ୍ୱରୂପ, ସେଲିଙ୍କ ମତରେ କଳ୍ପନା ଓ ପ୍ରବୃତ୍ତିର ଭାଷାଗତ ରୂପ ହିଁ କବିତା । ରସକିନ୍ କହନ୍ତି ସତ୍ ସ୍ପନ୍ଦନ ପାଇଁ କଳ୍ପନା ଦ୍ୱାରା ସତ୍ ଉପାୟ ହିଁ କବିତା । ତେବେ ସେ ଯାହା ହେଉ କବିତା ହେଉଛି ଛନ୍ଦ ବିଳାସୀ ଏକ ସୂକ୍ଷ୍ମ କଳା । ଆନନ୍ଦ ସୃଷ୍ଟି କରିବା ତାହାର ଲକ୍ଷ୍ୟ । Theory of Poetry and fine Artsରେ Aristotle

କହିଛନ୍ତି "The object of Poerty as of all the fine arts is to produce an emotional delight and eleveted Pleasure।" ମୋ ବିଚାରରେ କବି ହେଉଛନ୍ତି ନିଜ ଆଧାରରେ ବିଶ୍ୱକୁ ଧରି ରଖୁଥିବା ପାତ୍ରଟିଏ, ବିଶ୍ୱସତ୍ତାକୁ ତନ୍ନତନ୍ନ କରି ଦେଖି ପାରୁଥିବା ତୃତୀୟ ନେତ୍ରଟିଏ ।

ଗଦ୍ୟପରି କବିତା ବର୍ଣ୍ଣନାଧର୍ମୀ ନୁହେଁ, କବିତା ସୂଚନାଧର୍ମୀ । ତେଣୁ କୁହାଯାଏ 'While Prose describes, Poetry Suggests'। କବିତାର ଭାଷା ହେଉଛି ଚିତ୍ରର ଭାଷା । ଯେଉଁ କବିତାରେ ଯେତେ ଅଧିକ ଚିତ୍ର ସୁଲଭ, ସେହି କବିତା ସେତେ ବେଶି ପ୍ରଭାବଶାଳୀ । ଶ୍ରୀଅରବିନ୍ଦଙ୍କ କଥାରେ "The Essential Power of the poetic word is to make us see, not to make us think or feel, thought and feeling must arise out of sight or be included in it but sight is the primary consequence and power of poetic speech".(Future Poetry)

କବିତାର ଦୁଇଗୋଟି ମୁଖ୍ୟ ଉପାଦାନ ଅଛି । ଗୋଟିଏ ହେଉଛି ଛନ୍ଦ ଓ ଅନ୍ୟଟି କବିର ଅନୁଭବ । ଛନ୍ଦ ହେଉଛି କବି ପ୍ରାଣର ଧ୍ୱନିଲହର ଯାହା ପାଠକର ଚିତ୍ତକୁ ଆମୋଦିତ କରେ । ଛନ୍ଦ ହିଁ ପଦ୍ୟ ତଥା କବିତାର ଏକ ଅବିଚ୍ଛେଦ୍ୟ ଅଙ୍ଗ । ବିଶ୍ୱନାଥ କବିରାଜଙ୍କ ମତରେ –'ଛନ୍ଦୋବଦ୍ଧଂ ପଦଂ ପଦ୍ୟମ୍' – ଅର୍ଥାତ୍ ଛନ୍ଦ ରଚିତ ପଦ ହିଁ ପଦ୍ୟ । ସମୟାନ୍ତରରେ ପ୍ରୟୋଜନାନୁସାରେ କବିତାରେ କେତେବେଳେ ସମଛନ୍ଦ, କେତେବେଳେ ମୁକ୍ତ ଛନ୍ଦ, ପୁଣି କେତେବେଳେ ଅମିତ୍ରାକ୍ଷର ଛନ୍ଦର ବ୍ୟବହାର କରାଯାଇଛି । ନିମ୍ନରେ ଛନ୍ଦ କବିତା, ମୁକ୍ତ ଛନ୍ଦର କବିତା, ଅମିତ୍ରାକ୍ଷର ଛନ୍ଦର କବିତା, ସଂଗୀତ ଓ ଗୀତିକବିତା ସମ୍ପର୍କରେ କିଞ୍ଚିତ୍ ଆଲୋଚନା କରାଯାଇଛି ।

**ଛନ୍ଦ କବିତା :**

ଏହା ହେଉଛି ମାତ୍ରାବୃତ୍ତର କବିତା, ଆବୃତ୍ତିଧର୍ମୀ କବିତା । ଛନ୍ଦ ଦ୍ୱାରା ଏଥିରେ ଭାବ ପ୍ରକଟିତ ହୁଏ । ଉଚ୍ଚାରଣଗତ ଧ୍ୱନି ଲହରରେ ବିମଣ୍ଡିତ ହୋଇ ଏହା ହୋଇଥାଏ ଶ୍ରୁତିମଧୁର । ଏପରି କବିତାର ପଙ୍‌କ୍ତି ଦୀର୍ଘ ହେଲେ ଅଧିକ ସ୍ଥାନରେ ଯତିପାତ ହୁଏ, ପଂକ୍ତି ନାତିଦୀର୍ଘ ହେଲେ ଅଳ୍ପ ସ୍ଥାନରେ ଯତିପାତ ହୁଏ । ସାହିତ୍ୟ ସହିତ ଛନ୍ଦଶାସ୍ତ୍ରର ସମ୍ବନ୍ଧ ପ୍ରାଚୀନ । ଆଧୁନିକ ଓଡ଼ିଆ କବିତାରେ

ସାଧାରଣତଃ ତିନି ପ୍ରକାର ଛନ୍ଦର ପ୍ରୟୋଗ ଦେଖାଯାଏ । ଯଥା ଅକ୍ଷରବୃତ୍ତ ଛନ୍ଦ, ମାତ୍ରାବୃତ୍ତ ଛନ୍ଦ ଓ ଧ୍ୱନିବୃତ୍ତ ଛନ୍ଦ । କେହି କେହି ଏହାକୁ ବର୍ଣ୍ଣମାତ୍ରିକ ଛନ୍ଦ, ଧ୍ୱନିମାତ୍ରିକ ଛନ୍ଦ ଓ ସ୍ୱରମାତ୍ରିକ ଛନ୍ଦ କହିଥାନ୍ତି । ମଧ୍ୟଯୁଗଠାରୁ ଆଧୁନିକ ଯୁଗ ପର୍ଯ୍ୟନ୍ତ ଓଡ଼ିଆ ପଦ୍ୟ, ଗୀତ ରଚିତ ହୋଇଛି ଅକ୍ଷରବୃତ୍ତରେ । ଏଠାରେ ଉଲ୍ଲେଖଯୋଗ୍ୟ ଯେ ଛନ୍ଦଶାସ୍ତ୍ର ପଢ଼ିପଢ଼ି କେହି ଛନ୍ଦ ପ୍ରୟୋଗ କରେ ନାହିଁ । କବି ଚିତ୍ତରେ ଛନ୍ଦର ବୀଜ ନିହିତ ଥାଏ । ଅନ୍ତରର ଭାବପ୍ଲାବନ ସୁସଂହତ ରୂପରେ ରୂପାୟିତ ହୁଏ । ଯେଉଁ କବିର ଅନ୍ତରର ଭାବପ୍ଲାବନ ଯେପରି ଛନ୍ଦମୟ ତା'ର କବିତା ସେପରି ଛନ୍ଦମୟ ହୋଇଥାଏ । ଅତଏବ ଛନ୍ଦପ୍ରୟୋଗ କୌଶଳ ଜନ୍ମଗତ ପ୍ରତିଭାର ଅନ୍ତର୍ଭୁକ୍ତ, ଏହା ଶିକ୍ଷାଗତ ନୁହେଁ । ଆଧୁନିକ ସାହିତ୍ୟରେ ଛନ୍ଦ ପ୍ରୟୋଗ କ୍ଷେତ୍ରରେ କେତେକ ବୈଚିତ୍ର୍ୟ ଦେଖିବାକୁ ମିଳେ । ଏହାକୁ ଆମେ ନବପ୍ରବର୍ତ୍ତିତ ଛନ୍ଦ ବୋଲି କହୁ । ଏପରି କବିତାରେ ଯୁକ୍ତାକ୍ଷରକୁ ଦୁଇଟି ବର୍ଣ୍ଣରୂପେ ବିଚାର କରାଯାଏ । ବିଭିନ୍ନ ସଂଖ୍ୟାର ଅକ୍ଷର ସମନ୍ୱିତ ଖଣ୍ଡାଂଶର ସଂଯୋଜନାରେ ଏହି ଛନ୍ଦ କବିତା ସଂରଚିତ ହୋଇଥାଏ । ବିଭିନ୍ନ ଅକ୍ଷର ବିଶିଷ୍ଟ ଖଣ୍ଡାଂଶର ସମନ୍ୱୟରେ ବହୁପ୍ରକାର ଛନ୍ଦର ପ୍ରଚଳନ ଥିଲେ ହେଁ ଉଦାହରଣ ସ୍ୱରୂପେ ୨/୩ ଟି ଛନ୍ଦର ଚର୍ଚ୍ଚା ଏଠାରେ କରିବା । କେତେବେଳେ (୪+୪+୪+୧), (୩+୪+୩+୪+୩) ଅକ୍ଷର ବିଶିଷ୍ଟ ଖଣ୍ଡାଂଶର ସମନ୍ୱୟ ଘଟିଥାଏ । ପୁଣି କେତେବେଳେ (୩+୩+୩+୩+୩+୩+୩+୨) ଅକ୍ଷର ସମନ୍ୱିତ ଖଣ୍ଡାଂଶର ସମନ୍ୱୟ ଘଟିଥାଏ । ପ୍ରତ୍ୟେକ ଛନ୍ଦରୁ ଗୋଟିଏ ଗୋଟିଏ ଉଦାହରଣ ଦିଆଯାଇପାରେ ।

*(୧) "ଫୁଲ ଫୁଟେ ଫୁଲ ଝଡ଼େ*
*ପୁଣି ଫୁଟେ ସେ*
*ପୂରନିମା ଶଶୀ ବୁଡ଼େ*
*ପୁଣି ଉଠେ ସେ ।"*

ଅନ୍ନଦା ଶଙ୍କର (୪+୪+୪+୧)

*(୨) "ଭାଦର ନୀଳାକାଶ ବାଦଲ ରଖେ ଆଜି ଘୋଡ଼ାଇ*
*ମେଘର ଶତଫାଙ୍କେ ଅରୁଣଥରେ ଯାଏ ଅନାଇ"*

(ରୂପକଥା–ବୈକୁଣ୍ଠନାଥ ) (୩+୪+୩+୪+୩)

*(୩)"ଝରିଯା ଲୁହ ମୋ ଝରିଯା ଫୁଲକେ ଜନ୍ମ ଭୂମିର ଜୀବନ ପଥେ*
*ଜଞ୍ଜୀର ଶତଖସୁ ମୋ ଜାତିର, ଚଲୁ ସେ ମାତିରେ ସୃଜନ ରଥେ"*

(ଝରରେ ରୁଧିର–ଅନନ୍ତ ପଟ୍ଟନାୟକ)

(୩+୩+୩+୩+୩+୩+୩+୨)

ଏହି ପ୍ରକାର କବିତା ସଙ୍ଗୀତ ପାଇଁ ଉଦ୍ଦିଷ୍ଟ ନୁହେଁ । ଅର୍ଥାତ୍ ଗାନମୟତା ଏହାର ମର୍ମବାଣୀ ନୁହେଁ । ଆବୃତ୍ତି ଦ୍ୱାରା ଏହାର ବକ୍ତବ୍ୟ ସ୍ପଷ୍ଟ ଓ ଅନୁଭବ୍ୟ ହୋଇଥାଏ ।

**ମୁକ୍ତଛନ୍ଦର କବିତା :**

ମୁକ୍ତ ଛନ୍ଦର କବିତା ଏକ ଭିନ୍ନ ସ୍ୱାଦର କବିତା । ଏଥିରେ ଏକ ଅନ୍ତରୀଣ ଛନ୍ଦ ଥାଏ । ଭାବର ଅନ୍ୟନାମ ଏହାର ଛନ୍ଦ । ଏହାର ରଚନା ନିମନ୍ତେ ଏକ ମୁକ୍ତ ମାନସିକତା ଏକାନ୍ତ ଆବଶ୍ୟକ । ମୁକ୍ତ ମାନସିକତାର ଅର୍ଥ ହେଉଛି ଠିକ୍ କେଉଁ ନିର୍ଦ୍ଦିଷ୍ଟ ଛାଞ୍ଚରେ ନ ପଡ଼ି ନିଜ ଛାଞ୍ଚରେ ନିଜେ ପଡ଼ିବାର ମାନସିକତା । ମୁକ୍ତ ମାନସିକତାର ଅନ୍ୟ ଅର୍ଥଟି ହେଉଛି ଉଚିତ ମାର୍ଗରେ ମହାମିଳନ ପୀଠ ହେବାର ମାନସିକତା । କିଛି କଥାକୁ ସେ ଅବମାନନା କରେ ନାହିଁ ସତ, ମାତ୍ର ସବୁ କଥାର ସବୁକିଛିକୁ ସେ ଗ୍ରହଣ କରେ ନାହିଁ, ବରଂ ବହୁକଥାର ସୌରଭରେ ସୁରଭିତ ହୋଇ ଭିନ୍ନ ପ୍ରକାରେ ଅଭିବ୍ୟକ୍ତ ହୁଏ । ଛନ୍ଦର ଫଲ୍‌ଗୁ, ଆବେଗ, ବୌଦ୍ଧିକତା, ସମକାଳୀନତା, ସୂଚନାଧର୍ମିତା, ସର୍ବୋପରି ଗଭୀର ଅନୁଭବର ସମନ୍ୱୟ ଏଥିରେ ଲକ୍ଷ୍ୟଣୀୟ । ଏଥିରେ ବ୍ୟକ୍ତି ଜୀବନ ହୋଇଥାଏ ବିଶ୍ୱଜୀବନାନୁଭବର ଏକ ପରୀକ୍ଷାଗାର ଏବଂ ବିଶ୍ୱଜୀବନ ହୋଇଥାଏ ବ୍ୟକ୍ତି ଜୀବନାନୁଭବର ଏକ ପ୍ରୟୋଗଶାଳା । ଶବ୍ଦରେ ଭାବକୁ ଅଭିମନ୍ତ୍ରିତ କରିବା ବା ଭାବକୁ ଶବ୍ଦାୟିତ କରିବାର ଅନ୍ତର୍ମୁଖୀନତା ଏଥିରେ ବିଦ୍ୟମାନ । ସ୍ରଷ୍ଟାର ଶବ୍ଦଚୟନ, ବକ୍ତବ୍ୟ ଉପସ୍ଥାପନ ତଥା ବିଷୟ ବସ୍ତୁ ନିର୍ବାଚନର ସ୍ୱାଧୀନତା ଏଥିରେ ଥାଏ । କେବଳ ଫୁଲ, ଚନ୍ଦ୍ର, ସମୁଦ୍ର, ଝରଣା, ଆକାଶ, ଫଗୁଣ, ଶ୍ରାବଣ, ପ୍ରେମ ଓ ପ୍ରଣୟର କଥା ଏଥିରେ ରହେ, ଏପରି ନୁହେଁ । ଏଥି ସହିତ ଆତ୍ମଗ୍ଲାନି, ବିପଦ, ଅଶ୍ରୁ, ଦୁଃଖ, ଅସହାୟତା ସମେତ

ବହୁ କଥା ରହେ । ମୃତ୍ୟୁକୁ ଅତିକ୍ରମ କରି ଅମୃତମୟ ଚେତନା ଆଡ଼କୁ ଗତି କରିବାର ପ୍ରୟାସ ଓ ପ୍ରଯତ୍ନ ଥାଏ, ଅସହାୟତାକୁ ଅତିକ୍ରମ କରି ଆତ୍ମସହାୟତାର ସନ୍ଧାନ ଏଥିରୁମିଳିଥାଏ, ହତାଶାକୁ ଅତିକ୍ରମ କରି ଆଶା ଆଡ଼କୁ ପାଦ ବଢ଼ାଇବା ପାଇଁ ଯଥାର୍ଥ ଦିଗ୍‌ଦର୍ଶନ ଏଥିରୁ ମିଳେ ।

ମୁକ୍ତଛନ୍ଦର କବିତାରେ ଥିବା ଛନ୍ଦ ଅକୃତ୍ରିମ ଓ ସ୍ୱତଃ ଉତ୍ସାରିତ । ଏପରି ଛନ୍ଦ ସୃଷ୍ଟିରେ ସ୍ରଷ୍ଟାଙ୍କର ସ୍ୱାଧୀନତା ରହିଛି, ମାତ୍ର ସ୍ୱେଚ୍ଛାଧୀନତା ନାହିଁ । ନିଜ ବକ୍ତବ୍ୟକୁ ଅକ୍ଷର ଗଣି ଗଣି ନିର୍ଦ୍ଦିଷ୍ଟ ଛାଞ୍ଚରେ ବା ଛନ୍ଦରେ ନ ପକାଇ ସେ ସୃଷ୍ଟି କରନ୍ତି ସ୍ୱଭାବ ସୁଲଭ ଛନ୍ଦର ଏକ ବିମୁଗ୍ଧ ସରଣୀ । ଏହି ଛନ୍ଦର ମୁଖ୍ୟ ତିନିଗୋଟି ବିଭବ ଏହିପରି –

(୧) ଏହି ଛନ୍ଦରେ ରଚିତ କବିତାରେ ଚରଣମାନଙ୍କରେ ଅନ୍ତଃମିଳନ ପ୍ରାୟତଃ ନଥାଏ ।

(୨) କବିତାରେ ସଂଯୋଜିତ ଚରଣମାନଙ୍କରେ ବ୍ୟବହୃତ ଅକ୍ଷର ସଂଖ୍ୟାରେ ସମତା ନଥାଏ ।

(୩) ପ୍ରତ୍ୟେକ ଚରଣରେ ଏକ ଆଭ୍ୟନ୍ତରୀଣ ଧ୍ୱନିର ସଂଚରଣ ଥାଏ ।

ଗଦ୍ୟକୁ ଭାଙ୍ଗିଦେଇ ଯାନ୍ତ୍ରିକ ଭାବରେ ସଜାଇ ଦେଲେ ମୁକ୍ତ ଛନ୍ଦର କବିତା ହୁଏ ନାହିଁ । ଏହାର ଆବେଦନ ଶାନ୍ତ ପ୍ରକୃତିର ଅବିମିଶ୍ର ସ୍ୱର ପରି ଗଭୀର ଓ ଗମ୍ଭୀର । କଣ୍ଠଶିଳ୍ପୀ ଏବଂ ସଙ୍ଗୀତକାରଙ୍କର ତିଆରି ଛନ୍ଦରେ ଛନ୍ଦାୟିତ ହେବାକୁ ଏହା ବାଧ ନୁହେଁ । କବି ଓ ସମାଲୋଚକ ଶ୍ରୀ ସୌରୀନ୍ଦ୍ର ବାରିକଙ୍କ ମତରେ **'ଆଜିର କବିତା ଛନ୍ଦହୀନ ନୁହେଁ, ହୁଏତ ପାର୍କ ପରି ନୁହେଁ । ଏହା ଅରଣ୍ୟ ପରି ବ୍ୟାପକ, ନିର୍ଦ୍ଦିଷ୍ଟତା ବିହୀନ ଏହାର ସ୍ୱର – ଅରଣ୍ୟର ସ୍ୱର ।'**

**ପ୍ରବନ୍ଧ – (ଛନ୍ଦ ଓ ସଙ୍ଗୀତ)**

ବ୍ୟାପକତା ଏହାର ବିଶେଷତ୍ୱ ଯହିଁରେ ବହୁ ଶବ୍ଦଚିତ୍ର ଓ ଭାବଚିତ୍ରର ସମାବେଶ ଦେଖିବାକୁ ମିଳେ । ଏହି ପର୍ଯ୍ୟାୟର କବିତାଗୁଡ଼ିକରେ ଥିବା ଛନ୍ଦକୁ ମୁଖ୍ୟତଃ ଚାରି ପ୍ରକାରେ ବିଭକ୍ତ କରାଯାଇପାରେ ।

(୧) ଅସମ ଅକ୍ଷର ସହିତ ପ୍ରାନ୍ତମିଳନ ରୀତି ।
(୨) ପ୍ରାନ୍ତମିଳନ ରହିତ ଗଦ୍ୟଧର୍ମୀ ରୀତି ।
(୩) ଉପରଲିଖିତ ଦ୍ୱିବିଧ ରୀତିର ସମନ୍ୱିତ ରୀତି ।
(୪) ସଂପୂର୍ଣ୍ଣ ବ୍ୟକ୍ତବ୍ୟଧର୍ମୀ ରୀତି ।

**ଅସମ ଅକ୍ଷର ସହିତ ପ୍ରାନ୍ତମିଳନ ରୀତି :**

ଏହି ରୀତିରେ ଗୋଟିଏ ପଦରେ ପ୍ରତ୍ୟେକ ପାଦରେ ଅକ୍ଷର ସଂଖ୍ୟା ଭିନ୍ନ ଥାଏ, ମାତ୍ର ପ୍ରାନ୍ତ ବର୍ଣ୍ଣର ମିଳନ ଥାଏ । କେତେକ କବି ଏହି ଛନ୍ଦରେ କବିତା ରଚନା କରିଛନ୍ତି । କବି ରମାକାନ୍ତ ରଥଙ୍କର ରଚନାରୁ ଗୋଟିଏ ପଦ ଉଦାହରଣ ରୂପେ ଏଠାରେ ଉଲ୍ଲେଖ କରାଯାଇପାରେ ।

*'ଚନ୍ଦ୍ରମା ଚାହିଁଛି ତାର ଅଧାମେଲା ଦରଜା ଫାଙ୍କରେ*
*କାଳେ କିଏ ଆସୁଥିବ ଡରି ଡରି, ଆଗପଛ ଲକ୍ଷ୍ୟ କରି କରି*
*ସନ୍ଧ୍ୟାଲୋକେ ଝାପସା ଏହି ବସ୍ତି ପଥେ ରାତିକର ରହଣି ଆଶାରେ*
*ପଲକ ପାତରେ ମାପି ତାହାପରି ଅଗଣିତ ନାରୀ*
*ପକେଟର ପଇସାକୁ ଉଚ୍ଚତମ ମାନଦଣ୍ଡ ଧରି*
*କାଳେ କିଏ ଡାକୁଥିବ ତାକୁ, ତୀବ୍ର ଭୋକ ଆଉ ଭୟର ଭାଷାରେ*
*କାଳେ କିଏ କହୁଥିବ – ଥାନ ଦିଅ, ଥାନ ଦିଅ,*
*ମତେ ତୁମେ ରାତି ଲାଗି ତମରି ବସାରେ ।'*

*(ଚନ୍ଦ୍ରମାର ଚୂଡ଼ି)*

**ପ୍ରାନ୍ତମିଳନ ରହିତ ଗଦ୍ୟଧର୍ମୀ ରୀତି :**

ଏଥିରେ ପ୍ରାନ୍ତବର୍ଣ୍ଣରେ ସାମ୍ୟ ନଥାଏ, ମାତ୍ର ଏକ ସଂଚରିତ ଛନ୍ଦମୟତା ଅନୁଭୂତ ହୁଏ । ଏପରି ରୀତିରେ ବହୁ କବିତା ରଚିତ ହୋଇଛି । କବି ସୀତାକାନ୍ତ ମହାପାତ୍ରଙ୍କର ରଚନାରୁ ଗୋଟିଏ ପଦ ଉଦାହରଣ ରୂପେ ଗ୍ରହଣ କରାଯାଇପାରେ ।

*'କାନ୍ଥକୁ ମୁହଁ କରି, ଆମକୁ ପିଠି ଆଡ଼େଇ*
*ବାପା କାନ୍ଦୁଥିଲେ, ତାଙ୍କୁ କାନ୍ଦିବାର ଦେଖିବା*
*ସିଏ ଥିଲା ମୋର ପ୍ରଥମ, କ'ଣ ବା ତାଙ୍କୁ କହିଥା'ନ୍ତି ?*

*ଦାଣ୍ଡକୁ ଆସି ଆକାଶକୁ ହିଁ ଚାହିଁଲି*
*ଯୋଉଠି ସିଏ ଆଉ ଗୋଟିଏ ନକ୍ଷତ୍ର*
*ସେଦିନ ବୁଝିଲି ଜୀବନରେ ସବୁ କାନ୍ଦଣା*
*ଲୁଚେଇ ଲୁଚେଇ କାନ୍ଦିବାକୁ ହୁଏ ।'*

*(ଜେଜେ ମା')*

**ଉପରଲିଖିତ ଦ୍ୱିବିଧ ରୀତିର ସମନ୍ୱିତ ରୀତି :**

ଏହି ଛନ୍ଦର କବିତାରେ ପଦମାନଙ୍କରେ ଠାଏ ଠାଏ ପ୍ରାନ୍ତ ଅକ୍ଷରର ମିଳନ ଥାଏ, ପୁଣି ଠାଏ ଠାଏ ମିଳନ ନଥାଏ । କବି ଗୁରୁପ୍ରସାଦ ମହାନ୍ତିଙ୍କର ରଚନାରୁ ଗୋଟିଏ ପଦ ଉଦାହରଣ ରୂପେ ଗ୍ରହଣୀୟ –

*'ମୁଁ ଶୁଣେ କାନରେ ମୋର, ଠିକ ମୋର ପଛଆଡ଼େ*
*ପାଦଶବ୍ଦ ସମୟର, ଚୁପଚୁପ କଥା ସମୟର*
*ଏ ବର୍ଷା ସନ୍ଧ୍ୟାରେ ଆଜି କିଛି ଭଲ ଲାଗେ ନାହିଁ,*
*ଖରାପ ଲାଗେ, ଭାରି ଖରାପ ।*
*ପ୍ରେମ ଫ୍ରେମ ବାଜେ ସବୁ, ତୁମର ଏ ସିଲିକ୍ କାମିଜ୍*
*ତୁମର ଏ ଲକ୍ସ ସାବୁନ ହସ,*
*କୁହ କୁହ କଥା କୁହ, ଖରାପ ଲାଗେ ଭାରି*
*ଖରାପ, ଛବି ଫବି ବାଜେ ସବୁ*
*ରେଡ଼ିଓରେ ଖାଲି ବାଜେ ଗୀତ*
*କୁହ କୁହ କଥା କୁହ ଚୁପ କିଆଁ ରହିଗଲ*
*କିଛି ଭଲ ଲାଗେ ନାହିଁ*
*ମାର୍କସ, ଗାନ୍ଧୀ, ଜଗନ୍ନାଥ ଦାସ'*

*(କାଳପୁରୁଷ)*

**ସଂପୂର୍ଣ୍ଣ ବକ୍ତବ୍ୟଧର୍ମୀ ରୀତି :**

ଏହି ରୀତିରେ ଏବେ ଅଧିକ କବିତା ରଚିତ ହେଉଛି । ଏହା ପୂର୍ଣ୍ଣ ଭାବରେ ବାକ୍‌ଧର୍ମୀ ରୀତି । ଏଥିରେ ଶବ୍ଦଗୁଡ଼ିକ ସୁନିୟନ୍ତ୍ରିତ ଓ ସୁବ୍ୟବସ୍ଥିତ । ଭାବାନୁକୂଳ ଭାଷାର ପ୍ରୟୋଗ ନିମନ୍ତେ ଅତି ଉପଯୋଗୀ ଏହି ରୀତିର ଉଦାହରଣ ସ୍ୱରୂପ କବିସୌରୀନ୍ଦ୍ରବାରିକଙ୍କର ରଚନାରୁ ପଦଟିଏ ଉଲ୍ଲେଖ କରାଯାଇପାରେ –

*‘ସତ କହିବୁ ବୀଥି*
*ମୋ ପାଖରେ ଏମିତି କ’ଣ ଦେଖିଲୁ ଯେ*
*ଏତେ ଆଦରି ନେଲୁ’ ?*
*‘କବିତା’*
*କବିତାରେ କ’ଣ ପାଇଲୁ ଯେ*
*ତୋତେ ଏତେ ଭଲ ଲାଗିଲା ।*
*‘ତୋତେ’, ତୋ ଆନ୍ତରିକତା*
*ଆନ୍ତରିକତାରେ କେଉଁ ସ୍ଥିରତା*
*ତୁ ପୂରା ଭରସି ଗଲୁ*
*ସତ କହିବୁ ବୀଥି’ – (ସତ କହିବୁ ବୀଥି)*

**ଅମିତ୍ରାକ୍ଷର ଛନ୍ଦର କବିତା :**

ଅମିତ୍ରାକ୍ଷର ଛନ୍ଦ ପ୍ରାୟତଃ ଚଉଦ ଅକ୍ଷର ବିଶିଷ୍ଟ ଏବଂ ଏଥିରେ ସାଧାରଣତଃ ଆଠ ଓ ଛଅ ଅକ୍ଷର ଉପରେ ଯତିପାତ ହୁଏ । ଏହି ଛନ୍ଦ ଭାବଭିତ୍ତିକ । ଦ୍ୱିପଦ ବିଶିଷ୍ଟ ଛନ୍ଦଠାରୁ ଏହା ଭିନ୍ନ । ଏଥିରେ ଦୁଇରୁ ଅଧିକ ଚରଣ ଥାଏ ଏବଂ ଚରଣମାନଙ୍କର ପ୍ରାନ୍ତମିଳନ ନ ଥାଏ । ଦ୍ୱିପଦ ବିଶିଷ୍ଟ ଛନ୍ଦରେ କବି ଉକ୍ତି ସୀମିତ ଓ ସଙ୍କୁଚିତ ହେଉଥିବାବେଳେ ଏଥିରେ କବି ଉକ୍ତି ସ୍ୱତଃସ୍ଫୂର୍ତ୍ତ ଭାବରେ ପ୍ରକଟିତ ହୋଇପାରେ ବୋଲି କୁହାଯାଏ । ଏଥିରେ ଉପର ପାଦରୁ ତଳପାଦ ପର୍ଯ୍ୟନ୍ତ ଭାବର ପ୍ରବହମାନତା ଲକ୍ଷ୍ୟଣୀୟ । ଏହି

ଛନ୍ଦରେ  କବିତା ରଚନା ଆୟାସସାଧ୍ୟ କଳା । ଏଥିପାଇଁ ସ୍ୱତନ୍ତ୍ର କୌଶଳର ଆବଶ୍ୟକତା ରହିଛି । ପ୍ରତିପଦର ସଂଗଠନ, ବଳ ପ୍ରୟୋଗର ଅନ୍ତର୍ନିହିତ ଆନୁପାତିକତା, ଶବ୍ଦଚୟନର ଦକ୍ଷତା ଏବଂ ଅନ୍ତରୀଣ ଭାବରେ ଗୋଟିଏ ଛନ୍ଦର ପ୍ରବାହ ଏଥିରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହି ଛନ୍ଦରେ କେତେକ ସ୍ୱୟଂସଂପୂର୍ଣ୍ଣ ଏକକ ପାଦର ସ୍ଥିତି ଦେଖିବାକୁ ମିଳେ । ଏପରି ପାଦଗୁଡ଼ିକ ଅନ୍ୟ ପାଦ ସହିତ ମିଶି ସଂଗଠିତ ଓ ସୁଗଠିତ ପଦମାନ ପ୍ରସ୍ତୁତ କରିଥାନ୍ତି । ଏହି ଛନ୍ଦରେ ଶେଷ ଧାଡ଼ିଗୁଡ଼ିକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥାନ୍ତି । ଜଣେ ଜନ୍ମଗତ ପ୍ରତିଭାର ଅଧିକାରୀ ହୋଇନଥିଲେ ଏପରି ସର୍ଜନା କଷ୍ଟକର । ଅମିତ୍ରାକ୍ଷର ଛନ୍ଦର ପ୍ରୟୋଗ ପୂର୍ବରୁ ବହୁ ପ୍ରସ୍ତୁତିର ପ୍ରୟୋଜନୀୟତା ରହିଛି ।  Letters on poetry, Literature and Art ଗ୍ରନ୍ଥରେ ଶ୍ରୀଅରବିନ୍ଦ କହିଛନ୍ତି– "Building of each line, building of the passage, variation of balance, the arrangement of tone and stress and many other things have to be mastered before you can be a possessor of the instrument - unless you are born with a blank verse genius, but that is rare''।  କବିବର ରାଧାନାଥ ରାୟ ଏହି ଛନ୍ଦର ବ୍ୟବହାର କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛନ୍ତି । ଯତିପାତର କ୍ରମଛେଦ ଚିହ୍ନଦ୍ୱାରା ଚିହ୍ନିତ ହୋଇ ଉଦାହରଣ ସ୍ୱରୂପେ ଅମିତ୍ରାକ୍ଷର ଛନ୍ଦରେ ରଚିତ କେତେକ ପଂକ୍ତି ନିମ୍ନରେ ଉଲ୍ଲେଖ କରାଯାଇପାରେ।

**ଏ ଜୀବ ନୁହଁଇ ସ୍ଥିର । ସ୍ଥିରଟି ମରଣ**
**ମାଟିର ଏ ଘଟ ନିଶ୍ଚେ । ମିଶିବ ମାଟିରେ**
**ସର୍ବହର କାଳ । ମହା ! ବଳୀଠାରୁ ବଳି**
**କଠୋର ଏ ଧନୁ ତୋର । କଠୋର ଭୀମର**
**ମହାଗଦା । ଗ୍ରାସଇ ସେ ! ପକ୍ୱରମ୍ଭା ପରି !**

(ମହାଯାତ୍ରା – ରାଧାନାଥ)

**ସଙ୍ଗୀତ :**

ଗୀତ (Song) ଯେତେବେଳେ କଳାତ୍ମକ ଭାବରେ ପରିବେଷିତ ହୋଇଥାଏ, ତାହା ସଂଗୀତରେ ପରିଣତ ହୁଏ । ଗୀତ କହିଲେ ମୁଖ୍ୟତଃ

ଛନ୍ଦୋବଦ୍ଧ ଏବଂ ଅର୍ଥଯୁକ୍ତ କବି ବାଣୀକୁ ବୁଝାଏ । ଗୀତର ପରିଭାଷା ହେଉଛି – ***''ରଞ୍ଜକଃ ସ୍ୱର ସନ୍ଦର୍ଭୋଗୀତମିତ୍ୟ ଭିଧୀୟତେ''* – (ସଙ୍ଗୀତ ରତ୍ନାକର ୪/୧)** । ଅର୍ଥାତ୍ ପରସ୍ପର ସହିତ ସମ୍ୟକ ରୂପେ, ସୁଚାରୁ ଭାବେ ସମ୍ବନ୍ଧିତ ସ୍ୱରାବଳୀର ମନୋରଞ୍ଜକ ରଚନା ବିଶେଷକୁ ଗୀତ କୁହାଯାଏ । ଅବଶ୍ୟ ପରେ ଏହି ମତ ପରିବର୍ତ୍ତିତ ହୋଇଛି । ସଙ୍ଗୀତ ନାରାୟଣ ଗ୍ରନ୍ଥରେ ଉଲ୍ଲେଖ କରାଯାଇଛି ଯେ – ***'ଧାତୁ ମାତୁ ସମାଯୁକ୍ତଂ ଗୀତମିତ୍ୟଭିଧୀୟତେ' ।*** ଅର୍ଥାତ୍ ଧାତୁ ବା ସ୍ୱର ଓ ମାତୁ ବା ବାଣୀର ସମନ୍ୱିତ ରଚନାକୁ ଗୀତ କୁହାଯାଏ । ଗୀତ ଶବ୍ଦର ବ୍ୟୁତ୍ପତ୍ତି ଏହିପରି (ଗୈଧାତୁ+ଭାବ.ତ) । ଏହାର ଅର୍ଥ ହେଉଛି ଗାନ ।

ସଙ୍ଗୀତକୁ ପଞ୍ଚମ ବେଦର ମାନ୍ୟତା ଦିଆଯାଏ । ବ୍ରହ୍ମା ଚାରିବେଦ ସୃଷ୍ଟି କରିସାରି ଏହି ବେଦକୁ ସୃଷ୍ଟି କରିଥିଲେ ବୋଲି କୁହାଯାଏ ।

***''ପୁର୍ଣ୍ଣ ଚତୁର୍ଣ୍ଣାଂ ବେଦାନାଂ ସାରମାକୃଷ୍ୟ ପଦ୍ମଭୂଃ***
***ଇମଂ ତୁ ପଞ୍ଚମଂ ବେଦଂ ସଙ୍ଗୀତ ଶ୍ୟାମ କଳ୍ପୟତ'' ।***

ପୁନଶ୍ଚ 'ସଙ୍ଗୀତ ଦର୍ପଣ' ଗ୍ରନ୍ଥରେ କୁହାଯାଇଛି 'ଗୀତଂ ବାଦ୍ୟଂ ଚ ନୃତ୍ୟଂ ଚ ତ୍ରୟଂ ସଙ୍ଗୀତମୁଚ୍ୟତେ ।' ଅତଏବ ଏଥିରୁ ସ୍ପଷ୍ଟ ଅନୁମିତଯେ ନୃତ୍ୟ ଓ ବାଦ୍ୟ ସଂଯୋଗରେ ଗୀତ ପରିଣତ ହୁଏ ସଙ୍ଗୀତରେ । ରାଗ ଓ ସ୍ୱର ଯୋଜନା ବ୍ୟତୀତ ସଙ୍ଗୀତର ସ୍ଥିତି ନାହିଁ । ସଙ୍ଗୀତଜ୍ଞମାନେ ୭ ସ୍ୱର, ୬ ରାଗ ଓ ୩୬ ରାଗିଣୀ ଉପରେ ଗୁରୁତ୍ୱ ଦିଅନ୍ତି । ସପ୍ତସ୍ୱର ମୋଟ ୭ ଗୋଟି ପଶୁପକ୍ଷୀର ସ୍ୱରାନୁକରଣରେ ସୃଷ୍ଟ ହୋଇଛି ଯଥା –

| | | |
|---|---|---|
| ଷଡ଼ଜ | – | ମୟୂର |
| ମଧ୍ୟମ | – | କ୍ରୌଞ୍ଚ |
| ଧୈବତ | – | କୁଞ୍ଜର |
| ଋଷଭ | – | ବୃଷଭ |
| ଗାନ୍ଧାର | – | ଅଜ |
| ନିଷାଦ | – | ଅଶ୍ୱ |
| ପଞ୍ଚମ | – | କୋକିଳ |

ଆହୁରି ମଧ୍ୟ କୁହାଯାଇଛି ପ୍ରତ୍ୟେକ ସ୍ୱରର ଜଣେ ଜଣେ ଅଧିଷ୍ଠାତା ଦେବତା ରହିଛନ୍ତି, ଯଥା –

| | | |
|---|---|---|
| 'ସା' | ର | ଅଗ୍ନି |
| 'ରେ' | ର | ବ୍ରହ୍ମା |
| 'ଗା' | ର | ସରସ୍ୱତୀ |
| 'ମା' | ର | ମହାଦେବ |
| 'ପା' | ର | ଲକ୍ଷ୍ମୀ |
| 'ଧା' | ର | ଗଣେଶ |
| 'ନି' | ର | ସୂର୍ଯ୍ୟ |

ଏହା ସ୍ୱୀକୃତ ଯେ ମେଘମହ୍ଲାର ରାଗ ଦ୍ୱାରା ବୃଷ୍ଟିପାତର ଅନୁଭବ ହୁଏ । ଭୈରବ ରାଗ ଦ୍ୱାରା ଉଷା କାଳର ଆବିର୍ଭାବ, ଅନୁଭୂତି ସ୍ତରରେ ଆସେ । ଦୀପକ ରାଗ ଗାୟନରେ ନିର୍ବାପିତ ଦୀପ ଜଳି ଉଠିବା ପରି ଅନୁଭୂତ ହୁଏ ।

ସଙ୍ଗୀତ ଏକ କଳା । ଏହାର ମୁଖ୍ୟ ଉପାଦାନ ହେଉଛି ମଧୁର ନାଦ । କେଉଁକେଉଁ ଉପାୟରେ ନାଦକୁ ମଧୁର କରାଯାଇପାରିବ ତାହା ଜାଣିବା ସଙ୍ଗୀତଜ୍ଞ ପକ୍ଷରେ ଏକାନ୍ତ ଆବଶ୍ୟକ । ଭାରତୀୟ ଦର୍ଶନ ଶାସ୍ତ୍ରାନୁସାରେ ନାଦର ଗୁଣ ଆକାଶର ଗୁଣ ସହ ସମାନ । ଆକାଶର ଯେପରି ରୂପ, ରସ, ଗନ୍ଧ, ଅଥବା ସ୍ପର୍ଶ ନାହିଁ କେବଳ ଅନୁଭୂତି ରହିଛି, ନାଦର ସେପରି ରୂପ, ରସ, ଗନ୍ଧ ଅଥବା ସ୍ପର୍ଶ ନାହିଁ, କେବଳ ଅନୁଭୂତି ରହିଛି । ସଙ୍ଗୀତ ମାନବ ଜୀବନର ଅମୂଲ୍ୟ ସଂପଦ । ଏହା ହେଉଛି 'Finest of the fine Arts' । ମନରେ ଆନନ୍ଦର ନୀଳମଣି ତୋରଣ ନିର୍ମାଣ କରି କ୍ଷଣକରେ ମଣିଷକୁ କଳ୍ପଲୋକକୁ ନେଇ ଯାଇପାରେ ସଂଗୀତ । ଏହା ଦ୍ୱାରା ମୁକ୍ତିର ମାର୍ଗ ପ୍ରଶସ୍ତ ହୁଏ ବୋଲି ଶାସ୍ତ୍ରମାନଙ୍କରେ ଉଲ୍ଲେଖ ରହିଛି । ଯାଜ୍ଞବଲ୍କ୍ୟ ସ୍ମୃତିରେ କୁହାଯାଇଛି –

***'ବୀଣାବାଦନ ତତ୍ତ୍ୱଜ୍ଞ ଶ୍ରୁତି ଜାତି ବିଶାରଦଃ***
***ତାଳଜ୍ଞଶ୍ଚାପ୍ରୟାସେନ ମୋକ୍ଷମାର୍ଗଂ ନିଗଚ୍ଛତି ।'*** (୩/୪/୧୧୫)

ଏଥିରୁ ତାଳ, ଲୟ, ଶ୍ରୁତି ଓ ବୀଣା ବାଦନର ମହତ୍ତ୍ୱ ସହଜରେ ଅନୁମେୟ । ଆଧ୍ୟାତ୍ମିକ ଚେତନାର ବିକାଶ ପାଇଁ ସଂଗୀତର ଅବଦାନ ଉଲ୍ଲେଖଯୋଗ୍ୟ । ସପ୍ତସ୍ୱରରୁ ଏକ ଏକ ସ୍ୱରର ସଂପର୍କ ଭିନ୍ନ ଭିନ୍ନ ନାଡ଼ିଚକ୍ର ସହିତ ରହିଛି ବୋଲି ତଦ୍‌ବିତ୍ ମାନଙ୍କର ମତ । ସେଗୁଡ଼ିକର ତାଲିକା ଏହିପରି –

| | | |
|---|---|---|
| ମୂଳାଧାର ଚକ୍ର | – | ସା |
| ସ୍ୱାଧିଷ୍ଠାନ ଚକ୍ର | – | ରେ |
| ମଣିପୁର ଚକ୍ର | – | ଗା |
| ଅନାହତ ଚକ୍ର | – | ମା |
| ବିଶୁଦ୍ଧ ଚକ୍ର | – | ପା |
| ଆଜ୍ଞା ଚକ୍ର | – | ଧା |
| ସହସ୍ରାର ଚକ୍ର | – | ନି |

ପୁନଶ୍ଚ ସୀମାହୀନ ଆନନ୍ଦର ଉତ୍ସ ଭାବରେ ସଂଗୀତର ମାନ୍ୟତା ଅବିସମ୍ବାଦିତ, ଯାହାର ଶ୍ରବଣରେ ଗଭୀର ଭାବବିଭୋରତା ଭିତରେ ମନ ହଜିଯାଏ । ଅମର ବସନ୍ତର ଲଳିତବିଳାସ ହୃଦୟର କୋଣେ ଅନୁକୋଣେ ସଂଚରିତ ହୁଏ, ପ୍ରାଣଭୂମି ମହକି ଉଠେ, ଦେହରେ ସୃଷ୍ଟି ହୁଏ ଅନନ୍ୟ ଶିହରଣ । ମନୁଷ୍ୟ କେବଳ ନୁହେଁ ଅନ୍ୟ କେତେକ ପ୍ରାଣୀ ମଧ୍ୟ ସଂଗୀତର ମୂର୍ଚ୍ଛନାରେ ମୁଗ୍ଧ ହୁଅନ୍ତି । ବନର ହରିଣୀ ତା'ର ବାଟ ଭୁଲିଯାଏ, ସଂଗୀତ ନିକଟରେ ଆତ୍ମସମର୍ପଣ କରିଦେବାକୁ ପଶ୍ଚାତ୍‌ପଦ ହୁଏ ନାହିଁ । ଏହି ପରିପ୍ରେକ୍ଷୀରେ ଗୋଟିଏ ହିନ୍ଦୀ ଚଉପାହି ସ୍ମରଣକୁ ଆସେ । ମୃଗ ମୁଖରେ ଚଉପାହିରେ ଯାହା କୁହାଯାଇଛି ତାହାର ଭାବାନୁବାଦ ଏହିପରି –

*ପତ୍ରମର୍ମରେ ମୁଁ ଯେ ଚମକି ପଳାଏ ଦୂରେ*
*ଲୁବ୍‌ଧକ, ନିଜେ ଆସିଛି ତୋ ପୁରେ, ମୁଗ୍ଧ ତୋ ବେଣୁସୁରେ*
*ମୋତେ ହାଣି ତୁହି ଭୁଞ୍ଜ, ବିଷାଣ ବିକି ସଂପଦ କର*
*କୋମଳ ଚର୍ମେ ବିରଚ ଆସନ, କିନ୍ତୁ ଶୁଣାଅରେ*
*ମତେ ଶୁଣାଅ ତୋ ବେଣୁସ୍ୱର ।'*

## ଗୀତି କବିତା :

ଗୀତି କବିତାର ସଂଜ୍ଞା ଓ ସ୍ୱରୂପ ସଂପର୍କରେ ଅନ୍ୟଏକ ପ୍ରବନ୍ଧରେ ଏହି ପୁସ୍ତକରେ ବିସ୍ତୃତ ଭାବରେ ଆଲୋଚନା କରାଯାଇଥିବାରୁ ଆଉ ଏଠାରେ ସେହି ଆଲୋଚନା କରାଯାଉନାହିଁ । ଗୀତି କବିତା ହେଉଛି ହୃଦୟର କବିତା । ଭାବର କବିତା ହୋଇ ଏହା ଦିଏ ସୌନ୍ଦର୍ଯ୍ୟ ଓ ସୁକୁମାରତାର ବରଣୀୟ ବାର୍ତ୍ତା । ଏ ସୌନ୍ଦର୍ଯ୍ୟ ଭିନ୍ନ ଭିନ୍ନ ବସ୍ତୁ, ଭାବନା ଅଥବା ଅନୁଭବକୁ ଭିତ୍ତି କରି ସଂଗଠିତ ହୋଇପାରେ । ଚିନ୍ତନ, ସ୍ମୃତି, ଅନୁଭୂତି ଓ ଅଭିବ୍ୟକ୍ତି ଏହାର ଚାରିସ୍ତମ୍ଭ କହିଲେ ଅତ୍ୟୁକ୍ତି ହେବ ନାହିଁ । ଏହାକୁ ମଧ୍ୟ Melic Song ବୋଲି କୁହାଯାଏ, ଯାହା ସ୍ରଷ୍ଟାର ବ୍ୟକ୍ତିଗତ ସ୍ୱରଲିପି, ଭାବବିଭବ ଓ ଗାନମୟତା ଉପରେ ଗୁରୁତ୍ୱ ଆରୋପ କରିଥାଏ । ପ୍ରାଚୀନ ଗ୍ରୀକ୍ ଗୀତି କବିତାରେ ସାଙ୍ଗୀତିକତା ଉପରେ ଅଧିକ ଗୁରୁତ୍ୱ ଦିଆଯାଉଥିଲା । ମାତ୍ର ପରେ ସାଙ୍ଗୀତିକତା ଅପେକ୍ଷା ଭାବମୟତା ଉପରେ ଅଧିକ ଗୁରୁତ୍ୱ ଆରୋପିତ ହେଲା । କ୍ରମଶଃ ଗୀତିକବିତା ହେଲା ଭାବରେ ବିଭୂଷିତ ଅର୍ଥାତ୍ ବ୍ୟକ୍ତିଭାବ ମାଧ୍ୟମରେ ବିଶ୍ୱଭାବକୁ ଗତି କରୁଥିବା ଏକ ଅଧିକ ପ୍ରଭାବଶାଳୀ କ୍ଷୁଦ୍ର ପଦ୍ୟାତ୍ମକ ସୃଷ୍ଟି ।

ଗୀତି କବିତାର ମାଦକତା ଝରଣା ହୋଇ ଝରିଯାଏ, ଯାହାର ଜଳରେ ଶ୍ରୋତା ଓ ପାଠକର ମନକୁମ୍ଭ ଆନନ୍ଦରେ ଭରିଯାଏ । ଏହି ମାଦକତା ପୁଣି ବଂଶୀ ହୋଇ ବାଜି ଉଠେ ଯାହାର ପ୍ରତିଟି ଧ୍ୱନି ଲହର ଲଳିତସଂଗୀତରେ ପରିଣତ ହୁଏ ।

ମସ୍ତିଷ୍କ ଅପେକ୍ଷା ହୃଦୟ ଉପରେ ଅଧିକ ଗୁରୁତ୍ୱ ଦିଆଯାଇ କୁହାଗଲା ଯେ More Stress on imotion than intellect .। ଏହାର ଅର୍ଥ ଏପରି ନୁହେଁ ଯେ ମସ୍ତିଷ୍କକୁ ଅବହେଳା କରାଗଲା, ବରଂ ଏମିତି କୁହାଯାଇପାରେ ଯେ ଗୀତିକବିତାରେ ହୃଦୟବତ୍ତାର ମଧ୍ୟଦେଇ ବୌଦ୍ଧିକତାରେ ପହଞ୍ଚିବାର ଦିଗ୍‌ଦର୍ଶନ ରହିଲା । ତେଣୁ କୁହାଗଲା Appeal to the intellect through heart.

ଭାବବିଭବ ଦୃଷ୍ଟିରୁ ଗୀତିକବିତାର ଅବୟବକୁ ତିନି ଭାଗରେ ବିଭକ୍ତ କରାଯାଇପାରେ । ପ୍ରଥମ ଭାଗରେ ସେହି ଘଟଣା, ସେହି ଦୃଶ୍ୟର କଥା

ଥାଏ ଯାହା କବିଙ୍କୁ ଲେଖନୀଚାଳନା ନିମନ୍ତେ ଅନୁପ୍ରେରଣା ଦେଇଥାଏ । ଏହାର ଅବତାରଣା କେତେକ ପଂକ୍ତିରେ ମାତ୍ର ସୀମିତ ହୋଇ ରହିଥାଏ । ଦ୍ୱିତୀୟ ଭାଗରେ ଥାଏ କବିଚିତ୍ତର ମହିମାମୟ ଐଶ୍ୱର୍ଯ୍ୟ, ଭାବ ବିଭୋରତା ଓ ପ୍ରଭାବଶାଳୀ ଅନୁଚିନ୍ତା । ତୃତୀୟ ଭାଗରେ ଥାଏ କବିଙ୍କର ମନ୍ତବ୍ୟ ଓ ମତାମତ ଯହିଁରେ ବୌଦ୍ଧିକତାର ସ୍ପର୍ଶ ଥାଏ । ଗୀତିକବିତାର ଭାବାଦର୍ଶ ଏହି ଶେଷାଂଶରେ ଦେଖିବାକୁ ମିଳେ ।

ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷରେ ଉଲ୍ଲେଖ କରାଯାଇଛି ଯେ ଗୀତିକବିତା (ଗୀତିକବିତା) ଗୀତ ହେବା ଉଦ୍ଦେଶ୍ୟରେ ରଚିତ କବିତା, A poem intended tobe sung । କବିତାକୁ ପଦ୍ୟ ବୋଲି ଏହି ଗ୍ରନ୍ଥରେ ମଧ୍ୟ କୁହାଯାଇଛି । ଅତଏବ ଗାନଧର୍ମୀ କବିତା ହିଁ ଗୀତି କବିତା । ଆବେଗ ଏହାର ମୂଳକଥା, ଆଦିମ ମାନବର ଅର୍ଥପୂର୍ଣ୍ଣ ଗୁଂଜରଣ ହିଁ ଗୀତି କବିତାର ମୂଳସ୍ୱରୂପ । ସମୟରୁ ସମୟକୁ ଏହାର ଆଙ୍ଗିକତା ଓ ଆତ୍ମିକତାରେ କିଛି କିଛି ପରିବର୍ତ୍ତନ ଦେଖାଦେଇଛି ।

ଗୀତ ଓ ଗୀତିକବିତା ଉଭୟ ଗାନଧର୍ମୀ ହେଲେ ହେଁ ପରସ୍ପର ଭିତରେ ପାର୍ଥକ୍ୟ ରହିଛି । ଗୀତରେ ଶବ୍ଦଗତ ଯଥାଯୋଗ୍ୟତା ଅପେକ୍ଷା ନିର୍ଦ୍ଦିଷ୍ଟ ରାଗ ରାଗିଣୀ ଓ ତାଳଲୟଗତ ମାଦକତା ଅଧିକ ଥିଲାବେଳେ ଗୀତି କବିତାରେ ରାଗ ରାଗିଣୀ ଓ ତାଳ ଲୟ ଅପେକ୍ଷା ଶବ୍ଦ ଉପରେ ଅଧିକ ଗୁରୁତ୍ୱ ଆରୋପିତ ହୁଏ । ନିର୍ଦ୍ଦିଷ୍ଟ ରାଗରାଗିଣୀ ଉପରେ ଗୀତ ନିର୍ଭରଶୀଳ ହେବାର କାରଣ ଏହା ଦ୍ୱାରା ଏଥିରେ ଥିବା ଅବ୍ୟକ୍ତ ଭାବ ଅଧିକ ପ୍ରକଟିତ ହୋଇ ପ୍ରଭାବଶାଳୀ ହୋଇଥାଏ । ସାବିତ୍ରୀ ମହାକାବ୍ୟର କବି ଶ୍ରୀଅରବିନ୍ଦ Letters on Poetry, Literature and Art ଗ୍ରନ୍ଥରେ କହିଛନ୍ତି – " The real differences between song and poem is that a song is written with a view to musical rhythm and a poem is written with the ear listening for the needed poetic rhythm or word - music. These two rhythms are quite different".

ସଂପ୍ରତି କେତେକ ଆଲୋଚକ ଗୀତ ଓ ଗୀତିକବିତା ଭିତରେ ବିଶେଷ ପାର୍ଥକ୍ୟ ନାହିଁ ବୋଲି କହିଥାନ୍ତି । ପ୍ରକୃତରେ ଏ ଦୁଇଟି ଏକା କଥା ନୁହେଁ, ଯଦିଓ ଉଭୟ ଭିତରେ ବହୁ ସାମ୍ୟ ଦେଖିବାକୁ ମିଳେ ।

ସଂକ୍ଷେପରେ କୁହାଯାଇପାରେ ଯେ ସମସ୍ତ କବିତା ହେଉଛି ପଦ୍ୟ ରାଜ୍ୟର ଅନ୍ତର୍ଭୁକ୍ତ । ଏଥିମଧ୍ୟରୁ ମୁକ୍ତଛନ୍ଦର କବିତା ହୋଇଥାଏ ଅଧିକ ପଠନଧର୍ମୀ, ଛନ୍ଦକବିତା ହୋଇଥାଏ ଅଧିକ ଆବୃତ୍ତିଧର୍ମୀ, ସଙ୍ଗୀତ ହୋଇଥାଏ ରାଗତାଳ ଭିତ୍ତିକ ଗାନଧର୍ମୀ ଏବଂ  ଗୀତିକବିତା ଏକାଧାରରେ ହୋଇପାରେ ଆବୃତ୍ତିଧର୍ମୀ ଓ ଗାନଧର୍ମୀ।

◆◆◆

# ଗୀତିକବିତାର ସଂଜ୍ଞା ଓ ସ୍ୱରୂପ

ଗୀତିକବିତା ହେଉଛି ଆଧୁନିକ ସାହିତ୍ୟର ଅନ୍ୟ କେତେକ ବିଭବ ପରି ଏକ ବିଭବ । ଏଥିରେ ଦୁଇଟି ମୁଖ୍ୟ ବିଭାବର ସହାବସ୍ଥାନ ଲକ୍ଷ୍ୟଣୀୟ । ଗୋଟିଏ ହେଉଛି ଗୀତିମୟତା ଓ ଅନ୍ୟଟି ହେଉଛି ଭାବମୟତା । ଗୀତିମୟତା କହିଲେ ଆମେ ଗାନ କରାଯିବାର ଯୋଗ୍ୟତାକୁ ବୁଝିବା । ଏହି ଗାନଧର୍ମିତାର ଅଭିବ୍ୟକ୍ତି ନିର୍ଦ୍ଦିଷ୍ଟ ରାଗରାଗିଣୀରେ ଅଥବା ଭିନ୍ନ ଭିନ୍ନ ସାଧାରଣ ସ୍ୱର ସଜ୍ଜାରେ ସଂଗଠିତ ହୋଇପାରେ । ଭାବମୟତା ହେଉଛି କବିତ୍ୱର ଅନ୍ତର୍ଭୁକ୍ତ ଏକ ବିଶିଷ୍ଟ ବୈଭବ । କେବଳ ଗୀତିମୟତା ଥିଲେ କବିତ୍ୱ ନଥିଲେ ତାହା ଗୀତି କବିତା ହୁଏ ନାହିଁ ଅଥବା କବିତ୍ୱ ଥାଇ ଗୀତିମୟତା ନଥିଲେ ତାହା ମଧ୍ୟ  ଗୀତିକବିତା ହୁଏ ନାହିଁ ।

ପ୍ରାଚୀନ ଓ ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟରେ ଏହାର ପାଖାପାଖି ଯେଉଁ ରୂପାୟନ ଦୃଷ୍ଟିଗୋଚର ହୁଏ, ତାହାକୁ ସଂଗୀତ କୁହାଯାଏ । ଉପଇନ୍ଦ୍ର ଭଞ୍ଜ ସ୍ୱରଚିତ ସଙ୍ଗୀତ (ଚଉପଦୀ) ଗୁଡ଼ିକୁ ଗୀତ ନାମରେ ଅଭିହିତ କରିଛନ୍ତି । ଏଇ ଯେପରି – 'କହଇ ଉପଇନ୍ଦ୍ର ଭଞ୍ଜ ଏ ଗୀତେ/ ହର ପୂଜିବି ମୁହିଁ କାନ୍ତା ନିମନ୍ତେ', ପୁନଶ୍ଚ 'ଗୀତେ ଉପଇନ୍ଦ୍ର ଭଞ୍ଜ ଭଣି' ଇତ୍ୟାଦି । ସଂଗୀତ ହେଉଛି ରାଗରାଗିଣୀର ଭିତ୍ତିରେ ଗାନଯୋଗ୍ୟ ସଂଚରଣଶୀଳ ପଦ୍ୟକୃତି । ଗୀତିକବିତା ହେଉଛି ଉଭୟ ସଂଚରଣଶୀଳ ଓ ଉତ୍ତରଣଶୀଳ ପଦ୍ୟକୃତି । ଏଥିରେ ନିର୍ଦ୍ଦିଷ୍ଟ ରାଗରାଗିଣୀର ବ୍ୟବହାର ଥାଇପାରେ ବା ସାଧାରଣ ସ୍ୱରର ବ୍ୟବହାର ଥାଇପାରେ, ମାତ୍ର ଭାବମୟତାର ଉଚ୍ଚତା ତଥା ଗଭୀରତା ଅବଶ୍ୟ ରହିବ,

ବରଂ ଅଧିକ ରହିବ । ଏହା ସ୍ପଷ୍ଟ ଯେ ଭାବ ହେଉଛି ଗୀତି କବିତାର ଆତ୍ମା, ଭାଷା ହେଉଛି ସୁଠାମ ଅବୟବ, ଏବଂ ଗାନମୟତା ହେଉଛି ପ୍ରାଣଭୂମି ।

ଭିନ୍ନ ଏକ ଜଗତକୁ ନଗଲେ ସାହିତ୍ୟ, ସଂଗୀତ, ନୃତ୍ୟ ବା ଚିତ୍ର କିଛି ସୃଷ୍ଟି କରି ହୁଏ ନାହିଁ । ସାହିତ୍ୟ ସହିତ ଲେଖକ ଓ ପାଠକ, ସଂଗୀତ ସହିତ ଗାୟକ ଓ ଶ୍ରୋତା, ନୃତ୍ୟ ସହିତ ନୃତ୍ୟ ଶିଳ୍ପୀ ଓ ଦର୍ଶକ, ଚିତ୍ରକଳା ସହିତ ଚିତ୍ରକର ଓ ଦ୍ରଷ୍ଟା ଓତପ୍ରୋତ ଭାବରେ ଜଡ଼ିତ, ଗୋଟିଏ ମୁଦ୍ରାର ଦୁଇପାଖ ପରି ପରସ୍ପର ସହ ସମ୍ବନ୍ଧିତ । କହିବାର ତାତ୍ପର୍ଯ୍ୟ ଏହି କି ଯେ ଉଭୟ ଲେଖକ ଓ ପାଠକ, ଗାୟକ ଓ ଶ୍ରୋତା, ନର୍ତ୍ତକ ଓ ଦର୍ଶକ ପୁଣି ଚିତ୍ରଶିଳ୍ପୀ ଓ ଦ୍ରଷ୍ଟା ସେହି ଭିନ୍ନ ଜଗତକୁ ଯିବାକୁ ବାଧ୍ୟ ହୁଅନ୍ତି । କାରଣ ଏ ତେଲଲୁଣର ସଂସାରର ଲାଭକ୍ଷତିର ଅଙ୍କକଷାରେ ସେହି ଜଗତ ନଥାଏ । ସାହିତ୍ୟର ଅନ୍ୟାନ୍ୟ ବିଭବ ପରି ଗୀତିକବିତା ରଚନାକାଳରେ ସ୍ରଷ୍ଟାଙ୍କୁ ଏବଂ ପଠନ କାଳରେ ପାଠକଙ୍କୁ ସେଇ ଜଗତକୁ ଯିବାକୁ ପଡ଼େ । ଶ୍ରୀଅରବିନ୍ଦ ସେହି ସ୍ତରକୁ ସୂକ୍ଷ୍ମ ଭୌତିକ (Subtle Physical) ଜଗତ ବୋଲି କହିଛନ୍ତି ।

**ଗୀତିକବିତାର ସଂଜ୍ଞା :**

ଗୀତିକବିତାର ସ୍ୱୟଂ ସଂପୂର୍ଣ୍ଣ ସଂଜ୍ଞା ନିରୂପଣ କରିବା ଅତ୍ୟନ୍ତ କଠିନ । ଏ ଯାବତ ଯେତିକି ସଂଜ୍ଞା ନିରୂପିତ ହୋଇଛି ତାହା ଯେ ଗୀତିକବିତାର ସର୍ବଶେଷ ଓ ସର୍ବଶ୍ରେଷ୍ଠ ସଂଜ୍ଞା, ଏକଥା କୁହାଯାଇପାରିବ ନାହିଁ । *"NTC'S Disctionary of Literary Terms* ଗ୍ରନ୍ଥରେ କୁହାଯାଇଛି ଯେ *A Strict Definiation of lyric is not possible. However its distinguishing Characterstics are Emotion, Subjectivity, Meldoiousness, Imagination, Description, and (Sometimes) Meditation."* ତେବେ ଏକଥା ସ୍ୱୀକୃତ ଯେ ହୃଦୟର ଅତି ସ୍ୱଚ୍ଛ ଓ ସାନ୍ଦ୍ର ଅଭିବ୍ୟକ୍ତି ଏଇ ଗୀତିକବିତା ମାଧ୍ୟମରେ ଉପସ୍ଥାପିତ ହୋଇପାରେ । ହୃଦୟବତ୍ତାର ସ୍ୱତଃସ୍ଫୂର୍ତ୍ତ ଅଭିବ୍ୟକ୍ତିର ଏହା ହେଉଛି ଏକ ନିର୍ମଳ ଆଲେଖ୍ୟ । ଏହାର ପ୍ରାଚୀନତ୍ୱ ସ୍ୱୀକୃତ । *The New Encyclopedia Britannica*ରେ କୁହାଯାଇଛି - *The purest (or atleast, the most*

*intense) literary form is the lyric poem and after it comes elgiac, epic, dramatic narrative and expository verse."*

ଏବେ ବିଚାର କରିବା ଓଡ଼ିଆ ସାହିତ୍ୟରେ ଥିବା ଗୀତିକବିତାର କଥା । ଭାବ ଏହାର ମୂଳକଥା ଓ ମୁଖ୍ୟକଥା । ଗାନରେ ତାହାର ରମ୍ୟ ଅଭିବ୍ୟକ୍ତି । ତାହା ନିର୍ଦ୍ଦିଷ୍ଟ ନିର୍ଦ୍ଧାରିତ ରାଗରାଗିଣୀରେ ହେଉ ପୁଣି ବିଭିନ୍ନ ବାଦ୍ୟ ସହକାରେ ହେଉ ଅଥବା ଅଳ୍ପ ବାଦ୍ୟ ସହକାରେ ହେଉ, ଏପରିକି କେବଳ କଣ୍ଠସ୍ୱରରେ ହେଉ ଗାନ ନିମନ୍ତେ ଅଭିପ୍ରେତ । ଅତଏବ ଗୀତିକବିତାରେ କବିତ୍ୱ ହିଁ ପ୍ରଥମ କଥା ଓ ପ୍ରଧାନ କଥା । ଗୀତିମୟତା ସମାନ୍ତରାଳ ଭାବରେ ବା ଟିକିଏ ପଛରେ ଗତି କରିଥାଏ । ଯଦି କବିତା ଭାଗ ଅର୍ଥାତ୍ କବିତ୍ୱର ଭାବ ନାହିଁ, ତେବେ ତାହା ଯେତେ ରାଗରାଗିଣୀରେ ଲେଖା ହେଲେ ମଧ୍ୟ ଅଥବା ଯେତେଅଧିକ ବାଦ୍ୟଯନ୍ତ୍ର ସହକାରେ ଗାନକରାଗଲେ ମଧ୍ୟ ତାହା ଗୀତିକବିତା ହେବ ନାହିଁ ।

## ଗୀତି କବିତାର ସୃଷ୍ଟି ଉପାଦାନ :

**ଗାନ ଯୋଗ୍ୟତା ବା ଗୀତିମୟତା –** ଏହା ଗୀତିକବିତାର ଏକ ଉପାଦାନ । ଏହା ନାହିଁ ତ ଗୀତିକବିତା ନାହିଁ । ବରଫ ଓ ତା'ର ଶୀତଳତା, ଅଗ୍ନି ଓ ତା'ର ଦାହିକାଶକ୍ତି, ସମୁଦ୍ର ଓ ତା'ର ତରଙ୍ଗ ପରି ଗୀତିକବିତା ଓ ତା'ର ଗୀତିମୟତା ତଥା ଗାନଯୋଗ୍ୟତା ପରସ୍ପର ସହ ଓତଃପ୍ରୋତ ଭାବରେ ଜଡ଼ିତ । ଗୀତିକବିତାର ସ୍ୱରୂପ ଓ ସ୍ୱଭାବ ସମ୍ପର୍କରେ କହିବାକୁ ଯାଇ ଡକ୍ଟର ଜାନକୀ ବଲ୍ଲଭ ମହାନ୍ତି (ଭରଦ୍ୱାଜ) କହିଛନ୍ତି – ''ସବୁ ପ୍ରକାର କବିତା ଯାହା ବାଦ୍ୟଯନ୍ତ୍ର ସହଯୋଗରେ ଗୀତ ହୋଇଥାଏ ଅଥବା ଯାହାର ଗୀତହେବାର ପ୍ରବଣତା ଥାଏ, ସେହିସବୁ କବିତା ଗୀତି କବିତା ଭାବେ ବିବେଚିତ ହେଲା ।'' (ଓଡ଼ିଆ ଗୀତିକାବ୍ୟ)

ଭାବ, ଚିନ୍ତା ଓ ଅନୁଭବର ତ୍ରିବେଣୀ ସଂଗମ ଗୀତିକବିତାରେ ପରିଦୃଷ୍ଟ ହୁଏ । ଏହା ବ୍ୟକ୍ତି ଚେତନାରୁ ଆରମ୍ଭ ହୋଇ ବିଶ୍ୱ ଚେତନାର ସ୍ତରରେ ପହଞ୍ଚିପାରେ । ଜନର ଅନୁଭବକୁ ସାର୍ବଜନୀନ ଅନୁଭବରେ ରୂପାନ୍ତରିତ କରିଦେବାର ସାମର୍ଥ୍ୟ ଏହାର ଅଛି । ଅତିରଞ୍ଜନ ପ୍ରାୟତଃ ଏଥିରେ ନଥାଏ,

ନଥାଏ ମଧ୍ୟ କଳେବରର ଦୀର୍ଘତା । ବରଂ ଥାଏ ଅଳ୍ପ ଶବ୍ଦରେ ବହୁକଥା କହିବାର ପରିଚ୍ଛନ୍ନ ମାନସିକତା । ଏଥିପାଇଁ ଶବ୍ଦ ଚୟନର କଳାକୌଶଳ ଟିକେ ଭିନ୍ନ । ଭାବାନୁସାରୀ ଶବ୍ଦମାଳାରେ କବିର ଏକ, ଏକାଗ୍ର, ଓ ଏକନିଷ୍ଠ ଅନୁଭବ ରୂପାୟିତ ହୁଏ । ଦର୍ଶନ, ବିଜ୍ଞାନ, ଇତିହାସ, ଜାତୀୟତାବାଦୀ ଚେତନା, ବ୍ୟକ୍ତିଗତ ପ୍ରେମ ଓ ପ୍ରଣୟ, ମିଳନ ଓ ବିରହ, ଆଶା ଓ ନିରାଶା ପୁଣି ଭିନ୍ନଭିନ୍ନ ପ୍ରାକୃତିକ ଦୃଶ୍ୟ ଏଥିରେ ରୂପାୟିତ ହୋଇପାରେ ।

**ଏକମୁଖୀନତା –** ଏକମୁଖୀ ଅନୁଭବ ଓ ଭାବ ବିଭବ ହେଉଛି ଗୀତି କବିତାର ଅନ୍ୟତମ ଗୁଣଧର୍ମ । ହୃଦୟବତ୍ତାର ବେଳାଭୂମିକୁ ଛୁଇଁ ଛୁଇଁ ବୌଦ୍ଧିକତାର ଦିଗ୍‌ବଳୟ ଆଡ଼କୁ ଏହାର ଗତି ଲକ୍ଷ୍ୟଣୀୟ । *A Back Ground to the study of English Literature* ପୁସ୍ତକରେ *B. Prasad* କେତେକ ତତ୍ତ୍ୱ ପ୍ରସଙ୍ଗରେ ଆଲୋଚନା କରିଛନ୍ତି । ତାଙ୍କ ମତାନୁସାରେ, *"Lyric gives expression to a single emotion or feeling. It appeals more to the heart than to the intellect or to be more precise,its appeal to the intellect is through the heart".* ପୁନଶ୍ଚ ***A Glossary of Literary Terms*** *by M.H. Abrams (Seventh Edition)* ରେ କୁହାଯାଇଛି ଯେ - *" A Lyric in any fairly short poem consisting of the utterance by a single speaker, who expresses a state of mind or a process of perception, thought and feeling".* ତୂଣୀରର ଶର ନିର୍ଦ୍ଦିଷ୍ଟ ଏକ ଦିଗରେ ନିକ୍ଷେପିତ ହେଲା ପରି କବି ହୃଦୟ ତୂଣୀରରୁ ଭାବାବେଗ ଗୀତିକବିତା ମାଧ୍ୟମରେ ନିର୍ଦ୍ଦିଷ୍ଟ ଏକ ଦିଗରେ ନିକ୍ଷେପିତ ହୁଏ ।

**ପ୍ରଥମ ପୁରୁଷର ବକ୍ତବ୍ୟ –** ପ୍ରଥମ ପୁରୁଷର ବକ୍ତବ୍ୟ ହେଉଛି ଗୀତିକବିତାର ଅନ୍ୟତମ ଗୁଣଧର୍ମ । ଇଂରାଜୀ ସାହିତ୍ୟ ଓ ଜର୍ମାନୀ ସାହିତ୍ୟରେ ବିଶେଷତଃ ଏହା ଉପରେ ଅଧିକ ଗୁରୁତ୍ୱାରୋପ କରାଯାଇଛି । ଇଂରାଜୀ କବି Ruskin ଙ୍କ ମତରେ "Lyric Poetry is the expression by a poet of his own feelings" ଏଥିରୁ ସ୍ପଷ୍ଟ ହେଉଛି ଯେ Subjectivity ହେଉଛି Lyric Poetry ର ଏକ ବିଶେଷତ୍ୱ । ତଥାପି ସବୁବେଳେ ଯେ ଏପରି ହେବ ତାହାର କିଛି ମାନେ

ନାହିଁ । ଅର୍ଥାତ୍ କବିଙ୍କ ଦ୍ୱାରା ବର୍ଣ୍ଣିତ ଚରିତ୍ର ମଧ୍ୟ କେବେ କେବେ ଏହାର ନାୟକ ହୋଇପାରନ୍ତି । ଏହି ପ୍ରସଙ୍ଗରେ A Glossary of Literary Terms ପୁସ୍ତକରେ (Seventh Edition)ରେ M.H. Abrams କହିଛନ୍ତି - " Although the Lyric is uttered in the first person the I in the poem need not be the poet who wrote it".ଏହି ପ୍ରସଙ୍ଗରେ ଏହା କୁହାଯାଇପାରେ ଯେ ମଧୁସୂଦନ ରାଓଙ୍କ 'ପଦ୍ମ', କୁନ୍ତଳା କୁମାରୀ ସାବତଙ୍କ 'ଶେଫାଳି ପ୍ରତି' ଏବଂ ପଦ୍ମଚରଣ ପଟ୍ଟନାୟକଙ୍କ 'ଧଉଳିପାହାଡ଼' ସମେତ ବହୁ ସୃଷ୍ଟିରେ କବି ପ୍ରଥମ ପୁରୁଷ ହେଲାବେଳେ ପଦ୍ମଚରଣ ପଟ୍ଟନାୟକଙ୍କ 'ପ୍ରବାସୀ ସୈନିକର ଶେଷ ଚିନ୍ତା' ଓ ମଧୁସୂଦନ ରାଓଙ୍କ ଦ୍ୱାରା ଅନୂଦିତ 'ନିର୍ଜନ ଦ୍ୱୀପରେ ନିର୍ବାସିତର ବିଳାପ' ପ୍ରଭୃତିରେ ଯାହାଙ୍କ କଥା ବର୍ଣ୍ଣିତ ହୋଇଛି ସେମାନେ ହୋଇଛନ୍ତି କବିତାର ନାୟକ ।

**ସାଙ୍ଗୀତିକତା** – ସାଙ୍ଗୀତିକତା ହେଉଛି ଅନ୍ୟ ଏକ ବିଶିଷ୍ଟ ଉପାଦାନ । ଉଷ୍ଣତାହୀନ ଅଗ୍ନିର ସ୍ଥିତି ଯେପରି ଅସମ୍ଭବ, ସଂଗୀତମୟତାହୀନ ଗୀତିକବିତାର ସ୍ଥିତି ସେପରି ଅସମ୍ଭବ । ଗୀତିକବିତାକୁ ବାଦ୍ୟଯନ୍ତ୍ର ସହିତ ଗାନ କରାଯାଇପାରେ ଅଥବା ବାଦ୍ୟ ବ୍ୟତୀତ କେବଳ କଣ୍ଠରେ ରୂପାୟନ କରାଯାଇପାରେ । କେବଳ କଣ୍ଠରେ ଉପସ୍ଥାପିତ ହେଲେ ଶବ୍ଦ ଗୁଡ଼ିକ ଉପରେ ଅଧିକ ଗୁରୁତ୍ୱ ଆରୋପିତ ହୁଏ । ପ୍ରାଥମିକ ଅବସ୍ଥାରେ ବାଦ୍ୟଯନ୍ତ୍ରର ପ୍ରୟୋଗ ଅଧିକ ପରିଲକ୍ଷିତ ହେଉଥିବାବେଳେ ପରବର୍ତ୍ତୀ ସମୟରେ ବାଦ୍ୟଯନ୍ତ୍ର ଏତେ ଅଧିକ ଆଦୃତ ହୋଇନାହିଁ । ଶବ୍ଦ ମାଧୁର୍ଯ୍ୟ ଓ ଅର୍ଥ ବୈଭବ ହୋଇଛି ଏହାର ବୈଶିଷ୍ଟ୍ୟ । ଗ୍ରୀକ୍ ସାହିତ୍ୟରେ ପ୍ରଥମେ ଲାୟାର ବାଦ୍ୟଯନ୍ତ୍ରର ଅଧିକ ବ୍ୟବହାର ପରିଲକ୍ଷିତ ହେଉଥିଲେ ହେଁ ପରେ ପରେ ଏହି ବ୍ୟବହାର ହ୍ରାସ ପାଇଛି । ଏହି ପ୍ରସଙ୍ଗରେ B. Prasad ସ୍ୱଲିଖିତ 'A background of literature' ପୁସ୍ତକରେ କହିଛନ୍ତି - " There is sufficient music in the words themselves. The Lyric has become independent of Lyre". ଗୀତିକବିତାର ସାଂଗୀତିକତା ସମ୍ପର୍କରେ R.J. Reesଙ୍କ ମତାମତ ପ୍ରଣିଧାନଯୋଗ୍ୟ । ତାଙ୍କ ମତରେ –"In ordinary language, the word often means a song, the sort of song which was sung in ancient Greece to the Music of Lyre

and which is sung in the modern world to the music of Guitar."

**ଆତ୍ମନିଷ୍ଠତା –** ଆତ୍ମନିଷ୍ଠତା ହେଉଛି ଅନ୍ୟଏକ ଉପାଦାନ । ନିଜ ଦୃଷ୍ଟି ଓ ଅନୁଭବର ଗବାକ୍ଷ ଫାଙ୍କରେ କବି ଗୀତିକବିତାର ରାଜ୍ୟର ଦର୍ଶନ ଓ ମନନ କରେ। କଳ୍ପନା ବିଳାସ ଏଥିରେ ରହେ ମାତ୍ର ଉଦ୍ଭଟତାର କଥା ରହେ ନାହିଁ । ମନରେ କଳ୍ପନାର ସ୍ଥିତି ଓ ପ୍ରସାରଣରେ କଳ୍ପନାର ବିଚିତ୍ର ବିଭୂତି କାଳେକାଳେ ସ୍ୱୀକୃତ । ଜ୍ଞାନ ଓ ଅଜ୍ଞାନତାର ମଧ୍ୟ ଭୂମିରେ ମନର ଅବସ୍ଥିତି ହୋଇଥିବାରୁ ସେ ଯାହା କଳ୍ପନା କରେ ତାହାର ସବୁ କିଛି ଅଜ୍ଞାନତାର ନାମାନ୍ତର ନୁହେଁ ବରଂ କିଛି ଜ୍ଞାନର ଆଭାସ ମଧ୍ୟ ଏଥିରେ ନିହିତ । ଅତଏବ କଳ୍ପନା ହେଉଛି ବାସ୍ତବତା ଓ ସମ୍ଭାବନା ମଧ୍ୟରେ ଏକ ସୁବର୍ଣ୍ଣ ସେତୁ । କଳ୍ପନା ଏକ ଅସ୍ତ୍ର ଯାହାର ବ୍ୟବହାର କରି ଅନ୍ୟକୁ ନ୍ୟାୟ ଦେଇହୁଏ, ଅନ୍ୟର କ୍ଷତି ନୁହେଁ ସୁରକ୍ଷା କରାଯାଇପାରେ । ଯେଉଁ କବିଙ୍କର ଅନୁଭବ ଯେତେ ତୀବ୍ର ଓ ସାନ୍ଦ୍ର, ତାଙ୍କର ଗୀତିକବିତାର ଆବେଦନ ସେତେ ମାର୍ମିକ ଓ ଅଭିନବ ।

**ସଂକ୍ଷିପ୍ତତା –** ସଂକ୍ଷିପ୍ତତା ହେଉଛି ଅନ୍ୟତମ ଉପାଦାନ । କବିଙ୍କର କ୍ଷଣିକ ଅନୁଭବରୁ ଏହାର ସୃଷ୍ଟି ହୋଇଥିବାରୁ ଏହା ସଂକ୍ଷିପ୍ତ ହେବାକୁ ବାଧ୍ୟ । ଅଳ୍ପକ୍ଷଣର ଭାବାବେଗ ଏଥିରେ ମୂର୍ତ୍ତ ହେଉଥିବାରୁ ଏହାର କଳେବର କ୍ଷୁଦ୍ର । ଆମେରିକାର କବି Edgar Allan Poଙ୍କ ମତରେ "A long lyric was not possible, as that degree of excitment which would entitle a poem to be so called at all, can not be sustained through a composition of any great length".

**ସ୍ୱତଃସ୍ଫୂର୍ତ୍ତତା –** ସ୍ୱତଃସ୍ଫୂର୍ତ୍ତତା ହେଉଛି ଅନ୍ୟତମ ଉପାଦାନ । ମନୁଷ୍ୟର ସୂକ୍ଷ୍ମ ମନରୁ ଏହାର ସୃଷ୍ଟି ।  ଗଭୀର ଆବେଗରେ ହୃଦୟ ସ୍ପନ୍ଦିତ ହେଲେ ଗୀତିକବିତାର ଆତ୍ମପ୍ରକାଶ ଘଟିଥାଏ । ଚେଷ୍ଟା କରି ଗୀତିକବିତା ଲେଖିହୁଏ ନାହିଁ, ଏହା ସ୍ୱତଃ ଗିରି ଝରଣା ପରି ଝରିଆସେ, ମଳୟ ପବନ ପରି ମନ୍ଦ ମଧୁର ଗତିରେ ପ୍ରବାହିତ ହୁଏ, ଫୁଲଟିଏ ଫୁଟିଲାପରି ଆପେ ଆପେ ପ୍ରକଟିତ ହୁଏ । ଗୀତିକବିତା ତାହାର ଉପଯୁକ୍ତ ମାଧ୍ୟମ ଅର୍ଥାତ୍ କବି ମାଧ୍ୟମରେ ନିଜକୁ ନିଜେ ଲେଖାଇନିଏ । କଲମ ଧରି ଲେଖିବି ଭାବିଲେ ଗୀତି କବିତା ଆସେ ନାହିଁ

ବରଂ ଗୀତିକବିତା ଆସିଲେ କଲମ ଅବାରିତ ଗତିରେ ଆଗେଇଚାଲେ । ଏଇ ଅନୁଭବ ପ୍ରତ୍ୟେକ ଗୀତିକବିଙ୍କର ଥିବ । ଅଜଣା ରାଇଜରୁ ଆସି ସେତେବେଳେ ଶବ୍ଦମାନେ ମଧୁମଖା ହୋଇଯାଆନ୍ତି ଲେଖନୀ ମୁନରେ । ସେତେବେଳେ ସୁକୁମାର ଚିତ୍ତବୃତ୍ତିଟିଏ ହୋଇଥାଏ ବଳିଷ୍ଠ ମାଧ୍ୟମ ମାତ୍ର ।

**ବର୍ତ୍ତମାନତା –** ବର୍ତ୍ତମାନତା ହେଉଛି ଗୀତିକବିତାର ଅନ୍ୟତମ ଉପାଦାନ । ଅର୍ଥାତ୍ ଏହା ବର୍ତ୍ତମାନ କାଳରେ ରଚିତ ହୁଏ । କହିବାର ତାତ୍ପର୍ଯ୍ୟ ଏହି କି ଯେ, କୌଣସି ଘଟଣା ଦୃଶ୍ୟ ବା ଅନୁଭବକୁ ତତ୍କାଳରେ ଗୀତିକବିତାରେ ରୂପାୟିତ କରାଯାଇଥାଏ । ଏହି ପ୍ରସଙ୍ଗରେ Lyric ପୁସ୍ତକରେ David Lyndley ମତ ଦିଅନ୍ତି ଯେ Lyric deals in the present tense, with the immediacy of felt experience.

**ଭାବାବେଗର ତୀବ୍ରତା –** ଭାବାବେଗର ତୀବ୍ରତା ହେଉଛି ଏହାର ଅନ୍ୟତମ ଉପାଦାନ । ଯେତେବେଳେ କୌଣସି ସ୍ମୃତି ପ୍ରାକୃତିକ ଦୃଶ୍ୟ ତଥା ସୂକ୍ଷ୍ମ ଅନୁଭବ କବିଚିତ୍ତକୁ ଗଭୀର ଭାବରେ ଆଲୋଡ଼ିତ କରେ ସେତେବେଳେ ଗୀତିକବିତାର ସଂରଚନା ସମ୍ଭବ ହୁଏ । ଅନୁଭବ ତୀବ୍ର ନହେବା ପର୍ଯ୍ୟନ୍ତ କେବଳ ମାନସିକ ସ୍ତରରେ ଏହାର ସଂରଚନା ପାଇଁ ପ୍ରସ୍ତୁତି ଚାଲିଥାଏ ଏବଂ ଏହାକୁ ଧରି ରଖିବା ପାଇଁ ତୁଣ୍ଡରେ ଗୁଞ୍ଜନ ସୃଷ୍ଟି ହେଉଥାଏ । ଏହି ପ୍ରସଙ୍ଗରେ Lyric ପୁସ୍ତକରେ David Lyndley କହନ୍ତି – "There can be no doubt that, Lyrics frequently do concentrate on single moment of hightened awareness of feelings''.

## ଗୀତି କବିତାର ଅଙ୍ଗସଜ୍ଜା :

ଗୀତିକବିତାର ଅବୟବକୁ ମୁଖତଃ ତିନି ଭାଗରେ ବିଭକ୍ତ କରାଯାଇପାରେ । ପ୍ରଥମ ଭାଗଟି ହେଉଛି ଯେଉଁ ବସ୍ତୁ, ଘଟଣା ବା ପରିବେଶ ଯାହା କବିଙ୍କୁ ଆକୃଷ୍ଟ କରେ, ତାହାକୁ 'Motive' ବୋଲି କୁହାଯାଏ ଯାହାର ଅର୍ଥ ହେଉଛି Cause of emotional movement । ଦ୍ୱିତୀୟ ଭାଗଟି କବିଙ୍କର ଚିନ୍ତା ଓ ଚେତନା ଉପରେ ପ୍ରକଟିତ ଓ ପ୍ରତିଷ୍ଠିତ ହୋଇଥାଏ । ଅନୁଧ୍ୟାନ, ଅନୁଶୀଳନ ତଥା ପ୍ରଥମ ଭାଗଟିକୁ ବିଶ୍ୱାୟିତ କରିଦେବାର ପ୍ରୟାସ ଓ ପ୍ରଚେଷ୍ଟା

ଏହାର ଅନ୍ତର୍ଭୁକ୍ତ । ଗୋଟିଏ ଉଦାହରଣ ଦେଲେ କଥାଟି ଅଧିକ ସ୍ପଷ୍ଟ ହେବ । 'ଶେଫାଳି ପ୍ରତି' କବିତାରେ ପ୍ରଥମ ଭାଗରେ ଶେଫାଳିର ସାଧାରଣ ବର୍ଣ୍ଣନା କରାଗଲାବେଳେ ଦ୍ୱିତୀୟ ଭାଗରେ କବିଙ୍କର ଦାର୍ଶନିକ ଅନୁଚିନ୍ତା ତଥା ମନନଶୀଳତା ଆତ୍ମପ୍ରକାଶ କରିଛି । ସେହିପରି ଭାବରେ 'ପଦ୍ମ' କବିତାର ପ୍ରଥମ ଅଂଶରେ ପଦ୍ମର ସାଧାରଣ ବର୍ଣ୍ଣନା ପ୍ରଦତ୍ତ ହେଲେ ମଧ୍ୟ ପରବର୍ତ୍ତୀ ଅଂଶରେ କବିଙ୍କର ଜୀବନ ଚିନ୍ତା ଓ ଦାର୍ଶନିକତା ପ୍ରକଟିତ ହୋଇଛି । ଦ୍ୱିତୀୟ ଭାଗରେ ଅର୍ଥାତ୍ ପରବର୍ତ୍ତୀ ଅଂଶରେ କବି କୁନ୍ତଳା କୁମାରୀ ଓ ମଧୁସୂଦନ ଉଭୟ ବ୍ୟକ୍ତିଗତ ପରିତଳରୁ ବିଶ୍ୱଗତ ପରିତଳକୁ ଗତି କରିଛନ୍ତି । ତୃତୀୟ ବିଭାଗଟି ହେଉଛି ମନ୍ତବ୍ୟ ମୂଳକ ଅଭିବ୍ୟକ୍ତି, ନିଷ୍ପତ୍ତିମୂଳକ ଉକ୍ତି ପୁଣି ହର୍ଷ ବା ବିଷାଦ, ଆଶା ବା ନିରାଶା ଭିତ୍ତିକ ପରିସମାପ୍ତି ଯାହାକୁ Judgement ଅଥବା Parting Smile ବୋଲି କୁହାଯାଏ ।

ଏକଥା ସ୍ୱୀକୃତ ଯେ ଅତି କଠୋର ଭାବେ ତିନିଗୋଟି କଥା କବି ଲେଖନୀରେ ମୂର୍ତ୍ତିମନ୍ତ ହେବ ଏପରି ନୁହେଁ, ଏଥିରୁ ଦୁଇଗୋଟି କଥାର ଉପସ୍ଥାପନା ମଧ୍ୟ ଗୀତିକବିତାର ସାର୍ଥକତା ଆଣିବାକୁ କ୍ଷମ ହୋଇଥାଏ । ବୌଦ୍ଧିକ ସମାପ୍ତି କେତେଗୁଡ଼ିଏ ଗୀତିକବିତାରେ ନଥିଲେ ମଧ୍ୟ ସେଗୁଡ଼ିକ ଉଚ୍ଚକୋଟିର ସୃଷ୍ଟିର ମର୍ଯ୍ୟାଦା ଲାଭ କରିଥାଆନ୍ତି ।

**ଗୀତିକବିତାର ବୈଶିଷ୍ଟ୍ୟ :**

୧ – ଆକାରରେ କ୍ଷୁଦ୍ର ।

୨ – ଭାବଧର୍ମୀ ଓ ଭାବନାଧର୍ମୀ ।

୩ – ଗାନଧର୍ମୀ ଓ ଆବୃତ୍ତିଧର୍ମୀ ।

୪ – ବ୍ୟକ୍ତିଗତ ଅନୁଭୂତିମୂଳକ ।

୫ – ଶ୍ରୁତି ମଧୁର ।

୬ – ସ୍ୱତଃସ୍ଫୂର୍ତ୍ତ ଓ ମାର୍ମିକ ।

୭ – ହୃଦୟବତ୍ତାରୁ ବୌଦ୍ଧିକତା ଅଭିମୁଖୀ ।

ତେବେ ନିଷ୍କର୍ଷରେ ଏତିକି କୁହାଯାଇ ପାରେ ଯେ ପ୍ରାଚୀନ ଓ ମଧ୍ୟଯୁଗୀୟ ଚଉପଦୀ, ଚଉତିଶା, କୋଇଲି, ଗାହା, ଦୋହା, ପୋଇ, ଭଜନ, ଜଣାଣ ପ୍ରଭୃତି ଗୀତଗୁଡ଼ିକୁ ଆମେ ପ୍ରାଚୀନ ଗୀତିକବିତା ଭାବରେ ଗ୍ରହଣ କରିପାରିବା । ଭଜନ, ଜଣାଣ, ସମ୍ବୋଧଗୀତି, ଶୋକଗୀତି, ଚତୁର୍ଦ୍ଦଶପାଦୀ କବିତା, ବ୍ୟକ୍ତିଗତ ଭାବାବେଗ ଭିତ୍ତିକ ଗାନଧର୍ମୀ କବିତା, ଜାତୀୟତାବାଦୀ ଗାନଧର୍ମୀ କବିତା ପ୍ରଭୃତି ସୃଷ୍ଟି ସମ୍ଭାରକୁ ଆମେ ଆଧୁନିକ ଗୀତି କବିତା ଭାବେ ଗ୍ରହଣ କରିପାରିବା ।

ମୋଟାମୋଟି ଭାବରେ ଭଜନ, ଜଣାଣକୁ ଛାଡ଼ିଦେଲେ ଆଧୁନିକ ଗୀତିକବିତାରେ ଆଧୁନିକ ଜୀବନର ଦାର୍ଶନିକ, ସାମାଜିକ, ସାଂସ୍କୃତିକ, ରାଷ୍ଟ୍ରନୈତିକ ତଥା ବିଶ୍ୱଜନୀନ ଅନୁଭବର କଳାତ୍ମକ ଅଭିବ୍ୟକ୍ତି ରହିବା ବାଞ୍ଛନୀୟ । ବହୁ କଥାକୁ ଅଳ୍ପ ଶବ୍ଦରେ କହିବାର ମାନସିକତା ହିଁ ଆଧୁନିକତା । ଏହି ମାନସିକତା ଆଧୁନିକ ଗୀତିକବିତାରେ ସ୍ପଷ୍ଟ ଭାବରେ ପ୍ରକଟିତ ହୋଇଥାଏ ।

◆◆◆

# ଆଧୁନିକ ଓଡ଼ିଆ ଗୀତିକବିତାର ଭିତ୍ତିଭୂମି

***''ରୀତିକାଳୀନ ଗୀତି – ସାହିତ୍ୟ ଥିଲା ସଂପୂର୍ଣ୍ଣ ବସ୍ତୁନିଷ୍ଠ ଭାବନାରେ ପରିପୂର୍ଣ୍ଣ । କ୍ୱଚିତ ପ୍ରଚ୍ଛନ୍ନ ଭାବରେ ବ୍ୟକ୍ତି ଜୀବନର ଅନୁଭୂତି ରୂପାୟିତ ହେଉଥିଲା ମାତ୍ର ବର୍ତ୍ତମାନ କାଳର ଗୀତିକାରଗଣ ସମାଜ ଜୀବନର ନାନା ସୁଖ – ଦୁଃଖ, ସ୍ନେହ – ପ୍ରେମର କାହାଣୀକୁ ଉପଜୀବ୍ୟ କରି ଗୀତ ରଚନା କରିଥାଆନ୍ତି । କବି ଜୀବନର ନିବିଡ଼ ଅନୁଭୂତି ରସାଳ ଭାବନାରେ ରୂପାୟିତ ହୋଇ ସଂଗୀତର ମାଧ୍ୟମ ହୋଇଯାଏ ।''*** *(ସାହିତ୍ୟ ମନୀଷା – ପଠାଣି ପଟ୍ଟନାୟକ)*

ପ୍ରଥମେ ଆଧୁନିକ ଶବ୍ଦର ଅର୍ଥ ଆମେ ବୁଝିବା । ଆଧୁନିକ କହିଲେ ଏକଥା ବୁଝିବାକୁ ହେବ ନାହିଁ ଯେ ଏହା ପ୍ରାଚୀନର ବିପରୀତ ଧର୍ମୀ ଏକଶବ୍ଦ ବା କିଛି କଥାକୁ ପୁରୁଣା ଓ ଅଲୋଡ଼ା କରିଦେବାକୁ ଏହାର ଆବିର୍ଭାବ । ପ୍ରକୃତରେ ଆଧୁନିକତା ଏକ ମାନସିକତା ଯାହା ପ୍ରଚଳିତ ଧାରାରେ କିଛି ପରିବର୍ତ୍ତନ ସହ କିଛି ନୂତନତା ଆଣିଦିଏ । ଏଇ ପରିବର୍ତ୍ତନ ଏବଂ ନୂତନତା ଆଙ୍ଗିକ ଅଥବା ଆତ୍ମିକ ହୋଇପାରେ । ଏଇ ପରିପ୍ରେକ୍ଷୀରେ ଦେଖିଲେ ସାରଳା ଦାସ ତାଙ୍କ ସମୟରେ ଯେପରି ଆଧୁନିକ ଥିଲେ, ଉପେନ୍ଦ୍ର ଭଞ୍ଜ ତାଙ୍କ ନିଜ ସମୟରେ ସେପରି ଆଧୁନିକ ଥିଲେ । ଆଧୁନିକତା ହେଉଛି କ୍ରମ ବିକଶିତ ତାତ୍‌କାଳିକ ଏକ ମାର୍ଜିତ ଅନୁଚିନ୍ତା । ପ୍ରାଚୀନକୁ ପାଦରେ ଆଡ଼େଇ ନ ଦେଇ ଯଥାର୍ଥ ଆଧୁନିକତା ଏଥିରୁ ଆବଶ୍ୟକ ରସ ସଂଗ୍ରହ କରିଥାଏ ।

ଏବେ ଆଧୁନିକ ଓଡ଼ିଆ ଗୀତିକବିତା ଉପରେ କିଛି ଆଲୋକପାତ କରିବା । ଏହା ଲକ୍ଷ୍ୟ କରିବାର କଥା ଯେ ଗୀତିକବିତା ସଂପର୍କରେ ଆଲୋଚନା ଏବେ ଅପେକ୍ଷାକୃତ ଅଧିକ ହେଉଛି । ଗୀତିକବିତା ପୁସ୍ତକର ପ୍ରକାଶନ ସଂଖ୍ୟା କ୍ରମଶଃ ଅଧିକ ହେବାର ଲକ୍ଷ୍ୟ କରାଯାଉଛି । କେତେକ ସାରସ୍ୱତ ଅନୁଷ୍ଠାନ କେତେଜଣ ଗୀତି କବିଙ୍କର ସୃଷ୍ଟିକୁ ନେଇ ଏକଏକ ସଂକଳନ ପ୍ରସ୍ତୁତ କରୁଛନ୍ତି । ଓଡ଼ିଶା ସଂଗୀତ ନାଟକ ଏକାଡ଼େମୀ (ଭୁବନେଶ୍ୱର), ଓଡ଼ିଆ ଗୀତିକବି ସମାଜ (କଟକ), ବନଜ୍ୟୋସ୍ନା ସାହିତ୍ୟ ସଂସଦ (ଫୁଲବାଣୀ), ରସରାଜଗୀତିକୁଞ୍ଜ ଟ୍ରଷ୍ଟ (ଭୁବନେଶ୍ୱର) ଏବଂ କେଦାରନାଥ ଗବେଷଣା ପ୍ରତିଷ୍ଠାନ (ଭୁବନେଶ୍ୱର), ଏକାମ୍ର ଗୀତିମଞ୍ଚ ପ୍ରଭୃତି ବିଶିଷ୍ଟ ଅନୁଷ୍ଠାନମାନ ଗୀତିକବିତାର ଆଲୋଚନା ପାଇଁ ସୁଯୋଗ ସୃଷ୍ଟି କରୁଛନ୍ତି । 'ଝଙ୍କାର', 'ସହକାର','କାବ୍ୟଲୋକ : ସମୟର ଶଙ୍ଖନାଦ' ଓ 'ସାବିତ୍ରୀ', 'ଗୋଧୂଳି', 'ଆଧୁନିକ', 'ଚିରସମର୍ଥା' ସମେତ  କେତେକ ସାହିତ୍ୟ ପତ୍ରିକାରେ ଅନ୍ୟାନ୍ୟ ବିଭାଗ ପରି ଗୀତିକବିତା ବିଭାଗକୁ ସନ୍ନିବେଶିତ କରାଯାଇଛି ।

ପ୍ରାଚୀନ ଓଡ଼ିଆ ଗୀତିକବିତା ସଂପର୍କରେ ଉକ୍ତ ପ୍ରବନ୍ଧରେ ଆଲୋଚନା କରାଯାଉନାହିଁ । ଆଧୁନିକ ଓଡ଼ିଆ ଗୀତିକବିତା ସଂପର୍କରେ ତଥା ଏହାର ପୃଷ୍ଠଭୂମି ଉପରେ କିଞ୍ଚିତ ଆଲୋଚନା ନିମ୍ନରେ ପ୍ରଦତ୍ତ । ଏହି ପୃଷ୍ଠଭୂମିଟି କେବଳ ଗୀତିକବିତାର ନୁହେଁ ଆଧୁନିକ ଓଡ଼ିଆ ସାହିତ୍ୟର ବିବିଧ ବିଭବ ପାଇଁ ମଧ୍ୟ ସତ୍ୟ, ଅର୍ଥାତ୍ ଗଳ୍ପ, ନାଟକ, ଉପନ୍ୟାସ, ରମ୍ୟରଚନା, ପ୍ରବନ୍ଧ, କବିତା ପ୍ରଭୃତି ପ୍ରତ୍ୟେକ ପାଇଁ ସତ୍ୟ ।

୧. **ଓଡ଼ିଶାରେ ଇଂରେଜ ଶିକ୍ଷା ଓ ଶାସନର ପ୍ରଭାବ ।**
୨. **ଓଡ଼ିଆ ପତ୍ର ପତ୍ରିକାର ପ୍ରକାଶନ ।**
୩. **ଓଡ଼ିଆ ଭାଷା – ସୁରକ୍ଷା ଆନ୍ଦୋଳନ ।**
୪. **ପାଶ୍ଚାତ୍ୟ ସାହିତ୍ୟର ପ୍ରଭାବ ।**
୫. **ପରଂପରାର ଅନୁଶୀଳନ ।**

**୧– ଓଡ଼ିଶାରେ ଇଂରେଜ ଶିକ୍ଷା ଓ ଶାସନର ପ୍ରଭାବ :**

ଇଂରେଜମାନେ ୧୮୦୩ ମସିହାରେ ଓଡ଼ିଶା ଅଧିକାର କରିଥିଲେ ହେଁ ପ୍ରଥମରୁ ଇଂରାଜୀ ଶିକ୍ଷାର ପ୍ରଚଳନ ପ୍ରତି ବିଶେଷ ଗୁରୁତ୍ୱ ଦେଇନଥିଲେ ।

ଏହାର କାରଣ ହେଉଛି ଇଷ୍ଟଇଣ୍ଡିଆ କଂପାନୀର ଶିକ୍ଷା ବିସ୍ତାର ନିମନ୍ତେ କୌଣସି ଲକ୍ଷ୍ୟ ନଥିଲା । ପରେ ଅର୍ଥାତ୍ ୧୮୨୨ ମସିହାରେ ମିଶନାରୀମାନେ ଓଡ଼ିଶାକୁ ଆସି ଶିକ୍ଷା କ୍ଷେତ୍ରରେ କେତେକ ନୂତନ ପଦ୍ଧତିର ପ୍ରଚଳନ କରାଇଲେ । ଇଂଲଣ୍ଡରୁ ଆସିଥିବା ପ୍ରଥମ ପାଦ୍ରିଙ୍କ ନାମ ଥିଲା ରେଭେରେଣ୍ଡ ମିଷ୍ଟର କ୍ୟାମ୍ପବୋନ୍ । ୧୮୨୩ ମସିହା ଅକ୍ଟୋବର ମାସରେ କଟକ ଇଂଲିଶ ଚାରିଟି ସ୍କୁଲ କଟକରେ ମିଶନାରୀମାନଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା । ୧୮୩୦ ମସିହା ବେଳକୁ କଟକର ମଫସଲ ଅଞ୍ଚଳରେ ମଧ୍ୟ କେତେଗୋଟି ବିଦ୍ୟାଳୟ ମିଶନାରୀମାନେ ପ୍ରତିଷ୍ଠା କରିଥିଲେ । ପ୍ରଥମେ– ପ୍ରଥମେ ଇଷ୍ଟଇଣ୍ଡିଆ କଂପାନୀ ତତ୍କାଳୀନ ମିଶନାରୀମାନଙ୍କୁ ଯଥେଷ୍ଟ ଉତ୍ସାହ ଦେଉନଥିଲେ ହେଁ ପରେପରେ ସେମାନଙ୍କୁ ଧର୍ମପ୍ରଚାର ଓ ଶିକ୍ଷାବିସ୍ତାର ପାଇଁ ଆବଶ୍ୟକୀୟ ଅନୁମତି ପ୍ରଦାନ କରିଥିଲେ । ୧୮୩୩ ମସିହାରେ କଂପାନୀର ନୂତନ ସନନ୍ଦ ପାଇ ମିଶନାରୀମାନେ ସହଜରେ ଧର୍ମପ୍ରଚାର ଓ ଶିକ୍ଷାବିସ୍ତାର କାର୍ଯ୍ୟରେ ଲାଗିପଡ଼ିଲେ । ୧୮୩୫ ମସିହା ଫେବୃୟାରୀ ୨ ତାରିଖରେ ଲର୍ଡ଼ ମେକଲେଙ୍କର ନୂତନ ଶିକ୍ଷାନୀତି ଘୋଷିତ ହେଲା । ଏହି ଶିକ୍ଷାନୀତି ଭିତରେ ମୁଖ୍ୟତଃ ଦୁଇଗୋଟି ପ୍ରସ୍ତାବକୁ ଅଧିକ ମର୍ଯ୍ୟାଦା ମିଳିଥିଲା । ସେ ଦୁଇଟି ଏହିପରି –

୧. ***କଂପାନୀର ଶିକ୍ଷାବିସ୍ତାର ପାଇଁ ରହିଥିବା ସମସ୍ତ ଅର୍ଥ ପାଶ୍ଚାତ୍ୟର ଜ୍ଞାନବିଜ୍ଞାନ ପ୍ରସାରଣରେ ବ୍ୟୟିତ ହେବ ।***

୨. ***ପାଶ୍ଚାତ୍ୟଜ୍ଞାନ ଏକମାତ୍ର ଇଂରାଜୀ ଭାଷା ମାଧ୍ୟମରେ ପ୍ରଦତ୍ତ ହେବ ।***

ପ୍ରାୟ ଏକମାସ ପରେ ଅର୍ଥାତ୍ ତା ୭.୩.୧୮୩୫ ରିଖରେ ଏହି ପ୍ରସ୍ତାବକୁ ଲର୍ଡ଼ ଉଇଲିୟମ୍ ବେଣ୍ଟିକ ସରକାରୀ ଶିକ୍ଷାନୀତି ରୂପେ ଗ୍ରହଣ କରିନେଇଥିଲେ ଏବଂ ଏକ ଶିକ୍ଷାନୀତିର ଘୋଷଣା କରିଥିଲେ, ଯଥା –

୧. ***ପାଶ୍ଚାତ୍ୟର ସାହିତ୍ୟ ଓ ଜ୍ଞାନବିଜ୍ଞାନର ପ୍ରଚାର ନିମନ୍ତେ ଇଂରେଜୀ ଶିକ୍ଷା ଦିଗରେ କଂପାନୀର ସମସ୍ତ ଅର୍ଥ ବ୍ୟୟ କରାଯିବ ।***

୨. ***ଦେଶୀୟ ବିଦ୍ୟାଳୟରେ ପଢୁଥିବା ଛାତ୍ରମାନଙ୍କୁ ଆଉ ବୃତ୍ତି ଦିଆଯିବ ନାହିଁ ।***

୩. *ପ୍ରାଚ୍ୟ – ବିଦ୍ୟାଭିତ୍ତିକ କୌଣସି ପୁସ୍ତକ ପ୍ରକାଶନରେ କଂପାନୀର ଅର୍ଥ ବିନିଯୁକ୍ତ ହେବ ନାହିଁ ।*

୪. *ଇଂରାଜୀ ଜ୍ଞାନ ବିଜ୍ଞାନ କେବଳ ଇଂରାଜୀ ଭାଷା ମାଧ୍ୟମରେ ପ୍ରଚାରିତ ହେବ ।*

୧୮୩୫ ମସିହାରେ ପୁରୀରେ ଗୋଟିଏ ଇଂରାଜୀ ସ୍କୁଲ ପ୍ରତିଷ୍ଠିତ ହେଲା । ୧୮୪୧ ମସିହାରେ ୧୮୨୩ ମସିହାରୁ ପ୍ରତିଷ୍ଠିତ କଟକ ଚାରିଟି ସ୍କୁଲ ସରକାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱବଧାନକୁ ଆସିଲା । ୧୮୪୬ ମସିହା ବେଳକୁ ସରକାରଙ୍କ ଦ୍ୱାରା ୮ ଗୋଟି ସ୍କୁଲ ପରିଚାଳିତ ହେଲା । ୧୮୫୩ ମସିହାରେ ବାଲେଶ୍ୱର ଓ ପୁରୀରେ ସ୍କୁଲ ଖୋଲିବା ପାଇଁ ଘୋଷଣା କରାଗଲା । ୧୮୫୪ ମସିହାରେ 'ଉଡ୍‌ସ୍ ଡେସ୍ପାଚ'ଙ୍କ ଦ୍ୱାରା ତତ୍‌କାଳୀନ ପ୍ରଚଳିତ ଶିକ୍ଷାନୀତିରେ କିଛି କିଛି ପରିବର୍ତ୍ତନ ଆସିଲା । ସେଗୁଡ଼ିକ ଏହିପରି –

୧. *ଏକ ସ୍ୱତନ୍ତ୍ର ଶିକ୍ଷା ବିଭାଗ ଗଠନ ଏବଂ ବିଶ୍ୱବଦ୍ୟାଳୟମାନଙ୍କର ସୃଷ୍ଟି ନିମନ୍ତେ ଅନୁକୂଳ ମାନସିକତା ।*

୨. *ବିଭିନ୍ନ ସ୍ତରର ଶିକ୍ଷାନୁଷ୍ଠାନମାନଙ୍କ ନିମନ୍ତେ ଗ୍ରାଣ୍ଟ– ଇନ୍ – ଏଡ୍‌ର ନୀତି ଘୋଷଣା ।*

୩. *ଶିକ୍ଷକମାନଙ୍କ ନିମନ୍ତେ ତାଲିମ ବ୍ୟବସ୍ଥା ।*

କ୍ରମେକ୍ରମେ ପରିବର୍ତ୍ତିତ ଶିକ୍ଷାନୀତିକୁ ଭିତ୍ତିକରି ଶିକ୍ଷାନୁଷ୍ଠାନମାନ ଅଧିକ ସଂଖ୍ୟାରେ ଗଢ଼ିଉଠିଲା । ୧୮୫୯ – ୬୦ ମସିହା ବେଳକୁ ଓଡ଼ିଶାରେ ସରକାରୀ ସାହାଯ୍ୟ ପ୍ରାପ୍ତ ସ୍କୁଲ ସଂଖ୍ୟା ହୋଇଥିଲା ୩୦ । ୧୮୬୩ – ୬୪ ମସିହା ବେଳକୁ ଏହି ସଂଖ୍ୟା ବୃଦ୍ଧି ପାଇ ୪୪ ରେ ପହଞ୍ଚିଲା । ୧୮୬୯ – ୭୦ ମସିହା ବେଳକୁ ଓଡ଼ିଶାରେ ସ୍କୁଲ ସଂଖ୍ୟା ହୋଇଥିଲା ୯୫ । ୧୮୬୮ ମସିହାରେ ଆର୍.ଏଲ୍. ମାର୍ଟିନ ଓ ରେଭେନ୍‌ସା ସାହେବଙ୍କ ମିଳିତ ପ୍ରଚେଷ୍ଟାରେ କଟକ ହାଇସ୍କୁଲ ସହିତ କଲେଜ କ୍ଲାସ ଆରମ୍ଭ ହୋଇଥିଲା । ଏହାକୁ କଟକ କଲେଜ

ବୋଲି କୁହାଯାଉଥିଲା । ପ୍ରଥମ ବର୍ଷ ଏହି କଲେଜରେ ୬ଜଣ ନାମଲେଖାଇଥିବାରୁ ଓଡ଼ିଶାରେ କଲେଜ ଶିକ୍ଷା ଏକ ପ୍ରହସନ ବୋଲି ଜନରବ ଶୁଣାଯାଇଥିଲା । ୧୮୭୦ ମସିହା ପରେ କାମ୍ବେଲ ସାହେବଙ୍କ ପ୍ରବର୍ତ୍ତିତ ଶିକ୍ଷାନୀତିରେ ଶିକ୍ଷାକ୍ଷେତ୍ରରେ ଅଗ୍ରଗତି ନିମନ୍ତେ ପୁରସ୍କାରର ବ୍ୟବସ୍ଥା ରହିଲା । ବସ୍ତୁତଃ ୧୮୭୦ ମସିହା ପରେ ଓଡ଼ିଶାର ଶିକ୍ଷାକ୍ଷେତ୍ରରେ ବହୁ ଉନ୍ନତି ପରିଲକ୍ଷିତ ହେଲା । ଏହି ନୂଆ ଶିକ୍ଷା ଧାରାରେ ଶିକ୍ଷିତ ହୋଇଥିବା ଓଡ଼ିଆମାନଙ୍କ ସଂଖ୍ୟା କ୍ରମଶଃ ବଢ଼ିବାରେ ଲାଗିଲା । ବିଦ୍ୟାର ଆଦର ବଢ଼ିବା ସଙ୍ଗେ ସଙ୍ଗେ ଆଧୁନିକ ସାହିତ୍ୟ ସୃଷ୍ଟି ନିମନ୍ତେ ଆଗ୍ରହ ଓ ଆନ୍ତରିକତା ମଧ୍ୟ ବଢ଼ିଲା ।

ଇଂରେଜମାନେ ଓଡ଼ିଶା ଅଧିକାର କରିବା ପୂର୍ବରୁ ମରହଟ୍ଟା ଓ ମୋଗଲମାନଙ୍କ ଅଧୀନରେ ଓଡ଼ିଶା ରହିଥିଲା । ଇଂରେଜମାନେ ଓଡ଼ିଶାକୁ ଶାସନକଲାପରେ ନୂଆ ନୂଆ ଶାସନବ୍ୟବସ୍ଥା ଏବଂ କର ବ୍ୟବସ୍ଥା ପ୍ରଚଳନ କଲେ । ଆଗରୁ ପ୍ରଚଳିତ ଶସ୍ୟର କେତେକାଂଶ କର ଆକାରରେ ଦେବା ଓ କଉଡ଼ି ଦ୍ୱାରା କର ଦେବାର ବ୍ୟବସ୍ଥାକୁ ଇଂରେଜମାନେ ରଦ୍ଦକରି ଦେଇ ଟଙ୍କା ଆକାରରେ କର ପ୍ରଚଳନ କରାଇଲେ । ଜମିଜମାର ବନ୍ଦୋବସ୍ତ ନୂତନ ଧାରାରେ କରାଇଲେ । ଧାର୍ଯ୍ୟ ସମୟ ଭିତରେ ଟଙ୍କାରେ କର ନଦେଲେ ଜମି ନିଲାମ କରାଇ ଦେଲେ । ନିଲାମ କାର୍ଯ୍ୟ କଲିକତାରେ ହେଉଥିଲା । କଲିକତାରେ ଥିବା ବଙ୍ଗାଳୀ ଲୋକମାନେ ଏବଂ ଓଡ଼ିଶାରେ ଇଂରେଜଙ୍କ ସହ ପ୍ରଶାସନିକ କାର୍ଯ୍ୟରେ ସହଯୋଗ କରିବାକୁ ଆସିଥିବା ବଙ୍ଗାଳୀମାନେ ପ୍ରାୟତଃ ନିଲାମ ଧରିଲେ । ଏହି ନିଲାମ ଯୋଗୁ କେତେଜଣଙ୍କ ଜମିଦାରୀ ଚାଲିଗଲା । ବକ୍ସି ଜଗବନ୍ଧୁ ବିଦ୍ୟାଧରଙ୍କର ରୋଡ଼ଙ୍ଗ ଜମିଦାରିକୁ ବଙ୍ଗାଳୀ ଦେବାନ କୃଷ୍ଣସିଂହ ନିଲାମ ଧରିନେଲେ ଏବଂ ଅଧିକାର କରିନେଲେ । ବକ୍ସି ସର୍ବହରା ହୋଇଗଲେ । ଖୋରଧାର ଜନସାଧାରଣ ଚାନ୍ଦା କରି କିଛି ଦିନ ତାଙ୍କୁ ଚଳାଇଲେ ମାତ୍ର ଶେଷରେ ସେ ଦାଣ୍ଡର ଭିକାରୀ ହୋଇଗଲେ । ଜମିଜମା ବନ୍ଦୋବସ୍ତ ସାଙ୍ଗକୁ ଇଂରେଜମାନେ ଆଇନ ବଳରେ ଲୁଣମରା ବନ୍ଦ କରି ଦେଲେ । ତାଙ୍କ ଦେଶରୁ ଲୁଣ ଆଣି ଏଠାରେ ବିକ୍ରିକଲେ ଯାହାକୁ ଟଙ୍କା ଅଭାବରୁ ଓଡ଼ିଶାର ଲୋକେ

କିଣି ଖାଇପାରିଲେ ନାହିଁ । ସେତେବେଳର ଚିତ୍ର ଦେବାକୁ ଯାଇ ଜଗବନ୍ଧୁ ସିଂହ ଉଲ୍ଲେଖ କରିଛନ୍ତି –

*''ଇଂରେଜ ଅମଳେ ହେଲା ଟଙ୍କା କାରବାର*
*ଦେବା ପାଇଁ ପାଇକଙ୍କୁ ହେଲା କଷ୍ଟକର*
*X X X X X*
*ଚିଲିକା କୂଳରେ ଲୁଣ ମରା ହେଉଥିଲା*
*ଲୁଣ କାରବାର କରି ଲୋକ ଚଳୁଥିଲା*
*ଇଂରେଜମାନେ ଏ ଲୁଣମରା ବନ୍ଦକଲେ*
*ତାଙ୍କ ଦେଶ ଲୁଣ ଆଣି ଭାରତେ ବିକିଲେ*
*X X X X X*
*ବରଷକେ ଥରେ ଅବା ଦୁଇ ବରଷରେ*
*ଓଡ଼ିଶାର ଜମିଜମା ବନ୍ଦୋବସ୍ତ କଲେ*
*ଲୋକମାନେ ବୃଦ୍ଧି କର ଦେଇନପାରିଲେ*
*ଘର ଦ୍ୱାର ଛାଡ଼ି ପଳାଇବେ ବିଚାରିଲେ ।''*

(ଭାରତ ଚରିତାମୃତ – ୨ୟ ଭାଗ)

ପାଇକବିଦ୍ରୋହର ସୂତ୍ରପାତ ଏପରି ଅତ୍ୟାଚାରିତ ମାନସିକତାରୁ ସଂଗଠିତ ହୋଇଥିଲା । ଇଂରେଜମାନେ ଏପରି ବିଦ୍ରୋହ ଦ୍ୱାରା ହଟହଟା ହେଲେ ଏବଂ ବଳ ପ୍ରୟୋଗ କରି ବିଦ୍ରୋହକୁ ଦମନ କରିଦେଲେ । ଦମିତ ହେଲେ ହେଁ ଏହି ବିଦ୍ରୋହ ଯେ ଭାରତ ବର୍ଷରେ ଇଂରେଜମାନଙ୍କ ବିରୁଦ୍ଧରେ ପ୍ରଥମ ବିଦ୍ରୋହ ଥିଲା, ଏଥିରେ ସନ୍ଦେହ ନାହିଁ । ପରେପରେ ଇଂରେଜ ଶାସିତ ସମଗ୍ର ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଜନଅସନ୍ତୋଷ ଅନ୍ୱେବହୁତ ଦେଖାଯାଇଥିଲା । ବେପାରୀରୁ ଶାସକ ଓ ଶିକାରୀ ହୋଇଥିବା ବ୍ରିଟିଶ ଜାତି ପ୍ରତି କୌଣସି ଶ୍ରଦ୍ଧା ବା ସମ୍ମାନ ସାଧାରଣ ଜନମାନସରେ ପ୍ରାୟତଃ ନଥିଲା । ସନ୍ତୁଳିତ ମାନସିକତାରେ ଜନସାଧାରଣ ରହିଥିଲେ, ଜୀବନ ଧାରଣ ପାଇଁ କଠୋର ସଂଘର୍ଷର ସମ୍ମୁଖୀନ ହୋଇଥିଲେ । ସଂଘର୍ଷରୁ

ସୃଷ୍ଟି ହେଲା ଆତ୍ମସଚେତନତା ଓ ନିଜ ଜାତି ପ୍ରତି ଆନ୍ତରିକତା । ବସ୍ତୁତଃ ପାଇକବିଦ୍ରୋହ ପରଠାରୁ ଓଡ଼ିଶାବାସୀଙ୍କ ପ୍ରାଣରେ ଓଡ଼ିଆ ଭାଷା ଓ ସାହିତ୍ୟର ମହତ୍ତ୍ୱ ପ୍ରତି ଆଗ୍ରହ ସୃଷ୍ଟି ହୋଇଥିଲା । ଏ ପରିପ୍ରେକ୍ଷୀରେ ଭାଷାବିତ୍ ଡକ୍ଟର ଗଗନେନ୍ଦ୍ର ନାଥ ଦାଶ କହନ୍ତି – "୧୮୧୭ ଖ୍ରୀଷ୍ଟାବ୍ଦର ପାଇକବିଦ୍ରୋହ ହିଁ ଓଡ଼ିଶା ଭାଷା ଚର୍ଚ୍ଚା ପାଇଁ କିଛି ପରୋକ୍ଷ କାରଣ ଯୋଗାଇଥିଲା ବୋଲି ଗ୍ରହଣ କରାଯାଇପାରେ ।" (ଓଡ଼ିଆ ଭାଷା ଚର୍ଚ୍ଚାର ପରମ୍ପରା) । ଏଠାରେ ଉଲ୍ଲେଖଯୋଗ୍ୟ ଯେ ୧୮୩୭ ମସିହାରେ ଓଡ଼ିଶାର କୋର୍ଟ କଚେରୀରେ ଓଡ଼ିଆ ଭାଷାର ପ୍ରଚଳନ ହେଲା । ସେତେବେଳେ ଏହାକୁ ଅଣଓଡ଼ିଆଲୋକମାନେ ପ୍ରବଳ ବିରୋଧ କରିଥିଲେ । ମାତ୍ର ଏହି ବିରୋଧ କାର୍ଯ୍ୟକାରୀ ହୋଇନଥିଲା ।

**୨ – ଓଡ଼ିଆ ପତ୍ରପତ୍ରିକାର ପ୍ରକାଶନ :**

ଓଡ଼ିଶାରେ ପ୍ରଥମ ପ୍ରିଣ୍ଟିଂ ପ୍ରେସ ୧୮୩୭ ମସିହାରେ ବାପ୍‌ଟିଷ୍ଟ ମିଶନାରୀଙ୍କ ଦ୍ୱାରା ପ୍ରତିଷ୍ଠା କରାଯାଇଥିଲା । ଏହାର ନାମ ଥିଲା 'ମିଶନ୍ ପ୍ରେସ୍' । ରେଭରେଣ୍ଡ ଏମ୍. ସଟନ୍ ଏହାର ପରିଚାଳନା ଦାୟିତ୍ୱରେ ଥିଲେ । ସର୍ବପ୍ରଥମ ଓଡ଼ିଆ ସମ୍ବାଦପତ୍ର 'ଜ୍ଞାନାରୁଣ' ଏହି ପ୍ରେସରୁ ୧୮୪୯ ମସିହାରେ ରେଭରେଣ୍ଡ ଲେସିଙ୍କ ସଂପାଦନାରେ ପ୍ରକାଶିତ ହୋଇଥିଲା । ଦ୍ୱିତୀୟ ପ୍ରିଣ୍ଟିଂ ପ୍ରେସ୍‌ର ନାମ ଥିଲା 'କଟକ ପ୍ରିଣ୍ଟିଂ କମ୍ପାନୀ ପ୍ରେସ୍' । ଏହାର ପ୍ରତିଷ୍ଠାକାଳ ୧୮୬୬ ମସିହା । ଗୌରୀଶଙ୍କର ରାୟ ଓ ବିଚିତ୍ରାନନ୍ଦ ଦାସଙ୍କ ଉଦ୍ୟମରେ ଏହି ପ୍ରେସ୍ ପ୍ରତିଷ୍ଠିତ ହୋଇଥିଲା । ସାପ୍ତାହିକ ପତ୍ରିକା 'ଉତ୍କଳ ଦୀପିକା' ଏହି ପ୍ରେସ୍‌ରୁ ଗୌରୀଶଙ୍କର ରାୟଙ୍କ ସଂପାଦନାରେ ପ୍ରକାଶିତ ହୋଇଥିଲା । ସେତେବେଳେ କେତେକ ପ୍ରଭାବଶାଳୀ ବଙ୍ଗୀୟ କର୍ମଚାରୀ ଓଡ଼ିଆ ଭାଷା ଓ ଲିପିକୁ ଉଠାଇ ଦେଇ ତା' ସ୍ଥାନରେ ବଙ୍ଗଳାଭାଷା ଓ ବଙ୍ଗଳାଲିପି ପ୍ରଚଳନ କରିବାକୁ ପ୍ରବଳ ଉଦ୍ୟମ କରିଥିଲେ । ଏପରି ଉଦ୍ୟମକୁ ବିଫଳ କରିବା ପାଇଁ ଏହି ପତ୍ରିକାର ଭୂମିକା ଥିଲା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ତୃତୀୟ ପ୍ରେସ୍‌ଟି ଫକୀରମୋହନ ସେନାପତିଙ୍କ ଦ୍ୱାରା ୧୮୬୮ ମସିହାରେ ବାଲେଶ୍ୱରରେ ପ୍ରତିଷ୍ଠିତ ହୋଇଥିଲା । ଏହାର ନାମ ଥିଲା 'ଉତ୍କଳ ପ୍ରିଣ୍ଟିଂ କମ୍ପାନୀ', ଯହିଁରୁ ପ୍ରକାଶିତ ହେଲା 'ବାଲେଶ୍ୱର ସମ୍ବାଦ ବାହିକା' ପତ୍ରିକା । ପରେପରେ କେତେକ ପ୍ରେସ୍

ଓଡ଼ିଶାର ଭିନ୍ନଭିନ୍ନ ଅଞ୍ଚଳରେ ପ୍ରତିଷ୍ଠିତ ହୋଇଥିଲା । ସେଥିମଧ୍ୟରୁ ୧୯୦୦ ମସିହା ଭିତରେ ସ୍ଥାପିତ ହୋଇଥିବା ପ୍ରେସ୍‌ର ଏକ ନାମତାଲିକା ନିମ୍ନରେ ପ୍ରଦତ୍ତ ହେଲା ।

| **ପ୍ରେସ୍‌ର ନାମ** | **ସ୍ଥାନ** | **ପ୍ରତିଷ୍ଠାକାଳ** |
|---|---|---|
| **ଦେ ପ୍ରେସ୍** | **ବାଲେଶ୍ୱର** | **୧୮୭୩** |
| **ଓଡ଼ିଶା ପେଟ୍ରିଅଟ୍ ପ୍ରେସ** | **କଟକ** | **୧୮୭୩** |
| **ମୟୂରଭଂଜ ପ୍ରେସ୍** | **ବାରିପଦା** | **୧୮୭୯** |
| **ଭିକ୍‌ଟୋରିଆ ପ୍ରେସ୍** | **କଟକ** | **୧୮୮୫** |
| **ଜଗନ୍ନାଥ ବଲ୍ଲଭପ୍ରେସ୍** | **ବାମଣ୍ଡା** | **୧୮୮୫** |
| **ଗଜପତି ଭୀମଦେବ ପ୍ରେସ୍** | **ବଡ଼ଖେମଣ୍ଡି** | **୧୮୮୫** |
| **ପୁରୀ ପ୍ରିଣ୍ଟିଂ ପ୍ରେସ୍** | **ପୁରୀ** | **୧୮୯୦** |
| **ଅରୁଣୋଦୟ ପ୍ରେସ୍** | **କଟକ** | **୧୮୯୩** |
| **ରାୟ ପ୍ରେସ୍** | **କଟକ** | **୧୮୯୪** |
| **ଉତ୍କଳ ସାହିତ୍ୟ ପ୍ରେସ** | **କଟକ** | **୧୮୯୭** |
| **ବିନୋଦ ପ୍ରେସ୍** | **ବାଲେଶ୍ୱର** | **୧୮୯୯** |

ଜ୍ଞାନାରୁଣ, ପ୍ରବୋଧ ଚନ୍ଦ୍ରିକା ପ୍ରଭୃତି ପତ୍ରିକାରେ ସାହିତ୍ୟର ଉପସ୍ଥାପନା ହେଉନଥିଲା । ପ୍ରାୟତଃ ୧୮୭୦ ପରେ ବିଭିନ୍ନ ପତ୍ର ପତ୍ରିକାରେ ସାହିତ୍ୟ ପ୍ରକାଶିତ ହୋଇ ଜନତା ଆଗରେ ଉପସ୍ଥାପିତ ହେଲା । କେତେକ ପତ୍ରିକାରେ ଗୀତିକବିତା ପ୍ରକାଶିତ ହୋଇଥିଲା । ଏ କ୍ଷେତ୍ରରେ 'ଉତ୍କଳଦର୍ପଣ' (୧୮୭୩)ର ଅବଦାନ ଉଲ୍ଲେଖଯୋଗ୍ୟ । ବାସ୍ତବରେ ଆଧୁନିକ ଓଡ଼ିଆ ସାହିତ୍ୟର ଅନ୍ୟତମ ମୁଖପତ୍ର ଉତ୍କଳଦର୍ପଣ (୧୮୭୩) ମାସିକ ପତ୍ରିକାରେ ତତ୍କାଳୀନ ଶିକ୍ଷିତଶ୍ରେଣୀର ସଂସ୍କାରଧର୍ମୀ ମନୋବୃତ୍ତିର ପ୍ରତିବିମ୍ବ ଦେଖିବାକୁ ମିଳିଲା । ଏହି ପତ୍ରିକାର ପ୍ରକାଶନର ଆଭିମୁଖ୍ୟକୁ ସ୍ପଷ୍ଟ କରିବା ନିମନ୍ତେ ୧୮୭୨ ମସିହା ଅକ୍ଟୋବର ୨୮ ତାରିଖରେ ଏ ପତ୍ରିକାର

ମ୍ୟାନେଜର ବୈକୁଣ୍ଠନାଥ ଦେ ଗୋଟିଏ ବିଜ୍ଞାପନ ଦେଇଥିଲେ । ତାହା ଏହିପରି – ‘‘ଆମ୍ଭେମାନେ ‘ଉତ୍କଳ ଦର୍ପଣ’ ନାମରେ ଖଣ୍ଡିଏ ମାସିକ ସନ୍ଦର୍ଭ ପ୍ରକାଶ କରିବାକୁ ମନସ୍ଥ କରୁଅଛୁଁ । ଉତ୍କଳ ସାହିତ୍ୟର ଉନ୍ନତି ସାଧନ, ଉତ୍କଳୀୟ ସାମାଜିକ ରୀତିର ସଂଶୋଧନ – ଏହି ପତ୍ରିକାର ମୁଖ୍ୟ ଉଦ୍ଦେଶ୍ୟ ଅଟେ । ଏଣୁ କରି ସେଥିରେ ଶିକ୍ଷା, ବିଜ୍ଞାନ, ସାହିତ୍ୟ, ରାଜକୀୟ, ସାମାଜିକ ଓ ନୀତି ସମ୍ବନ୍ଧୀୟ ପ୍ରସ୍ତାବମାନ ପ୍ରକାଶିତ ହେବ ।’’

‘ଉତ୍କଳ ମଧୁପ’ (୧୮୭୮) ପତ୍ରିକାର ସହଯୋଗ ଆଧୁନିକ ଓଡ଼ିଆ ଗୀତି କବିତାର ବିକାଶ ନିମନ୍ତେ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ । ଏହି ପତ୍ରିକାରେ ଭକ୍ତକବି ମଧୁସୂଦନଙ୍କର ‘ନିର୍ଜନ ଦ୍ୱୀପରେ ନିର୍ବାସିତର ବିଳାପ’ ‘ଶ୍ମଶାନ’, ‘ନିଶୀଥ ଚିନ୍ତା’ ପ୍ରଭୃତି କବିତା ପ୍ରକାଶିତ ହୋଇଥିଲା । ସମ୍ବଲପୁର ହିତୈଷିଣୀ ପ୍ରକାଶିତ ହେଲା ୧୮୮୯ ମସିହାରେ । ଗୀତିକବିତାର ପ୍ରକାଶନ ନିମନ୍ତେ ଏହି ପତ୍ରିକାର ଅବଦାନ ଅନସ୍ୱୀକାର୍ଯ୍ୟ । ରକ୍ଷଣଶୀଳତାଠାରୁ ନିରାପଦ ଦୂରତ୍ୱରେ ସାହିତ୍ୟର ପ୍ରଚାର ଓ ପ୍ରସାରର ଦାୟିତ୍ୱ ବହନ କରିବାରେ ଏହାର ସଫଳତା ସର୍ବବାଦୀ ସମ୍ମତ । ୧୮୯୨ ମସିହାରେ ମୟୂରଭଞ୍ଜରୁ ପ୍ରକାଶିତ ‘ଉତ୍କଳ ପ୍ରଭା’ ପତ୍ରିକାରେ ଭକ୍ତକବି ମଧୁସୂଦନଙ୍କର ‘ଋଷିପ୍ରାଣେ ଦେବାବତରଣ’ ଏବଂ ଫକୀରମୋହନଙ୍କର ‘ନିଦାଘ ନିଶୀଥ ସ୍ୱପ୍ନ’ ଓ ‘ଜହ୍ନମାମୁଁ’ ପ୍ରଭୃତି କବିତା ପ୍ରକାଶିତ ହୋଇଥିଲା । ପରେପରେ ୧୮୯୭ ମସିହାରେ ଆତ୍ମ ପ୍ରକାଶ କଲା ‘ଉତ୍କଳ ସାହିତ୍ୟ’ ପତ୍ରିକା । ଏହି ପତ୍ରିକା ଥିଲା ଆଧୁନିକ ଓଡ଼ିଆ ସାହିତ୍ୟର ବହୁ ବିଭବର ପ୍ରକାଶନ ନିମନ୍ତେ ଏକ ମୁକ୍ତକ୍ଷେତ୍ର ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ୧୮୬୭ ମସିହା ପୂର୍ବରୁ ସ୍କୁଲ ପାଠ୍ୟକ୍ରମରେ ସାହିତ୍ୟ ପ୍ରାୟତଃ ପଠିତ ହେଉନଥିଲା । କେବଳ ଭାଷା ଓ ବ୍ୟାକରଣ ଭିତ୍ତିକ କିଛି ପୁସ୍ତକ ପଠିତ ହେଉଥିଲା । ୧୮୬୮ – ୭୦ ମସିହା ଭିତରେ ସ୍କୁଲ ପାଠ୍ୟକ୍ରମରେ ସାହିତ୍ୟ ସ୍ଥାନ ପାଇଲା । ପ୍ରଥମେ ପ୍ରାଚୀନ ଓ ମଧ୍ୟ ଯୁଗୀୟ ଓଡ଼ିଆ ସାହିତ୍ୟରୁ କିଛି ସଂକଳନ ପ୍ରକାଶିତ ହୋଇଥିଲା । ପରେ ଆଧୁନିକ ସାହିତ୍ୟ ଭିତ୍ତିକ ପୁସ୍ତକ ୧୮୭୬ ମସିହାରେ ଆତ୍ମପ୍ରକାଶ କଲା । ଅତଏବ ଏହା ସ୍ୱୀକାର୍ଯ୍ୟ ଯେ ପାଠ୍ୟକ୍ରମ ଭାବରେ ସାହିତ୍ୟ ସ୍ୱୀକୃତ ହେବାରୁ

କ୍ରମଶଃ ଏକ ଭିତ୍ତିଭୂମି ଆଧୁନିକ ସାହିତ୍ୟ ପାଇଁ ସୃଷ୍ଟିହେଲା । ବିଶିଷ୍ଟ ଗବେଷକ ଡଃ ନଟବର ସାମନ୍ତରାୟ 'ଓଡ଼ିଆ ସାହିତ୍ୟର ଇତିହାସ – (୧୮୦୩ – ୧୮୨୦)' ପୁସ୍ତକରେ କହିଛନ୍ତି ''୧୮୭୦ ସାଲ୍ ପରେ ସାହିତ୍ୟ ପାଠ୍ୟପୁସ୍ତକ ହିଁ ଯଥାର୍ଥ ସାହିତ୍ୟ ଅଭିବୃଦ୍ଧିର ଏକ ପ୍ରଧାନ ହେତୁ, ଏହା ସର୍ବବାଦୀ ସମ୍ମତ ।''

୧୮୭୬ ମସିହା ପୂର୍ବରୁ ପ୍ରକାଶିତ ପ୍ରାଚୀନ – ମଧ୍ୟଯୁଗୀୟ କାବ୍ୟ ଓ ଗୀତ ପୁସ୍ତକରୁ କେତେକର ନାମ ତାଲିକା ଏଠାରେ ପ୍ରଦାନ କରିବା ଅପ୍ରାସଙ୍ଗିକ ହେବନାହିଁ ।

| **ପ୍ରକାଶନ ସମୟ** | **ପୁସ୍ତକର ନାମ** | **ସ୍ରଷ୍ଟାଙ୍କର ନାମ** |
|---|---|---|
| **୧୮୬୯** | **ଆର୍ତ୍ତତ୍ରାଣ ଚଉତିଶା** | **ଦୀନକୃଷ୍ଣ ଦାସ** |
| | **ମଥୁରା ମଙ୍ଗଳ** | **ଭକ୍ତଚରଣ ଦାସ** |
| **୧୮୭୦** | **ଲାବଣ୍ୟବତୀ** | **ଉପେନ୍ଦ୍ର ଭଂଜ** |
| | **ପ୍ରେମସୁଧାନିଧି** | **ଉପେନ୍ଦ୍ର ଭଂଜ** |
| | **ସୁବର୍ଣ୍ଣରେଖା** | **ଉପେନ୍ଦ୍ର ଭଂଜ** |
| **୧୮୭୧** | **ରସିକହାରାବଳୀ** | **ଉପେନ୍ଦ୍ର ଭଂଜ** |
| **୧୮୭୨** | **ରସକଲ୍ଲୋଳ** | **ଦୀନକୃଷ୍ଣ ଦାସ** |
| **୧୮୭୩** | **ରାସକ୍ରୀଡ଼ା** | **ଜଗନ୍ନାଥ ଦାସ** |
| **୧୮୭୪** | **ଜଗନ୍ନାଥ ଚଉତିଶା** | **ଲାଲାନିମାଇଁ ଚାନ୍ଦ** |
| | **ଭୂପତି ଚଉତିଶା** | **ଭୂପତି ପଣ୍ଡିତ** |
| | **ଗଜ ନିସ୍ତାରଣ** | **ଜଗନ୍ନାଥ ଦାସ** |
| | **ମଥୁରା ବିଜୟ** | **ଗୋପୀନାଥ ଦାସ** |

ଆଧୁନିକ ସାହିତ୍ୟର ପ୍ରାୟ କୌଣସି ପୁସ୍ତକ ପ୍ରକାଶିତ ନହେବାର ଦେଖି କ୍ଷୋଭ ପ୍ରକାଶ ପୂର୍ବକ ୧୮୭୪ ମସିହା ଜୁନ୍ ମାସ ୩ ତାରିଖରେ ପ୍ୟାରୀମୋହନ ଆଚାର୍ଯ୍ୟ ଯେଉଁ ମତ ବ୍ୟକ୍ତ କରିଥିଲେ ତାହା ପ୍ରଣିଧାନଯୋଗ୍ୟ । ତାହା ଏହିପରି

''ଆଜିପର୍ଯ୍ୟନ୍ତ ସରଳ ସୁଲଳିତ, ଶୃଙ୍ଗାର ବିବର୍ଜିତ ମନୋଦୁଃଖହର ଓ ପ୍ରୀତିପ୍ରଦ ଖଣ୍ଡିଏ ପଦ୍ୟ କି ଗଦ୍ୟମୂଳକ ଗ୍ରନ୍ଥ ଓଡ଼ିଆଭାଷାରେ ଦେଖିବାକୁ ପାଇବା ଦୁଷ୍କର । ଏ ବିଭାଗରେ ଯାହା କିଛି ଅଛି ତାହା କେବଳ ପୂର୍ବକାଳୀୟ ଦୀର୍ଘ ଶବ୍ଦାଡ଼ମ୍ବର ବିଶିଷ୍ଟ ଅଶ୍ଳୀଳ ଭାବମଣ୍ଡିତ – ଭଂଜ, ବ୍ରହ୍ମା, ଦାସ, ସାମନ୍ତ ସିଂହାର ପ୍ରଭୃତି କବିଙ୍କର ଲୌହ ଲେଖନୀ ସଂଭୂତ କେତେଖଣ୍ଡି କାବ୍ୟ ।''

ଓଡ଼ିଶାରେ ଶିକ୍ଷାର ବିସ୍ତାର ହେବା ହେତୁ ଦୁଇ ପ୍ରକାର ମାନସିକତା ସୃଷ୍ଟି ହୋଇଥିଲା । ଗୋଟିଏ ହେଲା ପ୍ରାଚ୍ୟ ସଭ୍ୟତା ପ୍ରତି ଆନ୍ତରିକତା ଏବଂ ଅନ୍ୟଟି ହେଲା ପାଶ୍ଚାତ୍ୟ ସଭ୍ୟତା ପାଇଁ ଆକର୍ଷଣ । ଉଭୟ ମଧ୍ୟରେ କବି ଓ ଲେଖକମାନେ ସମନ୍ୱୟ ସ୍ଥାପନ କରିଥିଲେ । ସାହିତ୍ୟର ବିଭିନ୍ନ ରୂପାୟନ ଏହି ସମୟରେ ବିଭିନ୍ନ ପତ୍ର ପତ୍ରିକାରେ ପ୍ରକାଶିତ ହୋଇଥିଲା । ସେଥିମଧ୍ୟରୁ ଗୀତିକବିତା ଅନ୍ୟତମ । ତେବେ କୌଣସି ଗୀତିକବିତା ପୁସ୍ତକ ସେ ପର୍ଯ୍ୟନ୍ତ ମୁଦ୍ରିତ ହୋଇନଥିଲା । ୧୮୭୬ ମସିହାରେ ରାଧାନାଥ ଓ ମଧୁସୂଦନଙ୍କ ବିରଚିତ କେତେକ ଗୀତିକବିତାକୁ ନେଇ ଆତ୍ମପ୍ରକାଶ କଲା ପ୍ରଥମ ଗୀତିକବିତା ଗ୍ରନ୍ଥ 'କବିତାବଳୀ'ର ପ୍ରଥମ ଭାଗ । ଏହି ପୁସ୍ତକରେ ରାଧାନାଥଙ୍କର 'ପବନ','ବେଣୀ ସଂହାର' ଏବଂ 'ନିଜ ସୈନ୍ୟ ପ୍ରତି ଶିବାଜୀ' ଓ ମଧୁସୂଦନ ରାଓଙ୍କର 'ଅଯୋଧ୍ୟା ପ୍ରତ୍ୟାଗମନ', 'ନିର୍ବାସିତର ବିଳାପ', 'ଶ୍ମଶାନ', 'ଭାରତୀବନ୍ଦନା', 'ସ୍ତୋତ୍ର', 'ସୀତା ବନବାସ', 'ଶରତ ପ୍ରଭାତ' ଓ 'ନିଶୀଥଚିନ୍ତା' ପ୍ରଭୃତି କବିତା ସନ୍ନିବେଶିତ ହୋଇଥିଲା । ଏହି କବିତା ଗୁଡ଼ିକରେ ମାନବବାଦ, ଦେଶାତ୍ମବୋଧ, ବିଭୁବୋଧ, ପ୍ରକୃତିପ୍ରୀତିର ଆଲେଖ୍ୟ ଅଙ୍କିତ । ରାଧାନାଥଙ୍କର 'ପବନ' କବିତାରେ ପବନର ଭୀମକାନ୍ତ ରୂପଚିତ୍ର ଉପସ୍ଥାପିତ । ଅତୀତରେ କାଳିନ୍ଦୀ କୂଳରେ କୃଷ୍ଣଙ୍କର ବଂଶୀରେ ମନମୋହିନୀ ସ୍ୱର ସୃଷ୍ଟି କରିଛି ଏହି ପବନ । ସେହି ସ୍ୱରରେ ମନ୍ତ୍ରମୁଗ୍ଧ ହୋଇଛନ୍ତି ଗୋପାଙ୍ଗନାମାନେ, ପୁଣି ପବନର କ୍ରୋଧରେ କେବେକେବେ ସସାଗରାଧରା ଥରହର ହୋଇଛି ବୋଲି କବି ଏଥିରେ ଉଲ୍ଲେଖ କରିଛନ୍ତି । 'ବେଣୀସଂହାର'ର କଥାବସ୍ତୁ ମୂଳ ମହାଭାରତରୁ ଆସିଛି । ଏଥିରେ କବି ରାଧାନାଥଙ୍କର ବର୍ଣ୍ଣନାପାଟବ ଅତ୍ୟନ୍ତ

ମର୍ମସ୍ପର୍ଶୀ । 'ନିଜ ସୈନ୍ୟ ପ୍ରତି ଶିବାଜୀ' କବିତାରେ କବିଙ୍କର ଜାତୀୟତାବାଦୀ ଚେତନା ଉପସ୍ଥାପିତ । ମଧୁସୂଦନଙ୍କ 'ସ୍ତୋତ୍ର' କବିତା ପ୍ରାଚ୍ୟକାବ୍ୟାଦର୍ଶ ଭିତ୍ତିକ । 'ସୀତା ବନବାସ' ଓ 'ଅଯୋଧ୍ୟା ପ୍ରତ୍ୟାଗମନ' ସଂସ୍କୃତ କାବ୍ୟାଂଶରୁ ଅନୂଦିତ । ତାଙ୍କର 'ଭାରତୀ ଭାବନାରେ' ଦେଶାତ୍ମବୋଧର ଚିତ୍ର ପରିସ୍ଫୁଟ । 'ନିର୍ବାସିତର ବିଳାପ'ର କବିତାଟି William Cowperଙ୍କ ରଚିତ 'Verses Supposed to be writtten by Alexander Selkirk ର ଅନୁବାଦ । 'ଶ୍ମଶାନ' କବିତା ଏକ ପ୍ରଭାବିତ କବିତା । ଏଥିରେ  Tennyson ଏବଂ Thomas Gery ଙ୍କ ପ୍ରଭାବ ରହିଛି । 'ନିଶୀଥ ଚିନ୍ତା'ରେ ସ୍ପେନସରୀଆନ୍ ଶୈଳୀ ଅନୁସୃତ । କବିତାବଳୀ ପୁସ୍ତକରେ ସ୍ଥାନିତ କବିତା ଗୁଡ଼ିକରେ ଆଧୁନିକତାର ଅଭିବ୍ୟକ୍ତିକୁ ଲକ୍ଷ୍ୟକରି ଡକ୍ଟର କ୍ଷେତ୍ରବାସୀ ନାୟକ ଯେଉଁ ମନ୍ତବ୍ୟ ଦେଇଛନ୍ତି ତାହା ଲକ୍ଷ୍ୟଣୀୟ । ତାଙ୍କ କଥାରେ – ''ବସ୍ତୁତଃ ଏକ ଅଭିନବ କାବ୍ୟଶ୍ରୀ ଗଠନପାଇଁ ଯେଉଁ ଶକ୍ତିଶାଳୀ ସ୍ପର୍ଶ ଆବଶ୍ୟକ ତାହାର ଅଭାବ ହେତୁ କବିତାବଳୀର ଆତ୍ମପ୍ରକାଶ ପର୍ଯ୍ୟନ୍ତ ଆଧୁନିକତାର ପ୍ରଣବଧ୍ୱନି ଓଡ଼ିଆ କାବ୍ୟକ୍ଷେତ୍ରରେ ଅନୁଚ୍ଚାରିତ ହୋଇ ରହିଥିଲା ।' *(ଆଧୁନିକ ଓଡ଼ିଆ କାବ୍ୟ ସାହିତ୍ୟରେ ପାଶ୍ଚାତ୍ୟ ପ୍ରଭାବ)*

## ୩ – ନଅଙ୍କ ଦୁର୍ଭିକ୍ଷ ଓ ଓଡ଼ିଆ ଭାଷା–ସୁରକ୍ଷା ଆନ୍ଦୋଳନ :

୧୮୬୬ ମସିହାରେ ଓଡ଼ିଶାରେ ନଅଙ୍କ ଦୁର୍ଭିକ୍ଷ ପଡ଼ିଥିଲା । ଏଥିରେ ପଇଁଚାଳିଶି ହଜାରରୁ ଅଧିକ ଲୋକ ମୃତ୍ୟୁବରଣ କରିଥିଲେ । ପୁରୀ ରାଜାଙ୍କ ନଅ ଅଙ୍କରେ ଏହା ପଡ଼ିଥିବାରୁ ଏହାକୁ ନଅଙ୍କ ଦୁର୍ଭିକ୍ଷ କୁହାଯାଏ । ବହୁ ବ୍ୟକ୍ତି ସେତେବେଳେ ଧର୍ମାନ୍ତରିତ ହୋଇଗଲେ । ସହସ୍ର ସହସ୍ର ଅନାଥ ବାଳକ ବାଳିକା ନିଜର ପରିଚୟ ହରାଇ ବସିଲେ ଓ ବିଦେଶରେ ବିକ୍ରି ହୋଇଗଲେ । ଏହି ଦୁର୍ଭିକ୍ଷର କରାଳ ଦୃଶ୍ୟ ସମ୍ପର୍କରେ ପ୍ରତ୍ୟକ୍ଷଦର୍ଶୀ ବିବରଣୀ ଦେବାକୁ ଯାଇ ପ୍ୟାରୀମୋହନ ଆଚାର୍ଯ୍ୟ ସ୍ୱରଚିତ 'ଓଡ଼ିଶାର ଇତିହାସ' ପୁସ୍ତକରେ ଯାହା ଉଲ୍ଲେଖ କରିଛନ୍ତି ତାହା ଏହିପରି – ''କରାଳ ମୃତ୍ୟୁ ସମନ୍ୱିତ ଦୁର୍ଭିକ୍ଷର ଚିତ୍ର କରିବା ମାନବ ଲେଖନୀର ଅସାଧ୍ୟ । ସେସମୟରେ ସହସ୍ର ସହସ୍ର କଙ୍କାଳ ପରିଣତ ନରନାରୀଙ୍କର ଆର୍ତ୍ତହାହାକାରରେ ନଗରମାନ ପରିପୂର୍ଣ୍ଣ ଥିଲା । ନଗର

ଓ ଗ୍ରାମମାନଙ୍କରେ ସମୀପସ୍ଥ ଶ୍ମଶାନମାନ ଅସଂଖ୍ୟ ନରଦେହରେ ପରିପୂରିତ ହୋଇଥିଲା ଏବଂ ଶକୁନ ଶୃଗାଳମାନେ ନରମାଂସ ଭକ୍ଷଣ କରି ଅସ୍ୱାଭାବିକ ଭାବେ ପରିତୃପ୍ତ ହୋଇଥିଲେ ।''ମରୁଡ଼ି ପରକୁ ବନ୍ୟା ଆସି ଓଡ଼ିଶାବାସୀଙ୍କ ଉପରେ ଅଧିକ ଦାଉ ସାଧିଲା । 'ଉତ୍କଳ ଦୀପିକା'ରେ ସେତେବେଳେ ଏ ସଂପର୍କରେ ପ୍ରକାଶିତ ହୋଇଥିଲା – ''ବୋଧହୁଅଇ ଲୋକଙ୍କ ଦୁର୍ଦ୍ଦଶା ଅବଲୋକନ ବିଧାତାର ପ୍ରୀତିକର ହେଉଅଛି, କାରଣ ଲୋକମାନେ ଏକପ୍ରକାର ଦୁଃଖରୁ ମୁକ୍ତ ହେବାର ଆଶା ପୋଷଣ କରିବା ମାତ୍ରେ ଅନ୍ୟ ପ୍ରକାରେ ଦୁଃଖ ଆସି ତାଙ୍କୁ ନିରାଶ କରୁଛି । ଗତବର୍ଷ ପ୍ରାୟ ସର୍ବତ୍ର ଅନାବୃଷ୍ଟି ହେତୁ ସର୍ବନାଶ ହୋଇଥିଲା । ଏଥର ଅଧିକ ଜଳବୃଷ୍ଟିରୁ ସେହିଫଳ ପ୍ରାୟ ଘଟୁଅଛି ।'' ମରୁଡ଼ି ପଛକୁ ବନ୍ୟାଆସି ସର୍ବନାଶ ଘଟାଇବାରୁ କରୁଣ କ୍ରନ୍ଦନ ଧ୍ୱନିରେ ଚତୁର୍ଦ୍ଦିଗ ପ୍ରକମ୍ପିତ ହେଲା । ଏ ସଂପର୍କରେ 'ଉତ୍କଳ ଦୀପିକା' ପତ୍ରିକାରେ କବିତାଟିଏ ପ୍ରକାଶିତ ହୋଇଥିଲା । ସେଥିରୁ ପଦଟିଏ ଏହିପରି –

***''ବୁଡ଼ିଲା ବିଆଳି କେପାରେ ସମ୍ଭାଳି***
***ଭାଙ୍ଗିଲା ଅନେକ ବନ୍ଧ***
***ଦୁଇ ସପ୍ତଦିନ ପାଣିରେ ରହିଣ***
***ଗଛ ପଚି ଛାଡ଼େ ଗନ୍ଧ***
***ସେ ତାହା,***
***ଦେଖି ମନୁଷ୍ୟ ଛାଡ଼ନ୍ତି ଆହା***
***ହେବ ଏଥର କେ ଅବା ସାହା, ସରିଗଲା***
***ଶେଷ ଥିଲା ଯାହା ।''***

ଏହି ଦୁଃଖଦୁର୍ଦ୍ଦଶାର ସମ୍ମୁଖୀନ ହୋଇ ଓଡ଼ିଆ ଜାତିର ଆତ୍ମରକ୍ଷା ସମସ୍ୟା ବିଭିନ୍ନ ଦିଗରୁ ବଳବତ୍ତର ହେଲାବେଳେ ପଡ଼ୋଶୀ ଅନ୍ୟ ଭାଷାର ବହୁବ୍ୟକ୍ତି ଏହାର ସୁଯୋଗ ନେଲେ । ପରେପରେ ଭାଷା ବିଲୋପ ଆନ୍ଦୋଳନର ବହ୍ନି ଜଳାଇ ଦେଲେ । ଧ୍ୱଂସମୁଖରୁ ଆତ୍ମରକ୍ଷା ନିମନ୍ତେ ଓଡ଼ିଶାରେ ଭାଷା ସୁରକ୍ଷା ଆନ୍ଦୋଳନ ଅଧିକରୁ ଅଧିକ ସଂଗଠିତ ହେଲା ।

ଓଡ଼ିଆ ଭାଷା ଓ ସାହିତ୍ୟକୁ ନେଇ ଇଂରେଜ ଶାସନ ପ୍ରାରମ୍ଭରେ କୌଣସି ବିବାଦ ଦେଖାଯାଇନଥିଲା । ପ୍ରାୟ ୧୮୪୦ ମସିହାପରେ ଏ ବିବାଦ ଅଳ୍ପ ଅଳ୍ପ ଆରମ୍ଭ ହୋଇ ୧୮୬୯ – ୭୦ ବେଳକୁ ଉତ୍କଟ ଆକାର ଧାରଣ କରିଥିଲା । ୧୮୭୨ – ୭୩ ମସିହାବେଳକୁ ଏହି ସମସ୍ୟାର ସମାଧାନ ପ୍ରାୟତଃ ଦେଖିବାକୁ ମିଳିଲା । ଏହି ଦିଗରେ ଓଡ଼ିଆ ଭାଷା ଓ ସାହିତ୍ୟ ପ୍ରେମୀ କେତେକ ଉତ୍କଳୀୟ ଏବଂ କେତେକ ପାଶ୍ଚାତ୍ୟ ବିଦ୍ୱାନଙ୍କର ଅବଦାନ ମହତ୍ତ୍ୱପୂର୍ଣ୍ଣ ।

ନୂତନ ଏକ ସାହିତ୍ୟ ସୃଷ୍ଟି ମୁଖ୍ୟତଃ ତିନିଗୋଟି ଧାରା ମାଧ୍ୟମରେ ସଂଗଠିତ ହୋଇଥାଏ, ଯଥା – ଅନୁବାଦ, ଅନୁସରଣ ଓ ମୌଳିକ ସୃଷ୍ଟି । ଆଧୁନିକ ଓଡ଼ିଆ ସାହିତ୍ୟର ସୃଷ୍ଟି ପ୍ରକ୍ରିୟାରେ ଏହି ତିନିଗୋଟି ଧାରାର ଅବଦାନ ରହିଛି । ଇଂରେଜୀ ଶାସନରେ ପ୍ରାୟ ୧୮୬୮ ମସିହା ପର୍ଯ୍ୟନ୍ତ ଓଡ଼ିଆରେ କେବଳ ଅନୁବାଦ ହିଁ କରାଯାଉଥିଲା । ଆଧୁନିକ ବଙ୍ଗ ସାହିତ୍ୟର କିଛି ନିର୍ବାଚିତ କୃତି ଏହି କ୍ରମରେ ଓଡ଼ିଆରେ ଅନୂଦିତ ହୋଇଥିଲା । ଅନୁବାଦକମାନେ ମୁଖ୍ୟତଃ ବଙ୍ଗାଳୀ ହୋଇଥିବାରୁ ଅନୁବାଦରେ ବଙ୍ଗଳା ଶବ୍ଦର ଆଧିକ୍ୟ ରହିଥିଲା । ଏପରି ଅନୁବାଦକୁ ଦେଖି ପଣ୍ଡିତ କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟ ମନ୍ତବ୍ୟ ଦେଲେ ଯେ 'ଉଡ଼ିୟା ଏକ ସ୍ୱତନ୍ତ୍ର ଭାଷା ନହେ' । ତାଙ୍କର ଏପରି ମନ୍ତବ୍ୟ ଯେପରି ବିସ୍ମୟକର ସେପରି ଦୁର୍ଭାଗ୍ୟଜନକ ।

୧୮୬୮ ମସିହାରେ ଜାନୁଆରୀ ମାସରେ ୬ ଜଣ ଛାତ୍ରଙ୍କୁ ନେଇ କଟକରେ ଫାଷ୍ଟ ଆର୍ଟସ ଶ୍ରେଣୀ ଆରମ୍ଭ ହୋଇଥିଲା । ଉଚ୍ଚଶିକ୍ଷାର ପ୍ରସାର ବେଳକୁ ଓଡ଼ିଆ ଭାଷା ବିଲୋପ ଆନ୍ଦୋଳନ କେତେକ ଅଣଓଡ଼ିଆ ବ୍ୟକ୍ତିଙ୍କ ଦ୍ୱାରା ତେଜିବାକୁ ଲାଗିଲା । ଶିକ୍ଷାନୁଷ୍ଠାନରେ ଓଡ଼ିଆ ଭାଷା ଉପରେ ସେତେବେଳେ ଗୁରୁତ୍ୱ ଆରୋପିତ ହେଉନଥିଲା । ଏକଥା ଦେଖି କଟକର କେତେ ଜଣ ବିଶିଷ୍ଟ ବ୍ୟକ୍ତି ଓଡ଼ିଶା କମିଶନ୍‌ରଙ୍କ ଜରିଆରେ ବଙ୍ଗ ସରକାରଙ୍କ ନିକଟକୁ ଦରଖାସ୍ତଟିଏ ପଠାଇଥିଲେ । ସେ ଦରଖାସ୍ତରେ ଓଡ଼ିଶାର ସ୍କୁଲମାନଙ୍କରେ ଓଡ଼ିଆ ଭାଷା ପଢ଼ାହେବା ଏକାନ୍ତ ଆବଶ୍ୟକ ବୋଲି ଲେଖା ଯାଇଥିଲା । ଏହି ଦରଖାସ୍ତଟିକୁ ୧୮୬୮ ମସିହା ଜୁଲାଇ ୧୬ ତାରିଖ ରେ ବଙ୍ଗ ଦେଶର ଡି.ପି.ଆଇଙ୍କ ନିକଟକୁ ପଠାଇ ଦିଆଯାଇଥିଲା । ସେତେବେଳେ ଓଡ଼ିଆ ଭାଷା ଓ ବଙ୍ଗଳା ଭାଷାକୁ କେନ୍ଦ୍ରକରି ଯେଉଁ ସମସ୍ୟା ସୃଷ୍ଟି ହୋଇଥିଲା, ତାହା ରାଜେନ୍ଦ୍ରଲାଲ ମିତ୍ରଙ୍କ ପ୍ରତିକୂଳ ମନ୍ତବ୍ୟଦ୍ୱାରା

ଅଧିକ ଗୁରୁତର ହୋଇଥିଲା । ମିତ୍ର ମହାଶୟ କହିଥିଲେ ଯେ କ୍ଷୁଦ୍ର ଓଡ଼ିଆ ଭାଷାକୁ ଏକ ସ୍ୱତନ୍ତ୍ର ଭାଷାରେ ପରିଣତ କରିବାର ଆଗ୍ରହ ଓଡ଼ିଆ ଜାତି ପାଇଁ କ୍ଷତିକାରକ । ୧୮୬୯ – ୭୦ ମସିହା ବେଳକୁ କାନ୍ତିଚନ୍ଦ୍ର ଏ ଆନ୍ଦୋଳନର ବଳିଷ୍ଠ ନେତୃତ୍ୱ ନେଲେ । ସେ ଥିଲେ ବାଲେଶ୍ୱର ଗଭର୍ଣ୍ଣମେଣ୍ଟ ସ୍କୁଲର ପଣ୍ଡିତ । ଓଡ଼ିଆ ଭାଷା ବିଲୋପ ନିମନ୍ତେ ନିଜସ୍ୱ ମତାମତ ଦେଇ 'ଉଡ଼ିୟା ଏକ ସ୍ୱତନ୍ତ୍ର ଭାଷା ନହେ' ନାମରେ ଏକ ପୁସ୍ତିକା ପ୍ରଣୟନ କରିଥିଲେ । ସେହି ପୁସ୍ତିକାର ଅଂଶ ବିଶେଷର ଅନୁବାଦ ଏହିପରି – ''ମୋର କ୍ଷୁଦ୍ର ବୁଦ୍ଧିରେ ଯେତେବେଳେ ଓଡ଼ିଆ ସ୍ୱତନ୍ତ୍ର ଭାଷା ବୋଲି ଅନୁସନ୍ଧାନ ମୁଁ କରୁଛି, ସେତେବେଳେ ଏଇ ସଂସ୍କାରଟି ଦୃଢ଼ ହେଉଛି । ସତ୍ୟର ଅପଳାପ ହେଉ – ଏହା ମୁଁ ଇଚ୍ଛା କରେ ନାହିଁ । ଏଇଥି ପାଇଁ ମୁଁ ପରିଶ୍ରମ ପୂର୍ବକ ଏହି କ୍ଷୁଦ୍ର ପୁସ୍ତକଟି ପ୍ରଣୟନ କରୁଛି । ସହୃଦୟ ତତ୍ତ୍ୱଦର୍ଶୀ ମହୋଦୟବୃନ୍ଦ ଅନୁକମ୍ପାର ସହିତ ଏହା ଆଦ୍ୟପ୍ରାନ୍ତ ପଢ଼ି ଦେଇପାରିବେ 'ଓଡ଼ିଆ ସ୍ୱତନ୍ତ୍ର ଭାଷା ନୁହେଁ,' ଏହା ବଙ୍ଗଳା ।'' ଭାଷା ବିଲୋପ ପ୍ରୟାସ ସହିତ ଓଡ଼ିଆ ଲିପିର ବିଲୋପ ପାଇଁ ମଧ୍ୟ ପ୍ରବଳ ଉଦ୍ୟମ ସେତେବେଳେ ହୋଇଥିଲା । ୧୮୬୯ ମସିହା ଜୁଲାଇ ମାସର ପ୍ରଥମ ସପ୍ତାହରେ ଯେଉଁଦିନ ଉମାଚରଣ ହାଲଦାର 'କଟକ ଷ୍ଟାର' ନାମକ ଇଂରାଜୀ ପତ୍ରିକାରେ ପ୍ରକାଶ କରିଦେଲେ ଯେ ଓଡ଼ିଆ ଭାଷାକୁ ବଙ୍ଗଳା ଅକ୍ଷରରେ ଲେଖାଯିବା ଉଚିତ, ସେହିଦିନ ଏହି କଥାଟି ଭାଷା ସମସ୍ୟାରେ ନିଆଁରେ ଘିଅ ଢ଼ାଳିଲା ପରି ହେଲା । ଶ୍ରୀ ହାଲଦାରଙ୍କ ଏହି ମନ୍ତବ୍ୟକୁ ଦୃଢ଼ତାର ସହିତ ଖଣ୍ଡନ କରିଥିଲେ ଉତ୍କଳ ଦୀପିକା ପତ୍ରିକା । ପତ୍ରିକାରେ ପ୍ରକାଶ ପାଇଥିଲା ଯେ ଯାହାର ଯେଉଁ ବିଷୟରେ ଜ୍ଞାନ ବା ପ୍ରବେଶ ନାହିଁ ସେ ସେହି ବିଷୟରେ ମନ୍ତବ୍ୟ ଦେବା ଅନୁଚିତ । ସେତେବେଳେ ଓଡ଼ିଆ ଭାଷା ସୁରକ୍ଷା ଆନ୍ଦୋଳନରେ ସେନାପତିର ଭୂମିକା ଗ୍ରହଣ କରିଥିଲେ ଫକୀରମୋହନ ସେନାପତି । କବି ବିଦ୍ୟୁତ୍ ପ୍ରଭାଙ୍କ ଭାଷାରେ–

***''ଘୋର ତିମିରିତ ଉଆଁସ ଅନ୍ଧାରେ***
***ଜାଳି ଚନ୍ଦ୍ରମାବତୀ***
***ବାସ୍ତବେ ତୁମେ ବୋଲାଇଛ ପରା***
***ଏ ଜାତିର ସେନାପତି ।''***

ଓଡ଼ିଆ ଭାଷାର ସୁରକ୍ଷା ଦିଗରେ ଯେଉଁ ପାଶ୍ଚାତ୍ୟ ବିଦ୍ୱାନମାନେ ଦୃଢ଼ ପଦକ୍ଷେପ ନେଇଥିଲେ ସେମାନଙ୍କ ମଧ୍ୟରେ ଜନ୍ ବିମସ୍, ମିଃ ରେଭେନସା ଓ ଜର୍ଜ ଗ୍ରୀୟରସନ୍ ଅନ୍ତର୍ଭୁକ୍ତ ।

ଜନ ବିମସ୍ ବୃତ୍ତିରେ ପ୍ରଶାସକ ହେଲେ ହେଁ ପ୍ରବୃତ୍ତିରେ ଥିଲେ ଭାଷା ଓ ସାହିତ୍ୟ ପ୍ରେମୀ ଏକ ବଳିଷ୍ଠ ବ୍ୟକ୍ତିତ୍ୱ । ୧୮୬୬ ମସିହାରେ ବାଲେଶ୍ୱରରେ କଲେକ୍ଟର ଥିବାବେଳେ ସେ ଓଡ଼ିଆ ଭାଷା ଓ ସାହିତ୍ୟ ସଂପର୍କରେ ଗଭୀର ଅଧ୍ୟୟନ କରିଥିଲେ । ୧୮୬୭ ମସିହାରେ ତାଙ୍କର Outlines of Indian Philology ଗ୍ରନ୍ଥ ପ୍ରକାଶିତ ହୋଇଥିଲା । ଏଥିରେ ଓଡ଼ିଆ ଭାଷା ସଂପର୍କରେ କିଛି ଚର୍ଚ୍ଚା ଦେଖିବାକୁ ମିଳେ । ତାଙ୍କ ମତରେ ଓଡ଼ିଆ ଏକ ସ୍ୱତନ୍ତ୍ର ଓ ଅଭିନବ ଭାଷା ଅଟେ ।

ଜର୍ଜ ଗ୍ରୀୟରସନ୍‌ଙ୍କର ଓଡ଼ିଆ ଭାଷା ସୁରକ୍ଷା କ୍ଷେତ୍ରରେ ଥିବା ଅବଦାନ ଅବିସ୍ମରଣୀୟ । ତାଙ୍କର Lingustic survey of india ଗ୍ରନ୍ଥରେ ଓଡ଼ିଆ ଭାଷାର ଚର୍ଚ୍ଚା କରାଯାଇଛି । ଶବ୍ଦ ସମ୍ଭାର ଦୃଷ୍ଟିରୁ ବିଚାର କଲେ ଓଡ଼ିଆ ଭାଷା ଭାରତୀୟ ଆର୍ଯ୍ୟଭାଷା ଗୋଷ୍ଠୀରେ ଥିବା ଅନ୍ୟାନ୍ୟ ଭାଷାଠାରୁ ଅଧିକ ସମୃଦ୍ଧ ବୋଲି ସେ ମତ ଦେଇଥିଲେ । ୧୮୭୦ ମସିହା ପରେ କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟଙ୍କ ଓଡ଼ିଆ ଭାଷା ବିରୋଧୀ ପ୍ରଚାରର ପ୍ରତିକ୍ରିୟାରେ ଯାହା ଭୂଦେବ ମୁଖୋପାଧ୍ୟାୟ କହିଥିଲେ ତାହା ଉଲ୍ଲେଖଯୋଗ୍ୟ । ସେ ମତ ଦେଇଥିଲେ ଯେ କାନ୍ତିଚନ୍ଦ୍ର ଯେଉଁଠାରେ ଓଡ଼ିଆ ଓ ବଙ୍ଗଳାରେ ମେଳ ଦେଖିଅଛନ୍ତି, ସେହି ସ୍ଥଳରେ ଦୁହିଁଙ୍କୁ ବଙ୍ଗଳା କହିଅଛନ୍ତି । ଯେଉଁ ସ୍ଥଳରେ ଭିନ୍ନ ରୂପ ଦେଖିଛନ୍ତି, ସେହି ସ୍ଥଳରେ ଓଡ଼ିଆକୁ ବିଶୁଦ୍ଧ ବଙ୍ଗଳାର ଅପଭ୍ରଂଶ କହିଛନ୍ତି । ଏହି କି ବିଚାରର ରୀତି ? ଯେଉଁ ସ୍ଥଳରେ ଦୁହିଁଙ୍କର ମେଳ, ସେ ସ୍ଥଳରେ ବଙ୍ଗଳା କାହିଁକି ଓଡ଼ିଆ ହେଲା ନାହିଁ ? ଯେଉଁ ସ୍ଥଳରେ ଦୁହିଁଙ୍କର ମେଳ ନହେଲା ସେ ସ୍ଥଳରେ ବଙ୍ଗଳା କାହିଁକି ଓଡ଼ିଆର ଅପଭ୍ରଂଶ ନହେଲା... ଇତ୍ୟାଦି ? ସମସ୍ୟାର କାରଣ ନିରୂପଣ କରିବା ସହ ସମାଧାନରେ ପହଞ୍ଚିବାର ପ୍ରୟାସ କରି ସେ ପୁନଶ୍ଚ ମନ୍ତବ୍ୟ ଦେଇଥିଲେ ଯେ ବସ୍ତୁତଃ ଓଡ଼ିଆ ବଙ୍ଗଳାର ଅପଭ୍ରଂଶ ନୁହେଁ ଏବଂ ବଙ୍ଗଳା ମଧ୍ୟ ଓଡ଼ିଆର ଅପଭ୍ରଂଶ ନୁହେଁ । ବଙ୍ଗଳା, ଓଡ଼ିଆ ଓ ଆସାମୀ ଏକ ମୂଳରୁ ସମୁତ୍ପନ୍ନ । ଏକ ବୃକ୍ଷର ଭିନ୍ନ ଭିନ୍ନ ଶାଖା ସ୍ୱରୂପ, ଏକ ପ୍ରସୂତିର ଭିନ୍ନ ଭିନ୍ନ ସନ୍ତତି ମାତ୍ର । ମୂଳ ବୃକ୍ଷ କାଳସହକାରେ ଲୋପ ପାଇଯାଇଛି

। ଶାଖାମାନ ଆପଣା ଆପଣା ଅନ୍ତର୍ନିହିତ ଶକ୍ତି ପ୍ରଭାବରେ ପରସ୍ପର ନିରପେକ୍ଷ ହୋଇ ପ୍ରାଣ ଧାରଣ କରିଅଛନ୍ତି...ଇତ୍ୟାଦି । ଜନ ବିମସ୍ ମଧ କାନ୍ତିଚନ୍ଦ୍ରଙ୍କର ପୁସ୍ତିକାକୁ ଭାଷା ତତ୍ତ୍ୱ ଆଲୋଚନା ଶୂନ୍ୟ ବୋଲି ମତବ୍ୟକ୍ତ କରିଥିଲେ । ଓଡ଼ିଆ ଭାଷାକୁ ଏକ ସମୃଦ୍ଧ ଭାଷାର ମର୍ଯ୍ୟାଦା ଦେବା ସହିତ ଏହି ଭାଷା ଉପରେ ଏକ ପୁସ୍ତକ ପ୍ରଣୀତ ହେବା ଉଚିତ୍ ବୋଲି ସେ ମତବ୍ୟକ୍ତ କରିଥିଲେ ।

ଏହା ସ୍ୱୀକାର୍ଯ୍ୟ ଯେ ବିଭିନ୍ନ ସ୍ତରରୁ ଚାପ ପଡ଼ିବା ଫଳରେ ଓଡ଼ିଆ ଭାଷା ସୁରକ୍ଷିତ ହୋଇ ରହିବା ସଙ୍ଗେ ସଙ୍ଗେ ଏହାର ସ୍ୱତନ୍ତ୍ରତା ବଜାୟ ରହିଲା ।

**୪– ପାଶ୍ଚାତ୍ୟ ସାହିତ୍ୟର ପ୍ରଭାବ :**

ଆଧୁନିକ ଓଡ଼ିଆ ଗୀତିକବିତାର ସଂରଚନା ନିମନ୍ତେ ପାଶ୍ଚାତ୍ୟ ସାହିତ୍ୟର ପ୍ରଭାବ ସ୍ୱୀକାର୍ଯ୍ୟ । କବି ମଧୁସୂଦନଙ୍କର କବିତା 'ନିଶୀଥ ଚିନ୍ତା'ରେ କଲ୍‌ରିଜଙ୍କର 'Frost at Midnight' ଏବଂ ଶେଲିଙ୍କର "To the night" କବିତାର ପ୍ରଭାବ ରହିଛି । କବିକୃତ ଅନ୍ୟ ଏକ କବିତା 'ଋଷି ପ୍ରାଣେ ଦେବାବତରଣ' ଶୀର୍ଷକ ରଚନାରେ ମିଲଟନଙ୍କର "On the morning of christ's nativity କବିତାର ଛାୟା ଦେଖିବାକୁ ମିଳେ । କଲରିଜଙ୍କର 'Youth and age' କବିତାର ପ୍ରଭାବ ମଧୁସୂଦନ ରାଓଙ୍କ ରଚିତ 'ନବବସନ୍ତ ଭାବନା' କବିତାରେ ଅନୁଭୂତ ହୁଏ । ଗୋଟିଏ ଉଦାହରଣ ଏଇ ପ୍ରଭାବକୁ ଦର୍ଶାଇବା ନିମନ୍ତେ ଦିଆଯାଇପାରେ ।

"Life is But thought
so think I will
That youth and I am housemates still" *(Coleridge)*

ଏହାର ପ୍ରଭାବରେ ପ୍ରଭାବିତ ହୋଇ ମଧୁସୂଦନ ଲେଖିଛନ୍ତି –

***'ଅନାଇଣ ବାରେ ଦେଖରେ ଜୀବ ନିଜ ଅନ୍ତରେ
ଅନନ୍ତ ଜୀବନ ଆଧାର ସତ୍ୟ ଶିବ ସୁନ୍ଦରେ
ଅନନ୍ତ ସରସ ବସନ୍ତ ମଧୁମୟ ଉତ୍ସବ
ଅନନ୍ତ ଜୀବନ ଯୌବନ ମହାନନ୍ଦ ବିଭବ ।'***

(ନବ ବସନ୍ତ ଭାବନା)

ମଧୁସୂଦନ ରାଓଙ୍କ 'ନଦୀ ପ୍ରତି' କବିତାରେ Tennyson ଙ୍କ The Brook କବିତାର ପ୍ରଭାବ ଲକ୍ଷ୍ୟକରି ହୁଏ । 'କୁସୁମାଞ୍ଜଳି'ରେ ସନ୍ନିବେଶିତ 'ଆତ୍ମସମର୍ପଣ' କବିତାଟି Willam Cowper ଙ୍କ କାବ୍ୟ Olney Hymes ଅନ୍ତର୍ଗତ Submission କବିତାର ଛାୟାରେ ରଚିତ । 'ନବଜାତ ଶିଶୁ ଦର୍ଶନରେ' କବିତାରେ Wordsworthଙ୍କର Ode to Intimation of Immortality କବିତାର ପ୍ରଭାବ ସ୍ପଷ୍ଟ ଭାବରେ ଲକ୍ଷ୍ୟଣୀୟ । ମଧୁସୂଦନ ଥିଲେ ବହୁପାଠୀ କବି । ସେ ପ୍ରାଚ୍ୟର କାବ୍ୟତତ୍ତ୍ୱ, ଦର୍ଶନ ଓ ଧର୍ମ ଶାସ୍ତ୍ର ପଢ଼ିବା ସଙ୍ଗେ ସଙ୍ଗେ ପାଶ୍ଚାତ୍ୟର କାବ୍ୟତତ୍ତ୍ୱ ତଥା ଦର୍ଶନ ଅଧ୍ୟୟନ କରିଥିଲେ । ସେ ମୁଖ୍ୟତଃ ମାର୍ଟିନ୍, ରସ୍କିନ୍, ଇମର୍ସନ, ଭିକଟ୍ର ହ୍ୟୁଗୋ, ମାଥ୍ୟୁ ଆରନୋଲଡ୍, ଟେନିସନ୍, ୱାଡ଼ସୱାର୍ଥ, ଗେଟେ ଓ ଶେଲି ପ୍ରଭୃତି ପାଶ୍ଚାତ୍ୟ କବିମାନଙ୍କର କୃତି ସହିତ ବିଶେଷ ଭାବରେ ପରିଚିତ ଥିଲେ ।

ପଲ୍ଲୀକବି ନନ୍ଦକିଶୋର ମଧ୍ୟ ପାଶ୍ଚାତ୍ୟସାହିତ୍ୟଦ୍ୱାରା କେତେକାଂଶରେ ପ୍ରଭାବିତ ହୋଇଥିଲେ । ଇଂରାଜୀ କବି ଗୋଲଡ଼ ସ୍ମିଥଙ୍କର Deserted village ଦ୍ୱାରା ପ୍ରଭାବିତ ହୋଇ 'ପଲ୍ଲୀଚିତ୍ର' ଶୀର୍ଷକ ସୃଷ୍ଟି ସଂରଚନା କରିଥିଲେ । ତହିଁରୁ ଗୋଟିଏ ପଦ ଏଠାରେ ଉଦାହରଣ ରୂପେ ଦିଆଯାଇପାରେ ।

"The village master taught his little school
A man severe he, was and stern to view
The village all declared how much he knew
"T was certain he could measure terms and tides presage"

ପ୍ରଭାବିତ ହୋଇ ନନ୍ଦକିଶୋର ଲେଖିଛନ୍ତି –

*''ଗୁରୁଙ୍କର ବିଦ୍ୟା ଅପ୍ରମିତ*
*ଜାଣନ୍ତି ସେ ଶ୍ଳୋକ ଛାନ୍ଦଗୀତ*
*ମହାଜନୀ ଜମିଦାରୀ – ହିସାବରେ ଆଣ୍ଟ ଭାରି*
*ଲେଖାଯୋଖା ଖଡ଼ିପାଠେ ଅତି ଧୂରନ୍ଧର*
*'ପୁର' 'ଭଉଁରିଆ' ଲେଖା ଅପୂର୍ବ ସୁନ୍ଦର''*

Wordsworth ଙ୍କର "To the Cuckoo" କବିତା ଅବଲମ୍ବନରେ ସେ ରଚନା କରିଥିଲେ 'କୋକିଳ ପ୍ରତି' କବିତା ଏବଂ ଜେଲୋଗାନ୍‌ଙ୍କର ରଚିତ Ode to the Cuckoo କବିତା ଅବଲମ୍ବନରେ ସେ ରଚନା କରିଥିଲେ 'କୋକିଳ' ଶୀର୍ଷକ କବିତା । Tennyson ଙ୍କର The Princess କବିତାର ପ୍ରଭାବ ରହିଛି ନନ୍ଦକିଶୋରଙ୍କର 'ବସନ୍ତ କୋକିଳ' କବିତାରେ ।

"O tell her brief is life
But love is long"

ନନ୍ଦକିଶୋରଙ୍କ ଭାଷାରେ –

***ନଶ୍ୱର ଜୀବନ ପୁଣି ନଶ୍ୱର ଯୌବନ***
***ନିଷ୍କପଟ ପ୍ରୀତି କିନ୍ତୁ ଅଟେ ଚିରନ୍ତନ***

## ୫ – ପରମ୍ପରାର ଅନୁଶୀଳନ :

ଆଧୁନିକ ଓଡ଼ିଆ ଗୀତି କବିତାର ପ୍ରସ୍ତୁତି ଓ ରୂପାୟଣ ନିମନ୍ତେ ପାଶ୍ଚାତ୍ୟ ଶିକ୍ଷା ଓ ସାହିତ୍ୟର ଅବଦାନ ମୁକ୍ତକଣ୍ଠରେ ସ୍ୱୀକାର୍ଯ୍ୟ । ଏହା ସହିତ ଏ କଥା ମଧ୍ୟ ସ୍ମରଣ ଯୋଗ୍ୟ ଯେ ଏଥିରେ ଥିବା ବିଭିନ୍ନ ବିଭାବର ପାଖାପାଖି କିଛି କିଛି ସୃଷ୍ଟି ପୂର୍ବରୁ ଓଡ଼ିଆ ସାହିତ୍ୟରେ ଥିଲା । ଏହି ପରିପ୍ରେକ୍ଷୀରେ ପ୍ରଥମେ ଶୋକଗୀତିର କଥା ବିଚାର କରାଯାଉ । ମଧୁସୂଦନ, ଗଙ୍ଗାଧର, ନନ୍ଦକିଶୋର ଓ ଚିନ୍ତାମଣି ପ୍ରଭୃତି କବିମାନେ ଏ ଦିଗରେ ଲେଖନୀ ଚାଳନା କରିଛନ୍ତି ।

ପୌରାଣିକ ଚରିତ୍ର ମାଧ୍ୟମରେ ଏଗୁଡ଼ିକ ରୂପାୟିତ ହୋଇଥିଲା । ତେବେ ଏ କଥା ସର୍ବବାଦୀ ସମ୍ମତ ଯେ ମଣିଷ ଅଛି ତ ଶୋକ ଅଛି, କରୁଣ ରସ ଅଛି । ଶୋକ କେବେ ଦେଶ, ଜାତି, ଓ ଭାଷା ଭେଦ ମାନେନାହିଁ । ଶୋକ ଅଛି ତ ଶୋକଭିତ୍ତିକ ଗୀତ ଅଛି । ପ୍ରିୟଜନଙ୍କର ବିୟୋଗରେ, ଅନିଷ୍ଟ ଆଶଙ୍କାରେ ମନରେ ଅନୁଭୂତ ଦୁଃଖର ଅନ୍ୟରୂପ ଶୋକ ବୋଲି ପ୍ରାଚ୍ୟ କାବ୍ୟାଦର୍ଶର ଅନ୍ୟତମ ବିଶିଷ୍ଟ ପ୍ରବକ୍ତା ବିଶ୍ୱନାଥ କବିରାଜ କହିଛନ୍ତି –''ଇଷ୍ଟନାଶଃ ବିନିଷ୍ଟାପ୍ତେଃ କରୁଣାଖ୍ୟୋ ରସୋ ଭବେତ୍'' (ସାହିତ୍ୟ ଦର୍ପଣ ୩/୨୨୩) । ଏଠାରେ

ଉଲ୍ଲେଖ କରିବା ଅପ୍ରାସଙ୍ଗିକ ହେବ ନାହିଁ ଯେ ଓଡ଼ିଆ ଲୋକଗୀତର ଏକ ବିଶିଷ୍ଟ ବିଭବ ହେଉଛି କାନ୍ଦଣା ଲହରୀ ଯାହା ପ୍ରିୟଜନର ବିୟୋଗରେ ମୁଖ୍ୟତଃ ଉପସ୍ଥାପିତ ହୋଇଥାଏ । ପାଶ୍ଚାତ୍ୟ ସାହିତ୍ୟ ଦ୍ୱାରା ପ୍ରଭାବିତ ଶୋକ ଗୀତିର ରଚନା ପୂର୍ବରୁ ଆମ ସାହିତ୍ୟରେ କେତେକ ବିୟୋଗ ଗୀତି ରଚିତ ହୋଇଛି । ଅବଶ୍ୟ ଏକଥା ଠିକ୍ ଯେ ପୌରାଣିକ ଚରିତ୍ରକୁ ମାଧ୍ୟମ କରି ଏପରି ଲେଖା ସୃଷ୍ଟି ହୋଇଛି । ଉଦାହରଣ ସ୍ୱରୂପ ବିଶ୍ୱନାଥ ଖୁଣ୍ଟିଆଙ୍କର ବିଚିତ୍ର ରାମାୟଣର ସେହି ପଦ୍ୟଟିକୁ ବିଚାରକୁ ଅଣାଯାଉ ଯହିଁରେ ରାବଣ ହାତରେ ରାମଚନ୍ଦ୍ରଙ୍କର କଟାମୁଣ୍ଡ ଦେଖି ସୀତା ଶୋକାକୁଳ ହୋଇପଡ଼ିଛନ୍ତି ଓ କହିଛନ୍ତି –

***'ଯେବେ ଲକ୍ଷ୍ମଣ ଗଲେ ପଳାଇ***
***ମୋର ଶାଶୁଙ୍କୁ କହିବେ ଯାଇ***
***ସୀତା ନେଇ ଦୈତ୍ୟ ରାମଙ୍କୁ ମାଇଲେ,***
***ଏହା ଶୁଣିଲେ ଜୀଇଁବେ ନାହିଁ, ରେ ଦଇବ ।'***

ଏବେ ସମ୍ବୋଧ ଗୀତିକା ପ୍ରସଙ୍ଗରେ କିଛି ଆଲୋଚନା କରିବା । ଏପରି ଗୀତିକାର ପାଖାପାଖି ଗୀତିକାମାନ ପୂର୍ବରୁ ଅର୍ଥାତ୍ ରୀତିଯୁଗ ଓ ଗୀତିଯୁଗର କବିମାନଙ୍କର ଲେଖନୀରେ ରୂପପ୍ରାପ୍ତ ହୋଇଥିଲା । ସେଥିମଧ୍ୟରୁ ଜଗନ୍ନାଥ ଦାସଙ୍କର 'ଭୁଲା ମନ ଭୁଲୁ କାହିଁକି ?', 'ଅଚ୍ୟୁତାନନ୍ଦଙ୍କର 'ବାଇମନ ହୋ, ବସି ଅବନାବନ', ଯଶୋବନ୍ତ ଦାସଙ୍କର 'ସୁମନ ଆରେ ମୋ ବୋଲ କର', ଶିଶୁ ଅନନ୍ତଙ୍କର 'କାହିଁକିରେ ବାଇମନ ! ଭଙ୍ଗାନାବ ପରେ ବସୁ' – ଏକ ଏକ ଉଚ୍ଚାଙ୍ଗ ସୃଷ୍ଟି । ଭକ୍ତଚରଣଙ୍କ 'ମନବୋଧ ଚଉତିଶା' ଏକ ଉଚ୍ଚକୋଟୀର ଦାର୍ଶନିକ ଅନୁଚିନ୍ତା ଭିତ୍ତିକ ସମ୍ବୋଧନ ମୂଳକ ଗୀତି । ଏହି ପରିପ୍ରେକ୍ଷୀରେ ଡଃ ଜାନକୀବଲ୍ଲଭ ମହାନ୍ତି(ଭରଦ୍ୱାଜ)ଙ୍କ ମତ ଉଲ୍ଲେଖଯୋଗ୍ୟ । ତାଙ୍କ କଥାରେ – ''ମନବୋଧ ଚଉତିଶା ଯେପରି ବୈରାଗ୍ୟ ଉଦ୍ଦୀପକ, ତତ୍ତ୍ୱ ସମ୍ବଳିତ ସେହିପରି ଏହାର ଅନ୍ତଃସ୍ୱରରେ ଗାମ୍ଭୀର୍ଯ୍ୟ ଓ ସାର୍ବଜନୀନତା ନିହିତ । ଏଣୁ ପାଶ୍ଚାତ୍ୟ ପରିଭାଷାନୁଯାୟୀ ଏହାକୁ ସମ୍ବୋଧ ଗୀତି କହିବାକୁ

କୁଣ୍ଠାଜାତ ହୁଏ ନାହିଁ ।'' କହିବାର ତାତ୍ପର୍ଯ୍ୟ ଏହି କି ଯେ ଏପରି ରଚନାଗୁଡ଼ିକୁ ଆଧୁନିକ କବିମାନେ ସେମାନଙ୍କର ଆବଶ୍ୟକତା ଅନୁସାରେ ପାଠ କରିଥିଲେ । ଗୋଟିଏ ଉଦାହରଣ ଦେଲେ ପ୍ରସଙ୍ଗଟି ଅଧିକ ସ୍ପଷ୍ଟ ହେବ । କବି ଭକ୍ତଚରଣଙ୍କ ଭାଷାରେ –

*'ଚିତ୍ରପ୍ରତିମା ପ୍ରାୟ ଦିଶୁ ସୁନ୍ଦର*
*ଚିରି ଭିତର ଦେଖ କି ନାରଖାର ଯେ'*

(ମନବୋଧ ଚଉତିଶା)

ଏହି ଉକ୍ତି ସହିତ ଭାବସାମ୍ୟ ଓ ଶବ୍ଦସାମ୍ୟ ରଖି ନନ୍ଦକିଶୋର ଉଲ୍ଲେଖ କରିଛନ୍ତି ।

*'ଚର୍ମ ଦିଶେ ସୁନ୍ଦର ସାର*
*ଦେଖ ତା' ଭିତର କି ନାରଖାର'*

କବି ନନ୍ଦକିଶୋର ପୂର୍ବସୂରୀମାନଙ୍କୁ ଆଭୂମ ପ୍ରଣାମ ଜଣାଇଛନ୍ତି । ଏଥରୁ ତାଙ୍କର ପ୍ରତିଭାପୂଜା ଓ ପୂଜ୍ୟପୂଜା ପ୍ରତି ଥିବା ଆନ୍ତରିକତା ପ୍ରକଟିତ ହୋଇଛି ।

ମଧ୍ୟଯୁଗର ବରଣୀୟ କବିମାନଙ୍କୁ ସ୍ମରଣ କରି ସେ କହିଛନ୍ତି :–

*'ବାଣୀ ବରପୁତ୍ର ଉପେନ୍ଦ୍ର କବି*
*ସାହିତ୍ୟ ଗଗନେ ପ୍ରଦୀପ୍ତ ରବି*
*ଦୀନକୃଷ୍ଣ ଅଭିମନ୍ୟୁ ସାମନ୍ତ*
*କବିସୂର୍ଯ୍ୟ ବିଶି ସଂଖ୍ୟା ଅନନ୍ତ*
*ବାଣୀବନରେ ବିହାର*
*କରି ମାତୃକଣ୍ଠେ ଲମ୍ବାଇଣ ଦେଲେ*
*କବିତା କୁସୁମ ହାର'*

(ଉତ୍କଳମଙ୍ଗଳ ଗୀତ)

ଓଡ଼ିଆ ଲୋକଗୀତର ଅନୁପମ ଭାବଲାବଣ୍ୟରେ ମୁଗ୍ଧହୋଇ ସ୍ୱରଚିତ କେତେକ ଗୀତି କବିତାରେ ତହିଁରୁ ପଦେପଦେ ନନ୍ଦକିଶୋର ସଂଯୋଜିତ କରିଛନ୍ତି । ଉଦାହରଣ ସ୍ୱରୂପ 'ନବ ବର୍ଷା ଭାବନା'ରେ କବି କହିଛନ୍ତି –

***'ମେଘ ବରଷିଲା ଟପର ଟପର***
***କେଶୁର ମାଇଲା ଗଜା***
***କେଉଁ ରାଇଜରେ ରହିଲେ ମୋ ରାଜା***
***ତେଲିଙ୍ଗି ବାଇଦବଜା ।'***

ନିଜମାଟିର ତଥା ସଂସ୍କୃତିର ପ୍ରତିବିମ୍ବ ନନ୍ଦକିଶୋରଙ୍କ କେତେକ ଗୀତିକବିତାରେ ପରିଦୃଷ୍ଟ ହୁଏ । ବିଶେଷତଃ 'ନିର୍ଝରିଣୀ' ଗୀତିଗୁଚ୍ଛରେ ଏହା ଅଧିକ ସ୍ପଷ୍ଟ । ଏ ସମ୍ପର୍କରେ ଭକ୍ତକବି ମଧୁସୂଦନ ରାଓଙ୍କ ମତାମତ ଏହିପରି – 'ନବବର୍ଷ ଭାବନା' ଓ 'କାକବାରତା' ଶୀର୍ଷକ କବିତାଦ୍ୱୟ ପଢ଼ି ମୁଁ ଅତ୍ୟନ୍ତ ପ୍ରୀତି ଓ ଆନନ୍ଦ ଲାଭ କରିଅଛି । ସ୍ୱଦେଶୀୟ ଭାବ ମାଧୁରୀସ୍ନିଗ୍ଧ ସ୍ୱଦେଶୀୟ ଶତ ବାଲ୍ୟସ୍ମୃତି ପବିତ୍ରିତ ଏବଂ ଓଡ଼ିଶାର ଅକୃତ୍ରିମ ଜାନପଦ ଭାବୋଚ୍ଛ୍ୱାସ ସମ୍ବଳିତ ଏପରି ମଧୁମୟ ମର୍ମସ୍ପର୍ଶୀ ବିଚିତ୍ର କଳାସଂଗୀତ ଆଧୁନିକ ଉତ୍କଳ ସାହିତ୍ୟ କୁଞ୍ଜରେ ଇତି ପୂର୍ବ କୂଜିତ ହୋଇନଥିଲା, କହିଲେ ଅତ୍ୟୁକ୍ତି ହେବ ନାହିଁ ।'' (ନିର୍ଝରଣୀର ମୁଖବନ୍ଧ)

ଚିନ୍ତାମଣି ମହାନ୍ତି ଥିଲେ ଭଂଜକବିଙ୍କର ବିଦଗ୍ଧ ପାଠକ ଓ ମୁଗ୍ଧ ପ୍ରଶଂସକ । ଗଙ୍ଗାଧର ମେହେରଙ୍କର ସୃଷ୍ଟିସମ୍ଭାରର କେତେକାଂଶରେ ତାଙ୍କ ପୂର୍ବରୁ ରଚିତ ଓଡ଼ିଆ ସାହିତ୍ୟର କେତେକ ପ୍ରଭାବ ପରିଦୃଷ୍ଟ ହୁଏ । 'ଚନ୍ଦ୍ର ରଜନୀ' ଗୀତିକବିତାରେ ଏହି ପ୍ରଭାବ ମୂର୍ତ୍ତିମନ୍ତ । ଚାନ୍ଦିନୀ ରାତିରେ ଦୁଇଜଣ ଯୁବବନ୍ଧୁ ଆନନ୍ଦିତ ହୋଇ ଭଂଜକବିଙ୍କ 'ପ୍ରେମ ସୁଧାନିଧି' କାବ୍ୟର ଅଂଶ ବିଶେଷକୁ ଏହି କବିତାରେ ଗାନ କରିଛନ୍ତି । ଜଣଙ୍କ ପରେ ଜଣେ ବନ୍ଧୁ ଗାଇ ଚାଲିଛନ୍ତି –

***'ନିର୍ମଳ ଚନ୍ଦ୍ର ମଣ୍ଡଳ ଶରଦେ ବିରାଜି'***
***ଚନ୍ଦ୍ରେ ଚାହିଁ ମୁଦେ ଗାଏ କେ ରସିକ ବର***

***'ଦିଶେ ଯଥା ଦର୍ପକ ଦର୍ପଣେ ଥିଲେ ମାଜି'***
***ଗାଏ ତହିଁ ପଛେ ତାର ପ୍ରିୟ ସହଚର ।'***

ଗୋପବନ୍ଧୁଙ୍କର 'ଅବକାଶ ଚିନ୍ତା'ରେ ପୂର୍ବସୂରୀଙ୍କ ସ୍ମୃତିପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପିତ ହୋଇଛି । ସେହି ସୂରୀମାନଙ୍କ ଭିତରେ ସାରଳା ଦାସ, ବଳରାମ ଦାସ, ଜଗନ୍ନାଥ ଦାସ, ଉପେନ୍ଦ୍ର ଭଂଜଙ୍କ ନାମ ଉଲ୍ଲେଖଯୋଗ୍ୟ । କବି ବିଦ୍ୟୁତପ୍ରଭା କେତେଜଣ ମଧ୍ୟଯୁଗୀୟ କବିଙ୍କ ନାମରେ କ୍ଷୁଦ୍ର ଅଥଚ ଭାବୋଦ୍ଦୀପକ ଏକଏକ ଗୀତିକବିତା ଲେଖିଛନ୍ତି । କବି ଅଭିମନ୍ୟୁଙ୍କ ଉଦ୍ଦେଶ୍ୟରେ ସେ କହିଛନ୍ତି –

***'ବନ୍ଦେ ତବ ପାଦ  ସାମନ୍ତ ସିଂହାର***
***ଭକତି ଅରଘ ଢାଳି***
***ସାରଦା ମନ୍ଦିରେ   ଭକତି ପ୍ରଦୀପ***
***କି ଲଗନେ ଗଲ ଜାଳି'***

ଉଦାହରଣ ରୂପେ କେତେଜଣ କବିଙ୍କର ପଦେ ଅଧେ ଉପସ୍ଥାପିତ ହେଲା, ଏହା ବାହାରେ ଆଉ କେତେ କବିଙ୍କର ପରଂପରା ଦ୍ୱାରା ପ୍ରଭାବିତ ଅନେକ ଗୀତି କବିତା ରହିଛି, ଯାହାର ଉଲ୍ଲେଖ ଓ ଆଲୋଚନା ସ୍ୱତନ୍ତ୍ର ଭାବରେ କରାଯାଇପାରେ ।

◆◆◆

# ସ୍ୱାଧୀନତା ପୂର୍ବବର୍ତ୍ତୀ ଓଡ଼ିଆ ଗୀତିକବିତାର ସ୍ୱର ଓ ସ୍ୱରୂପ
## (୧୮୭୬ – ୧୯୫୦)

***''ଗୀତିକବିତା ମନୁଷ୍ୟର ଏକ ସୁକୁମାର କଳାକୃତି, ଏହାର ସୃଷ୍ଟିପାଇଁ ଅନ୍ତର୍ମୁଖୀ ଅନୁକୂଳ ପରିବେଶର ଆବଶ୍ୟକତା ଅନସ୍ୱୀକାର୍ଯ୍ୟ । ଯେଉଁ ଯୁଗରେ ମନୁଷ୍ୟ ମନରେ ଭାବ ପ୍ରବଣତାର ତୀବ୍ରତା ସୃଷ୍ଟି ହୁଏ, ଜାତୀୟ ଚେତନା ଗଭୀର ଭାବରେ ସୃଷ୍ଟି ହୁଏ, ସେହି ଯୁଗରେ ହିଁ ଗୀତି କାବ୍ୟର ଯଥାର୍ଥ ବିକାଶ ଘଟିଥାଏ''***

***କବିତାର ମାନଚିତ୍ର*** – *ଡଃ ଜାନକୀ ବଲ୍ଲଭ ମହାନ୍ତି (ଭରଦ୍ୱାଜ)*

ସାହିତ୍ୟର ଏକ ବଳିଷ୍ଠ ବିଭାଗ ଭାବରେ ଗୀତିକବିତା ପରିଚିତ । ଏଥିରେ କ୍ଷଣିକର ଶାଣିତ ଅନୁଭବ ସ୍ୱତଃ ପ୍ରକଟିତ । ଭାବାବେଗର ଆବେଗରେ ଏହା ଯେତିକି ସାର୍ଥକ, ଛନ୍ଦମୟତାର ମଧୁର ସ୍ପର୍ଶରେ ସେତିକି ମନୋମୁଗ୍ଧକର । ମନକୁ ମନ ସହିତ ବାନ୍ଧିବା ପାଇଁ ଏହା ଅନୁପମ ଲାବଣ୍ୟର ଏକ ସୁରମ୍ୟ ସୂତ୍ର । ଥରେ ଦୁଇଥର ଆଗ୍ରହରେ ପଢ଼ିଦେଲେ ବା ଶୁଣିଦେଲେ ଏଥିରୁ ବହୁଳାଂଶ ମନେ ରହିଯାଏ । ଦୁଃଖର ମୁହୂର୍ତ୍ତରେ ବା ସୁଖର ମୁହୂର୍ତ୍ତରେ ସ୍ୱତଃ ଝରିଆସେ ତୁଣ୍ଡରୁ ଏହି ପଂକ୍ତିମାଳା । ଗୀତିକବିତାରେ ଯେଉଁ ଅପୂର୍ବ ମଧୁରିମା ଥାଏ, ତାହାକୁ ସ୍ୱତଃ ବୁଝିହୁଏ, ଅନୁଭବ କରିହୁଏ । କାରଣ ଅନୁଭବରୁ ଏହାର ସୃଷ୍ଟି ଓ ଅନ୍ୟର ଅନୁଭବ ନିମନ୍ତେ ଏହାର ଅଭିବ୍ୟକ୍ତି । ଅନ୍ୟ ଭାଷାରେ କହିଲେ

ହେବ ଯେ ଅନୁଭବ ହିଁ ଗୀତିକବିତାର ଭିତ୍ତି । ଫଗୁଣ ଫୁଲର ମିଠାମିଠା ବାସ, କୋଇଲିର କୁହୁଗାନ, ଅଳିର ଗୁଞ୍ଜରଣ, ଧୀର ପବନର ସ୍ନିଗ୍ଧସଞ୍ଚରଣ ଏକାଧାରରେ ଏଥିରେ ଉପଲବ୍ଧ । ଅବୟବରେ ଗୀତିକବିତା ସଂକ୍ଷିପ୍ତ ହେଲେ ମଧ୍ୟ ପ୍ରଭାବରେ ସୁଦୂରପ୍ରସାରୀ । ଶବ୍ଦକୁ ଶବ୍ଦ ଖଞ୍ଜିଦେଲେ ଗୀତିକବିତା ହୁଏ ନାହିଁ, ଶବ୍ଦର ଶଯ୍ୟାରେ ଭାବର ପ୍ରବାହ ହିଁ ସାର୍ଥକ ଗୀତିକବିତାର ଅସଲ ସ୍ୱରୂପ । ସେ ପ୍ରବାହର ନିଜସ୍ୱ ଛନ୍ଦ ଅଛି, ଯାହାକୁ ଅନ୍ତଃକର୍ଣ୍ଣରେ ଶୁଣିହୁଏ, ନିଜସ୍ୱ ରଙ୍ଗଅଛି ଯାହାକୁ ଅନ୍ତଃଚକ୍ଷୁରେ ଦେଖିହୁଏ । ବ୍ୟକ୍ତିଜୀବନର ବାସ୍ତବତା ମଧ୍ୟ ଏଥିରେ ରୂପାୟିତ ହୋଇଥାଏ । ଜୀବନକୁ ଦେଖିବାକୁ ଏହା ଏକ ବିମୁକ୍ତ ଗବାକ୍ଷ । ଅଳ୍ପଶବ୍ଦରେ ବହୁ କଥା ଏଥିରେ କୁହାଯାଏ । ନିର୍ବାଚିତ ଶବ୍ଦର ଫୁଲ ସମ୍ଭାରରେ ରଚିତ ଶୋଭନୀୟ ମାଳା ହେଉଛି ଗୀତିକବିତା । ଯେତେଥର ମନନୟନରେ ଦେଖିଲେ ସେତେଥର ନୂଆ ନୂଆ ଲାଗେ, କ୍ଲାନ୍ତି ବା ବିରକ୍ତି ଆସେ ନାହିଁ । ନିତ୍ୟ ନୂତନ ଭାବବିଳାସ ତହିଁରୁ ଉକୁଟି ଉଠେ । ପ୍ରାଣର ଭିନ୍ନ ଭିନ୍ନ ପରିତଳରେ ତାହାର ସ୍ପର୍ଶ ସଞ୍ଚରିଯାଏ । ପଲ୍ଲୀକବି ନନ୍ଦକିଶୋର ବଳ ସ୍ୱରଚିତ 'କବି ରାଧାନାଥ ଓ ତଦୀୟ କବିତା' ପ୍ରବନ୍ଧରେ କହିଛନ୍ତି – ***"ଯେଉଁ କବିତାରେ କବିଙ୍କର ହୃଦୟ ଉଦ୍ଦାମ ଉଚ୍ଛ୍ୱାସ ପ୍ରକାଶିତ ହୁଏ ଏବଂ ଯାହା ସଂଗୀତ ରୂପରେ ସ୍ୱରଲୟାଦି ସହକାରେ ସୁଗେୟ, ତାହା ଗୀତିକବିତା" ।***

ଗୀତିକବିତାର ଆକର୍ଷଣ ସର୍ବବାଦୀ ସମ୍ମତ । ସାହିତ୍ୟର ରସଘନ ସାନ୍ଦ୍ରସୁନ୍ଦର ଅଭିବ୍ୟକ୍ତି ଭାବେ ଏହାର ପ୍ରତିଷ୍ଠା ସ୍ୱତନ୍ତ୍ର । ଗିରିଝରଣା ପରି ସ୍ୱତଃ ପ୍ରବାହିତ ଏଇ ଗୀତିକବିତାର ସଂଜ୍ଞା ନିରୂପଣ ଅତ୍ୟନ୍ତ କଷ୍ଟସାଧ୍ୟ । ବ୍ୟକ୍ତିନିଷ୍ଠ ଜୀବନ ଚିନ୍ତା ଏହାର ମୌଳିକତା ।

କେତେକ ମନେକରନ୍ତି ଯେ ଗୀତିକବିତା ରଚନା ଅପେକ୍ଷାକୃତ ସହଜ । ପୁଣି କେତେକ କହନ୍ତି ଯେ ଗୀତିକବିତାରେ ହୃଦୟର ବାର୍ତ୍ତା ସ୍ପଷ୍ଟତଃ ପ୍ରକାଶ କରିବା ସମ୍ଭବ ନୁହେଁ । ପ୍ରକୃତରେ କଥାଟି ସେପରି ନୁହେଁ । ବରଂ ହୃଦୟାନୁଭବର ପୁଙ୍ଖାନୁପୁଙ୍ଖ ବିଶ୍ଳେଷଣାତ୍ମକ ଅଭିବ୍ୟକ୍ତି ଗୀତିକବିତାରେ ସମ୍ଭବ ହୋଇଥାଏ ।

ବିଭିନ୍ନ ଉପାଦାନରେ ଏହା ସଂଗଠିତ ଓ ସୁଗଠିତ ହୋଇଥାଏ । ତହିଁରୁ ଏକ ବିଶିଷ୍ଟ ଉପାଦାନ ହେଉଛି 'ସାଙ୍ଗୀତିକତା' । ସାଙ୍ଗୀତିକତାକୁ ବାଦ୍ ଦେଲେ ଗୀତିକବିତା ହେବ ବିକଳାଙ୍ଗ, ବିକୃତ । ପ୍ରାଚୀନ କାଳରେ ୟୁରୋପରେ ଲାୟାର ନାମକ ଏକ ବାଦ୍ୟଯନ୍ତ୍ର ବ୍ୟବହୃତ ହେଉଥିଲା । ଏହି ଲାୟାର ସାହାଯ୍ୟରେ ଗାନ କରାଯାଉଥିବା ସଂକ୍ଷିପ୍ତ ରଚନାକୁ ପରବର୍ତ୍ତୀ ସମୟରେ ଲିରିକ ବୋଲି କୁହାଗଲା । ଏକଥା କହିବାର ତାତ୍ପର୍ଯ୍ୟ ଏହି କି ଯେ ଗୀତିକବିତା ତାହାର ଜନ୍ମଲଗ୍ନରୁ ସଂଗୀତମୟତା ସହ ସଂଶ୍ଲିଷ୍ଟ । Lyric ର ସଂଜ୍ଞା ନିରୂପଣ କରାଯାଇ – "Merrim websters encyclopedia of literature" ଗ୍ରନ୍ଥରେ କୁହାଯାଇଛି "A verse or poem that can or supposedly can be sung to the accopaniment of a musical instrument (In ancient times, usually a Lyre) or that Expressess intense personal Emotion in a manner suggestive of a song." ଏକଥା ସର୍ବଦାବାଦୀ ସମ୍ମତ ଯେ ଗୀତି କବିତାରେ ସ୍ରଷ୍ଟା ହୃଦୟର ଅନିର୍ବଚନୀୟ ଅଲକ୍ଷ୍ୟ ଆୟତନରୁ ଝରି ଆସେ ଗୀତିମୟତାର ଅନ୍ତରୀଣ ପ୍ରବାହ ।

ଅନୁଭବ ଯେତେ ଶାଣିତ ଓ ସୂକ୍ଷ୍ମ ହେବ, ଗୀତିକବିତା ପାଇଁ ତାହା ସେତେ ଉପଯୋଗୀ ହେବ ।

ପ୍ରାଚ୍ୟ ଓ ପାଶ୍ଚାତ୍ୟର ଶିକ୍ଷା, ସଭ୍ୟତା ଓ ସଂସ୍କୃତି ଭିତରେ ଏବଂ ଭାବଗତ ଆବଶ୍ୟକୀୟ ଉପାଦାନର ସମନ୍ୱୟର ଫଳଶ୍ରୁତି ସ୍ୱରୂପ ଆଧୁନିକ ଓଡ଼ିଆ ସାହିତ୍ୟର ଉଦ୍ଭବ ହୋଇଛି । ଆଧୁନିକ ଓଡ଼ିଆ ଗୀତିକବିତା ହେଉଛି ଗଳ୍ପ, ନାଟକ, ଉପନ୍ୟାସ ଓ ପ୍ରବନ୍ଧ ପରି ଏକ ବିଶିଷ୍ଟ ବିଭାଗ । ଏହାର ସ୍ୱାଦ ପ୍ରାଚୀନ ଓ ମଧ୍ୟଯୁଗୀୟ ଗୀତିକବିତା ଠାରୁ ଭିନ୍ନ । ଆଙ୍ଗିକ ଓ ଆତ୍ମିକ କ୍ଷେତ୍ରରେ କେତେକ ନୂତନତ୍ୱ ଏଥିରେ ଲକ୍ଷ୍ୟଣୀୟ । ଆଧୁନିକ ଓଡ଼ିଆ ଗୀତିକବିତାର ପ୍ରକାର ଭେଦ ସଂପର୍କରେ କିଞ୍ଚିତ ଆଲୋଚନା କରିବା ।

**୧. ଶୋକଗୀତି :**

ପାଶ୍ଚାତ୍ୟ ସାହିତ୍ୟର Elegyର ଆଦର୍ଶ ଅନୁସରଣରେ ଆଧୁନିକ ଓଡ଼ିଆ ସାହିତ୍ୟରେ ମଧୁସୂଦନ ରାଓ ପ୍ରଥମେ ଶୋକଗୀତି ରଚନା କଲେ ।

Merrim websters Encyclopedia of Literature ରେ Elegy ର ସଂଜ୍ଞା ନିରୂପଣ କରାଯାଇ କୁହାଯାଇଛି *" Elegy is a song or poem expressing sorrow, lamentation, esspecially for one who is dead."* ମଧୁସୂଦନ ରାଓ ପ୍ରଥମ କରି ଦେଶର ଏବଂ ବିଦେଶର କେତେକ ବିଶିଷ୍ଟ ବ୍ୟକ୍ତିଙ୍କ ତିରୋଧାନରେ ଶୋକଗୀତିକା ରଚନା କରିଛନ୍ତି । ତାଙ୍କ ରଚିତ ଶୋକଗୀତିଗୁଡ଼ିକ ମଧ୍ୟରେ 'କବି ରାଧାନାଥ ରାୟ', 'ପରଲୋକଗତ ସୁଲକ୍ଷଣା ଦେବୀ' 'ଦେବାତ୍ମା ପ୍ୟାରୀମୋହନ ଆଚାର୍ଯ୍ୟ', 'ମହାଦେବୀ ଭିକ୍‌ଟୋରିଆ' 'ମହର୍ଷି ଦେବନ୍ଦ୍ରନାଥ ଠାକୁର' ଅନ୍ୟତମ ।

ଅନ୍ୟତମ ସାର୍ଥକ ସ୍ରଷ୍ଟା ବ୍ୟାସକବି ଫକିରମୋହନଙ୍କ ଜୀବନର ଅନୁଭବ ମୁଦ୍ରାଙ୍କ ତାଙ୍କ ରଚିତ ଶୋକଗୀତି ଗୁଡ଼ିକରେ ଅଧିକ ଦେଖିବାକୁ ମିଳେ । ପୁତ୍ର ମନମୋହନ ଓ ପତ୍ନୀ କୃଷ୍ଣକୁମାରୀଙ୍କ ବିୟୋଗରେ କବି ଚିତ୍ତର ଆଲୋଡ଼ନ ଏହା ମାଧ୍ୟମରେ ପ୍ରକାଶିତ । ତନ୍ମଧ୍ୟରେ 'ହସି ହସି ଗଲାମତେ କନ୍ଦାଇକନ୍ଦାଇ', 'ପୁଣି କି ଦେଖିବି ସେହି ସହାସ୍ୟ ବଦନ','ମୃତ ଶିଶୁପୁତ୍ର ମନମୋହନ' ଅନ୍ତର୍ଭୁକ୍ତ । ଫକରୀମୋହନଙ୍କ ବିରଚିତ ବହୁ କବିତାରେ ତାଙ୍କ ବ୍ୟକ୍ତିଗତ ଜୀବନର ସୁଖଦୁଃଖ ଉପସ୍ଥାପିତ । ବିଶେଷତଃ ତାଙ୍କ ପତ୍ନୀ ବିୟୋଗ ବିଧୂର ପ୍ରାଣର ଆକୁଳତା ଏପରି କବିତାଗୁଡ଼ିକରେ ଅଧିକ ପ୍ରକଟିତ । ପତ୍ନୀ ବିୟୋଗଜନିତ ଦୁଃଖର ଚିତ୍ରରୁ କିଛି ଏହିପରି –

***ଲୀଳା କରୁଥିଲା ନୀଳ ବାରିଦେ ଚପଳା***
***ଦେଖି ତୃପ୍ତ ହେଉଥିଲା ମୋହ ନେତ୍ରଡୋଳା***
***ଅନନ୍ତ ଆକାଶେ ଗଲା ସହସା ଉଭାଇ***
***ହସି ହସି ଗଲା ମୋତେ କନ୍ଦାଇ କନ୍ଦାଇ ।।***
***(ହସି ହସି ଗଲା ମତେ କନ୍ଦାଇ କନ୍ଦାଇ)***

ମଧୁସୂଦନ ରାଓଙ୍କ ସ୍ମୃତିରେ ଚିନ୍ତାମଣି ମହାନ୍ତି 'ଅଶ୍ରୁପାତ' ଏବଂ ଅଭିରାମ ଭଂଜଙ୍କ ସ୍ମୃତିରେ 'ତପ୍ତ ଶ୍ୱାସ' ଶୀର୍ଷକ ଶୋକଗୀତି ରଚନା କରିଛନ୍ତି । ଏଥିରେ କବି ଚିନ୍ତାମଣିଙ୍କର ଭାବାନୁସାରୀ ଭାଷା ପ୍ରୟୋଗ

ଦକ୍ଷତା ଲକ୍ଷଣୀୟ । ମଧୁସୂଦନ ରାଓଙ୍କୁ ଉତ୍କଳମାତାଙ୍କର ରଙ୍କୁଣୀଧନ ବୋଲି କବି ଚିନ୍ତାମଣି ଅଭିହିତ କରିଛନ୍ତି ।

*ଦୀନ ଉତ୍କଳମାତା ରଙ୍କୁଣୀଧନ ।*
*ଗତାୟୁ ଭକ୍ତକବି ମଧୁସୂଦନ ।।*

ଗଙ୍ଗାଧରଙ୍କ ଦ୍ୱାରା ରଚିତ କେତେଗୋଟି ଶୋକ କବିତା ମଧ୍ୟରେ 'ମଧୁସୂଦନଙ୍କ ସ୍ୱର୍ଗାରୋହଣ', 'ସ୍ୱର୍ଗୀୟ କବିବର ରାଧାନାଥ ରାୟ', 'ସ୍ୱର୍ଗୀୟା କୃଷ୍ଣକୁମାରୀ', 'ଫକୀରମୋହନଙ୍କ ମୃତ୍ୟୁଶଯ୍ୟା ନିକଟରେ ଉତ୍କଳମାତାର ରୋଦନ' ପ୍ରଭୃତି ପ୍ରଧାନ । ଦିନେ ଜନ୍ମ ହେଲେ ଦିନେ ମୃତ୍ୟୁ ଅଛି ଏ କଥା ଜାଣିଲେ ମଧ୍ୟ ମନ ବିବ୍ରତ ହୋଇପଡୁଛି, ଚାରିଦିଗରେ ହାହାକାର ଶୁଭୁଛି, ଉତ୍କଳର ମୁଖ ନିଷ୍ପ୍ରଭ ଦିଶୁଛି ଇତ୍ୟାଦି କଥା କବି ଗଙ୍ଗାଧର 'ମଧୁସୂଦନଙ୍କ ସ୍ୱର୍ଗାରୋହଣ' ଶୀର୍ଷକ କବିତାରେ କହିଛନ୍ତି ।

*ଚାରିଆଡ଼େ ଶୁଭୁଅଛି ହାହାକାର ରବ ।*
*ଉତ୍କଳର ଚାରୁମୁଖ ଦିଶୁଛି ନିଷ୍ପ୍ରଭ ।।*

ଗଙ୍ଗାଧର ସମ୍ରାଟ ସପ୍ତମ ଏଡ଼ୱାଡ଼ଙ୍କ ବିୟୋଗରେ ରଚନା କରିଛନ୍ତି 'ମହାପ୍ରୟାଣ' । ପୁନଶ୍ଚ ବରପାଲିର ଜଣେ ଛାତ୍ର ଧନଞ୍ଜୟ ସିଂହ କଟକରେ ଆଇ.ଏ. ପଢୁଥିବା ବେଳେ ମୃତ୍ୟୁବରଣ କରିବାରୁ ତାଙ୍କର ବିୟୋଗରେ କବି ଗଙ୍ଗାଧର 'ସ୍ୱର୍ଗତ ଧନଞ୍ଜୟ ସିଂହ' ଶୀର୍ଷକ ଶୋକଗୀତି ଏବଂ ସ୍ୱଦେଶପ୍ରେମୀ କାଶୀନାଥ ପଣ୍ଡାଙ୍କ ବିୟୋଗରେ 'ସ୍ୱର୍ଗତ କାଶୀନାଥ ପଣ୍ଡାଙ୍କ ପ୍ରତି' ଶୀର୍ଷକ ଶୋକଗୀତି ରଚନା କରିଛନ୍ତି । ଫକିରମୋହନଙ୍କ ମୃତ୍ୟୁଶଯ୍ୟା ନିକଟରେ ଉପସ୍ଥିତ ଉତ୍କଳମାତାଙ୍କର ରୋଦନରେ କବି ଫକୀରମୋହନଙ୍କ ମହତ୍ତ୍ୱ ପ୍ରଧାନତଃ ପ୍ରକଟିତ । ଫକୀରମୋହନଙ୍କ ମୃତ୍ୟୁପୂର୍ବରୁ ରାଧାନାଥ ଓ ମଧୁସୂଦନ ରାଓଙ୍କର ମହାପ୍ରୟାଣ ଘଟିଥିଲା । ଉତ୍କଳ ଏକ ଜଡ଼ଭୂଖଣ୍ଡ ନୁହେଁ, ଏକ ଜୀବନ୍ତସତ୍ତା । ଏହାର ସୁଖଦୁଃଖ ଅନୁଭବ କରିବାର ବିପୁଳ ସାମର୍ଥ୍ୟ ରହିଛି ।

ସନ୍ତାନବତ୍ସଳା ସେହି ଜନନୀଙ୍କର ମମତାର ପଟାନ୍ତର ନାହିଁ । ଏ କଥା କବି ହୃଦୟଙ୍ଗମ କରିବା ସହିତ ଉତ୍କଳ ଜନନୀଙ୍କ ମୁଖରେ 'ଫକୀରମୋହନଙ୍କ ମୃତ୍ୟୁଶଯ୍ୟା ନିକଟରେ ଉତ୍କଳମାତାର ରୋଦନ' କବିତାରେ କହିଛନ୍ତି –

*ମୋ ରାଧୁମଧୁ ଗଲେ ଯେଉଁ ବିଦେଶ*
*ଦେଲେ ତ ନାହିଁ ଆଜି ଯାଏ ସନ୍ଦେଶ*
*ତୁହି କି ସେହି ଦେଶେ ଗଲୁରେ ଚାଲି*
*ପାରିଲି ନାହିଁ ତୋ'ର ପଥ ଓଗାଳି ।*

ନନ୍ଦକିଶୋର ବଳ କେତେକ ଶୋକଗୀତି ରଚନା କରିଛନ୍ତି । ତନ୍ମଧ୍ୟରେ 'ପରଲୋକଗତ ମଧୁସୂଦନ', 'ସ୍ୱର୍ଗତ ମହାରାଜା ଶ୍ରୀରାମଚନ୍ଦ୍ର', 'ସ୍ୱର୍ଗତ ପଣ୍ଡିତ ମୃତ୍ୟୁଞ୍ଜୟ', 'ସ୍ୱର୍ଗତ ଅଭିରାମଭଞ୍ଜ', 'ସ୍ୱର୍ଗତ କବି ଫକିରମୋହନ' ପ୍ରଭୃତି ପ୍ରଧାନ ।

ସତ୍ୟବାଦୀ ଯୁଗର ଅନ୍ୟତମ ସାଧକ ସ୍ରଷ୍ଟା ପଣ୍ଡିତ କୃପାସିନ୍ଧୁ ମିଶ୍ରଙ୍କ ଅକାଳ ବିୟୋଗରେ ତାଙ୍କର ଧର୍ମପତ୍ନୀ ଏକ ପୁସ୍ତିକା ପ୍ରଣୟନ କରିଥିଲେ । ଏହାର ନାମ ହେଉଛି 'ଶୋକଧାରା' । ଏଥିରେ ତାଙ୍କ ବିଦୀର୍ଣ୍ଣ ହୃଦୟର ଚିତ୍ର ପ୍ରକଟିତ । ଯେ କୌଣସି ସହୃଦୟ ପାଠକ ଏହାକୁ ପଢ଼ି ଶୋକାଭିଭୂତ ନ ହୋଇ ରହିପାରିବେ ନାହିଁ । ଅତୀତରେ ଓଡ଼ିଶାରେ ବିପଦଆପଦ ବେଳେ ବିଶେଷତଃ ସ୍ୱାମୀଙ୍କର ସୁସ୍ଥତା ମନାସି ଭିନ୍ନ ଭିନ୍ନ ଦେବୀଙ୍କ ପାଦତଳେ ଅଳଙ୍କାରମାନ ଗଭୀର ବିଶ୍ୱାସ ସହ ସ୍ତ୍ରୀ ରଖୁଥିଲେ । ସ୍ୱାମୀ ସୁସ୍ଥ ହେଲାପରେ ସେହି ଅଳଙ୍କାରଗୁଡ଼ିକ ଦେବୀଙ୍କ ପାଦତଳୁ ଆଣି ପିନ୍ଧୁଥିଲେ । ପଣ୍ଡିତ କୃପାସିନ୍ଧୁଙ୍କ ପତ୍ନୀ ସାବିତ୍ରୀଦେବୀ ସ୍ୱାମୀଙ୍କର ଘୋର ଅସୁସ୍ଥତା ବେଳେ ତାହା କରିଛନ୍ତି ମାତ୍ର ଭାଗ୍ୟର କ୍ରୂର ପରିହାସରେ ତାଙ୍କର ସମସ୍ତ ଆଶା ମଉଳି ଯାଇଛି, ପଣ୍ଡିତ କୃପାସିନ୍ଧୁଙ୍କର ମୃତ୍ୟୁ ହୋଇଯାଇଛି । ଅକାଳ ବୈଧବ୍ୟର ଶିକାର ହୋଇ ସାବିତ୍ରୀଦେବୀ ଆଉ ସେହି ଅଳଙ୍କାର ଗୁଡ଼ିକୁ ପିନ୍ଧି ପାରି ନାହାନ୍ତି । ସ୍ୱତଃସ୍ଫୂର୍ତ୍ତ ଭାବରେ ଝରିପଡ଼ିଛି କେତେଗୋଟି କବିତା ଯହିଁରେ କୃପାସିନ୍ଧୁ ମିଶ୍ରଙ୍କର ଜୀବନର ବହୁଘଟଣା, ସ୍ମୃତି ଓ ଜୀବନ ଚର୍ଯ୍ୟାର ଅକପଟ ଚିତ୍ର ଉପସ୍ଥାପିତ ହୋଇଛି ।

କୃପାସିନ୍ଧୁଙ୍କର ମୃତ୍ୟୁର ଅବ୍ୟବହିତ ପରେ ଏହି 'ଶୋକଧାରା' ପ୍ରକାଶିତ ହୋଇଥିଲା । ମର୍ମଫଟା କୋହକୁ ଶବ୍ଦାୟିତ କରି ସାବିତ୍ରୀଦେବୀ ଯାହାସବୁ କହିଥିଲେ ସେଥିରୁ କିଛିଅଂଶ ଏହିପରି –

***କିଏ ଜାଣିଥିଲା ଅଭିଷେକ ବେଳେ ରାମ ଯିବେ ବନବାସ ?***
***କିଏ ଜାଣିଥିଲା ପ୍ରଭାସ ତୀର୍ଥରେ ଯଦୁବଂଶ ହେବେ ଧ୍ୱଂସ ?***
***କିଏ ଜାଣିଥିଲା ପୂର୍ଣ୍ଣିମା ନିଶିରେ ଶଶୀହେବେ ରାହୁଗ୍ରାସ ?***
***କିଏ ଜାଣିଥିଲା ଟାଣିନେବ ବୋଲି ଅକାଳରେ କାଳ ଫାଶ ?***

*(ଶୋକଧାରା)*

ପଦ୍ମଚରଣ ପଟ୍ଟନାୟକଙ୍କର 'ସୂର୍ଯ୍ୟମୁଖୀ'ରେ ସନ୍ନିବେଶିତ 'କବିପ୍ରୟାଣ' ଓ 'ମାତାର ଶୋକ' ହେଉଛି ଦୁଇଟି ଶୋକଗୀତିକା । କବିବର ରାଧାନାଥ ରାୟଙ୍କ ମହାପ୍ରୟାଣରେ 'କବିପ୍ରୟାଣ' ରଚିତ ହେଲାବେଳେ ମହାରାଜା ଶ୍ରୀରାମଚନ୍ଦ୍ର ଭଂଜଦେଓଙ୍କ ବିୟୋଗରେ 'ମାତାରଶୋକ' ରଚିତ ହୋଇଛି । ପ୍ରଥମଟି 'ମୁକୁର' ପତ୍ରିକାରେ ଓ ଦ୍ୱିତୀୟଟି 'ଉତ୍କଳ ସାହିତ୍ୟ' ପତ୍ରିକାରେ ପ୍ରକାଶିତ । 'କବି ପ୍ରୟାଣ'ରେ ରାଧାନାଥଙ୍କ ଅନନ୍ୟ ମହତ୍ତ୍ୱ ଓ ଉଚ୍ଚକୋଟୀର କବିତ୍ୱ ପ୍ରସଙ୍ଗ ଉପସ୍ଥାପିତ । ରାଧାନାଥଙ୍କ ବିୟୋଗରେ ମାନବ ଠାରୁ ବିଶ୍ୱ ପ୍ରକୃତି ଅର୍ଥାତ୍ ବୃକ୍ଷଲତା ପର୍ଯ୍ୟନ୍ତ ସମସ୍ତେ ଦୁଃଖରେ ମ୍ରିୟମାଣ ହୋଇପଡ଼ିଛନ୍ତି, ଉତ୍କଳ ଭାଷା ଓ ସାହିତ୍ୟର ଅପୂରଣୀୟ କ୍ଷତି ହୋଇଛି । କବିଙ୍କ ଭାଷାରେ –

***ହେ ପଣ୍ଡିତ କବି ଛାଡ଼ିଗଲ ଧରା***
***ତବ ବିନା ତବ ଭୂମି ଦୁଃଖଭରା***
***ଥାଉ ନର କଥା, ଗିରିବନ ରାଜି***
***ଆଜି ଏ ଦୁଃଖରେ ପଡୁଛନ୍ତି ଭାଜି ।*** *(କବି ପ୍ରୟାଣେ)*

ମହାରାଜା ଶ୍ରୀରାମଚନ୍ଦ୍ର ଭଂଜ ଦେଓଙ୍କ ସ୍ମୃତିଚାରଣ କରିଛନ୍ତି କବି ସ୍ୱରଚିତ 'ମାତାର ଶୋକ' ଗୀତି କବିତାରେ । ଉତ୍କଳର ପୁନର୍ଜାଗରଣ କଳ୍ପେ ଆୟୋଜିତ ଚେତନାର ମହାଯଜ୍ଞରେ ଋତ୍ୱିକ ଭୂମିକାରେ ଶ୍ରୀଭଂଜଦେଓ ଅବତୀର୍ଣ୍ଣ

ହୋଇଥିଲେ । ତାଙ୍କ ତିରୋଧାନରେ ଗଭୀର ଭାବରେ ମର୍ମାହତ ହୋଇଛନ୍ତି ଉତ୍କଳଜନନୀ । କାନ୍ତକବି ଲକ୍ଷ୍ମୀକାନ୍ତଙ୍କ ଲେଖନୀରେ ଯେଉଁ କେତେଗୋଟି ଶୋକକବିତା ରୂପାୟିତ ହୋଇଅଛି, ସେଥିମଧ୍ୟରେ ଫକୀରମୋହନଙ୍କ ସ୍ମୃତିରେ 'ମହାପ୍ରୟାଣ', ମଧୁସୂଦନଙ୍କ ସ୍ମୃତିରେ 'ଶ୍ମଶାନରେ ମଧୁସୂଦନ' ଓ ରାଧାନାଥଙ୍କ ସ୍ମୃତିରେ 'ଶ୍ମଶାନରେ ରାଧାନାଥ' ଅନ୍ତର୍ଭୁକ୍ତ । କବି ବିଦ୍ୟୁତ୍‌ପ୍ରଭା ଉତ୍କଳର ପରଲୋକଗତ ବହୁ ବିଶିଷ୍ଟ କବି, ସମାଜ– ସଂସ୍କାରକଙ୍କ ସ୍ମୃତି ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । 'କର୍ମବୀର ଗୌରୀଶଙ୍କର','ଦେବାତ୍ମା ପ୍ୟାରୀମୋହନ','ବ୍ରହ୍ମବାଦୀ ମଧୁସୂଦନ','ଉତ୍କଳ କେଶରୀ ମଧୁସୂଦନ','ଦେଶପ୍ରାଣ ଗୋପବନ୍ଧୁ','ଉତ୍କଳ ଭାରତୀ କୁନ୍ତଳା','ସାଧକ କବି ଚିନ୍ତାମଣି', ଓ 'ରାଜକବି ବଳଭଦ୍ର' ଶୀର୍ଷକ କବିତାଗୁଡ଼ିକ ଏହି ପର୍ଯ୍ୟାୟର ଅନ୍ତର୍ଭୁକ୍ତ । 'ଉତ୍କଳକେଶରୀ ମଧୁସୂଦନ' କବିତାରେ କବି କହିଛନ୍ତି –

*ଅଭାଗୀ ଉତ୍କଳମାତା ଶିରୀହୀନ*
*କ୍ଷୀଣ ମେରୁଦଣ୍ଡ*
*ଭାଙ୍ଗି ଯେ ପଡ଼ିଛି ତବ ତିରୋଧାନେ*
*ହୋଇ ଶତଖଣ୍ଡ ।*

*ନବୋତ୍କଳ – ଜନ୍ମଦାତା କୁଳବୃଦ୍ଧ*
*ହେ ମଧୁସୂଦନ*
*ଋଣୀ ତବ ପଦତଳେ ଏ ଉତ୍କଳ*
*ଜାତି ଚିରଦିନ ।*

**୨. ସମ୍ବୋଧଗୀତି :**

Merrimwebaters Encyclopedia of Literature ଗ୍ରନ୍ଥରେ Odeର ସଂଜ୍ଞା ଏହିପରି – " *A ceremonious lyric poem on an ocasion of public or private dignity in which personal emotion and general meditation are united.*" ଇଂରାଜୀ ସମ୍ବୋଧଗୀତିର ଆଦର୍ଶ

ଅନୁସରଣରେ ପ୍ରଥମେ ମଧୁସୂଦନ ରାଓ ଓଡ଼ିଆଭାଷାରେ ସମ୍ବୋଧଗୀତି ରଚନା କରିଥିଲେ । ତନ୍ମଧ୍ୟରେ 'ନଦୀପ୍ରତି', 'ଆକାଶପ୍ରତି', 'ଉତ୍କଳ ଜନନୀ ପ୍ରତି', 'ପୃଥିବୀ ପ୍ରତି', 'କୌଣସି ପରଲୋକ ବାସିନୀ ପ୍ରତି' ପ୍ରଧାନ । 'ଜୀବନ ଚିନ୍ତା' ଓ 'ପଦ୍ମ' କବିତା ମଧ୍ୟ ଏହି ପର୍ଯ୍ୟାୟର ଅନ୍ତର୍ଭୁକ୍ତ । 'ପଦ୍ମ' କବିତାର ଅଂଶବିଶେଷ ଉଦାହରଣ ରୂପେ ଉପସ୍ଥାପନ କରାଯାଇପାରେ ।

***କଳୁଷ ପଙ୍କେ ମୁହିଁ କେଡ଼େ ମଳିନ***
***କେମନ୍ତେ ସରି ତୋର ହେବି ନଳିନ***
***ପଙ୍କଜ ଅଟୁ ତୁହି ତେଣୁ ଭରସା***
***ତୋ ପରି ଶୁଭ୍ର ହେବି ଲଭି ସୁଦଶା ।***

ଏତଦ୍ ବ୍ୟତୀତ ଅନ୍ୟକବିମାନଙ୍କ ମଧ୍ୟରେ ଗଙ୍ଗାଧର ମେହେର, ଚିନ୍ତାମଣି ମହାନ୍ତି, ବ୍ରଜମୋହନ ପଣ୍ଡା, ଗୋପବନ୍ଧୁ ଦାସ, ଗୋଦାବରୀଶ ମିଶ୍ର, ନନ୍ଦକିଶୋର ବଳ, ପଦ୍ମଚରଣ ପଟ୍ଟନାୟକ ପ୍ରମୁଖ ଏ କ୍ଷେତ୍ରରେ ଲେଖନୀ ଚାଳନା କରିଛନ୍ତି । ଗଙ୍ଗାଧରଙ୍କର 'ମନପ୍ରତି' ଓ 'ଧନପ୍ରତି' ଏକ ଏକ ସ୍ମରଣୀୟ ସମ୍ବୋଧଗୀତିକା । ମନର ଚଞ୍ଚଳତାକୁ ଲକ୍ଷ୍ୟ କରି ଶାନ୍ତ ଓ ସ୍ଥିର ହେବା ଲାଗି ଉପଦେଶ ଦେବା ସଙ୍ଗେ ସଙ୍ଗେ ଶାନ୍ତ ନ ହେଲେ ଭେଳା ବୁଡ଼ିଯିବ ବୋଲି କବି ଉଲ୍ଲେଖ କରିଛନ୍ତି । 'ଧନପ୍ରତି' ଗୀତିକାରେ ଧନକୁ ମନରେ ଗର୍ବ ଆଣି ନ ଦେବାକୁ ଅନୁରୋଧ ଜଣାଇଛନ୍ତି କବି ଗଙ୍ଗାଧର ।

***ଧନ ! ନୀରବେ ଆସିବୁ ରେ***
***ଗରବ ନ ଦେବୁ ମନେ***
***ବିରତ ନ କରି ଅବିରତ ଥିବୁ***
***ବିବେକ ଅନୁମୋଦନେ***

ଚିନ୍ତାମଣିଙ୍କର 'ସେବତୀ', 'ମରୁଆ', 'ଗୋଲାପ', ବ୍ରଜମୋହନଙ୍କ 'କୋକିଳ ପ୍ରତି', 'ଶିଶୁପ୍ରତି', ଗୋପବନ୍ଧୁଙ୍କର 'ଭାର୍ଗବୀ ପ୍ରତି', ନନ୍ଦକିଶୋରଙ୍କର 'କାକବାରତା', 'ପ୍ରଭାତ ବିହଙ୍ଗ', 'ଦକ୍ଷିଣା ପବନ', ପଦ୍ମଚରଣଙ୍କର 'ଧଉଳି ପାହାଡ଼', କବିତା ଏକ ଏକ ସାର୍ଥକ ସମ୍ବୋଧ ଗୀତି ।

ନନ୍ଦକିଶୋରଙ୍କର ଦାର୍ଶନିକ ଦୃଷ୍ଟିକୋଣ 'କାକ ବାରତା' ଗୀତିକବିତାରେ ସରଳ ଭାଷାରେ ଅଭିବ୍ୟକ୍ତ ।

*ପରିଶ୍ରାନ୍ତ ପାନ୍ଥ ଅବସ୍ଥା ଜାଣି*
*ଗାଉ କିରେ କାକ ତତ୍ତ୍ୱ କାହାଣୀ ?*
*ସଂସାରର ପ୍ରେମ ଆବିଳ ଭାଇ*
*ନିର୍ମଳ ପ୍ରେମ ଏ ଜଗତେ ନାହିଁ ।*

ନନ୍ଦକିଶୋରଙ୍କର ସମକାଳୀନ କବି ହେଉଛନ୍ତି ଶ୍ରୀ ରତ୍ନାକର ଶର୍ମା । ଶ୍ରୀଶର୍ମାଙ୍କଦ୍ୱାରା ବିରଚିତ କେତେକ ସମ୍ବୋଧଗୀତି ବିଂଶ ଶତାବ୍ଦୀର ପ୍ରାରମ୍ଭରେ 'ସମ୍ବଲପୁର ହିତୈଷିଣୀ' ପତ୍ରିକାରେ ପ୍ରକାଶିତ ହୋଇଥିଲା । ସେଥିମଧ୍ୟରୁ 'କୃଷକପ୍ରତି','ଶିଶୁଭ୍ରାତାପ୍ରତି' 'ପଦ୍ମପ୍ରତି' ପ୍ରଭୃତି ଅତ୍ୟନ୍ତ ମର୍ମସ୍ପର୍ଶୀ । ପ୍ରତିକୂଳ ପରିବେଶରେ ଦବି ନଯାଇ ଅଧିକ ଉତ୍ସାହ ଓ ଉଦ୍ଦୀପନା ସହ କୃଷକ କୃଷିକାର୍ଯ୍ୟ କରିଯାଏ । ତେଣୁ ସେ ସମଗ୍ର ଜାତିର ନମସ୍ୟ – ଏକଥା କବି ଉଲ୍ଲେଖ କରିଛନ୍ତି । 'ଶିଶୁଭ୍ରାତାପ୍ରତି' କବିତାରେ ଶିଶୁର ମନସ୍ତତ୍ତ୍ୱକୁ କବି ଯଥାଯୋଗ୍ୟ ସମ୍ମାନ ଦେଇଛନ୍ତି । ଶିଶୁକୁ ଉଚ୍ଚଚେତନାର ପ୍ରତୀକବୋଲି କହିବା ସହିତ ତା'ର ସରଳତାକୁ ଅଶେଷ ମର୍ଯ୍ୟାଦା କବି ଦେଇଛନ୍ତି । 'ପଦ୍ମପ୍ରତି' କବିତାରେ ପଦ୍ମଫୁଲର ସୁଷମା ପ୍ରକଟିତ ହେବା ସହିତ ପବିତ୍ରତା ମଧ୍ୟ ଉପସ୍ଥାପିତ ହୋଇଛି । ବିଷ୍ଣୁଙ୍କର ପ୍ରିୟ, ବ୍ରହ୍ମାଙ୍କର ସୃଷ୍ଟିର ଆସ୍ଥାନ ଏବଂ କବିମାନଙ୍କର ଅତି ଆଦରର ଧନ ଭାବରେ ପଦ୍ମଫୁଲର ମହତ୍ତ୍ୱ ଅନନ୍ୟ । ଏଥି ସହିତ ବିରହିଣୀମାନଙ୍କର ବିରହବେଦନା ଉପଶମ ଦିଗରେ ପଦ୍ମପାଖୁଡ଼ାର ଅବଦାନ ଅସାଧାରଣ ବୋଲି କବି କହିଛନ୍ତି ।

କବିଙ୍କ ଭାଷାରେ –

*'ଆହା ଶୁଭ୍ର ରଙ୍ଗ ଉପାଦାନେ ବିହି*
*କି ଯତ୍ନେ ଗଢ଼ିଛି ତୋ ଅପଘନ*
*ଦେଖିଲା ମାତ୍ରକେତୋ ରୂପ ମାଧୁରୀ*
*ଲାଖି ରହେ ମୋର ନୟନ ମନ ।'*

କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ ରଚିତ 'ପଉଷ ସନ୍ଧ୍ୟା' ଓ 'ସୁନା' ଏକ ଏକ ସାର୍ଥକ ସମ୍ବୋଧନଗୀତି । 'ପଉଷ ସନ୍ଧ୍ୟା'ରେ ବିରହୀ ଚିତ୍ତର ଆଲୋଡ଼ନ ସମ୍ପର୍କରେ ଅବତାରଣା କରାଯାଇଛି । ସୁନାକୁ ସଭିଙ୍କର ଆଶା ଓ ଅଗ୍ରଚିନ୍ତାର ପ୍ରତୀକ ବୋଲି କବି କହିଛନ୍ତି । ସକଳ ବସ୍ତୁର ମୂଲ୍ୟ ନିର୍ଣ୍ଣୟ ଏବଂ ପ୍ରତ୍ୟେକ ବ୍ୟକ୍ତିର ଧର୍ମ, ସ୍ନେହ ଓ ନୀତିକୁ ବୁଝିବାରେ ତୁମେ ପାରଦର୍ଶୀ ବୋଲି ସୁନାକୁ କବି କହିଛନ୍ତି ।

*'ସକଳ ବସ୍ତୁର ମୂଲ୍ୟ ତୁମେ ଏକା କରୁଛ ନିର୍ଣ୍ଣୟ ।*
*କାଳେ କାଳେ ଏ ଧରଣୀ ଘୋଷୁଥିବ ତୁମରି ବିଜୟ ।।'*

ପଦ୍ମଚରଣଙ୍କ ଆବେଗ ଓ ଉତ୍କଳାନୁରାଗ ପାଖୁଡ଼ାପାଖୁଡ଼ା ମେଲି ଫିଟି ପଡ଼ିଛି 'ଧଉଳି ପାହାଡ଼' କବିତାରେ ।

*'କହ ତେବେ ମୋତେ ଧଉଳି ପାହାଡ଼*
*କହ ଭଲା ବାରେ ମୋ ମୁଖ ଚାହିଁ ।*
*ଧଉଳି ଦେଶରେ ସେଦିନ ଜୀବନ*
*ଆସିବ କି ଆଉ ଆସିବ ନାହିଁ ?'*

ଗୋଦାବରୀଶ ମହାପାତ୍ର ବହୁସଂଖ୍ୟକ ସମ୍ବୋଧଗୀତି ରଚନା କରିଛନ୍ତି । କଲମ, ଚାହା, ପାନିଆ, ଝରକା, ଟେଲିଫୋନ, କାଗଜ, ଟୋପି, କାନ, ଦାଢ଼ି ପ୍ରଭୃତି ବହୁ ସାଧାରଣ ବସ୍ତୁକୁ ସମ୍ବୋଧନ ପୂର୍ବକ ତାଙ୍କର କବିତା ରଚିତ । ଏଥିରେ ଗୁରୁଗମ୍ଭୀର ଭାବର ପରିପ୍ରକାଶ ନହେଲେ ମଧ୍ୟ ହାସ୍ୟରସିକତା ଭିତ୍ତିକ ବ୍ୟଙ୍ଗାତ୍ମକ ଦୃଷ୍ଟିକୋଣ ପ୍ରକଟିତ । କୁନ୍ତଳାକୁମାରୀଙ୍କର ସମ୍ବୋଧଗୀତି ରଚନା କ୍ଷେତ୍ରରେ କୃତିତ୍ୱ ଉଲ୍ଲେଖଯୋଗ୍ୟ । ତାଙ୍କର 'ଶେଫାଳି ପ୍ରତି' କବିତାର ଲୋକପ୍ରିୟତା ଅବିସମ୍ବାଦିତ । ଗଭୀର ଆଶାବାଦର ମନ୍ତ୍ରରେ କବିତାଟି ଅଭିମନ୍ତ୍ରିତ । କବିଙ୍କ ଭାଷାରେ –

*'ମାଟିରେ ମିଶିବୁ ତୁହି*
*ମାଟିରେ ମିଶିବି ମୁହିଁ*

***ତଥାପି ମୋ ମନ ଫୁଲ ନ ଯିବରେ ମଉଳି***
***ତେଣୁ ଆଶା ବହି ଦିନ କାଟେ ଗଙ୍ଗଶିଉଳି ।'***

ଏହାବ୍ୟତୀତ 'ଚନ୍ଦ୍ର ପ୍ରତି', 'କାମିନୀ ପ୍ରତି', 'କମଳ ପ୍ରତି', 'ତାରା ପ୍ରତି', 'ସହକାର ପ୍ରତି' ତାଙ୍କ ରଚିତ ଏକଏକ ସୁଖପାଠ୍ୟ ମର୍ମସ୍ପର୍ଶୀ ସମ୍ବୋଧନମୂଳକ ଗୀତିକବିତା । ରାଧାମୋହନଙ୍କ ଅୟିପୃଥ୍ୱି ! ଏ ଦିଗରେ ଏକ ଉଲ୍ଲେଖଯୋଗ୍ୟ ସୃଷ୍ଟି ।

## ୩. ଚତୁର୍ଦ୍ଦଶପାଦୀ ଗୀତିକବିତା :

ଇଂରାଜୀ ସନେଟ (Sonnet) ଶବ୍ଦକୁ ଅର୍ଥବୋଧକ ଶବ୍ଦ ଭାବରେ ଓଡ଼ିଆରେ ଚତୁର୍ଦ୍ଦଶପାଦୀ ଶବ୍ଦକୁ ଗ୍ରହଣ କରାଯାଇଛି । ଚତୁର୍ଦ୍ଦଶପାଦ ବା ଚରଣ ବିଶିଷ୍ଟ କବିତା ହିଁ ଚତୁର୍ଦ୍ଦଶପାଦୀ କବିତା । ଭାବଗାମ୍ଭୀରତା ଓ ଭାଷାର ସାବଲୀଳତା ଏଥିରେ ଲକ୍ଷ୍ୟ କରିହୁଏ । ଅନ୍ୟାନ୍ୟ ଗୀତିକବିତାଠାରୁ ଏହାର ଗଠନ ରୀତି ସ୍ୱତନ୍ତ୍ର । ଏଥିରେ ସଙ୍ଗୀତ ଅପେକ୍ଷା ଚିନ୍ତା ଓ ଚେତନାର ଗୁରୁତ୍ୱ ଅଧିକ ଉପଲବ୍ଧ । ଜୀବନାନୁଭବର ସୁକ୍ଷମ ପରିପ୍ରକାଶର ଭିତ୍ତିରେ ନିଜସ୍ୱ ମତ ପ୍ରଦାନର ଅବକାଶ ଏଥିରେ ଅଧିକ ଥିବାରୁ, ଏହି କବିତାଗୁଡ଼ିକ ଅଧିକ ଦାର୍ଶନିକତାପୂର୍ଣ୍ଣ । ଇଂରାଜୀ ସନେଟ୍ ଅନୁସରଣରେ ଊନବିଂଶ ଶତାବ୍ଦୀର ଶେଷ ଭାଗରୁ ଓଡ଼ିଆରେ ଚତୁର୍ଦ୍ଦଶପାଦୀ କବିତାର ସୃଷ୍ଟି ହୋଇଛି । ଭକ୍ତକବି ମଧୁସୂଦନ ଏ ଦିଗରେ ଅଗ୍ରଣୀ ଭୂମିକାର ଅଧିକାରୀ । ତାଙ୍କ ରଚିତ କେତେକ ଚତୁର୍ଦ୍ଦଶପାଦୀ କବିତାର ସମାହାରରେ 'ବସନ୍ତଗାଥା' ସଂକଳନର ସୃଷ୍ଟି । କବି ଏହି ପୁସ୍ତକର ଭୂମିକାରେ ଉଲ୍ଲେଖ କରିଛନ୍ତି – ''ଏହି ଚତୁର୍ଦ୍ଦଶପାଦୀ କବିତାଗୁଡ଼ିକରୁ ଅଧିକାଂଶ ବସନ୍ତ କାଳରେ ରଚିତ ବୋଲି ତାହା ବସନ୍ତଗାଥା ନାମରେ ଆଖ୍ୟାତ ହେଲା ।'' ଏଥିରେ ସନ୍ନିବେଶିତ କବିତାମାନଙ୍କ ମଧ୍ୟରେ 'ଏକାମ୍ରକାନନ', 'ଜରାଆକ୍ରମଣ', 'ପତିତାରମଣୀ', 'ନରନାରୀ', 'ଶଙ୍ଖଧ୍ୱନି', 'ଶ୍ରୀପଞ୍ଚମୀ' ଅନ୍ୟତମ । କେତେକ କବିତାରେ ମିତ୍ରାକ୍ଷର ଏବଂ କେତେକ କବିତାରେ ଏକାନ୍ତ ମିତ୍ରାକ୍ଷର ଛନ୍ଦର ପ୍ରୟୋଗ କରାଯାଇଛି । 'ଶଙ୍ଖଧ୍ୱନି'ରେ ମିତ୍ରାକ୍ଷର ଛନ୍ଦର ପ୍ରୟୋଗ ରହିଛି ।

*'ସହସା ସୁଦୂରଗ୍ରାମେ  ବାଜେ ଶଙ୍ଖଧ୍ୱନି (କ)*
*ସ୍ତମ୍ଭିତ ସେ ନାଦେ     ଯେହ୍ନେ ନିଖିଳ ଅବନୀ (କ)*
*କ୍ଷଣେ କର୍ଣ୍ଣଡ଼େରି ଆହା ସେ ସ୍ୱର ଲହରୀ (ଖ)*
*ଶୁଣିଲି ମୁଁ ଆଚମ୍ବିତେ  ସ୍ୱପ୍ନାବିଷ୍ଟ ପରି ।(ଖ)'*

ଏଥିରେ ସନ୍ଧିକରଣ ରୀତିଟି 'କ','କ' ଏବଂ 'ଖ','ଖ' ଭାବରେ ରହିଛି । 'ପତିତାରମଣୀ' କବିତାରେ ଏକାନ୍ତ ମିତ୍ରାକ୍ଷର ରୀତି ଉପସ୍ଥାପିତ ।

*'କେ ଚାହିଁବ ଚାହୁଁ ତୋତେ ଗର୍ବ ଅବଜ୍ଞାରେ (କ)*
*କିନ୍ତୁ ଲୋ ! ଭଗିନୀ ମୁହିଁ ତୋ ଦୁଃଖେ କାତର (ଖ)*
*ଆହତ ମୋ ପ୍ରାଣ ତୋର ମର୍ମ ହାହାକାରେ (ଗ)*
*କାନ୍ଦଇ ବିକଳେ ମୋର ବ୍ୟଥିତ ଅନ୍ତର । (ଘ)'*

ଏଥିରେ ଥିବା ରୀତିଟି 'କ', 'ଗ'ଏବଂ 'ଖ', 'ଘ' ଭାବରେ ରହିଛି ।

ଏହି ପର୍ଯ୍ୟାୟଭୁକ୍ତ କବିତାର ଅବୟବ ଦୁଇ ଭାବରେ ବିଭକ୍ତ । ପ୍ରଥମ ଅଷ୍ଟ ଚରଣକୁ ଅଷ୍ଟକ କୁହାଯାଉଥିଲା ବେଳେ ପରବର୍ତ୍ତୀ ଷଷ୍ଠ ଚରଣକୁ ଷଟକ କୁହାଯାଏ । ଅଷ୍ଟକରେ କବିଙ୍କର ଅନୁଭବ, ଆବେଗ, ଓ ଭାବନା ପ୍ରକାଶିତ ହେଲାବେଳେ ଷଟ୍‌କରେ କବିଙ୍କର ଅଭିମତ ତଥା ମନ୍ତବ୍ୟ ପ୍ରକାଶିତ ହୁଏ । ଅନୁଭବର ଅର୍ଥ ହେଉଛି ଅନ୍ୟ ଭିତରକୁ ପ୍ରବେଶ କରି ତା' ଚିନ୍ତା ସହ ଏକାତ୍ମ ହେବା । ଏପରି ଅନୁଭବ ହିଁ ସାହିତ୍ୟିକର ଅନୁଭବ । ଯାହା ସାଧାରଣ ବ୍ୟକ୍ତିର ସ୍ଥୂଳ ଅନୁଭବଠାରୁ ଭିନ୍ନ ।

କବି ଫକୀରମୋହନଙ୍କ ରଚିତ 'ପୂଜାଫୁଲ','ଅବସର ବାସରେ' ଓ 'ଧୂଳି' କବିତା ପୁସ୍ତକରେ କେତେକ ଚତୁର୍ଦ୍ଦଶପାଦୀ କବିତା ଉପସ୍ଥାପିତ । ତନ୍ମଧ୍ୟରେ 'ପ୍ରଧାନପାଟ','ବୁଢ଼ାରାଜା','ପାପକ୍ଷୟଘାଟ', 'ଗୌରୀଶଙ୍କର ବା ଏଭରେଷ୍ଟ', 'ବାଳପାଦପ','ସ୍ୱର୍ଗୀୟ କବିବର ରାଧାନାଥ ରାୟ' ଅନ୍ତର୍ଭୁକ୍ତ । ପଲ୍ଲୀକବି ନନ୍ଦକିଶୋର 'ନିର୍ଝରିଣୀ', 'ସରସ୍ୱତୀ ଆବାହନ', 'ସୀତା', 'ଉତ୍କଳଭାରତୀ', 'ରାମଚନ୍ଦ୍ର ଦେବ', 'ନାରୀକବି କୁନ୍ତଳା' ପ୍ରଭୃତି କେତେକ ଚତୁର୍ଦ୍ଦଶପାଦୀ କବିତା

ରଚନା କରିଛନ୍ତି । ଏତଦ୍‌ବ୍ୟତୀତ ଗୋପବନ୍ଧୁ ଦାସ, ଚିନ୍ତାମଣି ମହାନ୍ତି, ବ୍ରଜମୋହନ ପଣ୍ଡା, ଗୋଦାବରୀଶ ମହାପାତ୍ର, କୃଷ୍ଣମୋହନ ପଟ୍ଟନାୟକ ପ୍ରଭୃତି କବିମାନେ ସନେଟ ରଚନା କ୍ଷେତ୍ରରେ ଲେଖନୀ ଚାଳନା କରିଛନ୍ତି । ଗୋପବନ୍ଧୁଙ୍କର 'ଛବିଶ ବର୍ଷ ପ୍ରବେଶ', ମୋନାନୀ', ବ୍ରଜମୋହନ ପଣ୍ଡାଙ୍କର 'ଭାରତୀ ଶୋଭା','ଉଦ୍‌ବୋଧନ, 'ପ୍ରଭାତେ', 'ଦିନାନ୍ତେ' କୃଷ୍ଣମୋହନ ପଟ୍ଟନାୟକଙ୍କର 'ପ୍ରବାସ','ଦୋଳଯାତ୍ରା', 'ଅତୀତର ସୁଖସ୍ମୃତି' ଏ କ୍ଷେତ୍ରରେ ଏକଏକ ଉଲ୍ଲେଖନୀୟ କୃତି ।

## ୪. ବ୍ୟଙ୍ଗ ଓ ହାସ୍ୟରସର ଗୀତିକବିତା :

ଆଧୁନିକ ଓଡ଼ିଆ ଗୀତି କବିତାର ଅନ୍ୟ ଏକ ବିଭବ ହେଉଛି ବ୍ୟଙ୍ଗ ଓ ହାସ୍ୟରସର କବିତା । ଏହି କବିତାର ଧାରା ପ୍ରାଚୀନ ଓ ମଧ୍ୟଯୁଗୀୟ ସାହିତ୍ୟରେ କ୍ଷୀଣ । ବ୍ୟଙ୍ଗକବିତାର ଦୁଇଗୋଟି କାର୍ଯ୍ୟ ରହିଛି । ଗୋଟିଏ ହେଲା ବ୍ୟକ୍ତିର ବା ସମାଜର ଦୋଷତ୍ରୁଟି ଦର୍ଶାଇ ତାକୁ ସୁଧାରିବାକୁ ଦିଗ୍‌ଦର୍ଶନ ଦେବା ଓ ଅନ୍ୟଟି ହେଲା ନିର୍ମଳ ହାସ୍ୟର ପ୍ରଭାବରେ ପ୍ରଭାବିତ ଏକ ହାଲକା ବାତାବରଣ ସୃଷ୍ଟି କରିବା । କୁହାଯାଏ ଯେ ' True end of satire is amendment of vices by correction'. ପୁନଶ୍ଚ ପ୍ରତ୍ୟେକ ବ୍ୟକ୍ତିର ଜୀବନ କ୍ଷେତ୍ରରେ ହାସ୍ୟର ଭୂମିକା ଅତୁଳନୀୟ । ବୈଜ୍ଞାନିକମାନେ ମତ ଦିଅନ୍ତି ଯେ ଦିନକୁ ଅତିକମ୍‌ରେ ପାଞ୍ଚମିନିଟ୍ ହୃଦୟ ଖୋଲା ହସ ହସୁଥିବା ବ୍ୟକ୍ତିର ପାଖ ବୈଦ୍ୟ ବା ଡାକ୍ତର ସହଜରେ ମାଡ଼ି ପାରନ୍ତି ନାହିଁ । ହସିବା ଦ୍ୱାରା ମୁଖ ମଣ୍ଡଳରେ ଅପୂର୍ବକାନ୍ତି ଝଲସି ଉଠେ । ପୁନଶ୍ଚ ମୁହଁ ଖୋଲି ହସିବା ଦ୍ୱାରା ବାହାର ବିଶୁଦ୍ଧ ବାୟୁ ଶରୀର ମଧ୍ୟକୁ ପ୍ରବେଶ କରିବା ସଙ୍ଗେ ସଙ୍ଗେ ଭିତର ଦୂଷିତ ବାୟୁ ବାହାରକୁ ବାହାରି ଆସେ । 'ଆନାଟୋମି ଅଫ୍ ଇଲ୍‌ନେସ୍' ପୁସ୍ତକରେ ଆମେରିକାର ବିଶିଷ୍ଟ ସାମ୍ବାଦିକ ନୁରମ୍ୟାନ୍ କଜିନୀ ନିର୍ମଳ ହାସ୍ୟର ଉପଯୋଗିତା ପ୍ରସଙ୍ଗରେ ମତ ଦେଇଛନ୍ତି ଯେ ଜୋରରେ ହସିବା ଦ୍ୱାରା ଶରୀରରେ 'ଏଣ୍ଡୋଫିନ୍' ନାମକ ଏକ ରାସାୟନିକ ପଦାର୍ଥ ସୃଷ୍ଟି ହୁଏ ଯାହା ମଧୁମେହ, ଉଚ୍ଚ ରକ୍ତଚାପ, ଏବଂ ଶ୍ୱାସ ଆଦି ବ୍ୟାଧିର ଉପଶମରେ ସହାୟତା କରେ ।

ଆମ ସାହିତ୍ୟକୁ ବିଚାରକୁ ନେଲାବେଳେ ଏ ଦିଗରେ ଗୋବିନ୍ଦ ରଥଙ୍କ କୃତି ଦୃଷ୍ଟିକୁ ଆସେ । ଗୋରା ସେଭିଲିଆନ୍ ମାନଙ୍କୁ ଲକ୍ଷ୍ୟ କରି ସେ ଫିଉଚର୍ ସାହେବ ଶୀର୍ଷକ ବ୍ୟଙ୍ଗ କବିତା ରଚନା କରିଥିଲେ । ତହିଁରେ ସେ ଲେଖିଥିଲେ –

*'ଏ ଥରକ ମଲେ ସାହେବ ହେବି*
*ଲାଲ୍ ମୁଣ୍ଡରେ କ୍ୟାପ୍ ଦେବି ।।'*

ମଧୁସୂଦନଙ୍କର ମାନସିକତା ବ୍ୟଙ୍ଗ କବିତା ରଚନା ଦିଗରେ ବିଶେଷ ଅନୁକୂଳ ନ ଥିଲେ ମଧ୍ୟ ଆବଶ୍ୟକତା ଅନୁସାରେ ସେ ରଚନା କରିଥିଲେ ଦୁଇଟି ବ୍ୟଙ୍ଗାତ୍ମକ ଗୀତିକବିତା । ତହିଁରୁ ଗୋଟିଏ ହେଉଛି 'ସାବାସ୍ ସାହିତ୍ୟ ଚର୍ଚ୍ଚା ସାବାସ୍ ସାବାସ୍' ଓ ଅନ୍ୟଟି 'ଭଣ୍ଡ ରସାୟନ' । ପରେ ପରେ ବହୁ କବି ଏ ଦିଗରେ ଲେଖନୀ ଚାଳନା କରିଛନ୍ତି । ସେମାନଙ୍କ ଭିତରେ ଗଙ୍ଗାଧର ମେହେର, ଚିନ୍ତାମଣି ମହାନ୍ତି, ଲକ୍ଷ୍ମୀକାନ୍ତ ମହାପାତ୍ର, ନିତ୍ୟାନନ୍ଦ ମହାପାତ୍ର, ଗୋଦାବରୀଶ ମହାପାତ୍ର ଓ ବୈଷ୍ଣବ ପାଣିଙ୍କ ନାମ ଉଲ୍ଲେଖଯୋଗ୍ୟ । କବି ଗଙ୍ଗାଧର ଅଧିକ ସଂଖ୍ୟାରେ ବ୍ୟଙ୍ଗ ଗୀତି ଲେଖି ନଥିଲେ ମଧ୍ୟ ଯେଉଁ ଅଳ୍ପ କେତେଗୋଟି ବ୍ୟଙ୍ଗଗୀତି ଲେଖିଛନ୍ତି ସେଥି ମଧ୍ୟରୁ 'ତାକୁ ମଧ୍ୟ ବୋଲିଥାନ୍ତି ଧର୍ମ ଅବତାର' ଅନ୍ୟତମ । ଏଥିରେ ତତ୍କାଳୀନ ତଥାକଥିତ ନବ୍ୟସଭ୍ୟ, ଶିକ୍ଷିତ, ଦୁଷ୍ଟପ୍ରକୃତିର ବ୍ୟକ୍ତିମାନଙ୍କ ପ୍ରତି ଶାଣିତ କଟାକ୍ଷପାତ କରାଯାଇଛି । କବି କହିଛନ୍ତି –

*'ମନ ଯାର ବ୍ୟସ୍ତ ସଦା ପରସ୍ୱ ହରଣେ*
*ଧନ ଯାର ବିଦଳିତ ଗଣିକା ଚରଣେ*
*ଜୀବନ ଯା ଲକ୍ଷ ଲକ୍ଷ ଲୋକଙ୍କର ଭାର*
*ତାକୁ ପୁଣି ବୋଲିଥାନ୍ତି ଧର୍ମ ଅବତାର ।।'*

ଚିନ୍ତାମଣି ମହାନ୍ତିଙ୍କ 'ପତ୍ରପୁଷ୍ପ' କବିତା ସଂକଳନରେ ସନ୍ନିବେଶିତ 'ହଳଦୀ', 'ପଖାଳ', 'ଟଙ୍କାସ୍ତୋତ୍ର', 'ଖଳସ୍ତୋତ୍ର' ପ୍ରଭୃତି କବିତାରେ ହାସ୍ୟରସ ଓ ବ୍ୟଙ୍ଗାତ୍ମକତା ଉପସ୍ଥାପିତ । ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କର ବ୍ୟଙ୍ଗ କବିତାର ଆବେଦନ ସ୍ୱତନ୍ତ୍ର । ଏହାର ଶୈଳୀ ଓ ଶବ୍ଦ ଯୋଜନା ମର୍ମସ୍ପର୍ଶୀ

ଓ ସୁଖପାଠ୍ୟ । କବିସୂର୍ଯ୍ୟଙ୍କ 'କିଶୋର ଚନ୍ଦ୍ରାନନ୍ଦ ଚମ୍ପୂ' ଅନୁକରଣରେ ସେ ଲେଖିଥିଲେ 'କୌତୁକ କୋଳାହଳ ଚମ୍ପୂ' । 'ଦ' ଗୀତରେ କବି କହିଛନ୍ତି–

*'ରେ ଦୁଃଖିଧନ, ଦନ୍ତ ଦେଖିବାକୁ ସିନା କଲି ଛନ୍ଦ ।*
*ଦୁଃଖ ମୟ ନକର ସରସ ମନ*
*ଦ୍ରବିଗଲେ ମୋତେ ଦେଖି ହୁରୁ, ଦଉଡ଼ିଲେ ହସି କୁରୁକୁରୁ*
*ଦାଢ଼ିକୁ ହଲାଇ ନିଶକୁ ଫୁଲାଇ କି ମଜାରେ ନଚାଇଲେ ଭୂରୁ ।'*

ବ୍ୟଙ୍ଗ ଓ ହାସ୍ୟ ରସର ଗୀତିକବିତା ରଚନାକୁ ଉତ୍ସାହ ପ୍ରଦାନ କରିବା ନିମନ୍ତେ ୧୯୩୩ ମସିହାରେ ପ୍ରଥମେ ପ୍ରକାଶିତ ଏବଂ ପ୍ରତାପ ସେନଙ୍କ ଦ୍ୱାରା ସମ୍ପାଦିତ 'ରସଚକ୍ର' ପତ୍ରିକାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ପରେ ଅର୍ଥାତ୍ ୧୯୩୭ ମସିହାରେ କାନ୍ତକବି ଲକ୍ଷ୍ମୀକାନ୍ତଙ୍କ ଦ୍ୱାରା ସମ୍ପାଦିତ 'ଡଗର' ପତ୍ରିକା ପ୍ରକାଶିତ ହେଲା । ଏହା ମୁଖ୍ୟତଃ ବ୍ୟଙ୍ଗାତ୍ମକ ରଚନା ସମ୍ବଳିତ ଏକ ପତ୍ରିକା ଥିଲା । ୧୯୪୯ ମସିହାରେ ସଚ୍ଚିଦାନନ୍ଦ ରାଉତରାୟଙ୍କ ରଚିତ ପୁସ୍ତକ 'ହସନ୍ତ'ରେ ଅଠର ଗୋଟି ବ୍ୟଙ୍ଗାତ୍ମକ କବିତା ସନ୍ନିବେଶିତ ହୋଇଥିଲା । ବ୍ୟଙ୍ଗାତ୍ମକ ଓଡ଼ିଆ ଗୀତିକବିତା କ୍ଷେତ୍ରରେ ଏହାକୁ ପ୍ରଥମ ଗ୍ରନ୍ଥର ମାନ୍ୟତା ଦିଆଯାଏ । କବି ଏହି ପୁସ୍ତକରେ ଉପସ୍ଥାପିତ ବ୍ୟଙ୍ଗାତ୍ମକ ଗୀତିକବିତାରେ ତତ୍କାଳୀନ ସମୟ ଓ ସମାଜକୁ ସମାଲୋଚନା କରିଛନ୍ତି । 'ଶୁଆସାରୀ ସମ୍ବାଦ' ଶୀର୍ଷକ ରଚନାରେ କବି କହିଛନ୍ତି –

*'ଶୁଆ ପଚାରିଲା ସାରୀଲୋ ଏବେ ହୋଇଲା କିସ*
*ପୁରୁଷ ଦେଲେଣି ଓଢ଼ଣା ସ୍ତିରୀ ମୋଡ଼ନ୍ତି ନିଶ*
*ଟାଉଟର ସବୁ ତେଜିଲେ ଭଲଲୋକ ଲୁଚିଲେ*
*ଗାଁଏ ଗାଁଏ କଳା ବେପାରୀ ଚୋରି ଛନ୍ଦ ରଚିଲେ ।'*

## ୫. ରହସ୍ୟବାଦୀ ରୋମାଣ୍ଟିକ୍ ଗୀତିକବିତା :

ରହସ୍ୟବାଦ ହେଉଛି ଆତ୍ମଅନ୍ୱେଷାର ବିଶ୍ୱଧର୍ମ । ସମସ୍ତ ଭାବାନ୍ତରର ପ୍ରଜ୍ୱଳିତ ଉଲ୍ଲାସ ହିଁ ଏହାର ମର୍ମବାଣୀ, ଯାହା ବୁଝି ହେଲାପରି ଲାଗୁଥାଏ

ମାତ୍ର ବୁଝି ହେଉନଥାଏ । ବିସ୍ମୟ, ଆନନ୍ଦ ଓ ଆମୂଳ ଜିଜ୍ଞାସା ଏହାର ବିଶିଷ୍ଟ ଉପାଦାନ । ରହସ୍ୟାତ୍ମକ ଅନୁଭବ ଓ ଅଭିବ୍ୟକ୍ତି ପ୍ରାଚୀନ ହେଲେ ହେଁ ରହସ୍ୟବାଦ Mysticisam ଶବ୍ଦ ନୂତନ । ସାହିତ୍ୟରେ ଥିବା ବହୁବାଦର ପ୍ରବାହ ଭିତରେ ଏହା ଏକ ପ୍ରବାହ । Mystica ଶବ୍ଦରୁ Mysticisam ଶବ୍ଦର ଉତ୍ପତ୍ତି । ପ୍ରାଚୀନ ଗ୍ରୀସ୍‌ରେ ସୃଷ୍ଟି ରହସ୍ୟ ଜ୍ଞାନର ଅଧିକାରୀ ବ୍ୟକ୍ତିକୁ Mystos ବୋଲି କୁହାଯାଉଥିଲା । Encyclopedia Britannica ଗ୍ରନ୍ଥରେ କୁହାଯାଇଛି – 'Mystics is the immediate experience of oneness with ultimate reality'।

ରହସ୍ୟବାଦକୁ ମୁଖ୍ୟତଃ ଦୁଇଭାଗରେ ବିଭକ୍ତ କରାଯାଇଥାଏ । ଗୋଟିଏ ହେଉଛି ଭକ୍ତିମୂଳକ ରହସ୍ୟବାଦ ଓ ଅନ୍ୟଟି ହେଉଛି ଜ୍ଞାନମୂଳକ ରହସ୍ୟବାଦ । ଆଉ କେତେକଙ୍କ ମତରେ ଗୋଟିଏ ହେଉଛି ବହିର୍ମୁଖୀ ରହସ୍ୟବାଦ ଓ ଅନ୍ୟଟି ଅନ୍ତର୍ମୁଖୀ ରହସ୍ୟବାଦ । ଏହି ଅନ୍ତର୍ମୁଖୀ ରହସ୍ୟବାଦର ପାଦରେଖା ସାହିତ୍ୟରେ ଅପେକ୍ଷାକୃତ ଅଧିକ ସ୍ପଷ୍ଟ ଯାହା ଅନିର୍ବଚନୀୟତାର ମୁଖପତ୍ର ଭାବରେ ସ୍ୱୀକୃତ ଓ ସମ୍ମାନିତ ।

ଆଧୁନିକ ଓଡ଼ିଆ କାବ୍ୟଧାରାର ପ୍ରାଥମିକ ପର୍ଯ୍ୟାୟକୁ ରୋମାଣ୍ଟିକ କାବ୍ୟତତ୍ତ୍ୱ ଅଧିକ ପ୍ରଭାବିତ କରିଥିଲା । ଫଳତଃ କବିଚିତ୍ତ କଳ୍ପନା, ସୌନ୍ଦର୍ଯ୍ୟ ଓ ଆନନ୍ଦର ବୃତ୍ତରେ କେବଳ ଅଧିବାସ ରଚନା କରୁଥିଲା । ଏହି ସମୟରେ ମଧ୍ୟ କେତେକ କବିଙ୍କ ଲେଖନୀରେ ସ୍ପଷ୍ଟ ଭାବରେ ଆଧ୍ୟାତ୍ମିକତା ପ୍ରକଟିତ ହୋଇଥିଲା । ପରେପରେ କିନ୍ତୁ କେତେକ କବି ଏଥି ସହିତ ରହସ୍ୟବାଦୀ ଭାବଧାରାକୁ ମିଶାଇଦେବାକୁ ସମର୍ଥ ହେଲେ ।

ଏହି ରହସ୍ୟବାଦୀ କବିତା ହେଉଛି ଆଧୁନିକ ଓଡ଼ିଆ ଗୀତିକବିତାର ଏକ ସୁବାସିତ ବିଭୂତି । ଏହାର ଆବେଦନ ସ୍ୱତନ୍ତ୍ର ଓ ଅଭିନବ । ଏହାକୁ ଯେତେଥର ପଢ଼ିଲେ ମଧ୍ୟ ପାଠକ ମନରେ କ୍ଳାନ୍ତି ଆସେ ନାହିଁ । ବରଂ, ପାଠକର ଚିତ୍ତବୃତ୍ତି ଆତ୍ମବିସ୍ମୃତ ହୁଏ କେଉଁ ଏକ ରହସ୍ୟମୟ ରାଜ୍ୟରେ । ଗୋପବନ୍ଧୁଙ୍କର କେତେକ କବିତାରେ ଏହାର ପ୍ରଥମ ପଦଧ୍ୱନି ଶୁଣାଯାଇଛି । 'ପଥିକ' କବିତାରେ କବି କହିଛନ୍ତି ଯେ କିଏ ତାଙ୍କ ପଥରେ ଆସି ବେଳେବେଳେ

ଠିଆ ହୁଏ, ହେଲେ ନିରେଖି ଦେଖିଲେ ସେ ଉଭେଇ ଯାଏ । ମହମହ ଚଉଦିଗ ବାସେ ମାତ୍ର ସେ ସୁବାସ ନିମିଷକେ କେଉଁଆଡ଼େ ମିଶିଯାଏ । କିଏ ମନରେ ଆଶ୍ୱାସନା ଦିଏ, ପୁଣି ଭରିଦିଏ ସୀମାହୀନ ଶାନ୍ତି ? ସେହି ଶାନ୍ତି କ୍ଷଣକ ମଧ୍ୟରେ ଦୂରେଇଯାଇ ପୁଣି ଭ୍ରାନ୍ତି ମାଡ଼ିଆସେ । ସେ କିଏ ?

*'କାହୁଁ ଏ ଆଶ୍ୱାସ କାହୁଁ ଏ ସୁବାସ*
*କାହାର ଏ ରୂପ କାନ୍ତି*
*ଏ ବିଜନ ସ୍ଥଳେ  ପ୍ରାଣେ ଏକାବେଳେ*
*ଦିଏ ସ୍ନିଗ୍ଧ ଶାନ୍ତି ଭ୍ରାନ୍ତି ।'*

ପରେପରେ ନନ୍ଦକିଶୋର ବଳ ବିରଚିତ ଓ ୧୯୦୦ ମସିହାରେ ପ୍ରକାଶିତ 'ନିର୍ଝରିଣୀ' ପୁସ୍ତକରେ ରହସ୍ୟବାଦୀ ଭାବନା ଅଳ୍ପ କେତେକ ସ୍ଥାନରେ ସଂଯୋଜିତ ହୋଇଅଛି । ଆତ୍ମବିସ୍ତାର ଓ ଆତ୍ମବିସ୍ମୃତି ଯେ ଏପରି ଅନୁଚିନ୍ତାର ମୂଳଭିତ୍ତି, ଏଥିରେ ଦ୍ୱିରୁକ୍ତି ନାହିଁ । କବିଙ୍କ 'ଅଦିନ ମେଘ' କବିତାରେ ସ୍ଥାନିତ ଏପରି ରହସ୍ୟବାଦୀ ଅନୁଚିନ୍ତାର ସ୍ପନ୍ଦନ ଅତ୍ୟନ୍ତ ମର୍ମସ୍ପର୍ଶୀ । କବିଙ୍କ ଭାଷାରେ –

*''କି ଅବା ଦୂରସ୍ଥ ପ୍ରାଣବନ୍ଧୁ କେହି*
*ମନେକରେ କଥା ମୋର*
*ଗୁପତେ ମୋ' ଆତ୍ମା ବିଦଗ୍ଧ କରୁଛି*
*ସେ ସ୍ମୃତି ଗୁପତ ଚୋର ।''*

ସବୁଜ କବି ବୈକୁଣ୍ଠନାଥ ଏ ଦିଗରେ ଆଉପାଦେ ଅଧିକ ଅଗ୍ରସର ହେଲାପରି ମନେହୁଏ । 'ପ୍ରଭାତ ସ୍ୱପ୍ନ' କବିତାରେ କବି କହିଛନ୍ତି –

*'ବନ୍ଧୁ ସଜଳ ନୀଳ ଆଖି*
*ଭାଦର ଆକାଶ ତାର ସାକ୍ଷୀ*
*ପ୍ରଭାତ ଶୀତଳ  ପବନ ପରାୟେ*
*ପରାଣଦୁଆରେ ଯାଏ ଡାକି*
*ବନ୍ଧୁ ସଜଳ ନୀଳ ଆଖି'*

କୁନ୍ତଳା କୁମାରୀଙ୍କ ଲେଖନୀ ଏପରି ରଚନା କ୍ଷେତ୍ରରେ ଚରମ ସିଦ୍ଧିର ଅଧିକାରୀ । ସ୍ୱର୍ଣକାତର କବିଚିତ୍ତର ପରିସ୍ଫୁଟ ମୁଦ୍ରା ତାଙ୍କ ରଚିତ ବହୁ କବିତାରେ ଅଙ୍କିତ । ଭାବପ୍ରବଣ ମନ ତାଙ୍କର ଆକାଶର ତାରାରେ ତାରାରେ ଭ୍ରମିଭ୍ରମି ଅବତରଣ କରି ଆସିଛି ମଳୟର ଛନ୍ଦେଛନ୍ଦେ ମର୍ତ୍ତ୍ୟର କୁସୁମକୁ । ଭ୍ରମରର ଗୁଣୁଗୁଣୁ ଗୁଞ୍ଜନରେ ତାଙ୍କୁ ଶୁଭିଛି ସ୍ୱର୍ଗ ସଂଗୀତର ସୁଲଳିତ ସ୍ୱର । କାହାର ପାଦଧ୍ୱନି ସେ ଶୁଣିଛନ୍ତି ଝରଣାର ଝର୍ଝର ନାଦରେ, ନଦୀର କଳକଳ ତାନରେ, ପତ୍ରର ମର୍ମର ଶବ୍ଦରେ, ସେ କିଏ ? ସେ କିଏ ? ରହସ୍ୟର ଅବଗୁଣ୍ଠନରେ ସେ କିଏ ? ସେ କ'ଣ ସ୍ୱପ୍ନ ଦେଖା ଅନୁଭବଟିଏ ନା ଅନୁଭବୀର ସ୍ୱପ୍ନଟିଏ, ନା ଆଉ କିଛି ? – ସେ କ'ଣ ଅପେକ୍ଷାର ଦୀର୍ଘରାତି, ଯାହାର ପାହାନ୍ତି ନାହିଁ ? ପୁଣି ପାହାନ୍ତି ନାହିଁ ବୋଲି ବିରକ୍ତି ମଧ ନାହିଁ, ବରଂ ରହିଛି ଅନୁରକ୍ତିର ପ୍ରଶାନ୍ତ ମାଧୁରୀ । ସବୁକିଛି ଶବ୍ଦ କାହାର ପାଦଶବ୍ଦ ପରି ଶୁଭିଛି । ସେ ଶବ୍ଦରେ କୁନ୍ତଳାଙ୍କ ମନ ହଜି ଯାଇଛି କେଉଁ ଏକ ଘନନୀଳ ଦୂରଦିଗନ୍ତରେ ।

'ସେ ତ ଗଲା ଚାଲି' କବିତାରେ କବି କହିଛନ୍ତି –

***'ସେ ତ ଗଲା ଚାଲି   ସେ ତ ଗଲା ଚାଲି***
***ଆଉ ନ ପାଇବି ଦେଖା***
***ତଥାପି ତାହାର  ପଥ ଅନୁସରି***
***ଖୋଜିବୁଲେ ପଦରେଖା ।।'***

କୁନ୍ତଳା କୁମାରୀଙ୍କର ରହସ୍ୟବାଦୀ ଭାବନାର ଆଲୋଚନା ଅବକାଶରେ ଡଃ କୁଞ୍ଜବିହାରୀ ଦାଶଙ୍କ ଉକ୍ତି ସ୍ମରଣକୁ ଆସେ । ସେ କହିଛନ୍ତି, ''କୁନ୍ତଳା ରହସ୍ୟବାଦୀ କବି । ଭଗବାନଙ୍କ ସହିତ ବିଭିନ୍ନ ମାନବିକ ସଂପର୍କର ନିବିଡ଼ ଚିତ୍ର ସେ ଅଙ୍କନ କରିଛନ୍ତି ।''

ଏ ଦିଗରେ ପଦ୍ମଚରଣ ପଟ୍ଟନାୟକଙ୍କ କୃତବିଦ୍ୟତା ସ୍ୱୀକାର୍ଯ୍ୟ । କାହାପାଇଁ ସଜଫୁଲରେ ଡାଲା ସଜାଇ ପ୍ରତୀକ୍ଷାରତ କବି ପଦ୍ମଚରଣ ? ସେ କିଏ ? କେଉଁଠି ତାଙ୍କ ସ୍ଥିତି ? ପ୍ରକୃତିର ସ୍ନିଗ୍ଧଶୋଭନ ଅଭିବ୍ୟକ୍ତି ସବୁ ତାଙ୍କର

କୀର୍ତ୍ତି । ତାଙ୍କ ଦେଖାନପାଇ ମଧ୍ୟ ତାଙ୍କର ଉପସ୍ଥିତି କବି ଅନୁଭବ କରିଛନ୍ତି ପ୍ରାଣ ଓ ମନର ଭିନ୍ନଭିନ୍ନ ପରିତଳରେ । ସେ କି ଗୋଧୂଳି କୁନ୍ତଳର ତାରା ? ସେ କି ବସନ୍ତ ଫୁଲର ଝରା ପରାଗ ? ସେ କି ବଉଦଫାଙ୍କର ପୂର୍ଣ୍ଣିମା ଜହ୍ନ ? 'ତୁମେ' ଶବ୍ଦଟି କାହା ପାଇଁ ? 'ତୁମେ' ସମ୍ବୋଧନରେ ଥିବା ପ୍ରୀତିଭିଜା ମାନସିକତାର ପରିଛନ୍ନ ଅଭିବ୍ୟକ୍ତି ଯେତିକି ରହସ୍ୟମଞ୍ଜୁଳ ସେତିକି କଳାଶ୍ରୀବିମଣ୍ଡିତ ।

କବିଙ୍କ ଭାଷାରେ –

***'ରାଜାରଜନୀରେ ନିଶୀଥ ଗଗନେ***
***ଶଶୀକରେ ରାଜପଣ,***
***ବଉଦ ସଙ୍ଗରେ କେତେ ଲୁଚକାଳି***
***ଖେଳି ହରୁଥାଏ ମନ ।***
***ଊର୍ଦ୍ଧ୍ୱନେତ୍ରେ ଯେବେ ବସି ସେହି ଖେଳ***
***ଦେଖେଁ ଏକା ପ୍ରାଣଭରି,***
***ତୁମ୍ଭକଥା ସ୍ମରି ଅଶ୍ରୁ ଦୁଇଟୋପା***
***ପଡ଼େ ମୋ ନୟନୁ ଝରି ।'*** *(କେଉଁ ଦେଶେ ଅଛ ?)*

ପ୍ରଖ୍ୟାତ କବି ସଚ୍ଚି ରାଉତରାୟଙ୍କର କାବ୍ୟମାନସ ପ୍ରାଥମିକ ଅବସ୍ଥାରେ ରହସ୍ୟବାଦୀ ରୋମାଣ୍ଟିକ ଭାବୋଚ୍ଛ୍ୱାସରେ କେତେକାଂଶରେ ଅନୁପ୍ରାଣିତ ହୋଇଛି । ଏହି ଅନୁପ୍ରେରଣାରୁ ସୃଷ୍ଟ କେତେଗୋଟି କବିତା ମଧ୍ୟରେ 'ଅଭିସାର','ସପନେ', 'ଭାଦ୍ର ଅତିଥି', 'ଆଜି ଦୁଃଖର ରାତେ','ପଲ୍ଲୀପ୍ରଭାତ' ଓ 'ପଥିକ' ଅନ୍ତର୍ଭୁକ୍ତ । ୧୯୩୧ ମସିହାରେ 'ନବୀନ' ପତ୍ରିକାରେ ପ୍ରକାଶିତ 'ଆଜି ଦୁଃଖର ରାତେ' କବିତାରେ କବିଚିତ୍ତ କୁଟୀର ଦୁଆରରେ କାହା ଆଗମନକୁ ଚାହିଁ ବସିଛି । ବ୍ୟାଥାର ଦୀପ ଜଳିଜଳି ଲିଭିଯାଇଛି, ମିଳନର ମାଳା ମଉଳି ଝରିପଡ଼ିଛି ତଥାପି ଆଶା ମଉଳି ନାହିଁ। ଯାହାପାଇଁ ସୀମାହୀନ ଏଇ ପ୍ରତୀକ୍ଷାରେ କ୍ଲାନ୍ତି ନାହିଁ କି ବିରକ୍ତି ନାହିଁ, ସେ କିଏ ? ସେ କିଏ? ଆଶାର ବୀଣାତାନରେ ବିମୁଗ୍ଧ

ଶ୍ରୀରାଉତରାୟ ଉଲ୍ଲେଖ କରିଛନ୍ତି –

*'କହଇ ଆଶା କି କଥା କାନେ*
*ଉଠେ ମୁଁ ଥରି ତୁମରି ଗାନେ ।*
*ଅଧୀର ପୁଣି କ୍ଷଣକେ ମନେ ତୁମରି ପ୍ରେମେ ବାଇ ।'*

**୬. ଦାର୍ଶନିକ ଗୀତିକବିତା :**

ଏଥିରେ ଜୀବନ ଓ ଜଗତ ସଂପର୍କିତ ଚିନ୍ତା ଓ ଚେତନା ପ୍ରକଟିତ ହୋଇଥାଏ । ବିଶ୍ୱ ପ୍ରକୃତି ଓ ବ୍ୟକ୍ତିଜୀବନ ଉଭୟ ଯେ ଅଙ୍ଗାଙ୍ଗୀ ଭାବରେ ଜଡ଼ିତ, ଏକଥା ଏଥିରୁ ଜାଣିହୁଏ । ଜଗତ ନଥିଲେ ଜୀବନର ସ୍ଥିତି ନାହିଁ କି ଜୀବନ ନଥିଲେ ଜଗତର ଅଭିବ୍ୟକ୍ତି ନାହିଁ, ଏହି ତତ୍ତ୍ୱର ମହତ୍ତ୍ୱ ପରିବେଷିତ ହୋଇଥାଏ ଉକ୍ତ ପର୍ଯ୍ୟାୟର ଗୀତିକବିତାରେ । ଜଗତ ସଂପର୍କରେ ଜୀବନ ମାଧ୍ୟମରେ ଅର୍ଜିତ ଅନୁଭୂତିକୁ କେତେକ କବି ସ୍ୱରଚିତ ସୃଷ୍ଟି ସମ୍ଭାରରେ ରୂପ ଦେଇଛନ୍ତି । ସେମାନଙ୍କ ମଧ୍ୟରୁ ଜଣେ ଦୁଇଜଣଙ୍କର ଏକ ଏକ କବିତାର ଅଂଶବିଶେଷ ଉଦାହରଣ ସ୍ୱରୂପେ ଗ୍ରହଣ କରାଯାଇପାରେ । ଜୀବନକୁ ଏକ ନଦୀ ସହ ତୁଳନା କରିଛନ୍ତି ବ୍ୟାସକବି ଫକୀରମୋହନ । ସେହି ନଦୀରେ ସୁଖ, ଶାନ୍ତି, ପ୍ରେମ, ମୋହ ଓ ଲାଳସା ଆଦିର ଫେନପୁଞ୍ଜ ଆସି ପୁଣି ବିଲୟ ହୋଇଯାଏ । କାମକ୍ରୋଧର କୁମ୍ଭୀର ତହିଁରେ ଥାଆନ୍ତି, ସୁବିଧା ପାଇଲେ ଅତର୍କିତ ଭାବରେ ଆକ୍ରମଣ କରନ୍ତି । ଦିନେ ସେହି ନଦୀ ମିଶିଯିବ ଅନନ୍ତ ସାଗରରେ । ତେଣୁ ପ୍ରତି ପଦକ୍ଷେପରେ ସଚେତନ ହେବା ଲାଗି ସେ ମାନବକୁ ଆହ୍ୱାନ କରିଛନ୍ତି ।

*'ନଦୀ ରୂପେ ମୋ ଜୀବନ ଯାଉଅଛି ବହି*
*ହସି – କାନ୍ଦି କୁଳୁକୁଳୁ କଥା କହିକହି*

*x x x x*

*ସୁଖ ଶାନ୍ତି ପ୍ରେମ ମୋହ ଲାଳସା ନିଚୟ*
*ଫେନପୁଞ୍ଜ ଉଠି ଭାସି ପାଉଛନ୍ତି ଲୟ ।'* (ଜୀବନ ନଦୀ)

ଜୀବନର ବହୁ ଅନୁଭୂତି କବି ଫକୀର ମୋହନଙ୍କ ମନରେ ଭାବାନ୍ତର ଆଣି ଦେଇଛି । ଜଗତ ପ୍ରତି ତାଙ୍କର ମନୋବୃତ୍ତି ଅତ୍ୟନ୍ତ ଶାଣିତ ଓ ସୂକ୍ଷ୍ମ । ଜଗତ ଅହରହ ପରିବର୍ତ୍ତନଶୀଳ । ଅସ୍ଥିରତା, ଅସନ୍ତୋଷ ହିଁ ଜୀବନର ଭାଗଶେଷ ବୋଲି ସେ କହିଛନ୍ତି । ଯେଉଁଠି ଫୁଲଫୁଟେ ଝଡ଼ିବା ପାଇଁ, ଲହରୀ ଉଠେ ଭାଙ୍ଗି ପଡ଼ିବା ପାଇଁ, ସେହି ଜଗତ ପୂର୍ଣ୍ଣ ସୁଖର ସ୍ଥାନ ନୁହେଁ ବୋଲି କବି ମୁକ୍ତକଣ୍ଠରେ ମତ ଦେଇଛନ୍ତି ।

*'ଫୁଟି ଚହଟେ କିପାଁ କୁସୁମ – କଢ଼ି*
*ଦୁଇଦିନରେ ଯେବେ ପଡ଼ିବ ଝଡ଼ି ?*

*x x x x x*

*ଏତେ ଦିନେ ମୋହର ଜନ୍ମିଲା ଜ୍ଞାନ*
*ଜଗତ ନୁହେଁ ପୂର୍ଣ୍ଣସୁଖର ସ୍ଥାନ ।'* (ଜଗତ ନୁହେଁ ପୂର୍ଣ୍ଣସୁଖର ସ୍ଥାନ)

ଜୀବନ ଏକ ନଦୀଧାରା, ସିଏ ମୃତ୍ୟୁ ସିନ୍ଧୁରେ ଝାସ ଦେବାକୁ ନିଃଶବ୍ଦରେ ଗତିଶୀଳ । କେତେ ଘଟଣା ସେହି ସ୍ରୋତରେ ଭାସିଯାଏ । ସୁଖର ଦିନ ଚାଲିଗଲେ ବି ଚିହ୍ନ ରହେ ସ୍ମୃତିର ସ୍ମାରକୀ ହୋଇ । ଭକ୍ତକବି ମଧୁସୂଦନ ରାଓଙ୍କ ଅନୁଭବ ଏହିପରି –

*'କି ବେଗରେ ଯାଉଅଛି ଚାଲି*
*ସେହି ସ୍ରୋତ ସଙ୍ଗେ ଭାସି ଜୀବନର ସୁଖରାଶି*
*ଯାହାର ସ୍ମରଣେ ନର ଶୋକଶ୍ୱାସ ଢାଳି*
*ଅତୀତକୁ ଉଦ୍‌ବୋଧଇ ବୃଥା ଭାଳିଭାଳି ।'*
(ଜୀବନଚିନ୍ତା)

ନନ୍ଦକିଶୋରଙ୍କର ବହୁ ଗୀତିକବିତାରେ ଜୀବନାନୁଭବର ସ୍ୱର ଶାଣିତ । ଜୀବନ ଓ ଜଗତର ବାସ୍ତବରୂପ ଉଦ୍‌ଘାଟନ ନିମନ୍ତେ ସେ ଅସୀମ ପ୍ରୟାସ କରିଛନ୍ତି। ମଣିଷ ସ୍ୱାର୍ଥ ସର୍ବସ୍ୱ, ଅଜ୍ଞାନତାରେ ଆଚ୍ଛନ୍ନ, ପ୍ରକୃତ

ସତ୍ୟକୁ ସେ ଜାଣି ନାହିଁ । ପରକ୍ଷଣରେ ଥିବା ଭବିତବ୍ୟ ସମ୍ବନ୍ଧରେ ତାର କୌଣସି ଧାରଣା ନାହିଁ ।

*'ଏତେ କଷଣ ସହି ସଂସାରୀ ନର*
*ଆଶାତରୁତଳରେ ତୋଳଇଘର*
*ସହସା କାହୁଁଆସି ବିପଦଘନ*
*ବରଷି ତା ସଂସାର କରେ ଉଚ୍ଛନ୍ନ' ।*

*(ନିୟତି – ପୀଡ଼ନ)*

କବି ବିଦ୍ୟୁତ୍‌ପ୍ରଭା ଆତ୍ମମଗ୍ନା ହୋଇ କେତେକ କବିତା ରଚନା କରିଛନ୍ତି । ସୁଖ ପରେ ଦୁଃଖ, ଦୁଃଖ ପରେ ସୁଖ ଅବଶ୍ୟମ୍ଭାବୀ ବୋଲି ସେ ଅନୁଭବ କରିଛନ୍ତି । ତାଙ୍କ କଥାରେ –

*'ଯଉବନର ବେଣୁରେ ଦିଅ*
*ଜରାର କ୍ଷୀଣ ଦିଶା*
*ଶୁକ୍ଳ ମଧୁ ପୁନିଅଁ ପଛେ*
*କାଳିମା ଅମାନିଶା ।' (ସୃଷ୍ଟି ବୈଚିତ୍ର୍ୟ)*

ଜୀବନପଥରେ ଅଗ୍ରଗତି କଲାବେଳେ କେତେ ବାଧା ବିଘ୍ନ ଆସେ । ମଣିଷ ଯନ୍ତ୍ରଣାରେ ଜର୍ଜରିତ ହୁଏ । କାହାକୁ ତାହା କହିହୁଏ ନାହିଁ, ନ କହି ରହିହୁଏ ନାହିଁ । କେବଳ ବ୍ୟକ୍ତି ନୁହେଁ ସମଷ୍ଟିର ମଧ୍ୟ ଏଇ ଅନୁଭବ ଯେ ଜୀବନ ଏକ ରିକ୍ତ ମରୁଭୂମି, ଜ୍ୱଳନର ମୂର୍ତ୍ତପ୍ରତୀକ । କବି ବିଦ୍ୟୁତ୍‌ପ୍ରଭା ସାର୍ବଜନୀନ ଏଇ ଜୀବନ ଚିନ୍ତାକୁ ଭାଷାରେ ରୂପାୟିତ କରିଛନ୍ତି । ଦୁଃଖକଷ୍ଟ ବିପଦଆପଦ ଯଦି ଜୀବନର ସାଥି ତେବେ ଜୀବନର ଅର୍ଥ କ'ଣ ? କାହିଁକି ମଣିଷ ଜନ୍ମନିଏ ? କବିଙ୍କ ଭାଷାରେ –

*'କାହିଁକି ନର– ଜନ୍ମ ଏଇ*
*ବିରାଟ ନଭ ତଳେ*
*ନିଦାଘ ବନ ଅଗ୍ନିସମ*
*ଜୀବନ ଗୋଟା ଜଳେ ।*

*ଅନୁତାପର ତୀବ୍ର ପୀଡ଼ା*
*ଚିତ୍ତ ସଦା ଘାରେ*
*ଜୀବନ ଗୋଟା ତିକ୍ତ ଖାଲି*
*ଦୁଃଖ ଗୁରୁ ଭାରେ ।।'*

## ୭. ପଲ୍ଲୀ ସଂସ୍କୃତିଭିତ୍ତିକ ଗୀତିକବିତା :

ଉତ୍କଳୀୟ ଜୀବନର ପ୍ରତିନିଧିତ୍ୱ କରେ ପଲ୍ଲୀଜୀବନ । ଗାଁ ଗୋହିରୀର କିଆଫୁଲ, ଗାଁର ପୋଖରୀତୁଠ, ମନ୍ଦିରବେଢ଼ା, କାର୍ତ୍ତିକ ଦୀପ, ଗହୀର ବିଲ, ଆମ୍ବତୋଟା, ଦୋଳମେଲଣ, ନଈପବନ, ଚଇତି ପର୍ବ, ଚନ୍ଦନଯାତରେ ଲେଖାଥାଏ ପୁଲକିତ ଭାବର ଅନେକ କବିତା । ଥରେ ତାକୁ ପଢ଼ିଦେଲେ ମନ ବୁଝେ ନାହିଁ, ଆଉ ଥରେ ପଢ଼ିବାକୁ ଇଚ୍ଛା ହୁଏ । ଅତୀତରେ ପଲ୍ଲୀ ଜୀବନ ଆହୁରି ସ୍ନିଗ୍ଧ ସୁରଭିତ ଥିଲା । ମଣିଷ ମଣିଷ ଭିତରେ ସହାନୁଭବର ଅମୃତଧାରା ପରିବେଶରେ ଭରିଦେଇଥିଲା ବୈକୁଣ୍ଠର ବିପୁଳ ବିଭବ ।

ସଂସ୍କୃତି କ'ଣ ? ଏ ସଂପର୍କରେ କିଞ୍ଚିତ ଆଲୋଚନା କରିବା । ସଂସ୍କୃତି ହେଉଛି ଉତ୍ତରିତ ଚେତନାର ବିମୁକ୍ତ ଅଭିବ୍ୟକ୍ତି । କେବଳ ଯେନତେନ ପ୍ରକାରଣେ ବଞ୍ଚି ରହିବା ନୁହେଁ ବରଂ ମାର୍ଜିତ ରୁଚି ଓ ଚେତନାରେ ବଞ୍ଚିବାର ଅନୁପ୍ରେରଣା ଏଥିରୁ ମିଳିଥାଏ । ସାଧାରଣ ଭାବରେ ବଞ୍ଚିବା ଯଦି ହୀରା ହୁଏ, ତେବେ ସଂସ୍କୃତି ହେଉଛି ସେହି ହୀରାକୁ ଜ୍ୟାମିତିକ ଆକୃତି ଦେବାର ମାନସିକତା । ବଞ୍ଚିବାର କଳାତ୍ମକତା ସଂସ୍କୃତିର ଅନ୍ତର୍ଭୁକ୍ତ । ଚାଲିବାରୁ ନାଚିବାରେ, ଗୁଣୁଗୁଣୁରୁ ଗୀତ ଗାଇବାରେ, ରେଖାଙ୍କନରୁ ଚିତ୍ରାଙ୍କନରେ ସଂସ୍କୃତିର ଐଶ୍ୱର୍ଯ୍ୟ ମୂର୍ତ୍ତିମନ୍ତ । ତେବେ ସଂସ୍କୃତି ହେଉଛି ଏକ ଜାତିର ରୁଚିପୂର୍ଣ୍ଣ ସଂହତ ମାନସିକତା ଯାହାର ସଂରଚନା ଦେଶ, କାଳ ଭେଦରେ କେତେକାଂଶରେ ଭିନ୍ନ ଭିନ୍ନ ହୋଇଥାଏ । ଉତ୍କଳୀୟ ପଲ୍ଲୀସଂସ୍କୃତି ପଲ୍ଲୀର ପରିବେଶକୁ ଆଧାର କରି ସଂଗଠିତ ଓ ସମୃଦ୍ଧିପ୍ରାପ୍ତ ।

ଆଧୁନିକ ଓଡ଼ିଆ ସାହିତ୍ୟରେ ଉପନ୍ୟାସ, ଗଳ୍ପ, ପ୍ରବନ୍ଧ, ଛନ୍ଦ କବିତା ଓ ଗୀତିକବିତାରେ ପଲ୍ଲୀର ଚିତ୍ର ଅଙ୍କିତ ହୋଇଛି । ଊନବିଂଶ ଶତାବ୍ଦୀର ଶେଷ ଓ ବିଂଶ ଶତାବ୍ଦୀର ପ୍ରାରମ୍ଭବେଳକୁ ସାହିତ୍ୟରେ ଏହି ଅଙ୍କନ ଥିଲା ଏକ ଅପରିହାର୍ଯ୍ୟ ଆବଶ୍ୟକତା । ୧୮୯୩ – ୯୪ ରେ 'ବିଜୁଳି' ଓ 'ଇନ୍ଦ୍ରଧନୁ' ପତ୍ରିକାର ସଂଘର୍ଷରୁ ଉଦଭୂତ ନିଷ୍କର୍ଷ ଭିତ୍ତିରେ ଏହି ଆବଶ୍ୟକତା ପର୍ଯ୍ୟବସିତ ହୋଇଥିଲା । ଆମ ସଂସ୍କୃତି ଅର୍ଥାତ୍ ଉତ୍କଳୀୟ ତଥା ଭାରତୀୟ ସଂସ୍କୃତିର ପ୍ରାଣକେନ୍ଦ୍ର ହେଉଛି ପଲ୍ଲୀସଂସ୍କୃତି । ପଲ୍ଲୀର ବିକାଶରେ ଉତ୍କଳ ତଥା ଭାରତର ସର୍ବାଙ୍ଗୀଣ ବିକାଶ । ଭକ୍ତକବି ମଧୁସୂଦନ ପଲ୍ଲୀପରିବେଶରେ ଅନୁପମ ଲାବଣ୍ୟର ଅଭିନବ ଅଭିଷେକକୁ ସୂକ୍ଷ୍ମ ଦୃଷ୍ଟିରେ ଦେଖି ପାରିଥିଲେ । ଗାଆଁ ପୋଖରୀର କଇଁଫୁଲ ଓ ପଦ୍ମଫୁଲ, ଘରବାଡ଼ିରେ ଫୁଟିଥିବା ଜହ୍ନିଫୁଲ ଓ ଅଗସ୍ତିଫୁଲ, ଗାଆଁ ମୁଣ୍ଡରେ ଥିବା ଆଖୁଶାଳ ଓ ଧାନଖଳା କବିଙ୍କୁ ବିମୁଗ୍ଧ କରିଥିଲା । ଛଣପଟ କିଆରୀର ରୂପ ରଙ୍ଗରେ କବି ଦୃଷ୍ଟି ବନ୍ଦୀ ହୋଇଥିଲା –

*'ଆଖୁକ୍ଷେତ ଦିଶେ ଯତନ, ଆଖୁଶାଳରେ ବସି*
*ଗ୍ରାମକଥା ଗ୍ରାମବାସୀଏ ଗଳ୍ପ କରନ୍ତି ହସି ।'* (ଶିଶିର)

ପଲ୍ଲୀର ଚାରୁଚିତ୍ର ଅଧିକ ସ୍ୱଷ୍ଟ ଭାବରେ ନନ୍ଦକିଶୋରଙ୍କ ଲେଖନୀରେ ଅଙ୍କିତ । 'ପଲ୍ଲୀଚିତ୍ର' ଶୀର୍ଷକ ରଚନାରେ ଏକାଧାରରେ ପଲ୍ଲୀସୁଷମା ଓ ପଲ୍ଲୀସଂସ୍କୃତି ରୂପାୟିତ । ଚାନ୍ଦିନୀ ରାତିର ଲଳିତଚିତ୍ର କବିଚିତ୍ତକୁ ମୁଗ୍ଧ କରିଛି, ସକାଳର ଚାଟଶାଳୀ କବିଙ୍କ ହୃଦୟରେ ଆଣି ଦେଇଛି ଅନନ୍ୟ ପବିତ୍ର ଭାବ । ଗୁଡ଼ିଆଣୀଙ୍କର ମୁଢ଼ି ବିକ୍ରୀ, ନାଥର କେନ୍ଦରା ଓ କେଳାକେଳୁଣୀଙ୍କର ଧୁଡୁକି ବାଦନ, ହାଟୁଆଙ୍କର ଗମନାଗମନ, ଜମିଦାରଙ୍କର ଜୀବନଚର୍ଯ୍ୟା କବିଦୃଷ୍ଟିକୁ ଆକୃଷ୍ଟ କରିଛି । ଶଗଡ଼ିଆଭାଇଙ୍କର ଟାକରାଫୁଟା ସହ ଶଗଡ଼ ଚଳେଇବାର ଚିତ୍ର ପ୍ରଦାନ ପୂର୍ବକ କବି କହିଛନ୍ତି –

*'ଟାକରା ଫୁଟାଇ ବଳଦ ଅଡ଼ାଇ*
*ନିଠେଇ ନିଠେଇ ଗୀତ*
*ରାମାୟଣ ଅବା ମହାଭାରତରୁ*
*ଗାଇଣ ହରନ୍ତି ଚିତ୍ତ ।'*

୧୯୦୦ ମସିହାରେ ପ୍ରକାଶିତ ‘ପଲ୍ଲୀଚିତ୍ର’ ପୁସ୍ତକ ପାଠକରି ଉତ୍କଳସାହିତ୍ୟର ସଂପାଦକ ମହୋଦୟ କହିଥିଲେ – ‘‘ପଲ୍ଲୀଚିତ୍ର ଖଣ୍ଡିକ ବର୍ଣ୍ଣନାତ୍ମକ କାବ୍ୟ । ଏହି କ୍ଷୁଦ୍ର ପୁସ୍ତକରେ ପଲ୍ଲୀବାସୀ, ଗ୍ରାମଦେବତା, ଗ୍ରାମଖେଳା, ଗ୍ରାମଚାଟଶାଳୀ, ଗ୍ରାମତୋଟା, ଗ୍ରାମମହାଦେବ, ଗ୍ରାମଶ୍ମଶାନ, ଗ୍ରାମହାଟ – ଏହି କେତୋଟି ଚିତ୍ର ଅତି ସରସ, ମଧୁର ଓ ଜୀବନ୍ତ ।’’

ସତ୍ୟବାଦୀ ସାହିତ୍ୟରେ ପ୍ରସଙ୍ଗକ୍ରମେ ଆବଶ୍ୟକତା ଅନୁସାରେ ପଲ୍ଲୀଚିତ୍ର ଅଙ୍କିତ ହୋଇଛି । ପରେ ପରେ କବି ସଚ୍ଚିରାଉତରାୟଙ୍କ ଲେଖନୀରେ ଏହି ଚିତ୍ର ଅଧିକରୁ ଅଧିକ ଉପାସ୍ଥାପିତ ହୋଇଛି । କବି ଶ୍ରୀଯୁକ୍ତ ରାଉତରାୟ ପଲ୍ଲୀରେ ପ୍ରଚଳିତ ଭାଷାରେ ପଲ୍ଲୀ ସଂସ୍କୃତି ଓ ପଲ୍ଲୀ ପ୍ରକୃତିର ଚିତ୍ରଣ କରିଛନ୍ତି । ୧୯୪୧ ମସିହାରେ ମୁଦ୍ରିତ ତାଙ୍କର ପଲ୍ଲୀଶ୍ରୀ ପୁସ୍ତକରେ ସନ୍ନିବେଶିତ ‘ଛୋଟ ମୋର ଗାଆଁଟି’, ‘ପଲ୍ଲୀସଞ୍ଜ’,‘ପହିଲିରଜ’,‘ଗ୍ରାମଶ୍ମଶାନ’ ଓ ‘ପଲ୍ଲୀପ୍ରଭାତ’ ପ୍ରଭୃତି କବିତାଗୁଡ଼ିକରେ ପଲ୍ଲୀର ପ୍ରାଣସତ୍ତା ସହ ବ୍ୟକ୍ତିତ୍ୱ ମଧ୍ୟ ମୁକୁଳିତ ହୋଇଯାଇଛି ।

***‘ତାହାରି ଫୁଲ, ଶାଗୁଆଲତା***
***କଣ୍ଠେ ମୋର ଦେଲା ଯେ କଥା***
***ଆଖିରେ ଦେଲା ଚାହାଣି ନୂଆ***
***(ତାର) ଫଗୁଣ ଉଷା ପାହାନ୍ତି’*** *(ଛୋଟ ମୋର ଗାଆଁଟି)*

ଜଟିଆବୁଢ଼ୀ, କପିଳ ନନ୍ଦ, ଗୋବରା ଭୋଇ, ହରି ସୁବୁଦ୍ଧି ଓ ଛଣି ମହାନ୍ତି ପ୍ରଭୃତିଙ୍କ କଥା ଯାହା ସବୁ  ନନ୍ଦକିଶୋରଙ୍କ ଲେଖାରେ ବାକି ରହିଯାଇଥିଲା ତାହା ସଚ୍ଚିରାଉରାୟଙ୍କ ଲେଖାରେ ପୂରଣ ହେଲା ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ । ଭିନ୍ନ ଭିନ୍ନ କାରଣରୁ ଗାଆଁର ବହୁ ଲୋକଙ୍କୁ ସେତେବେଳେ (୧୯୩୦ – ୪୦) ରେଙ୍ଗୁନ ଯାଇ ସେଠାରେ କାମ କରିବାକୁ ହେଉଥିଲା । ଆସାମର ଚାହା ବଗିଚାରେ ଓ କାଳିମାଟି କଲିକତାରେ ଶ୍ରମ କରିବା ପାଇଁ ବହୁଲୋକଙ୍କୁ ଗାଆଁମାଟି ଛାଡ଼ିବାକୁ ପଡୁଥିଲା । ଗାଆଁ ଛାଡ଼ିଲାବେଳେ ସେମାନଙ୍କ ମନରେ ଯେଉଁ ବେଦନା ପ୍ରକଟିତ ହେଉଥିଲା

ତାହା ଅବର୍ଣ୍ଣନୀୟ । ବାରମ୍ବାର ଆଖି ବୁଲାଇ ଭଲକରି ଗାଆଁ ଭୂଇଁକୁ ସେମାନେ ଦେଖିଯାଉଥିଲେ । ଏହି କଥାଟିକୁ ହଗୁରାବାପ ମୁହଁରେ କବି ଏପରି କହିଛନ୍ତି–

*'ଠିଆ ହୁଅଟିକେ ଦେଖି ନିଏ ଥରେ*
*ଗାଁକୁ ବୁଲାଇ ଆଖି*
*ସତେ ଆଉ କି ପାରିବା ଦେଖି ?'*

କବି ବିଦ୍ୟୁତପ୍ରଭାଙ୍କ ରଚନାରେ ଗାଆଁରୁ ଅନ୍ତର ହୋଇ ବାହାରକୁ ଲୋକ ଚାଲିଯାଉଥିବାର ଚିତ୍ର ଅଧିକ ସ୍ପଷ୍ଟ । ସୋରିଷ ଫୁଲର ବାସରେ ଯେଉଁଠି ମଗୁଶିର ଆସେ, ହେମନ୍ତର ହାତ ବାଜି ଯେଉଁଠି ଧାନ କ୍ଷେତ ସୁନା ପାଲଟେ, ଅଝଟ ଶିଶୁ ପରି ଗୁଗୁଚିଆ ଯେଉଁଠି କାନି ଛାଡ଼େ ନାହିଁ ସେହି ପଲ୍ଲୀର ଶ୍ରୀହୀନ ରୂପ କବିମାନସରେ ଅଶେଷ ବେଦନା ଭରି ଦେଇଛି । କଲିକତାରେ କୁଲି ଓ ଆସାମର ଚାହା ବଗିଚାରେ ଶ୍ରମିକ ହୋଇଛି ପଲ୍ଲୀର ଅଲିଅଳ ସନ୍ତାନ । ପଲ୍ଲୀର ଏହି ଦୁଃଖକୁ ମର୍ମେ ମର୍ମେ ଉପଲବ୍ଧି କରି କବି କହିଛନ୍ତି –

*'ବାପ ଗୋସିବାପ ଓଲଟାଇ ମାଟି*
*ପାଲଟାଉ ଥିଲେ ସୁନା*
*ସାରିଲୁ ତୁ ସବୁ ହୋଇ କୁଲି ବାବୁ*
*କାନ୍ଥ ତୋ ମାରେ ଲୁଣା'* (କଲିକତା କୁଲି)

ଏହା ସ୍ୱୀକୃତ ଯେ ପଲ୍ଲୀର ମଥାରେ ଆଲୋଚ୍ୟ ସମୟର କେତେକ କବି ପିନ୍ଧାଇ ଦେଇଛନ୍ତି ଆଲୋକର ମୁକୁଟ, ସେ ମୁକୁଟରେ ଖଞ୍ଜା ଯାଇଥିବା ମଣିମୁକ୍ତା ଝଲସି ଉଠୁଛି ଏବଂ ପାଠକର ଦୃଷ୍ଟିକୁ ଏବେ ମଧ୍ୟ ଆକୃଷ୍ଟ କରୁଛି ।

## ୮. ବିଭୁଭକ୍ତିମୂଳକ ଗୀତିକବିତା :

ଭଗବାନଙ୍କ ନିମନ୍ତେ ଗଭୀର ଅନୁରକ୍ତି ହିଁ ଭକ୍ତି । ସେ ଭଗବାନ ସାକାର ବା ନିରାକାର ହୋଇପାରନ୍ତି । ଅନୁରକ୍ତି ପ୍ରଶଂସାମୂଳକ ବା ବ୍ୟାଜନିନ୍ଦାଭିତ୍ତିକ ହୋଇପାରେ । ବ୍ୟକ୍ତି ଚେତନାର ଆରୋହଣ କ୍ରମ ଏଥିରେ ଥାଇପାରେ କିମ୍ବା ବିଭୁଚେତନାର ସଦୟ ଅବରୋହଣ ପ୍ରସଙ୍ଗ ଏଥିରେ ରୂପାୟିତ ହୋଇପାରେ । ଅନୁରାଗର ଚନ୍ଦନଗନ୍ଧରେ ଏହା ସୁବାସିତ ହୋଇପାରେ ବା

ବୈରାଗ୍ୟର ଗୈରିକ ମ୍ଳାନିମାରେ ଜର୍ଜରିତ ହୋଇପାରେ। ଶ୍ରୀଜଗନ୍ନାଥଙ୍କ ପ୍ରତି ସୀମାହୀନ ଭକ୍ତିମତ୍ତାରେ ସିକ୍ତ ଉତ୍କଳୀୟ କବିଚିତ୍ତ । ପ୍ରାୟ ପ୍ରତ୍ୟେକ କବି ଅଳ୍ପେ ବହୁତେ ପରମ ପ୍ରଭୁଙ୍କ ଚରଣରେ ଭକ୍ତିପୂତ ଆତ୍ମନିବେଦନ କରିଛନ୍ତି । ଚିନ୍ତାମଣି ମହାନ୍ତିଙ୍କର ଭକ୍ତିରଚନାରୁ ଉଦାହରଣ ସ୍ୱରୂପ ପଦଟିଏ ଗ୍ରହଣ କରାଯାଇପାରେ ।

*'ଚକାବଇଠିରେ ବିଜେ ପ୍ରଭୁ ଚକାଡୋଳା*
*କି ଶୀତଳ ଦୃଷ୍ଟି ତବ ସ୍ନେହ – ମଧୁ – ବୋଳା*
*କେଡ଼େ ଚାରୁ – କୃଷ୍ଣ – କାନ୍ତି*
*ଢାଳୁଛି ଜଗତ ପ୍ରାଣେ ପ୍ରେମ ଶୁଭଶାନ୍ତି ।'*

କେବଳ ଶ୍ରୀଜଗନ୍ନାଥଙ୍କ ପ୍ରତି ନୁହେଁ ଅନ୍ୟାନ୍ୟ ଦେବାଦେବୀଙ୍କ ପ୍ରତି ମଧ୍ୟ କବିମାନେ ଭକ୍ତି ନିବେଦନ କରିଛନ୍ତି । ଏହି ଧରଣର ସୃଷ୍ଟି ମଧ୍ୟରେ ଫକୀରମୋହନଙ୍କର 'କୃପାନିଧାନ','ଦିଅ ଦରଶନ', 'କରନ୍ତୁ କଲ୍ୟାଣ','ହରି ସର୍ବସ୍ୱ, ଓ 'ଶରଣ' ପ୍ରଭୃତି କବିତା ଏକ ଏକ ସାର୍ଥକ ସୃଷ୍ଟି । ମନରେ ଧନମାନର ଲାଳସା ନରହୁ  ଏହା କାମନା କରିଛନ୍ତି କବି ଫକୀରମୋହନ । ପ୍ରଭୁ ହେଉଛନ୍ତି ପିତାମାତା, ଜ୍ଞାତିପରିଜନ ପୁଣି ସାଧନାର ଧନ । ଶରଣ ରକ୍ଷଣ ସିଏ ଶାନ୍ତିରସଦନ, ତାଙ୍କର କୃପା ସମସ୍ତଙ୍କ ପାଇଁ ଅହରହ ଝରୁଥାଏ । ମନୁଷ୍ୟର ଚଲାପଥରେ ସେ ହିଁ ସହଯାତ୍ରୀ ହୋଇ ଚେତନାର ଅଗ୍ରଗତିରେ ସହାୟତା କରନ୍ତି । ଅସମ୍ଭବକୁ ସମ୍ଭବ କରିବାର କ୍ଷମତା କେବଳ ତାଙ୍କର ହିଁ ରହିଛି । 'ହରି ସର୍ବସ୍ୱ' ପ୍ରାର୍ଥନା ସଙ୍ଗୀତରେ କବି କହିଛନ୍ତି –

*'ଆହେ ମହାବାହୋ ! ତୁମ୍ଭେ ମୋର ପିତାମାତା*
*ତୁମ୍ଭେ ଜ୍ଞାତିପରିଜନ ସର୍ବସୁଖ ଦାତା*
*ଜୀବନ ମରଣ ତୁମ୍ଭେ ଶାନ୍ତିର ସଦନ*
*ସାଧନାର ଧନ ପ୍ରଭୋ ! ତୁମ୍ଭେ ମୋ ଶରଣ ।'*

କବି ଫକୀରମୋହନଙ୍କର ରଚିତ 'ଅବସର ବାସରେ' ପୁସ୍ତକରେ କେତେକ ଭକ୍ତିଗୀତ ସ୍ଥାନିତ ହୋଇଛି । ଦିଗଦିଗନ୍ତରେ ପରମପ୍ରଭୁଙ୍କର

ଦିବ୍ୟଜ୍ୟୋତି ପ୍ରକଟିତ ହୋଇ ଭକ୍ତ ମନକୁ ବିମୁଗ୍ଧ କରେ । ସେହି ବିଶ୍ୱମୟ ଅନନ୍ତ ସତ୍ତାଙ୍କ ମହିମାଗାନ କରି ଏକ ଗୀତରେ କବି କହିଛନ୍ତି –

*'ଦିଗଦିଗନ୍ତରେ ଅନନ୍ତାକାଶେ*
*ମହାପ୍ରଭୁ ତୁମ ଜ୍ୟୋତି ବିକାଶେ*
*ଲୋକଲୋକାନ୍ତର ଅଛି ନିୟତ*
*ତୁମ ଅଧିକାର ବିଶ୍ୱ ଅନନ୍ତ'*

ଅନ୍ୟ ଏକ ଗୀତରେ କୃପା ଭିକ୍ଷା କରିଛନ୍ତି କବି ଫକୀରମୋହନ, ମନର ଚଞ୍ଚଳତା ଦୂର ହେଉ ବୋଲି ପ୍ରାର୍ଥନା କରିଛନ୍ତି । କବିଙ୍କ ଭାଷାରେ –

*'କୃପାନିଧାନ ହେ, କର କରୁଣା ମୋ ପ୍ରତି*
*ଦେଇ ମନ ପ୍ରାଣ କରେ ତୁମ୍ଭ ଧ୍ୟାନ*
*ସ୍ଥିର ହେଉ ମୋର ମତି ।'*

**୯. ଜାତୀୟତାବାଦୀ ଗୀତିକବିତା :**

ଦେଶ ଏଥିରେ ବନ୍ଦିତ ହୁଏ, ଦେଶର ସଂସ୍କୃତି ଅଭିନନ୍ଦିତ ହୁଏ । ଦେଶ ଏଠାରେ ଏକ ଜଡ଼ବସ୍ତୁ ନହୋଇ ଏକ ଜୀବନ୍ତ ସତ୍ତାରେ ରୂପାନ୍ତରିତ ହୋଇଥାଏ । ଦେଶର ମାଟି ହୋଇଯାଏ ସୁବାସିତ ବିଭୂତି, ଶିଳା ହୋଇଯାଏ ଶାଳଗ୍ରାମ । ଅତୀତ ଗୌରବ ମୂର୍ତ୍ତିମନ୍ତ ହୋଇ ଭାବାନ୍ତର ଭରିଦିଏ ସ୍ରଷ୍ଟାର ଚିତ୍ତରେ । ଦେଶ ପ୍ରତି ସୀମାହୀନ ମମତ୍ୱବୋଧର ଶ୍ରୁତିମଧୁର ଛନ୍ଦରେ ବାନ୍ଧି ହୁଏ କବିର ପ୍ରାଣସତ୍ତା, ବନ୍ଦୀ ହୁଏ ମନର ଭିନ୍ନ ଭିନ୍ନ ଅଭିରୂପ । ଭାରତ ବନ୍ଦନା ଓ ଉତ୍କଳ ବନ୍ଦନା ଉଭୟ ଏହି ପର୍ଯ୍ୟାୟର ଅନ୍ତର୍ଭୁକ୍ତ ।

ଜାତୀୟତାବାଦର ଅର୍ଥ ଅନେକ ବୁଝନ୍ତି ନିଜ ଜାତିକୁ ବଡ଼କରି ଅନ୍ୟ ଜାତିକୁ ସାନ କରି ଦେଖିବା । ମାତୃଭାଷା ପ୍ରତି ମମତ୍ୱବୋଧର ଅର୍ଥ ଅନେକ ବୁଝନ୍ତି ନିଜ ମାତୃଭାଷା ହିଁ ସବୁଠାରୁ ବଡ଼ ଓ ଅନ୍ୟ ଭାଷା ସବୁ ହୀନ ଓ ନଗଣ୍ୟ, ଏହା ଗୋଟିଏ ଭ୍ରମ । କଥାଟି ବାସ୍ତବରେ ସେପରି ନୁହେଁ । ଜାତୀୟତାବାଦର ପ୍ରକୃତ ଅର୍ଥ ହେଉଛି ମୋ ଜାତି, ମୋ ଭାଷା ଯେପରି ମୋ ପାଇଁ କି ବଡ଼, ଅନ୍ୟର

ଜାତି, ଅନ୍ୟର ଭାଷା ସେପରି ଅନ୍ୟ ପାଇଁ ବଡ଼ । ଏଥିରେ ଅଯଥା କଳହର ଆବଶ୍ୟକତା ନାହିଁ । ତେବେ ଏକଥା ସର୍ବବାଦୀ ସମ୍ମତ ଯେ ମାତୃଭାଷା ହିଁ ପ୍ରତ୍ୟେକ ବ୍ୟକ୍ତି ପାଇଁ ଜୀବନ ଚିନ୍ତାର ପ୍ରାଥମିକ ଭିତ୍ତି, ସର୍ବୋପରି ମନୋଭାବର ଅଭିବ୍ୟକ୍ତି ନିମନ୍ତେ ଏକ ବଳିଷ୍ଠ ମାଧ୍ୟମ ।

ଫକୀରମୋହନ ଥିଲେ ଜାତିପ୍ରାଣ ବ୍ୟକ୍ତିତ୍ୱ । ଉତ୍କଳପ୍ରତି ତାଙ୍କର ଅନୁରାଗ ଓ ଅନୁରକ୍ତି ଥିଲା ଅସୀମ । ସେ କହିଥିଲେ ଜନ୍ମଭୂମି ପ୍ରତି ସମ୍ମାନବୋଧ ଓ କର୍ତ୍ତବ୍ୟବୋଧ ଆଣିଦିଏ ଜୀବନର ସାର୍ଥକତା । ଅନ୍ୟଥା ଜୀବନ ହୁଏ ଅର୍ଥହୀନ ଓ ବ୍ୟର୍ଥ ।

***'ମାତାକୁ ସମ୍ମାନ ନକରେ ଯେ ଜାଣ***
***ସେହି ତ ଅଧମ ସୁତ***
***ସେହି ସର୍ବସ୍ଥାନେ ଥାଏ ଅପମାନେ***
***ସମାଜରେ ଅନାଦୃତ ।'*** *(ଜନ୍ମଭୂମି)*

'ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରୀୟସୀ' ଉକ୍ତିକୁ ଅଶେଷ ମର୍ଯ୍ୟାଦା ଦେଇଛନ୍ତି ଭକ୍ତକବି ମଧୁସୂଦନ ରାଓ । ତାଙ୍କ ଉକ୍ତି ଏହିପରି –

***'ପ୍ରାଣର ବନ୍ଧନେ ଏକ ହୋଇସର୍ବେ***
***ଉତ୍କଳ କଲ୍ୟାଣ ପାଇଁ***
***ଏ ଶୁଭ ଲଗନେ ପୂଜ ଭକ୍ତିଭରେ***
***ଶୁଭଦାତା ବିଶ୍ୱସାଇଁ'*** *(ସଙ୍ଗୀତ – ଉତ୍କଳ ଗାଥା)*

ପଲ୍ଲୀକବି ନନ୍ଦକିଶୋର 'ମାତୃଭୂମି', 'ଉତ୍କଳଦଶା', 'ଉତ୍କଳ ପ୍ରଭାତ', 'ଉତ୍କଳ ବନ୍ଦନା' ପ୍ରଭୃତି ଗୀତିକବିତାରେ ଉତ୍କଳୀୟ ଜାତୀୟତାକୁ ଉଚ୍ଚସ୍ଥାନ ଦେଇଛନ୍ତି । ଗଭୀର ଆଶାବାଦର ଅକ୍ଷୟ ମୁଦ୍ରାଙ୍କ ଏଥିରେ ଅଙ୍କିତ ହୋଇଛି ।

***'ଆସିବ ଏମନ୍ତ କାଳ ଏ ମହୀମଣ୍ଡଳ –***
***ମଧ୍ୟେ ସମ୍ମାନିତ ହେବ ଦରିଦ୍ର ଉତ୍କଳ ।'*** *(ମାତୃଭୂମି)*

ଗୋଦାବରୀଶ ମିଶ୍ର ଧୂଳିମାଟି ଗୋଡ଼ିରେ ଗଢ଼ା ଏଇ ଜନ୍ମଭୂମିର ଭୂୟସୀ ପ୍ରଶଂସା କରିଛନ୍ତି ।

*'ଜନମଭୂମି ଯେ ମାଟିପଥରର*
*ଜନନୀ କି ବଳି ବଡ଼*
*ସେ ଜନମ ଭୂମି ସେବା ଯେ କରଇ*
*ନର ଜନ୍ମଧନ୍ୟ ତାର ।'* (ଜନ୍ମଭୂଇଁ)

ସବୁଜ ଯୁଗର ଅନ୍ୟତମ ସ୍ରଷ୍ଟା ଶରତ ଚନ୍ଦ୍ର ମୁଖାର୍ଜୀ ଭାରତବର୍ଷକୁ ଏସିଆର ତୀର୍ଥ କ୍ଷେତ୍ର ରୂପେ ଅବତାରଣା କରିଛନ୍ତି । ଆର୍ଯ୍ୟଋଷିର ଅନବଦ୍ୟ ଅବଦାନକୁ କୃତଜ୍ଞତାର ସହ ସ୍ରଷ୍ଟା ଶ୍ରୀ ମୁଖାର୍ଜୀ ସ୍ମରଣ କରିବା ସହ ଭାରତବର୍ଷର ଯଶ ବିସ୍ତାରିତ ହେଉ, ମଥାରେ ତାହାର ପୁଷ୍ପ ବୃଷ୍ଟି ହେଉ– ଏଇ ଆଶା ପୋଷଣ କରିଛନ୍ତି –

*' ଏ ଦେବଭୂମିର ପ୍ରତି ତୃଣଠାରେ*
*ରହୁ ବିଧାତାର କରୁଣା ଦୃଷ୍ଟି*
*ଏ ମହାଜାତିର ମସ୍ତକ ପରେ*
*ହେଉ ସବୁ ଦିନ ପୁଷ୍ପ ବୃଷ୍ଟି'* (ଭାରତ ଜନନୀ)

କୁନ୍ତଳା କୁମାରୀଙ୍କର ଦେଶାତ୍ମବୋଧ ଚେତନା ଯେପରି ପ୍ରେରଣା ଦାୟକ ସେହିପରି ସ୍ମରଣୀୟ । ସେ 'ଭାରତମାତା', 'ମା', 'ହାହାକାର', 'ପୁରୁଣା ଓଡ଼ିଆ' ଶୀର୍ଷକ କେତେକ ଦେଶପ୍ରୀତିମୂଳକ ଗୀତିକବିତା ରଚନା କରିଛନ୍ତି । ନମ୍ରନତ ହୋଇ କବି ଗାଇଛନ୍ତି –

*'ଭାରତ ମୋ ମା' ଭାରତ ମୋ ମା'*
*ଜାଣିଛି ଏହା ମୁଁ ଅନ୍ତରେ*
*ଭାରତ ଜନନୀ ଜନ୍ମଭୂମି ମମ*
*ନମେ ତବ ପଦପ୍ରାନ୍ତରେ ।'* (ଭାରତ ମାତା)

କବି କୃଷ୍ଣମୋହନ ଜାତୀୟତାବାଦରେ ଉଦବୁଦ୍ଧ ହୋଇ କେତେକ ଗୀତିକବିତା ରଚନା କରିଛନ୍ତି । ସେହିଗୁଡ଼ିକ 'ଜାତୀୟ ସଂଗୀତ' ଶୀର୍ଷକ ଏକ ଗୀତିଗୁଚ୍ଛରେ ମୁଦ୍ରିତ ହୋଇଛି । ଏଥିରେ ଉତ୍କଳ ବନ୍ଦନା ଓ ଭାରତ ବନ୍ଦନାର ଉପସ୍ଥାପନା ଲକ୍ଷ୍ୟଣୀୟ । ଓଡ଼ିଆ ଭାଷା ଭାଷୀ ଅଞ୍ଚଳକୁ ଏକତ୍ର କରିବା ନିମେନ୍ତ ୧୯୦୩ ମସିହାରେ ଉତ୍କଳ ସମ୍ମିଳନୀର ସୃଷ୍ଟି ହୋଇଥିଲା । ବିଭିନ୍ନ ସ୍ଥାନରେ ଏହାର ବାର୍ଷିକ ଉତ୍ସବ ଅନୁଷ୍ଠିତ ହେଉଥିଲା । ସାହିତ୍ୟ ସେତେବେଳେ ଥିଲା ଜାତିର ମାର୍ଗଦର୍ଶକ । ବିଶେଷତଃ ଗୀତିକବିତା ଥିଲା ଜାତୀୟତାବାଦର ପବିତ୍ର ଓଁକାର ଧ୍ୱନି ସଦୃଶ । ୧୯୦୬ ମସିହାରେ ସମ୍ବଲପୁରରେ ଅନୁଷ୍ଠିତ ଉତ୍କଳ ସମ୍ମିଳନୀର ବାର୍ଷିକ ଉତ୍ସବରେ ଗାନ କରାଯାଇଥିବା ତାଙ୍କ ରଚିତ ଗୀତଟିର ଅଂଶ ବିଶେଷ ଏହିପରି –

*'ଆଜି ସାଗରେ ଭୂଧରେ ପ୍ରାନ୍ତରେ ଅମ୍ବରେ*
*ଶୁଭୁ ଉତ୍କଳର ଜୟଗୀତି ।*
*ଶିଶୁ ଦେଉ ତାର ଉଷାରୁଣ ବିଭା*
*ଦେଉ ଯୁବାଜନ ମଧ୍ୟାହ୍ନ ପ୍ରତିଭା ।*
*ଜ୍ଞାନରଶ୍ମି ଶେଷ ଦେଉ ପକ୍ୱକେଶ*
*ଭାଙ୍ଗୁ ସାଧନାର ଭ୍ରାନ୍ତ ଭିତ୍ତି ।।'*

ଭାରତ ବନ୍ଦନା ପ୍ରସଙ୍ଗରେ କେତେକ ଗୀତି କବିତାରେ କବି ସମସ୍ତଙ୍କୁ ଜାତି – ଧର୍ମ – ବର୍ଣ୍ଣର ଭେଦ ଭାବକୁ ଭୁଲି ଏକ ଜାତିରେ ପରିଚିତ ହେବା ପାଇଁ ଆହ୍ୱାନ ଜଣାଇଛନ୍ତି । ସିଂହଳକୁ ଭାରତ ଜନନୀଙ୍କ ପାଦ ତଳେ ଫୁଟିଥିବା କନକ – କମଳ ବୋଲି ସେ ଉଲ୍ଲେଖ କରିଛନ୍ତି ।

*'ପଦ ତଳେ ଯା'ର କନକ ସିଂହଳ*
*ଶ୍ରୀ ଚରଣେ ଯଥା କନକ – କମଳ'* (ଭାରତ ବନ୍ଦନା)

କବି ବାଞ୍ଛାନିଧି ମହାନ୍ତି ଯେପରି ଉତ୍କଳପ୍ରେମୀ ଥିଲେ ସେପରି ଭାରତପ୍ରେମୀ ଥିଲେ । ତାଙ୍କ ସଂଗୀତର ସ୍ୱରଝଙ୍କାରରେ ପରାଧୀନ

ଭାରତର ଗଗନପବନରେ ନବଶିହରଣ ଖେଳିଯାଇଥିଲା । ଦୁର୍ବଳର ଦେହ ଓ ପ୍ରାଣରେ ଭରି ଯାଇଥିଲା ଶକ୍ତିର ପ୍ଲାବନ । ଏହି ପ୍ରଚଣ୍ଡ ପ୍ରତିଭାଙ୍କର ଅବସାନ ଘଟିଥିଲା ମାତ୍ର ୪୧ ବର୍ଷ ବୟସରେ, ୧୯୩୮ ମସିହାରେ । ସେତେବେଳେ ଭାରତରେ ସ୍ୱାଧୀନତା ଆନ୍ଦୋଳନ ଜାରି ରହିଥିଲା । ତଥାପି ତାଙ୍କର କଳ୍ପନା – ନୟନରେ ସେ ସ୍ୱାଧୀନ ଭାରତର ଦୃଶ୍ୟ ଦେଖି ଗାଇଥିଲେ –

***'(ଗାଅ) ସ୍ୱାଧୀନଭାରତ  ସ୍ୱାଧୀନଭାରତ ସ୍ୱାଧୀନ ସ୍ୱାଧୀନ ସ୍ୱାଧୀନରେ***
***ଗାଏ ସାଗର ଭୂଧର ଅମ୍ବର ଚୁମ୍ବିତ, ଭାଲ ହିମାଚଳ ଗିରିବର କମ୍ପିତ***
***ସ୍ୱାଧୀନ ସ୍ୱାଧୀନରେ ।'*** *(ସ୍ୱାଧୀନ ଭାରତ)*

ଉତ୍କଳ ପ୍ରତି ତାଙ୍କର ଆନ୍ତରିକତା ଅସୀମ । ଉତ୍କଳର ନଦନଦୀ, କାନନ କେଦାର, ପାହାଡ଼ ପର୍ବତ ସବୁକିଛି କବିଙ୍କ ପାଇଁ ଥିଲା ଏକଏକ ସ୍ୱତନ୍ତ୍ର ତୀର୍ଥ । ଏ ମାଟିରେ ଚନ୍ଦନର ଗନ୍ଧ, ସାଗରରେ କ୍ଷୀର ସାଗରର ଛନ୍ଦ କବିଙ୍କୁ ଭାବବିଭୋର କରିଥିଲା । ଭକ୍ତିଫୁଲରେ ଅଞ୍ଜଳି ଭରି ସେ ଗାଇଥିଲେ –

***'ଶସ୍ୟ – ସୁଶ୍ୟାମଳ – ରାଜିତ – କ୍ଷେତ୍ରା***
***କୁସମିତ – ଉପବନ – ବିନୋଦିତ – ନେତ୍ରା***
***ସୁବାସିତ – ସୌରଭ – ଆମୋଦିତକୁଞ୍ଜେ***
***କୂଜିତ – କୋକିଳ – ସୁଲଳିତ ଛନ୍ଦେ***
***ହେ ମା' ଉତ୍କଳ ଜୟ ମା' ବନ୍ଦେ ।'*** *(ଉତ୍କଳ ବନ୍ଦନା)*

ଜାତୀୟ କବି ବୀରକିଶୋର ଦେଶର ସ୍ୱାଧୀନତା ସଂଗ୍ରାମରେ ଝାସଦେଇ ସାତଥର ଜେଲ ଯାଇଥିଲେ । ତାଙ୍କର ଅଗ୍ନିବର୍ଷୀ ଦେଶପ୍ରୀତିମୂଳକ କବିତା ଜଡ଼ପ୍ରାଣରେ ମଧ୍ୟ ସେତେବେଳେ ଶିହରଣ ଆଣି ଦେଇଥିଲା । ତାଙ୍କ ଶବ୍ଦଯୋଜନାରେ ଅପର୍ଯ୍ୟାପ୍ତ ଶକ୍ତି ନିହିତ, ବୀରତ୍ୱର ଦୀପ୍ତିରେ ପ୍ରତ୍ୟେକ କବିତା ଦୀପ୍ତିଯୁକ୍ତ । ଦେଶର ଦୁଃଖ ଓ ଦୁର୍ଗତିରେ ମର୍ମାହତ ହୋଇ କବି

ବୀରକିଶୋର ସେଦିନ କହିଥିଲେ –

*'ହୋମାନଳ ପରି ମୋର ଜୀବ ଲିଭିଯାଉ*
*ହିମାଚଳ ଗିରି ମୋର ସ୍ୱାଧୀନତା ପାଉ*
*x x x x x*
*ଏ ଜୀବନ ଦାନ କଲି ଦେଶଲାଗି ଭାଇ*
*ଆଗପଛ କଥା କିଛି ବାରେ ଚିନ୍ତି ନାହିଁ ।'* (ଧର୍ମବାଣୀ)

## ୧୦. ପ୍ରକୃତି ସଂପର୍କିତ ଗୀତିକବିତା :

ବହିଃପ୍ରକୃତି କବି ପାଇଁ ନିସର୍ଗ ମାଧୁରୀର ଖଣ୍ଡିଏ କାବ୍ୟ । ସେଥିରେ ନବରସର ସଞ୍ଚରଣ କବିର ଦୃଷ୍ଟିପଥାରୂଢ଼ ହୁଏ । କେତେବେଳେ କ୍ରମବିବର୍ତ୍ତିତ ଚେତନାର ସାର୍ଥକ ରୂପାୟଣ ବୋଲି ସେ ପ୍ରକୃତିକୁ ବିଚାର କରେ ତ କେତେବେଳେ ପ୍ରକୃତିକୁ ପରମେଶ୍ୱରଙ୍କର ମୂର୍ତ୍ତସ୍ୱରୂପ ବୋଲି ବିବେଚନା କରେ । ଶବ୍ଦ ଧରିରଖେ ହୃଦୟର ଭାବସ୍ପନ୍ଦନ, ଛନ୍ଦ ଧରିରଖେ ତା'ର ପରିବ୍ୟାପ୍ତ ଅନ୍ତଃସ୍ୱର । ମାଟି, ପାଣି, ପବନର ସମ୍ମୋହନ ଶକ୍ତି କବିଙ୍କୁ ଆନମନା କରେ, କଣ୍ଠରୁ ଝରାଇଦିଏ ଭାବାନୁସାରୀ ଭାଷାର ଚାରୁପ୍ରବାହ । ଅଜଣା ଫୁଲକୁଞ୍ଜର ବାସ୍ନାରେ ମହକିଯାଏ ଗୀତି କବିତାର ଚଉହଦୀ । ଗ୍ରୀଷ୍ମ ମଧ୍ୟାହ୍ନର ଝିଙ୍କାରୀ ସ୍ୱନର ଭିନ୍ନ ଭିନ୍ନ ଭାଷ୍ୟ କବିଙ୍କ ଲେଖନୀରେ ଆତ୍ମପ୍ରକାଶ କରେ । ବର୍ଷାର ଝରଝର ତାନରେ ଦୂରଅତୀତର ସ୍ମୃତିଗୀତି ଆଉଥରେ ଶୁଭେ । ସଜପଦ୍ମଫୁଲ ପରି ଦିଶୁଥିବା ଶରତ ସକାଳ ନିଜ ଦର୍ପଣରେ ନିଜକୁ ଦେଖିବା ପାଇଁ କବିଙ୍କୁ ଆହ୍ୱାନ କରେ । ହେମନ୍ତର ଦରମଉଳା ପ୍ରଫୁଲ୍ଲତା ଜୀବନର ଗଭୀରତାକୁ ମାପିବା ପାଇଁ ସାଧନର ସନ୍ଧାନ ଦିଏ । ଶୀତ ସଞ୍ଚାର କରେ ଏକ ଗଭୀର ଅନୁଚିନ୍ତା, ଅନ୍ଧାର ସେପାରେ ଆଲୋକର ଅଭିନନ୍ଦନ ପାଇଁ ସୃଷ୍ଟି କରେ ନୂଆ ନୂଆ ପରିଭାଷା ସେହି ପରିଭାଷା ଅପେକ୍ଷା କରିବାକୁ କହେ । ଅପେକ୍ଷା ଏକ ତପସ୍ୟା । ବସନ୍ତର ମଳୟ ପ୍ରବାହ ମର୍ତ୍ତ୍ୟରେ ଆଣିଦିଏ ମୋହନବିଳାସ । ତରଳାତୁଷାରରେ ପ୍ରତିଫଳିତ ରଶ୍ମିରେଖା ଭାବାନ୍ତର

ସୃଷ୍ଟିକରେ କବିର ମନରେ । ନଦୀଧାରା ସେ ମନରେ ଲେଖିଦିଏ କେତେ ନୂଆ ମନ୍ତ୍ର ଓ କାରିକା । ନୀଳ ଆକାଶ ଗୁରୁ ହୋଇ କବିଙ୍କୁ ଜ୍ଞାନ ବିତରଣ କଲାବେଳେ ନୀଳସାଗର ପ୍ରୀତି ଲହରୀରେ କବିଙ୍କୁ ଜୀବନର ମୁଗ୍ଧ ବନ୍ଦାପନା ପୂର୍ବକ ଗଭୀର ଭାବରେ ମାଟିମନସ୍କ ହେବା ପାଇଁ ବାଧ୍ୟକରେ ।

ସାଧାରଣ ବ୍ୟକ୍ତି ପ୍ରକୃତିକୁ ଜଡ଼ବସ୍ତୁ ରୂପେ ଦେଖିଲାବେଳେ କବି ତହିଁରେ ଆବିଷ୍କାର କରେ ଚିନ୍ମୟ ସତ୍ତାର ଚିତ୍ତାକର୍ଷକ ରୂପବିଭା । ପ୍ରକୃତିର ସୁଷମା, ସୌରଭ, ମହତ୍ତ୍ୱ ଓ ଗୁରୁତ୍ୱ ଯେତେବେଳେ କବି ଲେଖନୀରେ ଗୀତିମୟ କ୍ଷୁଦ୍ର ରୂପରେଖ ଗ୍ରହଣ କରେ, ସେତେବେଳେ ତାହା ହୁଏ ପ୍ରକୃତି ବିଷୟକ ଗୀତିକବିତା । ମଧୁସୂଦନଙ୍କ ରଚିତ 'ଗ୍ରୀଷ୍ମ', 'ବର୍ଷା', 'ଶରତ', 'ବସନ୍ତ', ଶୀର୍ଷକ ଗୀତିକବିତାଗୁଡ଼ିକ ଏହି ପରିପ୍ରେକ୍ଷୀରେ ସ୍ମରଣୀୟ । ଗଙ୍ଗାଧର ମେହେର ନିଜସ୍ୱ ଦୃଷ୍ଟିକୋଣରୁ ଦେଖିଛନ୍ତି ବହିଃପ୍ରକୃତିକୁ । 'ନିଦାଘ ରାଜତ୍ୱ' ଗୀତିକବିତାରେ ପ୍ରକୃତିର ଭିନ୍ନଭିନ୍ନ ଦିଗନ୍ତର ଚିତ୍ର ପ୍ରଦତ୍ତ । ନିଦାଘର ସକାଳ, ମଧ୍ୟାହ୍ନ ଓ ସନ୍ଧ୍ୟା ପୁଣି ଜହ୍ନରାତିର ଦୃଶ୍ୟ ଏଥିରେ ପରିଚ୍ଛନ୍ନ ଭାବରେ ପରିଦୃଷ୍ଟ । 'ଚନ୍ଦ୍ରରଜନୀ' କବିକୃତ ଅନ୍ୟତମ ଗୀତିକବିତା । ଏଥିରେ ଜହ୍ନରାତିରେ କବିଙ୍କର ମାର୍ମିକ ଅନୁଭବ ଅଭିବ୍ୟକ୍ତ । ଜୀବନ ଓ ପ୍ରକୃତି ଯେ ଏକ ମୁଦ୍ରାର ଦୁଇପାଖ ପରି ପରସ୍ପର ସହିତ ଜଡ଼ିତ, ଏ କଥା ଏ କବିତାରେ ଉପସ୍ଥାପିତ । ଏଥିରେ ପ୍ରୀତିପ୍ରବଣତା ଯଥାଯୋଗ୍ୟ ଶବ୍ଦ ସମ୍ଭାରରେ ମୁକୁଳିତ ଓ ଲୀଳାୟିତ । ପାଠକ ପ୍ରାଣରେ ଭାବାନ୍ତର ଭରିଦେବା ପାଇଁ ଏହାର ସାମର୍ଥ୍ୟ ଅକଳନୀୟ । ଜଡ଼ ହୃଦୟକୁ ମଧ୍ୟ ଜହ୍ନରାତିର ଦୃଶ୍ୟ ଆକୃଷ୍ଟ କରିବ ବୋଲି କବି ଉଲ୍ଲେଖ କରିଛନ୍ତି –

*'ସେ ଶୋଭାରେ ଉଲ୍ଲସିଲା ପାଷାଣ ହୃଦୟ*
*ଜଳାଶୟେ ଉଲ୍ଲସିଲା କୁମୁଦକାନନ*
*ଧରାଧରେ ଉଲ୍ଲସିଲା ଓଷଧି ନିଚୟ,*
*ଗଗନେ ଉଲ୍ଲାସମୟ ଚକୋରଗାୟନ ।'*

ଏତଦ୍ ବ୍ୟତୀତ କବିଙ୍କ ବିରଚିତ 'ବର୍ଷାଚିତ୍ର','ପ୍ରଧାନପାଟ','ବୁଢ଼ାରଜା' ପ୍ରଭୃତି ଗୀତିକବିତା ପାଠକଙ୍କୁ ଅଭିଭୂତ କରେ । ପ୍ରକୃତିର ଚିତ୍ର ଉପସ୍ଥାପନ ମାଧ୍ୟମରେ ମାନବ ଜୀବନର ଭିନ୍ନ ଭିନ୍ନ ଅବସ୍ଥାର ଚିତ୍ରଣ କରିଛନ୍ତି କବି ଶ୍ରୀ ରତ୍ନାକର ଶର୍ମା । ଅବଶ୍ୟ ଏପରି ରଚନା କ୍ଷେତ୍ରରେ ସେ ତାଙ୍କର ପୂର୍ବସୂରୀ ଗୋସ୍ୱାମୀ ତୁଳସୀ ଦାସ ନିକଟରେ ଋଣୀ । କବିବର ରାଧାନାଥ ମଧ୍ୟ କବି ଶ୍ରୀ ଶର୍ମାଙ୍କର ଏପରି ରଚନା ପୂର୍ବରୁ 'ତୁଳସୀସ୍ତବକ' ରଚନା କରିଥିଲେ । ଏପରି ଶୈଳୀରେ ଶ୍ରୀ ଶର୍ମାଙ୍କ ଦ୍ୱାରା ରଚିତ 'ଗ୍ରୀଷ୍ମ' ଶୀର୍ଷକ କବିତାରେ ଗ୍ରୀଷ୍ମ ଋତୁର ପରିବେଶ ସହିତ ମଣିଷ ଜୀବନର ଭିନ୍ନ ଭିନ୍ନ ଅବସ୍ଥାର ତୁଳନାତ୍ମକ ଅଧ୍ୟୟନ ଉପସ୍ଥାପିତ ହୋଇଛି । ତହିଁର କିୟଦଂଶ ଏହିପରି –

*'ପତ୍ରହୀନ ତରୁ, ଲତା ନୁହେଁ ସୁନ୍ଦର*
*ବିଦ୍ୟା ବିନୟ ବିହୀନେ ଯେସନେ ନର*
*ଦାବାନଳ ପୋଡ଼ିଦିଏ କାନନଚୟ*
*କ୍ରୋଧାନଳେ ଦଗ୍ଧ ହୁଏ ଯଥା ହୃଦୟ ।'*

ଚିନ୍ତାମଣି ମହାନ୍ତି ମଧ୍ୟ ବିଭିନ୍ନ ଋତୁ ବର୍ଣ୍ଣନା ପୂର୍ବକ କେତେକ ଗୀତିକବିତା ରଚନା କରିଛନ୍ତି । ବସନ୍ତ ଋତୁର ବର୍ଣ୍ଣନା ପରିପ୍ରେକ୍ଷୀରେ ଧୀର ମଳୟ ପବନର ମୃଦୁ ପ୍ରବାହ, କୋକିଳର ଲଳିତ କୁହୁତାନ, ଦିଗଦିଗନ୍ତର ଚିତ୍ତବିମୋହନ ଶୋଭାର ପ୍ରସଙ୍ଗ ଉପସ୍ଥାପନା କରିଛନ୍ତି କବି ଚିନ୍ତାମଣି । ଶିମୁଳୀ ଫୁଲର ଶୋଭା କବିଙ୍କ ରଚନାରେ ଏହିପରି ପ୍ରକାଶିତ ।

*'ପଲ୍ଲବ ଗୁଣ୍ଠନ ଭେଦି ଉଠୁ ପିକରବ*
*ଲାଗିଯାଉ ଉଲ୍ଲାସର ମହାମହୋତ୍ସବ*
*ଶାଲ୍ମଳୀ ସୁନ୍ଦରୀ ଦେଉ ବନପ୍ରାନ୍ତେ ଦେଖା*
*ବନ ଦେବୀ ପଦେ ଆଙ୍କୁ ଅଳକ୍ତକ ରେଖା ।'* (ବସନ୍ତ ଆହ୍ୱାନ)

ଗୋଦାବରୀଶ ମିଶ୍ର ସ୍ୱରଚିତ 'ବକୁଳବନ' କବିତାରେ ବକୁଳବନର ପ୍ରାକୃତିକ ଶୋଭା ସମ୍ବନ୍ଧରେ କିଛି କଥା କହି ସେଇ ମାଟିରେ ଅବଶିଷ୍ଟ ଜୀବନ ଅତିବାହିତ କରିବାକୁ ଇଚ୍ଛାପୋଷଣ କରିଛନ୍ତି । ବାସନ୍ତୀ ପରିବେଶର ମନୋରମ ଆଲେଖ୍ୟ ଅଙ୍କନ କରି କବି କରିଛନ୍ତି –

*'ପଲ୍ଲବ ପରଶେ  ଆସି ସମୀରଣ*
*ଛୁଇଁଯାଏ ତରୁଲତା*
*ଚାଲିଗଲା ବେଳେକହିଯାଏ କେତେ*
*ହୃଦୟ ଗୁପତ କଥା ।'* (ବକୁଳ ବନ)

'ସନ୍ଧ୍ୟାପଥେ' କବି କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କର ଏକ ପ୍ରକୃତି ଚିତ୍ରଭିତ୍ତିକ ସୁଖପାଠ୍ୟ ଗୀତିକବିତା । ଏଥିରେ ସନ୍ଧ୍ୟାର ଚିତ୍ର ଅଙ୍କିତ ହେବା ସହିତ ଦରଦୀ କବିଚିତ୍ତର ରମ୍ୟ ଅନୁଭବ ପ୍ରତିବିମ୍ବିତ ହୋଇଛି ।

*'ସନ୍ଧ୍ୟା ଆସେ*
*ସବୁଜ ଘାସେ*
*ପକାଇ ଚାରୁ ଛାୟା ।*
*ଆଷାଢ଼ ମେଘ ଆକାଶେ ରଚେ ମାୟା ।'*

ବସନ୍ତ ଋତୁରେ ଧରଣୀର ଅନୁପମ ଶୋଭା ଦର୍ଶନରେ ଆତ୍ମବିଭୋର ହୋଇ କବି କୁନ୍ତଳାକୁମାରୀ ପରିବେଶର ବର୍ଣ୍ଣନା ଅବକାଶରେ ଉଲ୍ଲେଖ କରିଛନ୍ତି –

*'ଆସିଅଛି ଆଜି ବସନ୍ତ*
*ଫୁଲ ମୁକୁଟ ପିନ୍ଧି*
*ସୁନ୍ଦର ଦିଶୁଛି ଧରା କି*
*ନବନନ୍ଦନ ନିନ୍ଦି ।'* (ବସନ୍ତ ଭାବନା)

ଋତୁରାଜ ବସନ୍ତର ପ୍ରଶସ୍ତି ସାହିତ୍ୟରେ ଯେପରି ବର୍ଣ୍ଣିତ, ଶୁଭ୍ରତାର ଋତୁ ଶରତର ମହତ୍ତ୍ୱ ସେପରି ଉପସ୍ଥାପିତ । ଆର୍ଯ୍ୟଋଷିଙ୍କ ଠାରୁ ଆରମ୍ଭ କରି ସାଧାରଣ ଜନତାଙ୍କ ପର୍ଯ୍ୟନ୍ତ ସମସ୍ତେ ଏହି ଶୁଭ୍ରତାରେ ବିମୋହିତ । ଆର୍ଷଦୃଷ୍ଟିରେ

ଶରତଋତୁ ହେଉଛି ସକଳ ପ୍ରାଣଶକ୍ତିର ପ୍ରତୀକ । ଭାରତୀୟ ସଂସ୍କୃତିରେ ଶରତଋତୁର ସ୍ଥାନ ସ୍ୱତନ୍ତ୍ର । ଶରତକୁ ସମ୍ବତ୍ସରର ପ୍ରତୀକ ଭାବରେ ଗ୍ରହଣ କରାଯାଇ ଋଗ୍‌ବେଦର ସପ୍ତମ ମଣ୍ଡଳରେ କୁହାଯାଇଛି ''ଜୀବେମ ଶରଦଃ ଶତମ୍ । ପଶ୍ୟେମ ଶରଦଃ ଶତମ୍ ।'' ଶରତଋତୁର ଅନୁପମ ଲାବଣ୍ୟ ଓ କମନୀୟ କାନ୍ତିରେ କବିଚିତ୍ତ ଉଲ୍ଲସିତ । କାରଣ ଏହି ଋତୁରେ ଧରିତ୍ରୀ ସୁଶ୍ୟାମଳ, ଆକାଶ ସୁନିର୍ମଳ, ବନାନୀ କୁସୁମିତ, ପୁଷ୍କରିଣୀ ପଦ୍ମମଣ୍ଡିତ ଓ କାଶତଣ୍ଡୀଫୁଲରେ ନଦୀପଠା ସୁଶୋଭିତ । ଭକ୍ତକବି ମଧୁସୂଦନ ରାଓଙ୍କ ରଚିତ 'ଶରତ' କବିତାର ଅଂଶବିଶେଷ ଏହିପରି –

***'କାଶତଣ୍ଡୀ ଫୁଲେ ମହୀ ଦିଶିଲା ଧବଳ***
***ସରୋବରେ ଫୁଟିଛନ୍ତି କୁମୁଦ କମଳ ।।'***

ପଦ୍ମଚରଣ ପଟ୍ଟନାୟକଙ୍କର 'ଆଷାଢ଼', 'କୁମାରପୂର୍ଣ୍ଣିମା', 'ଆଶ୍ୱିନ' ପ୍ରଭୃତି ପ୍ରକୃତିପ୍ରୀତିଭିତ୍ତିକ ଗୀତିକବିତାଗୁଡ଼ିକ ଅନବଦ୍ୟ ଓ ହୃଦ୍ୟ । ପ୍ରକୃତି ହୋଇଛି ଏକାଧାରରେ ତାଙ୍କର ବନ୍ଧୁ, ଗୁରୁଜନ ଓ ଗୁରୁ । କବିଙ୍କର ରୋମାଣ୍ଟିକ କାବ୍ୟମାନସର ସୁଷମ ପ୍ରତିବିମ୍ବ ଏଥିରେ ସ୍ପଷ୍ଟତଃ ପରିଦୃଷ୍ଟ । ବର୍ଷାମୁଖର ବିଜନ ନିଶୀଥର ବିଜୁଳି ଚମକ ପାଶୋରା ଦିନର ଅନେକ ଅପାଶୋରା ସ୍ମୃତି ସହ କବିଙ୍କର ପୁନଃ ସାକ୍ଷାତ୍ ଘଟାଇ ଦେଇଛି । ଚହଲି ଯାଇଛି ଅବଚେତନ ମନର ଘନବନାନୀ । ହୃଦୟର କୋହ ନୟନର ଲୁହ ସହିତ ମିଶି କବିଙ୍କୁ ଆନମନା କରିଦେଇଛି । ଆଖିର ଲୁହକୁ ଦୁଃଖହାରିଣୀ ମନ୍ଦାକିନୀଧାରା ବୋଲି କବି ବିଚାର କରିଛନ୍ତି । ବିଦେଶରେ ଥାଇ ମନେ ପଡ଼ିଛି ଗାଁର କଥା, ମାଟିମାଆର କଥା, ନିଜ ମା'ଙ୍କର କଥା, କୃଷକ ଭାଇର କଥା ଇତ୍ୟାଦି ଇତ୍ୟାଦି ।

***'କିଏ ଅବା ତୁହି କେଉଁଠୁ ଆସିଛୁ***
***କିଛି ନାହିଁ ମତେ ଜଣା***
***ଏତେ ସ୍ମୃତି ମୋର ଉଠାଇ ନଚାଇ***
***କରୁ କିମ୍ବା ବାଟ ବଣା ।'*** *(ଆଷାଢ଼)*

'ଆଶ୍ୱିନ' କବିତାରେ ଆଶ୍ୱିନର ପରିବେଶ, ପ୍ରଭାବ ବିଶେଷତଃ ଜହ୍ନରାତିର ସୁଧାସିକ୍ତ ଚିତ୍ର ପ୍ରଦତ୍ତ । ପଲ୍ଲୀକୁମାରୀର ସଂଗୀତ ଲହରୀ ଜହ୍ନରାତିକୁ ଅଭିନନ୍ଦନ କରେ, ଗଙ୍ଗଶିଉଳି ଫୁଲ ନିଜର ବାସ ବିଳାସରେ ସେଇ ରାତିକୁ ଉନ୍ମାଦିତ କରେ । ଶରତ ଋତୁର ପ୍ରତ୍ୟେକ ଫୁଲ କବିଙ୍କ ପାଇଁ ସୁଷମାର ଗନ୍ତାଘର, ସେ ଫୁଲର ବାସ ନନ୍ଦନମନ୍ଦାରର ବାସ ସମ ବନ୍ଦନୀୟ ।

*'ବୃକ୍ଷେ ବୃକ୍ଷେ ଆଜି ଫୁଟେ ପାରିଜାତ*
*ଛୁଟେ ନନ୍ଦନର ବାସ*
*କେତେ ବୈତାଳିକ ଗାଆନ୍ତି ତୋ' ସ୍ତବ*
*ବୁଲି ତୋର ଚଉପାଶ ।'* (ଆଶ୍ୱିନ)

ପ୍ରକୃତିକୁ ଉପଜୀବ୍ୟ କରି ବିଦ୍ୟୁତପ୍ରଭା ରଚନା କରିଛନ୍ତି କେତେକ କବିତା । 'ବୈଶାଖ', 'ହେମନ୍ତ ଲକ୍ଷ୍ମୀ', 'ବାସନ୍ତିକା' ଆଦି କବିତା ଏହି ପର୍ଯ୍ୟାୟର ଅନ୍ତର୍ଭୁକ୍ତ । ପଲ୍ଲୀ ପରିବେଶର ଚାରୁଚିତ୍ର ପ୍ରଦାନରେ କବିଙ୍କର ଦକ୍ଷତା ସ୍ୱୀକୃତ ।

*'ସେପଟେ ଦିଶଇ ନଗରୀ ପଥର*
*ପଙ୍କିଳ ନରଦମା*
*ଏପଟେ ମୋହର ଶ୍ୟାମଳାପଲ୍ଲୀ*
*ସୁନ୍ଦରୀ ମନୋରମା ।'* (ପଲ୍ଲୀ ଓ ନଗର)

ଆକାଶରେ କୁମାର ପୂର୍ଣ୍ଣିମା ଜହ୍ନର ମଧୁବିଳାସ କବିଙ୍କୁ ଅଭିଭୂତ କରିଛି । ଦିଗଦଗନ୍ତରେ ଜୋଛନାରାଶିର ସ୍ନିଗ୍ଧ ପ୍ଲାବନ ମର୍ତ୍ତ୍ୟରେ ଆଣିଦେଇଛି ଅମର୍ତ୍ତ୍ୟ ମାଧୁରୀ । ସେ ଦୃଶ୍ୟ ଦର୍ଶନରେ କବି ବିଦ୍ୟୁତପ୍ରଭାଙ୍କ କଣ୍ଠରୁ ଝରିପଡ଼ିଛି –

*'କୁଆଁର ପୁନିଅଁ ଜହ୍ନ*
*ଘରେ ଲାଗେ ନାହିଁ ମନ*
*ସ୍ନିଗ୍ଧ ଏ ମଧୁ ସଞ୍ଜ ଦିଶଇ*
*ଆହା କେଡ଼େ ଶୋଭାବନ ।'* (କୁଆଁର ପୁନିଅଁ)

## ୧୧. ଇଂରାଜୀରୁ ଅନୂଦିତ ଗୀତିକବିତା :

ମଣିଷର ହାତମୁଠାକୁ ଗୋଟାକ ବିଶ୍ୱ ଗୋଟାଇ ହୋଇ ଆସିଲା ବେଳେ ଅନୁବାଦ କଥାଟି ଅତି ପ୍ରାସଙ୍ଗିକ । ଜାତି ଜାତି ଭିତରେ, ଦେଶ ଦେଶ ଭିତରେ ସମ୍ପର୍କ ବଢ଼ାଇବାର ବଡ଼ ମାଧ୍ୟମ ଏଇ ଅନୁବାଦ । ବିଶ୍ୱଗ୍ରାମ ଗଠନର ଏକ ବିଶିଷ୍ଟ ଉପାଦାନ ଏଇ ଅନୁବାଦ । ସେଦିନ ଗେଟେ ଲେଖିଥିଲେ କାର୍ଲାଇଲ୍‌ଙ୍କୁ ''Translation remains one of the most important worthwhile concerns in the totality of world affairs.'' 'ବଦ୍' ଧାତୁରେ 'ଅନୁ' ଉପସର୍ଗ ଓ ଘଞ୍ ପ୍ରତ୍ୟୟ ଯୋଗରେ ଅନୁବାଦ ଶବ୍ଦର ଉତ୍ପତ୍ତି । ଏହାର ଅର୍ଥ ହେଲା ପରେ କହିବା । ପରେ କହିବାର ଅର୍ଥ ଏକ ଭାଷାରେ ଏକ ସମୟରେ କୁହାଯାଇଥିବା କଥାଟି ଅନ୍ୟ ଭାଷାରେ ପରବର୍ତ୍ତୀ ସମୟରେ କହିବା । ଏହା ଏକ ଆୟାସସାଧ୍ୟ କାର୍ଯ୍ୟ । ମୂଳଭାଷା, ପୁଣି ଯେଉଁ ସଂସ୍କୃତିର କଥା କୁହାଯାଇଛି ତାହା ସମ୍ବନ୍ଧରେ ସମ୍ୟକ୍ ଧାରଣା ଅନୁବାଦକଙ୍କର ରହିବା ସହିତ ଯେଉଁ ଭାଷାରେ ସେ ଅନୁବାଦ କରିବେ, ସେହି ଭାଷା ଓ ସେହି ସଂସ୍କୃତି ସମ୍ପର୍କରେ ସମ୍ୟକ୍ ଧାରଣା ମଧ୍ୟ ରହିବା ଆବଶ୍ୟକ । ଅନ୍ୟଥା ଅନୁବାଦ ସମ୍ଭବ ନୁହେଁ । ଅନ୍ୟ ଭାବରେ କୁହାଯାଇପାରେ ଯେ ସଫଳ ଅନୁବାଦକଙ୍କର SL (Source language) ଓ TL (Target Language) ଉଭୟ କ୍ଷେତ୍ରରେ ଜ୍ଞାନଗତ ପାରଦର୍ଶିତା ଥିବା ସହିତ ସାଂସ୍କୃତିକ ଅଧ୍ୟୟନ (cultural studies)ରେ ଦକ୍ଷତା ଥିବା ଦରକାର । ଅନୁବାଦ ଏପରି ଯଥାଯୋଗ୍ୟ ହେବା ଉଚିତ୍ ଯହିଁରେ ମୂଳ ରଚନାର ସମସ୍ତ ବୈଭବ ଠିକ୍ ଭାବରେ ଉପସ୍ଥାପିତ ହେବ । ଏହା ପଢ଼ିଲା ବେଳକୁ ଏକ ମୌଳିକ ସୃଷ୍ଟି ପରି ମନେ ହେଉଥିବ । Art of Translation ପୁସ୍ତକରେ T.H. Warren କହନ୍ତି, ''A good translation should be rather faithful than exact. A translation must read like an original.'' ଅତଏବ ଜଣେ ଅନୁବାଦକ ଜଣେ ସୃଜନଶୀଳ ସ୍ରଷ୍ଟା ଭଳି ପ୍ରତିଭାଧର ହୋଇଥିବା ବାଞ୍ଛନୀୟ । ଏହି ପରିପ୍ରେକ୍ଷୀରେ Alexandar Fraser Tytler କହନ୍ତି, ''The translation should be a complete transcript of the idea

of the original work. The style and manner of writing should be of the same character with that of the original.''

ଅନୁବାଦର ମୂଳକଥାଟି ହେଉଛି ମୂଳ ରଚନାର ସମସ୍ତ ସାରବତ୍ତା ଓ ମହନୀୟତାକୁ ରକ୍ଷା କରିବା ସହ ଏହାକୁ ଅନ୍ୟ ଭାଷାରେ ପରିବର୍ତ୍ତିତ କରିବା । ଏ ପ୍ରସଙ୍ଗରେ A.H. Smith କହନ୍ତି, ''To translate is to change into another language, retaining as much sense as one can.''

*(Aspects of Translation)*

ସ୍ୱାଧୀନତା ପୂର୍ବବର୍ତ୍ତୀ ସମୟସୀମା ଭିତରେ ରଚିତ ଆଧୁନିକ ଓଡ଼ିଆ ଗୀତିକବିତା ସମ୍ଭାରରୁ କେତେକ କବିତା ହେଉଛି ଅନୂଦିତ କବିତା ।

ଭକ୍ତକବି ମଧୁସୂଦନ ରାଓଙ୍କର 'ନିର୍ଜନ ଦ୍ୱୀପରେ ନିର୍ବାସିତର ବିଳାପ' ଏକ ଅନୂଦିତ କବିତା । ଏହା william Cowper ଙ୍କ ରଚିତ Verses supposed to be written by Alexander selkirk'ର ମର୍ମାନୁବାଦ । ଅନୂଦିତ କବିତାଟି ମୂଳ କବିତାଠାରୁ ଅଧିକ ମର୍ମସ୍ପର୍ଶୀ, କାରଣ ଏଥିରେ କବି ମଧୁସୂଦନଙ୍କ ସ୍ପର୍ଶକାତର କବିଚିତ୍ତ ଆତ୍ମପ୍ରକଟିତ । ଉଦାହରଣ ନିମନ୍ତେ ଉଭୟ କବିତାରୁ ପଦେ ପଦେ ଏଠାରେ ଉପସ୍ଥାପନ କରାଯାଇପାରେ । william Cowper ଙ୍କ ଭାଷାରେ –

*" Oh solitude ! where are the charms*
*That sages have seen in thy face ?*
*Better dwell in the midst of Alarms*
*Than reign in this horrible place."*

ଅନୁବାଦକ ମଧୁସୂଦନଙ୍କ ଭାଷାରେ –

***'ବିଜନତା ! କାହିଁ ତୋ ବେଶ ମୋହନ***
***ଯେ ବେଶେ ମୋହିଲୁ ତୁ ମୁନି ନୟନ***
***ବରଂ ନିବାସ ଭଲ ରଣକ୍ଷେତ୍ରରେ***
***ଭୟରେ ସଦା ଯହିଁ ହୃଦୟ ଥରେ'***

ଅନୁବାଦ କ୍ଷେତ୍ରରେ ଅନ୍ୟତମ ସ୍ୱନାମଧନ୍ୟ ସାରସ୍ୱତ ସାଧକ ହେଉଛନ୍ତି ସତ୍ୟବାଦୀ ବନବିଦ୍ୟାଳୟର ଶିକ୍ଷକ ପଣ୍ଡିତ ଗୋଦାବରୀଶ ମିଶ୍ର । 'ଚୟନିକା'

ତାଙ୍କର ଏକ ଉଲ୍ଲେଖଯୋଗ୍ୟ କୃତି ଯହିଁରେ କେତେକ ଅନୂଦିତ ଗୀତି ସନ୍ନିବେଶିତ । ୧୯୧୬ – ୧୭ ମସିହାରେ ତାଙ୍କ ଦ୍ୱାରା ଅନୂଦିତ ଏହି କବିତାଗୁଡ଼ିକ ୧୯୩୨ ମସିହାରେ ପ୍ରକାଶିତ 'ଚୟନିକା' ପୁସ୍ତକରେ ସ୍ଥାନିତ ହୋଇଛି । ଅନୂଦିତ କବିତା ଓ ମୂଳ କବିତାରୁ କେତେଗୋଟିର ନାମ ଏହିପରି –

| | | |
|---|---|---|
| ଭିକାରୁଣୀ | – The Beggar maid | - Alfred Tennyson |
| ଅନ୍ଧପିଲା | – The Blind Boy | - C.Cibber |
| ଆମେସାତ | – We are seven | - William Wordsworth |
| କୋଇଲି | – To the Cuckoo | - William Wordsworth |
| ଯୌବନର ଅହଂକାର | –The pride of the Youth | - Walter Scott |
| ନିର୍ଝର | - The Brook | - Alfred Tennyson |
| ଲଳିତା | - Lucy Gray | - William Wordsworth |

ପ୍ରତ୍ୟେକ ଅନୂଦିତ କବିତାରେ ଅନୁବାଦକଳା ଶୁଭଶ୍ରୀ ବିମଣ୍ଡିତ ହୋଇଛି । ଉଦାହରଣ ସ୍ୱରୂପ ଦୁଇ ତିନୋଟି କବିତାର ଗୋଟିଏ ଗୋଟିଏ ପଦ ଏଠାରେ ଉଲ୍ଲେଖ କରାଯାଇପାରେ । ଏହି ଅନୁବାଦ ହେଉଛି ମର୍ମାନୁବାଦ ।

୧ – Wordsworth ଙ୍କ ଭାଷାରେ –

*" Thrice welcome, darling of spring*
*Even yet thou art to me*
*No bird, but an invisible thing*
*A voice, A mystery"* *( To The Cuckoo)*

ଗୋଦାବରୀଶଙ୍କ ଭାଷାରେ –

***'ଆଆ ଆଆ ଆଆ ବସନ୍ତ ଦୂତରେ***
***ପକ୍ଷୀଛାର କେହ୍ନେ ମଣିବି ତୋତେ***
***ଦେଖୁଛି ତ, ତୁ କି ଅଦେହ ପ୍ରତିମା***
***ସ୍ୱରେ ମାତ୍ର ଗଢ଼ା ହୋଇଛୁ ସତେ ।'***

୨ – Wordsworth ଙ୍କ ଭାଷାରେ –

*" No mate, No comrade Lucy Knew*
*She dwelt on a wide noor*
*The sweetest that ever grew*
*Besides a human door"* (Lucy Gray)

ଗୋଦାବରୀଶଙ୍କ ଭାଷାରେ –

***'ସାଙ୍ଗସାଥୀ କିଛି ନ ଜାଣେ ଲଳିତା***
***ବନପଦା ମଧ୍ୟେ କୁଟୀର ତାର***
***ଭାଗ୍ୟେ ଥିଲେ ସିନା ମର ନର ବାସ***
***ଏଭଳି ମାଣିକ୍ୟ ଜନମିବାର ।'*** (ଲଳିତା)

୩ – Tennyson ଙ୍କ ଭାଷାରେ –

*" Her arms across her breast she laid,*
*She was more fair words can say*
*Bare footed came. The Begger maid*
*before the king cophetua"* (The Begger maid)

ଗୋଦାବରୀଶଙ୍କ ଭାଷାରେ –

***'କର ଯୁଗଳେ ସେ ଛନ୍ଦି ଆବରିଛି ବୁକୁ***
***ବଚନେ ନୋହିବ କହି ଶୋଭା ତାର***
***ଅର୍ଦ୍ଧଉଲଗନେ ଆସି ଭିକାରୁଣୀ ନାରୀ***
***ପରଶିଲା ପଦେ ନୃପ ସିଂହଦ୍ୱାର ।'*** (ଭିକାରୁଣୀ)

ଅନୁବାଦ କ୍ଷେତ୍ରରେ କବି ପଦ୍ମଚରଣ ପଟ୍ଟନାୟକଙ୍କ ପାରଦର୍ଶିତା ପ୍ରଶଂସନୀୟ । ସେ କେତେକ ଇଂରାଜୀ କବିତାର ଅନୁବାଦ କରିଛନ୍ତି । ଏପରି ହୋଇଛି ଯେ ବେଳେବେଳେ ମୂଳକବିତାର ମଧୁରତାଠାରୁ ଅନୂଦିତ କବିତାର ମଧୁରତା ଅଧିକ ହୋଇଛି । ଏହାର କେତେଗୋଟି ଉଦାହରଣ

ଲକ୍ଷ୍ୟଣୀୟ । Christina Georegina Rosetti ଙ୍କ କବିତା 'Remember' ରୁ ପଦଟିଏ ଏହିପରି –

'*Remember me when I am gone away*
*Gone far away into the silent land.*
*When you can no more hold me by the hand*
*Nor I half turn to go, yet turning stay"*

କବି ପଦ୍ମଚରଣଙ୍କ ଭାଷାରେ –

***'ଚାଲିଯିବି ଯେବେ ଏହି ଦେଶ ଛାଡ଼ି***
***ମନେରଖ ବନ୍ଧୁ ମୋତେ***
***ଚାଲିଯିବି ଯେବେ ସେ ନୀରବ ଦେଶେ***
***ଭାସିଭାସି କାହିଁ ସ୍ରୋତେ***
***ରଖି ନ ପାରିବ ପ୍ରେମପୂର୍ଣ୍ଣ ପ୍ରାଣେ***
***ଆଉ ମୋର ହାତ ଧରି***
***ଥୋକେ ଚାଲିଯିବି ଚାହିଁ ନ ପାରିବ***
***ହଟି ତବ ସ୍ମୃତି ଭରି''*** *(ମନେରଖ)*

Robert Burn ଙ୍କ ରଚିତ କବିତା A Red Red Rose ର କିଛି ଅଂଶ ଏହିପରି –

"*O my luves like a red red Rose*
*That newly sprung in june*
*O my luves like the melodic*
*Thats sweety played intune !*
*As fair art thou, my bonnie lass*
*So deep in luve am I*
*And I will luve these still my dear*
*Till a the seas gang dry'*

ଏହାକୁ ଅନୁବାଦ କରି କବି ପଦ୍ମଚରଣ 'ଲୋହିତ ଗୋଲାପ' କବିତାରେ କହିଛନ୍ତି :–

*'ମୋ ପ୍ରେମ ପିତୁଳା ନବ ବିକଶିତ*
*ଲୋହିତ ଗୋଲାପ ପରି*
*ମୋ ପ୍ରେମ ପିତୁଳା ସଙ୍ଗୀତ ସୁସ୍ୱର*
*ମୋହିନୀ ମୂର୍ଚ୍ଛନା ଭରି*
*ଯେତିକି ସୁନ୍ଦର ତୁ ପରାଣଧନ*
*ମୋ ପ୍ରେମ ସେତେ ଗଭୀର*
*ଅତୁଟ ରହିବ ମୋ ସ୍ନେହ ସଂଗିନୀ*
*ଶୁଖିପଛେ ସିନ୍ଧୁ ନୀର*

William wordsworth ଙ୍କ ରଚିତ Lucy କବିତାର ପାଞ୍ଚ ଭାଗରୁ ଦ୍ୱିତୀୟ ଭାଗଟି କବି ପଦ୍ମଚରଣଙ୍କ ଦ୍ୱାରା ଅନୂଦିତ ହୋଇଛି । ମୂଳ କବିତାର ନା Lucy ହେଲେ ହେଁ ପଦ୍ମଚରଣ ତାକୁ ଅନୁବାଦ କରି ତା'ର ନାମ ରଖିଛନ୍ତି 'ଚାଲିଗଲା ।'

ମୂଳ Lucy କବିତା ।। ଏହିପରି –

*' A slumber did my spirit seal*
*I had no human fears*
*She seemed a thing that could not fed*
*The touch of earthey years*
*No motion she now, no force*
*She neither hears nor sees*
*Rolled round in earth's diurnal course*
*With rocks and stones and trees'*

ପଦ୍ମଚରଣଙ୍କ ଅନୁବାଦ ଏହିପରି –

*'ମଧୁର ସ୍ୱପନ ମୁଦିଲା ନୟନ ନଥିଲା ଭୟ ଭାବନା,*
*ପାଞ୍ଚିଥିଲି ମନେ ନ ଛୁଇଁବ ତାକୁ ଜୀବନ ଜରା ଯାତନା,*

*କି କଳା ଦଇବ ଆଉ ନାହିଁ ସେହି ଏ ମୋର ମର ସଂସାରେ,*
*ନାଚ ଖେଳ ତା'ର ନେଇ ଚାଲିଗଲା ଭବ – ଯବନିକା ପାରେ !*
*ଦେଖୁ ନାହିଁ ଆଉ ସେ ମର ସଂସାର, ଶୁଣୁନାହିଁ ଭବ ବାଣୀ*
*ଇତର ପରାଣୀ ପରି ଚାଲିଗଲା ନିୟତି – ନିୟମ ମାନି ।'*
*(ଚାଲିଗଲା)*

ଆଧୁନିକ ଗୀତିକବିତା ହେଉଛି ଆତ୍ମନିଷ୍ଠ ନାତିଦୀର୍ଘ ଗାନଧର୍ମୀ କବିତା । ହୃଦୟର ଉଦ୍ଦାମ ଉଚ୍ଛ୍ୱାସ ଏଥିରେ ପ୍ରକଟିତ ହୁଏ, ଏହା ଗାନଧର୍ମିତାର ଅଧିକାରୀ ହୋଇପାରେ । ଆଗ ରାଗରାଗିଣୀକୁ ନେଇ ପରେ ଏଥିରେ ଶବ୍ଦ ସଂଯୋଜନା କରାଯାଇପାରେ, ନଚେତ୍ ରଚିତ ହେବାପରେ ତାହାକୁ ସ୍ୱର କରାଯାଇ ଗାନ କରାଯାଏ । ଏକଥା ସ୍ୱୀକାର୍ଯ୍ୟ ଯେ ଆଧୁନିକ ଗୀତିକବିତାର କେତେକାଂଶ ରାଗରାଗିଣୀରେ ରଚିତ ହେଲେ ହେଁ ରାଗରାଗିଣୀ ଉପରେ ଯେତିକି ଗୁରୁତ୍ୱ ଦିଆଯାଏ ତହିଁରୁ ଅଧିକ ଗୁରୁତ୍ୱ ଦିଆଯାଏ ଗୀତିକବିତାର ଭାବବସ୍ତୁ ଅର୍ଥାତ୍ କବିର ଆତ୍ମନିଷ୍ଠତା ଉପରେ । ପ୍ରାଚୀନ ଓ ମଧ୍ୟଯୁଗୀୟ ଗୀତିକବିତାରେ ରାଗରାଗିଣୀ ଉପରେ ଗୁରୁତ୍ୱ ଅଧିକ ଥିବାବେଳେ କବିର ଆତ୍ମନିଷ୍ଠତା ଉପରେ କମ୍ ଗୁରୁତ୍ୱ ଥିଲା । ଆଧୁନିକ ଗୀତିକବିତାରେ ରାଗରଗିଣୀ ଉପରେ କମ୍ ଗୁରୁତ୍ୱ ଥିବା ବେଳେ କବିର ଆତ୍ମନିଷ୍ଠତା ଉପରେ ଟିକିଏ ଅଧିକ ଗୁରୁତ୍ୱ ରହିଛି ।

ଆଧୁନିକ କବିର ଜୀବନ ପ୍ରତି ଦୃଷ୍ଟିକୋଣ ପ୍ରାଚୀନ ଓ ମଧ୍ୟଯୁଗୀୟ କବିର ଦୃଷ୍ଟିକୋଣଠାରୁ ଭିନ୍ନ । ଏହି ଭିନ୍ନତା ପାଇଁ ବହୁବିଧ କଥା ଦାୟୀ । ସେଗୁଡ଼ିକ ମଧ୍ୟରେ ବୈଜ୍ଞାନିକ ଆବିଷ୍କାର ଓ ଉଦ୍ଭାବନ, ବ୍ୟକ୍ତି ସ୍ୱାତନ୍ତ୍ର୍ୟର ପ୍ରତିଷ୍ଠା, ପୃଥିବୀରେ ଦୁଇଦୁଇଟା ବିଶ୍ୱଯୁଦ୍ଧର ପ୍ରତ୍ୟକ୍ଷ ବା ପରୋକ୍ଷ ପ୍ରଭାବ, ସାମାଜିକ ଜୀବନରେ ବହୁ ବିପ୍ଳବର ସଂଘଟନ, ଭାରତୀୟ ଜୀବନ ପରିପ୍ରେକ୍ଷୀରେ ମୁକ୍ତି ଆନ୍ଦୋଳନ ଏବଂ ଉତ୍କଳରେ ସ୍ୱତନ୍ତ୍ର ପ୍ରଦେଶ ଗଠନ ନିମନ୍ତେ ପ୍ରୟାସ ଓ ପ୍ରଯତ୍ନ ଅନ୍ତର୍ଭୁକ୍ତ । ଆଧୁନିକ ଚିନ୍ତା ଓ ଚେତନା ସାମାଜିକ

ଜୀବନରେ ନବସ୍ପନ୍ଦନ ଆଣିଦେଇଛି । ସମାଜର ସଚେତନ ବିନ୍ଦୁ ହୋଇଥିବାରୁ ସାହିତ୍ୟିକ ଏହି ସ୍ପନ୍ଦନରେ ଅଧିକ ସ୍ପନ୍ଦିତ । ସାହିତ୍ୟର ଅନ୍ୟାନ୍ୟ ବିଭାଗ ପରି ଗୀତିକବିତାର ଭାବବସ୍ତୁ ମଧ୍ୟ କେତେକାଂଶରେ ପରିବର୍ତ୍ତିତ ତଥା ବିବର୍ତ୍ତିତ ହୋଇଛି ।

ବହୁ ଆଧୁନିକ ଓଡ଼ିଆ ଗୀତିକବିତା ନିର୍ଦ୍ଦିଷ୍ଟରାଗ ରାଗିଣୀରେ ରଚନା କରାଯାଇଛି । ଭକ୍ତକବି ମଧୁସୂଦନ ରାଓ ସ୍ୱରଚିତ 'ଛାନ୍ଦମାଳା' ପୁସ୍ତକରେ ରାଗରାଗିଣୀ ପ୍ରୟୋଗ ପୂର୍ବକ କେତେକ ଗୀତ ରଚନା କରିଛନ୍ତି । 'ପ୍ରଭାତ', ନଟବାଣୀ ବୃତ୍ତରେ, 'ସନ୍ଧ୍ୟା' ବସନ୍ତ ରାଗରେ 'ଗ୍ରୀଷ୍ମ', ବଙ୍ଗଳାଶ୍ରୀ ରାଗରେ, 'ବର୍ଷା' କଳହଂସ କେଦାର ରାଗରେ, 'ଶରତ' ମଙ୍ଗଳ ରାଗରେ, 'ହେମନ୍ତ' ରାମକେରୀ ରାଗରେ, 'ପୃଥିବୀ ପ୍ରତି' ବଙ୍ଗଳାଶ୍ରୀ ରାଗରେ,'ଜନ୍ମଭୂମି' ଚୋଖି ରାଗରେ ରଚିତ । ଚିନ୍ତାମଣି ମହାନ୍ତି 'ନବବର୍ଷ' ରସକୂଲ୍ୟା ରାଗରେ, 'ମାତୃ ବିୟୋଗ' ମଙ୍ଗଳ ରାଗରେ ଓ 'ଶୋକ ସପ୍ତକ' କବିତା କଳହଂସ କେଦାର ରାଗରେ ରଚନା କରିଛନ୍ତି । ପଲ୍ଲୀକବି ନନ୍ଦକିଶୋର ବଳ 'ଉତ୍କଳ ମଙ୍ଗଳଗୀତ' ରସକୂଲ୍ୟା ରାଗରେ ଓ 'ସ୍ୱର୍ଗୀୟ କବି ରାୟ ରାଧାନାଥ ବାହାଦୂର' ଚୋଖି ରାଗରେ ରଚନା କରିଛନ୍ତି । ଏଗୁଡ଼ିକ କେବଳ ଉଦାହରଣ ସ୍ୱରୂପେ ଉପସ୍ଥାପନା କରାଗଲା ।

ଉକ୍ତ ପ୍ରବନ୍ଧରେ ଆଧୁନିକ ଓଡ଼ିଆ ଗୀତିକବିତାର ଆଦିପର୍ବର ସାଧାରଣ ଚିତ୍ର ପ୍ରଦତ୍ତ । ଏ ଦିଗରେ ଅଧିକ ବିଶ୍ଳେଷଣ ତଥା ଗଭୀର ଅନୁଧ୍ୟାନ ଓ ଅନୁଶୀଳନ ଏକାନ୍ତ ଅପରିହାର୍ଯ୍ୟ ।

◆◆◆

# ସ୍ୱାଧୀନତା ପରବର୍ତ୍ତୀ
# ଓଡ଼ିଆ ଗୀତିକବି ଓ ଗୀତିକବିତା

ସ୍ୱାଧୀନତା ପରବର୍ତ୍ତୀ ସମୟରେ ବହୁ କବି ଗୀତିକବିତା ରଚନା କରିଛନ୍ତି । ବିଶେଷତଃ ପ୍ରାୟ ଦୁଇହଜାର ମସିହା ପରଠାରୁ ଏମାନଙ୍କ ସଂଖ୍ୟା ବୃଦ୍ଧି ପାଇଛି । ସମସ୍ତଙ୍କୁ ଏହି ଅବକାଶରେ ଶ୍ରଦ୍ଧାର ସହିତ ମୁଁ ସ୍ମରଣ କରୁଛି ଓ ଅନ୍ତରର ଅଭିନନ୍ଦନ ଜଣାଉଛି । ଆଲୋଚ୍ୟ ପୁସ୍ତକରେ ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଗୀତିକବିତା ସମ୍ପର୍କରେ କିଞ୍ଚିତ ଆଲୋଚନା କରାଯାଇଛି ।

ଯେତିକି କବିଙ୍କ ନାମ ଏହି ପୁସ୍ତକରେ ସ୍ଥାନିତ ହୋଇଛି ସେମାନଙ୍କ ବ୍ୟତୀତ ବହୁ କବି ଅଛନ୍ତି ଯେଉଁମାନଙ୍କର ପ୍ରତୁଳ ଅବଦାନ ରହିଛି । ସେମାନଙ୍କୁ ମୁଁ ଏ ଅବକାଶରେ ସମ୍ମାନ ଜଣାଉଛି । ସୀମିତ ସମୟ ଭିତରେ ପୁସ୍ତକଟି ପ୍ରଣୀତ ହୋଇଥିବାରୁ ସେମାନଙ୍କ କୃତିତ୍ୱର ତର୍ଜମା ହୋଇପାରି ନାହିଁ ।

**–ଶରତ ଚନ୍ଦ୍ର ରଥ**

# ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଗୀତିକବି ଓ ଗୀତିକବିତା

## ଅର୍ଚ୍ଚନା ନାୟକ :

ଅର୍ଚ୍ଚନା ନାୟକଙ୍କ ଗୀତିକବିତାରେ ଜୀବନର ଅନ୍ୱେଷଣ ଓ ବିଶ୍ଳେଷଣ ରହିଛି । ଏ ଜୀବନ ଅର୍ଥହୀନ ନୁହେଁ ବରଂ ବହୁଭାବରେ ଅର୍ଥପୂର୍ଣ୍ଣ, ସୀମାହୀନତାରେ ଏହାର ପରିବ୍ୟାପ୍ତି । ବହିଃପ୍ରକୃତିର ପ୍ରଭାବ ଜୀବନ ଉପରେ ଅଧିକରୁ ଅଧିକ ଲକ୍ଷ୍ୟଣୀୟ । କବି ଡକ୍ଟର ନାୟକଙ୍କ ରଚନାରେ ଅଶିଣର ଜହ୍ନରାତି, ନଈ କୂଳେକୂଳେ ଫୁଟିଥିବା ନୀଳକଇଁ, କୁସୁମିତ ମାଳତୀଲତା, ପହିଲି ଆଷାଢ଼ର ଭିଜାଭୂଇଁ କବି ଅଙ୍କିତ ଲିପିଚିତ୍ର ପ୍ରସ୍ତୁତିରେ ମନଭୁଲା ରଙ୍ଗ ମାଖିଦେଇଛି । ବିଶ୍ୱ ପ୍ରକୃତିର ମନମୋହିନୀ କୁଞ୍ଜେକୁଞ୍ଜେ ଜୀବନକୁ ଖୋଜିବୁଲୁଥିବା କବିସତ୍ତା ନିଜକୁ ବହୁବାର ଭେଟିଛି ଓ ପରିବେଷଣ କରିଛି କେତେଗୀତର ଆଳାପ ଓ ଅନ୍ତରା, ଯାହା ପ୍ରତ୍ୟେକ ପାଠକ ଓ ଶ୍ରୋତାକୁ ଭାବବିଭୋର କରେ ।

ଶ୍ରୀକୃଷ୍ଣ ହେଉଛନ୍ତି ଆନନ୍ଦର ଅବତାର, ଅଧିଚେତନାର ଅଧୀଶ୍ୱର ଓ ସୌନ୍ଦର୍ଯ୍ୟର ଅମୃତ ଭଣ୍ଡାର । ସେ ଭକ୍ତର ସଖା, ଗୁରୁ, ପିତାମାତା, ପୁଣି ପ୍ରଭୁ (ମାଲିକ) । ତାଙ୍କ ପ୍ରତି ପ୍ରୀତିପ୍ରବଣତା ହିଁ ମାନବ ଜୀବନର ଅନନ୍ୟ ସାର୍ଥକତା । କବିଙ୍କ ଭାଷାରେ –

**"ଅଧରେ ତୁମର ମଧୁର ହସର**
**ସୁନ୍ଦର ମଧୁରେଖା**
**କେତେ ଜନ୍ମର ଶତପୁଣ୍ୟରୁ**
**ପାଇଛି ତୁମକୁ ସଖା"**

ପୁନଶ୍ଚ ରହସ୍ୟବାଦୀ ରୋମାଣ୍ଟିକ ଗୀତିକବିତାର ରଚନାରେ କବିଙ୍କର ଦକ୍ଷତା ଲକ୍ଷ୍ୟଣୀୟ । ଜୀବନ ଓ ଜଗତକୁ ତଥା ପ୍ରକୃତି ଓ ମଣିଷକୁ ଏକ ସୂତ୍ରରେ ବାନ୍ଧିଦେବାର ଅନୁପମ ପ୍ରୟାସ ଏଥିରେ ରହିଛି । କବି ନିଜେ ନିଜର ସଖା, ସାଥୀ ଓ ବନ୍ଧୁ । ନିଜ ସହିତ ନିଜର ବନ୍ଧୁତା ଯେପରି ଅନୁଭବ୍ୟ, ନିଜ ସହିତ ନିଜର ସମ୍ମୁଖୀନତା ସେପରି ମର୍ମସ୍ପର୍ଶୀ । କେତେବେଳେ ସେ ନିଜେ ନିଜ ପାଖରେ ସୁଲଭ

ତ ଆଉ କେତେବେଳେ ଅତି ଦୁର୍ଲ୍ଲଭ । ପୁଣି କେତେବେଳେ ସୁଲଭତା ଓ ଦୁର୍ଲଭତାର ଲୁଚକାଳି ଖେଳର କବି ନିଜେ ନୀରବ ଦର୍ଶକ । ସେତେବେଳେ ତାଙ୍କୁ ଶୁଭେ ଅଜଣା ଦିଗରୁ ଭାସି ଆସୁଥିବାର ମଧୁର ଅସ୍ପଷ୍ଟ ଆହ୍ୱାନ । ସେହି ଆହ୍ୱାନରେ ଆତ୍ମହରା ହୋଇଛନ୍ତି କବି । ତାଙ୍କ ବିଚାରରେ ଜୀବନ ଏକ ଦୀପାଳି ପରି ଜଳିଯାଏ, ଅବୁଝା ନଈ ହୋଇ  ବହିଯାଏ, ପୁଣି ପୋଥି ପତରରେ ଅପଢ଼ା ଲିପିମାଳା ହୋଇ ରହିଯାଏ । କେତେବେଳେ ଆକାଶ ହଜିଯାଏ ମେଘ ଛାଇରେ ତ ଆଉ କେତେବେଳେ ନଈ ପାଣିରେ ମୁହଁ ଦେଖିଦେଖି ଜହ୍ନ ଶୋଇଯାଏ । ଜୀବନରେ କାହା ପାଇଁ ଏତେ ତପସ୍ୟା, ଏତେ ଉତ୍କଣ୍ଠା ତାହା ବୁଝି ହୁଏ ନାହିଁ । ଯେତିକି ବୁଝି ହୁଏ ତାକୁ ଯେତେ ସଂଜ୍ଞା ଦେଲେ ବି ତାହା ପୂର୍ଣ୍ଣ ହୁଏ ନାହିଁ । ନିଜ ପାଇଁ ନିଜର ପ୍ରତୀକ୍ଷା ଏବଂ ନିଜ ପାଇଁ ନିଜର ଅନ୍ୱେଷଣ, ଏହାର ଅନ୍ୟତମ ପରିଭାଷା କହିଲେ ବହୁଭାଷଣ ହେବ ନାହିଁ । ତଥାପି ତା'ର ସଂଜ୍ଞା କବିଙ୍କ ଭାଷାରେ ଏହିପରି –

**''ସେ କି ସାଗର ବୁକୁରେ ଲହରୀଙ୍କ ମେଳେ ଢେଉଟିଏ**
**ସେ କି ଅମରାବତୀର ପାରିଜାତ ବନେ ଫୁଲଟିଏ''**
**(ଜହ୍ନରାତି ବର୍ଷାରାତି)**

ହତାଶାର ହିମ ଶୀତଳ ପ୍ରଭାବରୁ କବିଚିତ୍ତ ଅହରହ ମୁକ୍ତି ଲାଭ କରିବାକୁ ପ୍ରୟାସୀ ହୋଇଛି । ନିରାଶାର ଗୀତ ଗାଉଥିବା ପକ୍ଷୀକୁ ପାଖକୁ ଡାକି ସେପରି ଗୀତ ନ ଗାଇବାକୁ କବି କହିଛନ୍ତି । କାରଣ ତାଙ୍କର ହୃଦବୋଧ ହୋଇଛି ଯେ, ହତାଶାରେ ଜୀବନର ବନ୍ଦାପନା ହୁଏ ନାହିଁ, ବରଂ ସ୍ମିତହାସ୍ୟରେ ତାହା ସଂଗଠିତ ହୁଏ । ବିଷାଦରେ ମହତ୍ତ୍ୱ ନଥାଏ, ଥାଏ ଆତ୍ମପ୍ରସାଦରେ । କବିଙ୍କ କଥାରେ :

**''କହିବି ମୁଁ ତାରେ ଡାକି**
**ଶୁଣରେ ନିରାଶ ପକ୍ଷୀ**
**ଗାଆନା ଗାଆନା ଛାତିଫଟା ଏଇ**
**କରୁଣ ଗାନ ତୁ ଆଉ**
**ତାରା ଭରା ଏଇ ରାତିରେ ମୁଁ ଆଜି**
**ଗାଇବି ମିଳନ ଗୀତି'' (ଜହ୍ନରାତି ବର୍ଷାରାତି)**

## ଅନ୍ତର୍ଯ୍ୟାମୀ ମିଶ୍ର –

ଗୀତିକବି ଭାବରେ ଡାକ୍ତର  ଅନ୍ତର୍ଯ୍ୟାମୀ ମିଶ୍ରଙ୍କର ସୁନାମ ରହିଛି । ପ୍ରକାଶେଚ୍ଛା ହେଉଛି ବିଭୁଦତ୍ତ । ମାଧ୍ୟମ ହୁଏ ଭାଷା, ଭାବାନୁସାରୀ ଭାଷାଚୟନ ପ୍ରତିଭାର ସୁବର୍ଣ୍ଣ ସ୍ୱାକ୍ଷର ବହନ କରେ । ସାର୍ଥକ ଗୀତିକବିତାରେ ଭାଷା, ଭାବ,

ଛନ୍ଦ, ସାଙ୍ଗୀତିକତା, ସାବଲୀଳତା ସର୍ବୋପରି ହୃଦୟବତ୍ତା ରହିବା ଏକାନ୍ତ ଆବଶ୍ୟକ । ଏ ଦିଗରୁ ଦେଖିଲେ ଡାକ୍ତର ମିଶ୍ରଙ୍କର ଗୀତିକବିତା ଗୁଡ଼ିକ ପ୍ରାୟତଃ ସାର୍ଥକ ।

ଭକ୍ତିଗୀତି ରଚନା କ୍ଷେତ୍ରରେ ତାଙ୍କର ପାରଦର୍ଶିତା ଲକ୍ଷ୍ୟଣୀୟ । 'ଭକ୍ତିସୂତ୍ର' ପୁସ୍ତକରେ ତିନି ଭାଗରେ ଗୀତି ରଚନା ଗୁଡ଼ିକ ସେ ସଜାଇ ଦେଇଛନ୍ତି । 'ଧୂପ', 'ଦୀପ', 'ନୈବେଦ୍ୟ' ନାମରେ ନାମିତ ହୋଇଛି ଭାଗଗୁଡ଼ିକ । 'ଧୂପ'ରେ ପ୍ରଭୁ ଶ୍ରୀଜଗନ୍ନାଥ, ଶିବ, ଗଣେଶ, ସରସ୍ୱତୀ ପ୍ରଭୃତି ଦେବଦେବୀଙ୍କର ମହିମାଗାନ ପୂର୍ବକ ବନ୍ଦନା କବି କରିଛନ୍ତି । ପ୍ରାରମ୍ଭରେ ଶ୍ରୀଗଣେଶଙ୍କର ପ୍ରାର୍ଥନା ଅତ୍ୟନ୍ତ ହୃଦୟସ୍ପର୍ଶୀ ହୋଇଅଛି । ଶ୍ରୀଜଗନ୍ନାଥଙ୍କୁ କଦମ୍ବ ଫୁଲିଆ ନାଗର, ବଳଭଦ୍ରଙ୍କୁ ମଲ୍ଲିଫୁଲିଆ ଭାଇ ଏବଂ ସୁଭଦ୍ରାଙ୍କୁ ଜହ୍ନିଫୁଲିଆ ଭଉଣୀ ବୋଲି ବିଚାର କରିଛନ୍ତି । କବିଙ୍କ ଭାଷାରେ –

**'ଜହ୍ନି ଫୁଲିଆ ଭଉଣୀ ତୋହର**
**ମଲ୍ଲିଫୁଲିଆ ଭାଇ**
**କଦମ୍ବ ଫୁଲିଆ ନାଗର ତୁହିରେ**
**ଶ୍ରୀକ୍ଷେତ୍ର କଳା କହ୍ନାଇ ।'**

ପ୍ରଭୁ ହେଉଛନ୍ତି ଭାବଗ୍ରାହୀ, ଭାବରେ ଭେଟ ତାଙ୍କର ଅଭାବରେ ଅଭେଟ । ସେ ବସ୍ତୁ ଗ୍ରହଣ କରନ୍ତି ନାହିଁ, ହୃଦୟର ଭାବ ଗ୍ରହଣ କରନ୍ତି । ଭକ୍ତିରେ ଭଗବାନବନ୍ଧା । ନାରଦ ଭକ୍ତିସୂତ୍ରରେ ଅଛି 'ଯା କସ୍ମୈଚିତ୍ ପରମା ପ୍ରେମରୂପା' ଅର୍ଥାତ୍ – ପରମ ପ୍ରେମଭାବକୁ ଭକ୍ତି କହନ୍ତି । ଭାବ ହିଁ ଭକ୍ତିର ମୂଳଉସ୍ର । ଅନୁରକ୍ତି ହିଁ ଭକ୍ତିର ମୂଳ ଉପାଦାନ । ଭାବରେ ଗଭୀରତା ଥିବା ଆବଶ୍ୟକ । 'ନୈବେଦ୍ୟ'ରେ କବି କହିଛନ୍ତି–

**'ଫୁଲକୁ ଭଅଁର ଚନ୍ଦନକୁ ପାଣି**
**ମେଘକୁ ବିଜୁଳି ପରି**
**କ୍ଷୀର ନୀର ଆମ ଭାବ ନ ହୋଇଲେ**
**କିବା ଲାଭ ଭାବ କରି ।'**

'ପ୍ରୀତିନଦୀ ଉଛୁଳା' ପୁସ୍ତକରେ ରୋମାଣ୍ଟିକ୍ ଭାବାବେଗ ସହିତ ଜୀବନର ବାସ୍ତବତା ପ୍ରକଟିତ ହୋଇଛି । ମଳୟ ପବନର ଲଳିତ ପ୍ରବାହରେ କୃଷ୍ଣଚୂଡ଼ାର ଝୁଲଣ ଲୀଳା କବିଙ୍କୁ ମନ୍ତ୍ରମୁଗ୍ଧ କରିଛି । କୋଇଲିର କୁହୁତାନରେ ମନରେ ପ୍ରୀତିର ପୁଲକ ଭରିଯାଇଛି । ପ୍ରୀତିକୁ ନଦୀ ରୂପେ ପରିକଳ୍ପନା କରିଛନ୍ତି କବି । ମନ ତା'ର ସପନର ପୁର, ତୀର ତା'ର ସ୍ନେହ ମମତାର ଝର, ପୁଣି ଲହରୀ

ତା'ର ମିଳନର ଛଳଛଳ ସୁର । କବିଙ୍କ ଭାଷାରେ –

**"ନଦୀର ନାମ ପ୍ରୀତି**
**ଛାତିରେ ତା'ର ପିଟଇ ମଥା**
**ଊର୍ମି ମଧୁମତୀ**
**ମନ ଯେ ତା'ର ସପନପୁର**
**ତୀରରୁ ଝରେ ସ୍ନେହ**
**ହୃଦୟ ଭରା ବାଲୁକା ତା'ର**
**ପଣତ ଭିଜା ଲୁହ**
**ଛଳ ଛଳ ତା ଲହରୀ ଗାଏ ମିଳନ ମଧୁଗୀତି ।**

ଜୀବନର ବାସ୍ତବତା ଆତ୍ମ ପ୍ରକାଶ କରିଛି କେତେକ ରଚନାରେ । ଜୀବନ ଏକ ପାନ୍ଥ, ପୃଥିବୀ ଏକ ପାନ୍ଥଶାଳା, ପାନ୍ଥର ପରିଚୟ ଅଜଣା । ଅଜଣା ରାଇଜରୁ ଆସେ ସିଏ, ଅଜଣା ରାଇଜକୁ ଯାଏ ସିଏ । ମଝିରେ ପାନ୍ଥଶାଳାରେ ପାନ୍ଥର ଅବସ୍ଥାନ ସ୍ୱଳ୍ପ ସମୟ ପାଇଁ । ଚାରିଆଡ଼େ ତ ଅଚିହ୍ନା ପରିବେଶର ବଳୟ । ମନ ଅସ୍ଥିର, ଅଶାନ୍ତ, ତଥାପି ଆଶା ଅନେକ । ଆଶା ଅଛି ଯେ କିଏ ନା କିଏ କେବେ ନା କେବେ ଆସିବେ ଯିଏ ବୁଝିପାରିବେ ହୃଦୟର ଅନୁରାଗକୁ, ଆନ୍ତରିକତାର ମହକକୁ । ନିରାଶାରେ ଆଶାରବାଣୀ ଶୁଣାଉଛନ୍ତି କବି ଶ୍ରୀଯୁକ୍ତ ମିଶ୍ର । କବିଙ୍କ ଭାଷାରେ –

**'ପାନ୍ଥ ପକ୍ଷୀ ମୁଁ ପରିଚୟ ମୋର ଅଜଣା**
**କେହିତ ଜାଣେନା ମୋ ନାଁ ଗାଁ ଠିକଣା**
**ଏ ଆକାଶ ସୀମାହୀନ**
**ଜାଣେନା ଉଡ଼ିବି ଏମିତି ମୁଁ କେତେ ଦିନ'**

କବି ଅନ୍ତରରେ ସ୍ପନ୍ଦିତ ହୋଇଛି କେତେ ଭାବନା ଓ ଅନୁଭବ । ସୁର ତାଙ୍କର ଥକିବନି । ଗୀତ ତାଙ୍କର କଣ୍ଠରୁ ସରିବନି । କିଏ ଆସି କେତେବେଳେ ହେଲେ ବୁଝିବ ସେ ଗୀତର ଅର୍ଥକୁ ପୁଣି ଅନୁଭବ କରିବ ସୁରର ମହତ୍ତ୍ୱକୁ ।

## ଅକ୍ଷୟ ମହାନ୍ତି –

'ମଧୁଶାଳା' ପୁସ୍ତକରେ ସନ୍ନିବେଶିତ ଗୀତିକବିତା ଗୁଡ଼ିକ ସ୍ମୃତି ରୋମନ୍ଥନଧର୍ମୀ ତଥା ବିଷାଦର ସ୍ପର୍ଶରେ ଜର୍ଜରିତ । ବ୍ୟକ୍ତିଗତ ଅପ୍ରାପ୍ତି, ଅସନ୍ତୋଷ, ପୁଣି ତଦ୍‌ଜନିତ ବେଳେବେଳେ ଅନୁତାପ ଓ ଅନୁଶୋଚନା ହିଁ ଏହାର ମୁଖ୍ୟ

ଉପଜୀବ୍ୟ ଉପାଦାନ । ପ୍ରେମିକର ରଙ୍ଗାୟିତ ରୂପାଲେଖ୍ୟ ସହିତ କବିତ୍ୱ ମିଶିଯାଇ ଏଥିରେ ଭିନ୍ନ ଏକ ସ୍ୱାଦ ସୃଷ୍ଟିହୋଇଛି । ପ୍ରେମିକ ନିଜେ ଆଖି ହେଲାବେଳେ ପ୍ରେମିକା ହୋଇଛି ସେ ଆଖିର ନିଦ । ପ୍ରେମିକ ଫଗୁଣ ହେଲାବେଳେ ଓ ସଂଗୀତ ହେଲାବେଳେ ପ୍ରେମିକା ହୋଇଛି ଯଥାକ୍ରମ ଫଗୁଣର ଫୁଲ ଓ ସଂଗୀତର ବାଦୀସ୍ୱର । ବେଳେବେଳେ ପ୍ରେମିକା ଭାଗ୍ୟବାଦୀ ହୋଇ ଭାଗ୍ୟକୁ ମାନିନେଇଛି ଓ କ୍ଷଣକ ପାଇଁ ଦାରୁଣ ଦୁଃଖକୁ ନିଜଠାରୁ ଟିକିଏ ଦୂରେଇ ଦେଇଛି । ସେ କହିଛି –

**‘‘ଏବେ ମୁଁ ଭାବୁଛି ଭାଗ୍ୟଟା ଛୋଟ**
**ମନ ଛୋଟ ହେବ କିଆଁ**
**ଶିଶିର ସାଉଁଟି ମାଳା ଗୁନ୍ଥିଥିଲି**
**ସିଏ ବି ହୋଇଲା ନିଆଁ ।’’**

ପୁଣି କେତେବେଳେ ପ୍ରେମରେ ହାରିଲେ ମଧ୍ୟ ତାକୁ ଅପଯଶ ବୋଲି ନଭାବି ଯଶ ବୋଲି ଭାବିଛି କବିତାର ନାୟକ । ସେ କହିଛି – ‘ତୁମ ପାଇଁ ପ୍ରେମ ଯଦି ଅପଯଶ, ମୋ ପାଇଁ ତାହା ଯଶ ।’

ଏସବୁ ସତ୍ତ୍ୱେ ପ୍ରୀତି ପ୍ରଣୟର ଲିପିକାର ଅକ୍ଷୟ ମହାନ୍ତିଙ୍କ ଗୀତି କବିତା ଗୁଡ଼ିକ ନଈ ହୋଇ ସତେଅବା ତାଙ୍କ ହୃଦୟର ଧାରେ ଧାରେ ବହିଯାଇଛନ୍ତି । ସେହି ନଈରେ ସାନ ସାନ ତରଙ୍ଗରେ ଝୁଲୁଥିବା ସୂର୍ଯ୍ୟ କିରଣ ଅଗଣିତ ମୁକ୍ତାର ଆଭା ସୃଷ୍ଟି କରିଛି ଯାହାର ସୀମାହୀନ ଆକର୍ଷଣ ପାଠକଙ୍କୁ ତନ୍ମୟ କରିଛି । କବି ଶ୍ରୀ ମହାନ୍ତି ହେଉଛନ୍ତି ସ୍ମୃତିର ସାର୍ଥକ ପୂଜାରୀ । ହତାଶାର ଗୈରିକତାକୁ ରୂପ ଦେଉ ଦେଉ ସେ କହି ବସନ୍ତି ମନର କଥା ଯେ ଫଗୁଣ ପବନ ଆସେ ତାଙ୍କୁ ଜଳାଇବା ପାଇଁ, ଶ୍ରାବଣର ଧାରା ଆସେ ଧୋଇ ନେଇ ତାଙ୍କୁ ମଝି ସମୁଦ୍ରରେ ଭସାଇ ଦେବାପାଇଁ । ଏଥିରେ ବହୁଭାଷଣ ନାହିଁ ଯେ ଶବ୍ଦର ମୋହନ ମାଦକତା ଓ ଅନୁଭବର ଗଭୀରତା ତାଙ୍କ ଗୀତିକବିତାର ଗଢ଼ଣକୁ ଅଧିକ ଶୋଭନୀୟ ଓ ଲୋଭନୀୟ କରିଛି।

## ଅଲେଖ ଚନ୍ଦ୍ର ପଢ଼ିଆରୀ –

ଗୀତି କବିତାକୁ ସାହିତ୍ୟର ଗଣ୍ଠିଧନ ବୋଲି କହନ୍ତି ଗୀତିକବି ଶ୍ରୀଯୁକ୍ତ ପଢ଼ିଆରୀ । ମନରେ ତାଂକର ଦୁଃଖ, ଗୀତି କବିତା ପ୍ରତି ପାଠକର ହେୟ ଭାବ ଦେଖି । ସେ କହନ୍ତି ଏତେ ସୁଲଳିତ ସୁକୁମାର ସାହିତ୍ୟିକ ବିଭବର ଯଥାଯୋଗ୍ୟ

ବନ୍ଧାପନା ନହେବାର କାରଣ ବୁଝି ହେଉନାହିଁ । ତାଂକ ଭାଷାରେ ‘‘ଯେଉଁ କବିତା ବୟସ ଓ ଜ୍ଞାନ ଗାରିମା ନିର୍ବିଶେଷରେ ପ୍ରତ୍ୟେକ ମନୁଷ୍ୟର ମନକୁ ଆକୃଷ୍ଟ କରେ, ପ୍ରାଣକୁ ଆନ୍ଦୋଳିତ କରେ ଓ ସର୍ବୋପରି ଆତ୍ମାକୁ ଅଥୟ କରେ, ତାହା ହେଉଛି ଗୀତି କବିତା’’ । ପୁଣି ସେ କହନ୍ତି, କେତେକ ତଥାକଥିତ ଲବ୍ଧପ୍ରତିଷ୍ଠ ସାହିତ୍ୟିକ ମାନେ ସାହିତ୍ୟର ପହିଲି ଉତ୍ସ ଓ ପହିଲି ପରିଭାଷା ଗୀତିକବିତାକୁ ଅସାହିତ୍ୟ ମଣି ଭ୍ରୂକୁଞ୍ଚନ କରିବାର ଦୃଷ୍ଟାନ୍ତ ବିରଳ ନୁହେଁ ।’’

‘ଗୀତିଗଂଗା’ ହେଉଛି ଶ୍ରୀଯୁକ୍ତ ପଢ଼ିଆରୀଙ୍କର ଏକ ସୃଜନୀ ଫର୍ଦ୍ଦ । ଏଥିରେ ଦେଶଭକ୍ତି, ଭଜନ ଜଣାଣ, ଆଧୁନିକ ତଥା ଶିଶୁ ଗୀତିକାର ସମାବେଶ ରହିଛି । କୋଣାର୍କ ମନ୍ଦିରର କଳା ନୈପୁଣ୍ୟ ଓ ତାହା ସହିତ ସଂଯୋଜିତ ଜନଶ୍ରୁତି କବିଙ୍କ ଚିତ୍ତକୁ ଆଲୋଡ଼ିତ କରିଛି । କୋଣାର୍କ ଗାତ୍ରରେ ଖୋଦିତ ମୂର୍ତ୍ତିମାନେ ଯେ ଧରମାର ନିଧନର ମୂକସାକ୍ଷୀ ଏକଥା କେତେ ଭାବାନ୍ତର ଆଣିଛି କବିଙ୍କ ମନରେ । ଏଥି ସହିତ ଆମ ଦେଶର ଗୌରବ ଗରିମା ଲିପିବଦ୍ଧ ହୋଇଛି କବିଙ୍କ ଲେଖନୀରେ । ଉତ୍କଳର ଜୟଗାନରେ କବି ଆତ୍ମହରା । ଅନ୍ତରର ଗଭୀରତମ ପ୍ରଦେଶରୁ ଦେଶ ପ୍ରତି ଯେଉଁ କମନୀୟଭାବ ପରିଦୃଷ୍ଟ ହୁଏ ତାହା ଅନୁଭବ୍ୟ, ଅନିର୍ବଚନୀୟ ମଧ୍ୟ ।

ଭଜନ ଜଣାଣ ଗୁଡ଼ିକରେ ଶିବବନ୍ଦନା, ମା ତାରିଣୀଙ୍କର ବନ୍ଦନା ସହିତ ଶ୍ରୀଜଗନ୍ନାଥଙ୍କ ବନ୍ଦନା ସ୍ଥାନିତ ହୋଇଛି । ପରମ ପ୍ରଭୁଙ୍କର ମହିମାଗାନରେ କବି ଶତମୁଖ । ଅନ୍ଧାର ଦୂର କରିବାକୁ ଏବଂ ନପାରିଲେ ଭକ୍ତକୁ ଅନ୍ଧ କରିଦେବାକୁ ଉପସ୍ଥାପିତ ଭକ୍ତି ଭିତରେ ଗଭୀର ଆକୁଳତା ପରିପ୍ରକଟିତ ହୋଇଛି । ପରମେଶ୍ୱର ଏକାଧାରାରେ ସଗୁଣ ଓ ନିର୍ଗୁଣ, ସାକାର ଓ ନିରାକାର । ସମସ୍ତ ଜଗତର ସେ ଆଧାର ପୁଣି ସକଳ ଜଗତ ତାଂକର ନିର୍ମଳ ନିରାଜନା କରେ । ଭଗବାନଙ୍କର ନିକଟରେ ସାନ ବଡ଼ ନଥାନ୍ତି, ସମସ୍ତେ ସମାନ । ଏହି ତାଂକର ବଡ଼ପଣ, ଭଗବତ୍ତା ବୋଲି କବି କହିଛନ୍ତି । ମାଆ ଦୟାମୟୀ ତାରିଣୀଙ୍କ ବନ୍ଦନାରେ କବି ତାରିଣୀଙ୍କୁ ଦୁଃଖ ବିନାଶିନୀ, କଳୁଷ ହାରିଣୀ, ବିଦ୍ୟା ପ୍ରଦାୟିନୀ, ଅଭୟ ଦାୟିନୀ ନାମରେ ଆହ୍ୱାନ କରିଛନ୍ତି । ଶ୍ରୀଜଗନ୍ନାଥଙ୍କୁ ପରମ ଭକ୍ତି ସହ ସେ ପ୍ରଣାମ କରିଛନ୍ତି ।

ଆଧୁନିକ ଗୀତି ସମ୍ଭାରରେ ପ୍ରଣୟ ବିଳାସୀ ମନ ଫୁଲପାଖୁଡ଼ା ପରି ଫିଟି ପଡ଼ିଛି । ମାନସୀର ସ୍ୱରୂପକୁ ଜହ୍ନରାତି ସହ, ବେଣୀକୁ ତା’ର କାଳଭୁଜଙ୍ଗ ସହ, ତନୁର ବାସକୁ ଝରା ବଉଳର ବାସ ସହ, ଅଧରର ରଂଗକୁ କୃଷ୍ଣଚୂଡ଼ାର ରଂଗ ସହ କବି ତୁଳନା କରିଛନ୍ତି । ରୋମାଣ୍ଟିକ ଭାବ ବିଳାସୀ କବିଙ୍କ ଲେଖନୀରୁ ଝରି ପଡ଼ିଛି ମଉନାବତୀ ମାନସୀର ରୂପ ବିଭବର ବିମୁଗ୍ଧ ବର୍ଣ୍ଣନା ।

ତାଙ୍କ ଭାଷାରେ –

**‘ଶତ କଦମ୍ବର ରୋମାଞ୍ଚ ତୁମେ**
**ରୂପ ରାଇଜର ଜେମା**
**ବଧୂଲୀ ଫୁଲର ଅରୁଣିମା ତୁମେ**
**କୁମୁଦିନୀର ନୀଳିମା**
**ପ୍ରଭାତୀ ଉଷାର କଅଁଳ କିରଣ**
**ନିଶୀଥର ନୀଳ ଜୋଛନା**
**ସପନ ମଧୁର ରୂପ ବଇଭବ**
**ଫଗୁଣର ଆଳାପନା ।’**

ଅତୀତର ସ୍ମୃତି ଚାରଣ ପୂର୍ବକ ଭାବାନ୍ତରର ଅଧିକାରୀ ହୋଇଛି କବିଚିତ୍ତ –

**ତଟିନୀ ତମେ ଉଜାଣି ଆଉ**
**ବହିବନି ମୁହିଁ ଜାଣେ**
**ତମେ ବହି ଅଛ ଅନନ୍ତ ଗତିରେ**
**ଅସୀମର ଆବାହନେ ।**

ଶିଶୁ ଗୀତିକାର ରଚନାରେ ଲେଖନୀ ହୋଇଛି ଚଳଚଞ୍ଚଳ କବିଙ୍କର । ସତ କହିବାକୁ, ଗରିବର ସେବା କରିବାକୁ, ନିରାଶ୍ରୟକୁଆଶାର ଆଲୋକ ଦେଖାଇବାକୁ ସେ ପିଲାମାନଙ୍କୁ ବତାଇଛନ୍ତି ଗୀତ ମାଧ୍ୟମରେ । ଖେଳିଲା ବେଳେ ଖେଳ, ପଢ଼ିଲା ବେଳେ ପଢ଼ା କଥା ଭାବିବା ସହ ଗୁରୁଜନଙ୍କୁ ସମ୍ମାନ ଜଣାଇବା ହେଉଛି ଭଲ ଛାତ୍ରର ଲକ୍ଷଣ ବୋଲି କବି କହିଛନ୍ତି । ମନ୍ଦ ନ ଦେଖିବା, ମନ୍ଦ କଥା ନଶୁଣିବା ଓ ମନ୍ଦକଥା ନ କହିବା ପାଇଁ ପିଲାଟିଏ ଦୃଢ଼ ସଂକଳ୍ପ କରିବା ଆବଶ୍ୟକ । ଦେଶ ଚାହେଁ ଏମିତି ଶିଶୁ ଯାହା ଭିତରେ ଥିବ ଆନନ୍ଦ, ଆଗ୍ରହ, କର୍ମ ପ୍ରବଣତା ପୁଣି ମଧୁର ସ୍ୱଭାବ ।

କବିଙ୍କ ଭାଷାରେ ପରିଚ୍ଛନ୍ନତା ଓ ଭାବରେ ଗଭୀରତା ରହିଛି । ଗୀତି କବିତା ଗୁଡ଼ିକ ତାଂକର ସରଳ ଓ ସୁଖପାଠ୍ୟ ହୋଇପାରିଛି ।

## ଅଜୟ ମହାନ୍ତି–

ଅଜୟ ମହାନ୍ତିଙ୍କର ଗୀତିକବିତାରୁ କେତେକ ବିରହନୁଚିନ୍ତା ଭିତ୍ତିକ । ଆଉ କେତେକ ଗଭୀର ବାସ୍ତବତାରେ ଅଭିଷିକ୍ତ । ପାଦର ଘୁଙ୍ଗୁର ବାଜେ, କାହା ପାଇଁ ବାଜେ, କାହିଁକି ବାଜେ, ଏଇ ପ୍ରଶ୍ନ ପଚାରିଛନ୍ତି ସେ ।

**''ଘୁଙ୍ଗୁର ଜାଣେନା କାହିଁକି ବାଜେ**
**ତନୁ ଶିହରାଇ କାହାକୁ ଖୋଜେ**
**ଶୁଖିଲା ଓଠରେ କି ଗୀତଥାଏ ସେ**
**ବୁଝେଇ ପାରେନା ନିଜକୁ ନିଜେ ।''**

ଜୀବନର ଘୋର ବାସ୍ତବତା ଫୁଟି ଉଠିଛି ଗୀତିକବିତାର କେତେକ ପଂକ୍ତିରେ । ତହିଁରୁ ଗୋଟିଏ ପଂକ୍ତିର ସ୍ୱରୂପ ଏହିପରି –

**'ଜୀବନର ସୀମା ଖୋଜି ଖୋଜି ଶେଷେ**
**ପାଇଲି ଅମଡ଼ାବାଟ**
**ନିଆଁ ଆଉ ଧୂଆଁ ପାଉଁଶ ସାଥିରେ**
**କିଛି ଦରଜଳା କାଠ ।'**

ସବୁ ଆଶା ଝରିଯାଏ ଫଟା କଳସୀରେ । ସବୁ ସ୍ନେହ ମମତା ଜଳିଯାଏ ଜୁଇ ତଳେ, ସବୁ ସ୍ୱପ୍ନ ହୋଇଯାଏ ସମାଧି ପୀଠ, ସବୁ ହସ ହଜିଯାଏ ଖଇ କଉଡ଼ିରେ, ସବୁ ଅତୀତ ଭିଜିଯାଏ ବିରହରେ, କବିଙ୍କ ଭାଷାରେ –

**'ସବୁ ହସ ହଜିଯାଏ ଖଇ କଉଡ଼ିରେ**
**ଲୁହ ସବୁ ଝରିଯାଏ ଘର ଅଗଣାରେ**
**ଅତୀତକୁ ଖୋଜି ବିରହରେ ଭିଜି**
**ଥରେ କା ଗୋଲାପୀ ଓଠ ।'**

ସଂସାରରେ କେହି କାହାର ଦୁଃଖ ବୁଝନ୍ତିନି, ଅନୁଭବରେ ସାମିଲ ହୁଅନ୍ତିନି । ସବୁକିଛିକୁ ନିଜେ ନିଜେ ସହିବାକୁ ପଡ଼େ କାହାରି ଆଗରେ କହି ହୁଏନା । ଏ ଦୁନିଆଁ ସ୍ୱାର୍ଥପର, କାହାରି ଦୁଃଖରେ ଦୁଃଖୀ ହେବାର ମାନସିକତା ତା'ର ନଥାଏ । ଦିନର ଭୋକ ବୁଝେ ନା ରାତି, ରାତି ଆଖିର ଶୋକ ମଧ୍ୟ ଦିନ ବୁଝେନା । ଦିନର ଫୁଲ ରାତିକୁ ମଉଳି ଯାଏ । ରାତି ହୁଏ  ସକାଳ ପାଇଁ ବ୍ୟଥିତ । କବିଙ୍କ ଭାଷାରେ –

**'ରାତି ଯା ସକାଳ ପାଇଁ ହୁଏ ବା ଭଳି**
**ମହକ ଝରାଏ ଝୁରି ଗଙ୍ଗଶିଉଳି ।'**

ବାସ୍ତବତାର ସ୍ୱର ତୋଳି କବି ଜୀବନର ମୂଲ୍ୟାଙ୍କନ କରିଛନ୍ତି । ଜୀବନକୁ ଗତାନୁଗତିକ ଧାରାରେ ପାଣି ଫୋଟକା ବୋଲି ସେ କହିଛନ୍ତି । ପାଣି ଫୋଟକା କ୍ଷଣସ୍ଥାୟୀ । ନିଜ ସ୍ୱାର୍ଥରେ ଲାଗି ରହି ମଣିଷ ଜୀବନ ହୁଏ ବ୍ୟର୍ଥ ଅସରା ନିଃସ୍ୱାର୍ଥପରତା ହିଁ ପ୍ରକୃତ ଜୀବନର ମାନଦଣ୍ଡ । ଦେହ ତ ମାଟିରେ ମିଶିବା ପାଇଁ ଆସିଛି ଓ ମିଶିବ ।

ରହିଯିବ କେବଳ ଯଶକୀର୍ତ୍ତି । ଜନତା ମନରେ ସ୍ଥାନଟିଏ ଆଗରୁ ରଖିଥିଲେ ତାହା ରହିଯିବ । ପରାର୍ଥ ବ୍ୟକ୍ତି ହିଁ କାଳଜୟୀ ହୋଇ ରହିଯିବ । କବି ଅଜୟ ମହାନ୍ତିଙ୍କ ଲେଖନୀରୁ ଅଧିକରୁ ଅଧିକ ଗୀତିକବିତାର ସୃଷ୍ଟି ସମ୍ଭବ ହେବ, ଏଇ ବିଶ୍ୱାସ ରହିଛି ।

## କାଳୀଚରଣ ପଟ୍ଟନାୟକ –

ଓଡ଼ିଆ ଗୀତିକବିତାର ଆକାଶର ସେ ଏକ ଉଜ୍ଜ୍ୱଳ ନକ୍ଷତ୍ର । ନିଜର ବର୍ଣ୍ଣବିଭାରେ ସେ ସ୍ୱତଃ ବାରି ହୋଇପଡ଼ନ୍ତି । ଅରୁଚିକର, ରୁକ୍ଷ ଓ ଅମାର୍ଜିତ ଭାବନା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ଦିଗରେ ତାଙ୍କ କୃତିତ୍ୱ ପ୍ରଶଂସନୀୟ । ରୋମାଣ୍ଟିକ ଭାବନାର ମଳୟ ବିଳାସରେ ତାଙ୍କର କେତେକ ରଚନା ସମୃଦ୍ଧ । ୧୯୨୭ ମସିହା ସୁନିଆଁ ଦିନ ପୁରୀର ଗଜପତିମହାରଜାଙ୍କ ଦ୍ୱାରା ସେ କବିଚନ୍ଦ୍ର ଉପାଧି ପ୍ରାପ୍ତ ହୋଇଥିଲେ । ତାଙ୍କ ଗୀତି ରଚନାରେ ପଲ୍ଲୀପ୍ରାଣତା, ବିଭୁପ୍ରାଣତା ଓ ପ୍ରଣୟପ୍ରାଣତା ପ୍ରକଟିତ ହୋଇଛି । ତାଙ୍କର ଏପରି ରଚନାଗୁଡ଼ିକ କବିଚନ୍ଦ୍ର ଗୀତାବଳୀ ନାମରେ ନାମିତ ହୋଇଛି । ସୁନ୍ଦର ଶବ୍ଦଚିତ୍ର ପ୍ରଦାନରେ ତାଙ୍କର ଦକ୍ଷତା ଅବିସମ୍ବାଦିତ । ଶ୍ରୀଜଗନ୍ନାଥଙ୍କ ପ୍ରତି ତାଙ୍କର ଭକ୍ତି ଅସୀମ। ଅନ୍ତର ବେଦନା ଜଣାଇ ସେ କହନ୍ତି –

**କାଳିଆ ଠାକୁର ଆଉ କେତ ନାଟ ଦେଖିବ**
**ଚଲାଇ ତାତି ବାଲିରେ ଦିନ ମୋର ସାରିବ ।**

ଭକ୍ତିମଣ୍ଡାର ଚନ୍ଦନ ସୁବାସରେ କବିପ୍ରାଣ ସୁବାସିତ । ନମ୍ରତାର ତୁଳସୀସ୍ତବକ ସାଜି କବି ଶ୍ରୀ କାଳୀଚରଣ ପଟ୍ଟନାୟକ ବିଭୁ ବନ୍ଦନା କରିଛନ୍ତି । ଭବସାଗର ପାରି ହେବା ନିମନ୍ତେ ପରମପ୍ରଭୁଙ୍କୁ ନାଉରିଆ ଭାବରେ ସେ ବିଚାର କରିଛନ୍ତି । ଭବସିନ୍ଧୁ ପାରିକରିଦେବା ପାଇଁ ବାରମ୍ବାର ଭଗବାନଙ୍କୁ ପ୍ରାର୍ଥନା ଜଣାଇଛନ୍ତି । ପାରି କରିଦେଲେ ପରମପ୍ରଭୁଙ୍କ ନିକଟରେ କବି ଅଶୁଝା ଋଣରେ ଋଣୀ ହୋଇ ରହିବେ ବୋଲି ସ୍ୱୀକାର କରିଛନ୍ତି । ପରପାରରେ ସେବା କରି ସେହି ଋଣର କିଛି ଅଂଶ ଶୁଝିବା ପାଇଁ ପ୍ରୟାସ ପୋଷଣ କରିଛନ୍ତି ।

''ନାଉରିଆରେ
କରିଦେ ପାରି
କାଳିଆ ବଉଦ ଆସେ
ବିଜୁଳି ମାରି ।
ପାରି ମୂଲ ଦେବା ପାଇଁ
କଡ଼ାଏ କଉଡ଼ି ନାହିଁ
କବିଚନ୍ଦ୍ର କହେ ଯାଇ,
ଶୁଝିବି ତୋ ସେବା କରି ।''

## କୃତ୍ତିବାସ ନାୟକ –

କବି ନାୟକଙ୍କ ରଚନାମାଳାରେ ପ୍ରଣୟ, ସ୍ୱପ୍ନ, ସମ୍ଭାବନା, ପ୍ରକୃତି ଓ ବିଭୁଭକ୍ତିର ପ୍ରସଙ୍ଗ ଦେଖିବାକୁ ମିଳେ । ପ୍ରେୟସୀର ଆବେଗ, ଅଭିମାନ ଓ ଅନୁରାଗ, ସବୁକିଛି କବିଙ୍କୁ ଆନମନା କରିଛି, ଯାହାର ବିରହରେ ସକାଳ ତୋଳା ପଦ୍ମଫୁଲ ଦ୍ୱିପ୍ରହରକୁ ମଉଳିଯାଇଛି, ହଜିଯାଇଛି ସମସ୍ତ ସରସତା ଏବଂ ମ୍ଳାନ ଗୋଧୂଳିର ସବୁ ମ୍ଳାନିମା ସ୍ତୁପୀକୃତ ହୋଇଛି କବିଙ୍କ ମନରେ । ଏହା ବ୍ୟତୀତ ପଲ୍ଲୀ ଜୀବନର ଆଚାର ବିଚାର, ହର୍ଷବିଷାଦ ତଥା ଅଭାବ ଅସୁବିଧା ସବୁକିଛି ସ୍ପଷ୍ଟ ଭାବରେ କବିଙ୍କ ରଚନାରେ ସ୍ଥାନ ପାଇଛି । ଡାମରା କାଉକୁ ସମ୍ବୋଧନ କରି କବି କହିଛନ୍ତି –

**‘‘ଡାମରା କାଉରେ ଡାମରା କାଉ**
**ଚାଲରେ ଡାମରା କାଉ**
**ବିଦେଶୁ ଖବର ଆଣିଲାବୋଲି ସେ**
**ବଡ଼ ହେଲା ରାଉ ରାଉ’’**

ଶ୍ରୀଯୁକ୍ତ ନାୟକଙ୍କର ଭକ୍ତି ଶତକରେ ସ୍ଥାନିତ ଭକ୍ତିଗୀତିକା ଗୁଡ଼ିକ ସୁଖପାଠ୍ୟ ଓ ଅନୁଭବ୍ୟ । ପରମପ୍ରଭୁଙ୍କ ମହିମାକୁ ସେ ଭିନ୍ନଭିନ୍ନ ଦିଗରୁ ଉପଲବ୍ଧି କରିଛନ୍ତି । ପ୍ରଭୁଙ୍କର ବିସ୍ତାର ଆକାଶରୂପେ ଶୋଭା ପାଉଛି ଓ ମମତାର ଧାରା ବର୍ଷାରୂପେ ଝରି ପଡୁଛି । ହସ ତାଙ୍କର ସାଜିଛି ଫୁଲରେ ପାଖୁଡ଼ା ଓ ଆଲୋକ ତାଙ୍କର ସୂର୍ଯ୍ୟରୂପେ ବିରାଜିତ ହେଉଛି ବୋଲି କବି କହିଛନ୍ତି ।

**ବରଷା ରୂପରେ ମମତାର ଝର**
**ଝରିପଡ଼େ ବିନ୍ଦୁ ବିନ୍ଦୁ**
**ଆକାଶ ରୂପରେ ବିଶାଳତା ତୁମ**
**ଗଭୀର ଅନନ୍ତ ସିନ୍ଧୁ ।**

ପରମପ୍ରଭୁଙ୍କ ଆଦେଶରେ ସବୁ ସମ୍ଭବ ହୁଏ । ମାଟି ହୁଏ ସୁନା ଓ ସୁନା ହୁଏ ଚୂନା । ପର୍ବତ ହୁଏ ସାଗର ପୁଣି ସାଗର ହୁଏ ପର୍ବତ । ତେଣୁ ତ କୁହାଯାଏ ଭଗବାନ ହେଉଛନ୍ତି ସର୍ବମୟ କର୍ତ୍ତା । ତାଙ୍କର ଇଚ୍ଛାରେ ସବୁକିଛି ହୁଏ, ତାଙ୍କର ଇଚ୍ଛା ନଥିଲେ କିଛି ବି ହୁଏନାହିଁ । ସେ ସୃଷ୍ଟି ପୁଣି ସ୍ରଷ୍ଟା, ସେ ଦୃଷ୍ଟି ପୁଣି ଦ୍ରଷ୍ଟା । କବିଙ୍କ ଭାଷାରେ–

**ତୁମରି ଆଦେଶେ ଅନ୍ଧକାରେ ଦିଶେ**
**ଆଲୋକ ହୁଏ ଅନ୍ଧାର ।**
**ମାଟି ହୁଏ ସୁନା, ସୁନା ହୁଏ ଚୂନା**
**ପର୍ବତ ସାଜେ ସାଗର ।**

ଶରୀରକୁ ଅରଟ ଭାବରେ ପରିକଳ୍ପନା କରିଛନ୍ତି କବି ଏକ ଭଜନରେ । ମନକୁ ନଟେଇ ଭାବରେ ସେ ବିଚାର କରିଛନ୍ତି । ସେହି ଅରଟରେ ହରିନାମ ସୁତାକୁ ଗୁଡ଼େଇ ରଖିବାକୁ ସେ ଆହ୍ୱାନ ଦେଇଛନ୍ତି ।

ମାତୃଶକ୍ତିର ବନ୍ଦନା କେତେକ ଭକ୍ତି ଗୀତିକାରେ ରହିଛି । ଏକ ହିଁ ଶକ୍ତି ଭିନ୍ନ ଭିନ୍ନନାମରେ, ଭିନ୍ନଭିନ୍ନ ସ୍ଥାନରେ ପୂଜିତା । ଦୟାମୟୀଙ୍କର ଦୟାର ସୀମା ନାହିଁ, ମହିମାର ଉପମା ନାହିଁ, ଦେବୀଙ୍କର ଭିନ୍ନ ଭିନ୍ନ ନାମର ଏକ ତାଲିକା ଦେବାକୁ ଯାଇ କବି କହିଛନ୍ତି –

**କଟକରେ ଚଣ୍ଡୀ ଶ୍ରୀକ୍ଷେତ୍ରେ ବିମଳା**
**ବାଙ୍କିରେ ଚର୍ଚ୍ଚିକା ଝଙ୍କଡ଼େ ଶାରଳା ।**
**ବାଣପୁରେ ତୁହି ଭଗବତୀ ମାୟୀ**
**ବୋଲାଉ ଦୁଃଖ ନାଶିନୀ ।**

## କୀର୍ତ୍ତନ ନାରାୟଣ ପାଢ଼ୀ –

'ସତ ଓ ସପନ' ଗୀତିକବିତା ପୁସ୍ତକର ସ୍ରଷ୍ଟା ଶ୍ରୀଯୁକ୍ତ ପାଢ଼ୀଙ୍କର ରଚନାସମ୍ଭାର ଭିତରେ ଭଜନ, ପଲ୍ଲୀଗୀତ ଓ ଆଧୁନିକ ଗୀତ ଅନ୍ତର୍ଭୁକ୍ତ । ଅଦୃଶ୍ୟ ସେହି ଅସୀମ ଶକ୍ତିମୟ ଭଗବାନ ହେଉଛନ୍ତି ସଂସାର ସାଗରରେ ଦିଗହଜା ନାବିକ ପାଇଁ ଆଶାର ବତିଘର । ବ୍ୟକ୍ତି ନିଜେ ଅପୂର୍ଣ୍ଣ, ସେ ଆଉଜଣେ ବ୍ୟକ୍ତିକୁ କ'ଣ ବା ସାହାଯ୍ୟ କରିପାରେ ? ଏକମାତ୍ର ସର୍ବମୟ କର୍ତ୍ତା ଭଗବାନ ସମସ୍ତଙ୍କୁ ସହାୟତା ଦେଇପାରନ୍ତି । ଏ କଥାରେ ଶ୍ରୀଯୁକ୍ତ ପାଢ଼ୀ ଆସ୍ଥା ପ୍ରକଟ ପୂର୍ବକ କହିଛନ୍ତି –

**''ଆପଣାର ବୋଲି କହୁ ଆଜି ତୁ ଯାହାକୁ**
**ଆହା ବୋଲି କହିବେନି ଆପଦ ବେଳକୁ**
**ଅନୁତାପ କରୁଥିବୁ ଶରଣ ନ ଗଲେ ତାର**
**ମରଣ ଆଗରୁ ତତେ କହୁଛି''**

ହସ ଲୁହ ଓ ସୁଖ ଦୁଃଖର ଅମଳିନ ଚିତ୍ର କବିକୃତ ପଲ୍ଲୀଗୀତରେ ପ୍ରକଟିତ । ସାଧାରଣ କୃଷକ ଘରର ଚିତ୍ର ଏଥିରେ ଅଧିକ ଉପସ୍ଥାପିତ । ଏତଦ୍‌ବ୍ୟତୀତ ସୁଖ ସ୍ୱପ୍ନ ଫୁଲବନ, ଭ୍ରମରଗୁଞ୍ଜନ, କୋଇଲି ଗାନ ଓ ମଳୟ ପ୍ରବାହ କବିଙ୍କୁ ବହୁଭାବରେ ଅଭିଭୂତ କରିଛି ।

ପ୍ରେମ ଓ ପ୍ରଣୟର ଗଭୀର ନିରାଜନା ସହ ବିରହାନୁଭବର ଉପସ୍ଥାପନା କବିଙ୍କ ବିରଚିତ ବହୁ ରଚନାରେ ଦେଖିବାକୁ ମିଳେ । ବିଭିନ୍ନ ପ୍ରତୀକ ମାଧ୍ୟମରେ ନିଜର ପ୍ରୀତିପ୍ରବଣତାକୁ ସେ ପ୍ରତିଷ୍ଠା କରିପାରିଛନ୍ତି । ପ୍ରଣୟ ପାରାବାରରେ ପ୍ରୀତିର ଲହରୀଟିକୁ ଦେଖି ସେ ବିମୁଗ୍ଧ ହୋଇଛନ୍ତି ।

**"ମୋ ମନ ଗଗନରେ**
**ଶରତର ଶଶୀ ସିଏ**
**ପ୍ରଣୟର ପାରାବାରେ**
**ପ୍ରୀତିର ଲହରୀଟିଏ"(ମନ ଓ ମିଳନ)**

କେବଳ ଭାବବିଭୋରତାରେ କବିଚିତ୍ତ ଭାସିଯାଇ ନାହିଁ, ବେଳେବେଳେ ବାସ୍ତବତାର ସ୍ପର୍ଶରେ ପ୍ରକୃତିସ୍ଥ ହୋଇଛି । ଜୀବନକୁ ବିଶ୍ଳେଷଣ କରିବା ଭିତରେ ସେ କେତେକ ନୂତନ ଦିଗନ୍ତର ସନ୍ଧାନ ପାଇଛନ୍ତି । ଜଗତ ଓ ଜୀବନର ବିଚାର ସ୍ୱତନ୍ତ୍ରଭାବରେ କରିବା ଦିଗରେ ତାଙ୍କର ଦକ୍ଷତା ରହିଛି । ଜଗତକୁ ଓ ଜୀବନକୁ ବୁଝି ବୁଝାଇବା ପାଇଁ ସେ ପ୍ରୟାସ କରିଛନ୍ତି । ସଚେତନତାର ସହିତ ସେ କହିଛନ୍ତି–

**"ପାରିଜାତ ବୋଲି ଭାବି**
**ପଳାସକୁ ତୋଳି ନେଲି**
**ମଧୁ ପିଇବାକୁ ଯାଇ**
**ମହୁରାକୁ ଗିଳିଦେଲି ।"(ମନ ଓ ମିଳନ)**

ପିଲାଦିନରୁ ସଂଗୀତ ପ୍ରତି ଆଗ୍ରହ ତାଙ୍କର ପ୍ରବଳ ଥିଲା । ଗୀତରେ ସୁରଦେବା ଲାଗି ଉତ୍ସାହ ମଧ୍ୟ ଥିଲା ପ୍ରବଳ । ସଂଗୀତକ୍ଷେତ୍ରରେ ଗବେଷଣା କରିବା ଦିଗରେ ଦକ୍ଷତା ତାଙ୍କର ଅବିସମ୍ବାଦିତ । ଅତଏବ ସେ ଏକାଧାରାରେ ଜଣେ ଗୀତିକାର, ସୁରକାର, ସଂଗୀତର ଗବେଷକ ଏବଂ ପ୍ରାବନ୍ଧିକ ମଧ୍ୟ । ଗୀତ ଓ ଗୀତିକବିତା ସଂପର୍କରେ ତାଙ୍କର ବିଚାର ବିଶ୍ଳେଷଣ ସ୍ୱତନ୍ତ୍ର ।

## କୁମୁଦଲତା ମହାନ୍ତି –

କବି କୁମୁଦଲତା ମହାନ୍ତିଙ୍କର ଗୀତିକବି ହିସାବରେ ସୁନାମ ରହିଛି । ବିଶେଷତଃ ଭଜନ, ଜଣାଣ ରଚନା କ୍ଷେତ୍ରରେ ତାଙ୍କର ପାରଦର୍ଶିତା ଅବିସମ୍ବାଦିତ । ଶ୍ରୀଜଗନ୍ନାଥଙ୍କ ପାଦତଳେ ତାଙ୍କର ପ୍ରଣତି ଲିପିବଦ୍ଧ ହୋଇଛି ବହୁ ପୁସ୍ତକରେ । ତନ୍ମଧ୍ୟରେ 'ପ୍ରଣତି ଏକ ବ୍ୟଥିତ ହୃଦୟର', 'ଅର୍ଘ୍ୟ ତୁମ ପାଇଁ', 'ନିବେଦନ', 'ଭକ୍ତି ଗଙ୍ଗା', 'ଭକ୍ତି ଦୀପ', 'ତୁମ ପୂଜାଫୁଲ', 'ତୁମକୁ ଜଣାଣ', 'ଭକ୍ତି ଫୁଲ', 'ଭକ୍ତି ରସ' ଓ 'ପ୍ରଭୁକୃପା'

ଅନ୍ତର୍ଭୁକ୍ତ । ଶ୍ରୀଜଗନ୍ନାଥଙ୍କ ପ୍ରତି ଭକ୍ତି ଭାବରେ ଭାବିତ ହୋଇ କବି କେତେବେଳେ ଅଭିମାନ କରିଛନ୍ତି ତ ଆଉ କେତେବେଳେ ଅଭିଯୋଗ କରିଛନ୍ତି । 'ଅର୍ଘ୍ୟ ତୁମ ପାଇଁ' ପୁସ୍ତକରେ 'ଅ' ଠାରୁ 'କ୍ଷ' ପର୍ଯ୍ୟନ୍ତ ପ୍ରତ୍ୟେକ ଅକ୍ଷରକୁ ଆଦ୍ୟରେ ରଖି ରଚିତ ଗୋଟିଏ ଗୋଟିଏ କବିତା ସ୍ଥାନିତ ହୋଇଛି । 'କ' ଗୀତରେ କବି କହିଛନ୍ତି –

**''କାଳିଆ ଠାକୁର ମୋର ତୁମେ ମୋ ହୃଦୟ ହାର**
**କଲି ଯେତେ ଆପଣାର କଲ ମତେ ସାତପର''**

ପରମ ପ୍ରଭୁ ଶ୍ରୀଜଗନ୍ନାଥ ହିଁ କବିଙ୍କର ଆଶା, ଆଶ୍ୱାସନା ଓ ଜୀବନର ଦିଗନ୍ତ ଦିଶାରୀ । ବଣା ନାବିକର ବତିଘର, ଅନ୍ଧର ଲଉଡ଼ି ପୁଣି ଖଞ୍ଜର ଆଶାବାଡ଼ି ହୋଇଛନ୍ତି ପ୍ରଭୁ ଶ୍ରୀଜଗନ୍ନାଥ କବିଙ୍କ ପାଇଁ । 'ଭକ୍ତିଦୀପ' ପୁସ୍ତକରେ କବି କହିଛନ୍ତି –

**'ତୁମ ଛଡ଼ା ପ୍ରଭୁ ଆଉ ଏ ଜୀବନେ ଅଛି ଅବା ମୋର କିଏ'**

ଅଭିମାନରେ ବେଳେବେଳେ ଭରିଯାଇଛି କବିଙ୍କ ମନ । ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ତାଙ୍କ ମନରେ ଯେ ଭକ୍ତକୁ ଯଦି ଭଗବାନ ପର କରିଦିଅନ୍ତି ତେବେ ତାଙ୍କର ଭଗବତ୍ତା କେଉଁଠି ? ଅକ୍ଷରରେ ଅଭିବ୍ୟକ୍ତ ହୋଇଛି ଏଇ ଅଭିମାନ ଟିକକ । 'ନୈବେଦ୍ୟ ତୁମ ପାଦ ତଳେ' ପୁସ୍ତକରେ କବି କହନ୍ତି –

**ତୁମେ ଯେବେ ଭକତକୁ ସାତପର କଲ**
**କି ବଡ଼ ଠାକୁର ତୁମେ କି ବଡ଼ ଦେଉଳ**

ଏତଦ୍‌ବ୍ୟତୀତ କବିଙ୍କ ରଚିତ ଦେଶବନ୍ଦନା ଭିତ୍ତିକ ଗୀତିପୁସ୍ତକ ମଧ୍ୟ ରହିଛି । ପରିବେଶକୁ ଭିତ୍ତି କରି ଅଭିନନ୍ଦନିକା ନାମରେ ଏକ ଗୀତିପୁସ୍ତକ ତାଙ୍କର ଅଛି । 'ଅଭିନନ୍ଦନିକାର' ଗୀତଗୁଡ଼ିକ ଅତ୍ୟନ୍ତ ହୃଦୟସ୍ପର୍ଶୀ । ପଲ୍ଲୀ ପରିବେଶ ତଥା ପଲ୍ଲୀ ସଂସ୍କୃତିକୁ ନେଇ ଏଥିରୁ କେତେକ ଗୀତ ବିରଚିତ । ପରିବେଶର ସୁରକ୍ଷା ପାଇଁ ସେ ଯଥେଷ୍ଟ ଆଗ୍ରହ ପ୍ରକାଶ କରିଛନ୍ତି । ବୃକ୍ଷ ରୋପଣ କାର୍ଯ୍ୟରେ ସମସ୍ତଙ୍କୁ ଯୋଗଦେବା ପାଇଁ ସେ ଆହ୍ୱାନ ଜଣାଇଛନ୍ତି । ଏହା ଏକ ଜାତୀୟ କାର୍ଯ୍ୟ ଏବଂ ଏ କାର୍ଯ୍ୟର ପବିତ୍ରତା ଅସାଧାରଣ । ବୃକ୍ଷ ହିଁ ଜୀବନ, ବୃକ୍ଷ ହିଁ ମାନବ ସଭ୍ୟତାର ଅଗ୍ରଗତିରେ ସହାୟକ । କବିଙ୍କ ଭାଷାରେ –

**ସୁନ୍ଦର ମୋ ଜନମ ଭୂଇଁ**
**ହସି ହସି କହିଯାଏ ନୀଳ ଆକାଶ**
**ଚିର ସୁନ୍ଦର ଆମର ଏ ପରିବେଶ**
**ସଜାଇ ଦେବାରେ ଆସ ଗିରି କାନନ**
**କୋଣେ କୋଣେ କରିବାରେ ବୃକ୍ଷରୋପଣ ।।**

ସମାଜରେ ସାକ୍ଷରତା ହାର ବଢୁ, ଲୋକମାନେ ଅଧିକରୁ ଅଧିକ ଶିକ୍ଷିତ ହୁଅନ୍ତୁ, ଶିକ୍ଷାର ବିସ୍ତାର ଘଟୁ ତଥା କୋଣେ ଅନୁକୋଣେ ଶିକ୍ଷାର ଆଲୋକ ବିଚ୍ଛୁରିତ ହେଉ । କୋରାପୁଟ ଅଞ୍ଚଳରେ ଶିକ୍ଷାର ପ୍ରସାର ଓ ସାକ୍ଷରତା ଅଭିବୃଦ୍ଧି ପାଇଁ କବି ପ୍ରବଳ ଆଗ୍ରହ ପ୍ରକାଶ କରିଛନ୍ତି । ସୁନ୍ଦର ସେହି ପ୍ରାକୃତିକ ପରିବେଶର ବର୍ଣ୍ଣନା କରିବା ସହ ଶିକ୍ଷାର ପ୍ରସାର କଥା କହିଛନ୍ତି ଶ୍ରୀମତୀ ମହାନ୍ତି । ତାଙ୍କ ଭାଷାରେ –

**ଏଠି ଯେତେ ଝରଣା ଧାର**
**ଫୁଲଭରା ବନ କନ୍ଦର**
**ସୁନ୍ଦର ଏଇଠି ଆଦିମ ଜାତିଟି**
**ଶରଧା ତାହାର ଅମୂଲ ମୂଲ**
**ବୁଲି ବୁଲି ଜାଗାକୁ ଜାଗା**
**ଶିଖାଇବୁ ଅକ୍ଷର ଲେଖା**
**ନରହିବେ କେହି ଅଜ୍ଞାନରେ ଭାଇ**
**ନରହିବେ ଆଉ କେ ନିରକ୍ଷର**

କବି ଶ୍ରୀମତୀ ମହାନ୍ତିଙ୍କର ନିର୍ମଳ ଅନୁଭବ ପ୍ରକାଶିତ ହୋଇଛି ତାଙ୍କର ପ୍ରାୟ ପ୍ରତ୍ୟେକ ଗୀତିକବିତାରେ । ସରଳ ଭାଷାରେ ସେ ଉପସ୍ଥାପନା କରିଛନ୍ତି ହୃଦୟର ଭାବ । ରଜଦୋଳି, ରାକ୍ଷୀପୂର୍ଣ୍ଣିମା ପ୍ରଭୃତି ସାଂସ୍କୃତିକ ଅନୁଷ୍ଠାନକୁ ଉପଜୀବ୍ୟ କରି ସେ ଲେଖିଛନ୍ତି କେତୋଟି କବିତା ।

ବାସ୍ତବରେ ଗୀତିକବିତା ରଚନା କ୍ଷେତ୍ରରେ ଶ୍ରୀମତୀ କୁମୁଦଲତା ମହାନ୍ତିଙ୍କର ଆଗ୍ରହ, ଆନ୍ତରିକତା ଓ ସିଦ୍ଧି ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ।

## କନକ ମଞ୍ଜରୀ ପଟ୍ଟନାୟକ–

କନକ ମଞ୍ଜରୀ ପଟ୍ଟନାୟକଙ୍କ 'ଚିତ୍ରନଦୀ' ଏକ ଗୀତିକବିତା ପୁସ୍ତକ । ଏଥିରେ କିଛି ଆଧୁନିକ ଗୀତିକବିତା, କିଛି ହାସ୍ୟରସର ଗୀତିକବିତା ଓ କିଛି ପଲ୍ଲୀଗୀତି ସ୍ଥାନିତ । ରୋମାଣ୍ଟିକ୍ ଭାବପ୍ରବଣତାର ସ୍ନିଗ୍ଧସୁବାସରେ ଆଧୁନିକ ଗୀତିକବିତାର ଉପବନ ଭରପୂର । କବିତାରେ କେତେବେଳେ ସ୍ମୃତିର ନିରାଜନା ରହିଛି ତ ଆଉ କେତେବେଳେ ବିରହର ଦାବଦହନ ମୂର୍ତ୍ତ ହୋଇଛି । କେତେ ସୁକୁମାର ଅନୁଭବର ବୈଭବରେ ବିମଣ୍ଡିତ ହୋଇଛି ଆଧୁନିକ ଗୀତିକବିତାର ରାଜଉଆସ । ଭଲ ପାଇବାର ଗୀତିମୟତାରେ ଆଚ୍ଛନ୍ନ ଏଇ ସୃଷ୍ଟି ସମ୍ଭାରର ଅବୟବ । ନଳିନୀର ମନ ନେଇ କବିତାର ନାୟିକା ତପନକୁ ଖୋଜିଛି । କଣ୍ଠରେ ତା'ର–

''ପ୍ରଭାତ ହେଲାଣି ଜହ୍ନ ଲୁଚିଲାଣି
ଲୁଚିଲେଣି ତାରାରାଜି
ତପନ ଗୋ ତୁମେ କେଉଁଠି ରହିଲ
ପଥହରା ହୋଇ ଆଜି ।''

ଜୀବନର ବାସ୍ତବତା କେତେକ କବିତାରେ ଉପସ୍ଥାପିତ । କବିଙ୍କ ଭାଷାରେ–

''ଏ ଜୀବନ ନୁହେଁ ଖାଲି
ହସି ଖେଳି କାଟିବା
ଏ ଜୀବନ ନୁହେଁ ମିଛ
ସପନରେ ମାତିବା ।''

ହାସ୍ୟରସର କବିତାରେ ହସର ମହତ୍ତ୍ୱ ଓ ମହକ ସମ୍ପର୍କରେ କବି ଶତମୁଖ । ହସ ହେଉଛି ବିଧାତାଙ୍କ ଅମୂଲ୍ୟ ଦାନ । ମଣିଷ ହସିଲେ ଭଗବାନ ହସନ୍ତି । ଆଶା ଏକ ସଦ୍‌ଗୁଣ । ଆଶା ହିଁ ନିରାଶାକୁ ଦୂର କରିପାରେ, ମନରେ ନୂଆ ପ୍ରେରଣା ଭରିଦିଏ, ପାଦରେ ଭରିଦିଏ ଚାଲିବାକୁ ଅମାପ ଶକ୍ତି । ହସର ଜୟଗାନ ପୂର୍ବକ କବି କହନ୍ତି,

''ମଣିଷ ହସିଲେ ଠାକୁର ହସନ୍ତି
ଫୁଲ ଫୁଟେ ଚଉଦିନ
ହସରେ ହସରେ ଜୀବନ ଚହଟେ
ଲିଭିଯାଏ ସବୁ ଦାଗ ।''

ପଲ୍ଲୀଗୀତରେ ପଲ୍ଲୀପ୍ରକୃତିର ଚାରୁଚିତ୍ର ପ୍ରକଟିତ । କବିଙ୍କ ଭାଷାରେ–

''ସବୁଜ ଘାସର ପଣତ ଉଡ଼ାଇ
ମେଘର ଓଢ଼ଣୀ ଟାଣି
ଆଷାଢ଼ ମାସର ଓଦା ସବାରୀରେ
ଆସୁଛି ବରଷା ରାଣୀ ।''

କବିଙ୍କ ରଚିତ ଗୀତିକବିତାଗୁଡ଼ିକ ପାଠକୀୟ ଆଦୃତି ଲାଭ କରିଛି ।

## ଖଗେନ୍ଦ୍ର ନାଥ ମଲ୍ଲିକ –

କବିଙ୍କର ଗୀତି କବିତାରେ ସ୍ୱପ୍ନର ରଙ୍ଗ, ସବୁଜିମାର ସମ୍ଭାର ପରିଦୃଷ୍ଟ ହୁଏ । ନିଜକୁ ହଜାଇ ପୁଣି ଖୋଜିବାରେ ଯେଉଁ ଉନ୍ମାଦନା ଥାଏ ତାହା ଅନ୍ୟ କବିଙ୍କ ପରି

ତାଙ୍କର ମଧ୍ୟ ରଚନାରେ ସୁଲଭ । ଭକ୍ତିମତ୍ତା, ଦେଶପ୍ରାଣତା ଓ ବ୍ୟକ୍ତିମୁଖୀନ ପ୍ରୀତିପ୍ରବଣତାରେ ତାଙ୍କ ଗୀତିକବିତା ରାଜ୍ୟ ସମୃଦ୍ଧ । ସାଉଣ୍ଟା ସ୍ମୃତି ଉପବନର ମାଳିଟିଏ ସାଜି ସିଏ ଅଶେଷ ଆନନ୍ଦର ଅଧିକାରୀ । ଏ ଦୁନିଆଁର ରଙ୍ଗମଞ୍ଚରେ ପ୍ରତ୍ୟେକ ଅଭିନେତା ଅପୂର୍ଣ୍ଣ ଏବଂ ଆଧ୍ୟାତ୍ମିକତାର ସାହଚର୍ଯ୍ୟରେ ଏହି ଅପୂର୍ଣ୍ଣତା ରୂପାନ୍ତରିତ ହେବ ପୂର୍ଣ୍ଣତାରେ ବୋଲି କବିଙ୍କର ବିଶ୍ୱାସ ରହିଛି । ସଂସାର ହେଉଛି ସପନର ବାଲିଘର, ଯାହା ବାସ୍ତବତାର ଜୁଆର ବାଜି ଭାଙ୍ଗି ରୁଜିଯାଏ । ସେହି ଉଜୁଡ଼ା ସଂସାରକୁ ସଜାଡ଼ି ଦେବା ଦିଗରେ ଆଧ୍ୟାତ୍ମିକତାର ଅବଦାନ ଅଶେଷ ବୋଲି କବି ବିଚାର କରିଛନ୍ତି ।

ବହୁଧର୍ମ ଓ ବହୁ ଚଳଣିରେ ଖଣ୍ଡିତ ହେଲାପରି ଜଣାପଡୁଥିଲେ ହେଁ ଭାରତୀୟତା ଏକ ଅଖଣ୍ଡ ପ୍ରବାହ । ବହୁ ବୃକ୍ଷଲତାରେ ନିର୍ମିତ ଏକ ସୁରମ୍ୟ ଉଦ୍ୟାନ ଏଇ ଦେଶ ଯାହାର ଅନ୍ତର୍ନିହିତ ସୌରଭ ସୂକ୍ଷ୍ମତଃ ଅନୁଭବ୍ୟ । ଭାରତ ଲକ୍ଷ୍ମୀ ଏକାଧାରାରେ ଜ୍ୟୋତିର୍ମୟୀ ଓ ବିଜ୍ଞାନମୟୀ । ସାଗର ଲହରୀ ତାଙ୍କର ବନ୍ଦନା ଗାଏ । ବିହଙ୍ଗଗାନରେ ତାଙ୍କ ମହିମାର ବୀଣା ବାଜେ । ଅରୁଣ କିରଣରେ ମମତାର ଫଗୁ ବିଞ୍ଚି ହୋଇଯାଏ ଏବଂ ଧୀର ପବନରେ ତାଙ୍କ ପାଇଁ ଆଲଟ ପଡ଼େ । କାଳେ କାଳେ ଦିବ୍ୟତ୍ୱର ଭିତ୍ତିରୂପେ ମାନବିକତା ଏଠାରେ ଅଭିବ୍ୟକ୍ତ ହୋଇଛି । ଦେବତାର ଅବତରଣ ପାଇଁ ନିର୍ବାଚିତ ଭୂମି ରୂପେ ପରିଚିତ ଓ ପ୍ରତିଷ୍ଠିତ ଏଇ ଦେଶର ଗୌରବ ଅବର୍ଣ୍ଣନୀୟ । କବି ଖଗେନ୍ଦ୍ର ମଲ୍ଲିକଙ୍କ ଭାଷାରେ – ''ପୁଣ୍ୟ ସେ ମାଟି ଚିର ମନୋହର ଦେବତାର ଗଳାହାର'', ପୁଣି ''ଧୂଳିକଣା ଯା'ର ଅମୃତ ସମାନ ଦେବତାର ପାଦ ପରଶରେ'' । ଆଭୂମ ପ୍ରଣାମ ଜଣାଇ କବି ହିମାଳୟକୁ ପରମଗୁରୁ ଶିବ ସନାତନ ନାମରେ ନାମିତ କରିଛନ୍ତି । ଆମ ଜାତୀୟ ପତାକା ଆମ ଗର୍ବ ଓ ଗୌରବର ସ୍ମାରକୀ ହୋଇ ରହିଛି । ଏହି ପତାକା ସ୍ୱଚ୍ଛନ୍ଦରେ ଆକାଶରେ ଉଡ଼ିବ ବୋଲି କେତେ ନରନାରୀ ସ୍ୱାଧୀନତା ସଂଗ୍ରାମରେ ଯୋଗଦେଇ ହସି ହସି ଜୀବନ ଦେଇଛନ୍ତି, ତାହାର ହିସାବ ନାହିଁ । ତ୍ରିରଙ୍ଗା ଯେ କେବଳ ତିନିରଙ୍ଗର ସମାହାରରେ ବାହ୍ୟତଃ ଗଠିତ ହୋଇଛି ତାହା ନୁହେଁ, ଏହା କେତେକ ମାନବିକ ସଦ୍‌ଗୁଣର ପ୍ରତିନିଧିତ୍ୱ କରୁଛି । କବିଙ୍କ ଭାଷାରେ –

**''କେଶରୀ – ସାହସ ତ୍ୟାଗ**
**ଧଳା – ସତ୍ୟ ଶାନ୍ତିର**
**ସବୁଜ – ବିଶ୍ୱାସ ଶୌର୍ଯ୍ୟ**
**ଚକ୍ର –ମୈତ୍ରୀ ଗୁଣର''**

ଏହି ଭୂମି ରାମ, କୃଷ୍ଣ, ସୀତା, ସାବିତ୍ରୀ ଓ ବାପୁଜୀଙ୍କର ପାଦଧୂଳିରେ ଅଧିକ ପବିତ୍ର ହୋଇଛି । ଶିବାଜୀଙ୍କର ଅସୀମ ଦେଶପ୍ରେମ, ଲକ୍ଷ୍ମୀବାଈଙ୍କର ଅସାଧାରଣ ବୀରତ୍ୱ, ନେତାଜୀଙ୍କର ତେଜଦୀପ୍ତଭାବ, ବିବେକାନନ୍ଦଙ୍କର ବିବେକ ବୈରାଗ୍ୟ ସବୁ ମିଶି ଏଇ

ଦେଶର ଗଗନ ପବନ ଅଧିକରୁ ଅଧିକ ଗୌରବଦୀପ୍ତ ହୋଇଛି । ଓଡ଼ିଶା ମାଟିର ବୀର ସନ୍ତାନ ବିର୍‌ସା ମୁଣ୍ଡା, ସୁରେନ୍ଦ୍ର ସାଏ, ଲକ୍ଷ୍ମଣ ନାୟକ, ବକ୍ସି ଜଗବନ୍ଧୁ, ତାପଙ୍ଗ ଦଳବେହେରା, ଜଗୁ ଦେବାନ୍, ମଧୁସୂଦନ ଓ ଗୋପବନ୍ଧୁଙ୍କ ପ୍ରଶସ୍ତି ଗାନରେ କବି ଶତମୁଖ ହୋଇଛନ୍ତି । ଓଡ଼ିଆ ଭାଷାସାହିତ୍ୟର ସାର୍ଥକ ସ୍ରଷ୍ଟା ସାରଳା ଦାସ, ଉପେନ୍ଦ୍ର ଭଞ୍ଜ, ଦୀନକୃଷ୍ଣ ଦାସ, ଅଭିମନ୍ୟୁ ସାମନ୍ତସିଂହାର, କବିସୂର୍ଯ୍ୟ ବଳଦେବ, କବିବର ରାଧାନାଥ ଓ କବିଚନ୍ଦ୍ର କାଳିଚରଣଙ୍କ ସ୍ମୃତି ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି କବି ଅର୍ପଣ କରିଛନ୍ତି ।

ପ୍ରୀତି ପ୍ରବଣତାର ମୁଖ୍ୟସ୍ୱରରେ କବିଙ୍କର କେତେ ଗୀତ ମୁଖରିତ ହୋଇଛି । କାବ୍ୟନାୟକ ଏହି ଗୀତଗୁଡ଼ିକରେ କେତେବେଳେ ସମୟର ସାଗର ବେଳାରେ ଆତ୍ମଅନ୍ୱେଷଣରତ, ଆଉ କେତେବେଳେ ଜୋଛନାରେ ଭିଜି ଭିଜି ପ୍ରୀତିପୁଲକିତ, ପୁଣି କେତେବେଳେ ଅକୁହା ବେଦନାରେ ଜର୍ଜରିତ । କବିଙ୍କ ଭାଷାରେ – ''ସମୟର ସାଗର ବେଳାରେ/ ଖୋଜେ ଯେବେ ତୁମ ପାଦ ଚିହ୍ନ'', ଆଉ ''ପୁଲକି ଉଠେ ତନୁ ଭିଜେ ମୋ ଜୋଛନାରେ'',ପୁଣି ''ଫୁଲେ ଫୁଲେ ଲାଗିଯାଏ ନିଆଁ/ଅନ୍ଧାରେ ନାହିଁ କେହି ସାହା'' ଇତ୍ୟାଦି ।

## ଗୁରୁକୃଷ୍ଣ ଗୋସ୍ୱାମୀ –

ସ୍ୱାଭିମାନର ଓଜନରେ ଅସମ୍ଭାଳ, ଢଳଢଳ ଶିଶିର ବିନ୍ଦୁରେ ପ୍ରତିଫଳିତ ଆନନ୍ଦର ରଶ୍ମି ସିଏ, ଗୁରୁକୃଷ୍ଣ ଗୋସ୍ୱାମୀ । ଛନ୍ଦରେ ଆତ୍ମହରା ସେ ଏକ ଲିପିଶିଳ୍ପୀ ଯାହାଙ୍କର ଲେଖନୀରେ କଲ୍ୟାଣକାମୀ ବିଶ୍ୱଜୀବନର ରେଖା ଶବ୍ଦାୟିତ ହୋଇଛି । ତାଙ୍କର ଗୀତିକବିତା ପୁସ୍ତକ ମଧ୍ୟରେ 'ଏ ମନ ଚୋରା ପଥେ' 'ସମୁଦୁଣୀ' ମୋର ଜୁହାର ଜାଣିବ', 'ଅବନୀଗନ୍ଧା' ଓ 'ନମାମି ଜନ୍ମଭୂମି' ପ୍ରଭୃତି ଅନ୍ତର୍ଭୁକ୍ତ ।

ଆଧୁନିକ ଜନଜୀବନର ସୂକ୍ଷ୍ମ ଅନୁଶୀଳନ କବିକୃତିରେ ପ୍ରକଟିତ ହୋଇଛି । ଜୀବନରେ ନିଃସଙ୍ଗତାର ଉପଲବ୍ଧି, ସ୍ୱପ୍ନଭଙ୍ଗ, ଅସହାୟତା, ହତାଶାବୋଧ ଓ ଈଶ୍ୱରଙ୍କ ପ୍ରତି ଅଭିଯୋଗ ତାଙ୍କ ଲେଖାରେ ଯେପରି ସୁଲଭ, ପ୍ରୀତି ପ୍ରବଣତାର ମଳୟବିଳାସ ମଧ୍ୟ ସେପରି ସୁଲଭ । ତାଙ୍କ ଗୀତିପସରାରେ ଥିବା କେତେକ ଗୀତରେ ଉଦାସ ଗୋଧୂଳିର କ୍ଳାନ୍ତକିରଣ ପ୍ରତିଫଳିତ ହେଲାବେଳେ ଆଉ କେତେକ ଗୀତିରେ ଉଷାଲୋକର ସଂଚରଣ ସଂଗଠିତ ହୋଇଛି । ଏଇ ଯେପରି –

**''ଅନ୍ତରେ କାନ୍ଦେ ମୁଁ ବାହାରେ ହସେ**
**ଏଇ ମୋର ପରିଚିୟ**
**ମରିସାରିଛି ମୁଁ ତେବେ ବି କରୁଛି**
**ବଞ୍ଚିବା ଅଭିନୟ ।''**

ଅନ୍ୟ ଏକ ରଚନା ଏହିପରି –

**''ଏ ମନ ତୁମ ପୂଜାରିଣୀ, ଏ ଦେହ ପୂଜାଫୁଲ**
**ଏଇ ଜୀବନ ଦେଉଳେ ତୁମେ, ତୁମେ ଦେବତା ମୋର**

ମଣିଷ ମନର ଦନ୍ତୁରିତ ଗୁମ୍ଫାରେ ଆଲୋକପାତ କରି ସେ ଦେଖିଛନ୍ତି ହିଂସା, ଈର୍ଷ୍ୟା, କ୍ରୋଧ, ଭୟ, ବିରକ୍ତି ଓ ଅକୃତଜ୍ଞତା ସମେତ କେତେ କେତେ ବିଷାକ୍ତ କୀଟଙ୍କୁ । ଏମାନଙ୍କର ଦଂଶନରେ ଜୀବନ ଯେତେବେଳେ ବ୍ୟଥା ଜର୍ଜରିତ ହୁଏ, ସେତେବେଳେ ପଦେ କଥା କହି ସେହି ବ୍ୟଥାକୁ ଉପଶମ କରିବା ପାଇଁ ଏଠାରେ ମଣିଷର ଘୋର ଅଭାବ ଥାଏ ।

ମଣିଷକୁ ଇଚ୍ଛା ଯେଉଁ ଭଗବାନ ଦେଇଛନ୍ତି, ସେହି ଭଗବାନ ସେହି ଇଚ୍ଛାକୁ ପୂରଣ କରୁନାହାଁନ୍ତି କାହିଁକି ବୋଲି କବି ଭଗବାନଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଭାଗ୍ୟ ଯଦି ଭଗବାନଙ୍କର ରଚନା ତେବେ ଭାଗ୍ୟ ପରିବର୍ତ୍ତନ ପାଇଁ ଆଉ କାହାକୁ କହିବାରେ ଲାଭ ବା କ'ଣ ଅଛି, ଏ ସମ୍ପର୍କରେ ତାଙ୍କ ମନରେ ପ୍ରଶ୍ନବାଚୀ ଉଠୁଛି । କବିଙ୍କ ଭାଷାରେ–

**''ଭାଗ୍ୟବୋଲି ଦେଇଛ ଯାହା ମାଲିକ ତୁମେ ତାର**
**ମଣିଷ ତେବେ କେଉଁ ଧନକୁ ମଣିବ ଆପଣାର''**

(ଏଇମନ ଚୋରାପଥେ)

ତେବେ ଭାଗ୍ୟ ଓ ଭଗବାନ ଏକା କଥାକି ନୁହେଁ, ଭାଗ୍ୟର ମାଲିକ ଭଗବାନ କି ନିଜର ସଞ୍ଚିତ ତଥା ପ୍ରାରବ୍ଧ କର୍ମ, ତାହା ସ୍ୱତନ୍ତ୍ର ଆଲୋଚନାର ବିଷୟ ବୋଲି ମୋର ମତ ।

ପ୍ରେମର ନୂଆ ନାଁ କବି ଦେଇଛନ୍ତି ଓ କହିଛନ୍ତି ଯେ ତାହା ହେଉଛି ଅବନୀଗନ୍ଧା ଯାହା ଦେଶ, ଭାଷା, ଜାତିର ବାଧାବଂଧନ ନମାନି ସମଗ୍ର ଅବନୀକୁ ମହକାଇ ଦିଏ ।

**''ଅବନୀଗନ୍ଧା ଫୁଟେ ଅବନୀ ଉଛୁଳି ଯାଏ**
**ଅବନୀଗନ୍ଧା ପ୍ରେମର ନୂଆ ନାଁ ।''** (ଅବନୀଗନ୍ଧା)

ପ୍ରେମର ସ୍ୱରୂପ ସମ୍ପର୍କରେ ତାଙ୍କର ମତାମତ ସୁଚିନ୍ତିତ ଓ ଶୃଙ୍ଖଳିତ । ଆଜିକାଲି ପ୍ରେମର ଅର୍ଥ ହେଉଛି ଅନ୍ୟକୁ ଆୟତ୍ତ କରିବା । ମାତ୍ର ପ୍ରକୃତରେ ଏହା ତାହାର ଉଚିତ୍ ଅର୍ଥ ନୁହେଁ । ଶ୍ରୀମାଙ୍କ କଥାରେ Love is not to possess but to give oneself. ଦେବାରେ ପ୍ରେମର ପୂର୍ଣ୍ଣତା, ନେବାରେ ନୁହେଁ । ସହିବାରେ ପ୍ରେମର ପରାକାଷ୍ଠା, ଦହିବାରେ ନୁହେଁ ।

ସାମ୍ପ୍ରତିକ ପ୍ରେମ ପ୍ରସଙ୍ଗ ଉପରେ ଟିପ୍ପଣୀ ଦେଇ କବି କହନ୍ତି –

**''ପ୍ରେମର ମାନେ ରାହୁ ଗ୍ରାସ, ବିରହମାନେ ଜୁଆର ଭଟ୍ଟା**
**ପ୍ରେମିକମାନେ ସଉକି ଅନ୍ଧ, ପ୍ରେମିକାମାନେ ନିର୍ମୂଳୀ ଲଟା''**

ଦେଶ ପ୍ରେମର ଚନ୍ଦନ ଗନ୍ଧରେ ଆତ୍ମବିଭୋର ହୋଇ କବି କେତେକ ଗୀତିକବିତା ରଚନା କରିଛନ୍ତି । ଭାରତର ଜୟଗାନ ଓ ଯଶଗାନରେ ସେ ଶତମୁଖ ହୋଇଛନ୍ତି । ପ୍ରକୃତରେ ବିଶ୍ୱ ଦରବାରରେ ସାଂସ୍କୃତିକ ମୂଲ୍ୟବୋଧ ଦୃଷ୍ଟିରୁ ଭାରତର ସ୍ଥାନ ସ୍ୱତନ୍ତ୍ର । ସ୍ୱାମୀ ବିବେକାନନ୍ଦଙ୍କ ମତରେ ଭାରତ ଏକ ଭାଷାର ଅଳଙ୍କାର ନୁହେଁ, ଏକ ଜାଗ୍ରତ ଶକ୍ତି । ଶ୍ରୀଅରବିନ୍ଦଙ୍କ ମତରେ ଭାରତ ଏକ ଭୂଖଣ୍ଡ ମାତ୍ର ନୁହେଁ, ଏକ ଜୀବନ୍ତ ଦେବୀ । ବିଶ୍ୱକବି ରବୀନ୍ଦ୍ରନାଥଙ୍କ ମତରେ ମହାସାଗରର ଗଭୀରତା ଓ ପରିବ୍ୟାପ୍ତିର ପ୍ରତୀକ ହିଁ ଭାରତବର୍ଷ । ଏଇ ଭାରତର ପ୍ରଶସ୍ତିଗାନ ପୂର୍ବକ ଭାରତକୁ ଏକ ଫୁଲ ସହିତ ତୁଳନା କରି କବି କହିଛନ୍ତି –

**''ଈଶ୍ୱର ହେଲା ମାଳୀର ନାଁ**
**ବିଶ୍ୱ ହେଲା ତା ବଗିଚା ନାଁ**
**ସେଇ ବଗିଚାର ସୁନ୍ଦର ଫୁଲ**
**ଭାରତ ହେଲା ସେ ଫୁଲ ନାଁ ।''** (ନମାମି ଜନ୍ମଭୂମି)

ଏତଦ୍‌ବ୍ୟତୀତ ବିଭୁଭକ୍ତିମୂଳକ କବିତା ଓ ପଲ୍ଲୀଗୀତିର ସ୍ରଷ୍ଟା ଭାବରେ କବିଙ୍କର ପ୍ରତିଷ୍ଠା ରହିଛି । ତେବେ ଏହା ସ୍ୱୀକାର୍ଯ୍ୟ ଯେ ଆଧୁନିକ ଗୀତିକବିତା କ୍ଷେତ୍ରରେ ଶ୍ରୀଯୁକ୍ତ ଗୋସ୍ୱାମୀ ଜଣେ ସୁପରିଚିତ ଲୋକପ୍ରିୟ ସ୍ରଷ୍ଟା ।

## ଗୌର ପଟ୍ଟନାୟକ –

ତାଙ୍କର 'ଶୂନ୍ୟବ୍ରହ୍ମ ଭଜନ', 'ଗୀତିକା' ଏବଂ 'ଠିକଣା ନଥିବା ଚିଠି' ପ୍ରଭୃତି ଗୀତିକବିତା ସଂକଳନ ଗୁଡ଼ିକ ବେଶ୍ ଲୋକପ୍ରିୟ । ଜୀବନକୁ ଭିନ୍ନ ଭିନ୍ନ ଦିଗରୁ ସେ ଯେପରି ଦେଖିଛନ୍ତି, ସେହି ଦୃଶ୍ୟକୁ ଶବ୍ଦ ମାଧ୍ୟମରେ ଏଇ ଗୀତି ସମ୍ଭାରରେ ସ୍ଥାନ ଦେଇଛନ୍ତି । ଭକ୍ତିମତ୍ତା, ପ୍ରୀତିଭାବନା ଓ ଦେଶାତ୍ମବୋଧର ଔଜଲ୍ୟ ତାଙ୍କ ଗୀତି ମାନସିକତାର ମୂଳକଥା ।

ଶ୍ରୀଜଗନ୍ନାଥଙ୍କ ପ୍ରତି ଭକ୍ତିଭାବ ଆତ୍ମ ରୂପାୟିତ ହୋଇଛି ତାଙ୍କର କେତେକ ଭଜନରେ । ପରମପ୍ରଭୁଙ୍କ ନିକଟରେ ଆତ୍ମନିବେଦନ ଓ ଆତ୍ମସମର୍ପଣ ହିଁ ଭକ୍ତିର ସାରକଥା ବୋଲି କବି ଯାହା ଉଲ୍ଲେଖ କରିଛନ୍ତି, ତାହା ବାସ୍ତବରେ ପ୍ରଣିଧାନଯୋଗ୍ୟ । ଭକ୍ତିଗୀତିରେ ଭକ୍ତ ଦାସିଆ, ସାଲବେଗ ଓ ବନ୍ଧୁମହାନ୍ତି ପ୍ରଭୃତି ଭକ୍ତଙ୍କର ମହତ୍ତ୍ୱ

ଉପସ୍ଥାପିତ ହୋଇଛି । ମା' ଦୁର୍ଗାଙ୍କର ପଦବନ୍ଦନାରେ କବିଙ୍କର ଆତ୍ମବିହ୍ୱଳତା ଅନନ୍ୟ । ତାଙ୍କ ଭାଷାରେ –

**''କହ କହ ମାଆ କି ଦେଇ ପୂଜିବି**
**ଲୁହ ଛଡ଼ା କିଛି ନାହିଁ ତ ମୋର**
**ଅତି ଯତନରେ ଧୋଇ ଦେବି ମାଆ**
**ମୋ ଆଖି ଲୁହରେ ଚରଣ ତୋର ।''**

କବିଙ୍କର କେତେକ ସୃଷ୍ଟିରେ ଦେଶାତ୍ମବୋଧର ଚିତ୍ରସୁଲଭ । 'ଭା' ଅର୍ଥାତ୍ ଦୀପ୍ତି ଓ 'ରତ' ଅର୍ଥାତ୍ ଯୁକ୍ତ । ଅତଏବ ଭାରତ ଅର୍ଥ ହେଉଛି ଦୀପ୍ତିଯୁକ୍ତ ଭୂଖଣ୍ଡ । ଏହି ଭୂଖଣ୍ଡର ମହନୀୟତା ଅକଳ୍ପନୀୟ । ଏ ମାଟିକୁ ଆଭୂମ ପ୍ରଣାମ ଜଣାଇ କବି ଶ୍ରୀଯୁକ୍ତ ପଟ୍ଟନାୟକ କହିଛନ୍ତି –

**''ସରଗ ଠାରୁ ବି ସୁନ୍ଦର ଆମର ଭାରତ**
**ଦେଶର ସେବାରେ ଢାଳି ଦେବୁ ଆମ ରକତ''**

ପ୍ରେମର କେତେକ କବିତା ସେ ରଚନା କରିଛନ୍ତି । ଯହିଁରେ ରହିଛି ହତାଶାର ଗୈରିକତା, ଅପ୍ରାପ୍ତିର ଅବସୋସ ସର୍ବୋପରି ପାଇ ନପାଇବାର ଅଜଣା ଅତୃପ୍ତି । କବିଙ୍କ ଭାଷାରେ –

**''ଝରଣା ପରି ମୋ ଲୁହ ବୋହୁଛି, ସବୁ ମୋ ସପନ ଧୋଇ ଦେଇଛି**
**କଳଙ୍କର ବୋଝ ବୋହି ଚାଲିଛି, ଝରାଫୁଲ ପରି ଝରି ଯାଇଛି**
**ଭାଗ ଶେଷ ପରି ବଳି ପଡ଼ିଛି, ମୋ ଜୀବନ ଅଶାନ୍ତିରେ ଭରିଛି''**
**(ଠିକଣା ନଥିବା ଚିଠି)**

କବି ପ୍ରେମର ସଂଜ୍ଞା ନିର୍ଣ୍ଣୟ କରିବାକୁ ଯାଇ କହିଛନ୍ତି ଯେ, ଶ୍ରାବଣ ଓ ଫଗୁଣର ମିଶ୍ର ଫଳ ହିଁ ପ୍ରେମ । ତେବେ ଏଥିରେ ମୁଖ୍ୟ ଉପାଦାନ ହେଉଛି ସମର୍ପଣ ଓ ଆତ୍ମନିବେଦନ । ଏଥିରେ ରହିଛି ଅପାର୍ଥିବ ସ୍ତରରୁ ଅବତରିତ ଏକ ଅନୁପମ ଭାବଲାବଣ୍ୟ ।

**''ପ୍ରେମର ଅନ୍ୟ ନାମ କିଛି ତ୍ୟାଗ କିଛି ନିବେଦନ**
**ପ୍ରେମର ଅନ୍ୟ ନାମ ରୁଷା ଆଉ ଅଭିମାନ**
**ପ୍ରେମର ଅନ୍ୟନାମ ଦିଆ ନିଆ ଆଉ ସମର୍ପଣ''** (ଗୀତିକା)

କବିଙ୍କ ରଚନା ସମ୍ଭାରରେ ପଲ୍ଲୀଗୀତିକା ମଧ୍ୟ ଦେଖିବାକୁ ମିଳେ । ପଲ୍ଲୀର ସଞ୍ଜ ସକାଳ ଓ ପର୍ବପର୍ବାଣୀର ରୂପାୟନ ଏଥିରେ ସଂଗଠିତ । ପଲ୍ଲୀ ପରିବେଶକୁ

ଅମର୍ତ୍ତ୍ୟରୁ ଦୋଳାୟିତ ଲୀଳାସୁଷମା ଅବତରି ଆସିଛି ବୋଲି କବି କହିଛନ୍ତି । ଆଧୁନିକ ସଭ୍ୟତାର ଅନ୍ଧାରିତ ଦିଗ ପ୍ରତି ସଚେତନତା ସେ ପ୍ରକଟ କରିଛନ୍ତି । ଆଧୁନିକ ସମୟର ବୋହୂଟିର ଚାଲି ଚଳଣିରେ ସଣ୍ଢଣା ନାହିଁ । ତେଣୁ ତାର ଶାଶୁଙ୍କ ମନରେ ଦାରୁଣ ଆଘାତ ଲାଗିଛି । କବିଙ୍କ ଭାଷାରେ –

**''ଦେହେ ମୁଣ୍ଡେ ଲୁଗା ମୋଟେ ନାହିଁ ଫୁଙ୍ଗୁଳା ହାତ**
**ରନ୍ଧା ଜାଣେ ନାହିଁ ଆସେ ତାକୁ ଖାଲି ସିନେମା ଗୀତ''** (ଗୀତିକା)

## ଗୌରହରି ଦଳାଇ–

କବିଙ୍କର ବହୁକବିତାରେ ପ୍ରୀତି ପ୍ରବଣତା, ସ୍ମୃତିମୟତା ସ୍ୱପ୍ନ ମାଦକତା ଓ ପ୍ରକୃତି– ପ୍ରାଣତା ଚିତ୍ରାୟିତ ହୋଇଛି । ସ୍ମୃତି ତାଙ୍କ ପାଇଁ କେତେବେଳେ ଝଞ୍ଜାର ରୁଦ୍ରରୂପ ତୋଳିଛି ତ ଆଉ କେତେବେଳେ ଝରାଫୁଲର ପାଖୁଡ଼ା ହୋଇ ବିଞ୍ଛିହୋଇ ପଡ଼ିଛି ମନ ଉପବନରେ । ଭବିଷ୍ୟତର ଅନିଶ୍ଚିତତା ତାଙ୍କ ମନରେ ଆଣିଛି ଅନେକ ପ୍ରଶ୍ନବାଚୀ, ଅତୀତ ଆମୁଖତା ଭରି ଦେଇଛି ଅସୀମ ଅଶ୍ୱସ୍ତିବୋଧ, ଅତୀତରେ ଯେଉଁ ପ୍ରେମଶୀଳାର ହୃଦୟ ଥିଲା ବସନ୍ତ ମଳୟ ପରି କମନୀୟ ଓ ନବ କିଶଳୟ ପରି ନମନୀୟ, ସେ ଆଜି ଭଗ୍ନଶିଳାରେ ପରିଣତ ହୋଇଛି । ଯାହାର ସ୍ପର୍ଶରେ ଚନ୍ଦନର ବାସ ମୂର୍ତ୍ତିମନ୍ତ ହେଉଥିଲା, ସେ ସ୍ପର୍ଶ ଆଜି ଅପଦେବତାର ଅଭିଶାପରେ ପରିଣତ ହୋଇଛି । କବିଙ୍କ ଭାଷାରେ –

**''ଅଳସ ପାଦରେ ଚାଲିଗଲେ ସିଏ**
**ପଦ୍ମ ଫୁଟେନା ଆଉ**
**ଅସଜଡ଼ା ତାର କବରୀ ବାସେନା**
**ଏତେ ଫୁଲ ଥାଉ ଥାଉ''**

କବିଙ୍କ ପ୍ରାଣଭୂମି ହୋଇଯାଇଛି ଲୁହର ଶ୍ରାବଣରେ କର୍ଦ୍ଦମାକ୍ତ, ବିଜୁଳି ଝଲକରେ ଓ ଘଡ଼ିଘଡ଼ିର ବଜ୍ରନାଦରେ ଭୀତତ୍ରସ୍ତ । କବିଙ୍କ ଶବ୍ଦ ଯୋଜନାରେ ଦକ୍ଷତା ଲକ୍ଷ୍ୟଣୀୟ । ନୂଆ ଛନ୍ଦର ପ୍ରୟୋଗରେ ତାଙ୍କର ଆଗ୍ରହ ଓ ଆନ୍ତରିକତା ଅଭିନନ୍ଦନୀୟ ।

ପ୍ରୀତିପ୍ରବଣତା ପ୍ରବୀଣତ୍ୱର ପରିଣାମ କି ନୁହେଁ ତାହା ଭିନ୍ନ କଥା । ମାତ୍ର ଏହା ଯେ ପ୍ରେରଣାର ଅନ୍ୟ ଏକ ନାମ ଏଥିରେ ଭିନ୍ନ ମତ ନାହିଁ । ଶ୍ରାବଣ ଓ ଫଗୁଣର ଗ.ସା.ଗୁ ଏହି ପ୍ରବଣତାର ସ୍ଥାନ, କାଳ, ପାତ୍ର ପାଇ ନପାରେ ମାତ୍ର ଏଥିରେ ଥାଏ ଅସୀମ ଦୀପ୍ତି ଓ ଅଶେଷ କାନ୍ତି ତଥା କମକଟା ହୀରାରେ ପ୍ରତିଫଳିତ ଝଲମଲ ଜ୍ୟୋତି । ଏହି ଜ୍ୟୋତିକୁ ଦେଖିବାକୁ ଆଖି ଲୋଡ଼ା ଯାହା କବି ପାଖରେ ଥାଏ । କବି

ଦଳାଇଙ୍କର ଗୀତିଗୁଚ୍ଛ 'ଗୌରଚନ୍ଦ୍ରିକା' ଏପରି ଦୃଷ୍ଟିଶକ୍ତିର ସୃଷ୍ଟିଶୀଳ ରୂପରେଖ । ସ୍ମୃତି, ସ୍ୱପ୍ନ, ଫୁଲ, ଲୁହ, ମଳୟ, ମହକ, ଇନ୍ଦ୍ରଧନୁ, ଅକୁହା ବାସନା, ସ୍ୱପ୍ନିଳ କାମନା, ସରଗ ଚାନ୍ଦ, ସାଗର ମୁକୁତା, ମମତା ବନ୍ଧନ, ଅଭିମାନୀ ମନ ଓ ବାଲିଘର ପରି ଶବ୍ଦମାଳା ଏହି ଅଭିବ୍ୟକ୍ତିର ଏକ ଏକ ସୁବାସିତ ପାଖୁଡ଼ା । କବିତାର ନାୟିକା ଶରୀରୀ ଯେତିକି ତା'ଠାରୁ ଅଧିକ ଅଶରୀରୀ । ବିଦେହୀ ହେଲେ ହେଁ ଦେହରେ ଶିହରଣ ସୃଷ୍ଟି କରିବାର ଦକ୍ଷତା ତା'ର ରହିଛି ବୋଲି କହିବାକୁ ଯାଇ ପୁସ୍ତକର ମୁଖବନ୍ଧରେ କବି କହିଛନ୍ତି – ''ଏସବୁ ଗୀତର ନାୟିକା ନିଶ୍ଚିତ ଭାବରେ ନୈର୍ବ୍ୟକ୍ତିକ । ସେ ସେଇ ପ୍ରିୟା, ସେଇ ପ୍ରଣୟିନୀ – ରକ୍ତମାଂସର ଶରୀରିଣୀ ଅପେକ୍ଷା ଯିଏ ଅଧିକ ମାତ୍ରାରେ ଉପଲବ୍ଧ ଏକ ରହସ୍ୟମୟ ସ୍ୱପ୍ନସୁନ୍ଦରୀ ରୂପେ ।''

ସ୍ମୃତିର ସ୍ପର୍ଶରେ ସୀମାହୀନ ସାମର୍ଥ୍ୟ ଥାଏ ଯାହା ମନକୁ ତତାଏ ଓ ମତାଏ । କେତେବେଳେ ଆତ୍ମହରା କରେ ତ ଆଉ କେତେବେଳେ ଉଦାସୀ କରେ । ସ୍ମୃତି ହୁଏ ମନ ପକ୍ଷର ଉଡ଼ନ୍ତା ଡେଣା, ପରିବ୍ୟାପ୍ତ ସାଗରର ଲହରୀସିକ୍ତ ବେଳାଭୂମି, ତଥା ଅତୀତ ଗାନର ଅଭୁଲା ଆଳାପ । କବିଙ୍କ ଭାଷାରେ –

**''ସ୍ମୃତି ତୁମେ ମୋ ମନର ଅକୁହା ଗୀତର କଥା**
**ତୁମେ ପୁଣି ଏ ଜୀବନେ ମୋ ପ୍ରୀତିର ଇତିକଥା**
**ତୁମେ ମୋର ସ୍ୱପ୍ନିଳ କାମନାର ଇନ୍ଦ୍ରଧନୁ**
**ସାଇତିଛି ଗୋପନେ ପାଶୋରି ପାରୁନି ମନୁ''**

ଏହା ଲକ୍ଷ୍ୟଣୀୟ ଯେ ସୂକ୍ଷ୍ମ ସୁଲଳିତ ମାନସିକ ଅନୁଭବର ଶାବ୍ଦିକ ଗୁଞ୍ଜରଣ ଶ୍ରୀଯୁକ୍ତ ଦଳାଇଙ୍କର ରଚନାରେ ରହିବା ସହିତ ଜଗତ ପ୍ରତି, ଜୀବନ ପ୍ରତି ସର୍ବୋପରି ନିଜ ପ୍ରତି ଯଥେଷ୍ଟ ସ୍ୱୀକାରୋକ୍ତି ରହିଛି ।

## ଗୀତା ଖୁଣ୍ଟିଆ –

'ମନର ମୁକ୍ତା' ପୁସ୍ତକରେ ଗୀତା ଖୁଣ୍ଟିଆଙ୍କର ୫୫ ଟି ଗୀତିକବିତା ସନ୍ନିବେଶିତ ହୋଇଛି । ଜୀବନରେ ଚଲାପଥର ଅଭିଜ୍ଞତା ଏଥିରୁ କେତେକ ରଚନାରେ ପ୍ରକଟିତ ହେଲାବେଳେ ଆଉ କେତୋଟି ରଚନାରେ ସାର୍ବଜନୀନ ଜାଗତିକ ଅନୁଭବ ଉପସ୍ଥାପିତ ହୋଇଛି । କବିଙ୍କର ବକ୍ତବ୍ୟ ଏହିକି ଯେ ଏପରି ଅନେକ ବ୍ୟକ୍ତି ଏହି ସଂସାରରେ ଅଛନ୍ତି ଯେଉଁମାନେ ଆକୃତିରେ ମଣିଷ ହେଲେ ହେଁ ପ୍ରକୃତିରେ ମଣିଷ ନୁହଁନ୍ତି । ସେମାନଙ୍କଠାରେ ମାନବିକତାର ସୁବାସ ନଥାଏ, ଥାଏ ହିଂସ୍ରତା, କ୍ରୋଧ, ଘୃଣା, ଛଳନା, ପ୍ରତାରଣା ସମେତ ବହୁ ଆସୁରିକ ଗୁଣ । ସେମାନେ ହୋଇଥାନ୍ତି ଅହମିକାର

ଏକ ଏକ ମୂର୍ତ୍ତିମନ୍ତ ପ୍ରତୀକ । କବିଙ୍କ ଭାଷାରେ –

**''ସେନେହ ମମତା ବୁଝେନାଯେ, ତାର**
**ମଣିଷ ପଣିଆ କାହିଁ**
**ଭୁଲ ଯେତେ ସିଏ କରୁ ପଛେ କେବେ**
**ଅନୁତାପ କରେ ନାହିଁ ।''**

ଏତଦ୍‌ବ୍ୟତୀତ କବିଙ୍କ ଲେଖନୀରେ ଆଶାବାଦର ଉଷାକିରଣ ଆତ୍ମପ୍ରକାଶ କରିଛି । ଆଶାର ଲବଙ୍ଗଲତା ମନତରୁକୁ ସୁଶ୍ରୀଶୋଭନ ସାଜରେ ସଜାଇ ଦେଇଛି । ତାଙ୍କର କାବ୍ୟମାନସ ବାସ୍ତବତା ଓ ଭାବପ୍ରବଣତା ମଧ୍ୟରେ ଏକ ସମୁଜ୍ଜ୍ୱଳ ସୁବର୍ଣ୍ଣସେତୁ, ଏହା ମୁକ୍ତ କଣ୍ଠରେ ସ୍ୱୀକାର୍ଯ୍ୟ ।

## ଗୋଲୋକ ବିହାରୀ ନାୟକ –

କବିଙ୍କ ରଚନାରେ ରୋମାଣ୍ଟିକ ଭାବ ବିଭୋରତା ରହିଛି । ପାରମ୍ପରିକଶୈଳୀରେ ରଚିତ ତାଙ୍କର କେତେ ଗୋଟି ଗୀତିକବିତାରେ କେଉଁଠି ନାୟକର ସ୍ମୃତିପଟରେ ଭାସି ଉଠୁଛି ନାୟିକାର ରୂପ ଶୋଭା ତ ପୁଣି କେଉଁଠି ନାୟିକାର ମନ ନେତ୍ରରେ ନାୟକର ଚିତ୍ର ପ୍ରକଟିତ ହେଉଛି । ଭାବ ପ୍ରବଣତାର ମୋହନ ମାଦକତାରେ ବେଳେବେଳେ ଭଙ୍ଗା ପଡ଼ିଯାଇଛି । ଆସିଛି ହତାଶାର ଘନଘୋର ବାସ୍ତବତା । ଆଶା ହୋଇ ଯାଇଛି ଆକାଶ କୁସୁମ । ସବୁ କିଛି ଓଲଟ ପାଲଟ ହୋଇଯାଇଛି । କବିଙ୍କ ଭାଷାରେ –

**'ଯେବେ ଲୋଡ଼େ ମୁଁ ଶୀତଳ ବାରିଧାରା**
**...ଶ୍ରାବଣ ବରଷେ ଅମ୍ଳଧାରା**
**ମନମଳୟ ପରଷେ ଝାଞ୍ଜିଖରା**
**ଆଖି ଉଦାସୀ ଅସରା ଅଶ୍ରୁଭରା ।'**

ଭକ୍ତିଭାବରେ ଗୀତିକବିତା ରଚନା କ୍ଷେତ୍ରରେ ମଧ୍ୟ ଶ୍ରୀ ନାୟକଙ୍କର ଆଗ୍ରହ ରହିଛି । ଶ୍ରୀଜଗନ୍ନାଥଙ୍କ ଦର୍ଶନରେ ଯେଉଁ ଆନନ୍ଦ ରହିଛି ତାହାର ତୁଳନା ନାହିଁ ବୋଲି ସେ କହିଛନ୍ତି । ଚିନ୍ତାମଣିଙ୍କର ନାମ ଚିନ୍ତି ଅବଶିଷ୍ଟ ଦିନ ବିତିଯାଉ ବୋଲି ଶ୍ରୀନାୟକ ଆଶା ପୋଷଣ କରିଛନ୍ତି । ତାଙ୍କ ଭାଷାରେ –

**'ଚିନ୍ତାମଣି ତୁମ ନାମ ଚିନ୍ତି**
**ବାକି ଦିନ ମୋର ଯାଉବିତି**
**ତୁମେ ଅଗତିର ଗତି ମୁକ୍ତି**
**ତୁମ ବିନୁ ନାହିଁ ଅନ୍ୟ ଗତି'**

ସରଳ ଶବ୍ଦ ଯୋଜନା ଲଳିତଭାବ ବିଭବର ସମନ୍ୱୟରେ ଶ୍ରୀନାୟକଙ୍କର ଗୀତିକବିତାଗୁଡ଼ିକ ସୁଖ ପାଠ୍ୟ ।

## ଜୀବନାନନ୍ଦ ପାଣି –

କବି ଜୀବନାନନ୍ଦ ପାଣି ଓଡ଼ିଆ ଗୀତି କବିତା ରାଜ୍ୟର ଏକ ପ୍ରଣମ୍ୟ ପ୍ରତିଭା । ଜନ୍ମ ତାଙ୍କର ହୋଇଥିଲା ମୟୂରଭଂଜ ଜିଲ୍ଲାର ପ୍ରତାପପୁର ଗ୍ରାମରେ ୧୯୩୩ ମସିହାରେ । 'ଜୀବନାନନ୍ଦ ସଞ୍ଚୟନ' ଓ 'ସେ ଗାଁର କିଆଫୁଲ' ପୁସ୍ତକ ଦ୍ୱୟରେ ତାଙ୍କ ଗୀତିକବିତା ଗୁଡ଼ିକ ସନ୍ନିବେଶିତ ହୋଇଛି । ତାଙ୍କର ଏହି ସୃଷ୍ଟି ସମ୍ଭାରରେ ଯେପରି ଚମକ ରହିଛି ସେପରି ମହକ ମଧ୍ୟ ରହିଛି । ଶବ୍ଦଗୁଡ଼ିକ ଶକ୍ତି ଓ ଲାବଣ୍ୟରେ ସତେ ଯେପରି ମଖା ହୋଇଛନ୍ତି । କବିଙ୍କର ଗୀତିସମ୍ଭାରକୁ ପର୍ଯ୍ୟାଲୋଚନା କଲେ ତହିଁରେ ଦୁଇଟି ବିଶିଷ୍ଟ ଦିଗନ୍ତ ଦୃଷ୍ଟିପଥାରୁଢ଼ ହୁଏ । ଗୋଟିଏ ହେଉଛି ପ୍ରଣୟ ଭାବନା ଓ ଅନ୍ୟଟି ପଲ୍ଲୀଭାବନା ।

ପ୍ରଣୟ ଭାବ ପ୍ରଧାନ ଗୀତିକବିତା ଗୁଡ଼ିକରେ ପ୍ରଣୟକୁ ମର୍ତ୍ତ୍ୟରେ ଅମର୍ତ୍ତ୍ୟର ଲଳିତ ରୂପାୟନ ବୋଲି ବିଚାର କରାଯାଇଛି । ଏଥି ସହିତ ପ୍ରଣୟର ଦାବ ଦହନକାରୀ ସ୍ୱରୂପଟି ମଧ୍ୟ କବିଙ୍କ ଲେଖନୀରେ ପ୍ରମୂର୍ତ୍ତ ହୋଇଛି । ସେତେବେଳେ ଜହ୍ନ ହୋଇଯାଇଛି ମଲାଜହ୍ନ, ନଈ ହୋଇଯାଇଛି ମଲାନଈ ଏବଂ ପତ୍ର ହୋଇଯାଇଛି ଝରାପତ୍ର । କବିଙ୍କ ଭାଷାରେ – **''ଏ ତ ନୁହେଁ ଗୀତ**

**ଝରା ପତରର ନିଛାଟିଆ ମନ୍ଦିର**
**ଶୁଖିଲା ନଦୀର ନୀରବ ଲହରୀ**
**ମଲା ଜହ୍ନ ସକାଳର''**

କବି ଶ୍ରୀଯୁକ୍ତ ପାଣି ସ୍ୱପ୍ନ ଓ ବାସ୍ତବତା ମଧ୍ୟରେ ଚେତନାର ସ୍ୱର୍ଣ୍ଣସେତୁଟିଏ, ସ୍ୱର୍ଗ ଓ ମର୍ତ୍ତ୍ୟ ମଧ୍ୟରେ ଅନୁପମ ଅନ୍ତରୀକ୍ଷଟିଏ । ସ୍ୱପ୍ନଭରା ଆଖିରେ ସେ ବାସ୍ତବତାର ଅଞ୍ଜନ ମାଖିଛନ୍ତି ଓ ବାସ୍ତବତାର ଭାବଭୂମିରେ ସ୍ୱପ୍ନର ଅଳସୀ ରେଖା ଆଙ୍କିଛନ୍ତି । ବିରହିଣୀ ନାୟିକାର ସ୍ମୃତିରୁ ସମ୍ଭାବନା ଯାଏ କେତେ କେତେ ପରିତଳ ସ୍ଥାନିତ ହୋଇଛି କବିକୃତ କେତେକ କବିତାରେ । ଏହିପରି ଏକ ସଂରଚନାରେ ଅଝଟ ଶିଶୁକୁ ଶୁଆଇଦେବା ଅବକାଶରେ ମାଆଟିଏ ଗାଇଛି –

**''କେତେ ଦିନ ହେଲା ଘରୁ ସେ ଗଲେଣି**
**ଦେଇନାହାଁନ୍ତି ଚିଟାଉ**
**ନଦିଅନ୍ତୁ ପଛେ ଥାଆନ୍ତୁ କୁଶଳେ**
**ଆହେ ପ୍ରଭୁ ମହାବାହୁ''**

ପୁନଶ୍ଚ ପଲ୍ଲୀଭାବନା ଭିତ୍ତିକ ରଚନା ଗୁଡ଼ିକରେ ମୁଖ୍ୟତଃ ପଲ୍ଲୀର ସାଂସ୍କୃତିକ ଚିତ୍ର ଉପସ୍ଥାପିତ ହୋଇଛି । ଚଢ଼େୟା ଓ ଚଢ଼େୟାଣୀ ଗୀତରେ ଅତି ମନୋଜ୍ଞ ଭାବରେ ନିଆଁ ଚାରିଜାତି ଓ ପାଣି ଚାରିଜାତିର ଅବତାରଣା ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ । ଚାରି ପ୍ରକାର ପାଣି ଭିତରେ କାଚକେନ୍ଦୁ ପାଣି, ମରୀଚିକା ପାଣି, ନାଲି ପାଣି ଓ କୁମ୍ଭୀର ଆଖିର ପାଣି ଅନ୍ତର୍ଭୁକ୍ତ । ଏଥି ମଧ୍ୟରୁ କୁମ୍ଭୀର ଆଖିର ପାଣି ଅତ୍ୟନ୍ତ ବିପଜ୍ଜନକ । କବିଙ୍କ ଭାଷାରେ –

**"ଅଭିଲା ପାଣି ସେ ଦରଦର ହୋଇ କୁମ୍ଭୀର ଆଖିରୁ ଝରେ**
**ସେ ଲୁହକୁ ଯଦି ପୋଛିବାକୁ ଯିବୁ ମରିବୁ ମଝି ନଈରେ"**

ଏହା ସ୍ପଷ୍ଟ ଲକ୍ଷ୍ୟଣୀୟ ଯେ କବି ଶ୍ରୀଯୁକ୍ତ ପାଣିଙ୍କ ଶବ୍ଦଯୋଜନା ଭିତରେ କୃତ୍ରିମତା ନାହିଁ । ପ୍ରତିଟି ଶବ୍ଦ ହୋଇଛି ଭାବାନୁକୂଳ ଓ ଜୀବନଧର୍ମୀ । ଆଜି କବି ଦେହରେ ନାହାଁନ୍ତି ସତ, ମାତ୍ର ଏକ ଅନୁଷ୍ଠାନରେ ପରିଣତ ହୋଇଛନ୍ତି ।

## ତପନ କୁମାର ପଟ୍ଟନାୟକ –

ଗୀତିକବିତା ରାଜ୍ୟରେ ତପନ କୁମାର ପଟ୍ଟନାୟକଙ୍କନାମ ଅତ୍ୟନ୍ତ ପ୍ରତିଷ୍ଠିତ । ଆଧୁନିକ ଗୀତିକବିତା ରଚନା କ୍ଷେତ୍ରରେ ତାଙ୍କର ସିଦ୍ଧହସ୍ତତା ଯେପରି ଅବିସମ୍ବାଦିତ ଭକ୍ତି–ଭାବନା–ଭିତ୍ତିକ ଗୀତିକବିତା ରଚନା କ୍ଷେତ୍ରରେ ତାଙ୍କର ପାରଦର୍ଶିତା ସେପରି ପ୍ରଶଂସନୀୟ । ତାଙ୍କର ଭକ୍ତିଗୀତିକା ଭିତରେ ଶ୍ରୀଜଗନ୍ନାଥଙ୍କ ପାଇଁ ନିବେଦିତ ବହୁ ସୃଷ୍ଟି ଅନ୍ତର୍ଭୁକ୍ତ । ସେଗୁଡ଼ିକର ଭାଷା ସରଳ, ଏବଂ ଭାବ ହୃଦୟସ୍ପର୍ଶୀ ।

ଭକ୍ତଟିଏ ଯାଇ ରତ୍ନସିଂହାସନରେ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିଛି । ସେତେବେଳେ ଭାବ ବିହ୍ୱଳ ହୋଇଯାଇଛି ଭକ୍ତ । ଆଖିରୁ ତା'ର ଝରିପଡ଼ିଛି ଧାରଧାର ଅଶ୍ରୁ । ସେ ଫେରିପାରୁନି, ପାଦ ଯେମିତି ସ୍ଥିର ହୋଇଯାଇଛି । ଆଖି ତା'ର ଲାଖି ଯାଇଛି ଶ୍ରୀଜଗନ୍ନାଥଙ୍କ ଚକାନୟନରେ । ଭକ୍ତ ପାଇଁ ପ୍ରଭୁ ହୋଇଛନ୍ତି ଅନ୍ଧର ଲଉଡ଼ି, ଖଞ୍ଜର ଆଶାବାଡ଼ି । ଶ୍ରୀ ଜଗନ୍ନାଥଙ୍କ ଦର୍ଶନରେ ଭକ୍ତର ଦେହରେ ଶିହରଣ ଓ ପ୍ରାଣରେ ପୁଲକ ଜାତ ହୋଇଛି । ଅଗତିର ଗତି ସିଏ, ଦୀନବନ୍ଧୁ ସିଏ ଦୟାର ସାଗର । ତାଙ୍କ ମହିମାର ପଟାନ୍ତର ନାହିଁ ।

ମନ୍ଦିରରେ କୋଟି ଜନ୍ମର ସୁଖ ଓ ଶାନ୍ତି ମିଳିବା କଥା ଭକ୍ତ ଅନୁଭବ କରିଛି । ସତରେ ଭକ୍ତିଭାବର ପ୍ରଭାବ ଅନନ୍ୟ । ସ୍ନାୟୁରେ, ଶିରାରେ ଭରିଯାଏ ଅପୂର୍ବ ଶିହରଣ ଭକ୍ତିମତ୍ତାରେ ।

କବି ଶ୍ରୀଯୁକ୍ତ ପଟ୍ଟନାୟକଙ୍କର ଆଧୁନିକ ଗୀତିକବିତାଗୁଡ଼ିକରେ ପ୍ରତୀକ ଓ ଚିତ୍ରକଳ୍ପର ପ୍ରୟୋଗ ପ୍ରଶଂସନୀୟ । ତାଙ୍କ ଲେଖନୀ ଏବେ ମଧ୍ୟ ଚଳଚଞ୍ଚଳ ରହିଛି । ଅଧିକରୁ ଅଧିକ ଗୀତିକବିତାର ସୃଷ୍ଟି ତାଙ୍କ ଲେଖନୀରୁ ସମ୍ଭବ ହେବ, ଏଇ ଆଶା ଓ ବିଶ୍ୱାସ ରହିଛି ।

## ଦିଲ୍ଲୀପ କୁମାର ବେହୁରା –

ଗୀତି କବିତାର ରଚନା କ୍ଷେତ୍ରରେ ଶ୍ରୀ ବେହୁରାଙ୍କର ଆଗ୍ରହ ରହିଛି । ବିଶେଷତଃ ମାଟି ପ୍ରତି ମମତ୍ୱବୋଧ, ଜାତିପ୍ରତି ଆତ୍ମୀୟତାବୋଧ, ସଂସ୍କୃତି ପ୍ରତି ହୃଦୟବତ୍ତା ତାଙ୍କ ରଚନାରେ ଲକ୍ଷଣୀୟ । ଗାଁ ମାଟିର ଧୂଳି ତାଙ୍କ ପାଇଁ ଚନ୍ଦନ ଭଳି । ଗାଁ ପୋଖରୀର ପାଣି ତାଙ୍କ ପାଇଁ ପୁଷ୍କରତୀର୍ଥର ପାଣି ଭଳି । ଗାଁର ନାମ ତାଙ୍କ ପାଇଁ ଧ୍ୱନିରେ ଓଁକାର, ଗାଁର ମହତ୍ତ୍ୱ ବିଦ୍ୟାର ବେଦ ଭଳି । ଗାଁର ପ୍ରକୃତି, ପରିବେଶ, ଚଳଣି, ପାରସ୍ପରିକ ସ୍ନେହ ଶ୍ରଦ୍ଧା କବିଙ୍କୁ ମୁଗ୍ଧ କରିଛି । ସେ ଅପୂର୍ବ ଉଲ୍ଲାସରେ ଉଲ୍ଲସିତ ହୋଇଛନ୍ତି । ଗାଁର ଜମି, ଶସ୍ୟସମ୍ଭାର, କୃଷି କାର୍ଯ୍ୟର ମହନୀୟତା କବିଙ୍କ ଲେଖନୀରେ ଭାଷାରେ ଜୀବନ୍ତ ହୋଇ ଉଠିଛି ।

ଓଡ଼ିଆ ଭାଷାର ସମୃଦ୍ଧି, ଓଡ଼ିଆ ଜୀବନଧାରାର ଅଭିବୃଦ୍ଧି ପାଇଁ କବିଙ୍କ ମନରେ ଥିବା ପ୍ରୟାସ ଅଭିନନ୍ଦନୀୟ । ଓଡ଼ିଶୀ ଗୀତି, ଓଡ଼ିଶୀନୃତ୍ୟ, ଓଡ଼ିଶାର ଝୋଟି ଚିତା, ରଜଦୋଳି, ରଥଯାତ୍ରା, କଳାର କୋଣାର୍କ, ବନଗିରି, ଖଣିଖାଦାନ ସବୁରେ ରହିଛି ପ୍ରାଣର ଅପରୂପ ସ୍ପର୍ଶ । କବିଙ୍କ ଭାଷାରେ–

**'ଅରକକ୍ଷେତ୍ର କୋଣାର୍କ ଆମ**
**ବିଶ୍ୱରେ ଅଛି ନାମ**
**ଓଡ଼ିଶୀଗୀତ ନାଚ ସାଥିରେ**
**ଝୋଟି ଚାନ୍ଦୁଆ କାମ ।**

ଓଡ଼ିଆ ପୁଅ ମନରେ ପ୍ରେରଣା, ପ୍ରାଣରେ ଶକ୍ତି ଅଧିକରୁ ଅଧିକ ଭରିଯାଉ ବୋଲି ସେ କାମନା କରିଛନ୍ତି ।

## ଦୁର୍ଗାଚରଣ ପଟ୍ଟନାୟକ –

କବିଙ୍କର ଗୀତିକବିତା ଉପରେ ଭକ୍ତିର ଚନ୍ଦନ ଗନ୍ଧ ସ୍ପଷ୍ଟ ବାରିହୋଇପଡ଼େ । ଭକ୍ତ ପାଇଁ ଯେଉଁ ପ୍ରଭୁ ଦୟାର ପ୍ରତୀକ, ଅହେତୁକ ଅନୁରାଗର ଲାବଣ୍ୟ ପ୍ରଦୀପ, ବିପଦରେ ବନ୍ଧୁ ଆଉ ଅଭାବରେ ମାତା ରୂପେ ଆବିର୍ଭୂତ ତାଙ୍କ ଚରଣରେ କବି ସହସ୍ର ପ୍ରଣାମ ଜଣାଇଛନ୍ତି । 'ଭକ୍ତି ନୈବେଦ୍ୟ' ପୁସ୍ତକରେ କବିଙ୍କ ମନ ବେଳାଭୂଇଁ

ହେଲାବେଳେ ଭଗବାନ ନୀଳ ସାଗର ହୋଇ ଅହରହ ଛୁଇଁ ଯାଉଛନ୍ତି ସେହି ବେଳାଭୂମିର ଭୂଗୋଳକୁ ଏବଂ ଧୋଇନେଉଛନ୍ତି ଦେହ ଓ ମନର କଳୁଷ କାଳିମାକୁ । ଭଗବାନ ହେଉଛନ୍ତି ବିଚକ୍ଷଣ ସ୍ରଷ୍ଟା ଓ ଅଭ୍ରାନ୍ତ ଦିଗ୍‌ଦ୍ରଷ୍ଟା । ସେ ଅନନ୍ତ ଅସୀମ, ଚରାଚରରେ ତାଙ୍କର ଜୟଗାନ ଶୁଭେ । ନଦୀରେ ସେ ପ୍ରବହମାନତା, କୋଇଲି କୁହୁରେ ସେ ମଧୁରତା, ଆକାଶରେ ଭସାମେଘର ପ୍ରସନ୍ନତା ଓ ମାଟିରେ ଅଶେଷ ସହନଶୀଳତା । ଏସବୁ ସତ୍ତ୍ୱେ କବିଙ୍କ ମନକଳସ ପ୍ରଭୁଙ୍କର କୃପା ଧାରାରେ ଭରିନାହିଁ ବୋଲି କବି କହିଛନ୍ତି । କବିଙ୍କ ଭାଷାରେ –

**‘‘କେଉଁ ଅପରାଧ କରିଥିଲି ପ୍ରଭୁ**
**କୁହ କେଉଁ ଜନମରେ**
**କରିଲନି କ୍ଷମା ବୁଡ଼ାଇଲ ନେଇ**
**ଦୁଃଖ ସାଗର ତୀରେ’’**

ଅବଶ୍ୟ ଏହି ଅଭିମାନର କୁହୁଡ଼ି ବେଶୀ ସମୟ ସ୍ଥାୟୀ ହୋଇ ରହି ନାହିଁ । ଆଶାବାଦର ସୂର୍ଯ୍ୟ କିରଣରେ ତାହା ଅପସରି ଯାଇଛି । ତେଣୁ ମନ ତାଙ୍କର ଚାହିଁଛି ପ୍ରଭୁଙ୍କ ଚରଣ ତଳର ସେବକଟିଏ ହେବାକୁ । ପ୍ରଭୁଙ୍କ ତୀର୍ଥ ଭ୍ରମଣ କବିଙ୍କର ପ୍ରଦକ୍ଷିଣର ପରିଭାଷା ହେଉ, ନିଦ ହେଉ ପ୍ରଭୁଙ୍କର ପାଦତଳେ ନୀରବ ବିଶ୍ରାମ – ଏହିପରି ଭାବରେ ଭାବିତ ହୋଇଛି କବିଚିତ୍ତ । ତାହା ବନ୍ଧା ପଡ଼ିଛି ଓ ଜନ୍ମେ ଜନ୍ମେ ପ୍ରଭୁଙ୍କ ପାଦତଳେ ବନ୍ଧା ପଡ଼ିବାକୁ ଇଚ୍ଛା ପ୍ରକାଶ କରିଛି । ପରମ ପ୍ରଭୁଙ୍କର ଯଶ ଗାନ ଓ ଜୟଗାନ କରି କବି ଉଲ୍ଲସିତ ହୋଇଛନ୍ତି ।

## ଧନଞ୍ଜୟ ସ୍ୱାଇଁ –

ଗୀତିକବି ଭାବରେ ଶ୍ରୀଧନଞ୍ଜୟ ସ୍ୱାଇଁ ବେଶ୍ ପରିଚିତ । ଭାବର ମଧୁରିମା ଓ ଭାଷାର ସୁଷମା ତାଙ୍କ ଗୀତିରଚନାରେ ସମନ୍ୱିତ । ଦେହରୁ ବିଦେହ ପର୍ଯ୍ୟନ୍ତ ଯାତ୍ରାପଥର ବ୍ୟାପ୍ତି ତାଙ୍କର କବିତ୍ୱର ବର୍ଣ୍ଣବିଭା । ସେ କେତେବେଳେ ରହସ୍ୟବାଦୀ ରୋମାଣ୍ଟିକ୍ ତ ଆଉ କେତେବେଳେ ବାସ୍ତବତାର ପରମପୂଜାରୀ । ପ୍ରକୃତିର ଚାରୁଚିତ୍ର ଅଙ୍କନରେ ସେ ଯେପରି କୃତବିଦ୍ୟ, ଭାବପ୍ରବଣତାର ଆଲେଖ୍ୟ ଅଙ୍କନରେ ସେ ସେପରି ସିଦ୍ଧହସ୍ତ । ପ୍ରୀତିର ମାଣିକ ଦୀପ ଜଳାଇ ସେ ଜୀବନ ଓ ଜଗତର ନିରାଜନା କରିଥାନ୍ତି । ହତାଶାର ଗ୍ଲାନି ନଥାଏ କି ମ୍ଲାନିମା ନଥାଏ, ଥାଏ ଆଶାର ଚମକ ଚାନ୍ଦିନୀ ଓ ଭରସାର ନୀଳାଭ ଦିଗନ୍ତ ତାଙ୍କ କବିତାରେ । ସ୍ମୃତି ଓ ଅନୁଭୂତିର ଫୁଲ ସାଉଁଟି ଭାଷାର ସୂତାରେ ଗୀତି ମାଳା କରି ସେ ଲମ୍ବାଇ ଦେଇଛନ୍ତି ଉତ୍କଳ ଭାରତୀଙ୍କ ପାଦତଳେ । ‘ମିଠା ଜହ୍ନରାତି’ ତାଙ୍କର ଏକ ସୁରମ୍ୟ ସାରସ୍ୱତ ଗୀତିମୟ କୃତି ।

ସୋରିଷ ଫୁଲର ସୁନା ଲହରୀରେ ମିଠାମିଠା ଜହ୍ନରାତିର ଲୀଳାବିଳାସ ଭାବାନ୍ତର ଆଣିଛି କବିଙ୍କ ମନରେ । କଳା ମଞ୍ଜୁଳ ପରିବେଶରେ ପ୍ରୀତି ପ୍ରବଣତାର ମଧୁର ମୁଦ୍ରାଙ୍କ ଆଙ୍କି ହୋଇଯାଇଛି ଶବ୍ଦ ସମ୍ଭାରରେ –

**'ମୁଁ ସୋରିଷ ଫୁଲର ନଈ ପଠାପରେ**
**ମିଠା ମିଠା ଜହ୍ନରାତି**
**ମୁଁ ଯେ ମଧୁଲୋଭୀ ମଧୁପ ମନର**
**ଅସରା ଫଗୁଣ ପ୍ରୀତି ।** (ମୁଁ ମରୁପଥର ବାଟଭୁଲା ନଈ)

କାହାପାଇଁ କବିଚିତ୍ତରେ ଏତେ ସ୍ପର୍ଶକାତରତା । ସିଏ କି ଜୀବନର ସରସତା, ସାର୍ଥକତା ଅବା ସୁକୁମାରତା, କାହାପାଇଁ ଏତେ ଆକୁଳତା ଓ ଆନ୍ତରିକତା ? ସିଏ କି ଅଳସୀ ଭାବନାର ବିଳାସୀ ମଧୁମୂର୍ତ୍ତି ? ସିଏ କି କବି ପ୍ରାଣର ଲଳିତ ଅନୁଭବର ଛାୟାଛନ୍ନ ଅଭିବ୍ୟକ୍ତି । କବିତ୍ୱର ଅନୁପମ ବର୍ତ୍ତୁଳ ବିଭବ ଯାହା କବିଙ୍କ ପାଇଁ ଚିରଦିନ ଅବିସ୍ମରଣୀୟ ।

**'ତୁମେ ଭୁଲିଗଲେ ଭୁଲିଯାଅ ପଛେ**
**ମୁଁ କିନ୍ତୁ ଭୁଲିବି ନାହିଁ**
**ତୁମ ଚଲାପଥେ ଘାସଫୁଲ ହୋଇ**
**ରହିଥିବି ମୁହିଁ ଚାହିଁ ।'**(ତୁମେ ଭୁଲିଗଲେ ଭୁଲିଯାଅ ପଛେ)

ଓଡ଼ିଶାର କାରୁକଳା ଓ ଚାରୁକଳାରେ ସମଗ୍ର ବିଶ୍ୱ ବିମୁଗ୍ଧ । କବିଙ୍କ ପ୍ରାଣକୁ ଉଲ୍ଲସିତ କରିଛି ଓଡ଼ିଶାର ଏଇ ଗୁରୁ ଗୌରବ । ଏ ମାଟିର କାରିଗର ପାଷାଣଗାତ୍ରରେ ଫୁଟାଇପାରେ ନିହାଣମୁନରେ ନିଖୁଣ ସୁନ୍ଦର ଫୁଲ ଯାହା ଅମଉଳା ହୋଇ ରହେ ଶତାବ୍ଦୀ ଶତାବ୍ଦୀ ଧରି । କେତେ ଅନୁରାଗ ଓ ଆଶାର କଥା କହେ ଶିଳ୍ପୀ । ମନର ଭାବ ବିଳାସ ପଥର ଦେହରେ ରୂପ ପାଏ, କଥା କହେ, ଗୀତ ଗାଏ –

**ଆଶାର କଥା ଭାଷାରେ କହେ**
**ସୃଜନ ଶିଳ୍ପୀ ତା'ର**
**ପଥର ଦେହେ ଫୁଟାଏ ଭାଷା**
**କଳାର କାରିଗର ।** ( ଏଇ ଓଡ଼ିଶା ମୋର)

କବିଚିତ୍ତ ସମର୍ପିତ ସେଇ ଅଦୃଶ୍ୟ ବିରାଟ ସତ୍ତା ନିକଟରେ ଯାହାର ଆଦେଶ ବିନା ଘାସ ପତ୍ରଟିଏ ହଲେ ନାହିଁ, କଢ଼ିଟିଏ ଫୁଲ ହୋଇ ଫୁଟେ ନାହିଁ, ପବନ ବହେ ନାହିଁ, ସମୁଦ୍ର ଉଚ୍ଛୁଳେ ନାହିଁ,  ବର୍ଷା ଝରେ ନାହିଁ, ମୟୂର ନାଚେ ନାହିଁ । ତା'ର କୃତି ଓ କୃତିତ୍ୱ ମନ ବୁଦ୍ଧିର ଅଗୋଚର । ସେ ରୂପାୟିତ ଅରୁଣିମାରେ ପୁଣି ବାରୁଣୀ ସୁଷମାରେ ।

ସେ ଗଢ଼ିପାରେ ପୁଣି ଭାଙ୍ଗିଦେଇପାରେ । ଗଢ଼ିବାରେ ତା'ର ଆନନ୍ଦ ଥାଏ ପୁଣି ଭାଙ୍ଗିବାରେ ତା'ର ଉଦାସୀନତା ନଥାଏ । ସେ ପ୍ରତିଶେଷ ରୂପେ ଆରମ୍ଭର ପ୍ରତୀକ ଓ ପ୍ରତି ଆରମ୍ଭ ରୂପେ ଶେଷର ପ୍ରତିରୂପ । ତାକୁ ବୁଝି ହୁଏନା କି ବୁଝାଇ ହୁଏନା । ସମର୍ପଣ ମାଧ୍ୟମରେ ତା'ର ଆଭାସ ମାତ୍ର ଅନୁଭବ କରିବାକୁ ପ୍ରୟାସ କରାଯାଇପାରେ ।

**'ତୁମ ସରଜନା ଉଷାର ଆଲୋକ**
**ସନ୍ଧ୍ୟାର ଅସ୍ତରାଗ**
**ମୁଁ କିନ୍ତୁ ପାରେନି ବୁଝି ତୁମେ କିଆଁ**
**ଗଢ଼ ଆଉ ପୁଣି ଭାଙ୍ଗ ।** (ସମର୍ପଣ)

କବି ଧନଞ୍ଜୟଙ୍କ ଗୀତିକବିତାରେ ସ୍ମୃତି, ସ୍ୱପ୍ନ, ଲାଜ, ଲୁହ, ଶୋଷ ଓ ଅବସାଦ ପ୍ରଭୃତି ସୂକ୍ଷ୍ମ ଉପାଦାନଗୁଡ଼ିକର ସୁସ୍ପଷ୍ଟ ଉପସ୍ଥାପନା ରହିଛି । ପ୍ରକୃତିର ଚିତ୍ର ଅଙ୍କନରେ ସିଦ୍ଧହସ୍ତ କବିଙ୍କ ଲେଖନୀରୁ ଝରି ଆସିଛି ଆଷାଢ଼ର ବିମୁଗ୍ଧ ବର୍ଣ୍ଣନା ।

**''ଆଷାଢ଼ ଆସିଲେ ଆକାଶଟା ସାରା**
**ଦିଶେ ଖାଲି ମେଘ ମେଘ**
**ମେଘ ନୁହେଁ ସିଏ ଆକାଶ ଆଖିରେ**
**ଲୁହର ବହଳ ଦାଗ ।''** (ମେଘ ଆକାଶ)

ଲୁହର ବହଳ ଦାଗ ସତେଅବା ଆକାଶର ଆଖିରେ ଲାଗିଛି ବୋଲି ପରିକଳ୍ପନା ଭିତରେ ରହିଛି ଆଳଙ୍କାରିକତା, ପ୍ରତୀକାତ୍ମକତା ସହ କାଳ୍ପନିକତା ।

ମାଟି ମନସ୍କ କବି ଧନଞ୍ଜୟ ମାଟିକୁ ତିନି ଭୁବନରେ ଶ୍ରେଷ୍ଠସ୍ଥାନ ଦେଇଛନ୍ତି । ମାଟିର ମମତା ସମସ୍ତଙ୍କ ପାଇଁ ଅନନ୍ୟ । ମାଟି ପାଇଁ କବିଙ୍କର ସମ୍ମାନବୋଧ ଅସାମାନ୍ୟ । ମାଟି ହେଉଛି ସହନଶୀଳତା, ଉଦାରତା ଓ କ୍ଷମାଶୀଳତାର ପ୍ରତୀକ ।

**''ମାଟି ମଙ୍ଗଳ ମନ୍ତ୍ରଟିଏ ମୋ**
**ମଥାର ବିଜୟ ଟୀକା**
**ମାଟି ମହମହ ବାସଚନ୍ଦନ ସେ**
**କୋଟି ଆଦରର ଭିକ୍ଷା ।''** (ମାଟିମନ୍ତ୍ର)

ଛନ୍ଦର ବିଭବ, ଭାଷାର ଗୌରବ ଓ ଭାବର ସୌରଭରେ ସମନ୍ୱିତ କବିଙ୍କ ସର୍ଜନଶୀଳତା ଅଭିନନ୍ଦନୀୟ । ଲେଖନୀ ତାଙ୍କର ଚଳ ଚଞ୍ଚଳ ରହିଛି, ତାହା ଅଧିକରୁ ଅଧିକ ଚଳ ଚଞ୍ଚଳ ରହିବ ବୋଲି ଆଶା ଓ ବିଶ୍ୱାସ ।

## ନନ୍ଦକିଶୋର ସିଂହ –

ଦେଶର ମାଟି କବି ପାଇଁ ମନ୍ଦାକିନୀ ତଟର ସୁବାସିତ ମାଟି, ଦେଶର ଜଳବିନ୍ଦୁ ଅମୃତର ଶୀତଳ ମଧୁର ବିନ୍ଦୁ, ଦେଶର ପବନ ଚୈତ୍ରରଥ–ଚହଲା ଚିରମଳୟ । କବି ନନ୍ଦକିଶୋର ସିଂହ ଅନୁରୂପ ଭାବଧାରାରେ ଆତ୍ମବିଭୋର । ଭାରତ ମାଟିର ମହତ୍ତ୍ୱକୁ ସେ ମର୍ମେ ମର୍ମେ ଉପଲବ୍ଧି କରିଛନ୍ତି । ଧର୍ମ ସମନ୍ୱୟ, ଚଳଣିର ସମନ୍ୱୟ ଏହି ଦେଶର ମର୍ମବାଣୀ । ବିଶ୍ୱ କଲ୍ୟାଣ କାମନା ହେଉଛି ଭାରତୀୟ ସଂସ୍କୃତିର ମହନୀୟ ଆଭିମୁଖ୍ୟ । ଦେବଭୂମି ଭାବରେ ବିବେଚିତ ଓ ପ୍ରତିଷ୍ଠିତ ଏହି ଭୂମିର ନିରାଜନାରେ ପ୍ରକୃତି ସଦା ତତ୍ପର । କବିଙ୍କ ଭାଷାରେ –

**''ବିହଙ୍ଗ କରେ ତୋ ଗୁଣ ବନ୍ଦନା ସାଗର ଧୁଏ ତୋ ପାଦ**
**ସୂର୍ଯ୍ୟ କରେ ତୋ ପ୍ରଭାତୀ ଆରତି ସଂଜ ଧୂପ ଦିଏ ଚାନ୍ଦ**
**ତୁହି ମୋ ସ୍ନେହାସ୍ପଦ ।''**

ଭାରତର ସନ୍ତାନ ଅସୀମ ଗୌରବର ଅଧିକାରୀ, ଅଶେଷ ସାମର୍ଥ୍ୟର ଅଧିକାରୀ । ସେ ମରୁଭୂମିରେ ସର୍ଜନା କରେ ନୀଳ ଝରଣାର ଧାରା, ଶତ୍ରୁ ଓଠରେ ସୃଷ୍ଟିକରେ ମିତ୍ରତାର ମୃଦୁ ହସରେଖା । ଏହି ଭାରତର ସନ୍ତାନ ପାଇଁ କବି କଣ୍ଠରେ ଅଭିନନ୍ଦନିକା ପ୍ରକଟିତ ହୋଇଛି ।

କବି ପ୍ରାଣ ଆକୁଳିତ ହୋଇଛି ବିଶ୍ୱନିୟନ୍ତା ପରମପ୍ରଭୁଙ୍କର ଚରଣ ସେବକ ହେବା ପାଇଁ । ସେବା ହିଁ ତପସ୍ୟା, ତପସ୍ୟା ହିଁ ଜୀବନର ସାର୍ଥକତା । ପ୍ରଭୁଙ୍କ ଚରଣର ଧୂଳି ହୋଇ, ଚଲାପଥ ଧାରର ଘାସ ହୋଇ, ସିଂହାସନ ତଳର ଦୀପ ହୋଇ ଏବଂ ପୂଜାବେଳର ଧୂପ ହୋଇ ଜୀବନର ଯଥାର୍ଥ ମୂଲ୍ୟ ପାଇବା ପାଇଁ କବି ଅଭିଳାଷ କରିଛନ୍ତି । ହସ୍ତ ତାଙ୍କର ପ୍ରଭୁଙ୍କ କର୍ମରେ ନିୟୋଜିତ ହେଉ, କାନ ତାଙ୍କର ପ୍ରଭୁଙ୍କ ମୁରଲୀର ଧ୍ୱନି ଅହରହ ଶୁଣୁଥାଉ – ଏହି କାମନା ସେ କରିଛନ୍ତି । କବିଙ୍କ ଭାଷାରେ –

**''ତୁମ ରୂପ ଦେଖୁଥାଉ ସଦା ଦୁଇଆଖି**
**ତୁମ ବଂଶୀ ସ୍ୱନ ଶୁଣୁ ଶ୍ରବଣ ମୋ ନିତି ।''**

ଏତଦ୍ ବ୍ୟତୀତ ଜୀବନର ସୁଖ ଦୁଃଖ, ସ୍ମୃତି ସ୍ୱପ୍ନ ଜୟପରାଜୟ ପ୍ରକାଶିତ ହୋଇଛି ତାଙ୍କର କେତେକ ଗୀତି କବିତାରେ । ସ୍ମୃତି କେତେବେଳେ ଫଗୁଣ ଫୁଲ

ପରି ଫୁଟିଯାଇଛି ତ ଆଉ କେତେବେଳେ ଶ୍ରାବଣ ଧାରାପରି ଝରିଯାଇଛି । ତେବେ ମଧ୍ୟ କେବେ ଦିନେ ସ୍ମୃତି ହୋଇ ନାହିଁ ବିସ୍ମୃତିର ପୂର୍ବଜନ୍ମ ତିଥି । ଆଶାର ଲହରୀରେ ଭଙ୍ଗାପଡ଼େ, ପୁଣି ଲହରୀ ଉଠେ । ଝିଲିମିଲି ନରମ ଜୋଛନା ସିକତାର ଶେଯରେ ଝରିପଡ଼େ, ଆଶାବରୀ ରାଗରେ ବାଜୁଥାଏ ବିପଞ୍ଚିର ତାନ । ଅନୁଭବର ଗଭୀରତାରୁ ଉଠୁଥାଏ ଆତ୍ମନେପଦୀ ଧ୍ୱନିମାଳା । ସେଇ ଧ୍ୱନିମାଳାରୁ କିଛି ଏହିପରି –

**"ମଧୁର ଆଶାର ମଦିର ବିଳାସେ ଜୋଛନାର ଫୁଲଝରି**
**କେତେ ପ୍ରଣୟର ରାଜହଂସୀ ଗଲେ କଳରବେ ଡେଣାଝାଡ଼ି ।"**

## ନାରାୟଣ ପ୍ରସାଦ ସିଂହ –

କବି ଶ୍ରୀଯୁକ୍ତ ନାରାୟଣ ପ୍ରସାଦ ସିଂହ ଆଧୁନିକ ଓଡ଼ିଆ ଗୀତିକବିତା ରଚନା କ୍ଷେତ୍ରରେ ଜଣେ ଲବ୍ଧପ୍ରତିଷ୍ଠ ସ୍ରଷ୍ଟା । ଗୀତିକବିତା ପ୍ରତି ଆନ୍ତରିକତା ତାଙ୍କର ଅପରିସୀମ ।

ଭକ୍ତି ଭିତ୍ତିକ କବିତା ଗୁଡ଼ିକ ତାଙ୍କର ଗଭୀର ଆବେଦନର ପ୍ରତୀକ । ଅଦୃଶ୍ୟ ଶକ୍ତି ପ୍ରତି ଗଭୀର ବିଶ୍ୱାସ ଓ ଆସ୍ଥା ଏଥିରେ ପ୍ରକଟିତ । ସେହି ଶକ୍ତି କୌଣସି ଦେଶ ଧର୍ମ ଜାତି ବା ସଂସ୍କୃତିରେ ବନ୍ଧା ନୁହନ୍ତି । ସେ ଚିର ପରିବ୍ୟାପ୍ତ ଏକ ସାର୍ବଜନୀନ ସତ୍ତା ବୋଲି କବି ଉଲ୍ଲେଖ କରିଛନ୍ତି । ସମର୍ପଣ ଓ ଆତ୍ମନିବେଦନ ଭଗବତ ଭକ୍ତିର ଅସଲ ଐଶ୍ୱର୍ଯ୍ୟ । ଅନୁଭବର ଆଲୋକରେ ଆଲୋକିତ ହୋଇ ପ୍ରତ୍ୟେକ ଭଜନ ବା ଜଣାଣ ଅନ୍ୟକୁ ଦିଗ ଦେଖାଏ । ସେହି ଅନନୁମେୟ ଅଥଚ ଅନୁଭବ୍ୟ ଭଗବତ ସତ୍ତାର ଜୟଗାନ କରି ସେ କହିଛନ୍ତି –

**"ତୁମରି ପରଶେ ଜଡ଼ରେ ଚେତନା**
**ସ୍ଥିର ହୁଏ ଗତିଶୀଳ**
**ମୃତ୍ୟୁ ଯେ ହୁଏ ଅମୃତମୟ**
**ଝରେ ପ୍ରୀତି ନିର୍ଝର ।"**

ଜାତୀୟତାବାଦର ନିର୍ମଳ ନିରାଜନା କବିକୃତ କେତେକ ସୃଷ୍ଟିରେ ପରିଦୃଷ୍ଟ ହୁଏ । ଜାତୀୟତାବାଦାର ଆଧାରରେ ଆନ୍ତର୍ଜାତିକତାବୋଧ ଆଧାରିତ ହୋଇପାରେ, ଶ୍ରୀଯୁକ୍ତ ସିଂହ ଏହି ଭାବଧାରାରେ ଅବଗାହୀ ଏକ କବି । ଭାରତର ବାର୍ତ୍ତା କାଳେକାଳେ ଶାନ୍ତିର ବାର୍ତ୍ତା ବୋଲି କବି କହିବା ସହିତ ଭାରତର ପାଣି ପବନରେ ଅନନ୍ୟ ମଧୁରତାର ସ୍ପର୍ଶ ସେ ଉପଲବ୍ଧ କରିଛନ୍ତି ।

ପ୍ରେମମୂଳକ ଗୀତିକବିତା କ୍ଷେତ୍ରରେ କବିଙ୍କର କୃତିତ୍ୱ ସ୍ୱୀକାରଯୋଗ୍ୟ । ଏହି ପ୍ରେମ ହିଁ ଜୀବନବୋଧର ଅନ୍ୟନାମ, ଆତ୍ମଅନୁମୋଦନର ଅନ୍ୟତମ ପରିଭାଷା ଓ ଆତ୍ମଗ୍ରହଣର ଅନ୍ୟ ଏକ ଯୋଗଫଳ । ପ୍ରେମ ନାହିଁ ତ ଜୀବନ ନାହିଁ । ଏହି ପ୍ରେମ ହିଁ ଜୀବନକୁ ଶସ୍ୟ କେଣ୍ଡାପରି ସମ୍ଭାରି ରଖେ, ଦୁଃଖରେ ହସିଦେବା ପାଇଁ ବଳଦିଏ । ଏହି ଅନୁଚିନ୍ତାରେ ଗଭୀର ଆସ୍ଥା ଓ ବିଶ୍ୱାସ କବିଙ୍କର ରହିଛି ।

ପ୍ରକୃତିର ଚାରୁଚିତ୍ର ଅଙ୍କନରେ କବି ସିଦ୍ଧହସ୍ତ । ବର୍ଷା, ବସନ୍ତ, ହେମନ୍ତ, ପ୍ରଭୃତି ପରିବେଶର ମହତ୍ତ୍ୱ ତାଙ୍କ ଲେଖନୀରେ ଆତ୍ମ ପ୍ରକାଶିତ ।

ବର୍ଷାକାଳର ବର୍ଣ୍ଣନା କବିଙ୍କ ଲେଖନୀରେ ଅନନ୍ୟ ହୋଇଉଠିଛି । ଉପରେ ମେଘଢଙ୍କା ଆକାଶ, ତଳେ ଲହରୀମାଳରେ ଅଧୀର ନୀଳସାଗର । ଘଡ଼ଘଡ଼ିସ୍ୱରରେ ବିଳାସୀମେଘର ଜଳତରଙ୍ଗ ବାଜିବା କଥା କବି କହିଛନ୍ତି । ବହୁ ପ୍ରଶଂସିତ ସେହି ଗୀତିକବିତାର ଏକ ଅଂଶ ଏହିପରି–

**''ସାଗରେ ଅଧୀର ନୀଳତରଙ୍ଗ,**
**ଆକାଶେ କଜ୍ଜ୍ୱଳ ମେଘର ରଙ୍ଗ ।''**

କବିଙ୍କ ଲେଖନୀ ଅଦ୍ୟାବଧି ଚଳଚଞ୍ଚଳ ରହିଛି । ତାଙ୍କର ଲେଖନୀ ଆହୁରି ଦୀର୍ଘଦିନ ଚଳଚଞ୍ଚଳ ରହୁ ।

## ନିର୍ମଳା ଦେବୀ –

ପ୍ରଣୟାନୁଭୂତି, ମାନବପ୍ରୀତି, ପ୍ରକୃତିପ୍ରୀତି ଓ ଈଶ୍ୱରପ୍ରୀତିର ମୁଗ୍ଧ ଉପାସିକା ନିର୍ମଳାଦେବୀ ଓଡ଼ିଆ ଗୀତିସାହିତ୍ୟର ଏକ ବିଶିଷ୍ଟ ପ୍ରତିଭା । ୧୯୦୭ ମସିହାରେ ତାଙ୍କର ଜନ୍ମ ହୋଇଥିଲା ଏବଂ ସବୁଜର ସମୟରୁ ସେ ତାଙ୍କର କବିତା ରଚନା କରିଥିଲେ ହେଁ ସେହି କବିତା ଗୁଡ଼ିକ ବହୁ ପରେ ଅର୍ଥାତ୍ ସ୍ୱାଧୀନତା ପରବର୍ତ୍ତୀ ସମୟରେ ପୁସ୍ତକ ଆକାରରେ ପ୍ରଣୀତ ହୋଇଛି । ସେଥିମଧ୍ୟରୁ **'ଦିନାନ୍ତେ'**, **'ସୀମାନ୍ତେ'** ଏବଂ **'ବର୍ଣ୍ଣରାଗ'** ଏକ ଏକ ଉଲ୍ଲେଖନୀୟ କୃତି ।

ମାନବ ପ୍ରୀତି ତାଙ୍କ ରଚିତ କେତେକ କବିତାର ଉଷାମୁକୁଟ ହୋଇ ପ୍ରକଟିତ ହୋଇଛି । କେବେ ସେ ପ୍ରସନ୍ନା ତାପସୀ ପରି ଉଦାସ ଦୃଷ୍ଟିରେ ଜୀବନକୁ ତଥା ମାନବ ଜାତିକୁ ଦେଖିଲାବେଳେ ଆଉ କେବେ ଅନୁରାଗ ଭରା ଆବେଗମୟ ଦୃଷ୍ଟିରେ ଜୀବନକୁ ତଥା ଜଗତକୁ ଦେଖିଛନ୍ତି । ପ୍ରଣୟିନୀର ମନ ନେଇ ଜୀବନକୁ ଦେଖିଲାବେଳେ ତାଙ୍କୁ ମନର ମଣିଷ ତାଙ୍କ ପାଖେ ପାଖେ ଥିଲା ପରି ଜଣାପଡ଼ିଛି,

ପୁଣି କେତେବେଳେ ଏପରି ଅନୁଭବ ହୋଇଛି ଯେ ସେ ଭାରି ଏକା ଏକା, କେହି ତାଙ୍କ ପାଖରେ ନାହାଁନ୍ତି । ସେତେବେଳେ ପ୍ରଣୟ ପ୍ରତୀକ୍ଷାର ଧାରେ ଧାରେ ନିରାଶାର ଘନ କୃଷ୍ଣ ବାଦଲ ଘେରିଯାଇଛି । କବିଙ୍କ ଭାଷାରେ –

**''ଚନ୍ଦନ ଚୂଆ ମୋର ହେଲାଣି ବାସି**
**ସରାଗ – ଫୁଲମାଳା ମଉଳେ ଆସି''** (ଦିନାନ୍ତେ)

ତେବେ ଏକଥା ସ୍ୱୀକାର୍ଯ୍ୟ ଯେ ହତାଶା ଅପେକ୍ଷା ଆଶାର ରଙ୍ଗରାଗରେ କବିମାନସ ଅଧିକ ରଞ୍ଜିତ । ପ୍ରଣୟ ପଖଳା ଭାବାବେଶରେ କବିଚିତ୍ତରେ ଏକାଧାରରେ ଅନୁଭୂତ ହୋଇଛି ଶରତର ଉଜ୍ଜ୍ୱଳତା, ହେମନ୍ତର ଅନୁରାଗ, ବସନ୍ତର ପ୍ରଫୁଲ୍ଲତା ଓ ଗ୍ରୀଷ୍ମର ତେଜଦୀପ୍ତତା ପୁଣି ବର୍ଷାର ପ୍ରବହମାନତା । 'ସୀମାନ୍ତେ' କବିତା ଗୁଚ୍ଛରେ ଅନୁଭୂତି ଅଧିକ ଉପସ୍ଥାପିତ ହୋଇଛି । ସ୍ମୃତିର କୋଣାର୍କ ତହିଁରେ ଭଗ୍ନ ହେଲେ ହେଁ ଜୀବନ୍ତ ରହିଛି । କୁନ୍ଦକୁସୁମର ମାଳା ଗୁନ୍ଥି, ଜାଗର ଦୀପ ଜାଳି ଜୋଛନାରେ ଭିଜି ଭିଜି ଅନେକ ସ୍ମୃତିର ଯଥାଯୋଗ୍ୟ ଉପାସନା ସେ କରିଛନ୍ତି ।

## ନିମାଇଁ ବାନାର୍ଜୀ –

ସର୍ଜନାରେ ଭୂମି ସହିତ ଭୂମାଙ୍କର ସମନ୍ୱୟ ଦକ୍ଷତା ହିଁ କବିତ୍ୱର ଅନ୍ୟତମ ସାର୍ଥକତା । ଖାଲି ଭୂମିକଥାଟି କହିଲେ କଥାଟି ଯେପରି ଅପୂର୍ଣ୍ଣ ରହେ, ଖାଲି ଭୂମା କଥା କହିଲେ କଥାଟି ମଧ୍ୟ ସେପରି ଅପୂର୍ଣ୍ଣ ରହେ । ଯେଉଁ ସାହିତ୍ୟିକଙ୍କ ସୃଷ୍ଟିରେ ଉଭୟର ସଂଯୋଜନା ଥାଏ ସେହି ସୃଷ୍ଟି ସ୍ୱତନ୍ତ୍ର ଦୀପ୍ତି ଓ ଦ୍ୟୁତିର ଅଧିକାରୀ ହୋଇଥାଏ । ଭଗବାନ ଭାବମୟ । ସେ ବ୍ରହ୍ମ, ସେ ଶକ୍ତି । ସେ ପୁରୁଷ, ସେ ହିଁ ପ୍ରକୃତି । ସେ ଯୋଗେଶ୍ୱର, ସେ ପୁଣି ଯୋଗମାୟା । ସେ ସତ୍ତା, ସେ ପୁଣି ଶକ୍ତି । ଏକ ହିଁ ମୁଦ୍ରାର ଦୁଇପାଖ । ଏହି ତତ୍ତ୍ୱଟି ଶ୍ରୀଯୁକ୍ତ ବାନାର୍ଜୀଙ୍କ ରଚିତ କେତେକ ଗୀତିକବିତାରେ ଉପସ୍ଥାପିତ ହୋଇଛି । ଏହି ଭାବରେ ଭାବିତ ହୋଇ କବିଙ୍କ ଅନ୍ତର ପୁଲକିତ ହୋଇଛି । କଣ୍ଠରେ ତାଙ୍କର ପ୍ରୀତିପ୍ରବଣ ଗୁଣୁଗୁଞ୍ଜନ ସୃଷ୍ଟି ହୋଇଛି ।

**''ଆକାଶ ନୀଳିମା, ଜହ୍ନର ଜୋଛନା**
**ଜଳ ଶୀତଳତା, ଘାସ ସବୁଜିମା**
**ଫୁଲର ସୁବାସ**
**ଶିଶୁର ସୁହାସ**
**ନାନା ଭାବେ ଏଇ ସୃଜନ ଭିତରେ ଚଉଦିଗେ ଅଛୁ ଘେରି ।''**

ସିଏ ଘଟ, ସିଏ ପୁଣି ମଠ । ସିଏ ଘଟାକାଶ, ସିଏ ପୁଣି ମଠାକାଶ । ସିଏ ନିଃଶ୍ୱାସ, ସିଏ ପୁଣି ପ୍ରଶ୍ୱାସ । ସିଏ ଆତ୍ମା, ସିଏ ପୁଣି ପରମାତ୍ମା, ସିଏ ବ୍ୟକ୍ତି, ସିଏ ପୁଣି ବିଶ୍ୱ । ସବୁ ସିଏ, ସବୁକିଛି ତାଙ୍କରି ଆତ୍ମରୂପାୟନ । ବ୍ୟାବହାରିକ ନାମ ଓ ଗୁଣ କେବଳ ଭିନ୍ନ ଭିନ୍ନ । ସିଏ କୂଅ ଭିତରେ ଭରାମାଠିଆ, ସିଏ ପୁଣି ଭରାମାଠିଆ ଭିତରେ କୂଅ । ଏହି ଅନୁଚିନ୍ତା କବିପ୍ରାଣକୁ ଆଲୋଡ଼ିତ କରିଛି । ସେ କହିଛନ୍ତି –

**‘‘ତୁମେ ଗୋ ବିଶ୍ୱ**
**ଶ୍ୱାସ ପ୍ରଶ୍ୱାସ**
**ରହିଅଛ ମୋ ଅନ୍ତରେ**
**ହେ ମୋର ଆତ୍ମା, ହେ ପରମାତ୍ମା**
**ମୁଁ ବଞ୍ଚେ ତୁମ ଭିତରେ**
**ତୁମର ମୋହର ଏକାକାର ଭାବ ଦିଏ ସଦା ବରାଭୟ**
**ତୁମେ ମୋ ଅନ୍ତରମୟ ।’’**

ଏତଦ୍ ବ୍ୟତୀତ ଏହି ପୁସ୍ତକର ଆଉ କେତେକ ସୃଷ୍ଟିରେ ମନକୁନିତ୍ୟ ବୃନ୍ଦାବନ, ଭକ୍ତିକୁ ଚିର ଅମଉଳା ଫୁଲ ବୋଲି କବି ବିଚାର କରିଛନ୍ତି । ଏହା ସ୍ୱୀକାର୍ଯ୍ୟ ଯେ କବିକୃତ ଭକ୍ତିଗୀତିକା ଗୁଡ଼ିକରୁ ଅଧିକାଂଶ ରୁଚିକର ଓ ସୁଖପାଠ୍ୟ ।

## ପ୍ରେମଲତା ସାମଲ –

କବି ଶ୍ରୀମତୀ ସାମଲ ଆଧୁନିକ ଓଡ଼ିଆ ଗୀତିକବିତା ରଚନା କ୍ଷେତ୍ରରେ ଜଣେ ସଫଳ ସ୍ରଷ୍ଟା । ରଚନାରେ ତାଙ୍କ ବିଭୁଭକ୍ତିର ସ୍ୱର ଉଦାତ୍ତ । ଜୀବନର ସମସ୍ତ ଅପୂର୍ଣ୍ଣତାକୁ ଭୁଲି ସେ ଚାହିଁଛନ୍ତି ସର୍ବତୋଭାବେ ଭଗବାନଙ୍କ ପାଦ ପଦ୍ମରେ ଶରଣ ନେବାକୁ । ଆତ୍ମସମର୍ପଣ ହିଁ ଭଗବତକୃପାର ଚାବିକାଠି । ତାହା ଅହଂର ବିଲୋପ ଘଟାଏ, ବ୍ୟକ୍ତିଚେତନାକୁ ବିକଶିତ କରେ ଓ ସର୍ବୋପରି ଜୀବନକୁ ସାର୍ଥକ କରେ । ବିଭୁକୃପା ଥିଲେ କୌଣସି ଶତ୍ରୁଶକ୍ତି କିଛି ଅନିଷ୍ଟ କରିପାରେ ନାହିଁ । ସେତେବେଳେ ଦୁର୍ବଳତା ହୋଇଯାଏ ସାମର୍ଥ୍ୟର ଅନ୍ୟନାମ, ବିପଦ ହୋଇଯାଏ ସମ୍ପଦର ଅନ୍ୟରୂପ, ଏହି ଚିନ୍ତାଧାରାରେ ବିଶ୍ୱାସ ରଖି କବି କହନ୍ତି ଯେ ତାଙ୍କର ଧନଜନ ଗୋପଲକ୍ଷ୍ମୀର ଆବଶ୍ୟକତା ନାହିଁ, ଆବଶ୍ୟକତା ରହିଛି କେବଳ ପ୍ରଭୁଙ୍କର ଶୁଭାଶୀର୍ବାଦ । ସେ କହନ୍ତି –

**‘‘ମଣିମାଣିକ କାଞ୍ଚନ ମୁଁ କରିନାହିଁ ଆଶା**
**ଅଳି କରି ନାହି କେବେ ମୁଁ ଅଳକା ପୁରୀ’’**

କବିଙ୍କର ରୋମାଣ୍ଟିକ ଭାବନା ଅତ୍ୟନ୍ତ ହୃଦ୍ୟ । ଅତୀତର ସ୍ମୃତି ଚାରଣରେ ତାଙ୍କ ରଚନାର ନାୟକ ନାୟିକା ଭାବାବିଷ୍ଟ । ଗୀତିକବିତାର ଭାଷା ତାଙ୍କର ସରଳ ଓ ବୋଧଗମ୍ୟ । ଲଳିତ ସୁକୁମାର ଭାବବିଭବରେ ବିମଣ୍ଡିତ ହୋଇ ତାଙ୍କ ସୃଷ୍ଟି ସମ୍ଭାର ପାଠକୀୟ ଆଦୃତି ଲାଭ କରିଛି ।

## ବିନୋଦିନୀ ଦେବୀ –

କବି କୃତି ମଧ୍ୟରେ 'ଅମୃତା', 'ଟିକିଟିକି ନାଲି କାଇଁଚ' ଓ 'ଏଇ କଳା ମୋର କଳଙ୍କ' ଅନ୍ତର୍ଭୁକ୍ତ । ତାଙ୍କର ଗୀତିକବିତାରେ ଗ୍ରାମ୍ୟ ପରିବେଶର ପଦଚିହ୍ନ ଅଧିକ ଦେଖିବାକୁ ମିଳେ । ଏତଦ୍‌ବ୍ୟତୀତ ଭକ୍ତିଭାବନା ଓ ପ୍ରେମପ୍ରଣୟଚେତନାର ସ୍ଥିତି ଲକ୍ଷ୍ୟ କରି ହୁଏ । ଶ୍ରୀ ଜଗନ୍ନାଥ, ଶ୍ରୀକୃଷ୍ଣ ଓ ଦେବୀବନ୍ଦନା ରଚନାରେ ତାଙ୍କର କୃତିତ୍ୱ ସ୍ୱୀକାର୍ଯ୍ୟ । ଶ୍ରୀଜଗନ୍ନାଥଙ୍କ ପାଇଁ ତାଙ୍କର ନମ୍ରନତ ଉକ୍ତି ଏହିପରି –

**''ସେତ ଭକତ ଭାବରେ ବନ୍ଧାରେ**
**ସେତ ଭକତ ଜୀବନ ଧନ**
**ତୁ ତାକୁ ଖୋଜିଲେ ସେ ତୋତେ ଖୋଜିବ**
**ସିଏ ତୋ ହୃଦ ଚନ୍ଦନ ରେ**
**ଉଣାକର ନାହିଁ ମନ ।''**

ପଲ୍ଲୀଭାବର ସୁବାସରେ ସୁବାସିତ ବହୁ ଗୀତିକବିତାର ସ୍ରଷ୍ଟା ବିନୋଦିନୀ ଦେବୀ ଏକ ଅନନ୍ୟ ପ୍ରତିଭା । ଅନ୍ତରର ଗଭୀରତାରୁ ଝରି ଆସୁଥିବା ତାଙ୍କର ଗୀତିକବିତାଗୁଡ଼ିକରେ ସ୍ୱାଭାବିକତା ଏବଂ ସରସତା ଲକ୍ଷ୍ୟ କରିହୁଏ । ପଲ୍ଲୀରେ ବ୍ୟବହୃତ ପ୍ରବାଦ, ପ୍ରବଚନ ଏବଂ ଛଟା ପ୍ରଭୃତିର ସଫଳ ପ୍ରୟୋଗ ତାଙ୍କର କେତେକ ରଚନାରେ ପରିଦୃଷ୍ଟ ହୁଏ । ବୌଦ୍ଧିକତା ଓ ହୃଦୟବତ୍ତାର ଅନୁପମ ସମନ୍ୱୟ ତାଙ୍କ କବିତ୍ୱର ଅନ୍ୟତମ ବୈଶିଷ୍ଟ୍ୟ । ଏହିପରି ରଚନାର ପାଠକୀୟ ଆବେଦନ ସ୍ୱତନ୍ତ୍ର । ନନ୍ଦକିଶୋର ବଳଙ୍କ ପଲ୍ଲୀପ୍ରାଣତା କବିଙ୍କୁ ପ୍ରଭାବିତ କରିଛି । ପଲ୍ଲୀ ସଂସ୍କୃତିକୁ ଅଧିକ ଜୀବନ୍ତ ଓ ଜାଗ୍ରତ କରିବା ନିମନ୍ତେ ବିନୋଦିନୀ ଦେବୀଙ୍କର ପ୍ରୟାସ ଓ ପ୍ରଚେଷ୍ଟା ଅଭିନନ୍ଦନୀୟ । ତାଙ୍କ ଭାଷାରେ – ''ବିସ୍ମୃତି ଗର୍ଭରେ ହଜିଯାଇଥିବା ଏହି ପଲ୍ଲୀଗୀତଗୁଡ଼ିକ ମୋର ପ୍ରିୟ ପାଠକ ପାଠିକାମାନଙ୍କ ହୃଦୟକୁ ସ୍ପର୍ଶ କରିପାରିଲେ ମୋର ସାଧନା ସଫଳ ହେବ ।''

'ରକତ ଟଳମଳ ଖଇର ପାଞ୍ଚ ପଳ' 'କାଚ ତ କାଚ ମଣି ତ ମଣି','ରୂପାନଦୀ ତୀରରେ','ଜହ୍ନିଫୁଲ ଠୋ – –ଠା','ମିନି ...ମିନି...ମିନି' ଓ 'ତୁଚ୍ଛାକୁ ମହୁ' ପ୍ରଭୃତି

ଗୀତିକବିତା ତାଙ୍କର ଅତି ପରିଚିତ ଓ ପ୍ରତିଷ୍ଠିତ । ଭାବର ପ୍ଲାବନରେ ସିକ୍ତ ହୋଇ ଏହି ସର୍ଜନାଗୁଡ଼ିକ ପାଠକ ପ୍ରାଣରେ ଶାନ୍ତି ଓ ଶୀତଳତା ଭରି ଦିଅନ୍ତି । 'ତୁଚ୍ଛାକୁ ମହୁ' – ରେ ଆସନ୍ନ ବିବାହ–କାଳୀନ କୁମାରୀ ମନର ଚାରୁଚିତ୍ର ପ୍ରଦତ୍ତ । ନବବଧୂର ଆନମନା ଭାବ ସୁନ୍ଦର ଶବ୍ଦମାନଙ୍କରେ ଉପସ୍ଥାପନା କରିବାକୁ ଯାଇ କବି କହନ୍ତି –

**''ଭାତ ଫୁଟୁଥିବ ଟବର ଟବର**
**ପିଞ୍ଚ ପଡୁଥିବ ଢ଼େଇଁ**
**ଜାଳୁ ଜାଳୁ ଚୁଲି ଜାଳିଥିବୁ କାନି**
**କାଳେ ଆନମନା ହୋଇ,**
**ନୂଆ ଘରଣୀ ତୋ ମନ ଉଚ୍ଚାଟିଆ**
**ଅଳପ ଅଳପ ଉଚ୍ଛୁର ହେଉ''**

ତାଙ୍କ ଗୀତିକବିତାଗୁଡ଼ିକରେ ବ୍ୟବହୃତ କେତେ ଲୋକ ଉକ୍ତି ଏହିପରି – 'ରଙ୍କ ପାଇଲେ ଝରି/ ପାଣି ପିଇ ପିଇ ମରି', 'ସେ ତ କଂସାରି ଘରର ପାରା/ ତାକୁ କୁଳା ଢାଉଁ ଢାଉଁ ଡରା','ଆ...ଖିଲିପାନ ବଣକୁ ଯିବା/ ପାଚିଲା ପାଚିଲା କେନ୍ଦୁ ଖାଇବା', 'ଜହ୍ନି ଫୁଲ ଠୋ – ଠୋ/ କାକୁଡ଼ି ଫୁଲ ଠୋ – ଠୋ', 'ଝୁଲରେ ହାତୀ ଝୁଲୁ/ ବାଆ ପାଣି ଖାଇ ଫୁଲୁ' ।

ଅଳ୍ପ ଶବ୍ଦରେ ହୃଦୟର ଅସରନ୍ତି କଥା ପ୍ରକାଶ କରିବାର ଅନବଦ୍ୟ କୃତିତ୍ୱ ତାଙ୍କର ରହିଛି । ଭାବାନୁସାରୀ ଭାଷା ପ୍ରୟୋଗ କ୍ଷେତ୍ରରେ ତାଙ୍କର ଦକ୍ଷତା ଅଭିନନ୍ଦନୀୟ । କବି ବିନୋଦିନୀ ଦେବୀଙ୍କ ଗୀତିକବିତା ଗୁଡ଼ିକରେ ବୌଦ୍ଧିକତା, ହୃଦୟବତ୍ତା, ସଚେତନନତାର ସମନ୍ୱିତ ରମ୍ୟଝଲକ ଅତ୍ୟନ୍ତ ମନୋଜ୍ଞ ଓ ଶୋଭନୀୟ ।

## ବିପିନ ବିହାରୀ ମହାନ୍ତି –

'ନାଲି ନାଲି କୃଷ୍ଣଚୂଡ଼ା' ପୁସ୍ତକର କବି ବିପିନ ବିହାରୀ ମହାନ୍ତିଙ୍କର ସୃଜନଶୀଳତା ଅଭିନନ୍ଦନୀୟ । ଏଇ ଶୀର୍ଷକ ଗୀତିକବିତାର ଲୋକପ୍ରିୟତା ଅଧିକ । ଯାହାର ପଦଟି ଏହିପରି –

**''ନାଲିନାଲି ଏଇ କୃଷ୍ଣଚୂଡ଼ା**
**ଡାକଇ ମୋତେ ଡାକଇ**
**ମଧୁ ପିଇବାକୁ ଯିବି ମୁହିଁ ଯିବି**
**ଉଡ଼ି ଭ୍ରମର ହୋଇ''**

ଭକ୍ତିଗୀତି ଓ ଆଧୁନିକ ଗୀତି ଉଭୟ କ୍ଷେତ୍ରରେ ତାଙ୍କର ଲେଖନୀ ଚଳଚଞ୍ଚଳ । ଜୀବନକୁ ଶ୍ରଦ୍ଧା କରିବା ସହିତ ଜଗତକୁ ଶ୍ରଦ୍ଧା କରିବାର କଳାତ୍ମକତା ତାଙ୍କ ପାଖରେ ରହିଛି । ଦେଶାତ୍ମବୋଧର ସୁବର୍ଣ୍ଣ ଆଲେଖ୍ୟ ତାଙ୍କ ରଚିତ କେତେକ ଗୀତିକବିତାରେ ଅଙ୍କିତ । ଶ୍ରୀଜଗନ୍ନାଥଙ୍କ ମହିମାରେ ବିମଣ୍ଡିତ ଲିପିମାଳାରେ ପ୍ରସ୍ତୁତ ପୁସ୍ତକ 'ଏତିକି କରୁଣା କର ଜଗନ୍ନାଥ' ଏକ ଅନବଦ୍ୟ କୃତି । 'ଏକ ମା'ର ସନ୍ତାନ ଆମେ' ପୁସ୍ତକରେ ତାଙ୍କ ରଚିତ ଦେଶାତ୍ମବୋଧ ଗୀତିକବିତାରୁ କେତେକ ସ୍ଥାନିତ । ସରଳ ଓ ସାବଲୀଳ ଭାଷାରେ ହୃଦୟର ଅନୁଭବକୁ ସେ ଲିପିବଦ୍ଧ କରିଛନ୍ତି ସ୍ୱରଚିତ ଗୀତି ସାହିତ୍ୟରେ । ସାହିତ୍ୟ ସର୍ଜନା ବ୍ୟତୀତ ତାଙ୍କର ଅଭିନୟ କଳା କୌଶଳ ମଧ୍ୟ ଉଚ୍ଚକୋଟୀର । ବିଦ୍ୟାଳୟ ତଥା ମହାବିଦ୍ୟାଳୟମାନଙ୍କରେ ଅଭିନୟ କୌଶଳ ଯୋଗୁଁ ତାଙ୍କର ଜନପ୍ରିୟତା ରହିଛି । ସଂଗୀତ ଶିଳ୍ପୀ ଭାବରେ ତାଙ୍କର କୃତବିଦ୍ୟତା ସ୍ୱୀକାର୍ଯ୍ୟ ।

## ବିଜୟ କୁମାର ମହାନ୍ତି –

ସ୍ମୃତି, ସ୍ୱପ୍ନ ଓ ସମ୍ଭାବନାର କିଶଳୟରେ କବି ଶ୍ରୀଯୁକ୍ତ ମହାନ୍ତିଙ୍କର ମନ ବନଭୂମି ବେଳେବେଳେ ଭରିଯାଏ । ପୁଣି କେତେବେଳେ ଗୋଧୂଳି ଫେରିଆସେ ମନ ଆକାଶରେ, ଅକୁହା କାମନା ରୂପ ପାଏ ସୁରହଜା ଗୀତରେ । ଜୀବନର ସାଥୀ ପର ହୁଏ, ଲୁହ ଆଉ ଲହୁରେ ସିକ୍ତ ହୁଏ ବୁକୁ, ଛନ୍ଦହରା ହୁଏ ରାଗିଣୀ । ସ୍ୱପ୍ନର ରାଜକୁମାର ହୋଇ ବେଳେବେଳେ ବିରାଜମାନ କରେ କବିଙ୍କର ମନ, ମାତ୍ର ତା ଭିତରେ ଭିତରେ ଜଳୁଥାଏ ଅସହାୟତାର ଅନଳ ଶିଖା । ଜୀବର ଜୀବନକୁ ଖୋଜି ଖୋଜି ଚାଲନ୍ତି କବି ନିଜ ଚେତନାରେ, ଚିନ୍ତାରେ ପୁଣି ଅକ୍ଷୟ ଅକ୍ଷରରେ । ଏମିତି ପଥଚଲାରେ ଅପମାନ ହୁଏ ଦେହର କବଚ, ଆଉ ଅଭିମାନ ହୁଏ ଜନମର ସାଥୀ । କବିଙ୍କର ଭାଷାରେ –

**ଅଭିମାନ ମୋର ଜନମର ସାଥୀ**
**କେମିତି ଛାଡ଼ିବି କହ**
**ଅପମାନ ମୋର ଦେହର କବଚ**
**କାହିକି ଢାଳିବି ଲୁହ**

ହତାଶାର ମରୁବାଲିରେ ଚାଲୁଥିଲା ବେଳେ ସ୍ମୃତି କେତେ ଉଙ୍କିମାରେ ତାଙ୍କ ମାନସ ପଟରେ । ମନର ମାନସୀ ସତେ ଅବା କଥା ଦେଇ କଥା ରଖିପାରିନି । ଆଶା ସବୁ ବାସି ଶାଗ ପରି ମଉଳି ଯାଇଛି ।

କବିଙ୍କ ଭାଷାରେ –

**ଭାବରେ ଅଭାବ ତୁମେ ଦେଲ  ଭରି**
**ଆକାଶର ଫୁଲ ଛୁଇଁ**
**ଛଳନା ନକରି ବଞ୍ଚିଛି ମୁଁ ଆଜି**
**ମଲା ଜହ୍ନଟିଏ ହୋଇ ।**

ମନର ମଣିଷ ପାଇଁ ତଥାପି ରହିଛି ମନରେ ତାଙ୍କର ଶ୍ରଦ୍ଧାଶୀଳତା, ଅନ୍ତରରେ ସସ୍ନିଗ୍ଧ ଚାରୁତା । ତା' ଗାଁର ଭିଜାମାଟିର ଗନ୍ଧ କବିଙ୍କୁ ଭାବବିଭୋର କରିଛି । ତା' ଗାଁର ପୋଖରୀରେ ଫୁଟିଥିବା କଇଁଫୁଲ ଭାରି ସୁନ୍ଦର ଦିଶିଛି କବିଙ୍କୁ । କବିଙ୍କ କଥାରେ –

**ତମ ଗାଁର ସେ ଭିଜାମାଟି ଗନ୍ଧ**
**ଚନ୍ଦନ ସୁବାସୁ ଯାଏ ବଳି**
**ମମତା ଫୁଲର ମଧୁ ଟିକେ ପିଇ**
**ହସୁଥାଏ ଖାଲି ମନ–ଅଳି ।**

ଗୀତିକବିତା ରଚନା କ୍ଷେତ୍ରରେ କବି ବିଜୟ କୁମାର ମହାନ୍ତିଙ୍କର ଗଭୀର ଆନ୍ତରିକତା ରହିଛି । ଅନ୍ତରର ମାଦକତା ଓ ହୃଦୟର ଭାବ ପ୍ରବଣତା କବିଙ୍କ ରଚନାରେ ସ୍ପଷ୍ଟ । କବିଚିତ୍ତର ସ୍ପର୍ଶକାତରତା ପ୍ରାୟ ପ୍ରତ୍ୟେକ ଗୀତିକବିତାରେ ଲକ୍ଷ୍ୟଣୀୟ । ଶବ୍ଦ ଯୋଜନାରେ ସାବଲୀଳତା ବିଦ୍ୟମାନ ଥିବା ସମୟରେ ଭାଷା ହୋଇଛି ଭାବାନୁସାରୀ । ସର୍ବୋପରି କବି ଶ୍ରୀଯୁକ୍ତ ମହାନ୍ତିଙ୍କର ଗୀତିକବିତା ଗୁଡ଼ିକ ସୁଖପାଠ୍ୟ ଓ ଅନୁଭବ୍ୟ ।

## ବସନ୍ତ କୁମାର ପାଣିଗ୍ରାହୀ –

କବିତ୍ୱର ବିମଳ ଝଲକରେ କବିଚିତ୍ତ ପ୍ରୀତି ପୁଲକିତ ହୁଏ । କେତେବେଳେ ତହିଁରେ ବହୁବର୍ଣ୍ଣାଫୁଲ ଫୁଟିଯାଏ । ସେ ଫୁଲର ମହମହ ସୁବାସରେ ବାତାବରଣ ମନ୍ତ୍ରମୁଗ୍ଧ ହୋଇଯାଏ । କ୍ଷଣକ ପାଇଁ ହେଲେ ମଧ୍ୟ ମନରୁ ସମସ୍ତ ଦୁଶ୍ଚିନ୍ତା, ଦୁଃଖ ଓ ଅବସାଦ ଦୂର ହୋଇଯାଏ । ଏଥି ସହିତ ଜୀବନ ଜଞ୍ଜାଳର ଦାରୁଣ ଚିତ୍ର ମଧ୍ୟ କବିଙ୍କ ଲେଖନୀରେ ରୂପାୟିତ ହୁଏ । କବି ବସନ୍ତ କୁମାର ପାଣିଗ୍ରାହୀଙ୍କ କେତେକ ଗୀତିକବିତାରେ ଜୀବନର ଅପୂର୍ଣ୍ଣତା ସ୍ୱୀକୃତ ହୋଇଛି । ଭଗବାନ ଏହି ଅପୂର୍ଣ୍ଣତାକୁ ଗ୍ରହଣ କରନ୍ତୁ ବୋଲି ସେ ପ୍ରାର୍ଥନା ଜଣାଇଛନ୍ତି, ଝରା ଶେଫାଳି ଓ ଲିଭା ସଳିତା ବୋଲି ନିଜକୁ ଅଭିହିତ କରିଛନ୍ତି ।

ତାଙ୍କ ଭାଷାରେ –

**''ଝରା ଦୀପାଳିର ଲିଭା ସଳିତା ମୁଁ**
**ଝରା ଶେଫାଳିର ମଉଳା ତନୁ ମୁଁ**
**ଅପୂଜା ଦିଅଁ ମୁଁ ଦେଉଳେ**
**ଅବୁଝା ମନ ମୋ ତିଳତିଳ ଜଳେ''**

## ବିଷ୍ଣୁ ସାହୁ –

ବିଷ୍ଣୁ ସାହୁଙ୍କ ଗୀତିକବିତାରେ ବିଭୁଭକ୍ତି, ପଲ୍ଲୀପ୍ରାଣତା, ଦେଶପ୍ରେମ ଓ ମାନବିକ ପ୍ରୀତିପ୍ରବଣତା ଦେଖିବାକୁ ମିଳେ । ପରମପ୍ରଭୁଙ୍କର ପାଦରେ ନୁପୂର ଓ ଅଧରେ ବଂଶୀ ହୋଇ ପ୍ରଭୁଙ୍କର ଅଙ୍ଗ ସ୍ପର୍ଶ ଜନିତ ଦିବ୍ୟାନନ୍ଦ ଲାଭ କରିବାକୁ ତାଙ୍କର ଅଭୀପ୍‌ସା ବରଣୀୟ । ଅରୂପରେ ଯାହାର ରୂପଶୋଭା ଲହରୀ ପରି ପହଁରିଯାଏ, ନିଃଶବ୍ଦରେ ଯାହାର ସୁଲଳିତ ଧ୍ୱନିମାଳା ଅର୍କେଷ୍ଟ୍ରାର ରୂପ ନିଏ, ହସ ଯାହାର ଫୁଲପରି ଫୁଟିଯାଏ, ସୌନ୍ଦର୍ଯ୍ୟରେ ଯାହାର ପାଦଚିହ୍ନ ଉକୁଟିଉଠେ ସେହି ବିଶ୍ୱପ୍ରେମିକଙ୍କୁ କେତେବାଗରେ ଦେଖିବାକୁ କବିଚିତ୍ତ ପ୍ରୟାସ କରିଛି । ମନର କେତେ ସ୍ତରରେ କେତେ ପ୍ରକାରର ଚିତ୍ର ସେ ଆଙ୍କିଛି ଏବଂ ତାହାକୁ ଦେଖି ଆନନ୍ଦରେ ଆତ୍ମହରା ହୋଇଛି । ପଲ୍ଲୀର ଚାରୁଚିତ୍ର ଅଙ୍କନରେ ତାଙ୍କର କୃତିତ୍ୱ ଅଭିନନ୍ଦନୀୟ । ସୁଲଳିତ ଭାବ ବିଭବ କବି ପାଇଁ ହୋଇଛି ସୀମାହୀନ ଉଲ୍ଲାସର ରମ୍ୟଉପବନ । ସେଥିରେ ସେ ଦେଖିଛନ୍ତି କୃଷ୍ଣଚୂଡ଼ାର ରଙ୍ଗ, ବସନ୍ତର ବିମୁଗ୍ଧ ବିଳାସ । ଶରତର ସ୍ୱଚ୍ଛତା ଓ ସ୍ନିଗ୍ଧତା, ଶ୍ରାବଣର ରିମିଝିମି ବର୍ଷା, ଆଶ୍ୱିନର ସଫା ଜହ୍ନ, ନଦୀର ଚୂନା ଚୂନା ଢ଼େଉ, ବନାନୀର ସବୁଜିମା ଭିତରେ ନିଜକୁ ସେ ଖୋଜିଛନ୍ତି ଏବଂ ଯେତିକି ପାଇଛନ୍ତି ତହିଁରେ ଭାବମଗ୍ନ ହୋଇ ସେ କହିଛନ୍ତି –

**''ଖୋଜି ଖୋଜି ଏତେ ଦିନେ ପାଇଛି ମୁଁ ମନ ପରି ମନ**
**ମଧୁମାସ ହୋଇ ତୁମେ, ମନ ବନେ ଫୁଟାଇଛ ଫୁଲ**
**ଚଇତାଳି ହୋଇତୁମେ ଶୁଖାଇଛ ମୋଲୁହର ଧାର**
**ମୋ ମନ ମରୁରେ ତୁମେ ଦେଇଅଛ ଜଳର ସନ୍ଧାନ ।''**

## ବିପିନ ମହାନ୍ତି–

'ଦୁଷ୍ଟ ପ୍ରଜାପତି' ପୁସ୍ତକର ପ୍ରଣେତା କବି ବିପିନ ମହାନ୍ତିଙ୍କ ନାମ ଓଡ଼ିଆ ଗୀତିକବିତା ରାଜ୍ୟରେ ଅତ୍ୟନ୍ତ ପରିଚିତ । 'ଫୁଲେଇ ଫଗୁଣ' ତାଙ୍କର ଅନ୍ୟ ଏକ

ସୁରମ୍ୟ ସୃଷ୍ଟି । ଏଥିରେ ରୋମାଣ୍ଟିକ ଭାବାବେଗ ମୂର୍ତ୍ତିମନ୍ତ । କାବ୍ୟ ନାୟକର ମନ ଦେହଳିରେ କେତେବେଳେ ଆଶାବାଦର ଅଭିନନ୍ଦନିକା ତ ଆଉ କେତେବେଳେ ଅବସାଦର ଗୈରିକ ମ୍ଳାନିମା । ସବୁଥିଲେ ବି ନାୟକର ମନର ଇଲାକା ଶୂନ୍ୟଶୂନ୍ୟ ଲାଗେ ନାୟିକାର ଅବର୍ତ୍ତମାନରେ । ଆକାଶ ଥାଏ, ନ ଥାଏ ତହିଁରେ ପ୍ରଶାନ୍ତି ନୀଳିମା । ସାଗର ଥାଏ, ନ ଥାଏ ତହିଁରେ ଗଭୀରତା ।  କବିଙ୍କ ଭାଷାରେ–

**'ଫୁଲ ବି ତ ଥିଲା ଫଗୁଣ ବି ଥିଲା**
**ଥିଲା କୋଇଲିର ଗୀତି**
**ପ୍ରଜାପତି ଥିଲା ଭଅଁର ବି ଥିଲା**
**ଥିଲା ତ ଅନ୍ଧାର ରାତି ।**
**ତୁମ ପ୍ରେମ ବିନା ଲାଗୁଥିଲା ଏଇ ଦୁନିଆଁଟା ମରୁଭୂଇଁ ।**

ଆଉ ଗୋଟିଏ ଚେତନା ଯାହା ଏଇ ପୁସ୍ତକରେ ସ୍ଥାନିତ ତାହା ହେଉଛି ପ୍ରେମ ନିକଟରେ ମରଣର ପରାଜୟ । ବାସ୍ତବରେ ମୃତ୍ୟୁ ସବୁଠାରେ ଅପରାଜେୟ । ମାତ୍ର ତାହା ପରାଜିତ ପ୍ରେମ ନିକଟରେ । ପ୍ରେମର ଏତେ ସାମର୍ଥ୍ୟ ଅଛି ଯେ ତାହା ମୃତ୍ୟୁକୁ କବଳିତ କରିପାରେ । ମୃତ୍ୟୁର ନାମ ଲିଭାଇଦେଇ ସେଠାରେ ଅମରତ୍ୱର ନାମ ଲେଖିଦେଇପାରେ । କବି କହନ୍ତି– 'ଏଇ ଜୀବନର ପୁଣ୍ୟ ବେଦିରେ ମରଣର ପରାଜୟ ।' ଜୀବନକୁ ନୀଡ଼, ପାନ୍ଥଶାଳା, ମନ୍ଦିର, ଭସା ବାଦଲ ପ୍ରଭୃତିରେ କବି ପ୍ରତୀକିତ କରିଛନ୍ତି । କବିଚିତ୍ତର ସ୍ୱର୍ଣ୍ଣକାତରତା ଅନୁଭବ୍ୟ ।

'ହଜାଇଛି ତୁମ ପ୍ରୀତିର ଠିକଣା' ପୁସ୍ତକରେ ରୋମାଣ୍ଟିକ ଅନୁଭବ ସହ ମାଟିମନସ୍କତା ଚିତ୍ରିତ । ଆମ ଦେଶ ସମନ୍ୱିତ ଚେତନାର ଦେଶ । ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସହାବସ୍ଥାନ ଏହାର ନୀତି, ଏହାର ବୈଶିଷ୍ଟ୍ୟ । କବିଙ୍କ ଭାଷାରେ–

**'ସଭିଁଏ ଆମେ ତ ଗୋଟିଏ ମାଆର**
**ଭାରତ ଆମର ମାଟି**
**ସ୍ୱାଧୀନତା ପାଇଁ ଭଙ୍ଗା କୋଠରିରେ**
**କାଟିଛୁ କେତେ ଯେ ରାତି ।'**

ପ୍ରକୃତିରେ ନିକଟରେ ଲୋକଶିକ୍ଷା ପାଇଁ ବହୁ ଉପାଦାନ ରହିଛି ବୋଲି କବି କହିଛନ୍ତି । ଫୁଲଠାରୁ ନୀରବତା, ମାଟିଠାରୁ ସହନଶୀଳତା, ନଦୀଠାରୁ ପ୍ରବହମାନତା ଇତ୍ୟାଦି ବହୁ ମୂଲ୍ୟବାନ କଥା ମଣିଷର ଶିଖିବାର ଅଛି ବୋଲି ସେ କହିଛନ୍ତି ।

ଏତିକି କହିବା ଯଥାର୍ଥ ଯେ କବି ବିପିନ ମହାନ୍ତିଙ୍କର ଗୀତି ରଚନାରେ ସାବଲୀଳତା ଓ ବହୁମୁଖୀନତା ଉପସ୍ଥାପିତ ହୋଇ ପାଠକୀୟ ଆଦୃତି ଲାଭ କରିଛି ।

**ବିମଳା ସିଂ**

'ପ୍ରୀତି ପାର୍ବଣ' ଗୀତିଗୁଚ୍ଛର କବି ବିମଳା ସିଂଙ୍କର ଭାବବିଭୋରତା ଓ ଛନ୍ଦମଧୁରତା ଅନନ୍ୟ । ଆଲୋଚ୍ୟ ଗୀତିଗୁଚ୍ଛରେ ମିଳନବିରହ, ଆଶାହତାଶା, ପ୍ରାପ୍ତିଅପ୍ରାପ୍ତିର ଏକ ଲୁଚକାଳି ଖେଳ ବେଶ୍ ଲକ୍ଷଣୀୟ । ଅତୀତ ଆମୁଖତା ଓ ସ୍ମୃତି ସଜଳତା କବିକଣ୍ଠର ଏକ ପ୍ରମୁଖ ସ୍ୱର । ବିରହର ଦାବଦହନରେ ଜଳି ଯାଉଥିବା ସଳିତାର ମର୍ମକଥା ଏଥିରେ ଚିତ୍ରିତ । କବିଙ୍କ ଭାଷାରେ :

**''ଶୀତ ସକାଳର ଉଦାସୀ ଜହ୍ନ ମୁଁ**
**ମୋ ପାଇଁ କୁମୁଦ ଫୁଟେ ନାହିଁ**
**ଶ୍ରାବଣର ଶେଷ ବାଦଲ ହୋଇ ମୁଁ**
**ବରଷିବି ହୋଇ ବର୍ଷୁ ନାହିଁ ।''**

ଜୀବନକୁ କେତେବେଳେ ବୋଇତ, କେତେବେଳେ ଦୋ'ଛକି ରାସ୍ତା, କେତେବେଳେ ପ୍ରେମର କାରାଗାର, ପୁଣି କେତେବେଳେ ସପନର ବାଲିଘର ବୋଲି କବି ଉଲ୍ଲେଖ କରିଛନ୍ତି । ମନକୁ ଦର୍ପଣ, ହତାଶାର ନିଆଁଝୁଲ, କପୋତୀ, ହଂସୀ, ଚନ୍ଦ୍ରଭାଗା ଓ ବନାନୀ ଭାବରେ ବିଚାର କରିଛନ୍ତି । ଜୀବନରେ କେତେକଥା ଖୋଜିଖୋଜି ମିଳେ ନାହିଁ । ମନ ଖୋଜେ ମନଲାଖି ମନଟିଏ ମାତ୍ର ତାହା ମିଳେ ନାହିଁ । ଖୋଜୁଥିବା ମନଟି ହତାଶାରେ ଜର୍ଜରିତ ହେବାକୁ ବାଧ୍ୟ ହୁଏ ।

ପ୍ରକୃତିର ଚିତ୍ର ଭିତରେ ମନର ଅଭିଳାଷ ଫୁଟି ପଡ଼ିଛି । ବର୍ଷା ସାଥିରେ ବର୍ଷା ହୋଇ ଝରିଯିବ ମନର ବାସନା । ଶରତ ସାଥିରେ ଶରତ ରୂପରେ ପ୍ରିୟ ଆସିବ ତା'ର ପ୍ରିୟା ନିକଟକୁ, ହେମନ୍ତ ସାଥିରେ ହେମନ୍ତ ହୋଇ ଆସି ଗୀତ ଗାଇଯିବ ପ୍ରିୟ । ଶୀତର ସହ ଶୀତ ହୋଇଆସିବ ମନର ମଣିଷ, ପୁଣି ବସନ୍ତ ସହ ମଳୟ ପରଶ ହୋଇ ଆସିବ ପ୍ରିୟ ବୋଲି ସେ ଉଲ୍ଲେଖ କରିଛନ୍ତି । ତାଙ୍କ କଥାରେ :

**''କଥା ଦେଇଥିଲେ ହେମନ୍ତ ସାଥିରେ**
**ଆସିବ ହେମନ୍ତ ମନେ**
**ତନ୍ଦ୍ରା ମଧୁର ମୋ' ରାତ୍ରି ବିତାଇବ**
**ତୁମରି କଅଁଳ ଗାନେ ।**

ହତାଶା ଭିତରେ ବେଳେବେଳେ କବିଙ୍କୁ ଶୁଭିଛି ଆଶାବରୀ ରାଗର ଅଳିଅଳ ଛନ୍ଦ । କବି କହନ୍ତି ଯେ ସେତେବେଳେ ଶୁଭେ ପ୍ରିୟତମ କାନରେ ଆଶାର ବୀଣାତାନ

ପୁଣି ପ୍ରିୟତମାର ମନରେ ଆସେ ଅନେକ ପ୍ରତ୍ୟୟର ନବାନୁରାଗ । ଉଭୟ ଆହ୍ଲାଦିତ ହୁଅନ୍ତି, ମନରେ ଭରସା ଆଣନ୍ତି, କ୍ଷଣକ ପାଇଁ ହେଲେ ମଧ୍ୟ ହଜିଯାଏ ସମସ୍ତ ଗ୍ଲାନି, ମ୍ଳାନିମା, ଦୁଃଖ, ପୁଣି ଅସନ୍ତୋଷ । କବିଙ୍କ ଭାଷାରେ

**''ଆମ ମିଳନରେ ମଳୟ ଝରିବ**
**ପ୍ରେମ ବଗିଚାରୁ ନିତି**
**ନୀଳ ନଉକାରେ ଗଢ଼ିବା ଜୀବନ**
**ଝରୁଥିବ ମଧୁଗୀତି ।''**

ପ୍ରେମାସ୍ପଦ ଓ ପ୍ରେମାସ୍ପଦାର ନରମ ମଧୁର ମନୋବୃତ୍ତିର ଚିତ୍ର କବିତ୍ୱର ବର୍ଣ୍ଣବିଭା ଦେଇ ଆଙ୍କି ଦେଇଛନ୍ତି ଚମତ୍କାର ଲିପିଶିଳ୍ପରେ କବି ବିମଳା ସିଂ । ଏହାହିଁ କବିତ୍ୱର ପରାକାଷ୍ଠା । ଏକ ସାର୍ବଜନୀନ ଭାବକୁ ଯଥାଯୋଗ୍ୟ ସମ୍ଭାରରେ ସଜାଇ ଅଭିବ୍ୟକ୍ତ କରାଇବା ହିଁ ସ୍ରଷ୍ଟାପଣ ।

ଏତଦ୍‌ବ୍ୟତୀତ କବି ସିଂଙ୍କର ଗ୍ରାମ୍ୟ ଜୀବନର ଚାରୁଚିତ୍ର ଅଙ୍କନରେ ଦକ୍ଷତା ରହିଛି । ଗାଁର ପରିବେଶ, ସୋରିଷ ଫୁଲର କ୍ଷେତ, ଗାଁର ସକାଳ ଓ ସନ୍ଧ୍ୟା ତଥା ସଂସ୍କୃତି ଚିତ୍ରଣରେ ଲେଖନୀ ତାଙ୍କର ଚଳଚଞ୍ଚଳ ହୋଇଉଠିଛି । ଗ୍ରାମ୍ୟ ଜୀବନ ତାଙ୍କ ପାଇଁ ଅତି ଆପଣାର, ସତେ ଅବା ଆନନ୍ଦର ବଇକୁଣ୍ଠପୁର । ପୁନଶ୍ଚ ତାଙ୍କର ଭକ୍ତିଭାବର ଗୀତିକବିତା ଅତ୍ୟନ୍ତ ହୃଦୟସ୍ପର୍ଶୀ । ଅନ୍ତରର ଭାବର ଅର୍ଘଥାଳିରେ ଆଳତି କରିଛନ୍ତି ବିଶ୍ୱର ଅଧିଶ୍ୱର ଜଗଦୀଶ୍ୱରଙ୍କୁ କବି । ଶ୍ରୋତା ଓ ପାଠକମାନେ କବିଙ୍କ ଲେଖନୀରୁ ଅଧିକରୁ ଅଧିକ ସୃଷ୍ଟି ଆଶା ରଖନ୍ତି ।

## ଭଗବାନ ନାୟକ ବର୍ମା –

ଅନ୍ୟମାନେ ସଂସାରକୁ ଯେପରି ଦେଖନ୍ତି, କବି ସେପରି ଦେଖେ ନାହିଁ । ତା'ର ଦୃଷ୍ଟିରେ ବ୍ୟର୍ଥତା ସାର୍ଥକତାରେ, ଦୁର୍ବଳତା ଅମୋଘସାମର୍ଥ୍ୟରେ ପରିଣତ ହୁଏ । ବିଫଳତା ତା' ପାଇଁ ହୁଏ ସଫଳତାର ଚାବିକାଠି, ଶୀତ ଆସେ ବସନ୍ତର ଉଷାଲୋକ ହୋଇ, ଦୁଃଖ ଆସେ ସୁଖର ସ୍ୱାଦକୁ ଅଧିକ ଉପଭୋଗ୍ୟ କରିବା ପାଇଁ । ଆତ୍ମବିଭୋର ପ୍ରୀତି ସଜଳ କବିସତ୍ତାର ପଟାନ୍ତର ନାହିଁ । ଆନନ୍ଦ ତାଙ୍କ ଆଖିରେ ତରଙ୍ଗ ଭାଙ୍ଗେ, ହୃଦୟର ବେଳାଭୂମିରେ ଉଚ୍ଛଳ ପ୍ଳାବନ ଅନୁପମ ଲୀଳା ରଚନା କରେ । ଆଶାବାଦର ଲଳିତ ଲବଙ୍ଗଲତାରେ ପରିବେଶ ଛାୟାଶୀତଳ ହୁଏ ।

ଏପରି ଜଣେ କବି ଶ୍ରୀ ଭଗବାନ ନାୟକ ବର୍ମାଙ୍କ ଲେଖନୀରେ ବହୁ ଭକ୍ତିଭିତ୍ତିକ ଗୀତିକବିତା ରୂପାୟିତ ହୋଇଛି । ସେ ରୂପରେ ଅରୂପର ଓ ଅରୂପରେ

ରୂପର କଳ୍ପନା କରିଛନ୍ତି । ବିଶ୍ୱନିୟନ୍ତାଙ୍କ ବିଶ୍ୱାତୀତ, ଓ ବିଶ୍ୱଗତ ରୂପକୁ ଲିପିରେ ଉପସ୍ଥାପନା କରିବାକୁ ଯାଇ କବି ଶ୍ରୀଯୁକ୍ତ ବର୍ମା କହିଛନ୍ତି –

**''ତୁମେ ଜୀବନ ବେଦର ଓଁକାର**
**ତୁମେ ସୃଜନ ବୀଣାର ଝଙ୍କାର**
**ତୁମେ ସଙ୍ଗୀତ ଶୁଭ ସକାଳର ।''**

ପରିମାଣରେ ସ୍ୱଳ୍ପ ହେଲେ ହେଁ ତାଙ୍କର ସୃଷ୍ଟିସମ୍ଭାର ଗୁଣାତ୍ମକଦୃଷ୍ଟିରୁ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ । ଅଳ୍ପ ଶବ୍ଦରେ ବହୁକଥା ଉପସ୍ଥାପନା କରିପାରେ ତାଙ୍କର ଲେଖନୀ ।

ଭଜନ ଗୁଡ଼ିକ ତାଙ୍କର ଅତ୍ୟନ୍ତ ହୃଦୟ ସ୍ପର୍ଶୀ କାରଣ ତହିଁରେ ଧାର୍ମିକତା ଅପେକ୍ଷା ଆଧ୍ୟାତ୍ମିକତାର ସ୍ପର୍ଶ ଅଧିକ । 'ମଧୁମାତୃକା' ତାଙ୍କ ରଚିତ ଏକ ଭକ୍ତି ସଂଗୀତ ପୁସ୍ତକ । ଶ୍ରୀମାଶ୍ରୀଅରବିନ୍ଦଙ୍କ ମହିମା ଏଥିରେ ସ୍ଥାନିତ ହୋଇଛି । ମା'ଙ୍କ ଆଖିର  ଜ୍ୟୋତି, ମା'ଙ୍କ ହସର କାନ୍ତି, ମା'ଙ୍କ ପାଦର ଦୀପ୍ତି ପ୍ରସଙ୍ଗକୁ ଅତ୍ୟନ୍ତ ମର୍ମସ୍ପର୍ଶୀ ଭାବରେ କବି ଉକ୍ତପୁସ୍ତକରେ ସ୍ଥାନ ଦେଇଛନ୍ତି । ପ୍ରତିଶବ୍ଦରେ ରହିଛି ତୀବ୍ର ଅନୁଭବ । ଶବ୍ଦଯୋଜନାରେ ଚମତ୍କାରିତା ତାଙ୍କର ନିଜସ୍ୱ ବିଶେଷତ୍ୱ । ତାଙ୍କ କଥାରେ 'ଦେଖିଛ କି ବନ୍ଧୁ ଦେଖିଛକି, ସେ ଆଖି ଆଲୋକ ଦେଖିଛକି' ? ତାଙ୍କ ସୃଜନଶୀଳତା ଅନନ୍ୟ ଓ ଅନୁପମ  । ଚିରସୁନ୍ଦର ଓ ଚିର–ସବୁଜ ତାଙ୍କର ଭକ୍ତିମତ୍ତା ଏବଂ ଅସାମାନ୍ୟ ତାଙ୍କର ଭାବଗଭୀରତା । ପାଠକ ଓ ଶ୍ରୋତାମାନେ ତାଙ୍କ ଲେଖନୀରୁ ଆଧ୍ୟାତ୍ମିକ ଭାବ ସମ୍ବଳିତ ଗୀତିକବିତା ଆହୁରି ଅଧିକ ପରିମାଣରେ ପାଇବାକୁ ଆଶା ରଖନ୍ତି ।

## ମନମୋହିନୀ ଦେବୀ –

ଆଧୁନିକ ଓଡ଼ିଆ ଗୀତିକବିତା ରଚନା କ୍ଷେତ୍ରରେ ଏକ ବିଶିଷ୍ଟ ପ୍ରତିଭା । ମନମୋହିନୀ ଦେବୀ କେଉଁ କାରଣରୁ ପ୍ରତିଷ୍ଠାର ଅନ୍ତରାଳରେ ରହିଯାଇଛନ୍ତି ବୁଝି ହୁଏ ନାହିଁ । ତେବେ ଏତିକି ବୁଝିହୁଏ କୌଣସି ପ୍ରତିଭାକୁ ଅନାଲୋଚନା କିଛିଦିନ ପାଇଁ ଅନ୍ତରାଳରେ ରଖି ଦେଇପାରେ ମାତ୍ର ସବୁଦିନ ପାଇଁ ସେହିପରି ରଖିବା ସମ୍ଭବ ନୁହେଁ, କାରଣ ପୃଥିବୀ ବଡ଼ ବିପୁଳ ଓ କାଳସ୍ରୋତ ଚିର ଅବାରିତ ।

କଥିତ ଭାଷା  ଓ ଲିଖିତ ଭାଷାର ସମନ୍ୱୟରେ ସଂରଚିତ କବିଙ୍କ ଗୀତିକବିତାରେ ଅନୁପମ ମାଦକତା ଥିବା କଥା ପ୍ରତ୍ୟେକ ପାଠକ ଲକ୍ଷ୍ୟ କରିପାରିବେ । ସବୁଠାରୁ ଅଧିକ ଲକ୍ଷ୍ୟଣୀୟ ଯାହା ତାହା ହେଉଛି ଗ୍ରାମ୍ୟ ଜୀବନର

ଚିତ୍ତାମୋଦୀ ଚାରୁଚିତ୍ର । ଗାଁ ପରିବେଶରେ ବର୍ଷା, ବସନ୍ତ ଓ ବୈଶାଖ, ସାଧବ ବୋହୂର ଧୀରଚାଲି, ଭିକାରୀର ଭିକ ପାଇଁ ଆକୁଳତା, ଗାଁ ଦାଣ୍ଡରେ ନାଥ ଯୋଗୀର କେନ୍ଦରା ଗୀତ, ଗ୍ରାମ ଶ୍ମଶାନର ଚିତ୍ର, ଗାଁ ମୁଣ୍ଡର ମନ୍ଦିରର ପବିତ୍ର ବାତାବରଣ ଅତି ମାର୍ମିକ ଭାବରେ କବିଙ୍କ ଲେଖନୀରେ ଚିତ୍ରିତ ହୋଇଛି । ଏକଥା ମଧ୍ୟ ଲକ୍ଷ୍ୟଣୀୟ ଯେ, ଏକ ପ୍ରକାର ଶବ୍ଦର ବାରମ୍ବାର ବ୍ୟବହାର ନାହିଁ, ବରଂ ଭିନ୍ନ ଭିନ୍ନ ଶବ୍ଦର ରମ୍ୟ ସମନ୍ୱୟ ରହିଛି । ସୌନ୍ଦର୍ଯ୍ୟବୋଧ ହିଁ କବିତ୍ୱର ଭିତ୍ତି । ଯାହାର ସୌନ୍ଦର୍ଯ୍ୟବୋଧ ନାହିଁ ସେ ସୃଜନଶୀଳ ହୋଇପାରେ ନାହିଁ, ତା' ଭିତରେ କଳ୍ପନାର ପାଦରେଖା ପଡ଼େନାହିଁ କି ସେ ସୃଷ୍ଟିର ଅଗ୍ରଗତି ଭିତ୍ତିକ ସମ୍ଭାବନାକୁ ଦେଖିପାରେ ନାହିଁ । ଅତୀତ, ବର୍ତ୍ତମାନ ଓ ଭବିଷ୍ୟତକୁ ଏକ ସୂତ୍ରରେ ବାନ୍ଧିପାରେ କବି, କାରଣ ତା' ପାଖରେ ସୂକ୍ଷ୍ମ ଦୃଷ୍ଟି ଓ ପ୍ରୟୋଜନୀୟ ପ୍ରକାଶ ସାମର୍ଥ୍ୟ ଥାଏ । ଭାବ ପ୍ରକଟନ ନିମନ୍ତେ ଉପଯୁକ୍ତ ଶବ୍ଦର ଚୟନ ଓ ପ୍ରୟୋଗ କବି କୃତିକୁ କାଳଜୟୀ କରେ । ଶବ୍ଦ ଦିଏ ଚିତ୍ର ଏବଂ ଚିତ୍ର ଦିଏ ଅବବୋଧ ଓ ଦୂରକୁ ଦେଖିବାର ଅନେକ କ୍ଷମତା । ଯେଉଁ ଶବ୍ଦ ଯେତେ ଭାବପ୍ରସୂ ଓ ଚିତ୍ରମୟ ସେହି ଶବ୍ଦ ସାହିତ୍ୟ ରାଜ୍ୟରେ ବରଣୀୟ ଓ ଅନୁସରଣୀୟ ହୋଇରହେ ।

କବି ମନମୋହିନୀ ଦେବୀ ଏପରି ଶବ୍ଦ ପ୍ରୟୋଗ କଳାର ଜଣେ ନିପୁଣ ଶିଳ୍ପୀ, ଏଥିରେ ଅତିରଞ୍ଜନ ନାହିଁ । ଭିନ୍ନ ଭିନ୍ନ ରସ ପାଇଁ ନିର୍ବାଚିତ ଶବ୍ଦମାଳାର ସଫଳ ପ୍ରୟୋଗ ତାଙ୍କ ସୃଷ୍ଟି ସମ୍ଭାରରେ ସ୍ପଷ୍ଟ ଭାବରେ ଦେଖିବାକୁ ମିଳେ । ତାଙ୍କ ସମୟର ସମାଜକୁ ଅର୍ଥାତ୍ ସ୍ୱାଧୀନତା ପୂର୍ବବର୍ତ୍ତୀ ଓ ପରବର୍ତ୍ତୀ ସମାଜକୁ ପୁଙ୍ଖାନୁପୁଙ୍ଖ ଭାବରେ ବିଶ୍ଳେଷଣ କରି କବିର ହୃଦୟରେ ଯାହା ସେ ଅନୁଭବ କରିଛନ୍ତି ତାହାକୁ ଶବ୍ଦ ଦ୍ୱାରା ରୂପାୟିତ କରିଛନ୍ତି । କାଳେକାଳେ ସେ ଆର୍ଯ୍ୟପୁତ୍ରକୁ ସଚେତନ ହେବା ପାଇଁ, ନିଜ ସଭ୍ୟତା ସଂସ୍କୃତିକୁ ଉଚ୍ଚସ୍ଥାନ ଦେବା ପାଇଁ ଆହ୍ୱାନ କରିଛନ୍ତି । ଏଥି ସହିତ ଭାରତବାସୀଙ୍କୁ ସଦା ଆତ୍ମମୁଖୀ ହୋଇ ରହିବା ପାଇଁ ଉପଦେଶ ଦେଇଛନ୍ତି । କବିଙ୍କର ଭାରତ ଭାବନା ବାସ୍ତବରେ ଉଚ୍ଚକୋଟୀର ଓ ଅନୁସରଣୀୟ । ଭାରତର ଐତିହ୍ୟ ସମ୍ପର୍କରେ ଅନୁଶୀଳନ କରିବା ପାଇଁ ସେ ବାରମ୍ବାର ଭାରତବାସୀଙ୍କୁ ଆହ୍ୱାନ ଜଣାଇଛନ୍ତି । ଭାରତୀୟ ସଂସ୍କୃତି ସୁପ୍ତ ହୋଇଯାଇଛି ମାତ୍ର ଲୁପ୍ତ ହୋଇନାହିଁ । ଆଗାମୀ ଦିନରେ ଭାରତ ହେବ ସମଗ୍ର ବିଶ୍ୱର ଗୁରୁ ଓ ଆଧ୍ୟାତ୍ମିକ ନେତା । ଏକଥା ପ୍ରାଚ୍ୟ ଓ ପାଶ୍ଚାତ୍ୟର ବହୁ ଦାର୍ଶନିକ ତଥା ଦିବ୍ୟଦ୍ରଷ୍ଟା ଘୋଷଣା କରିଛନ୍ତି ।

କବି ମନମୋହିନୀ ଏହି ଅନୁଚିନ୍ତାକୁ ଯଥାଯୋଗ୍ୟ ସମ୍ମାନ ଜଣାଇ ଉଲ୍ଲେଖ କରିଛନ୍ତି –

**''ଭାରତ ଉପାଦାନେ ନବୀନ ଛାଞ୍ଚେ**
**ନବ ସ୍ୱରୂପ ପାଇଁ ଜଗତ ନାଚେ ।''**

ଗାଁ ରୁ ଦେଶ ପର୍ଯ୍ୟନ୍ତ ପରିବ୍ୟାପ୍ତ କବିଙ୍କ ଚିନ୍ତାଧାରା ମହନୀୟ ଓ ବରଣୀୟ । କୁମାର ପୂର୍ଣ୍ଣିମା ରାତିର ପୁଚିଖେଳ କବିଙ୍କୁ ଯେତିକି ବିମୁଗ୍ଧ କରିଛି ଭାରତୀୟ ଦର୍ଶନର ମୂଲ୍ୟବୋଧ କବିଚିତ୍ତକୁ ସେତିକି ପ୍ରଲୁବ୍ଧ କରିଛି । ସର୍ବୋପରି ଜୀବନ ଚିନ୍ତାର ମର୍ମସ୍ପର୍ଶୀ ଉପସ୍ଥାପନା କବିଙ୍କର ବହୁ କବିତାରେ ରୂପାୟିତ ହୋଇ ପାଠକୀୟ ଶ୍ରଦ୍ଧା ଓ ସମ୍ମାନ ଅର୍ଜନ କରିଛି । ଏକଥା କହିବା ଯଥାର୍ଥ ଯେ କବି ମନମୋହିନୀ ଦେବୀ ହେଉଛନ୍ତି ଓଡ଼ିଆ ସାହିତ୍ୟ ସାରସ୍ୱତ ସାଗରର  ଏକ ସମୁଚ୍ଚ ଲହରୀ ।

## ମନୋରମା ବିଶ୍ୱାଳ ମହାପାତ୍ର –

ସୁଲଳିତ କବିଚିତ୍ତ ଭାବାଭିବ୍ୟକ୍ତିରେ ପୂର୍ଣ୍ଣତାପ୍ରାପ୍ତ ହୁଏ । ଭାବର ନଈଟିଏ ହୋଇ ବହିଯାଏ ଗୀତିକବିତା । ଆଉ ସେ ନଈକୂଳରେ ବହୁବେଳେ ତଟସ୍ଥ ହୋଇ ବସିଥାଏ କବିର ସତ୍ତା ଯାହା ଏକ ସମୟରେ ଦେଖୁଥାଏ ନଈର ପ୍ରବାହକୁ ଓ ନିଜକୁ । ଏମିତି ଏକ କବିସତ୍ତା ମନୋରମା ବିଶ୍ୱାଳ ମହାପାତ୍ର । ତାଙ୍କ ଗୀତିକବିତାରେ ଭାବପ୍ରବଣତା ଯେତିକି ପ୍ରକୃତିପ୍ରାଣତା ତଥା ଜୀବନଚିନ୍ତା ସେତିକି ପରିମାଣରେ ପରିବେଷିତ ହେବା ଲକ୍ଷ୍ୟ କରାଯାଏ । ପଲ୍ଲୀପ୍ରାଣତା ତାଙ୍କ ବିମୁଗ୍ଧ ବାଙ୍ମୟରେ ବିଭୂଷିତ ଓ ସୁବାସିତ ହୋଇ ପାଠକ ପ୍ରାଣରେ ଭାବାନ୍ତର ଭରିଦିଏ । ପଲ୍ଲୀ ପ୍ରକୃତିର କୁଞ୍ଜେ କୁଞ୍ଜେ ସେ ଏକ ଅନିର୍ବଚନୀୟ ଲଳିତ ସତ୍ତାର ଉପସ୍ଥିତି ଅନୁଭବ କରିଛନ୍ତି । ସେହି ଉପସ୍ଥିତି କବିଙ୍କ ମାନସପଟରେ ବହୁ ସ୍ମୃତି ଉଦ୍ରେକ କରିଛି । କେତେବେଳେ ସେ ସ୍ମୃତି କୈଶୋରର ଚନ୍ଦନ ଗନ୍ଧରେ ଆମୋଦିତ ଆଉ କେତେବେଳେ ସ୍ଥିତପ୍ରଜ୍ଞତାର ଆକାଶୀ ରଙ୍ଗରେ ଅନୁବନ୍ଧିତ । ଜୀବନ ମୁଗ୍ଧା ହୋଇ ସେ କହିଛନ୍ତି –

**''ପିଲାଦିନ ପରି କହିବ ମୋ କାନେ**
**କିଛି ଜମାଭୁଲି ନାହିଁ**
**ପୃଥିବୀରୁ କେବେ ଶୁଖିଯାଏ ନାହିଁ**
**ଭଲ ପାଇବାର ନଈ'**

ପ୍ରୀତି ପ୍ରବଣତାକୁ ପାଥେୟ କରି ତାଙ୍କ ଲେଖନୀରୁ ରୂପପ୍ରାପ୍ତ ହୋଇଛି କେତେକ ଗୀତିକବିତା ଯହିଁରେ ଚିରନ୍ତନ ମୋହନମାଧୁର୍ଯ୍ୟର ବିମଳ ଆଲେଖ୍ୟ ଅଙ୍କିତ ହୋଇଛି । ଭାବସିକ୍ତ କବିଚିତ୍ତ ତାଙ୍କର ଚାହିଁଛି ଆକାଶର ତାରାଟିଏ ହୋଇ ରହିବାକୁ ଓ ମଧୁଝରା ବସନ୍ତ ବନରେ କୁସୁମିତ ଲତାଟିଏ ହୋଇ ରହିବାକୁ । ଭୌତିକ ସ୍ଥିତିର ଅବର୍ତ୍ତମାନରେ ଚେତନାର ସ୍ଥିତିରେ ସେ ରହିବେ ବୋଲି ଯେଉଁ ଆତ୍ମପ୍ରତ୍ୟୟର ରଙ୍ଗରେଖା ଆଙ୍କିଦେଇଛନ୍ତି, ତାହା ବାସ୍ତବରେ ଅନବଦ୍ୟ । ତାଙ୍କ ଭାଷାରେ –

**"ମୁଁ ସେଦିନ ନଥିଲେ ବି**
**ଗୀତ ମୋର ଥିବ"**

## ମନୋଜ ପଟ୍ଟନାୟକ –

କବିଟିଏ ଜୀବନକୁ ଦେଖେ ଭିନ୍ନ ଏକ ଗବାକ୍ଷରୁ । ପ୍ରକୃତିର ପାଦ ବନ୍ଦନା କରେ ଭିନ୍ନ ଏକ ମାନସିକତାରେ । ନୟନାନ୍ନ ଭାବରେ ସେ ସ୍ୱର୍ଗକୁ ଦେଖେ, ଶ୍ରବଣାନ୍ନ ଭାବରେ ଦେବୀ ସରସ୍ୱତୀଙ୍କର ବୀଣା ଝଙ୍କାର ସେ ଶୁଣେ, ତା ପାଇଁ ସୌନ୍ଦର୍ଯ୍ୟ ହୁଏ ବିଶ୍ୱ ସ୍ରଷ୍ଟାଙ୍କର ହସରେଖା, ପବନ ହୁଏ ବିଶ୍ୱାତ୍ମାଙ୍କ ପାଇଁ ଚାମର ଚାଳନା । ମନୋଜ ପଟ୍ଟନାୟକଙ୍କର କେତୋଟି କବିତାରେ ପ୍ରକୃତିର ରୁଚିପୂର୍ଣ୍ଣ ଚାରୁଚିତ୍ର ପ୍ରତିଫଳିତ ହୋଇଛି । ଶରତ ଋତୁର ବର୍ଣ୍ଣନାରେ କବିମାନସ ଭାବ ବିଭୋର ହୋଇ ଆଙ୍କି ଦେଇଛି ସୁକୁମାରତାର ସୁମଞ୍ଜୁଳ ଲିପିଚିତ୍ର ।

**"କାଶଫୁଲ ହସ ଶେଫାଳିର ବାସ ଜଗାଏ ପୁଲକ ପରା**
**ଶାରଦୀୟ ଖୁସି ଖେଳି ଖେଳି ଯାଏ ଉଚ୍ଛୁଳି ଉଠେ ଧରା"**

**(ଗୋଟିଏ ନୀଡ଼ ଅନେକ ଝଡ଼)**

ତାଙ୍କ ରଚିତ ଗୋଟିଏ ଦୁଇଟି କବିତାରେ ଭାଗ୍ୟ ଓ ଭଗବାନ ଏକାକଥା ବୋଲି କୁହାଯାଇଛି । ଅବଶ୍ୟ ଏହା ଏକାକଥା କି ନୁହେଁ ତାହା ଅଧିକ ଆଲୋଚନାର ଅପେକ୍ଷା ରଖେ । ପୁଣି କୁହାଯାଇଛି ଯେ ସ୍ୱାର୍ଥପର ମଣିଷ ଅନ୍ୟର ସୁଖରେ ସୁଖୀ ହୁଏ ମାତ୍ର ଅନ୍ୟର ଦୁଃଖରେ ଦୁଃଖୀ ହେବାକୁ ଆଗେଇ ଆସେ ନାହିଁ । ପ୍ରକୃତରେ ଅନ୍ୟର ସୁଖରେ ସୁଖୀ ହେବା ଅତ୍ୟନ୍ତ କଷ୍ଟକର ।

କବି ଶ୍ରୀ ପଟ୍ଟନାୟକଙ୍କ ମତରେ ଗୀତାୟିତ କବିତ୍ୱ ହିଁ ଗୀତି କବିତାର ମର୍ମକଥା । ପ୍ରକୃତରେ କବିତ୍ୱ ସହିତ ଗୀତର ଅନୁପମ ମଧୁବିଳାସ, ମଣିକାଞ୍ଚନର ଅପୂର୍ବ ସଂଯୋଗ ପରି ଅନନ୍ୟ ସାଧାରଣ ସ୍ୱାଦର ଅଧିକାରୀ । ଗୀତିକବି ପାଇଁ କବିତ୍ୱ ଯେତିକି ମୂଲ୍ୟବାନ

ଗୀତିମୟତା ସେତିକି ସ୍ୱାଗତଯୋଗ୍ୟ ତଥା ସୁଷମ ଉପାଦାନ । ଗୀତ ତାଙ୍କ ପାଇଁ ହୋଇଥାଏ ଅମର୍ତ୍ତ୍ୟର ମଧୁକ୍ଷରା ମର୍ତ୍ତ୍ୟର ମଞ୍ଜରୀ ଯାହା ପରିବେଷଣ କରିଯାଏ ଚିତ୍ରିତ ଚୈତ୍ରରଥର ଚିତ୍ତାମୋଦୀ କାଦମ୍ବରୀ ।

ସବୁଜିମାର ସ୍ୱାକ୍ଷର ଆଙ୍କି ମନୋଜ ପଟ୍ଟନାୟକ ଯୌବନର ନିରାଜନା କରିଛନ୍ତି । ଏ ପୂଜା ପାଇଁ ମାଦକତା ଚନ୍ଦନର ଗନ୍ଧ ହେଲାବେଳେ ଶୁଭେଚ୍ଛା ହୋଇଛି ଧୂପର ବାସ । କଳ୍ପନାର ଇନ୍ଦ୍ରଧନୁରେ ମନଆକାଶ ତାଙ୍କର ସୁରଞ୍ଜିତ ହୋଇଛି । ମଣିଷ ମନର ଗଭୀର ସ୍ତରକୁ ଯିବାପାଇଁ କବିମାନସ ତାଙ୍କର ସତତ ପ୍ରୟାସ କରିଛି ।

ପ୍ରେମର ବିଜୟ ବୈଜୟନ୍ତୀ ଉଡ଼ାଇବାକୁ ଯାଇ ସେ ତାହାର ବ୍ୟାଖ୍ୟା କରିଛନ୍ତି । କେତେବେଳେ ପ୍ରେମ ହୋଇଛି କାହାପାଇଁ ମଧୁର ତ ଆଉ କେତେବେଳେ କାହାପାଇଁ ତିକ୍ତ ଓ ବିଷାକ୍ତ, କାହାପାଇଁ ଯୋଗନିଦ୍ରା ତ କାହାପାଇଁ ମହାମୁଦ୍ରା । କବିଙ୍କ ଭାଷାରେ –

**''ଦୁନିଆ କହେ ପ୍ରେମରେ ଥାଏ**
**ପୃଥିବୀ ଭରାଶାନ୍ତି**
**ଶାମୁକାଟିଏ ପାଏନି କିଏ**
**କିଏ ବା ପାଏ ମୋତି ।''** (ଗୋଟିଏ ନୀଡ଼ ଅନେକ ଝଡ଼)

ମନୋଜ ପଟ୍ଟନାୟକଙ୍କ କେତୋଟି ଗୀତିକବିତାରେ ରହିଛି ଅଧିକ ମନନଶୀଳତା ତଥା ବୌଦ୍ଧିକତା । ସପ୍ତମ ଋତୁର ଅବତାରଣା ସେ ଅତି ଚମତ୍କାର ଭାବରେ କରିଛନ୍ତି । ଏ ସପ୍ତମ ଋତୁ କ'ଣ ହୋଇପାରେ ? ହୋଇପାରେ ମୁକ୍ତିର ମହନୀୟତା ଅବା ତ୍ୟାଗ ତିତିକ୍ଷାର ଶ୍ୟାମଳ ସାରାଂଶ । କବି କହନ୍ତି ଯେ ସେଠାରେ ମେଘ ନଥାଇ ମୟୂର ନାଚେ, ଫଗୁଣ ନଥାଇ ଅବିର ଉଡ଼େ, ସୂର୍ଯ୍ୟ ନଥାଇ ପଦ୍ମ ଫୁଟେ, ରାତି ନଥାଇ ସ୍ୱପ୍ନ ମିଳେ ପୁଣି ସ୍ପର୍ଶ ନଥାଇ ଶିହରଣ ଭରିଯାଏ ଦେହରେ ମନରେ । ସେ କି ଅନୁରାଗର ଋତୁ ଯେଉଁଠି ନଥାଏ ଆସକ୍ତି ଅଥବା ବୈରାଗ୍ୟ, ସତେ ଅବା ଥାଏ ଉଭୟର ଉର୍ଦ୍ଧ୍ୱରେ ଥିବା ଏକ ଅବବୋଧ ଯାହା ଅବ୍ୟକ୍ତ ମାତ୍ର ହୃଦୟଗ୍ରାହୀ । ସେ ଋତୁର ଚିତ୍ର ଆଙ୍କି କବି କହନ୍ତି –

**ମେଘ ବିନା ପରା ଏଠି ନାଚେ ମୟୂର**
**ଫଗୁଣ ନଆସି ଏଠି ଉଡ଼େ ଅବିର**
**ବିନା ଜୋଛନାରେ ଏଠି ହସେ ରଜନୀ**
**ସୂରୁଜ ବିନା ବି ଏଠି ଫୁଟେ ପଦ୍ମିନୀ (ଜୀବନ ପର୍ବ)**

ନିରାଶାରେ ଆଶା ଆଣେ କବିଙ୍କ କଥାରେ ଏହି ସପ୍ତମ ଋତୁ, ଭରିଦିଏ ମନେ ମନେ ଆନନ୍ଦର ଧ୍ୱନିମାଳା । ସକାଳର ଆକାଶରେ ସୁନେଲୀ ଆଭାର ବିଚ୍ଛୁରଣ ଘଟାଏ, ଅନୁପମ ହସର ମଞ୍ଜୁଳଶ୍ରୀରେ ମନ ମଜାଇ ଦିଏ । ନିଜକୁ ଖୋଜିବାକୁ ଖୋରାକ ମିଳେ, ବୁଝିବାକୁ ପ୍ରୟାସ ଗଭୀର ହୁଏ । ଜୀବନର ଅର୍ଥ ବଦଳିଯାଏ । କବିଙ୍କ ଭାଷାରେ –

**ଅସରା ସୁଖର ଅନେକ ଆୟୁଷ**
**ଆଣିଥାଏ ଜାଣି ଜାଣି**
**ଅଭୁଲା ହସର ଅଜସ୍ର ପରାଗ**
**ଯାଇଥାଏ ବୁଣି ବୁଣି** (ଜୀବନ ପର୍ବ)

## ମୀନାକ୍ଷୀ ଦେବୀ –

ଜୀବନର ସଂଜ୍ଞା, ଅର୍ଥ ଓ ସାର୍ଥକତା ଖୋଜିବାର ପ୍ରୟାସ ରହିଛି ତାଙ୍କର କେତେକ ଗୀତିକବିତାରେ । କବିମାତ୍ରେ ଜୀବନ ଜିଜ୍ଞାସୁ, ସାଧାରଣ ସ୍ମୃତିକୁ ଅତିକ୍ରମ କରିଯିବା ପାଇଁ ଏକାନ୍ତ ଅଭୀପସୁ । ସାଧାରଣ ବ୍ୟକ୍ତିର ଆଗ୍ରହ ନଥାଏ ଜୀବନ ରହସ୍ୟକୁ ତର୍ଜମା କରିବା ପାଇଁ ଯାହା କବି ପାଖରେ ଥାଏ । କବି ବା ସ୍ରଷ୍ଟା ହେଉଛି ଏକ ସଚେତନ ସତ୍ତା ଯିଏ ହଜିଲା କଥା ଖୋଜୁଥାଏ, ଖୋଜିଖୋଜି ଯାହା ଯାଏ ତାକୁ ଭଲ କରି ବୁଝିବାକୁ ପ୍ରଚେଷ୍ଟା କରୁଥାଏ ।

ମୀନାକ୍ଷୀ ଦେବୀଙ୍କ ମତରେ ଜୀବନ କେତେବେଳେ ଫୁଲର ଫଗୁଣ, ଯାହାର ମଳୟ ସ୍ପର୍ଶରେ ନବଜୀବନର ନୂତନ ଶବ୍ଦଲିପି ଥାଏ, କେତେବେଳେ ପୁଣି ନୀଳସାଗର ଯହିଁରେ ଥାଏ ପ୍ରୀତିର ମୁକ୍ତା ଆଉ କେତେବେଳେ ପୂର୍ଣ୍ଣିମାର ଜହ୍ନ ରାତି ଯହିଁରେ ଥାଏ ଲଳିତ ଲାବଣ୍ୟର ପାଦରେଖା । ଆଉ କେତେବେଳେ ବିଷାଦର ମେଘରେ ଆଚ୍ଛାଦିତ ହୁଏ ମନର ଆକାଶ, ଦିଗ ଦିଗନ୍ତ ହୁଏ ନିଷ୍ପ୍ରଭ ଓ ଉଦାସ । ତେବେ ଅନ୍ଧାର ଅପେକ୍ଷା ଆଲୋକର ନିରାଜନା କବି ଲେଖନୀରେ ଅଧିକ ସ୍ପଷ୍ଟ । ଏପରି କୁହାଯାଇପାରେ ଯେ ତାଙ୍କ କବି ସତ୍ତା ହତାଶାର ଅନ୍ଧାରରୁ ମୁକୁଳି ଆସୁଥିବା ନବ ଉଷାର ପୂର୍ବାଭାସଟିଏ, ଶୀତ ଶେଷର ପ୍ରାକ୍‌ବାସନ୍ତୀ ବିଳାସଟିଏ ଯିଏ ଉତ୍ତରଣ ଶୀଳତାକୁ ପଦେ ପଦେ ଅନୁମୋଦନ କରିଛି ।

**''ଋତୁର ନାଁ ମଧୁ ବସନ୍ତ**
**ମଧୁ ଝରାଉଥାଏ**
**ଖୁସି ବଉଳ ଛୁଇଁ ଛୁଇଁକା**
**ଚଇତି ବାଆ ବହେ ।''**(ଝରା ପତ୍ରର ଗୀତି)

'ଅମୃତ ଅନୁଭବ' କବିକୃତ ବିଭୁଭକ୍ତିମୂଳକ ଏକ ପୁସ୍ତକ । ଏଥିରେ ଅନ୍ଧାରରୁ ଆଲୋକ ଆଡ଼କୁ ଅଗ୍ରଗତି କରିବା ପାଇଁ କବିଙ୍କର ଅଭିଳାଷ ପ୍ରକଟିତ । ବିନ୍ଦୁଟିଏ ହୋଇ ଭଗବାନ ରୂପୀ ମହାସାଗରରେ ଲୀନ ହୋଇ ଯିବାକୁ ପ୍ରୟାସ ତାଙ୍କର ଅବାରିତ । ଅସତ୍ୟରୁ ସତ୍ୟ ଆଡ଼କୁ ଯିବା ତଥା ମୃତ୍ୟୁରୁଅମୃତ ଆଡ଼କୁ ଯିବା ହିଁ ଜୀବନର ଲକ୍ଷ୍ୟ । ଏହି ଲକ୍ଷ୍ୟ ପୂରଣ ନିମନ୍ତେ ଅହରହ ଆଗ୍ରହ ଓ ଆନ୍ତରିକତା ରହିବା ଏକାନ୍ତ ଜରୁରୀ ବୋଲି କବି କହିଛନ୍ତି । ତାଙ୍କ ଭାଷାରେ –

**''ଅନ୍ଧାରରୁ ନିଅ ଆଲୋକକୁ ପ୍ରଭୁ**
**ଅସତ୍ୟରୁ ନିଅ ସତ୍ୟପଥେ**
**ମୃତ୍ୟୁ ପଥର କ୍ଲାନ୍ତ ଯାତ୍ରୀ ମୁଁ**
**କରୁଣା ଆଲୋକ ଦେଖାଅ ମତେ ।''**(ଅମୃତ ଅନୁଭବ)

ଦେବାରାଧନା ପାଇଁ ଅନ୍ତରକୁ ମନ୍ଦିର ବୋଲି ବିଚାର କରିବା ସହ ଆତ୍ମ ନିବେଦନକୁ ପୂଜାଫୁଲ ଓ ଭକ୍ତିକୁ ଚନ୍ଦନ ବୋଲି କବି ବିଚାର କରିଛନ୍ତି । ଭଗବାନ ସାକାର ପୁଣି ନିରାକାର, ସଗୁଣ ପୁଣି ନିର୍ଗୁଣ । ସେ ସବୁ ରୂପର ଅଧୀଶ୍ୱର, ସବୁ ପୁଣି ତାଙ୍କର ଆତ୍ମରୂପାୟନ । ସବୁ ସ୍ୱରୂପ ତାଙ୍କର ଏକ ଏକ ଲୀଳାମୟ ଆଧାର – ଏହି ଦିଗଟି ପ୍ରତି କବି ସଚେତନ । ଭଗବାନ ସର୍ବବ୍ୟାପୀ, ବିରାଟ ବିଶ୍ୱର ବାହାରେ ଓ ଭିତରେ କୋଣେ ଅନୁକୋଣେ ତାଙ୍କର ଅଧିଷ୍ଠାନ ସୁଦୃଢ଼ । କବିଙ୍କ ଭାଷାରେ –

**''ତୁମେ ଗଗନରେ ତୁମେ ପବନରେ**
**କାନନେ କେଦାରେ ଉପବନେ**
**ତୁମେ ଧରାପରେ ତୁମେ ମରୁ ପରେ**
**ପରବତେ ପୁଣି ଫୁଲବନେ ।''(ଅମୃତ ଅନୁଭବ)**

କବି ମୀନାକ୍ଷୀ ଦେବୀ ଜୀବନବାଦରେ ବିଶ୍ୱାସୀ । କଳା ପାଇଁ କଳା ନୁହେଁ ବରଂ ଜୀବନ ପାଇଁ କଳାର ଲିପିକାର ଭାବରେ ତାଙ୍କର ମହତ୍ତ୍ୱ ସ୍ୱୀକାର୍ଯ୍ୟ ।

## ମିଶ୍ର ସତ୍ୟନାରାୟଣ –

ଓଡ଼ିଆ ଗୀତି କବିତା ରଚନା କ୍ଷେତ୍ରରେ ମିଶ୍ର ସତ୍ୟ ନାରାୟଣ ଏକ ପରିଚିତ ନାମ । କେତେକ ପତ୍ରପତ୍ରିକାରେ ତାଂକ ଗୀତିକବିତା ମୁଦ୍ରିତ ହୋଇଛି । ଭାବାନୁସାରୀ ଶବ୍ଦ ଯୋଜନା ତାଂକର ଅଭିନନ୍ଦନୀୟ । ଭିନ୍ନ ଭିନ୍ନ ପ୍ରେକ୍ଷାପଟରେ ଜୀବନକୁ ସେ ସମୀକ୍ଷା କରିଛନ୍ତି । କେତେବେଳେ ଭାବ ବିଭୋର ହୋଇଛନ୍ତି ତ ଆଉ କେତେବେଳେ ବିଷାଦମଳିନ ହୋଇଛନ୍ତି । ହତାଶା ଆସିଛି ମାତ୍ର ତାହା ଅଧିକ ସମୟ ରହି ପାରି

ନାହିଁ । ଆଶାର ଆଲୋକରେ ଅପସରି ଯାଇଛି ହତାଶାର ଅନ୍ଧାର । ମାଳୀ ମନ ନେଇ ସଂସାରକୁ ଦେଖି ସେ ପାଇଛନ୍ତି କଣ୍ଟାର ଆଘାତ । ତାଂକ ଭାଷାରେ –

**ମାଳୀ ମନ ନେଇ ଯେଉଁ ଫୁଲଟିକୁ**
**ସରାଗେ ସାଇତି ଥିଲି**
**ମହକ ବଦଳେ କଣ୍ଟକେ ସେତ**
**ଦେଇଚି ହୃଦୟ ଚିରି ।**

ଯଉବନର ସଂଜ୍ଞା ଓ ସ୍ୱରୂପ ଖୋଜିଛନ୍ତି କବି 'ଅନ୍ୟ ଫଗୁଣ' ଶୀର୍ଷକ ଏକ ଗୀତି କବିତାରେ । ଜୀବନରେ ଥରେ ଆସେ ଏଇ ସମୟ, ଭରିଦିଏ ରସ–ବାସ–ହସ ଓ ମନରେ ପ୍ରତିଟି ପ୍ରାଣରେ । କାମନାର ଅବିର ମାଖେ, ଲାଜଲାଜ ଭାବ ଆଣିଦିଏ, ଚୋରା ଅଭିସାରର ନିଶା ଭରିଦିଏ ମନରେ । ତନୁରେ ଆଣେ ଶିହରଣ, ପ୍ରାଣରେ ଅପରୂପ ପୁଲକ ସଞ୍ଚାର । ସବୁ କିଛି ସରସତା କିନ୍ତୁ ହଜିଯାଏ ବୟସ ରୂପକ ନିଦାଘର ଆଘାତରେ । ଏଇ ପରିପ୍ରେକ୍ଷୀରେ ମନେପଡ଼େ ପଲ୍ଲୀକବି ନନ୍ଦକିଶୋର ବଳଙ୍କର ଅନୁଭବ । ଶର୍ମିଷ୍ଠା କାବ୍ୟରେ ସେ କହନ୍ତି ଯେ ଯଉବନ ଏକ ଫୁଲ ଯାହା ନଶ୍ୱର ଦେହରେ ଫୁଟେ,ଦୁଇ ଦିନ ଫୁଟି ଝଡ଼ି ପଡ଼େ । ରୋଗ ଶୋକ ଜରା ରୂପକ କୀଟ ସେଇ ଫୁଲକୁ ଟିକ ଟିକ କରି କାଟିଦେଲେ ଫୁଲଟି ଝଡ଼ି ପଡ଼େ ଓ ମାଟିରେ ମିଶିଯାଏ ।

'ପୂର୍ବାଭାସ' ଶୀର୍ଷକ ଗୀତିକବିତାରେ କବି ମନର ଉଦାସ ଭାବ ପ୍ରକଟିତ । କରୁଣ ରାଗିଣୀ ଗାଇ ଭାସିଯାଉ ଥିବା ଭସା ବାଦଲକୁ ବନ ମୟୂରୀକୁ ନ ଡାକିବା ପାଇଁ ସେ ଅନୁରୋଧ ଜଣାଇଛନ୍ତି । ବାଦଲ ତାହାର ନିଜର ସ୍ୱତନ୍ତ୍ରତା ଭୁଲି ପଳାୟନ କଲାବେଳେ ତାକୁ ପଛରୁ ନଡାକିବା ଉଚିତ ବୋଲି କବି ମତ ଦେଇଛନ୍ତି । ତୁମେ ନାଚିଲେ ସେ ଆହୁରି ଅଧିକ ଦୁଃଖରେ ଜର୍ଜରିତ ହେବ କାରଣ ସେ ତ ଦେହ ହରାଇ ଧୂଆଁ ଧାରଟିଏ ହୋଇଯାଇଛି । ନିଜ ତୃଷ୍ଣାରେ ନିଜେ ଆକୁଳ ହୋଇ ଘୂରି ବୁଲୁଛି ।

**'ସେ ତ ଦେହ ହୀନ ଧୂଆଁ ଧାରଟିଏ**
**ତୃଷ୍ଣାରେ ନିଜେ ଘୂରିବୁଲେ ।'**

'ଦଗ୍ଧ ପଳାଶ' ଶୀର୍ଷକ ଗୀତିକବିତାରେ କବିଙ୍କ ମନରେ ଭାବାନ୍ତର ଆସିଛି ଯେ ପଳାଶ ଫୁଲର ଦୋଷ ହେଉଛି, ସେ ଦେବଯୋଗ୍ୟ ହେଲା ନାହିଁ ଅଥବା କାହାର ମନରେ ରେଖାପାତ କରି ପାରିଲା ନାହିଁ ନିଜର ସୁବାସ ହୀନତା ଯୋଗୁଁ । ପଳାଶ ଫୁଲଟିର ଆତ୍ମ ସମୀକ୍ଷା ଏହି କବିତାରେ ହୋଇଛି ଯଥାଯୋଗ୍ୟ । କାହା ଅଭିଶାପରେ ଏପରି ଅଲୋଡ଼ା ହୋଇଛି ସିଏ ତାହା ଭାବି ଭାବି ମର୍ମାହତ ହେବାଛଡ଼ା

ଅନ୍ୟ ଉପାୟ ତା'ର କିଛି ନାହିଁ, ବିରହର ଏଇ ଶାଖାରେ ଜଳିବା ତା'ର ଭବିତବ୍ୟ ବୋଲି ମାନିନେବା ଛଡ଼ା ଅନ୍ୟ କୌଣସି ଯୁକ୍ତି ତା'ପାଖରେ ନାହିଁ ।

'ଉଷା ଆଗମନୀ' ରଚନାରେ ସକାଳ ପୂର୍ବର ବର୍ଣ୍ଣନା ସତେଜ ହୋଇଛି । ସଜଫୁଲ ଫୁଟେ ଧରଣୀର ବଗିଚାରେ ମାଟିର ବେଦୀ ସଜା ହେବ ବୋଲି, ଓ ଅଳିକଣ୍ଠରେ ଗୁଣୁଗୁଣୁ ସ୍ୱରରେ ବେଦ ମନ୍ତ୍ର ଉଚ୍ଚାରିତ ହୁଏ ବୋଲି କବି କହିଛନ୍ତି । ମଳୟ ପବନକୁ କବିମାନେ ଯେପରି ବିଚାର କରନ୍ତି ଓ ବର୍ଣ୍ଣନା କରନ୍ତି କବି ମିଶ୍ର ସତ୍ୟନାରାୟଣ ସେପରି କରି ନାହାନ୍ତି । ସେ କହିଛନ୍ତି ଯେ ଚନ୍ଦନବନରେ ପଶି ଆସିଲାବେଳେ ନାଗ କନ୍ୟା ମାନଙ୍କର ଦଂଶନରେ ଦେହରେ ତା'ର ଭରି ଯାଇଛି ଅସରନ୍ତି ବିଷଜ୍ୱାଳା । ସେଇ ଜ୍ୱାଳାକୁ ଉପଶମ କରିବା ପାଇଁ ସେ ଫଗୁଣ ବନରେ ପାଗଳ ପ୍ରାୟ ବୁଲୁଛି ।

'ବିଷାକ୍ତ ମଳୟ' ରଚନାରେ ସେ କହିଛନ୍ତି –

**'ଚୋରା ମଳୟ ମୁଁ ଫଗୁଣ ବନରେ**
**ଲୋଟୁଛି ପାଗଳ ଭଳି**
**ଚନ୍ଦନ ବନେ ନାଗକନ୍ୟାର**
**ବିଷରୁ ଯିବାରୁ ଜଳି'**

ଅଧିକରୁ ଅଧିକ ଗୀତି କବିତା ରଚନା ପୂର୍ବକ କବି ଶ୍ରୀ ମିଶ୍ର ସତ୍ୟନାରାୟଣ ଓଡ଼ିଆ ସାହିତ୍ୟକୁ ଋଦ୍ଧିମନ୍ତ କରିବେ, ଏଇ ଆଶା ଓ ବିଶ୍ୱାସ ରହିଛି ।

## ମନୋଜ ମହାନ୍ତି

ଗୀତିକବି ମନୋଜ ମହାନ୍ତିଙ୍କର ଗୀତିକବିତା ଗୁଡ଼ିକରେ ରହିଛି ଭାବପ୍ରବାହର ନୀଳଝରଣା । କବିଚିତ୍ତର ସୂକ୍ଷ୍ମ ଅନୁଭବ ଚିତ୍ରନଦୀ ହୋଇ ବୋହିଯାଇଛି ପ୍ରାୟ ପ୍ରତ୍ୟେକ କବିତାରେ । ରୋମାଣ୍ଟିକ୍ ଭାବ ବିଭୋରତା ଭିନ୍ନ ଭିନ୍ନ ଶବ୍ଦଚିତ୍ରରେ ଚିତ୍ରୟିତ ହୋଇଛି । 'ପ୍ରତି ପଲକରେ ତୁମେ' ତାଙ୍କ ରଚିତ ଏକ ଗୀତିକବିତା ପୁସ୍ତକ । ଏଥିରେ ପ୍ରୀତି ପ୍ରବଣତାର ସୁବର୍ଣ୍ଣ ସ୍ୱାକ୍ଷର ରହିଛି । କାହା ପାଇଁ ଏତେ ପ୍ରବଣତା । ସେ କିଏ ? ସେ କିବା ଫୁଲଫଗୁଣର ଉଦାତ୍ତ ନାୟକ ? ଅବା ସିଏ ଶୋଷ ଆଉ ଅବସୋସ ମଝିରେ ଥିବା ଦୁର୍ଗମ ଦୂରତା ? ସେ କିବା ସୁନା ଝୁମ୍ପା ଖରାର ବିଳାସ, ଅବା ଶରତ ସୀମାନ୍ତର ନଦୀ ଧାରା । କବିଙ୍କ ଭାଷାରେ ଏଇ 'ତୁମେ'ର ସ୍ୱରୂପ ଅତ୍ୟନ୍ତ ମର୍ମଗ୍ରାହୀ ।

**'କୁହୁଡ଼ି ଭିତରେ ତୁମେ**
**ବଉଳର ମିଠା ବାସ୍ନା**
**ଉଆଁସ ରାତିରେ ତୁମେ**
**ସପନର ମଧୁଜ୍ୟୋସ୍ନା ।'** (ସତେ କେତେ ଛଳଛଳ)

ରୋମାଣ୍ଟିକ୍ ଭାବାବେଗର ଅନ୍ୟ ଏକ ବିଶିଷ୍ଟ ଦିଗ ହେଉଛି ବିଷାଦବାଦୀ । ବିଷାଦର ଅନ୍ଧାରରେ ଅନ୍ଧାରିତ କବିମାନସ ଆତ୍ମପ୍ରକାଶ କରିଛି ଭିନ୍ନ ଭିନ୍ନ ରୂପକ ମାଧ୍ୟମରେ । କବିଙ୍କ ଲେଖନୀରେ ଜୀବନ ହୋଇଛି ଫଗୁଣ ହାତରେ ମୁଠେ କୃଷ୍ଣଚୂଡ଼ା । ଜୀବନ ଯେତେବେଳେ ବିଷାଦିତ ହୁଏ ସେତେବେଳେ ବୟସଟା ହୁଏ ବେଦନାର ବଡ଼ ବୋଝ, ହାରିଗଲା ପରି ଲାଗେ ଆଉ ସେତେବେଳେ ଅସହାୟତା କୁହୁଡ଼ି ପରି ଚାରିଦିଗରୁ ଘେରି ଆସେ ।

ଏପରି ଅନୁଭବକୁ ରୂପାୟିତ କରିବାକୁ ଯାଇ କବି ଲେଖିଛନ୍ତି –

**'ଫଗୁଣ ହାତରେ ଜୀବନଟା ମୋର**
**ଝରା କୃଷ୍ଣଚୂଡ଼ା ମୁଠେ**
**ସ୍ମୃତିର ଶିଳାରେ ପ୍ରୀତି ଯେ ମୋହର**
**ମଥା ପିଠି କେତେ ଲୋଟେ'**

ନଦୀର ଧର୍ମ ପ୍ରବହମାନତା ଚଳଚଞ୍ଚଳତା ତାର ସ୍ୱଭାବ । ନା ତାକୁ ବୁଝିହୁଏ ନା ତାକୁ ବୁଝାଇ ହୁଏ । ପ୍ରେମର ପ୍ରତିମା ସେହିପରି କାଳେ କାଳେ ଅବୁଝା । ନା ତାକୁ ବୁଝିହୁଏ ନା ତାକୁ ବୁଝାଇ ହୁଏ । କେବଳ ବୁଝିବାର ଓ ବୁଝାଇବାର ପ୍ରୟାସ ଜାରି ରହିଥାଏ । କବିଙ୍କ ଭାଷାରେ –

**'ନଦୀ ଗୋ ତୁମକୁ ବୁଝିପାରିଲିନି**
**ଅବା ପାରିଲିନି ବୁଝେଇ**
**କେବେ କର ଏଇ ମାଟିକୁ ଶୁଖିଲା**
**କେବେ ପୁଣି ଦିଅ ଭିଜେଇ' ।**

ହତାଶା ଭିତରେ ଆଶାବାଦର ଝଲକ କବିଙ୍କ ମନରେ ଆସେ । ଆଶା–ନିରାଶା, ପ୍ରାପ୍ତି–ଅପ୍ରାପ୍ତି, କଳ୍ପନା–ବାସ୍ତବତା, ଦାନ–ପ୍ରତିଦାନର ଚିନ୍ତା ଓ ଚେତନାରେ ଭରି ଯାଇଛି କବିତା ଗୁଡ଼ିକର ପଂକ୍ତି ମାଳା । ନିର୍ବାଚିତ ଯଥାଯୋଗ୍ୟ ଶବ୍ଦସମ୍ଭାରରେ ପ୍ରାୟ ପ୍ରତ୍ୟେକ କବିତା ପାଠକୀୟ ତଲ୍ଲୀନତା ଦାବି କରେ ।

## ରବି ମହାପାତ୍ର –

ମନର ଭାବାନ୍ତର ଅଳ୍ପ ଭାଷାରେ ଗୀତିମୟତାରେ ରୂପ ପାଇ ଗାନ ଯୋଗ୍ୟତା ଲାଭ କଲେ ଯେଉଁ ସଂରଚନା ହୁଏ ତାହା ହେଉଛି ଗୀତିକବିତା । ଜୀବନର ସ୍ୱପ୍ନ, ସମ୍ଭାବନା ଓ ସ୍ମୃତି ତାହାର ମୁଖ୍ୟ ଅବଲମ୍ବନୀୟ ବିଷୟବସ୍ତୁ ହୁଏ । ସାହିତ୍ୟର ଅନ୍ୟାନ୍ୟ ବିଭାବ ପରି ଗୀତିକବିତା ମଧ୍ୟ ନିଜକୁ ଲେଖାଇ ନିଏ । କବି ହୁଏ ସେତେବେଳେ ସୁଷମ ମାଧ୍ୟମଟିଏ ମାତ୍ର । ଶୁଭୁଥାଏ ତାକୁ ଆଉ କାହା କଣ୍ଠସ୍ୱର ଅସ୍ପଷ୍ଟ ଭାବରେ, ଦିଶୁଥାଏ ଆଉ କାହା ମୂର୍ତ୍ତି ଅଳ୍ପ ଆଲୋକରେ । କେତେ କେତେ ଗବାକ୍ଷରୁ ଜୀବନକୁ ସେ ଦେଖେ । ଜୀବନର ରେଖାଙ୍କ ଦେଖି ବିମୋହିତ ହୁଏ, ବିସ୍ମିତ ହୁଏ ପୁଣି ବେଳେବେଳେ ବ୍ୟଥିତ ମଧ୍ୟ ହୋଇଯାଏ । ସବୁ ଅନୁଭୂତି ରୂପାୟିତ ହୋଇପାରେ ଗୀତିକବିତାରେ ।

ରବି ମହାପାତ୍ରଙ୍କ ଗୀତିକବିତାମାନଙ୍କରେ ଜୀବନର ଅନୁଶୀଳନ ତଥା ବିଶ୍ଳେଷଣ ରହିଛି । ନିଜସ୍ୱ ଚେତନାର ଦର୍ପଣରେ ସେ ଜୀବନକୁ ତନ୍ନତନ୍ନ କରି ପର୍ଯ୍ୟବେକ୍ଷଣ କରିଛନ୍ତି । କେତେବେଳେ ଜୀବନକୁ ଛୋଟ ମାଟି ଦୀପଟିଏ ସହିତ ତ ଆଉ କେତେବେଳେ ଶୁଖିଲା ପତର ସହିତ ତୁଳନା କରିଛନ୍ତି । ନିଜର ସ୍ଥିତିକୁ ଜାହିର୍ ନକରି ବରଂ ଅନ୍ୟର ସେବାରେ ନିଜକୁ ଉତ୍ସର୍ଗ କରିବାକୁ ସେ ଶ୍ରେୟ ମଣିଛନ୍ତି । ସଂଜରୁ ସକାଳଯାଏ ଦୀପ ଭଳି ଅନ୍ୟକୁ ଆଲୋକ ଦେବାରେ ତାଙ୍କ ଜୀବନର ସାର୍ଥକତାକୁ ସେ ଅନୁଭବ କରିଛନ୍ତି । ଆଲୋକ ଦାନର ପ୍ରତିଦାନ ଆଶା ତାଙ୍କର ନାହିଁ । ତଥାପି ବେଳେବେଳେ ଅଭିମାନ ଟିକିଏ ଯେ ନଆସିଛି ଏପରି ନୁହେଁ । ସେ ଅଭିମାନ ଅତ୍ୟନ୍ତ ସାବଲୀଳ ଓ ସ୍ୱାଭାବିକ । କବିଙ୍କ ଭାଷାରେ –

**ଲିଭି ଗଲେ ଦୀପ ହଜି ଯିବି ସିନା**
**କିଏ ବା ଭାଳିବ ମୋତେ**
**ବାହାନାରେ ଅବା ଝରାଇବ କିଏ**
**ଲୁହ ମୋର ଯିବା ପଥେ** (ପ୍ରୀତିପ୍ରଦୀପ)

x x x x

**ମୁଁ ଯେ ଲେଉଟାଣି ଛାଇ**
**ମେଲାଣି ବେଳାରେ ଢୁଳାଣି ପଥକୁ ଅବଶ ମୋ ପାଦ ଦୁଇ** (ପ୍ରୀତିପ୍ରଦୀପ)

ଅଭିମାନର ଅନ୍ତଃସ୍ୱର ଥାଏ ରୋମାଣ୍ଟିକ ଭାବାବେଗରେ । କବି ଶ୍ରୀ ମହାପାତ୍ର ସ୍ୱଭାବତଃ ଜଣେ ରୋମାଣ୍ଟିକ୍ ଭାବନାର ଲିପିଶିଳ୍ପୀ । ହତାଶାରେ ଆଶା

ପୁଣି ଆଶାରେ ହତାଶାର ଗମନାଗମନ ପାଇଁ ରୋମାଣ୍ଟିକ୍ ଭାବବତ୍ତା ଏକ ସୁବିସ୍ତୃତ ରାଜପଥ । ବହୁ ଚିତ୍ର ଭିତରେ ନିଜକୁ ଖୋଜିବା ପୁଣି ପାଇ ହଜାଇବା ଓ ଆହୁରି ଖୋଜିବା କବିକର୍ମର ଅନ୍ତର୍ଭୁକ୍ତ । ମନରେ ଅମାପ ଢେଉ, କୂଳଛୁଇଁ ଫେରିଯାଏ ପୁଣି ଆସିବା ପାଇଁ । ସେଇ ଲହରୀ ହୋଇ ନୁହେଁ, ଆଉ ଏକ ଲହରୀର ରୂପ ନେଇ । କବିଙ୍କ କଥାରେ –

**ସଂଜରେ ସାଜେ ରଜନୀଗନ୍ଧା**
**ସକାଳେ ଶେଫାଳି ଫୁଲ**
**ଯଉବନ ମୋର କମଳ ବନରେ**
**ଟୋପାଏ ଶିଶିର ତୁଲ**
**କାହା ମନ ବନ ଜଳାଇ ଦିଏ ମୋ ଲାଜ ଲାଜ ଧୀର ଗତି ।**

(ପ୍ରୀତିପ୍ରଦୀପ)

## ରବି ନାରାୟଣ ସେନାପତି –

ଶ୍ରୀଯୁକ୍ତ ସେନାପତି ଗୀତିକବିତା ରଚନା ସହିତ ସାହିତ୍ୟର ଅନ୍ୟାନ୍ୟ ଦିଗରେ ମଧ୍ୟ ଲେଖନୀ ଚାଳନା କରିଛନ୍ତି । ସେ କବିତା, ପ୍ରବନ୍ଧ, ଗଳ୍ପ ଓ ଶିଶୁ ସାହିତ୍ୟ ରଚନା କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଛନ୍ତି ।

ଗୀତିକବିତା ପୁସ୍ତକ 'କୃଷ୍ଣଚୂଡ଼ା'ରେ ଏକାବନଟି ଗୀତିକବିତା ସ୍ଥାନିତ ହୋଇଛି । ଏଥିରେ ବିଭିନ୍ନ ସ୍ୱାଦର ସୃଷ୍ଟି ରହିଛି । ରୋମାଣ୍ଟିକ ଭାବଧର୍ମୀ ସୃଷ୍ଟି ସହିତ ଭକ୍ତିଭାବଧର୍ମୀ କେତେକ ରଚନା ପୁଣି ଦେଶପ୍ରୀତିମୂଳକ କେତେକ କୃତିର ସମାହାର ଏହି ପୁସ୍ତକରେ ଦେଖିବାକୁ ମିଳେ ।

କେତେବେଳେ କବିଚିତ୍ତ କୃଷ୍ଣଚୂଡ଼ାର ରଙ୍ଗକୁ ଦେଖି ଭାବବିଭୋର ତ ଆଉ କେତେବେଳେ କାମିନୀଫୁଲିଆ ଜହ୍ନରାତିରେ ଆତ୍ମମଗ୍ନ । ବରଷାର ରିମ୍ଝିମ୍ ସ୍ୱରରେ କେତେବେଳେ ଆନମନା ତ ଆଉ କେତେବେଳେ ବାଦଲ ସହ ଭାବ ବିନିମୟ କରିଛନ୍ତି ସ୍ରଷ୍ଟା ପୁରୁଷ । ଧାରଧାର ବର୍ଷାର ଦର୍ଶନରେ ସେ ଉଲ୍ଲସି ଉଠିଛନ୍ତି । ବର୍ଷାଜଳର ସ୍ପର୍ଶରେ ପରିବେଶ ଶୀତଳ ହେବ, ଶାନ୍ତ ହେବ, ନଦୀ ପୂରିବ, କଇଁ ଫୁଟିବ ଇତ୍ୟାଦି ଇତ୍ୟାଦିର ଦୃଶ୍ୟ ତାଙ୍କ ନୟନ ସମକ୍ଷରେ ଭାସିଉଠିଛି ।

କବିଙ୍କ ଭାଷାରେ –

**ଛାତି ଫୁଲାଇ ନଦୀର ଧାର**
**ଛୁଇଁବ ଦୁଇ କୂଳ**
**ନୀଳକଇଁଟି ହସି ଉଠିବ**
**ପାଇ ବରଷା ଜଳ ।**

ବାସନ୍ତୀ ପରିବେଶର ଜୟଗାନ କରିଛନ୍ତି କବି । ଭଅଁର ଗୁଞ୍ଜନ ସହ କୋଇଲିର କୁହୁତାନ କବିଙ୍କୁ ଅନୁପମ ଆନନ୍ଦ ଦେଇଛି । ଫୁଲମାନଙ୍କର ପ୍ରେମିକ ସାଜିଛି ଭ୍ରମର, ଫୁଲରୁ ଫୁଲକୁ ଉଡ଼ି ସେ ଯେମିତି ପ୍ରଚାର କରୁଛି ପ୍ରେମର ବାର୍ତ୍ତା । କବିଙ୍କ ଭାଷାରେ–

**'ପ୍ରେମିକ ବେଶରେ ସାଜିଛି ଭ୍ରମର**
**ପୀରତିର ଗୀତ ଗାଇ**
**ଫୁଲରୁ ଫୁଲକୁ ଉଡ଼ି ଉଡ଼ି ବୁଲେ**
**ପୀରତି ବାରତା ନେଇ ।'**

ଶ୍ରୀଜଗନ୍ନାଥଙ୍କ ମହିମା ବର୍ଣ୍ଣିତ ହୋଇଛି କବିକୃତ କେତେକ ରଚନାରେ । କୃପା ଟିକିଏ ପାଇବା ପାଇଁ ପ୍ରାର୍ଥନା କଲେ ମଧ୍ୟ କୃପା ମିଳିନାହିଁ ସହଜରେ ବୋଲି ସେ ଅଭିଯୋଗ କରିଛନ୍ତି । ଏହା କେବଳ ତାଙ୍କର ଅଭିଯୋଗ ନୁହେଁ ବରଂ ପରମ ପ୍ରଭୁଙ୍କ ପ୍ରତି ସମଗ୍ର ମାନବ ସମାଜର ଅଭିଯୋଗ । ଏହା ଅଧିକାରର ଅନ୍ୟ ନାମ, ଅନ୍ୟ ରୂପ । କବିଙ୍କ ଭାଷାରେ –

**'ତୁମକୁ ଆଦରି ଆଶ୍ରା ଟିକେ ପାଇଁ**
**ଚାହିଁ ଚାହିଁ ଗଲା ଦିନ**
**କୃପାସାଗରରୁ ଟୋପାଟିଏ ପାଇଁ**
**କାହିଁକି ହୁଅ କୃପଣ ।'**

ଜଗଜ୍ଜନନୀ ମା'ଙ୍କ ନିରାଜନାରେ କବି ଶତମୁଖ ହୋଇଛନ୍ତି । ଅଭୟଦାୟିନୀ ଦେବୀ, ବରାଭୟ ଦାୟିନୀ ଦେବୀଙ୍କ ପାଦସ୍ପର୍ଶରେ ଧରାରେ ଖେଳିଯାଏ ଆନନ୍ଦ ଲହରୀ, ଭରିଯାଏ ଦିଗେ ଦିଗେ ଶାନ୍ତିର ମନ୍ଦାକିନୀ ବୋଲି କବି ଉଲ୍ଲେଖ କରିଛନ୍ତି ।

**'ତୋର ଆଗମନେ ମା'ଗୋ**
**ଆନନ୍ଦର ଲହରୀ**
**ଜଳସ୍ଥଳ ଆକାଶରେ**
**ଯାଏ ଖେଳିଖେଳି ।'**

କବି ଶ୍ରୀଯୁକ୍ତ ସେନାପତିଙ୍କ ଗୀତିକବିତା ଗୁଡ଼ିକର ମାଧୁର୍ଯ୍ୟ, ଶ୍ରୁତିମଧୁରତା ସର୍ବୋପରି ସୁକୁମାରପଣ ପାଠକୀୟ ଆଦୃତି ଲାଭ କରିଛି ।

## ରବୀନ୍ଦ୍ର କୁମାର ସାହୁ –

ବୃତ୍ତିରେ ଶିକ୍ଷକ ମାତ୍ର ପ୍ରବୃତ୍ତିରେ ସେ କବି । ଗୀତିକବିତା ରଚନାରେ ତାଙ୍କର ଆଗ୍ରହ । 'ପୁଷ୍ପାଞ୍ଜଳି' ତାଙ୍କର ଗୀତିକବିତା ପୁସ୍ତକ । ଏଥିରେ ବିଭିନ୍ନ ସ୍ୱାଦର ରଚନା ରହିଛି । ଦେଶାତ୍ମବୋଧ, ବିଭୁଭକ୍ତି ସହ ଜୀବନର ବାସ୍ତବତା ଭିତ୍ତିକ କେତେକ ରଚନା ଏଥିରେ ସ୍ଥାନିତ । ଦାର୍ଶନିକ ଅନୁଚିନ୍ତା ସହ ସମାଜିକ ଚେତନାର ସମନ୍ୱୟ କେତେକ ସୃଷ୍ଟିରେ ତାଙ୍କର ଦେଖିବାକୁ ମିଳେ ।

ଦେଶମାତୃକାକୁ ଉଚ୍ଚ ଆସନ ଦେଇଛନ୍ତି କବି ଶ୍ରୀରବୀନ୍ଦ୍ର କୁମାର ସାହୁ । ମାତୃଭୂମିର ପବିତ୍ରତା, ମହନୀୟତା, ଗୌରବଦୀପ୍ତତା ଅସାମାନ୍ୟ । ତା' କୋଳରେ ଜନ୍ମ ନେଇ କବି ନିଜକୁ ଭାଗ୍ୟବାନ  ମନେ କରିବା ସହିତ ତା'ର ଆଶିଷ ଭିକ୍ଷା କରିଛନ୍ତି । କବିଙ୍କ ଭାଷାରେ –

**'ସ୍ନେହମୟୀ ଜନନୀ ତୁହି**
**ତୋ କୋଳର ସୁଖଶିରୀ ନପାରେ କହି ।** ( ସର୍ବବିଶ୍ୱେ ତୁ ବନ୍ଦିତା)

'ଜନ୍ମଭୂମି', 'ତ୍ରିରଙ୍ଗା', 'ଉଦ୍‌ଭାସିତ ତୁମ ଛବି' 'ମାଟି ମା' ପ୍ରଭୃତି କବିତାରେ ଜାତୀୟତାବୋଧର ରମ୍ୟ ସ୍ୱର ପ୍ରକଟିତ ହୋଇଛି । ତ୍ରିରଙ୍ଗା ଏ ମାଟିର ମାନ ଓ ଗୌରବ, ଅନନ୍ତ ପ୍ରେରଣାର ଉତ୍ସ, ଅସୀମ ଶକ୍ତିର ଆସ୍ଥାନ । ଦେଶରୂପୀ ଦେବାଳୟରେ ତ୍ରିରଙ୍ଗା ହିଁ ଦେବତା । ଏହି କଥା କହିବାକୁ ଯାଇ କବି କହିଛନ୍ତି –

**'ଆମ ଦେବାଳୟେ ତୁମେଟି ଦେବତା**
**ତୁମ ପୂଜା ଆମ କାମ୍ୟ**
**ଆମ ପୂଜାଥାଳୀ ଆମ ପୂଜାଫୁଲ**
**ତୁମ ଲାଗି ସିନା ଧନ୍ୟ'** (ଜନ୍ମଭୂମି)

ସ୍ୱପ୍ନ, ଜୀବନ ନୁହେଁ ଜୀବନ ମଧ ଏକ ସ୍ୱପ୍ନ ନୁହେଁ । ବାସ୍ତବତା ହିଁ ଜୀବନ ଯେଉଁଠି କର୍ମତତ୍ପରତା ଏବଂ କର୍ତ୍ତବ୍ୟ ପରାୟଣତା ହେଉଛି ବଞ୍ଚିବାର ଉପାଦାନ । ସ୍ୱପ୍ନର ରାଜକୁମାର ହେବା ଅପେକ୍ଷା ବାସ୍ତବତାର ସାଧାରଣ ବ୍ୟକ୍ତିଟିଏ ହେବା କୋଟି ଗୁଣେ ଶ୍ରେୟସ୍କର । କର୍ମ ହିଁ ଧର୍ମ, କର୍ମ ହିଁ ଜୀବନର ମାନଦଣ୍ଡ, କର୍ମକୌଶଳ ହିଁ ଯୋଗ ପଦବାଚ୍ୟ । ସ୍ୱପ୍ନ ସୁନ୍ଦରୀର ଜାଲରେ ପଡ଼ିଲେ ମଣିଷ ଜୀବନ ଶେଷରେ

ଭିକାରୀ ତୁଲ୍ୟ ହୋଇଯାଏ । ବାସ୍ତବତାର ପୂଜା ହିଁ ପ୍ରକୃତ ପୂଜା, ଜୀବନ ସଂଗ୍ରାମ ହିଁ ସେହି ପୂଜା ପାଇଁ ପୂଜାଫୁଲ । ଚେତନାର ଅଗ୍ରଗତି ହିଁ ଏହାର ଫଳଶ୍ରୁତି । ବାସ୍ତବତାର ପ୍ରଶସ୍ତିଗାନ କରି କବି ଶ୍ରୀଯୁକ୍ତ ସାହୁ କହିଛନ୍ତି –

**'ବାସ୍ତବ ଜୀବନେ ବାସ୍ତବତା ସିନା**
**ତୋର କୁଟୀର ପ୍ରଦୀପ**
**ତୋ ସୁନା ସଂସାର ହସାଇବ ସିନା**
**ହୋଇ ସେ ସଜ ଗୋଲାପ'** (ତୋତେ କେ ଧନ୍ୟ ମଣିବ)

ପରିବାରର ମହତ୍ତ୍ୱ ପ୍ରସଙ୍ଗରେ କବିଙ୍କ ଲେଖନୀ ଚଳ ଚଞ୍ଚଳ ହୋଇଛି । ଉତ୍ତମ ପରିବାର ହିଁ ଉତ୍ତମ ସମାଜର ଉତ୍ସ । ଉତ୍ତମ ସମାଜରୁ ଉତ୍ତମ ରାଜ୍ୟ ଓ ଉତ୍ତମ ରାଜ୍ୟରୁ ଉତ୍ତମ ରାଷ୍ଟ୍ର ଗଠନ କେବଳ ସମ୍ଭବ । ଘର ହିଁ ଶ୍ରେଷ୍ଠ ଆସ୍ଥାନ ଯାହା ବୈକୁଣ୍ଠଠାରୁ ଅଧିକ ପବିତ୍ର, ଅଳକା ଭୁବନରୁ ଅଧିକ ମନୋରମ ଓ ଚୈତ୍ରରଥଠାରୁ ଅଧିକ ସୁରମ୍ୟ । କବି ଶ୍ରୀଯୁକ୍ତ ସାହୁ ଅତି ଚମତ୍କାର ଭାବରେ ଘରର ଗୁରୁତ୍ୱ ଉପସ୍ଥାପନା କରିଛନ୍ତି । ତାଙ୍କ ମତରେ ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ଆଦି ଦେବତା ପ୍ରଲୁବ୍ଧ ହୋଇ ଆସିବେ ଯଦି ମଣିଷର ଘରଟି ପ୍ରକୃତ ଘରର ଭୂମିକା ନିର୍ବାହ କରିବ । ଦେବତାମାନେ କାଳେ କାଳେ ମଣିଷ ପ୍ରତି ଅନୁରାଗୀ । ମଣିଷର ପ୍ରଗତିର ସୀମା ଅଧିକ, ମଣିଷର ନମନୀୟତା ଅଧିକ ତଥା ମଣିଷର ଗ୍ରହଣଶୀଳତା ଅଧିକ । ଘର ହେବ ସ୍ୱର୍ଗ, ସ୍ୱର୍ଗର ସମସ୍ତ ସୌରଭ ଓ ଗୌରବ ହସି ହସି ଖସି ଆସିବ ମର୍ତ୍ତ୍ୟର ମାଟିକୁ, ମଣିଷର ଯଥାର୍ଥ ଘରକୁ । କବିଙ୍କ ଭାଷାରେ –

**'ପଦ୍ମଯୋନି ଭୁଲି ସ୍ୱର୍ଗ ଭୁବନ । ଆସିବେ ତୋହରି ଆନନ୍ଦ ବନ ।**
**ସ୍ୱୟଂ ନାରାୟଣ ବୈକୁଣ୍ଠେ ଭୁଲି । ତୋ ସୁଖାଳୟକୁ ଆସିବେ ଚଳି ।**
**କୈଳାସ ବରଜି ପ୍ରଭୁ ଶଙ୍କର । ତାଙ୍କରି ଦର୍ଶନେ ହସେ ତୋପୁର ।**
**ରତ୍ନ ସିଂହାସନ ତେଜି ବାସବ । ମର୍ତ୍ତ୍ୟରେ ଭ୍ରମିବେ ଏକଥା ଧ୍ରୁବ ।''**

(ତୋ ଠାରୁ ସୁନ୍ଦର ତୋହରି ଘର)

ଅନୁଭୂତିର ରୋମାଣ୍ଟିକ ଭାବପ୍ରବଣତାର ସୁବର୍ଣ୍ଣସ୍ୱାକ୍ଷର କେତେକ କବିତା ବହନ କରିଛି । ଶ୍ରୀଯୁକ୍ତ ସାହୁ ନିଜର ପ୍ରିୟାକୁ ପାରିଜାତଠାରୁ ଅଧିକ ସୁନ୍ଦର ବୋଲି କେହି କହିବା ସହ ଅମୃତଠାରୁ ଅଧିକ ମଧୁର ବୋଲି ମଧ ବିଚାର କରିଛନ୍ତି । ପ୍ରିୟା

ପ୍ରତି ଅସରନ୍ତି ଆକର୍ଷଣ ହିଁ ତାଙ୍କର ଭଲ ପାଇବାର ସୁକାନ୍ତ ଇସ୍ତାହାର । ପ୍ରିୟାର ପ୍ରୀତିଧାରା କବିଙ୍କ ପାଇଁ ମର୍ତ୍ତ୍ୟରେ ଅମର୍ତ୍ତ୍ୟତରଙ୍ଗିଣୀ ।

କବିଙ୍କ ଭାଷାରେ –

**"ମମତା ମଧୁର ପ୍ରୀତି**
**ପ୍ରିୟା ତୁମେ ମୋର**
**ସ୍ୱର୍ଗ ପାରିଜାତଠାରୁ**
**ଆହୁରି ସୁନ୍ଦର**
**ତୁମ ହସ ଫରୁଆରେ**
**ହସୁଥିବି ମୁହିଁ**
**ପ୍ରତିକ୍ଷଣେ ସେନେହଟି**
**ତୁମଠାରୁ ପାଇ ।"** (ମମତା ମଧୁର ପ୍ରୀତି)

ନିଜର ଗର୍ଭଧାରିଣୀ ମାଆଙ୍କ ପ୍ରତି କବି କୃତଜ୍ଞତା ଜଣାଇଛନ୍ତି । କବିଙ୍କର ଅସୀମ ନମ୍ରତା ଲକ୍ଷଣୀୟ । ମାଆଙ୍କ ଆଦର, ସ୍ନେହର ପଟାନ୍ତର ନାହିଁ । ଅଶୁଝା ଋଣ ସେ ତାକୁ ଶୁଝି ହୁଏ ନାହିଁ । ମାଆଠାରୁ ଅଧିକ ଆପଣାର ଆଉ ନାହିଁ କେହି ପୃଥିବୀରେ । ଅପୂର୍ବ ସେ ସ୍ନେହ, ସ୍ୱର୍ଗରେ ସୁଲଭ ସିଏ ମର୍ତ୍ତ୍ୟରେ ଦୁର୍ଲ୍ଲଭ । ଦିବ୍ୟ ଭାବନାରେ ମାଆର ଭାବନା ଭରପୂର । ସନ୍ତାନ ପାଇଁ ଅପର୍ଯ୍ୟାପ୍ତ କଲ୍ୟାଣ କାମନାରେ ମାଆ ମନ ଚିରଦିନ କୂଳଉଚ୍ଛୁଳା । କବିଙ୍କର ମାତୃଭକ୍ତି ଅନନ୍ୟ ।

କବିଙ୍କ ଭାଷାରେ –

**'ଶୁଝିପାରିବିନି ତୋର ଉପକାର**
**ଶତ ଜନମରେ ମୁହିଁ**
**ଭୁଲିପାରିବିନି ସ୍ନେହ ଭରା ଡାକ**
**ଯେତେ ଦୂରେ ଥିଲେ ମୁହିଁ ।'** (ମୋ ସୁନା ବୋଉର କୋଳ)

କବି ଶ୍ରୀଯୁକ୍ତ ରବୀନ୍ଦ୍ର କୁମାର ସାହୁଙ୍କର କବିତାଗୁଚ୍ଛ ପୁଷ୍ପାଞ୍ଜଳି ଅତ୍ୟନ୍ତ ସୁଖପାଠ୍ୟ ଓ ମନନ ଧର୍ମୀ । ଏଥିରେ ରହିଛି ସର୍ବଜନ ଅନୁଭବ୍ୟ ଭାବଧାରା ଓ ସରଳ ଭାଷାର ସଜଡ଼ା ସମ୍ଭାର ।

## ରମେଶ ଦାସ –

ମଣିଷ ଆଉ କେହି ନୁହେଁ, ନିଜେ ବ୍ରହ୍ମ, ଅମଳିନ ଆତ୍ମା ଓ ଏକ ଶାଶ୍ୱତ ସ୍ଥିତି– ଏହି ଭାବ ଓ ଭାବନାର କବି ହେଉଛନ୍ତି ରମେଶ ଦାସ । ରଚନାରେ ତାଙ୍କର ବ୍ରହ୍ମ ଉପାସନା ସହ ଆତ୍ମାର ସ୍ୱଚ୍ଛନ୍ଦ ବନ୍ଦନା ରୂପାୟିତ । 'ଯେ ବ୍ରହ୍ମ, ସେ ଆତ୍ମା, ଯେ ଆତ୍ମା, ସିଏ ବ୍ରହ୍ମ'– ଏହି ଅନୁଚିନ୍ତାରେ ପର୍ଯ୍ୟବସିତ ବହୁ ଗୀତି ତାଙ୍କର 'ସ୍ୱଚ୍ଛନ୍ଦ' ଶୀର୍ଷକ ପୁସ୍ତକରେ ସ୍ଥାନିତ । କାଚ ନୁହେଁ ମଣି ସଂଗ୍ରହ ଆମର ଲକ୍ଷ୍ୟ । କାଚ ବେଳେବେଳେ ମଣିକୁ ତେଜ ଓ ଜ୍ୟୋତିରେ ବଳାଇଯାଏ । ତେଣୁ ତାକୁ ଚିହ୍ନିବା ପାଇଁ ଟିକିଏ ଅଧ୍ୟବସାୟ ଲୋଡା ହୁଏ । କାଚ ଓ ମଣିକୁ ଚିହ୍ନାଇ ଦେଇଥାନ୍ତି ଗୁରୁ । ତେଣୁ ଗୁରୁ ସର୍ବଦା ବନ୍ଦନୀୟ । ଗୁରୁ ସାକ୍ଷାତ ବ୍ରହ୍ମ ସ୍ୱରୂପ, ଶିଷ୍ୟ ପ୍ରତି ବିମୁକ୍ତ ତାଙ୍କର ଆଶୀର୍ବାଦର ଦ୍ୱାର, ଶିଷ୍ୟ ତାଙ୍କର ଅତି ଆପଣାର, ଏକାନ୍ତ ନିଜର । କବି ଶ୍ରୀଯୁକ୍ତ ଦାସଙ୍କ ଭାଷାରେ –

'ଗୁରୁ ପରମ ତୀର୍ଥ, ଗୁରୁ ପରମ ଧାମ
ଗୁରୁ ପରମ ତପ, ଗୁରୁ ପରମ ବ୍ରହ୍ମ
ଗୁରୁ ପବିତ୍ର ତ୍ରିବେଣୀ ସ୍ନାନ ।'

ବେଦବେଦାନ୍ତର ବାଣୀ ଅନୁସାରେ ମନୁଷ୍ୟର ଅସଲ ସତ୍ତା ହେଉଛି ତା'ର ଆତ୍ମା । ଆତ୍ମାରେ ମଣିଷ ଅବିନାଶୀ, ଚିରଜାଗ୍ରତ, ନିତ୍ୟ ନିରନ୍ତର ମୁକ୍ତ ଓ ପରିବ୍ୟାପ୍ତ । ନିଜେ ନିଜକୁ ପାଇବା ପାଇଁ ମନୁଷ୍ୟର ଜନ୍ମ । ଯେତେ ସେ ନିଜେ ନିଜକୁ ଖୋଜିବ, ତହିଁରେ ତା'ର ଜୀବନର ସାର୍ଥକତା ସେତିକି ନିହିତ । ନିଜକୁ ନ ଖୋଜି ସେ ଯଶ, ଧନ, ମାନ, ଜନ ଖୋଜିବାରେ ଶକ୍ତି ଓ ସମୟ ନିୟୋଜିତ କରିବା ଅତ୍ୟନ୍ତ ଦୁଃଖର କଥା । ନିଜ ଭିତରେ ଅଛି ସୁଲଳିତ ଛନ୍ଦ, ଅନୁପମ ବର୍ଣ୍ଣବିଭା, ଅପୂର୍ବ ତାନ ଲହରୀ ଓ ମଧୁମାଦକ ଗାନ ସମ୍ଭାର । ତାହା ସହିତ ପରିଚିତି ଏକାନ୍ତ କାମ୍ୟ । ସେଥିପାଇଁ ସ୍ୱଚ୍ଛନ୍ଦରେ ଗତି କରିବାକୁ ହୁଏ । କବିଙ୍କ ଭାଷାରେ, 'ସ୍ୱଚ୍ଛନ୍ଦତାର ଅର୍ଥ ଉଶୃଙ୍ଖଳତା ନୁହେଁ, ବରଂ ନିଜର ଛନ୍ଦକୁ ଉପଲବ୍ଧି କରିବା, ସ୍ୱଭାବ ସହିତ ଏକାକାର ହୋଇଯିବା, ନିଜ ଭିତରର ଆତ୍ମା ସହିତ ଛନ୍ଦବଦ୍ଧ ହୋଇଯିବା ।'

'ଅହଂ ବ୍ରହ୍ମାସ୍ମି' ଉକ୍ତିର ମାପକାଠିରେ ମାପିଲେ ମନୁଷ୍ୟର ଦେହ, ପ୍ରାଣ, ମନ, ବୁଦ୍ଧି, ଜନ୍ମ–ମୃତ୍ୟୁ, ପାପ–ପୁଣ୍ୟ, ସବୁ କ୍ଷଣିକ, ଅଳିକ । 'ମୁଁ ହିଁ ବ୍ରହ୍ମ' ଏହି କଥାଟିକୁ ଶତ ପ୍ରତିଶତ ଅନୁଭବ କରି ଜୀବନ ବଞ୍ଚିବା ହିଁ ଜୀବନର ଲକ୍ଷ୍ୟ । ବାହାରର ଧନ ନୁହେଁ, ଭିତରର ଧନ ଅର୍ଜନ, ବାହାରର ଗନ୍ଧ ନୁହେଁ, ଭିତରର ସୁବାସ ଆଘ୍ରାଣ, ବାହାରର ରଙ୍ଗସଜ୍ଜା ନୁହେଁ, ଭିତରର ବର୍ଣ୍ଣବୈଭବ ଦର୍ଶନ ହିଁ ଅସଲ ମହତ୍ତ୍ୱପୂର୍ଣ୍ଣ କଥା । ଏହି ମହତ୍ତ୍ୱର ଉପଲବ୍ଧି ପାଇଁ ମଣିଷକୁ ତା'ର ଜୀବନ ଦିଆହୋଇଛି । ସ୍ୱଗତିଛନ୍ଦରେ

ଅର୍ଥାତ୍ ସ୍ୱଚ୍ଛନ୍ଦରେ ଏହି ଉପଲବ୍ଧି ନିମନ୍ତେ ସେ ଅଗ୍ରସର ହେବା ବାଞ୍ଛନୀୟ । ଏହି ପଥର ପାଥେୟ ହେଉଛି ସରଳତା, ସାକ୍ଷୀପୁରୁଷର ଭାବ, ବିବେକ ବୈରାଗ୍ୟ, ବିଚାରଶୀଳତା, ସତ୍ୟଦୃଷ୍ଟି ଇତ୍ୟାଦି ଇତ୍ୟାଦି । ଏଥିପାଇଁ ମନ୍ତ୍ର, ପୂଜା, ପାଠ, ଜପ, ତପ ଲୋଡ଼ା ନାହିଁ । ଲୋଡ଼ା କେବଳ ନିଜର ଜିଜ୍ଞାସା, ଆନ୍ତରିକତା ଓ ସଚେତନତା ପ୍ରଭୃତି ସଦ୍‌ଗୁଣ । କବିଙ୍କ ଭାଷାରେ–

**'ମନ୍ତ୍ର, ପୂଜା, ପାଠ, ଜପ, ତପ, ବ୍ରତ**
**ସାଧନର ମୂଲ୍ୟ ନାହିଁ ।'**
**ସାଧ୍ୟ ସାଧନର ବସ୍ତୁ ନୁହେଁ ବ୍ରହ୍ମ**
**ନିତ୍ୟାନନ୍ଦ ସେଠି କାହିଁ ?'**

ବ୍ରହ୍ମ ଉପଲବ୍ଧି ପାଇଁ ଆବଶ୍ୟକ ଅର୍ଜୁନଙ୍କ ଆଖି ପରି ଆଖି, ପରୀକ୍ଷିତଙ୍କ କାନ ପରି କାନ, ହନୁମାନଙ୍କ ହୃଦୟ ପରି ସରଳ ହୃଦୟ ଏବଂ ମୀରାବାଈଙ୍କ ମନ ପରି ମଧୁର ମନ । ସର୍ବୋପରି ଗୁରୁଙ୍କ କୃପାକୁ ଆଶ୍ରୟ କରି ନିଜେ ନିଜ ପାଖରେ ପହଞ୍ଚିବା ଓ ନିଜ ବୀଣାରେ ନିଜେ ସ୍ୱର ସଜାଡିବା କେବଳ ସମ୍ଭବ ।

ରମେଶ ଦାସଙ୍କ ନାମ ଓଡ଼ିଆ ଗୀତିକବିତା ରାଜ୍ୟରେ ବେଶ୍ ପରିଚିତ । ତାଙ୍କ ରଚନାଶୈଳୀରେ ରହିଛି ଯଥାଯୋଗ୍ୟ ସାଙ୍ଗୀତିକତା ସହ ଆଧ୍ୟାତ୍ମିକ ଭାବଧାରା । କବିତ୍ୱ ସହିତ ବକ୍ତବ୍ୟର ପରିଚ୍ଛନ୍ନତା ସମନ୍ୱିତ ହୋଇ ରହିଥିବାରୁ ପ୍ରତ୍ୟେକ ଗୀତିକବିତା ହୋଇଛି ସୁଖପାଠ୍ୟ ଓ ମର୍ମସ୍ପର୍ଶୀ ।

## ରାଧାଶ୍ୟାମ ପାତ୍ର –

ଅତୀତ ଆମୁଖତା, ବେଦନାବୋଧ,ହତାଶା, ସ୍ୱପ୍ନଭଙ୍ଗ ସମେତ ଆତ୍ମମଗ୍ନତା ହେଉଛି ରୋମାଣ୍ଟିକଭାବ ଧାରାର ମୂଳକଥା । ଏହି ଭାବରେ ଭାବିତ ହୋଇଛି କବି ରାଧାଶ୍ୟାମ ପାତ୍ରଙ୍କର ଚିତ୍ତବୃତ୍ତି ଯାହା ପ୍ରକଟିତ ହୋଇଛି 'ପ୍ରୀତିର ଗୀତି' ପୁସ୍ତକରେ । ମନର କଥା ମନରେ ରହିଯାଇଛି, କହି ହେଉନାହିଁ କାହା ଆଗରେ ବା ସହି ହେଉ ନାହିଁ ନିଜ ଭିତରେ । କେବଳ ସ୍ୱଗତୋକ୍ତି କରିବା ଛଡ଼ା ଆଉ ଉପାୟ ନଥାଏ । କବିଙ୍କ ଭାଷାରେ –

**'ମନେ ପଡ଼େ ଯେବେ ଅତୀତର କଥା**
**ଝରିଯାଏ ଆଖି ଲୁହ**
**ମନକଥା ମନେ ରଖି ଗାଉଥାଏ**
**ହୃଦୟେ ସାଇତି କୋହ''**

ବୟସ ଏକ ନଦୀର ଧାର, ଘଣ୍ଟାର କଣ୍ଟା, ଗତି ତା'ର ଆଗକୁ ଆଗକୁ । ବନ୍ଧା ପଡ଼ିବା ତା'ର ଧର୍ମ ନୁହେଁ, ସ୍ୱଭାବ ସୁଲଭ ନୁହେଁ । ମନ କିନ୍ତୁ ନଦୀ ପରି ଆଗକୁ ଯାଇ ପାରେ ନାହିଁ, ଘଣ୍ଟା ପରି ଆଗକୁ ଆଗକୁ ଚାଲିପାରେ ନାହିଁ । ମନବନ୍ଧା ପଡ଼ିଯାଏ ଅତୀତର ଶିକୁଳିରେ । ସେ ଶିକୁଳି ଲୁହାର କି ସୁନାର ତାହା କହି ହୁଏ ନାହିଁ । ତେବେ ବନ୍ଧନ ଯେ ସୁଦୃଢ଼ ଏଥିରେ ସନ୍ଦେହ ନାହିଁ । ସେତେବେଳେ ମନ ଘୂରୁଥାଏ ଆପଣା କକ୍ଷରେ, ନିଜ ଆୟତ୍ତରେ ନଥାଏ । ଖଣ୍ଡ ଖଣ୍ଡ କରୁଥାଏ ପ୍ରତ୍ୟେକ ଅନୁଭବକୁ, ବିଶ୍ଳେଷଣ କରୁଥାଏ ଆପଣା ବାଗରେ, ଅଙ୍କ କଷୁଥାଏ ନିଜସ୍ୱ ଧାରକର ମାତ୍ର ସେ ଅଙ୍କ କଷା ସରୁ ନଥାଏ । ବହୁ କଥା ଭାବି ଭାବି କ୍ଳାନ୍ତି ଆସେ, ମନ ବିଭ୍ରାନ୍ତିରେ ପଡ଼ିଯାଏ, ମାତ୍ର ବିଭ୍ରାନ୍ତ ହୋଇଛି ବୋଲି ସେ ବୁଝିପାରେ ନାହିଁ । କବିଙ୍କ ଭାଷାରେ –

**'ସମୟ ତ କେବେ ଫେରି ଚାହେଁ ନାହିଁ**
**ଆଗେ ଆଗେ ଚାଲୁଥାଏ**
**ବୟସକୁ କେହି ବାନ୍ଧି ପାରେ ନାହିଁ**
**ସରି ସରି ଯାଉଥାଏ'**

ଆଙ୍ଗିକ ଓ ଆତ୍ମିକ ଦିଗରୁ ବିଚାର କଲେ ଉକ୍ତ ପୁସ୍ତକରେ ସ୍ଥାନିତ ଗୀତି କବିତା ଗୁଡ଼ିକ ଏକାଧାରରେ ଗାନଯୋଗ୍ୟ ଓ ସୁଖପାଠ୍ୟ ହୋଇପାରିଛି ।

## ଲକ୍ଷ୍ମୀକାନ୍ତ ଖୁଣ୍ଟିଆ –

କବି ଲକ୍ଷ୍ମୀକାନ୍ତ ଖୁଣ୍ଟିଆଙ୍କ ଗୀତି କବିତାରେ ରହିଛି ଭକ୍ତିମତ୍ତା, ଦେଶପ୍ରାଣତା ପୁଣି ଭାବମଗ୍ନତାର ସ୍ୱରଲିପି । ଭାଷାରେ ରହିଛି ପ୍ରବହମାନତା, ଭାବରେ ଅଛି ସାନ୍ଦ୍ରତା । ଭକ୍ତି ଭାବରେ ଭାବିତ ତାଙ୍କର ଚିତ୍ତ ପରିକଳ୍ପନା କରିଛି ନିଜ ଗାଁର ଦାଣ୍ଡଧୂଳିକୁ ବଡ଼ଦାଣ୍ଡ ଧୂଳି ଭାବରେ, ନିଜ ଗାଁ ଘରର ପାହାଚ ଶ୍ରେଣୀକୁ ବାଇଶି ପାହାଚରେ ଅଂଶ ଭାବରେ –

କବିଙ୍କ ଭାଷାରେ –

**'ମୋ ଗାଁ ଦାଣ୍ଡରେ ବୁଲୁଥିଲା ବେଳେ**
**ବଡ଼ଦାଣ୍ଡ ଧୂଳି ମୋର ମନେପଡ଼େ**
**ଘର ଅଗଣାରେ ଚାଲିଯାଉଥିଲେ**
**ଆନନ୍ଦ ବଜାର ଆଖିରେ ନାଚେରେ**
**ମୋ ଘର ପାହାଚ ଉଠିଲାବେଳକୁ**
**ବାଇଶି ପାହାଚେ ଉଠୁଛି ।'**(ମତେ ଅଭଡ଼ା ...)

ଭାବର ଠାକୁର ଶ୍ରୀଜଗନ୍ନାଥଙ୍କ ମହିମାଗାନରେ କବିଶତମୁଖ ହୋଇଛନ୍ତି ଅନ୍ୟ ଏକ ଭକ୍ତିଗୀତିରେ । ପ୍ରଭୁଙ୍କର ମହୀମୋହନିଆ ରୂପରେ କବିଙ୍କ ଆଖି ଲାଖି ଯାଉଛି । ମନର କଥା, ହୃଦୟର ବ୍ୟଥା ଆଉ କହିପାରି ନାହାନ୍ତି ସେ । କୃତଜ୍ଞତାରେ ଭରି ଯାଇଛି ଅନ୍ତର ତାଙ୍କର । ଯାହା ସେ ପାଇଛନ୍ତି ସବୁ କିଛି ସେହି ପରମ ପ୍ରଭୁଙ୍କର ଦାନ । ତେଣୁ ତାଙ୍କର ଜିନିଷ ତାଙ୍କୁ ଫେରାଇ ଦେବାକୁ ସେ ଇଚ୍ଛା କରିଛନ୍ତି – କବିଙ୍କ ଭାଷାରେ –

**ଭାବର ଠାକୁର ଭାବନାରେ ମୋର**
**ପ୍ରତିପଲକରେ ଦିଶେ**
**ମୋ ଅନ୍ତର ତଳ ତା'ର ପାଦପଦ୍ମେ**
**ଅଜାଣତେ ଯାଇ ମିଶେ**
**ଯାହା ଦେଇଛି ସେ ଫେରାଇ ଦେଇ ମୁଁ**
**ଖାଲି ହାତେ ଯିବି ଚାଲି,** (ମନକଥା ମୋର ଖୋଲି କହିବାକୁ)

ଦେଶପ୍ରାଣତାର ରଙ୍ଗରେ ରଞ୍ଜିତ ତାଙ୍କର କେତେକ ଗୀତି କବିତା । ଦେଶ ଏକ ମାଟି ପଥରେ ଗଢ଼ା ଜଡ଼ ପିଣ୍ଡ ନୁହେଁ, ଏହା ଏକ ଜାଗ୍ରତ ଚେତନା ବୋଲି ମହାଯୋଗୀ ଶ୍ରୀଅରବିନ୍ଦ ସେ ଦିନ ଉଦ୍‌ଘୋଷଣା କରିଥିଲେ । ଦେଶରେ ରହିଛି ଅନୁଭବ ଶକ୍ତି, ଚେତନାରେ ଅଗ୍ରଗତି ପାଇଁ ଅମାପ ସାମର୍ଥ୍ୟ । ଉତ୍କଳ ହେଉଛି କଳାକଳ୍ପନା ଓ କୃଷ୍ଟିର ରାଜ୍ୟ ।

ଅହିଂସା, ସତ୍ୟ, ନ୍ୟାୟ, ଶାନ୍ତିର ବାର୍ତ୍ତା ଶୁଣାଏ ଏହି ଉତ୍କଳ । ଏକତାର ମହାମନ୍ତ୍ରରେ ଦୀକ୍ଷିତ ଏହି ଉତ୍କଳ । ପ୍ରଭାତର ପକ୍ଷୀ ଏହାର ବନ୍ଦନା ଗାଏ, ସାଗର ନିରନ୍ତର ଚରଣଧୂଏ, ବନଗିରି ଏହାର ଯଶଗାଥା ଆକାଶକୁ ଶୁଣାଏ, ଝରଣା ଝରି ଝରି ଶାନ୍ତିର ବାରତା କହେ ।

କବି ଶ୍ରୀଯୁକ୍ତ ଖୁଣ୍ଟିଆଙ୍କ ଭାଷାରେ –

**ପ୍ରଭାତ କାକଳି ବନ୍ଦନାଗାଏ**
**ମହୋଦଧି ଯା'ର ଚରଣ ଧୂଏ**
**ପଥର ଶେଯରେ ଝରଣା ଝରିଯା'**
**ଶାନ୍ତି ବାରତା ଶୁଣାଏ ଦୂରୁ ।**(ଓଁକାର ଶୁଭେ ଯେଉଁ ଉତ୍କଳୁ)

ଭାବପ୍ରବଣତାର ନୀଳ ଲହରୀରେ କବିଚିତ୍ତ ସିକ୍ତ । ଭାବନାର ଅନ୍ତ ନାହିଁ, ଅପେକ୍ଷାର ସୀମାନ୍ତ ନାହିଁ । ସ୍ୱପ୍ନ କେତେ ରହିଛି ତାଙ୍କର ସାକାର ନହୋଇ ତା'ର

ହିସାବ ରହିଛି କେତେକ ସୃଷ୍ଟିରେ । ଜୀବନକୁ ସାହାରା ବାଲି ବୋଲି ଭାବନାରେ ସେ ପରିକଳ୍ପନା କଲାବେଳେ ସ୍ୱପ୍ନକୁ ମରୀଚିକା ବୋଲି କଳ୍ପନା କରିଛନ୍ତି । ନିଜର ବୋଲି ଭାବିଲେ ମଧ୍ୟ ସବୁ କିଛି ନିଜର ହୁଏ ନାହିଁ । ବେଳେବେଳେ ନିଜ ପାଖରେ ନିଜେ ହାରି ଯିବାକୁ ପଡ଼େ । ନିଜ ପାଖରେ ନିଜେ ଅଚିହ୍ନା ହେବାକୁ ପଡ଼େ । ଅଙ୍କ କଷିକଷି କ୍ଳାନ୍ତ ହେଲେ ହେଁ ଭାଗଶେଷ ଯେତିକି ରହିବା କଥା ତା'ଠାରୁ ଅଧିକ ରହିଯାଏ ।

**'ମରୀଚିକା ପଛେ ଧାଇଁ ଆଜିଯାଏ**
**ସବୁକିଛି ସାରିଦେଲି**
**କେତେ ବା ପାଇଲି କେତେ ହଜାଇଲି**
**ମନେମନେ ଭାବି ହେଲି ।'** (ସିଏ ତ କରିଲା ପର)

କବିଚିତ୍ତ କାଳେ କାଳେ ଯେମିତି ଗଭୀର ସେମିତି ବିସ୍ତୃତ । ସେ ନିଜକୁ ବୁଝିବାକୁ ଚାହେଁ ବୁଝି ପାରେନା, ନିଜକୁ ଯେତିକ ବୁଝେ ଅନ୍ୟକୁ ବୁଝାଇ ପାରେନା । ବୁଝାଇ ନପାରିବାର ଗ୍ଳାନିରେ ଜର୍ଜରିତ ହୁଏ । ବିଶ୍ୱ ଜୀବନକୁ ବୁଝିବାର ପ୍ରୟାସ ମଧ୍ୟ ତା ମନରେ ଥାଏ । ସେ ପ୍ରୟାସ ତା'ର ଅବ୍ୟାହତ ରହିଥାଏ । ଶ୍ରୀଯୁକ୍ତ ଖୁଣ୍ଟିଆଙ୍କ ଏହି ପ୍ରୟାସ ଅବ୍ୟାହତ ରହିଛି ଓ ଲେଖନୀ ତାଙ୍କର ଅଧିକରୁ ଅଧିକ ଗତିଶୀଳ ହେବ ବୋଲି ଆଶା ଓ ବିଶ୍ୱାସ ରହିଛି ।

## ଲକ୍ଷ୍ମୀନାରାୟଣ ମହାନ୍ତି

କବି ଲକ୍ଷ୍ମୀନାରାୟଣ ମହାନ୍ତିଙ୍କର ଗୀତିକବିତାରେ ମୁଖ୍ୟତଃ ଭାବବିଭୋରତାର ସ୍ୱର ଅନୁରଣିତ । ପ୍ରକୃତିର ଧାରେଧାରେ ବିଚରଣ କରିଛି ତାଙ୍କର ମନ । ଜହ୍ନତାରା, ଫୁଲଫଗୁଣ, କୁମୁଦକମଳ, ଝାଉଁବନ, ବରଷାଧାରା, ଗୀତିଗୁଞ୍ଜନ ପ୍ରଭୃତି ଯେପରି କବିଙ୍କ ଲେଖନୀରେ ଚିତ୍ରିତ ହୋଇଛି ସେପରି ଚିତ୍ରିତ ହୋଇଛି ମଲାଜହ୍ନ, ମଲାସରସୀ, ଝରାଫୁଲ, ବେସୁରାଗୀତ, ଝାଉଁଳାଲତା, ଉଦାସୀସଞ୍ଜ ପ୍ରଭୃତି । ଏଗୁଡ଼ିକୁ କବି ପ୍ରତୀକ ଭାବରେ ବ୍ୟବହାର କରିଛନ୍ତି । ଜୀବନର ଦହନ, ସ୍ୱପ୍ନ, ସମ୍ଭାବନା, ହତାଶା, ଆଶା, ଅନୁରାଗ, ବିଷାଦ, ଅସନ୍ତୋଷ, ଉତ୍କଣ୍ଠା, ଅପେକ୍ଷା, ଭରସା ଇତ୍ୟାଦି ବହୁଦିଗ ଏହି ପ୍ରତୀକାତ୍ମକତା ମାଧ୍ୟମରେ ଉପସ୍ଥାପିତ ହୋଇଛି । ସୂର୍ଯ୍ୟମୁଖୀ ଏକ ନାୟିକା ଭାବରେ ନାୟକ ସୂର୍ଯ୍ୟଙ୍କୁ କହିଛି ମନର କଥା, ମରମର ବ୍ୟଥା । ପରସ୍ପରଠାରୁ ବହୁ ଦୂରତାରେ ଉଭୟଙ୍କର ସ୍ଥିତି । ଦୂରତା କ'ଣ ସବୁଦିନ ଏପରି ରହିଥିବ ବୋଲି ସୂର୍ଯ୍ୟମୁଖୀର ପ୍ରଶ୍ନ ଅତ୍ୟନ୍ତ ମର୍ମସ୍ପର୍ଶୀ ।

**‘ସୂର୍ଯ୍ୟମୁଖୀ ମୁଁ ତୁମେ ତ ସୂର୍ଯ୍ୟ**
**କେତେ ବା ତୁମକୁ ଥିବି ଚାହିଁ**
**ଦୂରତା ଆମର ରହିଥିବ ସତେ**
**ଏମିତି କି ଚିରଦିନ ପାଇଁ’’**

କୋଇଲିକୁ ଗୀତ ଗାଇବାକୁ ମନା କରିଛନ୍ତି କବି ଏଇଥିପାଇଁ ଯେ ତାଙ୍କର ସାଥୀର କଣ୍ଠସ୍ୱର ବଳିଯିବ କୋଇଲିର ଗୀତକୁ । ଉଆଁସ ଆକାଶରେ ଜହ୍ନ ଉଇଁଯିବ ସେହି ସ୍ୱରଲହରୀର ଶ୍ରବଣରେ । କବିଙ୍କର ବିଷାଦବୋଧ କେତେକ ଗୀତିକବିତାରେ ପ୍ରକଟିତ ହୋଇଛି । ପାଦ ଖସି ଯାଇ ଅଥଳ ଜଳରେ ପଶିଯିବା ସହିତ ସେ ନଈର ତରଙ୍ଗରେ କବିଙ୍କ ଦେହର ରଙ୍ଗ ଧୋଇ ଯିବା କଥା କହିବା ଛଳରେ ଜୀବନର ଅବସାଦ ଜନିତ ଦୀର୍ଘଶ୍ୱାସ ବର୍ଣ୍ଣିତ ହୋଇଛି । ସେ ନଦୀ ଯେ ଛଳନାର ନଦୀ, ଏକଥା ସେ ଜାଣିପାରିଲେ ନାହିଁ । ଏହି ପ୍ରତୀକାତ୍ମକତା ହୋଇପାରେ ସମାଜପାଇଁ ଉର୍ଦ୍ଦିଷ୍ଟ ଅଥବା ବ୍ୟକ୍ତିର ପରିବେଶ ପାଇଁ ଉଦ୍ଦିଷ୍ଟ । ତେବେ ସେ ଯାହା ହେଉ ଏହା ଯେ କବିଙ୍କର ମାର୍ମିକ ଅନୁଭବ, ଏଥିରେ ଦ୍ୱିମତ ନାହିଁ ।

**‘‘କେମିତି କେଜାଣି ଉଜାଣି ନଈରେ**
**ପାଦ ମୋର ଗଲା ଖସି**
**ଥଳ ହରାଇ ମୁଁ ଜଳ ଭଉଁରୀରେ**
**ଧୀରେ ଧୀରେ ଗଲି ପଶି ।’’**

ମଣିଷର ସାଂପ୍ରତିକ ଅବସ୍ଥାର ଚିତ୍ର ଆଙ୍କିବାକୁ ଯାଇ କବି କହିଛନ୍ତି ଯେ ମଣିଷ ହସିବ ନିଜର ଲୁହ ପିଇପିଇ, ମନ ତଳେ ଚାପିଦେବ କେତେ କୋହ, ଓଠରେ ଫୁଟାଇବ ମୁକୁତାର ଫୁଲ ଇତ୍ୟାଦି ଇତ୍ୟାଦି । ଅଭିନୟ ଓ ଛଳନାର ଜୀବନ ଜୀଇଁଛି ଆଜିର ମଣିଷ । ଜୀବନରେ ତା’ର ଆଚରଣ ଓ ଉଚ୍ଚାରଣରେ ଏକତ୍ୱ ନାହିଁ । କବିଙ୍କ ଭାଷାରେ –

**‘‘ମନ ତଳେ ଚାପି କୋହର ବାଦଲ**
**ଓଠରେ ଫୁଟାଇ ମୁକୁତାର ଫୁଲ’’**

ଭିତରେ କୁହୁଳି ଜଳି ସେ ଦେଖାଏ ବାହାରକୁ ଆନରୂପ । ଜୀବନପଥରେ ଚାଲିବାରେ ଏକାକୀତ୍ୱକୁ କବି ଲେଖନୀରେ ଚିତ୍ରଣ କରିଛନ୍ତି । ବାସ୍ତବରେ ଜୀବନରେ ପ୍ରତ୍ୟେକ ବ୍ୟକ୍ତି ଏକା ହିଁ ଚାଲିଛନ୍ତି । ଅନ୍ୟମାନେ ସାଙ୍ଗ ହୋଇ ଚାଲନ୍ତି ବୋଲି କହନ୍ତି, ବେଳେବେଳେ ଅଳ୍ପ ବାଟ ଚାଲନ୍ତି ଆଉ ଅବଶିଷ୍ଟ ବାଟ ଏକାଏକା ଚାଲିବାକୁ ପଡ଼େ । ଏହା କେବଳ କବିଙ୍କ କଥା ନୁହେଁ ଏହା ତ ସାର୍ବଜନୀନ କଥା, ପ୍ରତ୍ୟେକ

ବ୍ୟକ୍ତିର କଥା । ସର୍ବକାଳୀନ ତଥା ସାର୍ବଜନୀନ କଥା କହିପାରେ ଯେତେବେଳେ ଯେଉଁ କବି ସେହି କବିଙ୍କର ରଚନା ସେତେ କାଳଜୟୀ ହୋଇ ରହେ । ପାଠକର ଚିତ୍ତବୃତ୍ତି ଯେବେ ଲେଖକଙ୍କର ଶବ୍ଦ ଭିତରେ ନିଜକୁ ଖୋଜି ପାଏ, ତେବେ ସେ ଲେଖା ସାର୍ଥକ ହୁଏ ।

ଜଣେ ପାଠକର ଦୃଷ୍ଟିରୁ ବିଚାର କଲେ ଜଣାଯିବ ଯେ ଏଥିରେ ଅଛି ସରସତା, ପ୍ରତୀକାତ୍ମକତା, ଜୀବନଚିନ୍ତା ତଥା ଜୀବନ ପ୍ରତି ଅନୁରାଗର ଭାବସତ୍ତା ।

**ଲାବଣ୍ୟ ଚନ୍ଦ୍ର ସାହୁ –**

କବି ଶ୍ରୀଯୁକ୍ତ ଲାବଣ୍ୟ ଚନ୍ଦ୍ର ସାହୁ ବହୁ ଗୀତି କବିତା ରଚନା କରିଛନ୍ତି । ଏଥିରେ ରହିଛି ଜୀବନର ବାସ୍ତବତା, ଜୀବନର ମହତ୍ତ୍ୱ, ସାର୍ବଜନୀନତା, ନୈତିକ ମୂଲ୍ୟବୋଧ ସହ ରୋମାଣ୍ଟିକ ଆବେଗର ମଧୁରତା । ମରୁଭୂମି ହୋଇ ସେ ଭୂମାର ବନ୍ଦନା କରିଛନ୍ତି ମାର୍ଜିତ ମୋହନ ଶବ୍ଦ ସମ୍ଭାରରେ । ନିଜକୁ ମରୁଭୂମି କହି ପରମ ପ୍ରଭୁଙ୍କୁ ସୁଶୀତଳଛାୟା ବୋଲି ସେ ବିଚାର କରିଛନ୍ତି । ଦିଗନ୍ତ ବିସ୍ତାରୀ ସୂକ୍ଷ୍ମ ମହତ୍ ସତ୍ତା ହେଉଛନ୍ତି ଆଶାର ଆଲୋକ, ଭରସାର ଅମୃତ, ରଙ୍କର ରତନ, ପୁଣି ସକଳର ନିଦାନ । କବିଙ୍କ ଭାଷାରେ –

**ତୁମେ ଯଜ୍ଞମୟ ତୁମେ ପ୍ରଜ୍ଞାମୟ**
**ଉଷାର କୋମଳ କିଶଳୟ**
**ଅକ୍ଷୟ ଅମୃତ ଚିର ପ୍ରେମ ସ୍ରୋତ**
**ମଂଗଳ ମାଧୁରୀ ବରାଭୟ ।**

ସେଇ ଅପରିମେୟଙ୍କ ସନ୍ଧାନରେ ଜୀବନ ବିତିବା ହିଁ ଜୀବନର ସାର୍ଥକତା । ତାଂକ ମହିମାଗାନ ହିଁ ଜୀବନର ଲକ୍ଷ୍ୟ, ସେ ଅନନ୍ତ, ଅସୀମ, ତ୍ରିଭୁବନର କର୍ତ୍ତା ଓ ସର୍ବମୟ କର୍ମ ।

ଏଥି ସହିତ ପ୍ରକୃତିର ଚାରୁଚିତ୍ର କବିଙ୍କ ଲେଖନୀରେ ପ୍ରକଟିତ ହୋଇଛି । ଆଷାଢ଼ ହାତରେ ଆଣି ଆସେ କଦମ୍ବ କୁସୁମ, ନୀଳ ସାଗରରେ ଲହରୀମାଳା ନାଚେ ଏଇ ପ୍ରକୃତିର ନିରାଜନା କରିବାକୁ । କବିଙ୍କ ଭାଷାରେ –

**ଆଷାଢ଼ ଆସଇ ହାତରେ କଦମ୍ବ**
**କରିବାକୁ ନିରାଜନା**
**ନୀଳ ସାଗରର ଫେନିଳ ଲହରୀ**
**ନାଚି ହୁଏ ଆନମନା ।**

କେତେକ ଛାନ୍ଦ ରଚନା କରିଛନ୍ତି କବି, ଶରତ ଋତୁର ଶୋଭା–ଚିତ୍ର ଆଙ୍କିବାକୁ ଯାଇ କାଶତଣ୍ଡୀ ଫୁଲର କଥା, ଗଂଗଶିଉଳି ଓ ମାଳତୀ ଫୁଲର କଥା କବି ଉଲ୍ଲେଖ କରିଛନ୍ତି । ବସନ୍ତ ଋତୁର ରୂପ ସେ ବର୍ଣ୍ଣନା କରିଛନ୍ତି ଅନ୍ୟ ଏକ ଛନ୍ଦୋବଦ୍ଧ କବିତାରେ । ଗ୍ରୀଷ୍ମ ଋତୁର ପରିବେଶ ଓ ତହିଁରେ ପ୍ରାଣୀମାନଙ୍କର ପ୍ରତିକ୍ରିୟା କଥା ଅନ୍ୟ ଏକ ଛନ୍ଦୋବଦ୍ଧ କବିତାରେ ପ୍ରକାଶ କରିଛନ୍ତି ।

ଏକଥା ସ୍ୱୀକାର୍ଯ୍ୟ ଯେ କବିଶ୍ରୀ ଲାବଣ୍ୟ ଚନ୍ଦ୍ର ସାହୁଙ୍କର ଗୀତି କବିତାରେ ରହିଛି ମର୍ମିଳ ଭାବ ସମ୍ଭାର ଓ ଭାବାନୁସାରୀ ଶବ୍ଦମାଳା ।

## ଲିଙ୍ଗରାଜ ରଥ –

ଲିଙ୍ଗରାଜ ରଥଙ୍କର ଗୀତିକବିତା ରଚନା କ୍ଷେତ୍ରରେ ଯଥେଷ୍ଟ ସାମର୍ଥ୍ୟ ରହିଛି । ଭକ୍ତିଗୀତି, ଶିଶୁଗୀତି ଏବଂ ଦେଶାତ୍ମବୋଧର ଗୀତିରଚନା କ୍ଷେତ୍ରରେ ତାଙ୍କରି ଲେଖନୀ ଚଳଚଞ୍ଚଳ ରହିଛି । ତାଙ୍କ ଭକ୍ତିଗୀତିକାରେ ଛନ୍ଦରେ ନୂତନତା ଓ ଅନ୍ତରର ଭାବରେ ସ୍ୱଷ୍ଟତା ପରିଦୃଷ୍ଟ ହୁଏ । ଦିଗଦିଗନ୍ତରେ ପରମପ୍ରଭୁଙ୍କର ମଧୁର ଲୀଳା ପ୍ରକଟିତ ମାତ୍ର କବିଙ୍କର ମନ ଓ ହୃଦୟ ଭାରାକ୍ରାନ୍ତ ହୋଇଥିବାରୁ ନୟନରୁ ତାଙ୍କର ଅଶ୍ରୁଧାରା ବହିଯାଉଛି ଏବଂ ସେହି ଅଶ୍ରୁଧାରାକୁ ସାକ୍ଷୀ ରଖି କବି ପଚାରିଛନ୍ତି ପରମପ୍ରଭୁଙ୍କୁ ଏହାର କାରଣ ।

କବିଙ୍କ ଭାଷାରେ–

**''ସାଗରେ ଲହରୀମାଳ ନାଚେ ମନ ପୁଲକେ**
**ହସଇ ଜଳଦମାଳ ବିଜୁଳିର ଝଲକେ**
**ହସେ ପୁଣି ନିର୍ଝରିଣୀ କଳକଳ ସଂଗୀତେ**
**ନୟନୁ ମୋ ଲୁହଧାର ଝରେ କିଆଁ ନିରତେ ।''**

ଭଗବାନ ସର୍ବଶକ୍ତିମାନ ସର୍ବବ୍ୟାପି ଓ ସର୍ବଜ୍ଞାନମୟ । କବି ଚାହିଁଛନ୍ତି ପରମ ସତ୍ୟମୟ ପ୍ରଭୁଙ୍କୁ ନିଜ ଭିତରେ ପାଇବା ପାଇଁ । ଧନଜନଗୋପଲକ୍ଷ୍ମୀ ପାଇବାକୁ ସେ ଚାହିଁ ନାହାଁନ୍ତି ।

**''ଧନଜନଗୋପଲକ୍ଷ୍ମୀ କିହେବ କୁହ ହେ ମୋର**
**ସଂସାର ପିଚ୍ଛିଳ ପଥେ ମାୟାର ଜହର ଝର**
**ଦିଅନାହିଁ, ଦିଅନାହିଁ**
**ପରାଣ ମୋର ଜାଳ ନାହିଁ**
**ତୃଷା କି ମେଣ୍ଟାଏ କାହିଁ ମରୁ ମରୀଚିକା ବାରି'' ?**

ପ୍ରଭୁଙ୍କର ନାମରେ ରହିଛି ଅସୀମ ଶକ୍ତି । ତାଙ୍କ ଇଙ୍ଗିତରେ ଚରାଚର ଚଳଚଞ୍ଚଳ ହୁଏ । ଅସମ୍ଭବ ପରି ଯାହା ଆମକୁ ଲାଗେ, ଭଗବାନଙ୍କ ପାଇଁ ତାହା ଏକଏକ ସାଧାରଣ କଥା । ସେ ପଙ୍ଗୁକୁ ଗିରି ଲଂଘନ କରାନ୍ତି, ଅନ୍ଧକୁ ଚକ୍ଷୁ ଦେଇ ଦେଖାଇ ଦିଅନ୍ତି ତାଙ୍କର ସୁନ୍ଦର ମୋହନ ସର୍ଜନା । ସେହି ପ୍ରଭୁ ଯଦି ବାମ ହୁଅନ୍ତି ତେବେ ଜୀବନ ଦୁଃସହ ହୋଇଉଠେ, ଜୀବନରେ ପରାଜୟର ଗ୍ଲାନି ମାଡ଼ି ଆସେ । କବିଙ୍କ ମନରେ ଭାବାନ୍ତର ଆସିଛି ଓ ସେ ବିଚାର କରିଛନ୍ତି ଯେ ପ୍ରଭୁ ତାଙ୍କୁ ଯେତେ ଦୂରେଇ ଦେବେ, ସେ ସେତେସେତେ ନିକଟବର୍ତ୍ତୀ ହେବାକୁ ପ୍ରୟାସ କରିବେ ।

**''ଯେତିକି ଦୂରେଇ ଦେଉଥିବ ପ୍ରଭୁ,**
**ସେତେ ପାଖୁ ଲାଗି ଆସବି ହେ**
**ଭୁଲାଇଲେ ପଥ ତୁମ ନାମ ଧରି ପଛେ ପଛେ ଅନୁସରିବି ହେ ।''**

ଶିଶୁଗୀତି ରଚନାଗୁଡ଼ିକ ତାଙ୍କର ହୃଦୟଗ୍ରାହୀ ହୋଇଛି କାରଣ ଏଥିରେ ଅତି ଶିଶୁ ବୋଧଗମ୍ୟ ସରଳଭାଷାର ବ୍ୟବହାର କରାଯାଇଛି । ପିଲାମାନଙ୍କ ପାଇଁ ବହୁ ନୀତିଶିକ୍ଷା ଏଥିରେ ପ୍ରଦତ୍ତ । ପଢ଼ିବାବେଳେ ପଢ଼ିବା ଓ ଖେଳିବାବେଳେ ଖେଳିବାର ଉପଦେଶ ଦେବା ସହିତ ଦେଶପ୍ରେମରେ ଉଦ୍‌ବୁଦ୍ଧ ହେବାପାଇଁ କବି ଦିଗ୍‌ଦର୍ଶନ ଦେଇଛନ୍ତି–

**''ସୁନାପିଲା ମୁଁ ହେବି**
**ଦେଶଜାତିର ସେବା କରି ମୁଁ**
**କୀରତି ରଖିଯିବି ।''**

ଆଧୁନିକ ଗୀତ ଗୁଡ଼ିକରୁ କେତେକରେ ରହିଛି ପ୍ରକୃତିପ୍ରାଣତା ପୁଣି ଦାର୍ଶନିକତା ତଥା ଜୀବନର ନିଛକ ଅନୁଭବ । ଶରତଋତୁର ପୁଷ୍କଳ ବର୍ଣ୍ଣନାର ଉପସ୍ଥାପନା କରିବା ଅବକାଶରେ କବି କାହାର କଣ୍ଠସ୍ୱର ଶୁଣି ବିସ୍ମିତ ହେବାକଥା କହିଛନ୍ତି । ଏଥିରେ ରହସ୍ୟବାଦୀ ରୋମାଣ୍ଟିକ ଭାବବିଭବର ପରିପ୍ରକାଶ ଘଟିଛି ।

ଜୀବନର କୁଞ୍ଜରେ ଯୌବନର ଫୁଲଫୁଟେ, ମନର ବୃନ୍ଦାବନରେ ଲାଗେ ମିଳନର ରାସ ଉତ୍ସବ । ବାର୍ଦ୍ଧକ୍ୟର ଲୋମଶହସ୍ତ ସ୍ପର୍ଶରେ ସେହି ଫୁଲ ଝଡ଼ିପଡ଼େ, ମାଟିରେ ମିଶିଯାଏ ।

**''ଯଉବନ ଫୁଲଫୁଟି ଚହଟାଏ ବାସ**
**ମନ ବୃନ୍ଦାବନେ ଲାଗେ ମିଳନର ରାସ**
**ଲୋଟି ପଡ଼େ ବାର୍ଦ୍ଧକ୍ୟର କ୍ରୂର ପ୍ରଭଞ୍ଜନେ ।''**

ଆକାଶର ବଗିଚାରେ ତାରାଫୁଲମାନେ ସତେ ଅବା ଚାହିଁଛନ୍ତି କେଉଁ ମାଳୁଣୀର ନରମ ହାତକୁ ଯେଉଁ ହାତ ତୋଳିନବ ତାଙ୍କୁ ଓ ସାଜିଦେବ କେଉଁ ରାଜଜେମାର କବରୀକୁ । କବିଙ୍କର କଳ୍ପନାବିଳାସ ଏଠାରେ ଅନନ୍ତ ବିଳାସୀ ଓ ଅତଳ ସ୍ପର୍ଶୀ ହୋଇଛି ।

**''ଚାହିଁଛକି ମାଳୁଣୀକୁ**
**ତୋଳି ଯିଏ ନେବ ଆସି**
**ସାଜିବାକୁ ରାଜଜେମା କବରୀର କେଶରାଶି**
**ରଜାପୁଅ ବାଟ ଚାହିଁ, ବସିଥିବ ଚାନ୍ଦମୁହିଁ**
**ହାତେ ତା'ର ଝୁଲୁଥିବ ମାଳୁଣୀର ଫୁଲମାଳ ।''**

କବିଙ୍କର ଦେଶାତ୍ମବୋଧଭିତ୍ତିକ ଗୀତିକବିତା କେତେଗୋଟି ଅତ୍ୟନ୍ତ ଭାବୋଦ୍ଦୀପକ ।

ଭାରତବର୍ଷ ଏକ ଜଡ଼ ଭୂଖଣ୍ଡ ମାତ୍ର ନୁହେଁ, ଏହା ଏକ ଦିବ୍ୟଭୂମି । ଏଠାରେ ଜୀବନ ଏକ ଉପହାର ପରମପ୍ରଭୁଙ୍କ ନିମନ୍ତେ । ପରର ଉପକାର ଏଠାରେ ସ୍ୱର୍ଗ ଏବଂ ପରର ଅନିଷ୍ଟ ମଧ୍ୟ ଏଠାରେ ନର୍କ ବୋଲି କୁହାଯାଇଛି । ଭାରତୀୟମାନେ ଚିରଦିନ ଶାନ୍ତିର ପୂଜାରୀ, କାହାରିକୁ ଆଗୁଆ ଆକ୍ରମଣ କରିନାହିଁ ଭାରତ।

**'ଶାନ୍ତି ପୂଜାରୀ ଆମେ ଚିରଦିନ**
**ଭୀରୁତା ଜାଣୁନା ଜୀବନରେ**
**ସତ୍ୟ ପାଇଁ ଆମେ ଯୁଗେଯୁଗେ**
**ଝାସିଛୁ ସମରେ ଅକାତରେ ।'**

ସତ୍ୟର ପୂଜା କରିବାକୁ ଭଗବାନ ଶକ୍ତି ଦେଇଛନ୍ତି ଓଡ଼ିଆଜାତିକୁ । ସତ୍ୟ ଅହିଂସା ତା'ପାଇଁ ବିଶିଷ୍ଟ ଅସ୍ତ୍ର ବୋଲି କବି କହିଛନ୍ତି । ଭଗବାନଙ୍କ ଚରଣେ ଆଶ୍ରୟ ନେଇ ମାନବିକତାର ଆଚରଣ ପୂର୍ବକ ଭାରତବାସୀ ଅଶେଷ ଗୌରବର ଅଧିକାରୀ, ଏକଥା କବି ଘୋଷଣା କରିଛନ୍ତି ।

## ଲୋକନାଥ ସାହା–

'ନିତ୍ୟ ନୈବେଦ୍ୟ' ଭକ୍ତିଗୁଚ୍ଛର କବି ଲୋକନାଥ ସାହାଙ୍କର ଅନ୍ତରର ଭାବ ପ୍ରକଟିତ ହୋଇଛି ସ୍ୱଚ୍ଛନ୍ଦ ଧାରାରେ । ଭିନ୍ନ ଭିନ୍ନ ସମୟର ଏଇ ଲେଖା । ପ୍ରତ୍ୟେକ ରହିଛି ଭକ୍ତି ଭାବନାର ନିର୍ମଳ ପ୍ରତିଛବି । ପରମ ପ୍ରଭୁଙ୍କୁ ଏଇ ସୃଷ୍ଟିର ସ୍ରଷ୍ଟା,ନିୟାମକ ଓ ନିୟନ୍ତକ ଭାବରେ ସେ ବିଚାର କରିବା ସହିତ ନମ୍ରନତ ହୋଇ ଗାଇଛନ୍ତି ।

**'ଏ ସାରା ଦୁନିଆ ତୁମ ଖେଳଘର**
**ତୁମେ ହିଁ ଖେଳାଳି ତୁମେ ଯାଦୁକର**
**ତୁମରି ଇଙ୍ଗିତତ ଭଙ୍ଗା ଗଢ଼ା ହୁଏ**
**ଖେଳି ଖେଳାଉଛ ତୁମେ ନିରନ୍ତର'**

ସେ ଶ୍ରୀଜଗନ୍ନାଥଙ୍କଠାରେ ଶ୍ରୀକୃଷ୍ଣଙ୍କ ରୂପକୁ ଆରୋପ କରିଛନ୍ତି । କେତେକ ଭକ୍ତିଗୀତରେ ଶ୍ରୀଜଗନ୍ନାଥଙ୍କ ବର୍ଣ୍ଣନା କରାଯାଇଛି । ଆଉ କେତେକ ଗୀତରେ ଶ୍ରୀକୃଷ୍ଣଙ୍କ ରୂପ  ବର୍ଣ୍ଣନା କରାଯାଇଛି । ଈଶ୍ୱରଙ୍କ ନାମାମୃତ ପାନରେ ପାପ କ୍ଷୟ ହୁଏ, ମନ ପ୍ରଫୁଲ୍ଲ ରହେ । ଅନ୍ତରରେ ଶକ୍ତି ବିରାଜିତ ହୁଏ । ସେଇ ନାମ ଗାନରେ ମନ ପ୍ରବୃତ୍ତ ରହୁ ବୋଲି କବି ପ୍ରୟାସ କରିଛନ୍ତି । ଚାରିଧାଡ଼ିରେ ଚାରିଗୋଟି ନାମରେ ସେଇ ଭଗବାନ ବିରାଜମାନ କରିଛନ୍ତି ।

ଶ୍ରୀଜଗନ୍ନାଥଙ୍କୁ ମନର ଦୁଃଖ କହିବା ସହିତ ଦୁଃଖ ସହିବା ପାଇଁ ଶକ୍ତି ସେ ଦିଅନ୍ତୁ ବୋଲି ଶ୍ରୀ ସାହା କାମନା କରିଛନ୍ତି । ଶ୍ରୀଜଗନ୍ନାଥ ହେଉଛନ୍ତି ଜଗତର ନାଥ, ଭକ୍ତର ଠାକୁର । ସ୍ୱୟଂ ପୁରୁଷୋତ୍ତମ ଦାରୁ ଦେବତା ଭାବରେ ଅବତୀର୍ଣ୍ଣ ହୋଇଛନ୍ତି । ଦାରୁ ମୂର୍ତ୍ତିଙ୍କର ସୁଷମା ଅକଳ୍ପନୀୟ ଭକ୍ତର ଆଖିରେ କବିଙ୍କ ଭାଷାରେ –

**''ଯେତେ ଦେଖୁଥିଲେ କଳାମୁଖ ମୋର**
**ମନ କେବେ ତୁଷ୍ଟ ନାହିଁ**
**ମୁଖ ସୁଧାବାରି ଯେତେ ପିଉ ଥରେ**
**ଶୋଷ କେବେ ମେଣ୍ଟୁ ନାହିଁ ।''**

ଶ୍ରୀଜଗନ୍ନାଥଙ୍କ ସେବକ ହେବାକୁ ଚାହିଁଛନ୍ତି କବି ଆସନ୍ତା ଜନ୍ମରେ । ଶ୍ରୀକ୍ଷେତ୍ରରେ ଜନ୍ମ ହୋଇ ପ୍ରଭୁଙ୍କର ସେବା କାର୍ଯ୍ୟରେ ଲାଗି ଜୀବନକୁ ଧନ୍ୟ କରିବାର ଇଚ୍ଛା ତାଙ୍କର ରହିଛି ।

ପାଦର ସାର୍ଥକତା ସେତେବେଳେ ଆସିବ ଯେତେବେଳେ ତାହା ପ୍ରଭୁଙ୍କ ତୀର୍ଥ ଗମନରେ ନିୟୋଜିତ ହେବ । ମୁଖର ସାର୍ଥକତା ସେତିକିବେଳେ ଆସିବ ଯେତେବେଳେ ତହିଁରେ ପ୍ରଭୁଙ୍କ ନାମ ଜପ କରାଯିବ । କାନର ମହତ୍ତ୍ୱ ସେତିକିବେଳେ ପ୍ରତିପାଦିତ ହେବ ଯେତେବେଳେ ତାହା ଭଗବାନଙ୍କ ମହିମା ଶ୍ରବଣରେ ବିନିଯୁକ୍ତ ହେବ । ଏକଥା ଶ୍ରୀ ସାହା ଘୋଷଣା କରିଛନ୍ତି ।

ନିରାକାରର ଉପାସନା କେତେକ ଭଜନରେ ସ୍ଥାନିତ ପୁଣି କେତେକ ଭଜନରେ ସାକାରର ସୌମ୍ୟ ସୁନ୍ଦର ରୂପର ବର୍ଣ୍ଣନା ଚିତ୍ରିତ । ଗାନଧର୍ମିତା, ସ୍ୱଚ୍ଛନ୍ଦତା, ସରଳତା ଓ ସାବଲୀଳତାରେ ବିମଣ୍ଡିତ ଭକ୍ତିଗୀତି ଗୁଡ଼ିକ ଗାୟକ କଣ୍ଠରୁ ଝଙ୍କୃତ ହୋଇ ଶ୍ରୋତାର ମନରେ ଭକ୍ତି ଭାବରେ ପ୍ଲାବନ ସୃଷ୍ଟି କରିବ, ଏହା ମୁକ୍ତ କଣ୍ଠରେ ସ୍ୱୀକାର୍ଯ୍ୟ ।

## ସଚ୍ଚି ମହାନ୍ତି –

କବି ସଚ୍ଚି ମହାନ୍ତିଙ୍କର କବିସତ୍ତା ଆଶାବାଦୀ ଭାବନାରେ ବିଭୋର । ସ୍ମୃତିର ଝରାଫୁଲ ଉପରେ ଗୁରୁତ୍ୱ ନଦେଇ ସେ ଗୁରୁତ୍ୱ ଦେଇଛନ୍ତି ଫୁଟନ୍ତ କଳିକା ଉପରେ । ଜୀବନବାଦରେ ବିଶ୍ୱାସୀ କବି ଚାହିଛନ୍ତି ଗୀତର ଗୁଞ୍ଜନରେ ଜୀବନର ବୃକ୍ଷଲତା ପଲ୍ଲବିତ ହେଉ, ସ୍ୱପ୍ନ ଯେତେ ସବୁ ସାକାର ହେଉ, ହସିଉଠୁ ପରିବେଶ ଇନ୍ଦ୍ରଧନୁର ବର୍ଣ୍ଣବିଭାରେ ।

କବିଙ୍କ ଭାଷାରେ –

**ଯେ ଗୀତର ସୁରେ ତରୁଲତା ଶାଖା**
**ପଲ୍ଲବି ଉଠେ ନାହିଁ**
**ବିରହୀ ମରୁରେ ନ ବହିଲା ଯଦି**
**ଛଳ ଛଳ ନୀଳନଈ**
**ବ୍ୟର୍ଥ ସୁରର ସେମିତିକା ଗୀତ**
**ଆଉ ମୁଁ ଗାଇବି ନାହିଁ**

ହୃଦୟକୁ ଖୋଜିବାକୁ ଓ ପାଇବାକୁ ତାଙ୍କର ପ୍ରୟାସ ଉଲ୍ଲେଖଯୋଗ୍ୟ । ମାନବିକତାର ମଳୟ ସ୍ପର୍ଶରେ କବିଙ୍କର ହୃଦୟ ପୁଲକିତ । ଦେବାରେ ଆନନ୍ଦ ଅଛି ଯାହା ନେବାରେ ନାହିଁ ବୋଲି ସେ ବିଚାର କରିଛନ୍ତି । ଅନ୍ୟ ପାଇଁ ଆଦର, ଅନ୍ୟପାଇଁ କର୍ତ୍ତବ୍ୟ ପୁଣି ଅନ୍ୟପାଇଁ ସହାନୁଭୂତି ହିଁ ସାର୍ଥକ ଜୀବନର ଯଥାର୍ଥ ମାନଦଣ୍ଡ ବୋଲି କବି ଯାହା କହିଛନ୍ତି ତାହା ବାସ୍ତବରେ ପ୍ରଣିଧାନ ଯୋଗ୍ୟ ।

## ସ୍ନେହଲତା ମହାନ୍ତି –

ଜଣେ ବିଶିଷ୍ଟ ଗୀତିକବି ଭାବରେ ସ୍ନେହଲତା ମହାନ୍ତିଙ୍କର ଖ୍ୟାତି ରହିଛି । କବିଙ୍କର ଗୀତିକବିତା ସମ୍ଭାରରେ ଭକ୍ତି ଭାବନା, ପ୍ରୀତିଭାବନା ପୁଣି ଦେଶପ୍ରେମର ଉପସ୍ଥାପନା ରହିଛି । ପଲ୍ଲୀଗୀତି ରଚନାରେ ତାଙ୍କର ସିଦ୍ଧି ସ୍ୱୀକାର୍ଯ୍ୟ । ମଣିଷର ମନବନରେ ବସନ୍ତ ଆସେ, ମାଦକତାର ମଳୟ ବହେ, ପ୍ରୀତି ପ୍ରବଣତାର ଥୋପାଥୋପା ଫୁଲ ଫୁଟିଯାଏ, ଆନନ୍ଦର ସୁବାସରେ ଦିଗ ମହକିଯାଏ, ଗୀତି ଗୁଞ୍ଜନର କୁହୁତାନରେ ସେହି ମନ ଚହଲିଯାଏ । ଆଶାର ରୋମାଞ୍ଚ ଭରିଯାଏ ମନର ଭିନ୍ନଭିନ୍ନ କୋଣ ଅନୁକୋଣରେ । ମନର ମଣିଷ ଆସିବ ବୋଲି ବାଟ ଚାହିଁ ବସିବାରେ ନଥାଏ ବିରକ୍ତି ବା କ୍ଲାନ୍ତି ବରଂ ଥାଏ ଅନେକ ଉତ୍କଣ୍ଠା ଓ ଅସୀମ ପ୍ରଫୁଲ୍ଲତା । ସେହି ଅପେକ୍ଷା ହୋଇଯାଏ ତପସ୍ୟାର ଅନ୍ୟ ଏକ ରମ୍ୟ ପରିଭାଷା । କବିଙ୍କ ଭାଷାରେ –

**''ବିଜନ ବେଳା ମୁଁ ଏକାକୀ ଜୀବନେ**
**ଅନେକ ସପନ ନେଇ**
**ଯୁଗ ଯୁଗ ଧରି ଚାହିଁଛି ତୁମକୁ**
**ନିଜର କରିବା ପାଇଁ**
**ତୁମରି ଆଶାରେ ବଞ୍ଚିଛି ଖାଲି**
**ଲୁହର ନିଆଁରେ ଜଳି ।''**

କବିପ୍ରାଣରେ ଏତେ ପୁଲକ, ଏତେ ସ୍ପର୍ଶକାତରତା କେଉଁଠୁ ଆସେ, ଭାବିଲେ ବିସ୍ମୟ ଲାଗେ । ମନେହୁଏ କବିତ୍ୱ ସତେ ଅବା କୁହୁକର ଅଞ୍ଜନରେଖା ମାଖିଦିଏ କବିର ଆଖିରେ ଯାହା ଫଳରେ କବିକୁ ଆକାଶ ଦିଶେ ଇନ୍ଦ୍ରନୀଳମଣିର ବିତାନଟିଏ ପରି, ସମୁଦ୍ର ଦିଶେ ସେହି ଇନ୍ଦ୍ରନୀଳମଣିର ତରଳ ବ୍ୟାପ୍ତି ପରି, ଫଗୁଣ ବନାନୀ ଦିଶେ ବିଶ୍ୱଶିଳ୍ପୀର ହସ୍ତ ଅଙ୍କା ଚିତ୍ରଲେଖା ପରି, ପୁଣି ଶାରଦୀୟ ନଦୀ ଦିଶେ ପୃଥିବୀ ମାତାଙ୍କ ଗଳାମଣ୍ଡନା ହୀରାହାର ପରି । କବି ସ୍ନେହଲତା ମହାନ୍ତିଙ୍କର 'ମନ ମଧୁମତୀ' ଗୀତିଗୁଚ୍ଛରେ ବହୁ ସୁକୁମାର ଅନୁଭବ ଉପସ୍ଥାପିତ ହୋଇଛି । ଭାବାବେଗର ଲହରୀରେ ସିକ୍ତ ହୋଇଛି ତହିଁରେ ଥିବା କେତେ କବିତାର ସୁରମ୍ୟ ସିକତା ଏବଂ ଉତ୍କଣ୍ଠାର ଫେଣ ଫୁଲରେ ମଣ୍ଡିତ ହୋଇଛି ସେହି ସିକତାର ଗଭା । ରୋମାଣ୍ଟିକ ଭାବାଦର୍ଶରେ ରହସ୍ୟବାଦର ପ୍ରଲେପ ଥିବାରୁ ତାଙ୍କର ପ୍ରାୟ ପ୍ରତ୍ୟେକ କବିତା ଅନୁଭବ୍ୟ ହୋଇଛି । ବହୁବାର ଉପସ୍ଥାପିତ 'ତୁମେ' ଶବ୍ଦ ଏକ ଅଦୃଶ୍ୟ ଶକ୍ତିର ପ୍ରତୀକ ହୋଇ ଦୃଶ୍ୟ ବାସ୍ତବତାର ଅନୁମିତ ରମ୍ୟ

ରୂପ ହୋଇଯାଇଛି । ସେ ଯାହାହେଉ ଅନୁଚିନ୍ତା ସହିତ ଅଭିବ୍ୟକ୍ତି ସମାନ୍ତରାଳ ଭାବରେ ଅଗ୍ରଗତି କରିଛି । ସହଜରେ ବୋଧଗମ୍ୟ ଏବଂ ସୁଖପାଠ୍ୟ ପ୍ରତୀକ ପ୍ରୟୋଗ ପାଠକ ଦୃଷ୍ଟିକୁ ଅନାୟାସରେ ଆକୃଷ୍ଟ କରିଛି । ଏଇ ଯେପରି –

**'ତୁମେ ଆକାଶର ଚନ୍ଦ୍ରମା ମୁଁ ଯେ ଧରଣୀର ନୀଳ କଇଁ**
**ମିଳନର ମଧୁ ସପନ ଆମର ସତ କେବେ ହୋଇ ନାହିଁ ।''**

ଭିତି ଓ ସଂଭୂତି ଉଭୟ ସ୍ଥିତିରେ କବିଚିତ୍ତ ସମଭାବରେ ଥିଲା ପରି ମୋର ମନେହୁଏ । ତାହା ଏକାଧାରରେ ସ୍ଥୂଳତ୍ୱ ଓ ସୂକ୍ଷ୍ମତ୍ୱର ପ୍ରତିନିଧିତ୍ୱ କଲାପରି ଜଣାଯାଏ । ମନେହୁଏ ତାହା ସ୍ୱପ୍ନ ପରି ପ୍ରସାରିତ ହୋଇଯାଇଛି ଦୂର ଦିଗ ଓ ଦିଗନ୍ତକୁ, ପୁଣି କେତେବେଳେ ବତି ପରି ଜଳିଜଳି ପରିବେଶକୁ ଆଲୋକିତ କରିଦେଇଛି । କବିଙ୍କ ଭାଷାରେ–

**''ଯେଉଁ ତରୁର ମୁଁ ସବୁଜ ସପନ**
**ତୁମେ ସେ ତରୁର ଶାଖା**
**ଯେଉଁ ଦୀପର ମୁଁ ସଞ୍ଜସଳିତା**
**ତୁମେ ସେ ଦୀପର ଶିଖା''**

ବାସ୍ତବିକ ଶବ୍ଦଯୋଜନା ତାଙ୍କର ସରଳ ଓ ମନମୁଗ୍ଧକର । ତାହା ପ୍ରତ୍ୟେକ ପାଠକ ପାଇଁ ଆଦରଣୀୟ ଓ ବରଣୀୟ ।

## ଶରତ ଚନ୍ଦ୍ର ରଥ –

ଗୀତିକବିତାର ସୃଷ୍ଟିକାଳୀନ ଅନୁଭବ ଅନନ୍ୟ । ସେ ଅନୁଭବ ଭୌତିକ ଜଗତର ନୁହେଁ, ଭିନ୍ନ ଏକ ସୂକ୍ଷ୍ମ ଜଗତର । ସେ ଜଗତ ଅଧାହସପରି ମଧୁର, ଅଧାଫୁଟାଫୁଲ ପରି ସୁନ୍ଦର, ଅଧାଲାଜପରି ଖୁବ୍ ଅନୁଭବ୍ୟ । ଚେଷ୍ଟାକରି କେହି ସହଜରେ ସେ ଜଗତକୁ ଯାଇପାରନ୍ତି ନାହିଁ । ସର୍ଜନଶୀଳ ଶକ୍ତିର ସ୍ପର୍ଶରେ ସେହି ଜଗତକୁ ଯାଇହୁଏ । ବହୁବର୍ଣ୍ଣା ଫୁଲର ଫସଲ ସେଠାରେ ଆନନ୍ଦରେ ଲୋଟୁଥାଏ, ମହମହ ବାସୁଥାଏ ସେହି ଇଲାକା, ମର୍ମ ଚକ୍ଷୁରେ ସେହି ସ୍ଥାନ କେତେ ସୁନ୍ଦର ଦିଶେ ତାହା ଭାଷାରେ କହିହେବ ନାହିଁ । ତାହା ଅନୁଭବର ବିଷୟ । ଅନ୍ୟ କବିମାନଙ୍କ ପରି ଶ୍ରୀଯୁକ୍ତ ରଥ ଏହି ଅନୁଭବର ଅଧିକାରୀ । ତାଙ୍କ ମତରେ– 'ଶବ୍ଦର ଶଯ୍ୟାରେ ଭାବ ଝରଣା ହିଁ ଗୀତିକବିତାର ଅସଲ ସ୍ୱରୂପ ।' 'ଧୂପବାସ','ଆରାଧନା','ମାଟି ମହକ','ନବଚେତନା' ଓ 'ପ୍ରତିଧ୍ୱନି' ପ୍ରଭୃତି ଗୀତିକବିତାର ପୁସ୍ତକ ତାଙ୍କ ସାରସ୍ୱତ ସାଧନାର ସୁବର୍ଣ୍ଣ ସ୍ୱାକ୍ଷର ବହନ କରନ୍ତି । 'ଧୂପବାସ' ଓ 'ଆରାଧନା'ରେ ଭଗବତ୍ ସତ୍ତାର ମହିମା ଗାନ ନିମନ୍ତେ ତାଙ୍କର

ପ୍ରୟାସ ମୂର୍ତ୍ତିମନ୍ତ । ପରମ ପ୍ରଭୁଙ୍କୁ କବି କେତେବେଳେ ପାହାନ୍ତି ଆକାଶର ତାରା, କେତେବେଳେ ଶାନ୍ତ ବିଜନ ବୋଲାଭୂମିର ଜହ୍ନ ରାତି ତ ଆଉକେତେବେଳେ ନୀଳସାଗରର ପ୍ରଥମ ଲହରୀ ପୁଣି ନଦୀର ପ୍ରଥମ ଧାରା ବୋଲି ବିଚାର କରିଛନ୍ତି । ପ୍ରଭୁଙ୍କ ପ୍ରତି ସୀମାହୀନ କୃତଜ୍ଞତାରେ ଅନ୍ତର ତାଙ୍କର ଭରିଯାଇଛି । କିଛି ପାଇନାହାନ୍ତି ବୋଲି ଅଭିଯୋଗ କରିବା ପରିବର୍ତ୍ତେ ବହୁକଥା ପ୍ରଭୁଙ୍କ ଠାରୁ ପାଇଛନ୍ତି ବୋଲି ସ୍ୱୀକାର କରିବା ସଙ୍ଗେ ସଙ୍ଗେ ବିନିମୟରେ କିଛି ଦେଇ ପାରିନାହାନ୍ତି – ଏକଥା ଭାବି ତାଙ୍କ ମନରେ ଦୁଃଖ ଆସିଛି । କବିଙ୍କ ଭାଷାରେ –

**‘‘ତୁମେ କେତେ ମତେ ଦେଇଛ ହେ ପ୍ରଭୁ**
**ମୁଁ କିଛି ପାରିନି ଦେଇ**
**କିଛି ଦେବି ବୋଲି ଭାବିଲା ବେଳକୁ**
**ମନ କରେ ‘ନାହିଁ’ ‘ନାହିଁ’ ।’’**

‘ମାଟି ମହକ’ ପୁସ୍ତକରେ ଭାରତ ବନ୍ଦନା ଭିନ୍ନ ଅନୁଭବ ସହ ଉପସ୍ଥାପିତ ହୋଇଛି । ଭାରତ ଆଗାମୀ ବିଶ୍ୱର ଗୁରୁହେବ ଯାହା ମହାଯୋଗୀ ଶ୍ରୀଅରବିନ୍ଦ, ସ୍ୱାମୀ ବିବେକାନନ୍ଦ, ମାକ୍ସମୁଲର, ଭଗିନୀ ନିବେଦିତା ଓ ଶ୍ରୀମତୀ ବୋରିସ୍କା ପ୍ରଭୃତି ଦିବ୍ୟଦ୍ରଷ୍ଟାଗଣ ଉଦ୍‌ଘୋଷଣା କରିଛନ୍ତି । ଏହାକୁ ଭିତ୍ତିକରି ଭାରତର ମହନୀୟତା ସମ୍ପର୍କରେ କବି କହନ୍ତି–

**‘‘ଭାରତ ଆକାଶେ ପ୍ରଥମ ସକାଳେ**
**ସୂର୍ଯ୍ୟ ଆସିବ ଉଇଁ ବିଜୟ ବାରତା ନେଇ**
**ଚେତନାର ଗୀତ ଗାଇ’’**

ସାମ୍ପ୍ରତିକ ସମାଜର ଅବ୍ୟବସ୍ଥା କବିଙ୍କୁ ଚିନ୍ତିତ କରିଛି, ବ୍ୟଥିତ କରିଛି । ସମାଜରେ ଚାଲିଥିବା ଛଳନା, ପ୍ରତାରଣା ଓ ମିଥ୍ୟାର ରାଜତ୍ୱରେ ସେ ମର୍ମାହତ ହୋଇଛନ୍ତି । ଏହି ପରିପ୍ରେକ୍ଷୀରେ କେତେଗୁଡ଼ିଏ ଗୀତିକବିତା ରଚନା କରିଛନ୍ତି । ସେଥିମଧ୍ୟରୁ ଗୋଟିଏ କବିତା ଗୋଟିଏ ପଦ ଏହିପରି –

**‘‘କହନା କହନା ସମାଜର କଥା**
**କହିଲେ ହୋଇବ ପୋଥି**
**ଖତ ଖାଇଯାଏ ମଣିଷ ପଣିଆ**
**ସବୁ ଏଠି ଜାଲିଆତି’’**

ଏହିପରି ଚିତ୍ର ପ୍ରଦାନ କଲେ ହେଁ ଆଶାବାଦର ଭାବତରଙ୍ଗ ବିତରଣରେ କବିଙ୍କ ଲେଖନୀ ଚଳଚଞ୍ଚଳ । ଆଶା ହିଁ ଜୀବନ, ହତାଶା ହିଁ ମୃତ୍ୟୁ – ଏହି ଅନୁଚିନ୍ତାରେ ଗଭୀର ବିଶ୍ୱାସ ରଖିଛନ୍ତି କବି ଶ୍ରୀଯୁକ୍ତ ରଥ । 'ଆଶା ଏକ ଭଗବତ ସଦ୍‌ଗୁଣ' – ଶ୍ରୀମାଙ୍କ ଏହି କଥାରେ ଆସ୍ଥା ସ୍ଥାପନ କରି କବି କହନ୍ତି –

**''ଦୂର ଦିଗହଜା ମରୁ ବାଲୁକାରେ**
**ନାଗଫେଣୀକଣ୍ଟା କେତେ**
**ମନ ମୋ କହୁଛି ଆଉ କିଏ ଅଛି**
**ଚାଲିବାକୁ ମୋର ସାଥେ''**

## ଶିବବ୍ରତ ଦାସ –

କବି ଶିବବ୍ରତ ଦାସ ଓଡ଼ିଆ ଗୀତିକବିତା ରାଜ୍ୟରେ ଏକ ସ୍ମୃତିସଜଳ ସତ୍ତା । ତାଙ୍କ ଗୀତିକବିତା ପୁସ୍ତକର ନାମ ହେଉଛି 'କୃଷ୍ଣଚୂଡ଼ାର ଗୀତି' । ପ୍ରକୃତିର ଭୀମକାନ୍ତ ଚିତ୍ର ଏବଂ ମଣିଷ ଜୀବନର ସୁଖଦୁଃଖ, ଭଲ ମନ୍ଦର ଅଭିବ୍ୟକ୍ତି ଭାବୋପଯୋଗୀ ଭାଷାରେ ଏଥିରେ ଲିପିବଦ୍ଧ ।

ରାଗ, ରଂଗ ଓ ମନୋଜ୍ଞ ସୁବାସରେ ବରଣୀୟ ଓ ଆକର୍ଷଣୀୟ ତାଙ୍କ ରଚନା ସମ୍ଭାରରେ ବିଭୁଭକ୍ତି, ମାନବିକ ପ୍ରୀତି, ବାତ୍ସଲ୍ୟ ରସାନୁଭୂତି, ଜୀବନଚିନ୍ତା ଓ ପ୍ରକୃତି ପ୍ରୀତିର ଔଜଲ୍ୟ ଲକ୍ଷ୍ୟଣୀୟ । ଭାବବିଭୋର ଶବ୍ଦମାନେ ତାଙ୍କ ରଚନାରେ କେତେବେଳେ ଲାଜେଇ ଯାଆନ୍ତି ତ ଆଉକେତେବେଳେ ହସି ନହସିଲା ପରି ଓ ନହସି ହସିଲାପରି ମନେହୁଅନ୍ତି । ମାଟି, ଆକାଶ ଓ ମଣିଷର କଥା କେତେବେଳେ ଗୋଟିଏ ବିନ୍ଦୁରେ ମିଳିତ ହୁଅନ୍ତି ତ ଆଉ କେତେବେଳେ ପରସ୍ପରଠାରୁ ଦୂରେଇ ଗଲାପରି ଲାଗୁଥାଆନ୍ତି । ସ୍ୱପ୍ନର କୁହୁକ ଛୁଆଁରେ ପିତଳ କେତେବେଳେ ସୁନାହୋଇ ଯାଏ ତ ଆଉ କେତେବେଳେ ବାସ୍ତବତାର ଚାପରେ ଅନୁଭବର ଗଜମୋତି ସବୁ ଚୂରି ହୋଇଯାଏ । ସ୍ୱପ୍ନର ଚହଲା ଢେଉରେ ମନର ଉପକୂଳ ବହୁ ସମୟରେ ପ୍ଳାବିତ ହୋଇଯାଏ । ସ୍ୱପ୍ନର ବନ୍ଦନା ଗାଇବାକୁ ଯାଇ କବି କହନ୍ତି –

**''ସ୍ୱପ୍ନ ମୋର ଚନ୍ଦ୍ରିକା ଝରା ନିର୍ଜନ ଝାଉଁବନ**
**ସ୍ୱପ୍ନ ମୋର ରଜନୀ ଗନ୍ଧା ଗନ୍ଧ ମଦିର ମନ**
**ସ୍ୱପ୍ନ ମୋର ଚଇତି ସଞ୍ଜେ ଅଭିସାରିକାର ଭୀତି ।''**

**(କୃଷ୍ଣଚୂଡ଼ାର ଗୀତି)**

କବିଚିତ୍ତର ମାଦକତା ମୂର୍ତ୍ତିମତୀ ହୁଏ, ପ୍ରେମଶିଶିରଭିଜା ମନରଗୋଲାପ ପବନରେ ଝୁଲିଝୁଲି ଆନମନାହୁଏ । ନଦୀ ହୋଇ ଝରିଯାଏ ମମତାର ଜଳଧାରା । ତା'ର କୂଳରେ ସେଇ ଗ୍ରାମ ଯାହାର ନାମ ହେଉଛି ସ୍ୱପ୍ନପୁରୀ, ସେଇ ଗାଁରେ ସେ କିଏ ଯାହାର ନାମ ହେଉଛି ଚନ୍ଦ୍ରା, ତାହାର ଲାଜର ନାମ କୃଷ୍ଣଚୂଡ଼ା, ଈର୍ଷାର ନାମ ପ୍ରଭଞ୍ଜନ, ପୁଣି ତାର ଆଖିର ନାମ ଶାମୁକା ଆଉ ଲୁହର ନାମ ମୁକ୍ତା ।

**''ନଦୀର ନାମ ଅଳସ କନ୍ୟା**
**ତୀରର ନାମ ତନ୍ଦ୍ରା**
**ଗ୍ରାମର ନାମ ସ୍ୱପ୍ନ ପୁରୀ**
**ପ୍ରିୟାର ନାମ ଚନ୍ଦ୍ରା ।''**

କବି ଲେଖିଛନ୍ତି ଆଖଣ୍ଡଳମଣିଙ୍କ ମହିମାଗାନ କରି ଭଜନ, ଶ୍ରୀଜଗନ୍ନାଥଙ୍କ ପାଇଁ କେତେକ ଭକ୍ତିଗୀତ ପୁଣି ଗୋପୀନାଥଙ୍କ ପାଇଁ କେତେଗୋଟି ପ୍ରାର୍ଥନା ସଂଗୀତ । ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ଆଶେଷ ଆକୁଳତା ହିଁ ତାଙ୍କ ଭକ୍ତିମତ୍ତାର ନିର୍ମଳ ନିଦର୍ଶନ । ହାତ ଦୁଇଟି ପ୍ରଭୁଙ୍କ ସେବାରେ ଲାଗିରହୁ ଓ ଜିଭ ତାଙ୍କ ଜୟଗାନରେ ଅହରହ ବ୍ୟସ୍ତ ଥାଉ ବୋଲି କବି ଇଚ୍ଛା ପୋଷଣ କରିଛନ୍ତି ।

ଜନ୍ମଭୂମିର ପଦବନ୍ଦନାରେ କବି ଆତ୍ମବିଭୋର । ଭାରତର ପବନ ପ୍ରବାହ କବିଙ୍କପାଇଁ ମୁଗ୍ଧ ମଳୟର ଛନ୍ଦବିଳାସ ସାଜିଛି । ମହାସାଗରର ଉର୍ମିମାଳା ଭାରତ ଭୂମିକୁ ଆଭୂମ ପ୍ରଣାମ ଜଣାଉଛି ବୋଲି କବି କହିଛନ୍ତି ।

ତତ୍‌କାଳୀନ ସମାଜର ଚିତ୍ର ତାଙ୍କ ରଚିତ କେତେକ ଗୀତିକବିତାରେ ସ୍ଥାନ ପାଇଛି । ମହାନଦୀର ନୀଳ ଢେଉରେ ନାଆ ମେଲିଥିବା ନାଉରୀର ପ୍ରଶ୍ନ ଓ ନଈକୂଳର ଭିନ୍ନ ଭିନ୍ନ ଅଞ୍ଚଳର ଝିଅମାନଙ୍କର ଉତ୍ତରରେ ସେହି ଚିତ୍ର ଅତ୍ୟନ୍ତ ଜୀବନ୍ତ ହୋଇଉଠିଛି । କେଉଁଠି ଯୌତୁକର ସମସ୍ୟା ତ ଆଉ କେଉଁଠି ଗଡ଼ଜାତ ଓ ମୋଗଲବନ୍ଦୀ ଭିତରେ ଥିବା ରୁଚିଗତ ସମସ୍ୟା ଉପସ୍ଥାପିତ ହୋଇଛି । ସୁଲଳିତ ଛନ୍ଦମାଧୁର୍ଯ୍ୟ ସହ ସାମାଜିକ ଚିତ୍ରର ପ୍ରସ୍ତାବନା ଅତ୍ୟନ୍ତ ମର୍ମସ୍ପର୍ଶୀ ହୋଇଛି । କବିଙ୍କର ଭାଷାରେ –

**''ନାଉରିଆ ତୁ ଶୁଣିଯାଆ କେମିତି ଭଲା ହେବ ବାହା**
**ଭୁବନେଶ୍ୱର କିରାଣୀ ବର ମାଗୁଛି ଫଟଫଟିଆ ।''**

ଶେଷରେ ଏତିକି କୁହାଯାଇପାରେ ଯେ ଶିବବ୍ରତ ଦାସଙ୍କର କବିତ୍ୱ ଅଶେଷ ମହିମାନ୍ୱିତ ଓ ପାଠକ ତଥା ଶ୍ରୋତାମାନଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ।

## ଶିବ କୁମାର ରଥ –

କବିମାନସର ବେଳାଭୂମି ବିଭୁଭକ୍ତିର ଜୁଆରରେ ନିରନ୍ତର ପ୍ଲାବିତ ହୋଇ ପାଠକ ପ୍ରାଣରେ ଭକ୍ତି ଭାବର ସୁକୁମାର ଅନୁଭବ ଆଣିଦେଇଛି । ଆତ୍ମଦାନ ଓ ଆତ୍ମନିବେଦନର ମହନୀୟତା କବି ହୃଦୟଙ୍ଗମ କରି ପାରିଛନ୍ତି । ନିଜ ଭିତରେ ଓ ବାହାରେ ଭାଗବତ ଉପସ୍ଥିତିକୁ ଅନୁଭବ କରିବା ନିମନ୍ତେ ସେ ଯେଉଁ ପ୍ରୟାସ କରିଛନ୍ତି ତାହା ଅଭିନନ୍ଦନୀୟ । ସବୁ ସ୍ଥାନ ନୀଳାଦ୍ରିଧାମ ପରି ଲାଗିଲେ, ସବୁ ବାସ୍ନା ଚୂଆ ଚନ୍ଦନର ବାସ୍ନା ପରି ଲାଗିଲେ ଶ୍ରୀଜଗନ୍ନାଥଙ୍କର ନିଶା ଭକ୍ତକୁ ଲାଗିଛି ବୋଲି କୁହାଯାଇପାରିବ – ଏକଥା କବି ଉଲ୍ଲେଖ କରିଛନ୍ତି । ସମର୍ପଣ କଲେ ପଖାଳ କଂସାର ସ୍ୱାଦ ବହୁଗୁଣିତ ହେବ ବୋଲି କବି କହିଛନ୍ତି । କବିଙ୍କ ଭାଷାରେ–

**"ଚନ୍ଦନ ଚନ୍ଦନ ବାସିବ ପବନ**
**ତା ସାଥିରେ ପୁଣି କର୍ପୂର ମିଶା**
**ରାତିଦିନ ଚକାଆଖି ଦିଶୁଥିବ**
**ସେଇ ହେଲା ଭାଇ କାଳିଆ ନିଶା**
x x x
**ନାଆଁ ଧରି ତା'ର ପାଣି ଛଡ଼ାଇଲେ**
**ସୁଆଦ ଲାଗିବ ପଖାଳ କଂସା"**

ଶ୍ରୀଜଗନ୍ନାଥଙ୍କ ଆଖିରେ ଥିବା ଭୁବନମୋହନ ମାଦକତା କବିଙ୍କୁ ବିହ୍ୱଳ କରିଛି । ସରଳ ଲଳିତ ଭାଷାରେ ସେହି ଆଖିର ବର୍ଣ୍ଣନା ଓ ମହିମା ଗାନ କବିକୃତିରେ ହୋଇଛି ଅତ୍ୟନ୍ତ ହୃଦୟସ୍ପର୍ଶୀ । କବିଙ୍କ ବିଚାରରେ ସ୍ନେହମମତାର ଆଧାର ସେହି ଚକା ଆଖିରେ ଲାଖି ରହେ କୋଟି ଜନତାର ଆଖି । ମହାପ୍ରଭୁଙ୍କ ଚାହାଣିରେ କୁହୁକ ଅଛି, ଶୋକପାଶୋରା ଶକ୍ତି ଓ ସାମର୍ଥ୍ୟ ରହିଛି । କବି କହିଛନ୍ତି –

**"କାଳିଆରେ ଏମିତି ତୁ ଚାହାଁନା ଆଉ**
**ସହି ହୁଏ ନାହିଁ ଚକାଆଖିର ଦାଉ"**

## ଶ୍ରୀଚରଣ ମହାନ୍ତି –

ଶ୍ରୀଚରଣ ମହାନ୍ତିଙ୍କର କେତେକ ଗୀତିକବିତା ରହିଛି । ପ୍ରାୟ ପ୍ରତ୍ୟେକ କବିତାରେ ରହିଛି ଛନ୍ଦର ସାବଲୀଳତା, ଭାଷାର ସୁକୋମଳତା ତଥା ବକ୍ତବ୍ୟର ପ୍ରାଞ୍ଜଳତା । ରୋମାଣ୍ଟିକ ଭାବଧାରାରେ ପରିପ୍ଲୁତ କବିଚିତ୍ତ ଯଉବନର ନିରାଜନା

କରିଛି । ମନ ଭାଙ୍ଗିଗଲେ ଆଉ ଯୋଡ଼ି ହୁଏନା, ମନ ହଜିଗଲେ ଆଉ ଖୋଜିହୁଏନା । ସବୁକିଛି ସେତେବେଳେ ଲାଗେ ଅଲଣା । ପୁରୁଣା ଦିନର ସ୍ମୃତିସବୁ ମନେପଡ଼େ । ହାରି ଯିବାର ଦୁଃଖରେ ଜର୍ଜରିତ ହୁଏ ମନର ଇଲାକା । କବିଙ୍କ ଭାଷାରେ –

**'ହଜିଲା ଦିନର ଖୋଜିଲା ସ୍ମୃତିକୁ**
**ଆଜି ମୁଁ ଚାହିଁଛି ବସି**
**ଜୀବନଟା ଖାଲି ଖୋଜି ଖୋଜି ଗଲା**
**ମନଫୁଲ ହେଲା ବାସି ।'**

ବହୁ ଅଘଟଣ ଘଟେ ଜୀବନରେ । ସ୍ୱପ୍ନ ସବୁ ରହିଯାଏ ସ୍ୱପ୍ନ ହୋଇ, ବାସ୍ତବ ହୁଏନା । ନିଦାଘରେ ସିଝିଲେ ବି ବର୍ଷା ଆସେନା କି ଶୀତରେ ଥରିଲା ପରେ ବି ବସନ୍ତ ଆସେନା । ସବୁ ଆଶା ହୋଇଯାଏ ସୁଦୂର ପରାହତ । ଆତ୍ମବିଶ୍ୱାସ କମିକମିଯାଏ, ଦିଗଦିଗନ୍ତ ଖାଲିଖାଲି ଲାଗେ । କବିଙ୍କ ଭାଷାରେ –

**'ନିଦାଘରେ ସିଝି ଥିଲି**
**ବରଷା ଆସିବ ବୋଲି**
**ଶିଶିରରେ ଭିଜିଥିଲି**
**ବସନ୍ତର ଆଶା ମେଲି**
**ବରଷା ବସନ୍ତ କାହିଁକି**
**ଖୋଜିବି ଆଶା ଖାଲି ମଲା ନଇ ।'**

କେତେକ ଭକ୍ତିଗୀତ ମଧ୍ୟ ସେ ରଚନା କରିଛନ୍ତି । ମନରେ ଅନୁତାପ ଆସିଛି, ଅନ୍ତର ଦୁଃଖରେ ବିଳପି ଉଠିଛି । ସେ ମୁକ୍ତକଣ୍ଠରେ ସ୍ୱୀକାର କରିଛନ୍ତି ଯେ ପରମପ୍ରଭୁଙ୍କ କଥା ଯାହା ଯାହା ଶୁଣିଲେ ତାହା ତାହା ଭୁଲି ଯାଇଛନ୍ତି । ମିଛ ମାୟା ମୋହରେ ବାନ୍ଧି ହୋଇ ଜୀବନ ଅସାର୍ଥକ ହୋଇଯାଉଛି । କେତେଥର ଯେ ପ୍ରଭୁ ଚେତାଇ ଦେଇଛନ୍ତି, ଚାପ ଦେଇଛନ୍ତି ଚେତିବା ପାଇଁ ତାହାର କଳନା ନାହିଁ । ପ୍ରଭୁ ଦେଖାଇଥିବା ବାଟ ସେ ଭୁଲି ଯାଇଛନ୍ତି । ଅହଂକାର ଯୋଗୁଁ ମଣିଷ ଜାଣିପାରେ ନାହିଁ ଈଶ୍ୱରଙ୍କ କ୍ଷମାଶୀଳତା ଓ ରକ୍ଷାକାରୀ ଶକ୍ତିର କ୍ରିୟାକୁ । ସେ ଭାବେ ନିଜ ଶକ୍ତିରେ ସୁରକ୍ଷିତ ହୋଇ ରହିଛି ବୋଲି । ପ୍ରକୃତରେ ତାକୁ ଈଶ୍ୱରଶକ୍ତି ସୁରକ୍ଷିତ କରି ରଖିଛନ୍ତି ।

ରୋଗ ବାଧା ଆସୁଛି ଆମକୁ ଆମ ଅପୂର୍ଣ୍ଣତା ବିଷୟରେ ସଚେତନ କରିବାକୁ । ମଣିଷକୁ ସେତେବେଳେ ଭାବୁଛି ନିଜର କର୍ମଦୋଷର ଫଳ ସ୍ୱରୂପ ରୋଗ ଆସିଛି । ମଣିଷ ପ୍ରକୃତ ମାର୍ଗରେ ନେବା ପାଇଁ ବାଧାବିଘ୍ନ ଆସନ୍ତି । ଏକଥାକୁ ହୃଦୟଙ୍ଗମ

କରିଛନ୍ତି କବି ଶ୍ରୀମହାନ୍ତି । ସଙ୍କଟ ତାରିଣୀ ଭଜନ ଏବଂ ଶ୍ରୀଜଗନ୍ନାଥଙ୍କ ଭଜନ ରଚନା ମାଧ୍ୟମରେ କବି ତାଙ୍କର ଭଗବତ ଭକ୍ତି ଉପସ୍ଥାପନା କରିଛନ୍ତି ।

## ସତ୍ୟ ପଟ୍ଟନାୟକ–

ଓଡ଼ିଆ ଗୀତିକବିତା ରାଜ୍ୟରେ ସତ୍ୟ ପଟ୍ଟନାୟକଙ୍କ ନାମ ବେଶ୍ ପରିଚିତ ଓ ପ୍ରତିଷ୍ଠିତ । ଭଲ ପାଇବାର ବାସ୍ନାରେ ବହୁ ଗୀତିକବିତା ତାଙ୍କର ବାସ୍ନାୟିତ । ହତାଶାର ଛାତି ଚିରି ଆଶାର ଅରୁଣିମା ତାଙ୍କ ଲେଖନୀରେ ଫିଟିଫିଟି ଆସେ । ଶ୍ୟାମଳ ବନରୁ ଝରିଝରି ଆସୁଥିବା ଏକଏକ ଝରଣା ତାଙ୍କର ଏକଏକ କବିତା । କେତେ କବିତାର ଲତାରେ ରୋମାଣ୍ଟିକ ଭାବ ବିଳାସର ଝୁଲାଝୁଲା ଫୁଲପେନ୍ଥା ବେଶ୍ ସୁଦୃଶ୍ୟ, ସୁରମ୍ୟ ଓ ସୁବାସିତ । ନିଜ କବିତା ସମ୍ବନ୍ଧରେ ସେ କହନ୍ତି– 'ଅନୁରାଗରେ ସେ ଲାବଣ୍ୟମୟୀ, ଲାବଣ୍ୟବତୀ । ପୋଖରୀ ଭିତରେ ହଜିଯାଇଥିବା ରୁପା ଫରୁଆର ସ୍ମୃତି ।' ପୁଣି ସେ କହନ୍ତି– 'ମୋ ଗୀତିକା ନାଉରି ନଥିବା ନାଆ, କାତ ନାହିଁ, ଆହୁଲା ବି ନାହିଁ, ଆୟାସ ନାହିଁ, ନାହିଁ ମଧ୍ୟ ଅଧ୍ୟବସାୟ ।'

ପ୍ରାପ୍ତିରେ ସନ୍ତୋଷଠାରୁ ଅପ୍ରାପ୍ତିର ଅସନ୍ତୋଷ ବେଶି ସ୍ମରଣୀୟ । ସିଏ ବେଶି ମନେପଡ଼େ ଯିଏ ବେଶି କ୍ଷତ କରିଦିଏ ମନ ଗହନରେ । ହଜିଯାଇଥିବା ଚିରାକନା ମଠାପରି ଲାଗେ । ଯେତେ ଚାହିଁଲେ ବି ଭୁଲି ହୁଏନାହିଁ ତା'ର ସ୍ମୃତି ଓ ଅନୁଭୂତି । ଆଗରୁ ନ ହେଲେ ପଛରୁ, ଏପାଖରୁ ନ ହେଲେ ସେପାଖରୁ ଶୁଭେ ହଜିଯାଇଥିବା କଣ୍ଠସ୍ୱର । ଚାଲୁ ଚାଲୁ ପାଦ ଅଟକିଯାଏ ସେ ସ୍ୱରରେ ।

କବିଙ୍କ ଭାଷାରେ–

'ଏ ଜୀବନେ ତାକୁ ପାଇଥିଲେ ମୁଁ କି
ପାଇଥାନ୍ତି ଏତେ ଭଲ
ହରାଇଛି ବୋଲି ଅବା ସେ ଲାଗୁଛି
ତୁଚ୍ଛାଟାରେ ଏତେ ଭଲ ।'

କବିଚିତ୍ତ କେତେ ଆକୁଳ ନିଜକୁ ଜାଣିବାକୁ, ନିଜକୁ ଶୁଣିବାକୁ ପୁଣି ନିଜକୁ ଦେଖିବାକୁ । ଥରେ ହଜାଇଦେଲେ ନିଜକୁ ହିଁ ଖୋଜୁଥାଏ । ମାତ୍ର ବାହାରକୁ ଲାଗେ ଆଉ କାହାକୁ ଖୋଜିଲା ପରି ।

'ଚନ୍ଦ୍ରଧଉଳା ଏମିତି ରାତିରେ
ଚନ୍ଦନ ଗନ୍ଧ ନେଇ
ଗନ୍ଧ ବିଭୋର ହୃଦୟକୁ ମୋର
ଦେଇଥିଲା ମହକାଇ ।'

ପ୍ରକୃତିର ଚାରୁଚିତ୍ର ଅଙ୍କନରେ ଲେଖନୀ ତାଙ୍କର ସୁଦକ୍ଷ । ଆଶାର ସରୁସରୁ ପାଦରେଖାରେ ଉଲ୍ଲାସର କେତେ ଅଶ୍ରୁତ ପାଉଁଜି ଶବ୍ଦ ଶୁଭେ, ତାହାର କଳନା ନାହିଁ । ଶୀତର ରୁପା ସକାଳରେ ସୁନା ମୁକ୍ତୁଟର ଖରା ଭାରି ଝଲମଲ ଦିଶେ । ଆମ୍ବ ବଉଳର ମଙ୍ଗଳ କଳସରେ ଶୁଭବେଳା ମାଟିକୁ ଓହ୍ଲାଇ ଆସେ । କବିଙ୍କ କଥାରେ–

'ଅଳପ ଶୀତର ରୁପା ସକାଳରେ
ସୁନା ମୁକ୍ତୁଟର ଖରା
ଆମ୍ବ ବଉଳର ମଙ୍ଗଳ କଳସେ
ଶୁଭ ଅଭିଷେକ ବେଳା ।'

ସଂସ୍କୃତିର ନିର୍ମଳ ଆଲେଖ୍ୟ ହୋଇଛି ତାଙ୍କର କେତେ କବିତାରେ । ତହିଁରେ ପ୍ରକଟିତ ଓଡ଼ିଆ ଘରର ଚଳଣି ଓ ଚିତ୍ର ପାଠକ ମନରେ ବହୁ ଭାବାନ୍ତର ସୃଷ୍ଟି କରେ । ମହାବିଷୁବ ହାତ ବଢ଼ାଇ ଦେଇଛି ଶ୍ରଦ୍ଧାର, ନିଜେ ଜଳୁଛି ବସୁଧାର ହିତ ପାଇଁ, ମଉସୁମୀର ପ୍ରାକ୍‌ପ୍ରସ୍ତୁତି ପାଇଁ । ବସନ୍ତରା ଝୁଲୁଛି, ଅନେକ ସ୍ୱପ୍ନର ସମ୍ଭାର ସହ ବିଷୁବ ଆସିଛି । କବିଙ୍କ ଭାଷାରେ–

'ତୃଷ୍ଣା ଆତୁର ମେଘର ଛାତିରେ
ମଉସୁମୀ ଆଶା ଲେଖି
ଚିର ବଇରାଗୀ ବିଷୁବ ଜଳୁଛି
ବସୁଧାର ହିତ ଲାଗି ।
x x x x
ବସନ୍ତରା ଝୁଲେ ଚଉରା ମୂଳରେ
ଝରିପଡ଼େ ଜଳବିନ୍ଦୁ
ଜଳ ନୁହେଁ ସେ ତ ଓଡ଼ିଆ ଘରର
ଅନ୍ତର ତଳ ମଧୁ ।'

କେବଳ ପ୍ରୀତି ପ୍ରବଣତାର ମଧୁମଲ୍ଲୀରେ ନୁହେଁ, ଭକ୍ତି ଭାବନାର ସୂର୍ଯ୍ୟମୁଖୀ ମୁକ୍ତୁଟରେ କବି ପଟ୍ଟନାୟକଙ୍କର କାବ୍ୟ ମାନସ ଉଦ୍ୟାନ ସୁଶୋଭନ ଓ ସୁରମ୍ୟ । ଶ୍ରୀଜଗନ୍ନାଥଙ୍କ ପ୍ରତି ସମର୍ପଣର ଚନ୍ଦନ ଗନ୍ଧରେ ସେ ଉଦ୍ୟାନ ଅସୀମ ପବିତ୍ରତା ଭରିଦିଏ ପାଠକ ପ୍ରାଣରେ । ପରମ ପ୍ରଭୁଙ୍କ ଚରଣରେ ଆଭୂମ ପ୍ରଣାମ ତାଙ୍କର ନମ୍ରତାର ତୁଳସୀ ସ୍ତବକରେ ସୁସଜ୍ଜିତ ଓ ସୁରଭିତ । ଶ୍ରୀଅରବିନ୍ଦଙ୍କ ମତରେ ଯେଉଁ କବିତାରେ ଯେତେ ଚିତ୍ର ଥାଏ ସେ କବିତା ସେତେ ମନୋମୁଗ୍ଧକର ହୁଏ ଓ କାଳଜୟୀ ହୋଇ ରହିଯାଏ । ଏହି ଦିଗରୁ ବିଚାର କଲେ ଡକ୍ଟର ସତ୍ୟ ପଟ୍ଟନାୟକଙ୍କ ଗୀତି କବିତାଗୁଡ଼ିକ କାଳଜୟୀ କଳା ଗୌରବର ଅଧିକାରୀ, ଏଥିରେ ସନ୍ଦେହ ନାହିଁ ।

## ହଂସନାଥ ମୁଦୁଲି –

କବି ଏକାଧାରରେ ଭଜନ, ଆଧୁନିକ ଓ ପ୍ରକୃତିବର୍ଣ୍ଣନା ଭିତ୍ତିକ ଗୀତିକବିତା ରଚନା କରିଛନ୍ତି । ଭକ୍ତିଭାବନାର ମନ୍ଦାକିନୀ ଧାରାରେ ତାଙ୍କର ବହୁ ଗୀତିକବିତା ସିକ୍ତ । ଶ୍ରୀଜଗନ୍ନାଥ ଓ ଶ୍ରୀକୃଷ୍ଣଙ୍କ ପ୍ରତି ଗଭୀର ଭକ୍ତିଭାବନା ସହିତ ଦେବୀବନ୍ଦନାର ମହତ୍ତ୍ୱ ତାଙ୍କର ଭକ୍ତିଗୀତିଗୁଡ଼ିକରେ ଉପସ୍ଥାପିତ । ଶ୍ରୀଜଗନ୍ନାଥଙ୍କୁ ସବୁ କର୍ମର କର୍ତ୍ତାବୋଲି କହିବାକୁ ଯାଇ ସେ କହିଛନ୍ତି –

‘ଅନ୍ଧାର ରଚିଛ, ଆଲୋକ ରଚିଛ
ସବୁ ତୁମ ରଚନାରେ
ତୁମ ହାତ ଛୁଆଁ ସସାଗରା ଧରା
ସବୁ ମୁହିଁ ଦେଖିପାରେ

କବିଙ୍କ ବିରଚିତ ଆଧୁନିକ ଗୀତିକବିତାଗୁଡ଼ିକରେ ଭାବପ୍ରବଣତା ମୂର୍ତ୍ତିମନ୍ତ । କବିଙ୍କ ଭାଷାରେ

‘ଜୀବନରେ ମୋର ନ ଆସିଲ ନାହିଁ
ସପନରେ ଥରେ ଆସ
ମୋ ଆଖି ଲୁହରେ ନ ଭାସିଲେ ନାହିଁ
ହସର ନାଆରେ ବସ ’

ପ୍ରକୃତିକୁ ଭିତ୍ତିକରି ତାଙ୍କର ବହୁ ଗୀତିକବିତା ରଚିତ । ସ୍ୱରଚିତ ଏକ କବିତାରେ ସେ କହନ୍ତି –

ଧରଣୀ ରାଣୀର ସେବା ଶେଷ କରି
ଶୀତ ଗଲାଣି ଫେରି
ବସନ୍ତ ଆସିଲା ଫଗୁଣ ଫୁଲର
ମହକ ସବୁଠି ଭରି ।।’

ସରଳ ଭାଷାରେ ସୁକୁମାର ଅନୁଭବର ସ୍ନିଗ୍ଧ ଅଭିବ୍ୟକ୍ତି କବିଙ୍କ ରଚନାରେ ସ୍ପଷ୍ଟ ଦେଖିବାକୁ ମିଳେ ।

## କ୍ଷୀରୋଦ ଚନ୍ଦ୍ର ପୋଥାଳ –

କବିଙ୍କର ଲେଖନୀରେ ଭକ୍ତିଗୀତ, ଆଧୁନିକଗୀତ, ପଲ୍ଲୀଗୀତ ଏବଂ ଶିଶୁ ସଙ୍ଗୀତ ରୂପାୟିତ ହୋଇଛି । ବିନ୍ଦୁରୁ ସିନ୍ଧୁ ପର୍ଯ୍ୟନ୍ତ ପରିବ୍ୟାପ୍ତ ତାଙ୍କର ଭକ୍ତିଭାବନା

ଏବଂ ଜୀବନର ଅଭାବ ଅପୂର୍ଣ୍ଣତା, ସୁଖ ଦୁଃଖର କାହାଣୀ ତାଙ୍କ ସୃଷ୍ଟିର ଭାବବସ୍ତୁ ରୂପେ ପ୍ରାୟତଃ ନିର୍ବାଚିତ । ଅନେକ ଅଧିକାର ସହ ସେ ଭଗବାନଙ୍କୁ କହିଛନ୍ତି –

**''ତୁମ ବିନା ମୋର ନାହିଁ ଆନଗତି**
**କରମୋତେ ପରିତ୍ରାଣ**
**ତୁମେ ନରଖିଲେ ଜୀବନ ମୋହର**
**ହେବ ନିଶ୍ଚେ ଅକାରଣ''**

ଭୈରବୀ ରାଗ ଶୁଣାଇ କବି ଅନ୍ୟମାନଙ୍କୁ ଜାଗ୍ରତ କରିଦେଇଛନ୍ତି । ନବମୂର୍ଚ୍ଛନା ଓ ନବଚେତନାରେ ପରିବେଶକୁ ସମୃଦ୍ଧ କରିବା ପାଇଁ ସେ ପ୍ରୟାସ କରିଛନ୍ତି । ପଲ୍ଲୀପ୍ରକୃତିର ନିସର୍ଗ ସୁନ୍ଦର ରୂପାୟନ କବିକୃତିରେ ଏକ ସୁରକ୍ଷିତ ଆସନ ପକାଇପାରିଛି । ପଲ୍ଲୀର ରୀତିନୀତି ଚାଲିଚଳଣିକୁ ସ୍ୱଷ୍ଟଭାବରେ କବି କେତେକ ସୃଷ୍ଟିରେ ସ୍ଥାନିତ କରିଛନ୍ତି । ପଲ୍ଲୀସୁଷମାରେ ବିମୁଗ୍ଧ ହୋଇ ସେ କହିଛନ୍ତି –

**'' ଶରତ ଆସିଲା ମରତ ହସିଲା**
**ବସିଲା ଫୁଲର ହାଟ**
**ଭୋଦେଇ ଖରାରେ ସଫା ଦିଶିଲାଣି**
**ଆମ ଗାଁ ବାଟଘାଟ ।''**

ଜୀବନର କେତେ ଅଙ୍ଗେନିଭା କଥାକୁ ପୁଞ୍ଜି କରି ଅନ୍ୟମାନଙ୍କ ପରି କବି ଶ୍ରୀଯୁକ୍ତ ପୋଥାଳ ରଚନା କରିଛନ୍ତି କେତେକ ଗୀତିକବିତା । ଏଥିରେ ବିସ୍ମୟ ସହ ପୁଲକ ଅଛି, ଭାବ ସହ ଭାବନା ଅଛି, ଆଶାବାଦ ସହ ଅବସୋସ ଅଛି । ବିମିଶ୍ରିତ ଏହି ବହୁ ଚର୍ଚ୍ଚିତ ଉପାଦାନକୁ ନିଜସ୍ୱ ଦୃଷ୍ଟିରେ ଦେଖି ଅକ୍ଷରରେ ସେହି ଦୃଶ୍ୟକୁ ସେ ଆଙ୍କିଛନ୍ତି । ଏଇ ଯେମିତି, ତାଙ୍କ ମତରେ ଅନେକ ଫୁଲ ଏ ସଂସାରରେ ଅଛି ଯାହାର ବାସ ନାହିଁ, ଅନେକ ହସ ଏ ସଂସାରରେ ଅଛି ଯହିଁରେ ମାଦକତା ନାହିଁ, ଏପରି ଦୁଃଖ ମଣିଷ ମନରେ ଅଛି ଯାହା ଅନ୍ୟକୁ କହିହୁଏ ନାହିଁ, ଏମିତି ଅନେକ ଲୁହ ଅଛି ଯାହା ଆଖିରୁ ଝରିପାରେ ନାହିଁ । କବିଙ୍କ ଭାଷାରେ –

**''ଏମିତି ଫୁଲ ଅନେକ ଅଛି ବାସନା ଯାର ନାହିଁ**
**ଏମିତି ହସ ଅନେକ ଅଛି ପାରେନା ମନ ଛୁଇଁ''**
X X X X X
**ଏମିତି ଲୁହ ଅନେକ ଅଛି ପାରିନି ଯାହା ବହି ।**

ସାହିତ୍ୟର ଅନ୍ୟାନ୍ୟ ବିଭବର ଧାରା ପରି ଗୀତିକବିତାର ଧାରା ଏବେ ମଧ୍ୟ ଅବାରିତ ରୀତିରେ ଆଗକୁ ବଢ଼ିଚାଲିଛି । ବହୁକବିଙ୍କ ଅବଦାନରେ ସେ ଧାରା ପରିପୁଷ୍ଟ ଓ ପୁଷ୍କଳ ହେଉଛି । ଉକ୍ତ ପୁସ୍ତକରେ ଯେଉଁ କବିମାନଙ୍କ ସମ୍ପର୍କରେ ଆଲୋଚନା କରାଯାଇଛି ସେମାନଙ୍କ ବ୍ୟତୀତ ଆହୁରି ଅନେକ କବି ରହିଛନ୍ତି ଯେଉଁମାନଙ୍କର ଅବଦାନ ମୁକ୍ତ କଣ୍ଠରେ ସ୍ୱୀକାର୍ଯ୍ୟ ।

◆◆◆

# ଲେଖକଙ୍କ ଅନ୍ୟାନ୍ୟ ରଚନା ଓ ସଙ୍କଳିତ ପୁସ୍ତକମାଳା

## ସମାଲୋଚନା

୧. ରାଜକବି ଧନଞ୍ଜୟ ଭଞ୍ଜଙ୍କ କୃତି ଓ କୃତିତ୍ୱ
୨. ସମୀକ୍ଷା ସୌରଭ
୩. ସାହିତ୍ୟ ଚିନ୍ତନ
୪. ସମୀକ୍ଷା ସ୍ତବକ
୫. ଆମ ସଂସ୍କୃତି : ଆମ ଜୀବନ
୬. ସମୀକ୍ଷା ପ୍ରବାହ
୭. ପ୍ରବନ୍ଧ ଓ ପ୍ରାବନ୍ଧିକ
୮. ସାମାନ୍ୟ ସୂଚନା
୯. ଶ୍ରୀଅରବିନ୍ଦଙ୍କ ସାବିତ୍ରୀ ସମ୍ବନ୍ଧେ
୧୦. ଆମ ସଂସ୍କୃତି ଓ ଅନ୍ୟାନ୍ୟ ପ୍ରବନ୍ଧ
୧୧. ଆଧୁନିକ ଓଡ଼ିଆ ଗୀତିକବିତାର ସ୍ୱର ଓ ସ୍ୱରୂପ
୧୨. ବଞ୍ଚିବାର କଳା
୧୩. ଜୀବନର ମୂଲ୍ୟ ଓ ମୂଲ୍ୟବୋଧ

## ଗୀତି କବିତା ଓ ଆଧୁନିକ କବିତା

୧. ଧୂପବାସ
୨. ନବଚେତନା
୩. ମାଟିମହକ
୪. ଆରାଧନା
୫. ପ୍ରତିଧ୍ୱନି
୬. କାଲି ସକାଳର ସୂର୍ଯ୍ୟ (ଆଧୁନିକ କବିତା)
୭. ବନମାଳା
୮. ଭକ୍ତି ଶତକ
୯. ତୁମେ ଓ ମୁଁ
୧୦. ବନ୍ଦନିକା

## ସଂକଳନ

୧. ସେମାନଙ୍କ ଆତ୍ମଲିପି
୨. ମାତୃକଥାମୃତ
୩. ଶ୍ରୀଅରବିନ୍ଦଙ୍କ ସାବିତ୍ରୀ ଉପାଖ୍ୟାନ
୪. ସର୍ବାଙ୍ଗୀନ ଶିକ୍ଷା ଓ ଜୀବନ
୫. ସାହିତ୍ୟ ସମ୍ପଦ
୬. ଅନୁବାଦର ବର୍ଣ୍ଣବିଭା
୭. ସଙ୍ଗୀତମାଳା (ଧନଞ୍ଜୟ ଭଂଜ ଓ ଉପେନ୍ଦ୍ରଭଂଜଙ୍କ ସଂଗୀତ)
୮. ଶ୍ରୀଅରବିନ୍ଦ କଥାମୃତ
୯. ସ୍ମୃତିରେଖା
୧୦. ଶ୍ରୀମଦ୍ ଭଗବଦ୍ ଗୀତା (ଆକ୍ଷରିକ ଓଡ଼ିଆ ଅନୁବାଦ)
୧୧. ଚିତ୍ର ଓ କଥାରେ ଉତ୍କଳମଣି